# ଧରିତ୍ରୀ DHARITRI

ଭୁବନେଶ୍ୱର, ଶନିବାର, ମାର୍ଚ୍ଚ ୨୧/୨୦୨୬ (୧୬ ପୃଷ୍ଠା+ପିଲାଙ୍କ ଧରିତ୍ରୀ) Bhubaneswar, Saturday, March 21/2026 Page 16 ₹ 7.00

୫୨ଶ ଭାଗ ୧୧୫ ସଂଖ୍ୟା www.orissakhabar.com/www.dharitri.com | Printed at Bhubaneswar, Sambalpur, Rayagada & Angul VOLUME 52 ISSUE 115 ମୂଲ୍ୟ₹୭/-




## ୨୦୨୭ ଇଦ୍ ପାଇଁ ପ୍ରସ୍ତୁତି ଚଳାଇଲେଣି ସଲମାନ

ଚଳିତ ବର୍ଷ ଇଦ୍‌ରେ ସଲମାନ ଖାନ୍‌ଙ୍କ କୌଣସି ଫିଲ୍ମ ରିଲିଜ ହୋଇ ନ ଥିବାବେଳେ ୨୦୨୭ ପାଇଁ ଏବେଠୁ ପ୍ରସ୍ତୁତି ଆରମ୍ଭ କରିଦେଇଛନ୍ତି।

୧୨

୧୬

## ରାହୁଲଙ୍କ ଡବଲ ଗୋଲ୍

ନର୍ଥଇଷ୍ଟ ୟୁନାଇଟେଡ୍ ଏଫ୍‌ସି ବିପକ୍ଷ ଆଇଏସ୍‌ଏଲ୍ ମ୍ୟାଚରେ ଡବଲ ଗୋଲ୍ ସ୍କୋର କରିଛନ୍ତି ଓଡ଼ିଶା ଏଫ୍‌ସିର ରାହୁଲ କେପି।




DADLS-88





### ପବିତ୍ର ଇଦ୍-ଉଲ-ଫିତର-୨୦୨୬ ଅବସରରେ ଓଡ଼ିଶାର ମାନ୍ୟବର ରାଜ୍ୟପାଳଙ୍କ ବାର୍ତ୍ତା

ପବିତ୍ର ଇଦ୍-ଉଲ-ଫିତର ଅବସରରେ ମୁଁ ଆମ ରାଜ୍ୟର ସମସ୍ତ ମୁସଲମାନ ଭାଇଭଉଣୀମାନଙ୍କୁ ଶୁଭେଚ୍ଛା ଓ ଅଭିନନ୍ଦନ ଜଣାଉଛି । ଶାନ୍ତି, ମୈତ୍ରୀ, ହର୍ଷୋଲ୍ଲାସର ଏହି ପର୍ବରେ ସମସ୍ତେ ସାମିଲ ହେବା ସହ ମୁସଲମାନ ଭାଇଭଉଣୀମାନଙ୍କ ସର୍ବାଙ୍ଗୀନ ବିକାଶ ନିମନ୍ତେ କାର୍ଯ୍ୟ କରିବାକୁ ମୁଁ ଆହ୍ୱାନ ଜଣାଉଛି ।

(ହରି ବାବୁ କମ୍ଭମପାଟି)



### ଇଦ୍-ଉଲ୍-ଫିତର ପର୍ବ ଅବସରରେ ମୁଖ୍ୟମନ୍ତ୍ରୀଙ୍କ ଶୁଭେଚ୍ଛା

ପବିତ୍ର ଇଦ୍-ଉଲ୍-ଫିତର ପର୍ବ ଅବସରରେ ମୁସଲମାନ ଭାଇଭଉଣୀମାନଙ୍କୁ ମୋର ଆନ୍ତରିକ ଶୁଭେଚ୍ଛା ଜଣାଇବା ସହିତ ସମସ୍ତଙ୍କର ସୁଖ ଓ ସମୃଦ୍ଧି କାମନା କରୁଛି ।

(ମୋହନ ଚରଣ ମାଝୀ)
ମୁଖ୍ୟମନ୍ତ୍ରୀ, ଓଡ଼ିଶା

OIPR-




**ରେସ୍‌ଲର ସାଲେହ ମହମ୍ମଦିଙ୍କୁ ଫାଶୀଦେଲା ଇରାନ**

ଇରାନ ସରକାର ୧୯ ବର୍ଷୀୟ ରେସ୍‌ଲର ଚାମ୍ପିୟନ୍ ସାଲେହ ମହମ୍ମଦି ଏବଂ ଅନ୍ୟ ୨ ବିକ୍ଷୋଭକାରୀଙ୍କୁ କୋମ୍‌ଠାରେ ସର୍ବସାଧାରଣରେ ଫାଶୀ ଦେଇଛନ୍ତି। ବିକ୍ଷୋଭକାରୀଙ୍କ ଉପରେ ସରକାରଙ୍କ ଦମନଲୀଳା ଉତ୍ତେଜନାକୁ ଆହୁରି ବଢ଼ାଇବ ବୋଲି ଆକ୍ଟିଭିଷ୍ଟମାନେ କହିଛନ୍ତି। ଗତ ଜାନୁଆରୀ ୮ ବିକ୍ଷୋଭ ବେଳେ ୨ ପୋଲିସ ଅଧିକାରୀଙ୍କ ହତ୍ୟା ସହ ସେମାନେ ସମ୍ପୃକ୍ତ ଥିବା ଅଭିଯୋଗ ହୋଇଥିଲା।

# କୁଏଟ୍ ତୈଳ ବିଶୋଧନାଗାର ଉପରେ ଆକ୍ରମଣ

## ଇସ୍ରାଏଲ୍‌ର ଏୟାରଷ୍ଟ୍ରାଇକ୍: ଇରାନ ସେନା ମୁଖପାତ୍ର ନିହତ

**ଦୁବାଇ,୨୦।୩**

କୁଏଟ୍‌ର ଏକ ତୈଳ ବିଶୋଧନାଗାର ଉପରେ ଶୁକ୍ରବାର ଭୋର ସମୟରେ ଇରାନ ଡ୍ରୋନ୍ ଆକ୍ରମଣ କରିଛି। ଇସ୍ରାଏଲ୍‌ରେ ଆକ୍ରମଣ ସତର୍କ ସୂଚନା ସ୍ୱରୂପ ସାଇରନ୍‌ଗୁଡ଼ିକ ବାଜିଥିଲା। ଅନ୍ୟପକ୍ଷରେ ତେହରାନ୍‌ରେ ଇସ୍ରାଏଲ୍ ସେନା ପକ୍ଷରୁ ଏୟାରଷ୍ଟ୍ରାଇକ୍ କରାଯାଇଛି। ଉକ୍ତ ଏୟାରଷ୍ଟ୍ରାଇକ୍‌ର ଇରାନର ଇସ୍‌ଲାମିକ୍ ରିଭଲ୍ୟୁଶନାରି ଗାର୍ଡସ କର୍ (ଆଇଆର୍‌ଜିସି) ମୁଖପାତ୍ର ଜେନେରାଲ ଅଲି ମହମ୍ମଦ ନୈନି ନିହତ ହୋଇଥିବା ଇରାନୀୟ ସରକାରୀ ଟିଭି ସ୍ପଷ୍ଟ କରିଛି। ଏଥିସହିତ ଆଇଆର୍‌ଜିସିର ବାସିଜ୍ ଫୋର୍ସର ଗୋଇନ୍ଦା ମୁଖ୍ୟ ଜେନେରାଲ ଏସ୍‌ମାଇଲ୍ ଅହମଦି ମଧ୍ୟ ଆକ୍ରମଣରେ ନିହତ ହୋଇଛନ୍ତି। ନୈନି ଆମେରିକା ଓ ଇସ୍ରାଏଲ୍‌କୁ ଚେତାବନୀ ଦେବାର କିଛି ସମୟ ପରେ ଏୟାର ଷ୍ଟ୍ରାଇକ୍‌ରେ ପ୍ରାଣ ହରାଇଛନ୍ତି। ତେହରାନ୍ ୟୁରାନିୟମ୍ ଏନ୍‌ରିଚ୍‌ମେଣ୍ଟ କରିପାରିବ ନାହିଁ ଏବଂ ବାଲିଷ୍ଟିକ୍ ମିଶାଇଲ୍ ନିର୍ମାଣ କରିପାରିବ ନାହିଁ ବୋଲି ଇସ୍ରାଏଲ୍ ପ୍ରଧାନମନ୍ତ୍ରୀ ବେଞ୍ଜାମିନ୍ ନେତାନ୍ୟାହୁ କହିଥିବାବେଳେ ନୈନି ଏହାକୁ ଖଣ୍ଡନ କରିଥିଲେ। ତେହରାନ୍ ଏବେ ବି ମିଶାଇଲ୍ ନିର୍ମାଣ ଜାରି ରଖିଛି ଏବଂ ଯୁଦ୍ଧ ଜାରି ରହିବ ବୋଲି ସେନା ମୁଖପାତ୍ର କହିଥିଲେ।



ଅଲି ମହମ୍ମଦ ନୈନି

୩ ସପ୍ତାହ ହେଲା ମଧ୍ୟପ୍ରାଚ୍ୟରେ ଯୁଦ୍ଧ ଏବଂ ଉପସାଗୀୟ ଅଞ୍ଚଳର ଶକ୍ତି ଭିତ୍ତିଭୂମିଗୁଡ଼ିକ ଉପରେ ଆକ୍ରମଣ ଯୋଗୁ ବିଶ୍ୱ ଅର୍ଥନୀତି ଗୁରୁତର ଭାବେ ପ୍ରଭାବିତ ହୋଇଛି। କୁଏଟ୍‌ର ମିନା ଅଲ୍-ଅହମଦି ତୈଳ ବିଶୋଧନାଗାର ଉପରେ ୨ ପର୍ଯ୍ୟାୟରେ ଡ୍ରୋନ୍ ମାଡ଼ ଯୋଗୁ ନିଆଁ ଲାଗିଯାଇଛି। ଦିନକୁ ୭୩୦,୦୦୦ ବ୍ୟାରେଲ୍ ତୈଳ ପ୍ରୋସେସିଂ ହେଉଥିବା ଅନ୍ୟ ଏକ ରିଫାଇନେରି ଗୁରୁବାର ଇରାନ ଆକ୍ରମଣରେ କ୍ଷତିଗ୍ରସ୍ତ ହୋଇଥିଲା। ବୁଧବାର ଇସ୍ରାଏଲ୍ ପାରସ୍ୟ ଉପସାଗରରେ ଥିବା ଇରାନର ବୃହତ୍ ସାଉଥ୍ ପାର୍ସ ପ୍ରାକୃତିକ ଗ୍ୟାସ୍ ଫିଲ୍ଡରେ ଇସ୍ରାଏଲ୍ ବୋମାମାଡ଼ କରିଥିଲା, ଯାହାର ଶବ୍ଦ ଜେରୁଜେଲମ୍ ପର୍ଯ୍ୟନ୍ତ ଶୁଣାଯାଇଥିଲା।

ଶୁକ୍ରବାର ଲୋକେ ଇଦ୍-ଉଲ୍-ଫିତର ପାଳନ କରୁଥିବାବେଳେ ଦୁବାଇ ସମେତ ସାଉଦି ଆରବର ବିଭିନ୍ନ ଭାଗରେ ବିସ୍ଫୋରଣ ଶବ୍ଦ ଶୁଣାଯାଇଛି। ବାହରିନ୍‌ର ଏକ ୱେରହାଉସ୍ ଉପରେ ଶୁକ୍ରବାର ସକାଳେ ଶ୍ରାପନେଲ୍ ପଡ଼ିଥିଲା। ଇରାନର କେତେକ ଡ୍ରୋନ୍‌କୁ ସାଉଦି ଆରବ ଖସାଇଦେଇଛି। ଉପସାଗରୀୟ ଅଞ୍ଚଳରେ କ୍ରମାଗତ ଆକ୍ରମଣ ଯୋଗୁ ଭୟଭୀତ ଅନେକ ଲକ୍ଷ ଲୋକ ଘରଦ୍ୱାର ଛାଡ଼ି ଆଶ୍ରୟ ସ୍ଥଳୀକୁ ପଳାଇଥବାବେଳେ ବିଶ୍ୱ ଅର୍ଥନୀତି ଗୁରୁତର ପ୍ରଭାବିତ ହୋଇଛି।

# ସାଉଦି ଆରବରେ ଆଉ ଜଣେ ଭାରତୀୟଙ୍କ ମୃତ୍ୟୁ

**ନୂଆଦିଲ୍ଲୀ,୨୦।୩**

ସାଉଦି ଆରବର ରିୟାଧରେ ଗତ ବୁଧବାର ହୋଇଥିବା ଆକ୍ରମଣରେ ଜଣେ ଭାରତୀୟଙ୍କ ମୃତ୍ୟୁ ଘଟିଥିବା ସେଠାର ଭାରତୀୟ ଦୂତାବାସ ଶୁକ୍ରବାର ସ୍ପଷ୍ଟ କରିଛି। ଦୂତାବାସ ପକ୍ଷରୁ ମୃତକଙ୍କ ପରିବାର ଏବଂ ସ୍ଥାନୀୟ କର୍ତ୍ତୃପକ୍ଷଙ୍କ ସହ ଯୋଗାଯୋଗ କରାଯିବା ସହ ସମସ୍ତ ଆବଶ୍ୟକ ସହାୟତା ପ୍ରଦାନ କରାଯାଇଛି। ଭାରତୀୟଙ୍କ ମୃତ୍ୟୁ ଘଟଣାରେ ଦୂତାବାସ ପକ୍ଷରୁ ଶୋକବ୍ୟକ୍ତ କରାଯାଇଛି। ଇରାନ ଉପରେ ଇସ୍ରାଏଲ୍ ଏବଂ ଆମେରିକାର ଆକ୍ରମଣ ପରେ ତେହରାନ ଉପସାଗରୀୟ ପଡ଼ୋଶୀ ଦେଶଗୁଡିକ ଉପରେ କ୍ରମାଗତ ଭାବେ ମିଶାଇଲ୍ ଏବଂ ଡ୍ରୋନ୍ ଆକ୍ରମଣ ଜାରି ରଖିଥିବାରୁ ସେଠାରେ ରହୁଥିବା ଭାରତୀୟଙ୍କୁ ନେଇ ଚିନ୍ତା ବଢ଼ିଛି। ସାଉଦି ଆରବରେ ଥିବା ଭାରତୀୟ ଦୂତାବାସ ପକ୍ଷରୁ ସ୍ଥିତି ଉପରେ ତୀକ୍ଷ୍ଣ ନଜର ରଖାଯିବା ସହ ଆବଶ୍ୟକ ସହାୟତା ଯୋଗାଇ ଦିଆଯାଉଛି।

### ଆକ୍ରମଣରେ ଗଲାଣି ୬ ଭାରତୀୟଙ୍କ ଜୀବନ

ପଶ୍ଚିମ ଏସିଆ ଯୁଦ୍ଧ ଲାଗିରହିଥିବାବେଳେ ଇତିମଧ୍ୟରେ ଉପସାଗରୀୟ ଅଞ୍ଚଳରେ ୬ ଜଣ ଭାରତୀୟଙ୍କ ମୃତ୍ୟୁ ଘଟିବା ସହ ଜଣେ ନିଖୋଜ ଥିବା ବହିର୍ବ୍ୟାପାର ମନ୍ତ୍ରଣାଳୟ ପକ୍ଷରୁ କୁହାଯାଇଛି। ସେଠାରେ ଥିବା ଭାରତୀୟମାନଙ୍କୁ ସହାୟତା ଓ ସ୍ୱଦେଶ ପଠାଇବା ପାଇଁ ଦୂତାବାସ କର୍ତ୍ତୃପକ୍ଷ ସ୍ଥାନୀୟ ଅଧିକାରୀମାନଙ୍କ ସହ ସମନ୍ୱୟ ରକ୍ଷାକରି କାର୍ଯ୍ୟ କରୁଛନ୍ତି।

# ଆମେରିକାର ଏଫ୍-୩୫କୁ ଖସାଇଲା ଇରାନ

**ତେହରାନ୍,୨୦।୩**

ଆମେରିକାର ସବୁଠୁ ଅତ୍ୟାଧୁନିକ ଲଢୁଆ ବିମାନ ଏଫ୍-୩୫ ସେନାରେ ସାମିଲ ହେବା ଦିନରୁ କଦାପି ଆକ୍ରମଣର ସମ୍ମୁଖୀନ ହୋଇ ନ ଥିବାବେଳେ ଇରାନ ଏହାକୁ ଖସାଇଥିବା ଦାବି କରିଛି। ବିମାନ କ୍ଷତିଗ୍ରସ୍ତ ହୋଇଥିବା ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ୍ କହିଛନ୍ତି। ମଧ୍ୟପ୍ରାଚ୍ୟର ଏକ ଏୟାରବେସ୍‌ରେ ବିମାନଟି ଜରୁରୀ ଅବତରଣ କରିଥିବା ଆମେରିକା କହୁଥିବାବେଳେ ଏହା ଇରାନ ଆକ୍ରମଣରେ ଖସିଥିବା ତେହରାନ୍ କହିଛି। ଇରାନ୍ ବନ୍ଦର ଆବ୍ବାସ୍ ଉପରେ ଦ୍ୱିତ୍ର ଏଫ୍-୩୫ ଜେଟ୍ ମଧ୍ୟ ଆକ୍ରମଣର ସମ୍ମୁଖୀନ ହୋଇଛି। ବିଶ୍ୱର ସବୁଠୁ ଅତ୍ୟାଧୁନିକ ଓ ଦାମୀ ଯୁଦ୍ଧବିମାନକୁ ଇରାନ କିପରି ଖସାଇଲା ଏହା ସମସ୍ତଙ୍କୁ ଆଶ୍ଚର୍ଯ୍ୟ କରିଛି।



# ଯୁଦ୍ଧବିମାନ ଅବତରଣ ପାଇଁ ଆମେରିକାର ନିବେଦନକୁ ଶ୍ରୀଲଙ୍କାର ପ୍ରତ୍ୟାଖ୍ୟାନ

**କଲମ୍ବୋ,୨୦।୩ (ପି.ଟି.)**

ମାର୍ଚ୍ଚ ଆରମ୍ଭରେ ଆମେରିକାର ୨ଟି ଯୁଦ୍ଧବିମାନକୁ ଶ୍ରୀଲଙ୍କାର ଦକ୍ଷିଣ-ପୂର୍ବ ଭାଗରେ ଥିବା ମାଟ୍ଟାଲା ଅନ୍ତର୍ଜାତୀୟ ବିମାନବନ୍ଦରରେ ଅବତରଣ ପାଇଁ ୱାଶିଂଟନ ପକ୍ଷରୁ କରାଯାଇଥିବା ନିବେଦନକୁ ଶ୍ରୀଲଙ୍କା ପ୍ରତ୍ୟାଖ୍ୟାନ କରିଥିଲା ବୋଲି ଏହାର ରାଷ୍ଟ୍ରପତି ଅନୁରା କୁମାରା ଦିସାନାୟକେ ଶୁକ୍ରବାର ପାର୍ଲାମେଣ୍ଟକୁ କହିଛନ୍ତି। ମାର୍ଚ୍ଚ ୪ ଓ ୮ରେ ଜିବୌଟିରୁ ୨ଟି ଆମେରିକୀୟ ଯୁଦ୍ଧବିମାନ ଶ୍ରୀଲଙ୍କାରେ ଅବତରଣ ପାଇଁ ଅନୁମତି ମଗାଯାଇଥିଲା। ତେବେ କଲମ୍ବୋ ଉଭୟ ଅନୁରୋଧକୁ ପ୍ରତ୍ୟାଖ୍ୟାନ କରିଥିଲା ବୋଲି ଦିସାନାୟକେ କହିଛନ୍ତି। ଅନେକ ଚାପ ସତ୍ତ୍ୱେ ଆମେ ନିରପେକ୍ଷତା ବଜାୟ ରଖିବାକୁ ଚାହୁଁ। ମଧ୍ୟପ୍ରାଚ୍ୟ ଯୁଦ୍ଧ ଚ୍ୟାଲେଞ୍ଜ ସୃଷ୍ଟି କରିଥିଲାବେଳେ ନିରପେକ୍ଷ ରହିବା ପାଇଁ ଆମେ ଯଥାସମ୍ଭବ ଉଦ୍ୟମ କରିବୁ ବୋଲି ଶ୍ରୀଲଙ୍କା ରାଷ୍ଟ୍ରପତି କହିଛନ୍ତି।

# ମଧ୍ୟପ୍ରାଚ୍ୟ ଅଭିମୁଖେ ୟୁଏସ୍‌ଏସ୍ ଟ୍ରିପୋଲି

**ୱାଶିଂଟନ,୨୦।୩**

ଆମେରିକା ନୌସେନା ଯୁଦ୍ଧଜାହାଜ ୟୁଏସ୍‌ଏସ୍ ଟ୍ରିପୋଲି ମଧ୍ୟପ୍ରାଚ୍ୟ ଅଭିମୁଖେ ଅଗ୍ରସର ହେଉଛି। ଏଥିରେ ୨,୨୦୦ ସୈନ୍ୟ ରହିଥିବାରୁ ଉକ୍ତ ଅଞ୍ଚଳରେ ଆମେରିକା ଅଧିକ ସେନା ନିୟୋଜିତ କରିବା ସଙ୍କେତ ମିଳିଛି। ଇରାନରେ ଆମେରିକା ସ୍ଥଳଯୁଦ୍ଧ କରିପାରେ ବୋଲି ମଧ୍ୟ କଳ୍ପନାଜଳ୍ପନା ପ୍ରକାଶ ପାଇଛି। ସାଟେଲାଇଟ୍ ଚିତ୍ରରୁ ମିଳିଥିବା ସୂଚନା ଅନୁଯାୟୀ ୟୁଏସ୍‌ଏସ୍ ଟ୍ରିପୋଲି ସହ ୨ଟି ଏସ୍‌କର୍ଟ ଜାହାଜକୁ ମାର୍ଚ୍ଚ ୧୫ରେ ଦକ୍ଷିଣ ଚାଇନା ସାଗରର ଦକ୍ଷିଣପଶ୍ଚିମ ଭାଗରେ ଗତି କରୁଥିବା ଦେଖିବାକୁ ମିଳିଥିଲା। ପରଦିନ ଏହାକୁ ସିଙ୍ଗାପୁର ନିକଟରେ ଠାବ କରାଯାଇଥିଲା। ଏବେ ଏହା ଦକ୍ଷିଣ ଭାରତ ମହାସାଗରରେ ଯାତ୍ରା କରୁଛି। ଜାପାନର ଓକିନାୱାରେ ଥିବା ତ୍ୱରିତ୍ କାର୍ଯ୍ୟାନୁଷ୍ଠାନ ବାହିନୀ ୩୧ତମ ମେରାଇନ ଏକ୍ସପେଡିଶନାରି ୟୁନିଟ୍‌ରୁ ୩ ବାହିନୀର ସୈନ୍ୟ ଟ୍ରିପୋଲିରେ ଆସିଥିବାରୁ ଆକ୍ରମଣ ଜୋର୍‌ଦାର ହେବା ଆଶଙ୍କା କରାଯାଉଛି।



# ହର୍ମୁଜ୍‌ରେ ଅଟକିଥିବା ଭାରତୀୟ ଜାହାଜ କ୍ୟାପ୍‌ଟେନ୍‌ଙ୍କର ହୃଦ୍‌ଘାତରେ ମୃତ୍ୟୁ

**ରାଞ୍ଚି,୨୦।୩**

ଇରାନ ଯୁଦ୍ଧକୁ ନେଇ ଉତ୍ତେଜନା ଲାଗିରହିଥିବାବେଳେ ଷ୍ଟ୍ରେଟ୍ ଅଫ୍ ହର୍ମୁଜ୍‌ରେ ଅଟକି ରହିଥିବା ଭାରତୀୟ ଜାହାଜ କ୍ୟାପଟେନ୍ ରାକେଶ ରଞ୍ଜନ ସିଂ(୪୭)ଙ୍କର ହୃଦ୍‌ଘାତରେ ମୃତ୍ୟୁ ଘଟିଛି। ତାଙ୍କ ପରିବାର ସଦସ୍ୟଙ୍କ କହିବା ଅନୁଯାୟୀ, କ୍ୟାପ୍‌ଟେନ୍ ରାକେଶ ଆଭାନା ଜାହାଜରେ ଯୋଗଦେବା ପାଇଁ ଗତ ଫେବୃଆରୀ ୨ରେ ରାଞ୍ଚିରୁ ଦୁବାଇ ଯାଇଥିଲେ। ଉକ୍ତ ଜାହାଜ ତୈଳ ଲୋଡ୍ କରି ମାର୍ଚ୍ଚ ୧ରେ ଭାରତ ଅଭିମୁଖେ ଆସୁଥିବାବେଳେ ଯୁଦ୍ଧ ଯୋଗୁ ଷ୍ଟ୍ରେଟ୍ ଅଫ୍ ହର୍ମୁଜ୍‌ରେ ଅଟକି ରହିଥିଲା। ଦୁବାଇ ଉପକୂଳଠାରୁ ୬୦ କି.ମି. ଦୂରରେ ପ୍ରାୟ ୧୮ ଦିନ ହେଲା ଅଟକି ରହିଥିବା ଜାହାଜରେ ରାକେଶଙ୍କ ସମେତ ପ୍ରାୟ ୩୫ ଜଣ କ୍ରିଉ ସଦସ୍ୟ ରହିଥିଲେ। ସମୁଦ୍ରରେ ଦୀର୍ଘ ତଥା ଚାପଗ୍ରସ୍ତ ରହଣି ଯୋଗୁ ରାକେଶଙ୍କ ସ୍ୱାସ୍ଥ୍ୟାବସ୍ଥା ଗତ ୧୮ ତାରିଖରେ ହଠାତ୍ ଖରାପ ହୋଇପଡ଼ିଥିଲା। ଜାହାଜ କର୍ତ୍ତୃପକ୍ଷ ଏୟାର ଆମ୍ବୁଲାନ୍ସ ପାଇଁ ଦୁବାଇ ଏୟାର ଟ୍ରାଫିକ୍ କର୍ତ୍ତୃପକ୍ଷଙ୍କ ସହ ଯୋଗାଯୋଗ କରିଥିଲେ ମଧ୍ୟ ଯୁଦ୍ଧ ଯୋଗୁ ମଞ୍ଜୁରୀ ମିଳି ନ ଥିଲା। ଫଳରେ ବୋଟ୍ ଯୋଗେ ତାଙ୍କୁ ଦୁବାଇ ନିଆଯାଇଥିଲେ ମଧ୍ୟ ବିଳମ୍ବ ଯୋଗୁ ହୃଦ୍‌ଘାତରେ ତାଙ୍କର ମୃତ୍ୟୁ ଘଟିଥିଲା।



ରାକେଶ ରଞ୍ଜନ ସିଂ






# ୧ ଡଲାର=୯୩.୫୩ ଟଙ୍କା

## ୨୦୨୬ରେ ୪% ଖସିଲାଣି ଭାରତୀୟ ମୁଦ୍ରା

### ୭୦୯.୭୬ ବିଲିୟନ୍ ଡଲାରକୁ ଖସିଲା ଫରେକ୍ସ ରିଜର୍ଭ

**ମୁମ୍ବାଇ,୨୦।୩ ରଏଟର୍ସ/ପି.ଟି.)**

ଟଙ୍କା ଦିନକୁ ଦିନ ଅଧିକ ତଳମୁହାଁ ହୋଇ ଦୁର୍ବଳତାର ରେକର୍ଡ ଭାଙ୍ଗି ଚାଲିଥିବାବେଳେ ପଶ୍ଚିମ ଏସିଆର ଇରାନ୍ ଯୁଦ୍ଧ ଏହାକୁ ଆହୁରି କ୍ଷତାକ୍ତ କରିଦେଇଛି। ମଧ୍ୟପ୍ରାଚ୍ୟର ଯୁଦ୍ଧ ଘନଘଟା ଭିତରେ କିନ୍ତୁ ଡଲାର ଶକ୍ତିଶାଳୀ ହୋଇଛି। ଚରମ ଭୂରାଜନୈତିକ ଉତ୍ତେଜନା ଭିତରେ ହର୍ମୁଜ ପ୍ରଣାଳୀ ଦେଇ ତୈଳ ଓ ପ୍ରାକୃତିକ ବାଷ୍ପ ପରିବହନରେ ପ୍ରତିବନ୍ଧକ କ୍ରୁଡ୍ ମୂଲ୍ୟରେ ନିଆଁ ଲଗାଇଦେଇଛି। ଭାରତ ଡଲାର ପଇଠ କରି ଏସବୁ ଆମଦାନୀ କରିଥାଏ। ତେଣୁ ଭାରତୀୟ ମୁଦ୍ରା ଉପରେ ଯୁଦ୍ଧର ସିଧାସଳଖ ପ୍ରଭାବ ପଡ଼ିଛି। ଶୁକ୍ରବାର ଡଲାର ତୁଳନାରେ ଟଙ୍କାର ବିନିମୟ ମୂଲ୍ୟ ୯୩.୫୩ ଟଙ୍କା ରହିଛି। ୪ ବର୍ଷ ମଧ୍ୟରେ ଟଙ୍କା କୌଣସି ଦିନରେ ଏତେ ଦୁର୍ବଳ ହୋଇ ନ ଥିଲା। ଯୁଦ୍ଧ ଚିନ୍ତା ଜାରି ରହିଥିବାରୁ ଅର୍ଥନୀତି ଉପରେ ଏହାର ନକାରାତ୍ମକ



ପ୍ରଭାବ ଭାରତୀୟ ରିଜର୍ଭ ବ୍ୟାଙ୍କ (ଆର୍‌ବିଆଇ)ର ମୁଣ୍ଡବ୍ୟଥା ବଢ଼ାଇ ଦେଇଛି। କାରଣ ସ୍ଥିତିରେ ସୁଧାର ଆଣିବା ପାଇଁ କେନ୍ଦ୍ରୀୟ ବ୍ୟାଙ୍କର ହସ୍ତକ୍ଷେପ ଆଉ ଫଳପ୍ରଦ ହେଉନାହିଁ।

ଡଲାର ଶକ୍ତିଶାଳୀ ହେବାରେ ଲାଗିଥିବାବେଳେ ଟଙ୍କାର ବିନିମୟ ମୂଲ୍ୟ କ୍ରମଶଃ ଖସିଚାଲିବା ଭାରତୀୟ ଅର୍ଥନୀତି ପାଇଁ ଚିନ୍ତାର କାରଣ ହୋଇଛି। ଇଣ୍ଟରବ୍ୟାଙ୍କ ଫରେନ୍ ଏକ୍ସଚେଞ୍ଜରେ ଗୁରୁବାର ଆମେରିକୀୟ ଡଲାର ତୁଳନାରେ ଭାରତୀୟ ମୁଦ୍ରାର ବିନିମୟ ମୂଲ୍ୟ ୯୨.୬୩ ଟଙ୍କା ରହିଥିଲା। ଶୁକ୍ରବାର ସେସନ୍‌ରେ ଦେଶର କରେନ୍ସି ଆହୁରି ୯୦ ପଇସା ଦୁର୍ବଳ ହୋଇ ୯୩.୫୩କୁ ଖସିପଡ଼ିଛି। ୨୦୨୨ ପରେ ଏହା ହେଉଛି ଟଙ୍କାର ସବୁଠୁ ବଡ଼ ତଳମୁହାଁ। ଏହାକୁ ମିଶାଇ ସାମଗ୍ରିକ ଭାବେ ଦେଖିଲେ ୨୦୨୬ରେ ଟଙ୍କା ୪ ପ୍ରତିଶତ ପର୍ଯ୍ୟନ୍ତ ଅସ୍ତିତ୍ୱ ହରାଇଲାଣି, ଯାହାକି ବିଶ୍ୱର ତୃତୀୟ ବୃହତ୍ ଅର୍ଥନୀତି ପାଲଟିବା ଦୌଡ଼ରେ ନିଜକୁ ସାମିଲ କରିଥିବା ଭାରତ ପାଇଁ ଆଦୌ ଶୁଭଙ୍କର ନୁହେଁ ବୋଲି କୁହାଯାଉଛି। ଯୁଦ୍ଧାବସାନର ସଙ୍କେତ ମିଳୁ ନ ଥିବାରୁ ଆଗାମୀ ଗୋଟିଏ କିମ୍ବା ଦୁଇଟି ସେସନ୍‌ରେ ୧ ଡଲାର = ୯୫ ଟଙ୍କା ହେବା ଆଶଙ୍କା କରାଯାଉଛି। ଏନର୍ଜି ପ୍ରାଇସ୍‌ରେ ବୃଦ୍ଧି ଭାରତୀୟ ଟଙ୍କା ପାଇଁ ମହଙ୍ଗା ସାବ୍ୟସ୍ତ ହୋଇଥିବା ଜେବି ଡ୍ରାକ୍ସ ହୋନୋର ଏସିଆ ମାର୍କୋ ଷ୍ଟ୍ରାଟେଜିଷ୍ଟ ବିବେକ ରାଜପାଲ ମତ ଦେଇଛନ୍ତି।

ଯୁଦ୍ଧଜନିତ ତୈଳ ମୂଲ୍ୟ ବୃଦ୍ଧିର ଚାପ ଯେ କେବଳ ଟଙ୍କାକୁ ଦୁର୍ବଳ କରିଦେଇଛି ତାହା ନୁହେଁ, ଘରୋଇ ବଜାରରୁ ବିଦେଶୀ ସଂସ୍ଥାଗତ ନିବେଶକ (ଏଫ୍‌ଆଇଆଇ)ଙ୍କ ପଳାୟନ ସାଙ୍ଗକୁ ଭାରତର ବିଦେଶୀ ମୁଦ୍ରା ଭଣ୍ଡାରରେ ମଧ୍ୟ ଅସ୍ଥିରତା ☞ପୃଷ୍ଠା-୪



କଳିଙ୍ଗ ଷ୍ଟାଡିୟମରେ ଚାଲିଥିବା ଜାତୀୟ ପାରା ଆଥଲେଟିକ୍ସ ଚାମ୍ପିୟନଶିପ୍‌ର ଶୁକ୍ରବାର ଅନୁଷ୍ଠିତ ଟି-୫୩ ବର୍ଗର ପୁରୁଷ ୪୦୦ ମିଟର ଇଭେଣ୍ଟ ଅବସରରେ ବିହାରର ଶୈଳେଶ କୁମାର। **(ଫଟୋ: ବିକାଶ ନାୟକ)**

# ପ୍ରିମିୟମ ପେଟ୍ରୋଲ ୨.୦୯ ଟଙ୍କା ମହଙ୍ଗା

### ଇଣ୍ଡଷ୍ଟ୍ରିଆଲ ଡିଜେଲ ଲିଟର ପିଛା ୨୨.୦୩ ଟଙ୍କା ବଢ଼ିଲା

**ନୂଆଦିଲ୍ଲୀ,୨୦।୩(ପି.ଟି.)**

ମଧ୍ୟପ୍ରାଚ୍ୟର ଯୁଦ୍ଧ ଥମିବାର ନାଁ ନେଉ ନ ଥିବାରୁ ବୈଶ୍ୱିକ ତୈଳ ବଜାରରେ ନିଆଁ ଲାଗିଛି। ଏହାର ପ୍ରତ୍ୟକ୍ଷ ପ୍ରଭାବ ଭାରତୀୟ ଅଏଲ୍ ମାର୍କେଟରେ ପଡ଼ିଛି। ତୈଳ ବିପଣନ କମ୍ପାନୀଗୁଡ଼ିକ ଶୁକ୍ରବାର ହାଇୟର ଗ୍ରେଡ୍ ବା ପ୍ରିମିୟମ ପେଟ୍ରୋଲ ମୂଲ୍ୟରେ ୨.୦୯ ଟଙ୍କା ବୃଦ୍ଧି କରିଛନ୍ତି। ସେହିପରି ଶିଳ୍ପ କ୍ଷେତ୍ରରେ ବ୍ୟବହୃତ ହାଇସ୍ପିଡ୍ ଇଣ୍ଡଷ୍ଟ୍ରିଆଲ ଡିଜେଲ ମଧ୍ୟ ଲିଟର ପ୍ରତି ୨୨ ଟଙ୍କା ୦୩ ପଇସା ମହଙ୍ଗା ହୋଇଛି। ଯଦିଓ ସାଧାରଣ ଯାନବାହନରେ ଭର୍ତ୍ତି କରାଯାଉଥିବା ପେଟ୍ରୋଲ ଦରକୁ ଅପରିବର୍ତ୍ତିତ ରଖାଯାଇଛି, ପ୍ରିମିୟମ୍ ପେଟ୍ରୋଲ ଓ ଇଣ୍ଡଷ୍ଟ୍ରିଆଲ ଡିଜେଲ ମୂଲ୍ୟ ବୃଦ୍ଧିକୁ ଦେଖିଲେ ତାହା ମଧ୍ୟ ବଢ଼ିପାରେ ବୋଲି ଆଶଙ୍କା କରାଯାଉଛି।

ଦିଲ୍ଲୀରେ ପ୍ରିମିୟମ୍ ୯୫-ଅକ୍ଟେନ୍ ପେଟ୍ରୋଲ ପୂର୍ବରୁ ଲିଟର ପିଛା ୯୯.୮୯ ଟଙ୍କା ଥିବାବେଳେ ସଦ୍ୟ ମୂଲ୍ୟ ବୃଦ୍ଧି ସହ ଏହା ୧୦୧.୮୯ ଟଙ୍କାକୁ ଛୁଇଁଛି। ପୂର୍ବରୁ ଜାତୀୟ ରାଜଧାନୀରେ ୧ ଲିଟର ଇଣ୍ଡଷ୍ଟ୍ରିଆଲ ଡିଜେଲ ୮୭.୬୭ ଟଙ୍କାରେ ମିଳୁଥିବାବେଳେ ଏବେ ଏହା ୧୦୯.୫୯କୁ ଚଢ଼ିଛି। ଅନ୍ତର୍ଜାତୀୟ ବଜାରରେ ଗୁରୁବାର ଅଶୋଧିତ ତୈଳ ବ୍ୟାରେଲ ପିଛା ୧୧୯ ଆମେରିକୀୟ ଡଲାରକୁ ବୃଦ୍ଧି ପାଇ କାରବାର ଶେଷରେ ସାମାନ୍ୟ ସୁଧାର ସହ ୧୦୮ରେ କ୍ଲୋଜ୍ ହୋଇଥିଲା। କିନ୍ତୁ ଶୁକ୍ରବାର କ୍ରୁଡ୍ ଅଏଲ୍ ପୁଣି ୧୧୦ ଡଲାରକୁ ବୃଦ୍ଧି ପାଇଥିଲା। ହର୍ମୁଜ୍ ପ୍ରଣାଳୀରେ ଯୁଦ୍ଧଜନିତ ପ୍ରତିବନ୍ଧକ ତୈଳ ଦରରେ ଏତେ ବଡ଼ ☞ପୃଷ୍ଠା-୪

# ନିୟମିତ ହେଲେ ଚୁକ୍ତିଭିତ୍ତିକ ସ୍କିମାଟିକ୍ କନିଷ୍ଠ ଶିକ୍ଷକ

**ଭୁବନେଶ୍ୱର,୨୦।୩**
**(ରବିନାରାୟଣ ଜେନା)**

ରାଜ୍ୟ ସରକାରଙ୍କ ପକ୍ଷରୁ ଶିକ୍ଷକମାନଙ୍କ କ୍ଷେତ୍ରରେ ଶୁକ୍ରବାର ଏକ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ନିଆଯାଇଛି। ଦୀର୍ଘଦିନ ଧରି ନିୟମିତ ଅପେକ୍ଷାରେ ଥିବା ୧୩ ହଜାରରୁ ଊର୍ଦ୍ଧ୍ୱ ସ୍କିମାଟିକ୍ କନିଷ୍ଠ ଶିକ୍ଷକଙ୍କୁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ନିୟମିତ କରିଛନ୍ତି। ଗଣଶିକ୍ଷା ବିଭାଗ ପକ୍ଷରୁ ୨୦୨୩-୨୪ ବର୍ଷରେ ନିଯୁକ୍ତି ପାଇଥିବା ଏହି ବର୍ଗର କନିଷ୍ଠ ଶିକ୍ଷକମାନଙ୍କୁ ନିୟମିତ କରିବାପାଇଁ ପ୍ରଦାନ କରାଯାଇଥିବା ପ୍ରସ୍ତାବକୁ ସୁବିଚାରପୂର୍ବକ ମୁଖ୍ୟମନ୍ତ୍ରୀ ଅନୁମୋଦନ ଦେଇଛନ୍ତି। ସରକାରଙ୍କ ନିଷ୍ପତ୍ତି ଅନୁଯାୟୀ, ଏହି ଶିକ୍ଷକମାନେ ସେମାନଙ୍କ ଚାକିରିରେ ଯୋଗଦାନ ସମୟଠାରୁ ନିୟମିତ ହୋଇଛନ୍ତି। ତେଣୁ ସେମାନେ ଚାକିରିରେ ଯୋଗଦାନ ସମୟଠାରୁ ୨୦୨୫ ଡିସେମ୍ବର ୩୧ ତାରିଖ ପର୍ଯ୍ୟନ୍ତ ପିଛିଲା ଭାବେ ସମସ୍ତ ପ୍ରାପ୍ୟ ପାଇବେ। ୨୦୨୬ ଜାନୁଆରୀ ପହିଲାଠାରୁ ନିୟମିତ କର୍ମଚାରୀଙ୍କ ଦରମା ତଥା ଅନ୍ୟାନ୍ୟ ସମସ୍ତ ସୁବିଧା ପାଇପାରିବେ। ସୂଚନାଯୋଗ୍ୟ, ଏହି କନିଷ୍ଠ ଶିକ୍ଷକମାନଙ୍କୁ ନିୟମିତ କରିବା ପାଇଁ ମୁଖ୍ୟମନ୍ତ୍ରୀ ପୂର୍ବରୁ ଘୋଷଣା କରିଥିଲେ। ସରକାରଙ୍କ ଏହି ନିଷ୍ପତ୍ତିକୁ ☞ପୃଷ୍ଠା-୪

**ଆଜିର ସମ୍ପାଦକୀୟ**

## ପ୍ରସ୍ତାବ ପ୍ରତ୍ୟାହାର






# ଆଜି କ'ଣ କେଉଁଠି

## ଭୁବନେଶ୍ୱର

- ୟଙ୍ଗ ନାଚୁରାଲିଷ୍ଟ ପ୍ରୋଗ୍ରାମ୍, ସ୍ଥାନ: ରିଜିଓନାଲ ସାଇନ୍ସ ସେଣ୍ଟର, ସମୟ: ସକାଳ ୭ଟା ୩୦।
- ସଙ୍ଗୀତ ସୁଧାକର ବାଳକୃଷ୍ଣ ଦାଶ ଫାଉଣ୍ଡେଶନ ପକ୍ଷରୁ ୨୬ତମ ଓଡ଼ିଶୀ ସଙ୍ଗୀତ ମହୋତ୍ସବ, ସ୍ଥାନ: ରବୀନ୍ଦ୍ର ମଣ୍ଡପ, ସମୟ: ପୂର୍ବାହ୍ନ ୧୦ଟା।
- ବିଶ୍ୱ କବିତା ଦିବସ ସମାରୋହ, ସ୍ଥାନ: ଗୀତଗୋବିନ୍ଦ ସଦନ, ସମୟ: ପୂର୍ବାହ୍ନ ୧୦ଟା ୩୦।
- ବିଶ୍ୱ ବନ ଦିବସ, ସ୍ଥାନ: କନ୍‌ଭେନଶନ ସେଣ୍ଟର, ସମୟ: ଲୋକ ସେବା ଭବନ ପରିସର, ସମୟ: ପୂର୍ବାହ୍ନ ୧୧ଟା ୩୦।
- ଫାର୍ମ ବି ଫୁଡ୍ ବ୍ରାଣ୍ଡ ସଂକ୍ରାନ୍ତରେ ଖବରଦାତା ସମ୍ମିଳନୀ, ସ୍ଥାନ: ଚାଣକ୍ୟ ହଲ୍, ସ୍ୱସ୍ତି ପ୍ରିମିୟମ, ସମୟ: ମଧ୍ୟାହ୍ନ ୧୨ଟା।
- ବିଶ୍ୱ କବିତା ଦିବସ, ସ୍ଥାନ: ଗୀତଗୋବିନ୍ଦ ସଦନ, ସମୟ: ସନ୍ଧ୍ୟା ୬ଟା।

## କଟକ

- କଟକ ମହାନଗର ନିଗମ ପକ୍ଷରୁ ଜିଲାସ୍ତରୀୟ ପୁସ୍ତକ ମେଳା 'କଟକ ସାହିତ୍ୟ ସରୋବର'ର ଦ୍ୱିତୀୟ ଦିବସ, ସ୍ଥାନ: ତଳବାଲିଯାତ୍ରା ପଡ଼ିଆ, ସମୟ: ଅପରାହ୍ନ ୨ଟା।
- ନିଖିଳ ଓଡ଼ିଶା ବ୍ୟାଙ୍କ କର୍ମଚାରୀ ସଂଘର ରାଜ୍ୟ ସମ୍ମିଳନୀ, ସ୍ଥାନ: ସାରଳା ଭବନ, ବିଜୁ ପଟ୍ଟନାୟକ ଛକ, ସମୟ: ସନ୍ଧ୍ୟା ୫ଟା ୩୦।
- ପଣ୍ଡିତ ବାନାମ୍ବର ଆଚାର୍ଯ୍ୟଙ୍କ ୧୨୫ତମ ଜୟନ୍ତୀ, ସ୍ଥାନ: ଶ୍ରୀରାମଚନ୍ଦ୍ର ଭବନ, ସମୟ: ସନ୍ଧ୍ୟା ୬ଟା ୩୦।
- ସାଲ୍ୟୁଟ୍ ତ୍ରିରଙ୍ଗା ପକ୍ଷରୁ ଏକ ସାମ୍ ଶହୀଦୋଁ କେ ନାମ କାର୍ଯ୍ୟକ୍ରମ, ସ୍ଥାନ: ଶହୀଦ ଭବନ, ସମୟ: ସନ୍ଧ୍ୟା ୬ଟା ୪୫।

## ପୁରୀ

- ଫିଟ୍ ଇଣ୍ଡିଆ କାର୍ନିଭାଲ କାର୍ଯ୍ୟକ୍ରମ, ସ୍ଥାନ: ଭିକ୍ଟୋରିଆ ହୋଟେଲ ବେଳାଭୂମି ସମ୍ମୁଖ, ସମୟ: ସକାଳ ୬ଟା।
- ସଖା ଅନୁଷ୍ଠାନ ପକ୍ଷରୁ ବୈଠକ, ସ୍ଥାନ: ଭକ୍ତ ସାଲବେଗ ପୀଠ, ସମୟ: ପୂର୍ବାହ୍ନ ୧୧ଟା ୩୦।

## ଖୋର୍ଦ୍ଧା

- ଶ୍ରୀରାମଚରିତ ମାନସ ନବାହ୍ନ ପାରାୟଣ, ସ୍ଥାନ: ବେଗୁନିଆ ଦୁର୍ଗାମଣ୍ଡପ ପରିସର, ସମୟ: ସକାଳ ୮ଟା।
- ପ୍ରବଚନ ଓ ଜ୍ଞାନଚର୍ଚ୍ଚା କାର୍ଯ୍ୟକ୍ରମ, ସ୍ଥାନ: ବେଗୁନିଆ ଦୁର୍ଗାମଣ୍ଡପ ପରିସର, ସମୟ: ସନ୍ଧ୍ୟା ୭ଟା ୩୦।

## ବାଲେଶ୍ୱର

- ଭାଗବତ ପାରାୟଣ, ସ୍ଥାନ: ଶ୍ରୀରାଧାମାଧବ ଜୀଉ ସେବାଶ୍ରମ, ବାହାର୍ଦ୍ଦା, ବସ୍ତା,ସମୟ: ସକାଳ ୮ଟା।
- ସାମୁହିକ ନମାଜ ପାଠ, ସ୍ଥାନ: ଦରଘା ମଇଦାନ, ବାଲେଶ୍ୱର, ସମୟ: ସକାଳ ୮ଟା ୩୦।
- ପିଣ୍ଟୁାବଣିଆ ବୈଦିକ ଗୁରୁକୂଳ ଆଶ୍ରମର ବାର୍ଷିକ ମହୋତ୍ସବ, ସ୍ଥାନ: ରୂପ୍‌ସା, ବାଲେଶ୍ୱର, ସମୟ:ପୂର୍ବାହ୍ନ ୧୦ଟା।
- ଦୁଇ ଦିନ ବ୍ୟାପୀ କଳାକାର ସଂଘର ୯ମ ବାର୍ଷିକ ସମ୍ମିଳନୀ, ସ୍ଥାନ: ବନାବସାଣ (ମଟେଇବାର୍ଡ଼-ତେଘରୀ) ଦୁର୍ଗାମଣ୍ଡପ, ଭୋଗରାଇ, ସମୟ:ପୂର୍ବାହ୍ନ ୧୦ଟା।
- 'ଗୁରୁ ସ୍ମରଣ' କାର୍ଯ୍ୟକ୍ରମ, ସ୍ଥାନ: ଗାନ୍ଧୀ ସ୍ମୃତି ଭବନ, ବାଲେଶ୍ୱର, ସମୟ: ସନ୍ଧ୍ୟା ୬ଟା।

## ଭଦ୍ରକ

- ଇଦ୍ ଉପଲକ୍ଷେ ସମୂହ ନମାଜ ପାଠ, ସ୍ଥାନ: ପୁରୁଣାବଜାରସ୍ଥିତ ଜାମା ମସ୍‌ଜିଦ୍, ଭଦ୍ରକ, ସମୟ: ସକାଳ ୯ଟା ୧୫।
- ଇଦ୍‌ରେ ସମୂହ ନମାଜପାଠ, ସ୍ଥାନ: କଦମବେଡ଼ାସ୍ଥିତ ଇଦ୍‌ଗା, ଭଦ୍ରକ, ସମୟ: ସକାଳ ୯ଟା ୩୦।
- ବିଶ୍ୱ କବିତା ଦିବସ ଉପଲକ୍ଷେ କବିତା ଆସର ଓ ସାରସ୍ୱତ ସମାରୋହ, ସ୍ଥାନ: କାଳୀବଜାର ଯଜ୍ଞ ମଣ୍ଡପ, ଦୋବଲ, ସମୟ: ଅପରାହ୍ନ ୪ଟା।

## କେନ୍ଦୁଝର

- ଇଦ୍-ଉଲ-ଫିତରରେ ନମାଜ ପାଠ, ସ୍ଥାନ: ଅଞ୍ଜୁମନ ଇସଲାମିଆ ମସଜିଦ, ବଡ଼ବିଲ, ସମୟ: ସକାଳ ୭ଟା।
- ବିଶ୍ୱ ଜଙ୍ଗଲ ଦିବସ ଉତ୍ସବ, ସ୍ଥାନ: କେନ୍ଦୁଝର ଅଡିଟରିୟମ, ସମୟ: ପୂର୍ବାହ୍ନ ୧୦ଟା।
- ଇଦୁଲ ଫିତର ପର୍ବ ଉତ୍ସବ, ସ୍ଥାନ : ସୋସୋ, ହାଟଡ଼ିହୀ, ସମୟ: ଅପରାହ୍ନ ୩ ଟା।
- ରାମ ନବମୀ ଉପଲକ୍ଷେ ଭଜନ, ପୂଜା ଏବଂ ପ୍ରବଚନ, ସ୍ଥାନ : ଡ଼ଅଁର, ବଞ୍ଚୋ, ହାଟଡ଼ିହୀ, ସମୟ : ଅପରାହ୍ନ ୪ ଟା।
- ଶନିଙ୍କ ମନ୍ଦିରରେ ମେଳା, ଭଜନ, ସ୍ଥାନ: ଛେନାପଦି, ସମୋଟରାଗଡିଆ, ହାଟଡ଼ିହୀ, ସମୟ: ସନ୍ଧ୍ୟା ୬ ଟା।

## ମୟୂରଭଞ୍ଜ

- ପ୍ରତିଭା ଚିହ୍ନଟ କାର୍ଯ୍ୟକ୍ରମ, ସ୍ଥାନ: ବାରିପଦା ଷ୍ଟାଡିୟମ, ବଡ଼ସାହି ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ପଡ଼ିଆ, ସରକାରୀ ଉଚ୍ଚ ବିଦ୍ୟାଳୟ ଉଦଳା, କରଞ୍ଜିଆ ମିନି ଷ୍ଟାଡିୟମ, କଚେରୀ ପଡ଼ିଆ ରାଇରଙ୍ଗପୁର, ସମୟ: ସକାଳ ୭ଟା୩୦।
- ଜଳ ଅର୍ପଣ ଦିବସ ପାଳନ, ସ୍ଥାନ: ଧଡ଼ାସାହି,ମୋରଡ଼ା, ସମୟ:ପୂର୍ବାହ୍ନ ୧୦ଟା।
- ବିଶ୍ୱ ବନ ଦିବସ ପାଳନ, ସ୍ଥାନ: ବାଲିଡିହା ଜଳସେଚନ ଡାକବଙ୍ଗଳା, ଶାମାଖୁଣ୍ଟା,ସମୟ: ପୂର୍ହାହ୍ନ ୧୧ଟା।
- ରାଷ୍ଟ୍ରୀୟ ଆଦିବାସୀ ଲଘୁ ଚଳଚ୍ଚିତ୍ର ମହୋତ୍ସବ, ସ୍ଥାନ: ଶହୀଦ ସ୍ମୃତି ଭବନ, ବାରିପଦା, ସମୟ: ପୂର୍ହାହ୍ନ ୧୧ଟା।

## ଢେଙ୍କାନାଳ

- ଇଦ୍ ପାଳନ, ସ୍ଥାନ: ମୀନାବଜାର ମସଜିଦ, ସମୟ: ସକାଳ ୯ଟା।
- ଇଦ୍ ପାଳନ, ସ୍ଥାନ: ମୋତି ମସଜିଦ୍, କାଞ୍ଚନ ବଜାର, ସମୟ: ସକାଳ ୯ଟା ୧୫।
- କିଡନୀ ପରିକ୍ଷଣ ଓ ପରାମର୍ଶ ଶିବିର, ସ୍ଥାନ: ବିନୋଦ ଭବନ, ଢେଙ୍କାନାଳ, ସମୟ: ପୂର୍ବାହ୍ନ ୧୦ଟା।
- ଅଷ୍ଟପ୍ରହରୀ ନାମଯଜ୍ଞ, ସ୍ଥାନ: ଯାଉଁଳି ପୋଖରୀ ମଠ, ଢେଙ୍କାନାଳ, ସମୟ: ଅହୋରାତ୍ର ।

## ଅନୁଗୋଳ

- ଇଦ୍-ଉଲ୍-ଫିତର ଉପଲକ୍ଷେ ସାମୂହିକ ନମାଜ ପାଠ, ସ୍ଥାନ: ଆଠମଲ୍ଲିକ ସହରସ୍ଥିତ ମସଜିଦ୍, ସମୟ: ସକାଳ ୯ଟା।
- ଡେରଜାଙ୍ଗ ଜଳଭଣ୍ଡାର ନିକଟରେ 'ଇକୋ ଟୁରିଜମ୍' ଶୁଭ ଉଦ୍‌ଘାଟନ କାର୍ଯ୍ୟକ୍ରମ, ସ୍ଥାନ: ଅନୁଗୋଳ ଡେରଜାଙ୍ଗ ଜଳଭଣ୍ଡାର, ସମୟ: ୧୦ଟା ୩୦।
- ଅଧିଷ୍ଠାତ୍ରୀ ଦେବୀ ମା' ମାହେଶ୍ୱରୀଙ୍କ ତୃତୀୟ ଦିବସରେ ନବଦିନାତ୍ମକ ପୂଜା, ସ୍ଥାନ: ଆଠମଲ୍ଲିକସ୍ଥିତ ମାହେଶ୍ୱରୀ ମନ୍ଦିର, ସମୟ: ମଧ୍ୟାହ୍ନ ୧୨ଟା।
- ବ୍ଲକ୍ ପ୍ରଶାସନ ପକ୍ଷରୁ ବିଭିନ୍ନ ପ୍ରକଳ୍ପର ଉଦ୍‌ଘାଟନ, ସ୍ଥାନ: ଛେଣ୍ଡିପଦା ଜଗନ୍ନାଥ ମନ୍ଦିର ସମ୍ମୁଖ ପଡ଼ିଆ, ସମୟ: ମଧ୍ୟାହ୍ନ ୧୨ଟା।
- ଭାଜପା କାର୍ଯ୍ୟାଳୟ ଉଦ୍‌ଘାଟନ, ସ୍ଥାନ: ଛେଣ୍ଡିପଦା, ସମୟ: ଅପରାହ୍ନ ୩ଟା।
- ବାଗଡ଼ିଆ ଅଲ୍‌ଇଣ୍ଡିଆ ଭଲିବଲ୍ ଟୁର୍ନାମେଣ୍ଟ ଉଦ୍‌ଯାପନୀ ଉତ୍ସବ, ସ୍ଥାନ: ବାଗଡ଼ିଆ ଉଚ୍ଚ ବିଦ୍ୟାଳୟ ଖେଳପଡ଼ିଆ, ସମୟ: ଅପରାହ୍ନ ୪ଟା।

## ଜଗତ୍‌ସିଂହପୁର

- ଜାମା ମସ୍‌ଜିଦ ପକ୍ଷରୁ ଇଦ୍ ଉଲ୍ ଫିତର ମହୋତ୍ସବ, ସ୍ଥାନ: ବଡ଼ପଡ଼ିଆ ଜାମା ମସ୍‌ଜିଦ, ପାରାଦୀପ, ସମୟ: ସକାଳ ୮ଟା।
- ୟୁଥ ସାନ୍ତାଳୀ ଟ୍ରଷ୍ଟ ପକ୍ଷରୁ ୨ ଦିନିଆ ମହୋତ୍ସବର ଉଦ୍‌ଘାଟନୀ କାର୍ଯ୍ୟକ୍ରମ, ସ୍ଥାନ: ଜୟଦେବ ଭବନ, ବଡ଼ପଡ଼ିଆ, ପାରାଦୀପ, ସମୟ: ପୂର୍ବାହ୍ନ ୧୦ଟା।

## କେନ୍ଦ୍ରାପଡ଼ା

- ଇଦ-ଉଲ-ଫିତର ପାଇଁ ସମୂହ ନମାଜ ପାଠ, ସ୍ଥାନ: କେନ୍ଦ୍ରାପଡ଼ା ସହରର ଅଲ ସଲଫିୟା ଇଦଗାହ, ସମୟ: ସକାଳ ୭ଟା ୩୦, ଫକୀରାବାଦ ମସଜିଦ, ସମୟ: ସକାଳ ୮ଟା, ରସୁଲାବାଦ ମସଜିଦ, ଗୌଡଗୋପ, ସମୟ: ସକାଳ ୮ଟା୧୫, ପୁରୁଣା ଇଦଗାହ, ସମୟ: ସକାଳ ୮ଟା ୩୦, ନୂଆ ଇଦଗାହ, ସମୟ: ସକାଳ ୯ଟା।

## ଯାଜପୁର

- ଯଯାତି ମହୋତ୍ସବ ଅବସରରେ ରାଜ୍ୟସ୍ତରୀୟ କବି ସମ୍ମିଳନୀ, ସ୍ଥାନ: ଯାଜପୁର ଗୌତମ ବୁଦ୍ଧ ସଂସ୍କୃତି ଭବନ, ସମୟ: ପୂର୍ବାହ୍ନ ୧୦ଟା।
- ଯଯାତି ମହୋତ୍ସବ ଅବସରରେ ବି. ପ୍ରାକ ଓ ତାଙ୍କ ଦଳଙ୍କ ସଙ୍ଗୀତ ପରିବେଷଣ, ସ୍ଥାନ: ପ୍ରଶାସନିକ ଭବନ ପଡ଼ିଆ, ସମୟ: ସନ୍ଧ୍ୟା ୭ଟା।

## ନୟାଗଡ଼

- ଏକାଦଶ ରାଜ୍ୟ ତୈଳିକ ବୈଶ୍ୟ ମହାସଭା ଓଡିଶାର ୮୨ତମ ସାଧାରଣ ଅଧିବେଶନର ଉଦ୍‌ଘାଟନ ଦିବସ, ସ୍ଥାନ: ଭାପୁର ବ୍ଲକ ପଦ୍ମାବତୀ କଲ୍ୟାଣ ମଣ୍ଡପ, ସମୟ: ପୂର୍ବାହ୍ନ ୧୦ଟା।
- ସରକାରୀ ଓକିଲମାନଙ୍କର କର୍ମଶାଳା ଉଦ୍‌ଘାଟନ ଦିବସ, ସ୍ଥାନ: ନୟାଗଡ଼ ପୋଲିସ ଟ୍ରେନିଂ ସ୍କୁଲ ପରିସର, ସମୟ: ପୂର୍ବାହ୍ନ ୧୦ଟାରୁ ଅପରାହ୍ନ ୫ଟା।
- ବରୁଣେଇ ସମର ସ୍ମାସ କ୍ରିକେଟ ଟୁର୍ନାମେଣ୍ଟର ୫ ଦିବସ ପ୍ରଥମ ସେମିଫାଇନାଲ ମ୍ୟାଚରେ ଲକ୍ଷ୍ମୀ ପ୍ରସାଦ ବନାମ ଗୋଲା ବୋଦସା, ସ୍ଥାନ: ମିନି ଷ୍ଟାଡିୟମ କଣ୍ଟିଲୋ, ସମୟ: ପୂର୍ବାହ୍ନ ୧୧ଟା।
- ବିଶ୍ୱ ବନ ଦିବସ, ସ୍ଥାନ: ଗଣିଆ ବ୍ଲକ ବଡସିଲିଙ୍ଗା ପଞ୍ଚାୟତ ଗୋଛାବାରୀ, ସମୟ: ପୂର୍ବାହ୍ନ ୧୧ଟା।

## ନବରଙ୍ଗପୁର

- ଇଦୁଲ ଫିତରରେ ନମାଜ ପାଠ, ସ୍ଥାନ: ଇଦ୍‌ଗା ପଡ଼ିଆ, ନବରଙ୍ଗପୁର, ସମୟ: ସକାଳ ୯ଟା।

## କୋରାପୁଟ

- ବିଶ୍ୱ ଜଙ୍ଗଲ ଦିବସ ଅବସରରେ ଶୋଭାଯାତ୍ରା, ସ୍ଥାନ: ଜଗତଜନନୀ ଛକ, ଜୟପୁର, ସମୟ: ସକାଳ ୭ଟା।
- ଜିଲାସ୍ତରୀୟ ବିଶ୍ୱବନ ଦିବସ ପାଳନ, ସ୍ଥାନ: କୋରାପୁଟ ବନଖଣ୍ଡ କାର୍ଯ୍ୟାଳୟ, କୋରାପୁଟ, ସମୟ: ପୂର୍ବାହ୍ନ ୧୧ଟା।
- ଶିକ୍ଷକ ସଂଘର ସାଧାରଣ ସମ୍ପାଦକ ଚୟନ ପ୍ରକ୍ରିୟା, ସ୍ଥାନ: ଉଚ୍ଚ ପ୍ରାଥମିକ ବିଦ୍ୟାଳୟ, ଦଶମନ୍ତପୁର, ସମୟ: ଅପରାହ୍ନ ୪ଟା ୩୦।

## ମାଲକାନଗିରି

- ବିଶ୍ୱବନ ଦିବସ ପାଳନ, ସ୍ଥାନ: ପ୍ରାକୃତିକ ପର୍ଯ୍ୟଟନ ସ୍ଥଳୀ, ସତିଗୁଡ଼ା, ସମୟ: ପୂର୍ବାହ୍ନ ୧୧ଟା।
- ଜଳକ୍ରୀଡ଼ା ବ୍ୟବସ୍ଥା ଉଦ୍‌ଘାଟନ, ସ୍ଥାନ: ସତିଗୁଡା ଜଳଭଣ୍ଡାର, ମାଲକାନଗିରି, ସମୟ: ଅପରାହ୍ନ ୧ଟା।

## ସମ୍ବଲପୁର

- ରମଜାନ୍ ମାସ ଅବସରରେ ସାମୂହିକ ନମାଜ ପାଠ, ସ୍ଥାନ: ସାକ୍ଷୀପଡା ଇଦ୍‌ଗାହ, ସମୟ: ସକାଳ ୭ଟା।
- ନିରମାଏଲ ପକ୍ଷରୁ ପଣ୍ଡିତ ଲକ୍ଷ୍ମୀନାରାୟଣ ମିଶ୍ର ଜୟନ୍ତୀ ପ୍ରସ୍ତୁତି ବୈଠକ, ସ୍ଥାନ: ପରମାଣପୁର ନିରମାଏଲ କାର୍ଯ୍ୟାଳୟ, ସମୟ: ପୂର୍ବାହ୍ନ ୧୧ଟା।
- ସମଲେଶ୍ୱରୀ ମନ୍ଦିର ଟ୍ରଷ୍ଟ ବୋର୍ଡ ପକ୍ଷରୁ ସମ୍ପ୍ରଦା ପ୍ରତିଯୋଗିତା, ସ୍ଥାନ: ସମଲେଶ୍ୱରୀ ମନ୍ଦିର ପ୍ରାଙ୍ଗଣ, ସମୟ: ଅପରାହ୍ନ ୩ଟା।
- ଶ୍ରୀ କଲଚରାଲ ଆସୋସିଏଶନ ପକ୍ଷରୁ ଜାତୀୟ ନାଟ୍ୟ ଉତ୍ସବ ରଙ୍ଗ ସମାଗମ, ସ୍ଥାନ: ତପସ୍ୱିନୀ ପ୍ରେକ୍ଷାଳୟ, ସମୟ: ସନ୍ଧ୍ୟା ୭ଟା।

## ବଲାଙ୍ଗୀର

- ୧୨୧ ପ୍ରହର ମହାନାମ ସଂକୀର୍ତ୍ତନ ପୂର୍ଣ୍ଣାହୁତି , ସ୍ଥାନ: ଜଗନ୍ନାଥ ମନ୍ଦିର ,ଲୋଇସିଂହା ସମୟ: ମଧ୍ୟାହ୍ନ ୧୨ଟା।

## ରାଉରକେଲା

- ଆମ୍ ଆଦ୍‌ମୀ ପାର୍ଟି ପକ୍ଷରୁ ଖବରଦାତା ସମ୍ମିଳନୀ, ସ୍ଥାନ: ବାସନ୍ତୀ କଲୋନୀ, ରାଉରକେଲା, ସମୟ: ପୂର୍ବାହ୍ନ ୧୧ଟା।
- ବିଶ୍ୱ କବିତା ଦିବସ ପାଳନ, ସ୍ଥାନ: ଇସ୍ପାତ ସାହିତ୍ୟ ସଂସଦ, ସେକ୍ଟର-୭, ସମୟ: ସନ୍ଧ୍ୟା ୬ଟା।

## ବରଗଡ଼

- ବିଶ୍ୱ ବନ ଦିବସ ପାଳନ, ସ୍ଥାନ: ସମ୍ମିଳନୀ କକ୍ଷ, ବ୍ଲକ କାର୍ଯ୍ୟାଳୟ ପରିସର, ବରଗଡ଼, ସମୟ: ପୂର୍ବାହ୍ନ ୧୦ଟା ।

## କଳାହାଣ୍ଡି

- ୨୦୨୭ ଜନଗଣନା ପାଇଁ ଜିଲାସ୍ତରୀୟ ତାଲିମ ଶିବିର ଉଦ୍‌ଯାପନ, ସ୍ଥାନ: ଭବାନୀପାଟଣାସ୍ଥିତ ମ୍ୟୁନିସିପାଲ ହାଇସ୍କୁଲ, ସମୟ: ଅପରାହ୍ନ ୪ଟା।

## ବୌଦ୍ଧ

- ଜିଲାସ୍ତରୀୟ ଶିଶୁ ବନ ଦିବସ ପାଳନ, ସ୍ଥାନ: ସ୍ଥାୟୀ ଚାରା ଉତ୍ପାଦନ କେନ୍ଦ୍ର, ବୀରନରସିଂହପୁର, ହରଭଙ୍ଗା ବ୍ଲକ, ସମୟ: ପୂର୍ବାହ୍ନ ୧୦ଟା।

## ଦେବଗଡ଼

- ଦିନ୍‌ଦୟାଲ ଉପାଧ୍ୟାୟ ପ୍ରଶିକ୍ଷଣ ଶିବିର, ସ୍ଥାନ : ରିଆମାଳ ବ୍ଲକ୍ କଲ୍ୟାଣ ମଣ୍ଡପ, ସମୟ: ପୂର୍ବାହ୍ନ ୧୦ଟା।

## ସୁବର୍ଣ୍ଣପୁର

- ତରଭା ସରକାରୀ ବାଳକ ଉଚ୍ଚ ବିଦ୍ୟାଳୟର ବାର୍ଷିକ ଉତ୍ସବ, ସ୍ଥାନ: ବିଦ୍ୟାଳୟ ପରିସର, ସମୟ: ଅପରାହ୍ନ ୫ଟା।

## ନୂଆପଡ଼ା

- ଶ୍ରୀଜଗନ୍ନାଥ ମନ୍ଦିର ପ୍ରତିଷ୍ଠା ଉତ୍ସବ ଉପଲକ୍ଷେ ଷୋହଳ ପ୍ରହର ଅଖଣ୍ଡ ଯଜ୍ଞର କଳସ ଯାତ୍ରା, ସ୍ଥାନ: ଖଡିଆଳ ବ୍ଲକ ଭୁଲିଆସିକୁଆଁ ଗାଁ, ସମୟ: ଅପରାହ୍ନ ୩ଟା ।

## ଝାରସୁଗୁଡ଼ା

- ବିଶ୍ୱ ବନ ଦିବସ ପାଳନ, ସ୍ଥାନ: ଜବାହର ନବୋଦୟ ବିଦ୍ୟାଳୟ ପରିସର, ଏଚ୍. କଣ୍ଟାପାଲି, ସମୟ: ପୂର୍ବାହ୍ନ ୧୦ଟା ୩୦।

# ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ** ଆଜି ଶ୍ରୀଚନ୍ଦ୍ର ଯୋଗୁ ଦୈହିକ ସୁସ୍ଥତା ପ୍ରଦାନ କରିବା ସହ ବିବାଦରେ ବିଜୟୀ ହେବେ। ଦୃଢ଼ ପଦକ୍ଷେପ ନେଇ ଅସଜଡା ପରିସ୍ଥିତିକୁ ସୁଧାରି ନେବାର ପ୍ରଯତ୍ନ କରିପାରନ୍ତି। ବନ୍ଧୁଙ୍କ ପରାମର୍ଶ ଏବଂ ପ୍ରତିଯୋଗିତାରେ ସଫଳତା ଯୋଗୁ ମନ ଖୁସି ରହିବ। ସଭାସମିତିକୁ ନିମନ୍ତ୍ରଣ ପାଇ ହଠାତ୍ ଦୂରଯାତ୍ରା କରିବାକୁ ପଡ଼ିପାରେ।

**ବୃଷ** ମୁଖଭାବସ୍ଥ ବୃହସ୍ପତି ହେତୁ ବନ୍ଧୁଙ୍କ ସହ ସୁସମ୍ପର୍କ ରକ୍ଷା ସହ ଅର୍ଥପ୍ରାପ୍ତିର ଯୋଜନା କରିପାରନ୍ତି। ବୌଦ୍ଧିକ ବିଚାରବିମର୍ଶରେ ବୁଦ୍ଧିଜୀବୀଙ୍କ ପ୍ରିୟଭାଜନ ହେବା ସହ ଅନ୍ତର୍ନିହିତ ଉଦ୍ଦେଶ୍ୟକୁ ପୂରଣ କରିପାରିବେ। ସକାଳୁ ଶୁଭ ଖବର ମନକୁ ଆହ୍ଲାଦିତ କରିବ। ସାମାଜିକ ସ୍ତରରେ ପଛକଥା ଚିନ୍ତା ନ କରି ପରିସ୍ଥିତିକୁ ସାମ୍ନା କରିବା ଭଲ ।

**ମିଥୁନ** ବୁଧଙ୍କ ସହ ରାହୁ ମଙ୍ଗଳ ଯୋଗଜନିତ ପ୍ରିୟଜନଙ୍କ ସହ ମତାନ୍ତର ସୃଷ୍ଟି ହେବ। ସହକର୍ମୀଙ୍କ ସହାନୁଭୂତି ଓ ପ୍ରଗାଢ଼ ଚେଷ୍ଟା ଦ୍ୱାରା ଆଜି କୌଣସି କାମ ଅଟକି ରହିବନାହିଁ। ସନ୍ତାନଙ୍କ ବିବାହ ପାଇଁ ବନ୍ଧୁଙ୍କ ଜରିଆରେ ଆଲୋଚନା କଲେ ଉପକୃତ ହେବେ। ପାରିବାରିକ ଅଶାନ୍ତି କ୍ଷେତ୍ରରେ ଜାଣିଶୁଣି ନୀରବ ରହିବାକୁ ଶ୍ରେୟସ୍କର ମନେ କରିପାରନ୍ତି।

**କର୍କଟ** ଦଶମ ଚନ୍ଦ୍ର ପ୍ରଭାବରେ କର୍ମକ୍ଷେତ୍ର ଏବଂ ପାରିବାରିକ ସ୍ଥିତି ବହୁତ ଭଲ ରହିବା ସହ ଅର୍ଥନୈତିକ ଅଭିବୃଦ୍ଧି ଘଟିବ। କୌଣସି ବିଶିଷ୍ଟ ବ୍ୟକ୍ତିଙ୍କ ସାହାଯ୍ୟ ଓ ସମର୍ଥନରେ ଉଚ୍ଚପଦବୀ ପ୍ରାପ୍ତ ହୋଇପାରନ୍ତି। ଆଲୋଚନା ପରିସରରେ, ପ୍ରଶାସନିକ ସେବାରେ ଅଥବା ରାଜନୈତିକ ସ୍ତରରେ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ନେବାକୁ ପଡ଼ିପାରେ।

**ସିଂହ** ଆଜିର କଲ୍ୟାଣଚନ୍ଦ୍ର ପ୍ରତ୍ୟେକ କାର୍ଯ୍ୟ ସକାଶେ ଅନୁକୂଳ ବାତାବରଣରେ କାର୍ଯ୍ୟ ସମ୍ପନ୍ନ କରାଇବ। ସ୍ୱାସ୍ଥ୍ୟ ସମସ୍ୟା ନିୟନ୍ତ୍ରଣରେ ରହିଲେ ମଧ୍ୟ ବାସ୍ତବ ସମସ୍ୟାରୁ ମୁକ୍ତି ମିଳି ନ ପାରେ। ଚଳିତ ପରିସ୍ଥିତିର ସମ୍ମୁଖୀନ ହୋଇ ଏକାଧିକ କାମ ହାତକୁ ନେଇ ବିବ୍ରତ ହୋଇପାରନ୍ତି। ଉଚ୍ଚବର୍ଗର ବ୍ୟକ୍ତିଙ୍କ ସହଯୋଗରୁ କାର୍ଯ୍ୟ ହାସଲ କରିବେ।

**କନ୍ୟା** ଅଷ୍ଟମସ୍ଥ ଚନ୍ଦ୍ରଜନିତ ମାନସିକ ଅସ୍ଥିରତା ସାଙ୍ଗକୁ ପ୍ରାପ୍ୟ ଅର୍ଥ ସକାଶେ ସମସ୍ୟା ଲାଗି ରହିବ। ବନ୍ଧୁଙ୍କ ସାହାଯ୍ୟରେ ବିବାଦୀୟ ପରିସ୍ଥିତିରେ ସାମ୍ୟତା ଆଣିପାରିବେ। ଆର୍ଥିକ ଉନ୍ନତି, କର୍ମକ୍ଷେତ୍ରରେ ସମ୍ମାନ, ବନ୍ଧୁଙ୍କ ଆଦର, ଅଭ୍ୟର୍ଥନା ମଧ୍ୟରେ ଦିନଟି ପ୍ରୀତିପ୍ରଦ ରହିବ। ସକାଳୁ ଶୁଭଖବର ମନକୁ ଆହ୍ଲାଦିତ କରିବ।

**ତୁଳା** ସପ୍ତମସ୍ଥ କର୍ମାଧିପ ଚନ୍ଦ୍ର ଆପଣଙ୍କୁ କର୍ମମୁଖର କରାଇବା ସହ ଦୂରଯାତ୍ରା ପାଇଁ ସୁଯୋଗ ସୃଷ୍ଟି କରିପାରନ୍ତି। ଇଚ୍ଛା ବିରୋଧରେ କୌଣସି କାମ କରି ଅନୁତପ୍ତ ହୋଇପାରନ୍ତି। ବୁଝାମଣା ମାଧ୍ୟମରେ ପୁତ୍ରକନ୍ୟାଙ୍କ ହେତୁକ ସୁଖ ମିଳିବା ସାଙ୍ଗକୁ ପରିବାରରେ ଶାନ୍ତି ଫେରି ଆସିବ। କଳହ ଲାଗିଥିବା ବନ୍ଧୁଟି ପ୍ରତି ସତର୍କ ରହିବା ଭଲ।

**ବିଛା** ରାଶି ପାଇଁ ଶୁକ୍ଲପକ୍ଷର କଲ୍ୟାଣକାରକ ଚନ୍ଦ୍ର ପ୍ରତ୍ୟେକ କ୍ଷେତ୍ରରେ ଶୁଭଫଳ ପ୍ରଦାନ କରିବେ। ସନ୍ତାନଙ୍କ ପରୀକ୍ଷାରେ ସଫଳତା, ବନ୍ଧୁଙ୍କ ସହ ଫଳପ୍ରଦ ଆଲୋଚନା ଦ୍ୱାରା ଆତ୍ମତୃପ୍ତି ଲଭିବେ। ଅନ୍ୟାୟ ବିରୋଧରେ ସ୍ୱର ଉଠାଇ ଅପଦସ୍ଥ ହୋଇପାରନ୍ତି। ବାଣିଜ୍ୟ, ବ୍ୟବସାୟ, ପରିବହନ କ୍ଷେତ୍ର ମଧ୍ୟମଧରଣର ରହିବ।

**ଧନୁ** ରାହୁ ସହ ବୁଧଙ୍କ ସଂଯୋଗ ବୃଥା ସନ୍ଦେହ ଓ ଭୁଲ୍ ବୁଝାମଣାରୁ ପାରିବାରିକ ସମସ୍ୟାକୁ ବୃଦ୍ଧି କରିବେ। ଗଣତନ୍ତ୍ର, ଆଇନ, ଆଧ୍ୟାତ୍ମିକତା କ୍ଷେତ୍ରରେ ଗୁରୁକ୍ଷେତ୍ରସ୍ଥ ଶନି କାର୍ଯ୍ୟସିଦ୍ଧି କରାଇବେ। ଉତ୍ତମ ଲୋକସମ୍ପର୍କ ଜନିତ ସାମାଜିକ ସ୍ଥିତି ଭଲ ରହିବ। ଅର୍ଥ ଲାଭ, କାର୍ଯ୍ୟସିଦ୍ଧି, ବନ୍ଧୁମିଳନ ଓ ମୂଲ୍ୟବାନ୍ ଦ୍ରବ୍ୟଲାଭରୁ ମନ ଖୁସି ରହିବ।

**ମକର** ଆଜିର ଯାତ୍ରା, ବାଣିଜ୍ୟ, ଅଭିଳଷିତ କାର୍ଯ୍ୟ ସମ୍ପନ୍ନ ଦିଗରେ ଗ୍ରହସ୍ଥିତି ଅନୁକୂଳ ରହିବ। ସପ୍ତମାଧିପ ଚନ୍ଦ୍ର କେନ୍ଦ୍ରସ୍ଥ ହୋଇ ବୈବାହିକ ସମ୍ପର୍କ ପାଇଁ ଅନୁକୂଳ ସ୍ଥିତି ଉତ୍ପନ୍ନ କରିବ। ଅସମ୍ପୂର୍ଣ୍ଣ କାର୍ଯ୍ୟ ସାଙ୍ଗକୁ ବନ୍ଧୁଙ୍କ ଅନାଦର ଯୋଗୁ ମନ ଦୁଃଖ ହୋଇପାରେ। ନିଜର ହିତୈଷୀମାନଙ୍କୁ ବୃଥା ସନ୍ଦେହ କରି ଭୁଲ୍‌ଠିକ୍‌ର ବିଚାର କରିପାରିବେ ନାହିଁ।

**କୁମ୍ଭ** ରାଶିରେ ମଙ୍ଗଳ ସହ ରାହୁ ସମସ୍ୟା ସୁଧାରି ନେବାରେ ସାହାଯ୍ୟ କରିବ। ଖର୍ଚ୍ଚ ବୃଦ୍ଧି ସାଙ୍ଗକୁ ଶ୍ରମ ଓ ସମୟର ବିନିଯୋଗ କରି କାର୍ଯ୍ୟହାସଲ କରିବେ। ଋଣ ପରିଶୋଧ ସକାଶେ ମାନସିକ ଚାପର ସମ୍ମୁଖୀନ ହୋଇପାରନ୍ତି। ଭଲମନ୍ଦର ମିଶ୍ରିତଫଳ ଭିତରେ ସାମୟିକ ଟେନ୍‌ସନ ଅବଶ୍ୟ ମାନସିକ ସ୍ଥିତିକୁ ବିଭ୍ରାନ୍ତ କରିପାରେ।

**ମୀନ** ବୃହସ୍ପତିଙ୍କ ସୁଦୃଷ୍ଟି ଆପଣଙ୍କ ଚିନ୍ତାଧାରା, କାର୍ଯ୍ୟପଦ୍ଧତି ଓ ଯୋଜନା ସମୂହକୁ ସୁନିୟନ୍ତ୍ରିତ କରାଇବେ। କାମଟି ସହଜରେ ପୂର୍ଣ୍ଣାଙ୍ଗ ହୋଇଯିବ। ଶିଳ୍ପ, ବାଣିଜ୍ୟ, ପରିବହନ ଓ ନୂତନ ପ୍ରକଳ୍ପାଦି କାମ ବହୁତ ଭଲରେ ସମ୍ପନ୍ନ ହେବ। ଶୁକ୍ରଙ୍କ ପ୍ରଭାବରେ ଆନୁଷ୍ଠାନିକ କାମ, ମନୋରଞ୍ଜନ ଓ ବନ୍ଧୁମିଳନାଦିରୁ ସାମୟିକ ଖୁସିରେ ରହିପାରନ୍ତି।

ଆଜି ମାର୍ଚ୍ଚ ୨୧ ତାରିଖ, ବିଶ୍ୱ ଜଙ୍ଗଲ ଓ ବନୀକରଣ ଦିବସ, ବିଶ୍ୱ ବର୍ଣ୍ଣବୈଷମ୍ୟ ଉନ୍ମୂଳନ ଦିବସ, ବିଶ୍ୱ କାବ୍ୟ ଦିବସ, ଇଦ୍-ଉଲ୍-ଫିତର୍, ଚୈତ୍ର ଶୁକ୍ଳ ତୃତୀୟା, ଶନିବାର। ରାଶିନକ୍ଷତ୍ର-ଅଶ୍ୱିନୀ/ମେଷ, ତୃତୀୟାର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ, ଦିବା ଘ.୧୦।୨୩ ଗତେ ଘ.୦୧।୦୬ ମଧ୍ୟେ ଶୁଦ୍ଧ ଶୁଭ ବେଳା। ଦିବା ଘ.୦୮।୫୩ ଗତେ ଘ.୧୦।୨୩ ମଧ୍ୟେ ରାହୁ କାଳ।

# ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଏକା ଗଛର ଧାନ
କେହି କାହାକୁ ନୁହନ୍ତି ଆନ ।**

ଗୋଟିଏ ଧାନଗଛରେ ଫଳିଥିବା ଧାନର ଆକାର, ଗୁଣ ତଥା ସ୍ୱାଦ ସବୁ ସମାନ ହିଁ ହୋଇଥାଏ। ଯେକୌଣସି ଗୋଟିଏ ବାଛିଲେ ବି ସେଥିରେ କୌଣସିଟି ଫରକ ରହି ନ ଥାଏ। ସେହିପରି କିଛି ବ୍ୟକ୍ତି ସମପ୍ରକୃତିର ହୋଇଥାନ୍ତି। ତାଙ୍କ ନୀତି ଓ ସ୍ୱଭାବରେ କିଛି ବି ପ୍ରଭେଦ ବାରି ହେଉ ନ ଥିବା ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

**ଏକକୁ କହିଲେ ଦୁଇକି ବାଜେ
ଯେ ସେ ନାଗର, ସେ ଯେ ବୁଝେ ।**

ମନର କଥା ବା ଭାଷା କେବଳ ମନର ମଣିଷ ହିଁ ବୁଝିଥାଏ। ଯେଉଁଠି ଗୋଟିଏ କଥାର ଦୁଇଟି ଅର୍ଥ ବାହାରେ, ସେଠି ସମ୍ପୃକ୍ତ ଚତୁର ବ୍ୟକ୍ତି ଜଣକ ହିଁ ଅତି ସହଜରେ ତା' ଭିତର ଅର୍ଥକୁ ଧରି ନିଏ ବୋଲି ଏଠାରେ ପ୍ରକାଶ କରାଯାଇଛି।

ଓଡ଼ିଆ ଢଗଢମାଳି ଓ ଲୋକଗୀତ - ଫ୍ରେଣ୍ଡସ ପବ୍ଲିଶର୍ସ



ଶୁକ୍ରବାର ଅପରାହ୍ନ ୫ଟାରେ ମହାକାଶରୁ ଉତ୍ତୋଳିତ ପାଣିପାଗର ଚିତ୍ର।

# ପୂର୍ତ୍ତ, ଗଣଶିକ୍ଷା, ଉଚ୍ଚଶିକ୍ଷା ବିଭାଗ ଖର୍ଚ୍ଚ ଦାବି ପାରିତ

- ବିଜେଡି-କଂଗ୍ରେସର କକ୍ଷ ତ୍ୟାଗ
- ଠିକାଦାରଙ୍କୁ ସରକାରଙ୍କ ଅନୁକମ୍ପା: ସୋଫିଆ
- ବିରୋଧରୁ ଆରମ୍ଭ, ଧନ୍ୟବାଦରେ ଶେଷକଲେ ଗମାଙ୍ଗ
- ଅରବିନ୍ଦଙ୍କ ଗଠନମୂଳକ ପ୍ରସ୍ତାବ
- ରାମସେତୁରେ ୩ ନିଲମ୍ବିତ ସଦସ୍ୟ ଗୁଣ୍ଡୁଚିମୂଷା: ଭାଜପା

ଭୁବନେଶ୍ୱର,୨୦।୩(ରବିନାରାୟଣ ଜେନା)

ବିଧାନସଭାରେ ଶୁକ୍ରବାର ପୂର୍ତ୍ତ, ଉଚ୍ଚଶିକ୍ଷା ଏବଂ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ପକ୍ଷରୁ ଖର୍ଚ୍ଚ ଦାବି ଆଲୋଚନା କାଳରେ କିଛି ନୂଆ କଥା ଦେଖିବାକୁ ମିଳିଥିଲା। ଏସ୍‌ସିବି ଅଗ୍ନିକାଣ୍ଡ ପ୍ରସଙ୍ଗରେ ବିଜେଡି ଓ କଂଗ୍ରେସ ସଦସ୍ୟମାନେ ସରକାରଙ୍କୁ ବିରୋଧ କରି କକ୍ଷ ତ୍ୟାଗ କରିଥିଲେ। କଂଗ୍ରେସରୁ ନିଲମ୍ବିତ ସୋଫିଆ ଫିର୍ଦ୍ଦୋସ ଏବଂ ଦାଶରଥି ଗମାଙ୍ଗ ଏହି ସମୟରେ ଗୃହରେ ପ୍ରବେଶ କରି ନିଜ ଆସନରେ ବସିଥିଲେ। ପୂର୍ବରୁ ବିଜେଡିରୁ ନିଲମ୍ବିତ ଅରବିନ୍ଦ ମହାପାତ୍ର ଗୃହରେ ଥିଲେ। ରାଜ୍ୟ ସରକାରଙ୍କ ପକ୍ଷରୁ ଆସିଥିବା ଖର୍ଚ୍ଚ ଦାବି ଆଲୋଚନାକୁ ସ୍ୱାଗତ କରି ଭାଜପା ସଦସ୍ୟ ବାବୁ ସିଂ କହିଥିଲେ, ପୂର୍ବ ସରକାର ସମୟରେ ଦୟା ୱେଷ୍ଟ କେନାଲ ଜବରଦଖଲରେ ରହିଥିଲା। ମାତ୍ର ଭାଜପା ସରକାର ଏବେ ଉଭୟପାର୍ଶ୍ୱରେ ଚାରା ରୋପଣ କରି ଜୈବ ବିବିଧତାକୁ ବଜାୟ ରଖିବା ଦିଗରେ ପଦକ୍ଷେପ ନେଇଛନ୍ତି। ସେହିପରି ସାଲିଆସାହି ଯୋଗୁ ଏକାମ୍ରକାନନଠାରୁ ନନ୍ଦନକାନନ ରାସ୍ତା କାର୍ଯ୍ୟ ଆଗେଇ ପାରୁ ନ ଥିଲା, ହେଲେ ଭାଜପା ସରକାର ଏହି କାର୍ଯ୍ୟକୁ ଆଗେଇ ନେଇଛି। ପୂର୍ତ୍ତ ବିଭାଗର ୧୩୪୫୧.୦୦ କୋଟି ଟଙ୍କାର ବଜେଟ ରାଜ୍ୟରେ ଭିତ୍ତିଭୂମି ସୁଦୃଢ଼ କରିବାରେ ସହାୟକ ହେବ ବୋଲି କହିଥିଲେ। ସେହିପରି ଭାଜପା ସଦସ୍ୟ ଦୁଷ୍ମନ୍ତ କୁମାର ସ୍ୱାଇଁ ଓ ଅମର ନାୟକ ବଜେଟକୁ ସ୍ୱାଗତ କରିଥିଲେ।

ଏହି ଅବସରରେ କଂଗ୍ରେସରୁ ନିଲମ୍ବିତ ସଦସ୍ୟ ଦାଶରଥି ଗମାଙ୍ଗ ଖର୍ଚ୍ଚ ଦାବି ଆଲୋଚନାକୁ ପ୍ରଥମେ ଆରମ୍ଭ କରି ବିରୋଧ କରିଥିଲେ। ମାତ୍ର ପରବର୍ତ୍ତୀ ପର୍ଯ୍ୟାୟରେ ରାଜ୍ୟ ସରକାରଙ୍କ ବଜେଟ, ମୁଖ୍ୟମନ୍ତ୍ରୀଙ୍କୁ ବାରମ୍ବାର ଧନ୍ୟବାଦ ଦେଇ ଚାଲିଥିଲେ। ସୋଫିଆ କହିଥିଲେ, ସରକାରଙ୍କୁ ୧୦ବର୍ଷର ଠିକାଦାରଙ୍କ କାର୍ଯ୍ୟକାରିତାକୁ ନେଇ ଏକ ରିପୋର୍ଟ ମାଗିଥିଲି, ହେଲେ ମୋତେ ଏକ 'ସିଡୀ' ମିଳିଥିଲା; ଯେଉଁଥିରେ ଅନେକ ହଜାର କାମ ବିଳମ୍ବରେ ହୋଇଥିବା ଦେଖିବାକୁ ପାଇଥିଲି। ହେଲେ ହାତଗଣତି କେତେକ ଠିକାଦାରଙ୍କୁ ସରକାର କାର୍ଯ୍ୟାନୁଷ୍ଠାନ ସ୍ୱରୂପ ବ୍ଲାକ୍‌ଲିଷ୍ଟେଡ କରିଛନ୍ତି। କଟକରେ ଥିବା ସ୍କୁଲଗୁଡ଼ିକର ବିପଦସଙ୍କୁଳ କୋଠାକୁ ତୁରନ୍ତ ମରାମତି କରିବାର ଆବଶ୍ୟକ।

ଅରବିନ୍ଦ ମହାପାତ୍ର କହିଥିଲେ, ଇଂଲିଶ ଶିକ୍ଷାର ଆବଶ୍ୟକତା ରହିଛି। ଏହିଦୃଷ୍ଟିରୁ ଓଡ଼ିଶା ଆଦର୍ଶ ବିଦ୍ୟାଳୟରେ ସିଟ୍ ସଂଖ୍ୟା ବଢ଼ାଯାଉ। ଗ୍ରାମାଞ୍ଚଳରେ ପରିବହନ ସେବା ଏବଂ ରାସ୍ତା ଠିକ୍ ରହିଲେ ଛାତ୍ରୀଛାତ୍ର ପାଠପଢ଼ା ପ୍ରତି ଅଧିକ ଆଗ୍ରହ ପ୍ରକାଶ କରନ୍ତେ ବୋଲି ସେ କହିଥିଲେ। ଆଲୋଚନାରେ ଭାଗ ନେଇ ଭାଜପା ସଦସ୍ୟ ସନ୍ତୋଷ ଖଟୁଆ ଏହି ନିଲମ୍ବିତ ୩ ବିଧାୟକଙ୍କୁ ଗୁଣ୍ଡୁଚି ମୂଷା ଭାବେ ଅଭିହିତ କରିଥିଲେ। ସେ ରାଜ୍ୟ ସରକାରଙ୍କ ଭିଜନ-୨୦୩୬ ସହିତ ରାମ ସେତୁକୁ ତୁଳନା କରି ଏହି ୩ ବିଧାୟକଙ୍କ ଯୋଗଦାନ ନିଶ୍ଚିତ ଭାବେ ସ୍ମରଣୀୟ ରହିବ ବୋଲି କହି ବଜେଟକୁ ସ୍ୱାଗତ କରିଥିଲେ। ଆଲୋଚନାରେ ଭାଜପା ସଦସ୍ୟ ପୂର୍ଣ୍ଣଚନ୍ଦ୍ର ସେଠୀ, ନରସିଂହ ଭତ୍ରା, ପ୍ରତାପ ଚନ୍ଦ୍ର ନାୟକ ପ୍ରମୁଖ ଅଂଶ ଗ୍ରହଣ କରିଥିଲେ।

ଗଣଶିକ୍ଷା ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ ଉତ୍ତର ରଖି କହିଥିଲେ, ବିଭାଗ ପାଇଁ ୨୦୨୬-୨୭ ଆର୍ଥିକବର୍ଷ ଲାଗି ୩୧ହଜାର ୯୯୭ କୋଟି ୨୩ଲକ୍ଷ ୨୦ହଜାର ଟଙ୍କାର ବଜେଟ ବ୍ୟବସ୍ଥା ହୋଇଛି। ସରକାରଙ୍କ ପକ୍ଷରୁ ଗୋଦାବରୀଶ ମିଶ୍ର ଆଦର୍ଶ ପ୍ରାଥମିକ ବିଦ୍ୟାଳୟ ଯୋଜନା ପାଇଁ ୧୦୧୦ କୋଟି ଟଙ୍କା ରହିଛି। ଚଳିତ ବର୍ଷ ୨୦ ହଜାର ଶିକ୍ଷକ ପଦବୀ ପୂରଣ କରାଯିବ। ନବମ ଓ ଦଶମ ଶ୍ରେଣୀ ଛାତ୍ରୀଛାତ୍ରଙ୍କୁ ମାଗଣା ପାଠ୍ୟ ପୁସ୍ତକ ଯୋଗାଇ ଦିଆଯିବ। ଏହି ବଜେଟରେ ପ୍ରଶାସନିକ ବ୍ୟୟ ପାଇଁ ୧୬,୧୪୭ କୋଟିରୁ ଅଧିକ ଏବଂ କାର୍ଯ୍ୟକ୍ରମ ବ୍ୟୟ ପାଇଁ ୧୫,୮୪୯ କୋଟିରୁ ଅଧିକ ରହିଛି। ସମଗ୍ର ଶିକ୍ଷା ପାଇଁ ୧୧୩୧ କୋଟି ୨୨ ଲକ୍ଷ ୬୨ ହଜାର, ପ୍ରଧାନମନ୍ତ୍ରୀ ପୋଷଣ ଶକ୍ତି ନିର୍ମାଣ ଯୋଜନା ପାଇଁ ୭୦୯ କୋଟି ୧୦ ଲକ୍ଷ ୪୯ ହଜାର ଏବଂ ମୁଖ୍ୟମନ୍ତ୍ରୀ ପୋଷଣ ଯୋଜନା ପାଇଁ ୭୩୧ କୋଟି ୨୨ ଲକ୍ଷ ୫୫ ହଜାର ଅର୍ଥ ବରାଦ ହୋଇଛି । ଏହାସହ ଓଡ଼ିଶା ଆଦର୍ଶ ବିଦ୍ୟାଳୟ ପାଇଁ ୧୨୨୩ କୋଟି ୯୮ ଲକ୍ଷ ୩୫ ହଜାର ଓ ଛାତ୍ରୀଛାତ୍ରଙ୍କ ସୁବିଧା ପାଇଁ ସାଇକେଲ, ପରିଧାନ ଓ ପାଠ୍ୟପୁସ୍ତକ ବଣ୍ଟନ ଲାଗି ମଧ୍ୟ ଅର୍ଥ ବ୍ୟବସ୍ଥା କରାଯାଇଛି। ସେହିପରି ପୂର୍ତ୍ତ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ ବିଭାଗୀୟ ବଜେଟ ଉପସ୍ଥାପନ କରି ୨୦୨୬-୨୭ ଆର୍ଥିକ ବର୍ଷ ପାଇଁ ପ୍ରଶାସନିକ ବ୍ୟୟ ଅଧୀନରେ ବଜେଟ ୨୭୨୫ କୋଟି ଟଙ୍କା ଏବଂ କାର୍ଯ୍ୟକ୍ରମ ବ୍ୟୟ ୧୦୭୨୬ କୋଟି ଟଙ୍କାର ବ୍ୟବସ୍ଥା କରାଯାଇଛି। ମୋଟ ବଜେଟ ୧୩୪୫୧ କୋଟି ଟଙ୍କା ରହିଛି। ବିଭାଗ ୫ ବର୍ଷ ମଧ୍ୟରେ ୧୫୦୦୦ କି.ମି. ବିଶ୍ୱସ୍ତରୀୟ ରାସ୍ତା ନେଟ୍‌ୱର୍କ ନିର୍ମାଣ କରିବାକୁ ଯୋଜନା କରିଛି ବୋଲି କହିଥିଲେ।

ଉଚ୍ଚଶିକ୍ଷା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ ୨୦୨୬-୨୭ ଆର୍ଥିକବର୍ଷ ପାଇଁ ୩୬୬୪.୪୦ କୋଟି ଟଙ୍କାର ବ୍ୟୟବରାଦ ଉପସ୍ଥାପନ କରିଥିଲେ। ଏଥିରେ ପ୍ରଶାସନିକ ଖର୍ଚ୍ଚ ପାଇଁ ୧୮୬୫.୮୬ କୋଟି ଟଙ୍କା ଏବଂ ବିଭିନ୍ନ କାର୍ଯ୍ୟକ୍ରମ ଓ ଯୋଜନାର ସଫଳ ରୂପାୟନ ନିମନ୍ତେ ୧୭୯୮.୫୪ କୋଟି ଟଙ୍କାର ବ୍ୟୟ ବରାଦ କରାଯାଇଛି।ଏହି ଅବସରରେ ବାଚସ୍ପତି ତିନି ବିଭାଗର ଖର୍ଚ୍ଚ ଦାବିକୁ ବାଚନିକ ଭୋଟରେ ପାରିତ କରିଥିଲେ।

## ଅବଶିଷ୍ଟାଂଶ

### ୧ ଡଲାର....

ସୃଷ୍ଟି କରିଛି। ମାର୍ଚ୍ଚ ୧୩ରେ ଶେଷ ହୋଇଥିବା ସପ୍ତାହରେ ଦେଶର ଫରେକ୍ସ ରିଜର୍ଭରେ ୭.୦୫୨ ବିଲିୟନ୍ ଡଲାର ହ୍ରାସ ଘଟିବାରୁ ଏହା ୭୦୯.୭୫୯ ବିଲିୟନ୍ ଡଲାରକୁ ଖସିଯାଇଥିଲା। ଏହି ଧାରା ଅଦ୍ୟାବଧି ଜାରି ରହିଥିବାରୁ ସଦ୍ୟ ସ୍ଥିତି ସମ୍ପର୍କିତ ବିବରଣୀ ଆସନ୍ତା ସପ୍ତାହରେ ସ୍ପଷ୍ଟ ହେବ। ଶୁକ୍ରବାର ଆର୍‌ବିଆଇ ପକ୍ଷରୁ ଜାରି ତଥ୍ୟାନୁସାରେ ପୂର୍ବ ସପ୍ତାହରେ ଭାରତୀୟ ଫରେକ୍ସ ରିଜର୍ଭରେ ମୋଟ ୧୧.୬୮୩ ବିଲିୟନ୍ ଡଲାର ହ୍ରାସ ପରିଲକ୍ଷିତ ହୋଇଥିଲା। ଫଳରେ ଏହା ୭୧୬.୮୧ ବିଲିୟନ୍ ଡଲାରକୁ ଖସିଯାଇଥିଲା। ସେହିପରି ସ୍ପେଶିଆଲ ଡ୍ରଇଂ ରାଇଟ୍ସ (ଏସ୍‌ଡିଆର୍)ରେ ୨୩ ନିୟୁତ ଡଲାର ହ୍ରାସ ଘଟିବାରୁ ଏହା ୧୮.୬୯୭ ବିଲିୟନ୍ ଡଲାରକୁ ଖସିଛି। ଅନ୍ତର୍ଜାତୀୟ ମୁଦ୍ରାପାଣ୍ଠି (ଆଇଏମ୍‌ଏଫ୍)ରେ ଭାରତର ରିଜର୍ଭ ପୋଜିଶନ୍ ମଧ୍ୟ ୪.୮୧୪ ବିଲିୟନ୍ ଡଲାରକୁ ହ୍ରାସ ପାଇଥିବା କେନ୍ଦ୍ରୀୟ ବ୍ୟାଙ୍କ ପକ୍ଷରୁ ଜାରି ଏକ ବିବୃତିରେ ସୂଚନା ଦିଆଯାଇଛି। ଅନ୍ୟପକ୍ଷେ ଭାରତର ଗୋଲ୍ଡ ରିଜର୍ଭରେ ୬୬୪ ନିୟୁତ ଡଲାର ବୃଦ୍ଧି ସହ ସୁନା ଭଣ୍ଡାର ୧୩୦.୬୮୧ ବିଲିୟନ୍ ଡଲାର ଛୁଇଁବା ଭାରତୀୟ ଅର୍ଥନୀତି ପାଇଁ ସାମାନ୍ୟ ଆଶ୍ୱସ୍ତି ଆଣିଦେଇଛି।

### ପ୍ରିମିୟମ ପେଟ୍ରୋଲ ...

ଉଠାପକାର କାରଣ ହୋଇଥିବାରୁ ଆଗକୁ ସଂଘର୍ଷ ବିରାମ ନ ହେଲେ ସାଧାରଣ ପେଟ୍ରୋଲ ମୂଲ୍ୟ ବଢ଼ିବାରେ ବୋଲି ବିଶେଷଜ୍ଞମାନେ ମତ ଦେଇଛନ୍ତି। ଦିଲ୍ଲୀରେ ନର୍ମାଲ ପେଟ୍ରୋଲ ଲିଟର ପିଛା ୯୪.୭୭ ଟଙ୍କା ରହିଛି। ସେହିପରି ନର୍ମାଲ ଡିଜେଲ ଲିଟର ପିଛା ୮୭.୬୭ ଟଙ୍କାରେ ବିକ୍ରି ହେଉଛି।

### ନିୟମିତ ହେଲେ ...

ନେଇ ଶିକ୍ଷକ ମହଲରେ ଆନନ୍ଦ ପ୍ରକାଶ ପାଇଛି। ଏନେଇ ଗଣଶିକ୍ଷା ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ କହିଛନ୍ତି, ରାଜ୍ୟ ସରକାରଙ୍କ ପକ୍ଷରୁ ସବୁ ବର୍ଗର ଶିକ୍ଷକମାନଙ୍କ ନ୍ୟାୟୋଚିତ ଦାବି ପୂରଣ ଦିଗରେ ସରକାର ଯତ୍ନବାନ ଅଛନ୍ତି। ପର୍ଯ୍ୟାୟକ୍ରମେ ବିଭିନ୍ନ ବର୍ଗର ଶିକ୍ଷକଙ୍କ ଦାବି ପୂରଣ କରାଯିବ।

ଧରିତ୍ରୀ
DHARITRI
ଧରିତ୍ରୀ 52 Years
ଭୁବନେଶ୍ୱର, ଶନିବାର, ମାର୍ଚ୍ଚ ୨୧/୨୦୨୬ | Bhubaneswar, Saturday, March 21/2026




ପର୍ଯ୍ୟଟନ ବିଭାଗ ପକ୍ଷରୁ ଭୁବନେଶ୍ୱରସ୍ଥିତ ପାନ୍ଥନିବାସଠାରେ ଶୁକ୍ରବାର ଆୟୋଜିତ ରାଜ୍ୟସ୍ତରୀୟ 'ପଖାଳ ପରବ'ରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ, ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା, ମନ୍ତ୍ରୀ ଗଣେଶ ରାମ ସିଂ ଖୁଣ୍ଟିଆ, ମୁଖ୍ୟ ଶାସନ ସଚିବ ଅନୁ ଗର୍ଗଙ୍କ ସମେତ ଅନ୍ୟ ଅତିଥିମାନେ ପ୍ରସ୍ତୁତ ପଖାଳ ସହ ବିଭିନ୍ନ ପ୍ରକାରର ଓଡ଼ିଆ ବ୍ୟଞ୍ଜନ ଦେଖୁଛନ୍ତି। (ରିପୋର୍ଟ: ପୃଷ୍ଠା-୧୦)

# ସଂରକ୍ଷିତ ଅଞ୍ଚଳରେ ବନ୍ୟପ୍ରାଣୀଙ୍କ ବାସସ୍ଥଳୀ ନଷ୍ଟ ଅପରାଧ: ସୁପ୍ରିମକୋର୍ଟ

ନୂଆଦିଲ୍ଲୀ,୨୦।୩(ପି.ଟି.)

ବନ୍ୟପ୍ରାଣୀ ଓ ଜଙ୍ଗଲ ସୁରକ୍ଷା ପାଇଁ ରହିଛି ସଂରକ୍ଷିତ ଅଞ୍ଚଳ। ଏଠାରେ କୌଣସି ମାନବୀୟ କାର୍ଯ୍ୟକଳାପ ଯୋଗୁ ବନ୍ୟପ୍ରାଣୀଙ୍କ ବାସସ୍ଥଳ ନଷ୍ଟ ହେଲେ ତାହାକୁ ଅପରାଧ ଭାବେ ଗଣାଯିବ। ଏନେଇ ବିଭିନ୍ନ ଆଇନ ଅନୁଯାୟୀ ଦଣ୍ଡ ଓ ଜରିମାନା ବ୍ୟବସ୍ଥା କରାଯିବ ବୋଲି ସୁପ୍ରିମକୋର୍ଟ ଶୁକ୍ରବାର ଗୁରୁତ୍ୱପୂର୍ଣ୍ଣ ଟିପ୍ପଣୀ ଦେଇଛନ୍ତି। ଜାତୀୟ ଚମ୍ବଲ ଅଭୟାରଣ୍ୟରେ ବ୍ୟାପକ ବେଆଇନ ବାଲି ଖନନ ଓ ଏହାଦ୍ୱାରା ବିରଳ ଜଳଚର ପ୍ରାଣୀଙ୍କ ବାସସ୍ଥଳୀ ନଷ୍ଟ ହେବା ଘଟଣାକୁ ସୁପ୍ରିମକୋର୍ଟ ଅତି ଗମ୍ଭୀରତାର ସହ ଗ୍ରହଣ କରି ଏଭଳି କଠୋର ଆଭିମୁଖ୍ୟ ଗ୍ରହଣ କରିଛନ୍ତି।

ଜଷ୍ଟିସ ବିକ୍ରମ ନାଥ ଏବଂ ଜଷ୍ଟିସ ସନ୍ଦୀପ ମେହେଟ୍ଟାଙ୍କୁ ନେଇ ଗଠିତ ଖଣ୍ଡପୀଠ କହିଛନ୍ତି ଯେ, ସଂରକ୍ଷିତ ଅଞ୍ଚଳରେ ପ୍ରାକୃତିକ ପରିବେଶକୁ କ୍ଷତି ପହଞ୍ଚାଇବା ଦଣ୍ଡନୀୟ ଅପରାଧ ଏବଂ ଏଥିପାଇଁ ବିଭିନ୍ନ କଠୋର ଆଇନ ଅନୁଯାୟୀ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ। ରାଜସ୍ଥାନ, ଉତ୍ତରପ୍ରଦେଶ ଏବଂ ମଧ୍ୟପ୍ରଦେଶର ବିଭାଗୀୟ ଅଧିକାରୀମାନେ ନିଜ କର୍ତ୍ତବ୍ୟରେ ଅବହେଳା କରୁଛନ୍ତି। ବେଆଇନ ବାଲି ଖନନକୁ ରୋକିବାରେ ବିଫଳ ହୋଇଥିବାରୁ ବନ ବିଭାଗ, ଖଣି ବିଭାଗ, ଜଳସମ୍ପଦ ବିଭାଗ ଏବଂ ପୋଲିସ ପ୍ରଶାସନର ଅଧିକାରୀମାନଙ୍କୁ ଏହି ବିନାଶ ପାଇଁ 'ପରୋକ୍ଷ ଭାବେ ଦାୟୀ' କରାଯିବ।

ଚମ୍ବଲ ଅଭୟାରଣ୍ୟକୁ 'ଜାତୀୟ ଚମ୍ବଲ ଘଡ଼ିଆଳ ବନ୍ୟପ୍ରାଣୀ ଅଭୟାରଣ୍ୟ' ମଧ୍ୟ କୁହାଯାଏ। ଏହା ଭାରତର ଅନନ୍ୟ ଜୈବବିବିଧତା ସମ୍ପନ୍ନ କ୍ଷେତ୍ର। ପ୍ରାୟ ୫,୪୦୦ ବର୍ଗ କିଲୋମିଟର ☞ପୃଷ୍ଠା-୧୨

# ଜେନ୍ ଜି ବନାମ ମିଲେନିଆଲ୍: ଲକ୍ଷ୍ୟ ଯଦି ଭିନ୍ନ, ନିବେଶର ଢଙ୍ଗ ସମାନ ହେବ କାହିଁକି?

ରିସ୍କ ଏବଂ ରିଟର୍ନ ମଧ୍ୟରେ ଏକ ଉପଯୁକ୍ତ ଭାରସାମ୍ୟ ବଜାୟ ରଖି ଆର୍ଥିକ ଲକ୍ଷ୍ୟ ପୂରଣ କରିବାରେ ମ୍ୟୁଚୁଆଲ୍ ଫଣ୍ଡ ପ୍ରମୁଖ ଭୂମିକା ଗ୍ରହଣ କରିଥାଏ।

ଏଏମ୍ଏଫ୍ଆଇ ଅନୁଯାୟୀ, ଗତ ଦୁଇ ବର୍ଷ ମଧ୍ୟରେ ଖୋଲାଯାଇଥିବା ନୂଆ ମ୍ୟୁଚୁଆଲ ଫଣ୍ଡ ଏସ୍ଆଇପି ଆକାଉଣ୍ଟଗୁଡ଼ିକ ମଧ୍ୟରୁ ୮୦% ରୁ ଅଧିକ ୩୫ ବର୍ଷରୁ କମ୍ ବୟସର ବ୍ୟକ୍ତିଙ୍କର ଅଟେ। ସେମାନଙ୍କ ପାଇଁ ନିବେଶ କେବଳ ଏକ ହବି ହୋଇ ନ ଥାଏ; ସେମାନେ ଦ୍ରୁତ ଗତିରେ ଧନ ଗଠନ କରିଥାନ୍ତି, ଆର୍ଥିକ ସ୍ୱାଧୀନତା ଖୋଜନ୍ତି ଏବଂ ପାରମ୍ପରିକ ଏଫ୍ଡି ଏବଂ ସୁନାରୁ ବହୁତ ଆଗକୁ ଚିନ୍ତା କରିଥାନ୍ତି।

କିନ୍ତୁ କଥା ହେଉଛି ଜେନ୍ ଜି ଏବଂ ମିଲେନିଆଲ୍ସ ସମାନ ଢଙ୍ଗରେ ନିବେଶ କରିବା ଉଚିତ୍ ନୁହେଁ। ବିଭିନ୍ନ ଜୀବନ ପର୍ଯ୍ୟାୟ, ଲକ୍ଷ୍ୟ ଏବଂ ରିସ୍କ ନେବାର ସାମର୍ଥ୍ୟ ଏହା ସୂଚାଇଥାଏ ଯେ, ଭାରତରେ ମ୍ୟୁଚୁଆଲ ଫଣ୍ଡ ଜେନ୍ ଜି ବ୍ୟକ୍ତିଙ୍କ ପାଇଁ ଉପଯୁକ୍ତ ହୋଇପାରେ କିନ୍ତୁ ମିଲେନିଆଲ୍ ବୃତ୍ତିଧାରୀଙ୍କ ପାଇଁ ହୁଏତ ତାହା ଏକ ଆଦର୍ଶ ପସନ୍ଦ ହୋଇ ନ ପାରେ।

### ଜେନ୍ ଜି ବନାମ ମିଲେନିଆଲ୍: ସେମାନେ କେଉଁ ପ୍ରକାରର ନିବେଶକ?

| ମାନଦଣ୍ଡ | ଜେନ୍ ଜି | ମିଲେନିଆଲ୍ |
|---|---|---|
| ଜନ୍ମ ବର୍ଷ | ୧୯୯୭-୨୦୧୨ (୨୦୨୬ରେ ବୟସ ~୨୧-୨୯) | ୧୯୮୧-୧୯୯୬ (୨୦୨୬ରେ ବୟସ ~୩୦-୪୫) |
| ନିବେଶ ସମୟ | ଦୀର୍ଘମିଆଦୀ (୨୫-୩୫+ ବର୍ଷ) | ମଧ୍ୟମରୁ ଦୀର୍ଘମିଆଦୀ (୧୦-୨୫ ବର୍ଷ) |
| ରିସ୍କ ନେବାର ସାମର୍ଥ୍ୟ | ଉଚ୍ଚ-ଇକ୍ୱିଟି ଓ ଗ୍ଲୋବାଲ ଫଣ୍ଡକୁ ନେଇ ସ୍ୱଚ୍ଛନ୍ଦ | ମଧ୍ୟମରୁ ଉଚ୍ଚ- ଐତିହାସିକ ରିଟର୍ନଯୁକ୍ତ ପାଣ୍ଠି ପସନ୍ଦ କରନ୍ତି |
| ପ୍ରାଥମିକ ଲକ୍ଷ୍ୟ | ଧନ ନିର୍ମାଣ, ଏଫ୍ଆଇଆର୍ଇ, ପ୍ରଥମ କାର/ଘର | ଅବସର, ପିଲାଙ୍କ ପାଠପଢ଼ା, ଆର୍ଥିକ ସ୍ଥିରତା |
| ମାସିକ ଆୟ | ପ୍ରାରମ୍ଭିକ ଆୟ, ଫ୍ରିଲାନ୍ସର୍, ପାର୍ଶ୍ୱ ଆୟ | ବେତନଭୋଗୀ ବୃତ୍ତିଧାରୀ, ଦ୍ୱୈତ ଆୟଧାରୀ ପରିବାର |
| ପସନ୍ଦର ଶୈଳୀ | ମୋବାଇଲ-ପ୍ରଥମ, ସୋସିଆଲ-ଫାଇନାନ୍ସ (ୟୁଟ୍ୟୁବ୍, ଇନ୍ଷ୍ଟା) | ଆପ୍/ୱେବ୍ ଆଧାରିତ, ରୋବୋ ଆଡଭାଇଜରଙ୍କ ବ୍ୟବହାର |
| ଆଚରଣ | ପରୀକ୍ଷାମୂଳକ, ଟେକ୍ ଓ ଟ୍ରେଣ୍ଡ ଅଭିମୁଖୀ | ରଣନୈତିକ, ଟିକସ-ଅନୁକୂଳ, ଲକ୍ଷ୍ୟ ଅଭିମୁଖୀ |

### ଜେନ୍ ଜିଙ୍କ ପାଇଁ ମ୍ୟୁଚୁଆଲ ଫଣ୍ଡ ବର୍ଗ

» **ଇଣ୍ଡେକ୍ସ ଫଣ୍ଡ:** ଏସ୍ଆଇପି ପାଇଁ ସର୍ବୋପଯୁକ୍ତ। ଏହା ନିଫ୍ଟି ୫୦ କିମ୍ବା ନିଫ୍ଟି ନେକ୍ସଟ୍ ୫୦ ଭଳି ସୂଚକାଙ୍କ ସହ ତାଳ ଦେଇ ଚାଲିଥାଏ ଓ ସ୍ୱଳ୍ପ ବ୍ୟୟ ଅନୁପାତ ସହ ଆସିଥାଏ। » **ଫ୍ଲେକ୍ସି-କ୍ୟାପ୍ ଫଣ୍ଡ:** ଲାର୍ଜ, ମିଡ୍ ଓ ସ୍ମଲ୍-କ୍ୟାପ୍ ଷ୍ଟକ୍ସରେ ନିବେଶ, ରିସ୍କ ପ୍ରବନ୍ଧନ ସହ ସୁଯୋଗକୁ ସନ୍ଧାନ କରିବାର ସ୍ୱାଧୀନତା। » **ଇଏଲ୍ଏସ୍ଏସ୍:** ୩-ବର୍ଷର ଲକ୍-ଇନ୍ ସହିତ ସେକ୍ସନ୍ ୮୦ ସି ଅଧୀନରେ ଟିକସ ଅବ୍ୟାହତି। ଚାକିରିରେ ନବନିଯୁକ୍ତଙ୍କ ପାଇଁ ଆଦର୍ଶ। » **ଥିମାଟିକ୍ ଓ ସେକ୍ଟରାଲ ଫଣ୍ଡ:** ଜେନ୍ ଜି ଏଆଇ, ବୈଦ୍ୟୁତିକ ଯାନ ଓ ଫିନଟେକ୍ ଭଳି ଭବିଷ୍ୟଧର୍ମୀ ଧାରଣା ସହ ଜଡ଼ିତ ହୋଇଥାନ୍ତି। ଏହି ଫଣ୍ଡଗୁଡ଼ିକ ସେମାନଙ୍କୁ ଉକ୍ତ ସେକ୍ଟରଗୁଡ଼ିକରେ ସିଧାସଳଖ ନିବେଶ କରିବାକୁ ଅନୁମତି ଦେଇଥାଏ। » **ଓଭରସିଜ୍ ମ୍ୟୁଚୁଆଲ ଫଣ୍ଡ:** ଏହି ଫଣ୍ଡଗୁଡ଼ିକୁ ଆପଲ୍, ଏନଭିଡିଆ ଏବଂ ଟେସ୍ଲା ଭଳି ବିଶ୍ୱର ବଡ଼ ବଡ଼ କମ୍ପାନୀରେ ନିବେଶ କରିବାର ସୁଯୋଗ ଦେଇଥାଏ।

### ମିଲେନିଆଲ୍ସଙ୍କ ପାଇଁ ମ୍ୟୁଚୁଆଲ ଫଣ୍ଡ ବର୍ଗ

» **ଲାର୍ଜ କ୍ୟାପ୍ ଫଣ୍ଡ:** ଭାରତର ଶ୍ରେଷ୍ଠ ୧୦୦ କମ୍ପାନୀରେ ନିବେଶ (ଯଥା- ରିଲାଏନ୍ସ, ଟିସିଏସ୍)। ଏଗୁଡ଼ିକ କମ୍ ଅସ୍ଥିରତା ସହ ସ୍ଥିର ରିଟର୍ନ ଦେଇଥାଏ। » **ମଲ୍ଟି-କ୍ୟାପ୍/ଫ୍ଲେକ୍ସି-କ୍ୟାପ୍ ଫଣ୍ଡ:** ଅତ୍ୟଧିକ ଆକ୍ରାମକ ନ ହୋଇ ଅଭିବୃଦ୍ଧି ଚାହୁଁଥିବା ମିଲେନିଆଲଙ୍କ ପାଇଁ ଆଦର୍ଶ। » **ହାଇବ୍ରିଡ୍ ଆଗ୍ରେସିଭ୍ ଫଣ୍ଡ:** ସାଧାରଣତଃ ଇକ୍ୱିଟିରେ ୬୫-୮୦% ଏବଂ ଡେବ୍ଟରେ ୨୦-୩୫%ରେ ନିବେଶ, ଯାହା ବଜାର ଅସ୍ଥିରତା ସମୟରେ ଆଶ୍ୱସ୍ତି ପ୍ରଦାନ କରିଥାଏ। » **ବାଲାନ୍ସଡ୍ ଆଡଭାଣ୍ଟେଜ୍ ଫଣ୍ଡ:** ଏଗୁଡ଼ିକ ବଜାର ପରିସ୍ଥିତି ଆଧାରରେ ଡାଇନାମିକ୍ ଭାବେ ଇକ୍ୱିଟି-ଡେବ୍ଟ ଆଲୋକେଶନକୁ ଆଡଜଷ୍ଟ କରିଥାଏ। » **ମିଡ୍ କ୍ୟାପ୍ ଫଣ୍ଡ:** ୭+ ବର୍ଷ ଦୂରରେ ଥିବା ଲକ୍ଷ୍ୟଗୁଡ଼ିକ ପାଇଁ ଉପଯୁକ୍ତ।

### ଜେନ୍ ଜି ସଅଳ ନିବେଶ ଆରମ୍ଭ କରିବା କାହିଁକି ଉଚିତ୍?

ଧରନ୍ତୁ ଆପଣ ୨୦ ବର୍ଷ ବୟସରେ ୧୨%ର ବାର୍ଷିକ ରିଟର୍ନ ସହ ମାସିକ ୫୦୦୦ ଟଙ୍କା ନିବେଶ ଆରମ୍ଭ କଲେ। ଆପଣଙ୍କର ନିବେଶ ନିମ୍ନ ଅନୁଯାୟୀ ଅଭିବୃଦ୍ଧି ଲାଭ କରିବ:



ସିଦ୍ଧାର୍ଥ ଦମାନି
ମୁଖ୍ୟ, ନିବେଶକ ଶିକ୍ଷା ଏବଂ ବିତରକ ବିକାଶ

| ନିବେଶ ଅବଧି | ମୋଟ ନିବେଶ | ଭବିଷ୍ୟତର ମୂଲ୍ୟ (ଆନୁମାନିକ) |
|---|---|---|
| ୧୦ ବର୍ଷ | ₹୬,୦୦,୦୦୦ | ₹୧୧.୬ ଲକ୍ଷ |
| ୨୦ ବର୍ଷ | ₹୧୨,୦୦,୦୦୦ | ₹୪୯.୯ ଲକ୍ଷ |
| ୩୦ ବର୍ଷ | ₹୧୮,୦୦,୦୦୦ | ₹୧.୭୬ କୋଟି |

ଏହା ହେଉଛି ଚକ୍ରବୃଦ୍ଧିର ଶକ୍ତି: ଆପଣଙ୍କ ଟଙ୍କା ରିଟର୍ନ ଅର୍ଜନ କରିଥାଏ, ପୁଣି ଅର୍ଜିତ ରିଟର୍ନ ଉପରେ ମଧ୍ୟ ରିଟର୍ନ ଅର୍ଜିତ ହୁଏ ଯାହାଦ୍ୱାରା ରିଟର୍ନର ଚକ୍ରବୃଦ୍ଧି ଘଟିଥାଏ।

### ଆପଣଙ୍କ ଏସ୍ଆଇପିକୁ ଅଧିକତମ କରିବା ପାଇଁ ଟିପ୍ସ

- ଯଥାସମ୍ଭବ ସଅଳ ନିବେଶ ଆରମ୍ଭ କରନ୍ତୁ: ଆପଣ ଯେତେ ଶୀଘ୍ର ଆରମ୍ଭ କରିବେ, ଚକ୍ରବୃଦ୍ଧିର ଲାଭ ସେତେ ବେଶି ହେବ।
- ପ୍ରତିବର୍ଷ ଏସ୍ଆଇପିର ପରିମାଣ ବଢ଼ାନ୍ତୁ: ଆପଣଙ୍କ ନିବେଶରେ ମାତ୍ର ୧୦% ବାର୍ଷିକ ବୃଦ୍ଧି ଆପଣଙ୍କ ରିଟର୍ନକୁ ସୁପରଚାର୍ଜ କରିପାରିବ।
- ନିବେଶକୁ ବଜାୟ ରଖନ୍ତୁ: ବଜାର ଅଧୋଃଗାମୀ ହେଲେ ଆତଙ୍କିତ ହୁଅନ୍ତୁ ନାହିଁ। ପ୍ରକୃତରେ ଏସ୍ଆଇପି ଅସ୍ଥିରତାରେ ସମୃଦ୍ଧ ହୋଇଥାଏ।
- ବିବିଧକରଣ କରନ୍ତୁ: ନିଜର ରିସ୍କ ଗ୍ରହଣ ସାମର୍ଥ୍ୟ ଆଧାରରେ ଇକ୍ୱିଟି, ଡେବ୍ଟ ଏବଂ ହାଇବ୍ରିଡ୍ ଫଣ୍ଡର ମିଶ୍ରଣ ବଜାୟ ରଖନ୍ତୁ।

**ଦାବିତ୍ୟାଗ:**

*ଏସ୍ଆଇପି: ଏସ୍ଆଇପି ଲାଭ କିମ୍ବା ନିମ୍ନମୁଖୀ ବଜାରରେ କ୍ଷତି ବିରୁଦ୍ଧରେ ସୁରକ୍ଷାର ଗ୍ୟାରେଣ୍ଟି ଦେଇ ନ ଥାଏ। ଦୃଷ୍ଟାନ୍ତ: ଅତୀତର ପ୍ରଦର୍ଶନ ଭବିଷ୍ୟତରେ ବଜାୟ ରହିପାରେ କିମ୍ବା ରହିନପାରେ। ଉପରେ ପ୍ରଦାନ କରାଯାଇଥିବା ଗଣନା ରିଟର୍ନର କଳ୍ପିତ ହାର ଉପରେ ଆଧାରିତ ଏବଂ ତାହା କେବଳ ଦୃଷ୍ଟାନ୍ତ ପାଇଁ ଉଦ୍ଦିଷ୍ଟ। ଉପରେ ଦର୍ଶାଯାଇଥିବା ଜାରିକର୍ତ୍ତାଗଣ / ଷ୍ଟକ୍ / ସେକ୍ଟରଗୁଡ଼ିକୁ ସୁପାରିସ ଭାବେ ବିବେଚନା କରାଯିବା ଉଚିତ ନୁହେଁ। ଫଣ୍ଡ ମ୍ୟାନେଜର(ମାନେ) ସମୟ ସମୟରେ ତାହାକୁ ଧାରଣ କରିବା କିମ୍ବା ନ କରିବା ପସନ୍ଦ କରିପାରନ୍ତି। ଦର୍ଶାଯାଇଥିବା ଯେକୌଣସି କମ୍ପାନୀ କିମ୍ବା ଗ୍ରୁପ୍ର ନାମ କେବଳ ଦୃଷ୍ଟାନ୍ତ ପାଇଁ ଉଦ୍ଦିଷ୍ଟ ଏବଂ ତାହା ଆଦିତ୍ୟ ବିର୍ଲା ସନ୍ ଲାଇଫ୍ ମ୍ୟୁଚୁଆଲ ଫଣ୍ଡ / ଆଦିତ୍ୟ ବିର୍ଲା ସନ୍ ଲାଇଫ୍ ଏଏମ୍ସି ଲିଃର କୌଣସି ସମର୍ଥନ କିମ୍ବା ଅଙ୍ଗୀକରଣକୁ ସୂଚାଇ ନ ଥାଏ। ନିବେଶ ନିଷ୍ପତ୍ତି ନେବା ପୂର୍ବରୁ ଜଣେ ଆର୍ଥିକ ଉପଦେଷ୍ଟାଙ୍କ ସହ ପରାମର୍ଶ କରିବା ପାଇଁ ନିବେଶକମାନଙ୍କୁ ଉପଦେଶ ଦିଆଯାଉଛି।*

*ନିବେଶକ ଶିକ୍ଷା ଓ ସଚେତନତା ପାଇଁ ଆଦିତ୍ୟ ବିର୍ଲା ସନ୍ ଲାଇଫ୍ ମ୍ୟୁଚୁଆଲ ଫଣ୍ଡର ଏକ ପ୍ରୟାସ।*

*ସମସ୍ତ ନିବେଶକଙ୍କୁ ଥରେ ଏକକାଳୀନ କେୱାଇସି (ନିଜ ଗ୍ରାହକଙ୍କୁ ଜାଣନ୍ତୁ) ପ୍ରକ୍ରିୟାର ସମ୍ମୁଖୀନ ହେବାକୁ ପଡ଼ିବ। ନିବେଶକମାନେ କେବଳ ସେବି ସହ ପଞ୍ଜୀକୃତ ମ୍ୟୁଚୁଆଲ ଫଣ୍ଡରେ ନିବେଶ କରିବା ଉଚିତ। କେୱାଇସି ଉପରେ ଅଧିକ ସୂଚନା, ସେବି ପଞ୍ଜୀକୃତ ମ୍ୟୁଚୁଆଲ ଫଣ୍ଡଗୁଡ଼ିକର ତାଲିକା ଏବଂ ଅଭିଯୋଗ ନିରାକରଣ ପଦ୍ଧତିର ବିବରଣୀ ସମେତ ସେବି ସ୍କୋର୍ସ ପୋର୍ଟାଲ ବିଷୟରେ ଅଧିକ ଜାଣିବା ପାଇଁ ଏହି ଲିଙ୍କ୍ ପରିଦର୍ଶନ କରନ୍ତୁ: https://mutualfund.adityabirlacapital.com/Investor-Education/education/kyc-and-redressal।*

*ମ୍ୟୁଚୁଆଲ ଫଣ୍ଡ ନିବେଶଗୁଡ଼ିକ ବଜାରର କ୍ଷତିଭୟ ଅଧୀନ ଅଟେ, ଯୋଜନା ସମ୍ବନ୍ଧୀୟ ସମସ୍ତ ଦସ୍ତାବିଜ ଧ୍ୟାନପୂର୍ବକ ପଢ଼ନ୍ତୁ।*




# ଚତୁର୍ଥ ଦିନରେ ୩୮ ମିନିଟ୍

## ବାଚସ୍ପତିଙ୍କ ମାର୍ଶାଲ- ବିରୋଧୀ ମୁହାଁମୁହିଁ

### ଏସ୍‌ସିବିରେ ରୋଗୀ ମୃତ୍ୟୁ ପାଇଁ ପୂର୍ବ ସରକାର ଦାୟୀ: ଭାଜପା

ଭୁବନେଶ୍ୱର,୨୦।୩(ରବିନାରାୟଣ ଜେନା)

କଟକ ବଡ଼ମେଡିକାଲ ଅଗ୍ନିକାଣ୍ଡ ଘଟଣାରେ ରାଜ୍ୟ ସରକାରଙ୍କ କାର୍ଯ୍ୟାନୁଷ୍ଠାନକୁ ନେଇ ବିରୋଧୀ ବିଜେଡି ଓ କଂଗ୍ରେସ ଶୁକ୍ରବାର ମଧ୍ୟ ବିଧାନସଭାକୁ ଏକପ୍ରକାର ଅଚଳ କରିଦେଇଛନ୍ତି। ଏହି ପ୍ରସଙ୍ଗରେ ବିରୋଧୀ ସଦସ୍ୟମାନେ ଗୃହର ମଧ୍ୟଭାଗକୁ ଆସି ସରକାର ବିରୋଧୀ ବିଭିନ୍ନ ସ୍ଲୋଗାନ ଦେବା ସହିତ ବାଚସ୍ପତିଙ୍କ ପୋଡିୟମକୁ ବାଡ଼ାଇଥିଲେ। ଏହାସହିତ ବାଚସ୍ପତିଙ୍କ ଚୌକି ନିକଟକୁ ଯିବାକୁ ଉଦ୍ୟମ କରିଥିଲେ। ଏହାକୁ ନେଇ ଗୃହରେ ଅସ୍ୱାଭାବିକ ସ୍ଥିତି ସୃଷ୍ଟି ହେବାରୁ ବାଚସ୍ପତି ସୁରମା ପାଢ଼ୀ ବିରୋଧୀ ସଦସ୍ୟଙ୍କୁ ନିଜ ଆସନକୁ ଯିବାକୁ ଅନୁରୋଧ କରିଥିଲେ। ମାତ୍ର ସେମାନେ କର୍ଣ୍ଣପାତ ନ କରି ପ୍ରବଳ ହଇଗୋଳ କରି ଚାଲିଥିଲେ। ଫଳରେ ପ୍ରଥମାର୍ଦ୍ଧରେ ଗୃହ ମାତ୍ର ୩୮ ମିନିଟ୍ ଚାଲିଥିଲା। ପ୍ରଶ୍ନକାଳରେ ୨୨ ମିନିଟ୍ ଏବଂ ଶୂନ୍ୟକାଳରେ ୧୬ ମିନିଟ୍ ଗୃହ ଚାଲିଥିଲା। ପରେ ବାଚସ୍ପତି ସର୍ବଦଳୀୟ ବୈଠକ ଡାକିଥିଲେ। ବୈଠକ ସଫଳ ନ ହେବାରୁ ଅପରାହ୍ନ ଗୋଟାଏରେ ଉପବାଚସ୍ପତି ଭବାନୀ ଶଙ୍କର ଭୋଇ ଗୃହକୁ ଅପରାହ୍ନ ୪ଟା ଯାଏ ମୁଲତବୀ ଘୋଷଣା କରିଥିଲେ।

ଗୃହ କାର୍ଯ୍ୟ ଆରମ୍ଭ ହେବାମାତ୍ରେ ପ୍ରମୁଖ ବିରୋଧୀ ବିଜେଡି ଓ କଂଗ୍ରେସ ସଦସ୍ୟମାନେ ସ୍ୱାସ୍ଥ୍ୟମନ୍ତ୍ରୀଙ୍କ ଇସ୍ତଫା ଦାବିକରି ଗୃହରେ ଏକପ୍ରକାର ଅସ୍ୱାଭାବିକ ପରିସ୍ଥିତି ସୃଷ୍ଟି କରିଥିଲେ। ଏହି ସମୟରେ ବାଚସ୍ପତିଙ୍କ ନିର୍ଦ୍ଦେଶ କ୍ରମେ ଗଣଶିକ୍ଷାମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ ଭାଜପା ବିଧାୟକ ଟଙ୍କଧର ତ୍ରିପାଠୀଙ୍କ ପ୍ରଶ୍ନର ଉତ୍ତର ଦେଇଥିଲେ। ହେଲେ ବିରୋଧୀ ବିଜେଡିର ବରିଷ୍ଠ ସଦସ୍ୟ ବଦ୍ରିନାରାୟଣ ପାତ୍ର, ସାରଦା ପ୍ରସନ୍ନ ଜେନା, ରମେଶ ବେହେରା, ପ୍ରଶାନ୍ତ ବେହେରା, ଅରୁଣ ସାହୁ, ମୁଖ୍ୟସଚେତକ ପ୍ରମିଳା ମଲ୍ଲିକ ଏବଂ କଂଗ୍ରେସ ସଦସ୍ୟ ନୀଳମାଧବ ହିକକା, ପବିତ୍ର ସାଉନ୍ତା, ଡା. ସିଏସ୍ ରାଜନ ଏକ୍କା, ସାଗର ଦାସ ପ୍ରମୁଖ ହଇଗୋଳ କରି ଚାଲିଥିଲେ। ପ୍ରବଳ ହଇଗୋଳ ଭିତରେ ମନ୍ତ୍ରୀ ଗଣ୍ଡ ୪୪ଲକ୍ଷ ୩୯ହଜାର ୬୦୨ ଛାତ୍ରୀଛାତ୍ରଙ୍କୁ ପୋଷାକ ବାବଦରେ ୧ହଜାର ଟଙ୍କା ଲେଖାଏ ପ୍ରଦାନ କରାଯାଉଛି ବୋଲି କହିଥିଲେ। କେଉଁ ଜିଲାରେ କେତେ ଛାତ୍ରୀଛାତ୍ରଙ୍କୁ ପୋଷାକ ବଣ୍ଟନ କରାଯାଉଛି ତା'ର ବିବରଣୀ ପ୍ରଦାନ କରିଥିଲେ। ସେହିପରି ଭାଜପା ସଦସ୍ୟ ମାନସ କୁମାର ଦତ୍ତଙ୍କ ଅନ୍ୟ ଏକ ପ୍ରଶ୍ନର ଉତ୍ତରରେ ଉଚ୍ଚଶିକ୍ଷାମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ ଜାତୀୟ ଶିକ୍ଷାନୀତି କାର୍ଯ୍ୟକାରିତା ସମ୍ପର୍କରେ କହିବା ସହିତ ଫକୀର ମୋହନ ବିଶ୍ୱବିଦ୍ୟାଳୟକୁ 'ନାକ୍ ଏ' ମାନ୍ୟତା ପାଇଁ ସରକାରୀ ପଦକ୍ଷେପ ସମ୍ପର୍କରେ କହିଥିଲେ। ଏହି ସମୟରେ ବାଚସ୍ପତିଙ୍କ ପୋଡିୟମ ଉପରକୁ ଗୋଟିଏ ପଟେ କଂଗ୍ରେସ ଏବଂ ଅନ୍ୟପଟେ ବିଜେଡି ସଦସ୍ୟମାନେ ଉଠିବାକୁ ପ୍ରବଳ ଉଦ୍ୟମ କରିଥିଲେ। ବାଚସ୍ପତିଙ୍କ ମାର୍ଶାଲ ସେମାନଙ୍କୁ ଅଟକାଇବାରୁ ମୁହାଁମୁହିଁ ପର୍ଯ୍ୟନ୍ତ କଥା ଯାଇଥିଲା। ବିରୋଧୀଦଳ ସଦସ୍ୟମାନେ ସରକାର ବିରୋଧୀ ନାରା ☞ପୃଷ୍ଠା-୧୨

# ଏୟାର ଇଣ୍ଡିଆ ପଠାଇଲା ଭୁଲ୍ ବିମାନ

ନୂଆଦିଲ୍ଲୀ,୨୦।୩

ନୂଆଦିଲ୍ଲୀରୁ କାନାଡାର ଭାଙ୍କୋଭର ଉଡ଼ାଣ ପାଇଁ ଏୟାରଇଣ୍ଡିଆ କର୍ତ୍ତୃପକ୍ଷ ଗୁରୁବାର ଭୁଲ୍ ବିମାନ ପଠାଇଥିଲେ। ସେହି ରୁଟ୍‌ରେ ଉଡ଼ିବା ପାଇଁ ଉକ୍ତ ବିମାନକୁ ମଞ୍ଜୁରୀ ମିଳି ନ ଥିଲା। ୯ ଘଣ୍ଟାର ଉଡ଼ାଣ ପରେ ଏହା ଜଣାପଡ଼ିବାରୁ ବୋଇଂ ୭୭୭ ଚାଇନା ଆକାଶରୁ ୟୁଟର୍ନ କରି ନୂଆଦିଲ୍ଲୀ ଫେରିଆସିଥିଲା। ଆବଶ୍ୟକ ଦସ୍ତାବିଜ ଓ ଅନୁମତି ନ ଥାଇ ବିମାନ ଉଡ଼ାଇବା ଏୟାର ଇଣ୍ଡିଆ ପାଇଁ ଏହା ପ୍ରଥମ ଘଟଣା ନୁହେଁ। ଗତବର୍ଷ ନଭେମ୍ବରରେ ଏୟାରବସ୍ ୮ଟି ବ୍ୟବସାୟିକ ଉଡ଼ାଣ ପାଇଁ ଏୟାରବସ୍ ଏ୩୨୦ନିଓ ବିମାନ ବ୍ୟବହାର କରିଥିଲା, ଯାହାର ବୈଧ ଉଡ଼ାଣଯୋଗ୍ୟ ବୈଧତା ପ୍ରମାଣପତ୍ର (ଏଆର୍‌ସି) ନ ଥିଲା। ଏହି ତ୍ରୁଟି ପାଇଁ ବେସାମରିକ ବିମାନ ଚଳାଚଳ ମହାନିର୍ଦ୍ଦେଶାଳୟ (ଡିଜିସିଏ) ଏୟାର ଇଣ୍ଡିଆ ଉପରେ ଗତ ମାସରେ ୧ କୋଟି ଟଙ୍କା ଜରିମାନା ଲଗାଇଥିଲେ।

ସୂତ୍ର ଅନୁଯାୟୀ, ଗୁରୁବାର ଅପରାହ୍ନ ୧୨ଟା ୧୮ ମିନିଟ୍‌ରେ ଭାଙ୍କୋଭର ଯିବାକୁ କଲ୍ ସାଇନ୍ ଏଆଇ୧୮୫ ବିମାନ ଦିଲ୍ଲୀରୁ ଉଡ଼ାଣ ଭରିଥିଲା। ଏଥିପାଇଁ ବୋଇଂ ୭୭୭-୨୦୦ଏଲ୍ଆର୍ (ଲାର୍ଜ ରେଞ୍ଜ) ବିମାନକୁ ବ୍ୟବହାର କରାଯାଇଥିଲା, ଯାହାକୁ ଉକ୍ତ ରୁଟ୍‌ରେ ଯାତାୟାତ ଅନୁମତି ନ ଥିଲା। କାନାଡା କର୍ତ୍ତୃପକ୍ଷ ଏୟାର ଇଣ୍ଡିଆକୁ ଉକ୍ତ ରୁଟ୍ ପାଇଁ କେବଳ ବୋଇଂ ୭୭୭-୩୦୦ଇଆର୍ (ଏକ୍ସଟେଣ୍ଡେଡ୍ ରେଞ୍ଜ) ବିମାନକୁ ଅନୁମତି ଦେଇଥିଲେ।

# ଗିନିଜ ୱାର୍ଲ୍ଡ ରେକର୍ଡ୍ସରେ ଓଡ଼ିଶା ପଖାଳ






ଭୁବନେଶ୍ୱର,୨୦।୩
(ସୌମ୍ୟରଞ୍ଜନ ରାଉତ)

ଓଡ଼ିଶା ପର୍ଯ୍ୟଟନ ବିଭାଗ ଏକ ଐତିହାସିକ ବିଶ୍ୱସ୍ତରୀୟ ସଫଳତା ହାସଲ କରିଛି। ୧,୧୭୭ କିଲୋଗ୍ରାମ ଓଜନର ପଖାଳ ପ୍ରସ୍ତୁତ କରିବା ସହ ଏକ ବିଶାଳ ପାତ୍ରରେ ଏହି ବୃହତ୍ତମ ଫର୍ମେଣ୍ଟେଡ ରାଇସ (ପଖାଳ) ପରିବେଷଣ ପାଇଁ ଗିନିଜ ୱାର୍ଲ୍ଡ ଅଫ୍ ରେକର୍ଡ୍ସରେ ସ୍ଥାନ ପାଇଛି। ବିଶ୍ୱ ପଖାଳ ଦିବସ ଅବସରରେ ଭୁବନେଶ୍ୱରସ୍ଥିତ ପାନ୍ଥ ନିବାସଠାରେ ଆୟୋଜିତ ରାଜ୍ୟସ୍ତରୀୟ 'ପଖାଳ ପରବ'ରେ ୮୫୦ କେଜି ଚାଉଳରେ ଏହି ପଖାଳ ପ୍ରସ୍ତୁତ କରାଯାଇଥିଲା। ବିଭାଗ ପକ୍ଷରୁ କୁହାଯାଇଛି, ଏହି ଅସାଧାରଣ କୃତି କେବଳ ଓଡ଼ିଶାର ସମୃଦ୍ଧ ରନ୍ଧନ ଶୈଳୀ ଓ ପରମ୍ପରାକୁ ସମ୍ମାନିତ କରୁନାହିଁ, ବରଂ ଓଡ଼ିଆ ସଂସ୍କୃତି ଓ ଦୈନନ୍ଦିନ ଜୀବନ ସହ ଜଡ଼ିତ ଆମର ପ୍ରିୟ 'ପଖାଳ'କୁ ଅନ୍ତର୍ଜାତୀୟ ସ୍ତରରେ ନୂଆ ପରିଚୟ ଦେଇଛି। ଏହି ସଫଳତା ଓଡ଼ିଶାର ଦେଶୀ ଖାଦ୍ୟ ପରମ୍ପରାକୁ ବିଶ୍ୱ ମାନଚିତ୍ରରେ ଏକ ଗୁରୁତ୍ୱପୂର୍ଣ୍ଣ ସ୍ଥାନ ପ୍ରଦାନ କରିଛି। ଏହା ପ୍ରମାଣିତ କରିଛି ଯେ, କିଭଳି ପଖାଳ ଭାତ ଏକ ସାଧାରଣ ଖାଦ୍ୟରୁ ଆଜି ସାଂସ୍କୃତିକ ଗର୍ବ ଏବଂ ବିଶ୍ୱସ୍ତରୀୟ ମାନ୍ୟତାର ପ୍ରତୀକ ପାଲଟିଛି।



କବିମାନେ ମୃତ୍ୟୁ ଓ ବାହ୍ୟ ଦୁଃଖକଷ୍ଟକୁ ଖୁବ୍ ବଡ଼ କରି ଦେଖନ୍ତି। କିନ୍ତୁ ଏକମାତ୍ର କରୁଣ ନାଟକ ହେଲା ଅନ୍ତରାତ୍ମାର ବ୍ୟର୍ଥତା ଏବଂ ଏକମାତ୍ର ମହାକାବ୍ୟ ହେଲା- ଦେବତ୍ୱ ଦିଗରେ ମନୁଷ୍ୟର ବିଜୟୀ ଉତ୍ତରଣ।-ଶ୍ରୀଅରବିନ୍ଦ

# ପ୍ରସ୍ତାବ ପ୍ରତ୍ୟାହାର



## ଦିଲ୍ଲୀକା ବାବୁ

ଦିଲୀପ ଚେରିଏନ୍

ବେଳେବେଳେ ସରକାରୀ ନୀତିର ରହସ୍ୟମୟ ତଥା ବାଧାସୃଷ୍ଟିକାରୀ ନିଷ୍ପତ୍ତି ସମ୍ପର୍କିତ ଖବର ଦେଖିବାକୁ ମିଳେ। ତିନି ମାସ ମଧ୍ୟରେ ଭାରତର ସଂଶୋଧିତ ଭୂମିକମ୍ପ ଅଞ୍ଚଳ ନିର୍ଦ୍ଧାରଣ ବ୍ୟବସ୍ଥା ବା ପଦ୍ଧତି ପ୍ରତ୍ୟାହାର କରାଯିବା ହେଉଛି ଏପରି ଏକ ନିଷ୍ପତ୍ତି । ଏହି ନୀତି କମ୍ପନର କେନ୍ଦ୍ରରେ ଅଛନ୍ତି ଗୃହ ନିର୍ମାଣ ଏବଂ ସହରାଞ୍ଚଳ ବ୍ୟାପାର ମନ୍ତ୍ରୀ ମନୋହର ଲାଲ ଖଟ୍ଟର। କିଛି ସମୟ ପାଇଁ, ଭାରତ ଭୂକମ୍ପ ବିପଦର ମୁକାବିଲା କ୍ଷେତ୍ରରେ ଏହାର ଆଭିମୁଖ୍ୟରେ ପରିବର୍ତ୍ତନ କରିବାକୁ ପ୍ରସ୍ତୁତ ଥିବା ପରି ମନେହେଉଥିଲା। ଭାରତୀୟ ମାନକ ବ୍ୟୁରୋ (ବିଆଇଏସ୍) ଦେଶର ଭୂକମ୍ପ ବିପଦ ଅଞ୍ଚଳର ମାନଚିତ୍ର ଏବଂ ବିଲ୍ଡିଂ କୋଡ୍ ବା ଗୃହ ନିର୍ମାଣ ମାନକକୁ ସଂଶୋଧନ କରିବାକୁ ପ୍ରସ୍ତାବ ମଧ୍ୟ ଦେଇଥିଲା। ଏହାର ଧାରଣା ଥିଲା ଭୂକମ୍ପ ବିପଦ ମୂଲ୍ୟାଙ୍କନ ପାଇଁ ଅଧିକ ଉନ୍ନତ ବୈଜ୍ଞାନିକ ପଦ୍ଧତି ଗ୍ରହଣ କରିବା ଏବଂ ବିଶେଷକରି ହିମାଳୟ କ୍ଷେତ୍ରରେ ଦୃଢ଼ ଗୃହ ନିର୍ମାଣ ମାନଦଣ୍ଡ ପ୍ରଚଳନ କରିବା। ତେବେ ଏହାକୁ ନେଇ ସରକାରୀ ମହଲରେ ଭୂକମ୍ପ ଆରମ୍ଭ ହୋଇଥିଲା ଏବଂ ଅନେକ ମନ୍ତ୍ରଣାଳୟ ଓ ଭିତ୍ତିଭୂମି ସଂସ୍ଥା ଆର୍ଥିକ ପ୍ରଭାବକୁ ସୂଚିତ କରିଥିଲେ। ଖଟ୍ଟରଙ୍କ ନିର୍ଦ୍ଦେଶରେ ଗୃହ ନିର୍ମାଣ ମନ୍ତ୍ରଣାଳୟ ସମସ୍ୟାଗୁଡ଼ିକୁ ସାମ୍ନାକୁ ଆଣିବାରେ ଆଗରେ ଥିବା ଜଣାପଡ଼ିଛି। ସଂଶୋଧିତ ଭୂକମ୍ପ ଅଞ୍ଚଳ ନିର୍ଦ୍ଧାରଣ ପ୍ରସ୍ତାବକୁ ପ୍ରତ୍ୟାହାର କରାଯିବା ସହ ବର୍ତ୍ତମାନ ପାଇଁ ପୂର୍ବ ବ୍ୟବସ୍ଥା ଜାରି ରହିଛି। ଏହାକୁ ନେଇ ଡେଭଲପର୍‌ମାନେ ଆଶ୍ୱସ୍ତ। ବାବୁମାନେ ଅନୁଭବ କରିପାରନ୍ତି ଯେ ସେମାନେ ଏକ ନିୟାମକ ବାଧାକୁ ଏଡ଼ାଇ ଦେଇଛନ୍ତି। କିନ୍ତୁ ବିପର୍ଯ୍ୟୟ ବିଶେଷଜ୍ଞମାନେ ଏଥିରେ ଖୁସି ନାହାନ୍ତି। ଭବିଷ୍ୟତରେ ହିମାଳୟ ଅଞ୍ଚଳରେ ଏକ ବଡ଼ ଧରଣର ଭୂମିକମ୍ପ ବିଷୟରେ ବୈଜ୍ଞାନିକମାନେ ବାରମ୍ବାର ଚେତାବନୀ ଦେଇଛନ୍ତି ; ଯାହା ପାଇଁ ଭୂକମ୍ପ କ୍ଷେତ୍ରର ସଂଶୋଧିତ ମ୍ୟାପ୍ ସହ ନିର୍ମାଣ ମାନଦଣ୍ଡ ସମାନ ଭାବେ ଆବଶ୍ୟକ ଥିଲା। ହେଲେ ଏହା ବଦଳରେ, ନୀତିଗତ ନିଷ୍ପତ୍ତି ତାହାକୁ ଅଟକାଇଦେଲା।

### ଏକ ବିଚିତ୍ର ଧାରା

ଭାରତରେ ବାବୁ ସାମ୍ରାଜ୍ୟ ଓ ଦାୟିତ୍ୱକୁ ନେଇ ନିୟମିତ ଭାବେ କିଛି ମାସ ଅନ୍ତରରେ ଏକ ମାମଲା ସାମ୍ନାକୁ ଆସେ, ଯାହା ଜଣଙ୍କୁ ଭାବିବାକୁ ବାଧ କରେ ଯେ ନିଲମ୍ବନ ପ୍ରକୃତରେ ଦଣ୍ଡ ନା କେବଳ ଏକ ଅସ୍ଥାୟୀ ବିରତି। ଏହାର ସଦ୍ୟତମ ଉଦାହରଣ ହେଉଛି ଉତ୍ତର ପ୍ରଦେଶରେ ଆଇଏଏସ୍ ଅଧିକାରୀ ଅଭିଷେକ ପ୍ରକାଶଙ୍କ ପୁନଃସ୍ଥାପନ । ଇନ୍‌ଭେଷ୍ଟ ୟୁପିର ସିଇଓ ଭାବରେ କାର୍ଯ୍ୟ କରିଥିବା ୨୦୦୬ ବ୍ୟାଚ୍‌ର ଏହି ଅଧିକାରୀଙ୍କ ବିରୋଧରେ ଗତବର୍ଷ ଏକ ସୌର ପ୍ରକଳ୍ପ ପାଇଁ ଲାଞ୍ଚ ମାଗୁଥିବା ଅଭିଯୋଗ ଆସିଥିଲା ଏବଂ ପରେ ତାଙ୍କୁ ନିଲମ୍ବନ କରାଯାଇଥିଲା। ଆଲ୍ଲାହାବାଦ ହାଇକୋର୍ଟ ତାଙ୍କ ବିରୋଧରେ କୌଣସି ପ୍ରାଥମିକ ପ୍ରମାଣ ନ ପାଇବା ପରେ ସେ ଏବେ ଚାକିରିକୁ ଫେରିଛନ୍ତି ଏବଂ ସରକାର କହିଛନ୍ତି, ବିଭାଗୀୟ ତଦନ୍ତ ଜାରି ରହିବ। ଝାଡ଼ଖଣ୍ଡ କ୍ୟାଡରର ଆଇଏଏସ୍ ଅଧିକାରୀ ପୂଜା ସିଂଘଲଙ୍କ ମାମଲା ଦେଖନ୍ତୁ। ଏମ୍‌ଜିଏନ୍‌ଆର୍‌ଇଜିଏ ପାଣ୍ଠିର ଆତ୍ମସାତ୍ ସହିତ ଜଡ଼ିତ ଏକ ମନି ଲଣ୍ଡରିଂ ତଦନ୍ତରେ ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ ଦ୍ୱାରା ଗିରଫ ହୋଇ ସିଂଘଲ ପ୍ରାୟ ତିନି ବର୍ଷ ଜେଲରେ ରହିଥିଲେ। ୨୦୨୪ ଶେଷ ଭାଗରେ ସେ ଜାମିନ ପାଇବା ପରେ ଝାଡ଼ଖଣ୍ଡ ସରକାର ତାଙ୍କର ନିଲମ୍ବନ ପ୍ରତ୍ୟାହାର କରି ଚାକିରିରେ ପୁନଃସ୍ଥାପିତ କରିଥିଲେ। ତାଙ୍କ ବିରୋଧରେ ମଧ୍ୟ ବିଚାର ଚାଲିଛି। ଟେକ୍‌ନିକାଲ ଦୃଷ୍ଟିରୁ ଦେଖିଲେ ଏହା ମଧ୍ୟ ଠିକ୍। ଜାମିନ ମାନେ ଦୋଷୀ ସାବ୍ୟସ୍ତ ନୁହେଁ। ଉଭୟ କ୍ଷେତ୍ରରେ, ନିଲମ୍ବନ ଏକ ଗୁରୁତର ଶୃଙ୍ଖଳାଗତ ପଦକ୍ଷେପ ପରି ମନେହେଉନାହିଁ । ଯଦି ଗୁରୁତର ଅଭିଯୋଗ ସମ୍ବନ୍ଧୀୟ ମାମଲାରେ ପୁନଃସ୍ଥାପନ ନିୟମିତ ହୋଇଯାଏ, ତେବେ ସେହି ବିଶ୍ୱାସରେ କ୍ଷୟ ହେବାକୁ ଆରମ୍ଭ ହୋଇଯିବ।

### ଅଧିକାରୀଙ୍କୁ ସମାଲୋଚନା

ଆନ୍ଧ୍ର ପ୍ରଦେଶ ମୁଖ୍ୟମନ୍ତ୍ରୀ ଏନ. ଚନ୍ଦ୍ରବାବୁ ନାଇଡୁ ତାଙ୍କ ବାବୁମାନଙ୍କୁ ସର୍ବସମ୍ମୁଖରେ ଭର୍ତ୍ସନା କରିଛନ୍ତି। ଜିଲାପାଳ ଏବଂ ବରିଷ୍ଠ ଅଧିକାରୀମାନଙ୍କ ସହିତ ଏକ ବୈଠକରେ ସେ ଚେତାବନୀ ଦେଇଥିଲେ ଯେ ଅହଂକାର, ପ୍ରଶାସନିକ କଠୋରତା ଏବଂ କ୍ଷେତ୍ରକାର୍ଯ୍ୟରେ ଦୁର୍ବଳତାକୁ ସହ୍ୟ କରାଯିବ ନାହିଁ। ଏହା ସୂଚିତ କରିଥିଲା ଯେ ଏୟାରକଣ୍ଡିଶନ ଚାମ୍ବରରୁ ବାହାରକୁ ବାହାରି ଲୋକଙ୍କ କଥା ଶୁଣିବାକୁ ହେବ। ଅହଂକାର ଏବଂ କଠୋରତା ବିଷୟରେ ମୁଖ୍ୟମନ୍ତ୍ରୀଙ୍କ ଅଭିଯୋଗ ଏକ ଗଭୀର ସାଂଗଠନିକ ଉତ୍ତେଜନାକୁ ସୂଚିତ କରେ। ବାବୁମାନଙ୍କୁ ନିୟମ ପାଳନ କରିବା ଏବଂ ନିରନ୍ତରତା ବଜାୟ ରଖିବା ପାଇଁ ତାଲିମ ଦିଆଯାଇଛି। ଅନ୍ୟପକ୍ଷରେ, ନେତାମାନେ କେତେ ଶୀଘ୍ର ଫଳାଫଳ ପ୍ରଦାନ କରନ୍ତି ତାହା ମଧ୍ୟ ବିଚାର କରାଯାଏ। ଯେତେବେଳେ ଶାସନ ମନ୍ଥର ହୁଏ, ପ୍ରତ୍ୟେକ ପକ୍ଷ ଅନ୍ୟ ପକ୍ଷକୁ ଦୋଷ ଦେବାକୁ ବାହାରି ଆସନ୍ତି। ତଥାପି ନାଇଡୁଙ୍କ ସମାଲୋଚନା ଏକ ଚେତାବନୀ ସଦୃଶ ଏବଂ ଅନେକ ସରକାରୀ କର୍ମଚାରୀ ଭଲ କାମ କରିବା ଉପରେ ଧ୍ୟାନ ଦେବେ। ଭାରତୀୟ ପ୍ରଶାସନିକ ବ୍ୟବସ୍ଥା ଏବେ ବି ବ୍ୟାପକ କ୍ଷମତାର ଅଧିକାରୀ, କିନ୍ତୁ ସହାନୁଭୂତି ବିନା ଅଧିକାର ଫିକା ପଡ଼ିଯାଇପାରେ। ନାଇଡୁଙ୍କ ଭର୍ତ୍ସନା ପ୍ରକୃତରେ ଆଚରଣରେ ପରିବର୍ତ୍ତନ ଆଣିବ କି ନାହିଁ ତାହା ଆଉ ଏକ ପ୍ରଶ୍ନ। ଅମଲାତନ୍ତ୍ର ବିଶୃଙ୍ଖଳା ପାଇଁ ଯେତିକି ଜଣାଶୁଣା, ସଂସ୍କାର ପ୍ରତି ମଧ୍ୟ ସେତିକି ସମର୍ପିତ। ଯଦି ମୁଖ୍ୟମନ୍ତ୍ରୀଙ୍କ ଗାଳି ଅଧିକାରୀମାନଙ୍କୁ ସେମାନଙ୍କ କାର୍ଯ୍ୟାଳୟ ବାହାରକୁ ଯାଇ କ୍ଷେତ୍ରକାର୍ଯ୍ୟ କରିବାକୁ ପ୍ରେରଣା ଦିଏ, ତେବେ ତାହା ଏତେ ଖରାପ କଥା ହୋଇ ନ ପାରେ।

Email: dilipcherian@gmail.com

# ଆକାଶ ଛାତ



ଡ. ନିଖିଳାନନ୍ଦ ପାଣିଗ୍ରାହୀ

ଘର ତିଆରି କରିବାବେଳେ ଆମେ ଖରା, ବର୍ଷା, ଶୀତ ଓ ଅନ୍ୟାନ୍ୟ ଆପଦ ବିପଦରୁ ରକ୍ଷା ପାଇବା ପାଇଁ ଛାତଟିଏ ନିର୍ମାଣ କରୁ। ଘର ପାଇଁ ଛାତ ଯାହା, ପୃଥିବୀ ପାଇଁ ଆକାଶ ତାହା। ଅବଶ୍ୟ ଆକାଶ ସଦୃଶ ଛାତ ପାଇଁ ଖମ୍ବ ବା କାନ୍ଥ ନ ଥାଏ। ଏହି ଅଭାବ ପ୍ରକୃତି ପୂରଣ କରିଥାଏ। ପ୍ରାଚୀନ କାଳରୁ ବହୁ ଶାସ୍ତ୍ରଜ୍ଞ ଆକାଶ ସମ୍ବନ୍ଧରେ ଏମିତି ଏକ ଧାରଣା ପୋଷଣ କରିଛନ୍ତି। ଉଦାହରଣଭାବେ ଆନୁମାନିକ ୧୩୦୦ ଖ୍ରୀଷ୍ଟାବ୍ଦରେ ସିରିଆରେ ଜନ୍ମିତ ଲୋକପ୍ରିୟ, ବିଶ୍ୱସନୀୟ ଆରବ ବିଦ୍ୱାନ ଓ ଐତିହାସିକ ଇବାନ କସୀରଙ୍କ କୋରାନ - ଆଧାରିତ ବ୍ୟାଖ୍ୟା ଉପସ୍ଥାପନ କରାଯାଇପାରେ, ଯେଉଁଥିରେ ଉଲ୍ଲେଖ କରାଯାଇଛି, ଆକାଶ ହେଉଛି ପୃଥିବୀ ସକାଶେ ଏକ ସୁରକ୍ଷିତ ଓ ସଂରକ୍ଷିତ ଛାତ। ତେବେ ଏହି ପ୍ରକାର ଚିରାଚରିତ ଧାରଣା କେତେଦୂର ଠିକ ?

ଏହି ଉକ୍ତିର ତର୍ଜମା କରାଯାଇପାରେ। ବୈଜ୍ଞାନିକ ମତାନୁଯାୟୀ ଆକାଶ ହେଉଛି ପୃଥିବୀର ବାୟୁମଣ୍ଡଳ, ମେଘ ଉପରିସ୍ଥ ନୀଳଦୃଶ୍ୟ ଏବଂ ସୂର୍ଯ୍ୟ, ନକ୍ଷତ୍ର ପରି ଅଗଣିତ ଖଗୋଳୀୟ ପିଣ୍ଡ, ଯାହା କି ଭୂପୃଷ୍ଠରୁ ଊର୍ଦ୍ଧ୍ୱକୁ ଚାହିଁଲେ ଦେଖାଯାଏ। ମୋଟାମୋଟି ଭାବେ ବାୟୁମଣ୍ଡଳ ହେଉଛି ବିସ୍ତୃତ ଆକାଶର ଏକ ନିମ୍ନସ୍ଥ ଅଂଶ। ଉକ୍ତ ବାୟୁମଣ୍ଡଳ ବାସ୍ତବରେ ପୃଥିବୀରେ ଜୀବନ ରକ୍ଷା ପାଇଁ ଅତ୍ୟାବଶ୍ୟକ। ସୂର୍ଯ୍ୟରୁ ଆସୁଥିବା ହାନିକାରକ ଅତିବାଇଗଣୀ ରଶ୍ମି ଶୋଷଣ କରି ଆମକୁ ଚର୍ମ କର୍କଟ ରୋଗରୁ ବାଏ। ପୃଥିବୀକୁ ଜାକେଟ ପରି ଆବୃତ୍ତ ହୋଇଥିବାରୁ ଦିନବେଳର ଅତ୍ୟଧିକ ଗରମ ଓ ରାତିର ଥଣ୍ଡାକୁ ନିୟନ୍ତ୍ରଣାଧୀନ କରିଥାଏ। ପୁଣି ପୃଥିବୀରେ ଜଳର ସନ୍ତୁଳନ ପାଇଁ ବର୍ଷାପାତ ସକାଶେ ପ୍ରମୁଖ ଭୂମିକା ଗ୍ରହଣ କରିଥାଏ। ସର୍ବୋପରି ଆମ ନିଃଶ୍ୱାସ ପ୍ରଶ୍ୱାସ ପାଇଁ ଖୋରାକ ଯୋଗାଏ।

ତଥାପି ସୁରକ୍ଷା କବଚ ଭାବେ ଏହା ସମ୍ପୂର୍ଣ୍ଣ ତ୍ରୁଟିହୀନ ନୁହେଁ। ଘର ପାଇଁ ଛାତଟିଏ ଗଢ଼ିଦେଲେ ମଧ୍ୟ ଏଥିରେ ଆମେ ଅଭାବ ଓ ଅସାମର୍ଥ୍ୟ ଦେଖୁ। କେତେକ କ୍ଷେତ୍ରରେ ଶତ୍ରୁପକ୍ଷର ଆକ୍ରମଣ ରୋକିବାକୁ ସ୍ୱତନ୍ତ୍ର ବ୍ୟବସ୍ଥା ଦରକାର। ଯଥା- ପ୍ରତିପକ୍ଷର ମୂଳ ଆଶଙ୍କା ଅହରହ ରହିଥିବାରୁ ଇସ୍ରାଏଲ ଏକ ଅତ୍ୟାଧୁନିକ ମୋବାଇଲ ଏୟାର ଡିଫେନ୍ସ ସିଷ୍ଟମ ପ୍ରତିଷ୍ଠା କରିଛି, ଯାହା ଲୌହ ଗମ୍ବୁଜ (ଆଇରନ ଡ୍ରୋନ) ଭାବେ ପରିଚିତ। ବର୍ତ୍ତୁଳାକାର ଏହି ଛାତଟି ପ୍ରତିଦିନ ଚବିଶ ଘଣ୍ଟା କାର୍ଯ୍ୟକ୍ଷମ ରହିଥାଏ। ଏହି ପ୍ରତିଷେଧକ ବ୍ୟବସ୍ଥା ଚାରିରୁ ସତୁରି କିଲୋମିଟର ଦୂରତା ମଧ୍ୟକୁ ଅନୁପ୍ରବେଶ କରୁଥିବା ଶତ୍ରୁପକ୍ଷର ରକେଟ, ମିସାଇଲ, ଡ୍ରୋନ, ତୋପ କମାଣକୁ ବାୟୁରେ



ଧ୍ୱଂସ କରିଦିଏ। ତେଣୁ ଘରର ଛାତ ପାଇଁ ମଧ୍ୟ ଅତିରିକ୍ତ ଛାତର ଆବଶ୍ୟକତା ଦେଖାଦିଏ।

ବାୟୁମଣ୍ଡଳର ଉପସ୍ଥିତି ତଥା ପୃଥିବୀର ଚୁମ୍ବକତ୍ୱ ସତ୍ତ୍ୱେ ପୃଥିବୀ ପ୍ରତି ମହାକାଶଜନିତ ବସ୍ତୁ ଯୋଗୁ ବିପଦ ରହିଛି। ଉଦାହରଣ ଭାବେ କ୍ଷୁଦ୍ରଗ୍ରହ ବା ଗ୍ରହାଣୁ। ଏତଦ୍‌ବ୍ୟତୀତ ଉଲ୍‌କାଖଣ୍ଡ, ଯାହା ଏକ ଉତ୍ତପ୍ତ ପ୍ରସ୍ତର ବା ଧାତୁ। ଏହା ମହାକାଶରୁ ଭୂପତିତ ହୋଇଥାଏ। ଏହି ଦୁଇଟି ବସ୍ତୁ ମଧ୍ୟରେ ପ୍ରଭେଦ ରହିଛି। ଗ୍ରହାଣୁ ମୁଖ୍ୟତଃ ମଙ୍ଗଳ ଓ ବୃହସ୍ପତି ଗ୍ରହ ମଧ୍ୟରେ ସୂର୍ଯ୍ୟକୁ ପରିକ୍ରମା କରୁଥିବା ଗୋଟିଏ ବଡ଼ ବସ୍ତୁ। ଏହାର ଆକାର ଅଳ୍ପ କିଛି ମିଟରଠାରୁ ଆରମ୍ଭ କରି ଶହ ଶହ କିଲୋମିଟର ବିଶିଷ୍ଟ ହୋଇପାରେ।

ଉଭୟ ଜନ୍ମ ସ୍ଥାନ ଓ ଆକାର ଦୃଷ୍ଟିରୁ ଉଲ୍‌କାପିଣ୍ଡ ଓ ଗ୍ରହାଣୁ ମଧ୍ୟରେ ଫରକ ରହିଛି। ଉଲ୍‌କା ଅନ୍ତରୀକ୍ଷରୁ ପୃଥିବୀ ଆଡ଼କୁ ଆସେ। ଆମ ବାୟୁମଣ୍ଡଳରେ ପ୍ରବେଶ କରିବା ପରେ ଏହା ଘର୍ଷଣ ଯୋଗୁ ସାଧାରଣତଃ ଜଳି ନଷ୍ଟ ହୋଇଯାଏ। ତଥାପି ବେଳେବେଳେ ଏହାର କିଛି ଅଂଶ ଭୂପତିତ ହୁଏ। ଏହା ବସ୍ତୁତଃ ଉଲ୍‌କାପିଣ୍ଡ ବା ଖଣ୍ଡ ଭାବେ ନାମିତ। ଏଥିରୁ ସ୍ପଷ୍ଟ ହୁଏ ଯେ, ଉଲ୍‌କାର ଅବସ୍ଥିତି ହେଉଛି ବାୟୁ ମଣ୍ଡଳରେ ଏବଂ ସେଠାରେ ତାହା ବାଷ୍ପୀଭୂତ ହୋଇଯାଏ। କିନ୍ତୁ ଉତ୍ତପ୍ତ ଅବସ୍ଥାରେ ଏଥିରୁ ଖସି ଆସିଥିବା ଉଲ୍‌କାଖଣ୍ଡ ନିମ୍ନଗାମୀ ଭୂପୃଷ୍ଠରେ ଅବସ୍ଥାନ କରିଥାଏ। ଉଲ୍‌କାକୁ ବେଳେବେଳେ ମହାକାଶୀୟ ଜ୍ୱଳନ ଶିଳା (ବର୍ଣ୍ଣିଂ ସ୍ପେସ ରକ ବା ଶୁଟିଂ ଷ୍ଟାର) ବୋଲି ବିବେଚିତ କରାଯାଏ।

ଗ୍ରହାଣୁ କିପରି ଧ୍ୱଂସ ସାଧନ କରେ, ତା'ର ଉଦାହରଣ ୧୯୦୮ରେ ରୁଷିଆର ସାଇବେରିଆ ଅଞ୍ଚଳସ୍ଥିତ ଟୁଙ୍ଗୁସ୍କାର ଘଟଣାରୁ ପ୍ରାପ୍ତ ହୁଏ। ସେତେବେଳେ ବାୟୁମଣ୍ଡଳରେ ଏକ ପ୍ରଚଣ୍ଡ ବିସ୍ଫୋରଣ ଘଟି ସେଠାକାର ୨୦୦୦ ବର୍ଗ କିଲୋମିଟର ବନାଞ୍ଚଳ ଧ୍ୱସ୍ତ ବିଧ୍ୱସ୍ତ ହୋଇଯାଇଥିଲା। ଏଥିପାଇଁ ପଚାଶରୁ ଷାଠିଏ ମିଟର ଚଉଡ଼ା ବିଶିଷ୍ଟ ଅନ୍ତରୀକ୍ଷ ଶିଳାକୁ ଦାୟୀ କରାଯାଇଛି। ଏହି ଭୟାନକ ବିସ୍ଫୋଟ ହିରୋସୀମାରେ ପଡ଼ିଥିବା ବୋମାଠାରୁ ହଜାରରୁ ଦୁଇହଜାର ଗୁଣ ଅଧିକ ଶକ୍ତିଶାଳୀ ବୋଲି ଆକଳନ କରାଯାଇଛି। ତତ୍‌ଜନିତ ଆଲୋକ ଓ ଧ୍ୱନି ହଜାରେ କିଲୋମିଟର ପର୍ଯ୍ୟନ୍ତ ପ୍ରଭାବ ବିସ୍ତାର କରିଥିଲା। ଅବଶ୍ୟ ଏହାର ପତନ ସ୍ଥଳ ଭୂପୃଷ୍ଠରେ ନ ଥିଲା। ବାୟୁମଣ୍ଡଳରେ ସଂଘଟିତ ଏହି ଘଟଣାର କାରଣ ଭାବେ କ୍ଷୁଦ୍ର ଗ୍ରହ ଅଥବା ବୃହତ୍ ମେଟିରଏଡକୁ (ପଥୁରିଆ ଓ ଧାତବ ପିଣ୍ଡ) ଚିହ୍ନଟ କରାଯାଇଛି।

ଉଲ୍‌କାରୁ ଉଦ୍‌ଭବ ଉଲ୍‌କାଖଣ୍ଡ (ମେଟିଓରାଇଟ) ଜନିତ କ୍ଷୟକ୍ଷତି ୨୦୧୩ ଫେବୃୟାରୀ ୧୫ରେ ରୁଷିଆ ଚେଲ୍ୟାବିଂସ୍କ ସହରର ଘଟଣାରୁ ଜଣାପଡ଼େ। ଏହାର ଚଉଡ଼ା ପ୍ରାୟ ୨୦ ମିଟର ଓ ଓଜନ ୧୪,୦୦୦ ଟନ। ଉକ୍ତ ସହରର ୩୦ କିଲୋମିଟର ଉପରିସ୍ଥ ବାୟୁମଣ୍ଡଳରେ ବିସ୍ଫୋରଣ ଯୋଗୁ ସାତ ହଜାରରୁ ଅଧିକ ଘର କ୍ଷତିଗ୍ରସ୍ତ ଓ ପ୍ରାୟ ପନ୍ଦର ଶହ ଲୋକ ମୃତାହତ ହେଲେ।

ପୂର୍ବ ବର୍ଣ୍ଣିତ ୧୯୦୮ର ବିସ୍ଫୋରଣ ଅପେକ୍ଷା ୨୦୧୩ର ବିସ୍ଫୋରଣ ବିଶ୍ୱବାସୀଙ୍କୁ ଅଧିକ ଚିନ୍ତାଗ୍ରସ୍ତ କଲା। ୧୯୦୮ ଘଟଣାରେ ଅଧିକ ଓଜନିଆ ପିଣ୍ଡ ସଂପୃକ୍ତ ଥିଲା। ତେଣୁ ଏହାର ଭୟାବହତା ଅଧିକ ହେବା ସ୍ୱାଭାବିକ। କିନ୍ତୁ ପରବର୍ତ୍ତୀ ଘଟଣାଟିରେ ଗୋଟିଏ କ୍ଷୁଦ୍ର ଉଲ୍‌କାପିଣ୍ଡ ବିସ୍ଫୋରକ ଭାବେ କାର୍ଯ୍ୟ କଲା। ତେଣୁ ଲୋକେ ଭାବିଥିଲେ ଯେ, ଏଥିଯୋଗୁ କ୍ଷୟକ୍ଷତି ନଗଣ୍ୟ ହେବ। କିନ୍ତୁ ବାସ୍ତବରେ ଜଣାପଡ଼ିଲା, ସମ୍ଭାବନାଠାରୁ ଏହା ବହୁ ଗୁଣ ଅଧିକ ଭୟାନକ। ବିଶେଷ ଭାବେ ଜନବସତିରେ ଏହା ଭୂପତିତ ହେବାରୁ ଲୋକମାନଙ୍କୁ ସଚେତନ କରାଇଲା ଯେ, ଏହାକୁ ଅଣଦେଖା କରିବା ପ୍ରମାଦପୂର୍ଣ୍ଣ। ଏହା ଗୋଟିଏ ଚେତାବନୀ ପରି କାର୍ଯ୍ୟ କଲା। ବାସ୍ତବିକ ଛୋଟ ସାପର ବିଷ କମ୍ ଉତ୍କଟ ନୁହେଁ!

ଆଗରୁ ଚିନ୍ତା କରାଯାଉଥିଲା ଯେ, କୋଡ଼ିଏ ମିଟରର କମ୍ ଚଉଡା ଗ୍ରହାଣୁ ଛୋଟ ବୋଲି କମ୍ ଗୁରୁତ୍ୱପୂର୍ଣ୍ଣ। କିନ୍ତୁ ଏହା ବସ୍ତୁତଃ ୫୦୦ କିଲୋଟନ ବିସ୍ଫୋରଣ ସହ ସମାନ, ଯାହା ହିରୋସୀମା ବୋମାଠାରୁ ତିରିଶ ଗୁଣ ଅଧିକ ଶକ୍ତିଶାଳୀ।

ତେଣୁ ବିଶ୍ୱସ୍ତରରେ ନାସା ପ୍ଲାନେଟର - ଡିଫେନ୍ସ ଏକସରସାଇଜ ନାମକ ଏକ କାର୍ଯ୍ୟକ୍ରମ ଆରମ୍ଭ କଲା। ତତ୍‌ସହ ଏକସନ ଟିମ ଆନ ନିଏର ଆର୍ଥ ଅବଜେକ୍ଟସ ଗୁରୁତ୍ୱପୂର୍ଣ୍ଣ ବୋଲି ବିବେଚିତ ହେଲା।

ଲୋକେ ହୃଦୟଙ୍ଗମ କଲେ ଯେ, ଅନ୍ତରୀକ୍ଷ ଏକ ଶାନ୍ତ ସ୍ଥାନ ନୁହେଁ। ଏହା ପ୍ରାକୃତିକ ଉପଦ୍ରବରୁ ମୁକ୍ତ ନୁହେଁ। ଘରର ଛାତକୁ ଶକ୍ତ ରଖିବାକୁ ଆମେ ଯେମିତି ଯତ୍ନଶୀଳ ହେବା, ସେମିତି ଆକାଶ ଛାତ ତଳେ ନିରାପଦରେ ରହିବାକୁ ଆନ୍ତର୍ଜାତିକ ସ୍ତରରେ ବିଜ୍ଞାନ ଓ ପ୍ରଯୁକ୍ତିର ଉପଯୋଗ ନିହାତି ଆବଶ୍ୟକ। ନଚେତ ହୁଗୁଳା ଭାବେ ଓହଳି ଥିବା ଫ୍ୟାନ ତଳେ ପବନ ଖାଇ ଘୁଙ୍ଗୁଡ଼ି ମାରି ଶୋଇଥିବା ବ୍ୟକ୍ତି ପରି ଆମେ ବିପର୍ଯ୍ୟୟକୁ ନିମନ୍ତ୍ରଣ କରିବା ସହ ଏହା ସମାନ ହେବ।

ମୋ: ୯୦୭୮୭୪୩୮୪୩

# ପରୀକ୍ଷା ଋତୁ ଓ କୁତୁକୁତୁ



ଡ. କୁଳାଙ୍ଗାର

ମଣିଷ ଜୀବନଟା ଗୋଟେ ପରୀକ୍ଷା। ସେ ପରୀକ୍ଷାରେ କିଏ ବହୁତ ପଢିଲା ପରେ ବାରମ୍ବାର ଫେଲ୍ ହେଉଥାଏ ତ ଆଉ କିଏ ଆଦୌ ନ ପଢି କପିକୁପା ନଚେତ ଧରାଧରି କରି ପାସ୍ ହୋଇଯାଉଛି। ତେବେ ପାଠପଢ଼ା ପରୀକ୍ଷାର ମଜା ଅଲଗା। ବର୍ଷସାରା ପଢିଥିବା ପାଠକୁ ଓଗାଳି ପକେଇବା ପାଇଁ ପରୀକ୍ଷା ହେଉଛି ମହାମଞ୍ଚ। ମାନେ ବର୍ଷସାରା ଯଦି ରିହର୍‌ସାଲ ମାନେ ଆଖଡା ହୋଇଛି, ତେବେ ପରୀକ୍ଷା ହେଉଛି ମଞ୍ଚ ଅଭିନୟ। ସେଇଟି ଜଣାପଡେ କିଏ କେତେ ପାରିବାର!

ପ୍ରତି କ୍ଲାସ୍‌ରେ ପରୀକ୍ଷା ହୁଏ। ତେବେ ପରୀକ୍ଷା ଭିତରେ ରଜା ହେଉଛି ଦଶମ ପରୀକ୍ଷା। ଯେଉଁ ପରୀକ୍ଷାରେ ଯେତେ ମାର୍କ ରଖିଥାଅ ପଛେ, ଦଶମ ବୋର୍ଡ ପରୀକ୍ଷାରେ କେତେ ମାର୍କ ରଖିପାରିଲ ସେଇଟା ହେଉଛି କାଳେ ବାହାଦୁରିର କଥା। ବହୁ ନାତିମାନଙ୍କର ଜେଜେମାନେ କହନ୍ତି - ମାଟ୍ରିକ ହେଉଛି ଘାଟି... ସେଇଟା ଡେଇଁପଡିଲେ ବାକି ଉଶ୍ୱାସ!!

ଆଗରୁ ବହୁଲୋକ ମାଟ୍ରିକ ଘାଟି ଡେଇଁବାରେ ବିଫଳ ହେବାରେ ହ୍ୟାଟ୍ରିକ କରିଛନ୍ତି। ଏବେ ସିନା ପରୀକ୍ଷକମାନେ ଆଉ ଜାକି ନ ହୋଇ ଏତେ ମାର୍କ ଦେଲେଣି। ଆଗରୁ କିନ୍ତୁ ପରୀକ୍ଷକମାନେ ନିକିତି ଧରି ଓଜନ କଲା ପରି ଉତ୍ତରକୁ ପ୍ରଶ୍ନ ସହିତ ତଉଲି କରି ମାର୍କ ଦେଉଥିଲେ। ସେଇ ଚାପ ଓ ଭୟ ଏତେ ଥିଲା ଯେ ତାହା ଏତେ କାଳଯାଏ ବିସ୍ତାରି ରହିଛି । ତେଣୁ ଦଶମ ପରୀକ୍ଷାରେ ପିଲାଏ ଯେତିକି ବ୍ୟସ୍ତ, ଅଭିଭାବକମାନେ ତା'ଠାରୁ ବହୁଗୁଣରେ ବ୍ୟସ୍ତ । କିଛି ପିଲା ପାଠ ପଢ଼ନ୍ତି ଆଉ କିଛି ପିଲା ଯୋଗାଡ଼ ଯନ୍ତ୍ରରେ ଲାଗିପଡନ୍ତି ପ୍ୟାଣ୍ଟ, ଶାର୍ଟ, ଅନ୍ତବସ୍ତ୍ର, ଜୋତା ମୋଜା ଭିତରେ କୋଉଠି କେମିତି କରି କପି ଦେବୀଙ୍କର କୃପାଲାଭ କରିହେବ। ଅଭିଭାବକ ଲାଗିପଡନ୍ତି କୋଉ ଶିକ୍ଷକ ନ ହେଲେ ପିଅନଙ୍କୁ ଟିକେ ପିଲାଟିକୁ ସାହାଯ୍ୟ କରିବାକୁ ସେଟିଂ କରିହେବ!

ବହୁ ପରୀକ୍ଷା କେନ୍ଦ୍ରକୁ ଯଦି ଆପଣ ଦେଖିବେ, ଲାଗିବ ଏଠି ପରୀକ୍ଷା ନୁହେଁ ତ ଗୋଟେ ଯୁଦ୍ଧ ଚାଲିଛି! ଭିତରେ ପରୀକ୍ଷା ହେଉଥିବ, ବାହାରେ ଅଭିଭାବକ ଗଦା ହୋଇଥିବେ, ପାଚେରି ଚାରିପଟେ ବୁଲୁଥିବେ, କୋଉପଟେ କେମିତି କରି ପ୍ରଶ୍ନଟାକୁ ପାଇଗଲେ ଉତ୍ତର ପଠେଇବା ବ୍ୟବସ୍ଥା କରିବାକୁ ଟେକି ରହିଥିବେ। ତେବେ ଏସବୁ ଯୋଗାଡ଼ିଆଙ୍କ ଭିତରୁ ଅଧାମୂର୍ଖ! ସେଇମାନେ ପରୀକ୍ଷାର୍ଥୀଙ୍କୁ ପଣ୍ଡିତ କରିବା ଉଦ୍ଦେଶ୍ୟରେ ଏଇ ଯେଉଁ କସରତ କରନ୍ତି ତାହାକୁ ପ୍ରତିହତ କରିବାକୁ ସରକାର ବାହାଦୁର ପୋଲିସ, ସିସିଟିଭି, ଏଆଇ ଜଗୁଆଳି ବ୍ୟବସ୍ଥା କରନ୍ତି । ମାନେ ପରୀକ୍ଷା ନୁହେ ତ ବ୍ୟବସ୍ଥା ଓ ଅଭିଭାବକଙ୍କ ମଧ୍ୟରେ ଯୁଦ୍ଧ!!

ପରିସ୍ଥିତି ଏମିତି ହେଲାଣି, ଯଦି କାହାର ପିଲା ଦଶମ ବୋର୍ଡ ପରୀକ୍ଷା ଦେଉଛି ତା ଘରକୁ ବନ୍ଧୁବାନ୍ଧବ ସାହାଯ୍ୟ କରିବାକୁ ଦୌଡୁଛନ୍ତି। ମାନେ ରାଜଦ୍ୱରେ ଶ୍ମଶାନେ ଚ... ପରେ ପ୍ରକୃତ ବନ୍ଧୁ ସିଏ... ଆମ ଛୁଆର ପରୀକ୍ଷା କେନ୍ଦ୍ରର ପାଚେରି କଡରେ ଛିଡା ହୋଇଥାଏ ଯିଏ!

ବହୁତ ଅଭିଭାବକ ପିଲାର ପରିଶ୍ରମ, ପାଠପଢା ଓ ଶିକ୍ଷକଙ୍କ ଶିକ୍ଷାଦାନ ଉପରେ ଭରସା ନ କରି ଈଶ୍ୱରଙ୍କ ଉପରେ ନିର୍ଭର କରିଥାନ୍ତି। ମାନସିକ ନାମରେ ଈଶ୍ୱରଙ୍କୁ ଲାଞ୍ଚର ଲୋଭ ଦେଖାନ୍ତି। ମୋ



ପୁଅ/ଝିଅ ପରୀକ୍ଷାରେ ଭଲକଲେ ତମକୁ ଏୟା ଦେବି, ସେୟା ଦେବି ବୋଲି କହନ୍ତି । ଈଶ୍ୱର ବିଚରା କ'ଣ କରନ୍ତେ, ସିଏ ତ ଭକତ ଭାବରେ ବନ୍ଧା, ତେଣୁ ସିଏ ପିଲାର ପାଠକୁ ଚାହିଁ ବ୍ୟବସ୍ଥା କରନ୍ତି! ସେପଟେ ପିଲା ପାଠ ନ ପଢିଥିବା କାରଣରୁ ଠିକ୍ ଉତ୍ତର ଲେଖି ନ ପାରି ଫେଲ ହେଲେ ମା'ବାପା ଈଶ୍ୱରଙ୍କୁ ଦୋଷ ଦେଇ କହନ୍ତି - ହେ ପ୍ରଭୁ ଏ କ'ଣ କଲ ?

ଈଶ୍ୱର ବିଶ୍ୱାସୀମାନେ କହନ୍ତି ଏ ଧରାରେ ଯାହା କିଛି ହେଉଛି ସବୁ ସେଇ ଈଶ୍ୱରଙ୍କ ଇଚ୍ଛାରେ! ଅତଏବ ଯେଉଁଠି ପିଲାଟି ପାଠଶାଠ ପଢି ନ ଥାଏ, ତା' ପାଇଁ କପିର ସୁବିଧା କରିଦିଅନ୍ତି! ପିଲାଏ ନାନା ଢଙ୍ଗରେ କପିଟିଏ ଯୋଗାଡ଼ କରି ଦେଲା ପରେ ବୁଝୁଁ ନ ବୁଝୁଁ ଟିପି ପକାନ୍ତି! ଏବେ ପୁଣି ବଡ଼ ଅଡୁଆ! ଏକାଧିକ ସେଟ୍ ପ୍ରଶ୍ନପତ୍ର ପ୍ରସ୍ତୁତ ହେଉଥିବା କାରଣରୁ ସାମ୍ନା ପିଲାଟି ଜାଗା ଲେଖିଛି ତା' ପଛ ପିଲାଟି ଯଦି ତାଠୁ ଦେଖି ଟିପି ଦେଲା କଥା ସରିଲା!

ଗୋଟିଏ ପିଲାର କ୍ରମିକ ସଂଖ୍ୟା ୧ର ପ୍ରଶ୍ନ ଥିଲା - ଯିଏ ଯୋଗ୍ୟ ନୁହେଁ ତାକୁ କ'ଣ କୁହନ୍ତି ? ପିଲାଟି ତ ପାଠ ପଢିଥିଲା, ଲେଖିଲା - ଅଯୋଗ୍ୟ। ପଛରେ ବସିଥିବା ପିଲାଟି ସାମ୍ନା ପିଲାର ଖାତାକୁ କଣେଇକି ଚାହିଁଲା ଆଉ ସିଧା କ୍ରମିକ ସଂଖ୍ୟା ୧ର ଉତ୍ତରକୁ ଟିପି ଦେଲା - ଅଯୋଗ୍ୟ। ଅସଲରେ କିନ୍ତୁ ତା'ର ପ୍ରଶ୍ନସେଟ୍‌ଅଲଗା ଥିଲା ଏବଂ କ୍ରମିକ ସଂଖ୍ୟା ୧ର ପ୍ରଶ୍ନ ଥିଲା - ତୁମେ ବଡ଼ ହେଲେ କ'ଣ ହେବାକୁ ଚାହଁ?

ଉପରୋକ୍ତ ଘଟଣାରୁ ଏୟା ଅନୁମେୟ କି କପି କରିବା ମଧ୍ୟ ଏତେ ସହଜ ନୁହେଁ! ସେଥି ପାଇଁ ଦକ୍ଷତାର ଆବଶ୍ୟକତା ରହିଛି! ଖାଲି କପି କରିବାରେ ନୁହଁ, ଏବର ପିଲାଏ ମୁଣ୍ଡର ବୁଦ୍ଧିକୁ ଅଧିକ ଖଟେଇ ଉତ୍ତର ଲେଖିବାରେ ମଧ୍ୟ ଧୁରନ୍ଧର ଥାନ୍ତି। ଗୋଟିଏ ପିଲାର ଚିତ୍ରାଙ୍କନ ପରୀକ୍ଷାରେ ପ୍ରଶ୍ନ ଥିଲା - ବାଘ ଶିକାର କରିବାର ଦୃଶ୍ୟ ଅଙ୍କନ କର। ଏତେ କଷ୍ଟ ବିଷୟ ଦେଖି ପିଲାଟିର ମୁଣ୍ଡ ଘୂରିଗଲା, ସିଏ ବହୁ ଚେଷ୍ଟା ପରେ ବି ଚିତ୍ର ଆଙ୍କି ପାରିଲାନି। ଉପାୟ ପାଞ୍ଚି ଉତ୍ତର ଖାତାରେ ଚିତ୍ର ଆଙ୍କିବା ବଦଳରେ ଲେଖିଲା - ବାଘ ଆସିଥିଲା... ଶିକାର କଲା... ଆଉ ଡିଆଁ ମାରି ପଳେଇଲା....!!

ଆଉ ଜଣେ ପିଲାର ପରୀକ୍ଷାରେ ପ୍ରଶ୍ନ ଥିଲା - ଅଳସୁଆମି କାହାକୁ କହନ୍ତି? ଉଦାହରଣ ସହ ବୁଝାଇ ଲେଖନ୍ତୁ! ପିଲାଟି ଉତ୍ତର ଲେଖିଲା - ପ୍ରିୟ ପରୀକ୍ଷକ ମହାଶୟ.... ଜାଣି ଖୁସି ହେବେ କି ମୁଁ ନିଜେ ଅଳସୁଆମିର ପ୍ରକୃଷ୍ଟ ଉଦାହରଣ। ହେଇଟି ଦେଖନ୍ତୁ ଅଳସୁଆମି କରି ପାଠ ନ ପଢି ବର୍ଷସାରା କଟାଇ ଦେଇଥିବାରୁ ଏବେ ଉତ୍ତର ଖାତାରେ ଗୋଟିଏ ବି ପ୍ରଶ୍ନର ଉତ୍ତର ଲେଖିପାରୁନାହିଁ। ଆଶା ଆପଣ ମୋର ଦୁଃଖ ବୁଝି... ମାର୍କ ଦେବାରେ ଅଳସୁଆମି କରିବେ ନାହିଁ!!

ପରୀକ୍ଷାରେ ଲେଖି ଫେରିବା ପରେ ପ୍ରଶ୍ନ ଅଭିଭାବକଙ୍କ ହାତରେ... ପଚାରି ପକାନ୍ତି, ଏଥିରେ କ'ଣ ଲେଖିଲୁ, ସେଥିରେ କ'ଣ ଲେଖିଲୁ! ଟିକେ ଭୁଲ କହିଲେ ପିଲାକୁ ରାଗନ୍ତି, ମାରନ୍ତି। ଅଭିଭାବକମାନେ ପରୀକ୍ଷାକୁ ନେଇ ଏତେ ବ୍ୟସ୍ତ ଓ ବ୍ୟାକୁଳ ଯେ ଖବରକାଗଜ, ଟିଭି ପରୀକ୍ଷାର ସ୍ୱତନ୍ତ୍ର ପ୍ରକାଶନ ଓ ପ୍ରସାରଣ କରୁଛନ୍ତି। ପରୀକ୍ଷା ବେଳେ ଏୟା କରିବ, ସେୟା କରିବନି। ଏୟା ଖାଇବ ସେୟା ଖାଇବନି! ପିଲା ଯଦି ସେସବୁ ଦେଖିବ ପାଠଶାଠ ଭୁଲିଯିବ! ଏସବୁକୁ ସେଇ ଅଭିଭାବକ ହିଁ ଦେଖନ୍ତି ଆଉ ପିଲାକୁ ଟେନ୍‌ସନ ପକାନ୍ତି! ଶେଷକଥା ହେଲା, ସବୁ ଋତୁ ପରି ପରୀକ୍ଷା ଋତୁ ମଧ୍ୟ ଆସିବ ଓ ଯିବ, ମଣିଷ ଯେମିତି ଥିଲା ସେମିତି କୁତୁକୁତୁ ହେବ!!

ନରସିଂହପୁର, କଟକ
ମୋ: ୮୮୯୫୮୨୫୮୬୩

## ଏଇ ଭାରତରେ

ମହିଳା ସଶକ୍ତୀକରଣର ପ୍ରତୀକ ସାଜିଛନ୍ତି ବେଙ୍ଗାଲୁରୁର ଜାହ୍ନବି ବି.ଭି.। ସେ ଏକାବେଳକେ ଜଣେ ମା', ଅଟୋଚାଳକ ଓ ପ୍ରଶିକ୍ଷକ ଭୂମିକା ନିର୍ବାହ କରୁଛନ୍ତି। ଜାହ୍ନବିଙ୍କୁ ବୟସ ଏବେ ୩୩। ସେ ଅଟୋ ଚଳାଇ ପରିବାର ପ୍ରତିପୋଷଣ କରିବା ସହ ଅନ୍ୟ ମହିଳାଙ୍କୁ ମାଗଣାରେ ଡ୍ରାଇଭିଂ ପ୍ରଶିକ୍ଷଣ ଦେଇ ସେମାନଙ୍କୁ ସ୍ୱାବଲମ୍ବୀ କରିପାରିଛନ୍ତି। ବେଙ୍ଗାଲୁରୁ ସହର ନିକଟରେ ବନେରଘାଟରେ ତାଙ୍କ ଜନ୍ମ। ୧୨ ବର୍ଷ ବୟସରେ ସେ ତାଙ୍କ ପିତାଙ୍କୁ ହରାଇ ପରେ ପରିବାର ଚଳାଇବା ଦାୟିତ୍ୱ ମା'ଙ୍କ ଉପରେ ରହିଥିଲା। ମା'ଙ୍କ ଦେହାନ୍ତ ପରେ ସେ ଖୁଡ଼ୀଙ୍କ ପାଖରେ ରହି ୧୦ ଶ୍ରେଣୀ ପାସ କରିଥିଲେ ଓ ଆର୍ଥିକ ଅଭାବ ତାଙ୍କୁ ଅଧିକ ପଢ଼ିବା ଲାଗି ସୁଯୋଗ ଦେଇ ନ ଥିଲା। ପରେ ୧୬ବର୍ଷ ବୟସରେ ଅନ୍ୟ ଘରେ କାମ କରି ମାସକୁ ୫,୦୦୦ ଟଙ୍କା ରୋଜଗାର କରିବାକୁ ସକ୍ଷମ ହୋଇଥିଲେ। ୨୦୧୧ରେ ବିବାହ କରିଥିଲେ ଓ ତାଙ୍କ ସ୍ୱାମୀଙ୍କ ସହଯୋଗରେ ସେ ଅଟୋ ଡ୍ରାଇଭିଂ ପ୍ରଶିକ୍ଷଣ ନେଇଥିଲେ। ପରେ କମର୍ସିଆଲ ଡ୍ରାଇଭିଂ ଲାଇସେନ୍ସ ପାଇଥିଲେ। ଏବେ ସେ ଅଟୋ ଚଳାଇବା ଓ ପ୍ରଶିକ୍ଷଣ ଦେବାରେ ଦିନକୁ ୧୦-୧୨ ଘଣ୍ଟା ସମୟ ଦେଉଛନ୍ତି।

## ୫୦ ବର୍ଷ ତଳର ଧରିତ୍ରୀ

୨୧ ମାର୍ଚ୍ଚ ୧୯୭୬

- ଉଦୟପୁର ଅନ୍ତର୍ଗତ ଗୋବର୍ଦ୍ଧନ ବିକାଶ ବସ୍ତିରେ ବିସ୍ଫୋରଣ ଘଟି ୩ ମହିଳା ଓ ୪ ଶିଶୁଙ୍କ ସମେତ ୧୪ ଜଣଙ୍କ ମୃତ୍ୟୁ।
- ବିଶିଷ୍ଟ ସାରଙ୍ଗୀ ବାଦକ ଓସ୍ତାଦ ଅବଦୁଲ ମଜିଦ ଖାଁଙ୍କ ୯୨ ବର୍ଷ ବୟସରେ ପରଲୋକ।

## ଚିରନ୍ତନୀ

ଦେଖରେ ଦେଖ ବସନ୍ତ ବାଆ
ବିକଳେ କବି ଭ୍ରମଇ ଆହା
ତୁମରି ଚିର ଖେଳର ସାଥୀ
ନ ଲଭି କାହିଁ ଭରସା ସାହା ।
-(କବିର ବ୍ୟଥା)

-କାଳିନ୍ଦୀ ଚରଣ ପାଣିଗ୍ରାହୀ

## su|do|ku — ସୁ-ଡୋ-କୁ

Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| | | 3 | | 2 | 5 | | | |
| 6 | | | 1 | | | 9 | | |
| 4 | | | | 6 | | | | |
| | | | | | | 8 | 2 | |
| | | | 4 | | | | | |
| 1 | 9 | | 7 | | 2 | | | |
| | 5 | | | | | 1 | | |
| | 7 | | | | 9 | | 5 | 6 |
| | | 1 | 2 | | | | | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 9 | 2 | 3 | 5 | 7 | 6 | 8 | 1 | 4 |
| 7 | 1 | 6 | 4 | 3 | 8 | 5 | 9 | 2 |
| 5 | 8 | 4 | 2 | 1 | 9 | 6 | 3 | 7 |
| 8 | 3 | 2 | 7 | 9 | 1 | 4 | 6 | 5 |
| 1 | 5 | 7 | 6 | 2 | 4 | 9 | 8 | 3 |
| 4 | 6 | 9 | 8 | 5 | 3 | 2 | 7 | 1 |
| 3 | 4 | 1 | 9 | 6 | 5 | 7 | 2 | 8 |
| 2 | 9 | 8 | 1 | 4 | 7 | 3 | 5 | 6 |
| 6 | 7 | 5 | 3 | 8 | 2 | 1 | 4 | 9 |

ଗତକାଲିର ଉତ୍ତର

## ପାଠକ ଶ୍ରେଷ୍ଠ ବିଚାରକ

### ପଦବୀ ପୂରଣ କରାଯାଉ

ମହାଶୟ,

ଓଡ଼ିଶା ରାଜ୍ୟର ପ୍ରଶାସନିକ ପ୍ରାଣକେନ୍ଦ୍ର ହେଉଛି ସଚିବାଳୟ ବା ବର୍ତ୍ତମାନର 'ଲୋକସେବା ଭବନ' । ରାଜ୍ୟ ସରକାରଙ୍କ ଫାଇଲ କାମ ଲାଗି ଲୋଡ଼ା ହୁଏ ଆବଶ୍ୟକ ସଂଖ୍ୟକ କର୍ମଚାରୀ। ଏଠାରେ ବହୁ ସଂଖ୍ୟାରେ ପଦବୀ ଖାଲିଥିବା ଜାଣିବା ପରେ ମର୍ମାହତ ହେଲି। ବିଧାନସଭା ଅଧିବେଶନରେ ଏକ ପ୍ରଶ୍ନର ଉତ୍ତରରେ ସରକାର ସ୍ପଷ୍ଟ କରିଥିଲେ ଯେ, ଲୋକସେବା ଭବନରେ ଅଧିକାରୀଙ୍କ ଅଭାବ ଦେଖାଦେଇଛି। ସର୍ବମୋଟ ୮୨୭ ପଦବୀ ଖାଲିପଡ଼ିଛି। ଏକାବେଳକେ ଏତେ ସଂଖ୍ୟକ ପଦବୀ ଖାଲି ପଡ଼ିବା ଫଳରେ ସଚିବାଳୟରେ ଦୈନନ୍ଦିନ କାର୍ଯ୍ୟ ପରିଚାଳନାରେ ନାହିଁ ନ ଥିବା ଅସୁବିଧା ସୃଷ୍ଟି ହେଉଛି। ଏହା ସହିତ କାର୍ଯ୍ୟରତ ଅଧିକାରୀଙ୍କ ଉପରେ ମଧ୍ୟ ଅତ୍ୟଧିକ ଚାପ ପଡୁଛି। ରାଜ୍ୟରେ ବେକାରି ସମସ୍ୟା ଅତି ଉତ୍କଟ। ତେଣୁ ସରକାର ପ୍ରାଥମିକତା ଭିତ୍ତିରେ ଖାଲି ପଡ଼ିଥିବା ପଦବୀ ପୂରଣ କରନ୍ତୁ। ପଦବୀ ଶୀଘ୍ର ପୂରଣ ନ ହେଲେ ଲୋକସେବା ଭବନର ଗତିଶୀଳତା ପ୍ରଭାବିତ ହେବାର ଆଶଙ୍କା ରହିଛି। ଏହାର ପ୍ରଭାବ ସିଧାସଳଖ ସାଧାରଣ ଲୋକଙ୍କ ଉପରେ ପଡ଼ିବ।

-ପ୍ରତାପ ନାୟକ, କଳିଙ୍ଗ ବିହାର, ଭୁବନେଶ୍ୱର

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ଼ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦ କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail: edit.dharitri@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

# ଏସ୍‌ଆର୍‌ଙ୍କ ବିରୋଧରେ ଦୁର୍ନୀତି ଅଭିଯୋଗର ତଦନ୍ତ ନିର୍ଦ୍ଦେଶ

**ଖୋର୍ଦ୍ଧା ସବ୍ ରେଜିଷ୍ଟ୍ରାର କାର୍ଯ୍ୟାଳୟ**

ଖୋର୍ଦ୍ଧା,୨୦।୩(ପ୍ରଭାତ ପାଣିଗ୍ରାହୀ)

ଖୋର୍ଦ୍ଧା ସବ୍ ରେଜିଷ୍ଟ୍ରାର(ଏସ୍‌ଆର୍)ଙ୍କ କାର୍ଯ୍ୟାଳୟରେ ବିନା ଉତ୍କୋଚରେ କାମ ହେଉ ନ ଥିବା ଅଭିଯୋଗ ହେଉଛି। ସବ୍ ରେଜିଷ୍ଟ୍ରାର ଅତୁନ କୁମାର ପାତ୍ରଙ୍କ ବିରୋଧରେ ହୋଇଛି ଏଭଳି ଅଭିଯୋଗ। ଓଡ଼ିଶା ସରକାରଙ୍କ ରାଜସ୍ୱ ଏବଂ ବିପର୍ଯ୍ୟୟ ପରିଚାଳନା ବିଭାଗ ଉପସଚିବ ବିଭାଗୀୟ ଚିଠି ନମ୍ବର ୧୦୫୧୦/୧୦.୩.୨୬ ପ୍ରକାରେ ଏହି ଘଟଣାର ଅନୁସନ୍ଧାନମୂଳକ ଏକ ରିପୋର୍ଟ ବିଭାଗକୁ ପ୍ରଦାନ କରିବାକୁ ଜିଲାପାଳଙ୍କୁ ନିର୍ଦ୍ଦେଶ ଦିଆଯାଇଛି।

ଖୋର୍ଦ୍ଧାର ୩ଜଣ ଆଇନଜୀବୀ ସବ୍ ରେଜିଷ୍ଟ୍ରାରଙ୍କ ବିରୋଧରେ ଏହି ଅଭିଯୋଗ ଆଣିଛନ୍ତି। ତେବେ ଅଭିଯୋଗକାରୀମାନେ ଖୋର୍ଦ୍ଧା କୋର୍ଟରେ ଓକିଲ ନ ଥିବା ଜିଲା ଓକିଲ ସଂଘ ସଭାପତି ଜୀବନଜ୍ୟୋତି ମିଶ୍ର ସ୍ପଷ୍ଟ କରିଛନ୍ତି। ଅନ୍ୟପଟେ ଆଇନଜୀବୀଙ୍କ ନାଁ ନେଇ କେହି ଉଦ୍ଦେଶ୍ୟମୂଳକ ଭାବେ ଅଭିଯୋଗ ଆଣି ତାଙ୍କୁ ଫସାଇବାକୁ ଅପଚେଷ୍ଟା କରାଯାଉଛି ବୋଲି ସବ୍ ରେଜିଷ୍ଟ୍ରାର ପାତ୍ର କହିଛନ୍ତି। କେତେଜଣଙ୍କ ବ୍ୟକ୍ତିଗତ କାର୍ଯ୍ୟକଳାପରେ ବାଧା ସୃଷ୍ଟି ହେବାରୁ ଜାଣିଶୁଣି ବଦନାମ କରିବାକୁ ଷଡ଼ଯନ୍ତ୍ର କରାଯାଇଛି ବୋଲି ସେ କହିଛନ୍ତି। ତେବେ ଅଭିଯୋଗ ଉପରେ ଜିଲା ପ୍ରଶାସନ ପକ୍ଷରୁ ଏଯାବତ୍ କୌଣସି ତଦନ୍ତ କରାଯାଇ ନ ଥିବା ଜଣାପଡିଛି।

ଅଭିଯୋଗ ଅନୁଯାୟୀ, ଖୋର୍ଦ୍ଧା ସବ୍ ରେଜିଷ୍ଟ୍ରାର କାର୍ଯ୍ୟାଳୟ କେତେଜଣ ଅସାଧୁ ଅଧିକାରୀ, କର୍ମଚାରୀ ଏବଂ ଜମି ଦଲାଲଙ୍କ ଆଡ୍ଡାସ୍ଥଳୀ ପାଲଟିଛି। ପାର୍ଟପ୍ଲଟ ବିକ୍ରି ବାବଦରୁ ୧୦ହଜାର ଟଙ୍କାରୁ ୧ଲକ୍ଷ ଟଙ୍କା ଦାବି କରାଯାଉଛି। ଟଙ୍କା ନ ଦେଲେ କିମ୍ବା କଥାରେ ରାଜି ନ ହେଲେ ପ୍ଲଟ ବିକ୍ରି ହୋଇପାରୁନାହିଁ। ଏଠାରେ ସମସ୍ତ ସରକାରୀ ନିୟମକୁ ଫୁ କରି ଲକ୍ଷାଧିକ ଟଙ୍କାର କାରବାର ଚାଲିଛି। ପ୍ରତିବାଦ କଲେ ବିଭିନ୍ନ ଆଳ ଦେଖାଇ ଜାଣିଶୁଣି ବିଳମ୍ବ କରାଯାଉଛି। ଟଙ୍କା ଦେବା ପରେ ଭିତର ଚାମ୍ବରରେ ଠାକୁରଙ୍କ ଫଟୋ ଛୁଆଁଇ ବାହାରେ କାହାରି ଆଗରେ ନ କହିବା ପାଇଁ ସଂକଳ୍ପ କରାଉଛନ୍ତି। ସରକାରୀ ନିୟମ ଅନୁସାରେ ଚାଷଜମି କିମ୍ବା ଘରବାରି କିସମ ଜମିର ପାର୍ଟ ପ୍ଲଟ କଲେ ଗ ଏବଂ ଘ ଫର୍ମ ଲଗାଇବା ପାଇଁ ଅର୍ଥ ଦାବି କରାଯାଉଛି। ଲୋକେ ଘଣ୍ଟା ଘଣ୍ଟା ଧରି ଲମ୍ବାଧାଡିରେ ଅପେକ୍ଷା କରୁଥିବା ବେଳେ ଭାଗ ନ ଛିଡିଲେ ଜାଣିଶୁଣି ବିଳମ୍ବ କରାଯାଉଛି। ଘରବାରି ପ୍ଲଟ ବ୍ରିକି ଅନୁମତି ଲାଗି ୫୦ରୁ ୮୦ ହଜାର ଟଙ୍କା ପର୍ଯ୍ୟନ୍ତ ଉତ୍କୋଚ ନ ଦେଲେ କାମ କରାଯାଉନାହିଁ ବୋଲି ଏଭଳି ସବ୍‌ରେଜିଷ୍ଟ୍ରାରଙ୍କ ବିରୋଧରେ ଅଭିଯୋଗ ଆସିଛି।


କୁଦିଆରି ଗ୍ରାମର ମା' ଜାଗୁଳାଇଙ୍କ ବ୍ରହ୍ମଚାରିଣୀ ବେଶ।


ରାମେଶ୍ୱର ପଞ୍ଚାୟତରେ ଥିବା ମା' ବନଦୁର୍ଗାଙ୍କ ବ୍ରହ୍ମଚାରିଣୀ ବେଶ।

## ସଂକ୍ଷେପରେ

### ନନ୍ଦନକାନନକୁ ଆସିବେ ୩ ପ୍ରଜାତିର ୧୮ ଜୀବଜନ୍ତୁ

**ବାରଙ୍ଗ/ତ୍ରିଶୂଳିଆ,୨୦।୩ (ଲିଙ୍ଗରାଜ ରାଉତ/ତୁଷାରକାନ୍ତ ବେହେରା):** ନନ୍ଦନକାନନକୁ ବିଶ୍ୱସ୍ତରୀୟ ଚିଡ଼ିଆଖାନାରେ ପରିଣତ କରିବା ପାଇଁ କର୍ତ୍ତୃପକ୍ଷ ଗୋଟିଏ ପରେ ଗୋଟିଏ ପଦକ୍ଷେପ ନେଉଛନ୍ତି। ଗତ ୧୧ରେ ବିଶାଖାପାଟଣାର ଇନ୍ଦିରା ଗାନ୍ଧୀ ପ୍ରାଣୀ ଉଦ୍ୟାନ ଓ ନନ୍ଦନକାନନ ମଧ୍ୟରେ ପ୍ରଥମ ପର୍ଯ୍ୟାୟ ପଶୁପକ୍ଷୀ ଅଦଳବଦଳ ପରେ ଚଳିତବର୍ଷର ଦ୍ୱିତୀୟ ପର୍ଯ୍ୟାୟ ପଶୁପକ୍ଷୀ ଅଦଳବଦଳ ପ୍ରକ୍ରିୟା ନନ୍ଦନକାନନ ପ୍ରାଣୀ ଉଦ୍ୟାନ ଏବଂ ଗୁଜରାଟର ଜୁନାଗଡ଼ ସକ୍କରବାଗ ଚିଡ଼ିଆଖାନା ମଧ୍ୟରେ ଆରମ୍ଭ ହୋଇଛି। କେନ୍ଦ୍ରୀୟ ଚିଡ଼ିଆଖାନା ପ୍ରାଧିକରଣଙ୍କ ଅନୁମୋଦନ ପରେ ଚଳିତବର୍ଷର ଦ୍ୱିତୀୟ ପର୍ଯ୍ୟାୟ ପଶୁପକ୍ଷୀ ଅଦଳବଦଳ ପ୍ରକ୍ରିୟା ଶୁକ୍ରବାର ଭୋର୍ ସମୟରେ ଆରମ୍ଭ ହୋଇଛି। ପ୍ରାଥମିକ ପର୍ଯ୍ୟାୟରେ ସକ୍କରବାଗ ଚିଡ଼ିଆଖାନାର ଏକ ଦଳ ନନ୍ଦନକାନନରୁ ଗୋଟିଏ ଓଟପକ୍ଷୀ, ୩ଟି ମାଈ ଚଉସିଙ୍ଘା ମୃଗ, ୩ଟି କୁଜି ହରିଣକୁ ସାଙ୍ଗରେ ନେଇ ଗୁଜରାଟ ଅଭିମୁଖେ ଯାତ୍ରା ଆରମ୍ଭ କରିଛନ୍ତି। ଏହାର ପ୍ରତିବଦଳରେ ସେଠାରୁ ୩ ପ୍ରଜାତିର ୧୮ ଜୀବଜନ୍ତୁ ନନ୍ଦନକାନନ ଆସିବେ ବୋଲି ଉପନିର୍ଦ୍ଦେଶକ ଅଭୟ କୁମାର ଦଳାଇ ସୂଚନା ଦେଇଛନ୍ତି।

### ଓଲଟିଲା ବ୍ୟାଟେରିଚାଳିତ ଡାଲା ଅଟୋ

**ବାରଙ୍ଗ,୨୦।୩(ଲିଙ୍ଗରାଜ ରାଉତ):** ନେତାଜୀ ସୁଭାଷ ଚନ୍ଦ୍ର ବୋଷ୍ ସେତୁ ଉପରେ ଭାରସାମ୍ୟ ହରାଇ ଏକ ବ୍ୟାଟେରିଚାଳିତ ଡାଲା ଅଟୋ ଓଲଟି ପଡ଼ିଥିବା ବେଳେ ଚାଳକ ଜଣଙ୍କ ବର୍ତ୍ତିଯାଇଛନ୍ତି। ପ୍ରକାଶ ଯେ, ଶୁକ୍ରବାର ଅପରାହ୍ନରେ ଓଡି-୩୩-ଏକେ-୦୦୫୩ ନମ୍ବରବିଶିଷ୍ଟ ଡାଲା ଅଟୋ ତ୍ରିଶୂଳିଆ ବଜାରରୁ କଟକ ଅଭିମୁଖେ ଯାଉଥିଲା। ନେତାଜୀ ସୁଭାଷ ଚନ୍ଦ୍ର ବୋଷ୍ ସେତୁରେ ଅଟୋଟି ହଠାତ୍ ଓଲଟି ପଡ଼ିଥିଲା।

### ଭାଜପା ଯୁବମୋର୍ଚ୍ଚା ରାଜ୍ୟ ଉପସଭାପତି ହେଲେ ପ୍ରଶାନ୍ତ

**ନିରାକାରପୁର,୨୦।୩(ମାନସ ଚନ୍ଦ୍ର ପଟ୍ଟନାୟକ):** ଖୋର୍ଦ୍ଧା ଜିଲା ନିରାକାରପୁର ପଞ୍ଚାୟତରେ ଥିବା କ୍ଷେତ୍ରବାସୀ ଡିଏଭି କଲେଜର ପୂର୍ବତନ ଛାତ୍ର ନେତା ପ୍ରଶାନ୍ତ ପାଇକରାୟ ଭାଜପା ଯୁବମୋର୍ଚ୍ଚାର ରାଜ୍ୟ ଉପସଭାପତି ଭାବେ ମନୋନୀତ ହୋଇଛନ୍ତି।



ଏନେଇ ସେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ, ରାଜ୍ୟ ଭାଜପା ସଭାପତି ମନମୋହନ ସାମଲ ଏବଂ ରାଜ୍ୟ ଯୁବମୋର୍ଚ୍ଚା ସଭାପତି ଅଭିଳାଷ ପଣ୍ଡାଙ୍କୁ ଧନ୍ୟବାଦ ଜ୍ଞାପନ କରିଛନ୍ତି। ଅଞ୍ଚଳବାସୀ କିଭଳି ଭାବେ ସରକାରୀ ଯୋଜନାର ଲାଭ ଉଠାଇପାରିବେ ସେ ଦିଗରେ ଧ୍ୟାନଦେବେ ବୋଲି ପ୍ରଶାନ୍ତ କହିଛନ୍ତି।

# 'ସହରୀ ସଂସ୍କୃତିରେ ସାମିଲ ହୋଇଛି ପଖାଳ'



ଖୋର୍ଦ୍ଧା,୨୦।୩(ପ୍ରଭାତ ପାଣିଗ୍ରାହୀ)

ରାଜ୍ୟ ପର୍ଯ୍ୟଟନ ବିଭାଗ ଏବଂ ଜିଲା ପ୍ରଶାସନର ମିଳିତ ଆନୁକୂଲ୍ୟରେ ଶୁକ୍ରବାର ଜିଲା ପରିଷଦ କାର୍ଯ୍ୟାଳୟ ସମ୍ମିଳନୀ କକ୍ଷରେ ଜିଲାସ୍ତରୀୟ ପଖାଳ ଦିବସ ଅନୁଷ୍ଠିତ ହୋଇଯାଇଛି। ଜିଲାପାଳ ଅମ୍ରିତ୍ ଋତୁରାଜଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଜିଲା ପରିଷଦ ସଭାପତି ରୂପଶ୍ରୀ ରାଣୀ ଗୁମାନସିଂହ ମୁଖ୍ୟ ଅତିଥି, ଉପସଭାପତି ଗୋପୀନାଥ ମହାରଣା ସମ୍ମାନିତ ଅତିଥି, ଅତିରିକ୍ତ ଜିଲାପାଳ(ରାଜସ୍ୱ) ସାଫଲ୍ୟ ମଣ୍ଡିତ ପ୍ରଧାନ, ଅତିରିକ୍ତ ଜିଲାପାଳ(ସାଧାରଣ) ପ୍ରତାପ ଚନ୍ଦ୍ର ବେଉରା, ଜିଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ ଜ୍ୟୋତି ଶଙ୍କର ସାହୁ ପ୍ରମୁଖ ଯୋଗଦେଇଥିଲେ। ମୁଖ୍ୟମନ୍ତ୍ରୀ ଭୁବନେଶ୍ୱର ପାନ୍ଥନିବାସରୁ ଆଭାସୀରେ ସମ୍ବୋଧିତ କରି କହିଥିଲେ, ପଖାଳ ଓଡ଼ିଆଙ୍କ ଅସ୍ମିତାର ପରିଚୟ ବହନ କରେ। ଏହାକୁ ବିଶ୍ୱର ସମଗ୍ର ଦେଶରେ ପରିଚିତ କରାଇ ଜଗନ୍ନାଥ ସଂସ୍କୃତିରେ ମହାପ୍ରଭୁଙ୍କ ନୈବେଦ୍ୟ ପଖାଳ ପର୍ବକୁ ଓଡ଼ିଶାର ଜନସାଧାରଣମାନେ ବିଶ୍ୱର କୋଣ ଅନୁକୋଣରେ ବ୍ୟାପକ ପ୍ରଚାର ପ୍ରସାର କରିବାକୁ ଆହ୍ୱାନ ଦେଇଥିଲେ। ଜିଲାର ସମସ୍ତ ଜିଲା ପରିଷଦ ସଭ୍ୟ, ପଞ୍ଚାୟତ ସମିତି ପୌର ପରିଷଦ ଓ ବିଜ୍ଞାପିତ ଅଞ୍ଚଳ ଜନପ୍ରତିନିଧି, ସମସ୍ତ ଜିଲାସ୍ତରୀୟ ଅଧିକାରୀ, ବିଡିଓ ଏବଂ ତହସିଲଦାର, ଗଣମାଧ୍ୟମ ପ୍ରତିନିଧିମାନେ ଯୋଗଦେଇ ଏକାଠି ବସି ପଖାଳ ଓ ବିଭିନ୍ନ ପ୍ରକାର ସୁସ୍ୱାଦୁ ବ୍ୟଞ୍ଜନ ଖାଇଥିଲେ। ପଖାଳ ଓଡ଼ିଆଙ୍କ ପ୍ରଥମ ପସନ୍ଦ। ପଖାଳର ମହକ ସବୁଆଡ଼େ ଅନୁଭୂତ ହେଉଛି। ଓଡ଼ିଆ ସଂସ୍କୃତିରେ ଏହାର ଗୁରୁତ୍ୱକୁ ଉପଲବ୍ଧି କରିବା ପାଇଁ ପ୍ରତିବର୍ଷ ମାର୍ଚ୍ଚ ୨୦କୁ ପଖାଳ ଦିବସ ଭାବେ ପାଳନ କରାଯାଉଛି। ସାରା ବିଶ୍ୱରେ ଓଡ଼ିଆମାନେ ଯେଉଁଠି ଥାଆନ୍ତୁ ନା କାହିଁକି ପଖାଳ ପ୍ରତି ସବୁବେଳେ ଆଗ୍ରହ ରହି ଆସିଛି। ଅତ୍ୟାଧୁନିକ ଯୁଗରେ ମଧ୍ୟ ଏହି ପାରମ୍ପରିକ ଖାଦ୍ୟର ସ୍ୱତନ୍ତ୍ରତା ରହିଛି। ଗାଁ ଗହଳିର ଝାଟିମାଟି ଭିତରେ ସୀମିତ ପଖାଳ ସହର ସଂସ୍କୃତିରେ, ଜନଜୀବନରେ ସାମିଲ ହୋଇଛି ପଖାଳ କଂସା ବୋଲି ଅତିଥିମାନେ ମତବ୍ୟକ୍ତ କରିଥିଲେ।

# ଓଡ଼ିଆ ପଖାଳର ଆଦର ବଢ଼ିଛି

ଖୋର୍ଦ୍ଧା,୨୦।୩(ପ୍ରଭାତ ପାଣିଗ୍ରାହୀ)

ତ୍ରିନାଥ ଚରଣ ସ୍ମୃତି କଳା ସାହିତ୍ୟ ସଂସଦ ପକ୍ଷରୁ ଶ୍ୟାମା ମାଧବ ବାସନ୍ତୀ ସ୍ମୃତି ପାଠାଗାର ସମ୍ମିଳନୀ କକ୍ଷରେ ବିଶ୍ୱ ପଖାଳ ଦିବସ ପାଳିତ ହୋଇଯାଇଛି। ସତ୍ୟବାଦୀ ବଳିଆରସିଂହଙ୍କ ସଭାପତିତ୍ୱରେ ପ୍ରଥମ ପର୍ଯ୍ୟାୟରେ ପଖାଳ ଦିବସ ଉପରେ କବିତା ପାଠ ହୋଇଥିଲା। ଅଶୋକ ରାୟସିଂହ, ଡ.ଚପଳା ପଣ୍ଡା, ଜଗନ୍ନାଥ ନାୟକ, ପଦ୍ମଲୋଚନ ସାହୁ, ଡ.ବୃନ୍ଦାବନ ପଣ୍ଡା, ନର୍ମଦା ଦୋରା, ପ୍ରଫୁଲ ଦାସ, ରାଜ କିଶୋର ବଳିଆରସିଂହ, ଡ.ପ୍ରଫୁଲ୍ଲ ସାମନ୍ତରାୟ, ବଂଶୀଧର ଦାସ, ଅନସୂୟା ସାମନ୍ତରାୟ, ବିଭୁପ୍ରସାଦ ହରିଚନ୍ଦନ, ସୌଦାମିନୀ ପଟ୍ଟନାୟକ, ବୈକୁଣ୍ଠ ନାଥ ରାଜଗୁରୁ, ବିନତୀ ମିଶ୍ର ପ୍ରମୁଖ ସ୍ୱରଚିତ କବିତା ପାଠ କରିଥିଲେ। ଦ୍ୱିତୀୟ ପର୍ଯ୍ୟାୟରେ ଆୟୋଜିତ ଆଲୋଚନାଚକ୍ରରେ ଗୋବିନ୍ଦ ଚନ୍ଦ୍ର ମହରଣା, ରାଜେନ୍ଦ୍ର କୁମାର ନରେନ୍ଦ୍ର, ଗୋପାଳ କୃଷ୍ଣ ଦାସ, ନରେନ୍ଦ୍ର ପୃଷ୍ଟି, ଜ୍ୟୋତି ରଞ୍ଜନ ସାହୁ, ବିଦ୍ୟାଧର ଲେଙ୍କା, ଜଗବନ୍ଧୁ ସାହୁ, ହେମନ୍ତ ବେହେରା ପ୍ରମୁଖ ପଖାଳ ଦିବସ ସମ୍ପର୍କରେ ମତ ରଖିଥିଲେ। ମହାପ୍ରଭୁଙ୍କ ନିକଟରେ ୫ପ୍ରକାର ପଖାଳ ଲାଗି କରାଯାଏ। ଦେଶ ବିଦେଶରେ ମଧ୍ୟ ପଖାଳର ଆଦର ରହିଛି ବୋଲି କହିଥିଲେ। ଏହା ପରେ ସମସ୍ତେ ଏକାଠି ପଖାଳ ଖାଇଥିଲେ। ଲିପ୍‌ସା ପଟ୍ଟନାୟକ, ରେଖା ସ୍ୱାଇଁ, କଳ୍ପନା ପଟ୍ଟନାୟକ, ଶୁଭଦର୍ଶିନୀ ସ୍ୱାଇଁ ପରିଚାଳନା କରିଥିଲେ। ଅନୁଷ୍ଠାନର ସମ୍ପାଦିକା ଇତିଶ୍ରୀ ସାହୁ ଓ ସହ ସମ୍ପାଦକ ଜ୍ୟୋତିରଞ୍ଜନ ସାହୁ ସଂଯୋଜନା କରିଥିଲେ।

# ନିଷ୍ଠା, ଅଧ୍ୟବସାୟ ସଫଳତା ଆଣେ

ବୋଲଗଡ଼,୨୦।୩(ଦେବବ୍ରତ ହୋତା)

ବୋଲଗଡ଼ ଶିକ୍ଷା ବ୍ଲକ ଅନ୍ତର୍ଗତ ରାମପୁର ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ଅଷ୍ଟମ ଶ୍ରେଣୀ ବିଦ୍ୟାର୍ଥୀଙ୍କୁ ଶୁକ୍ରବାର ବିଦାୟକାଳୀନ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଛି। ଏନେଇ ବିଦ୍ୟାଳୟ ପରିସରରେ ପ୍ରଧାନ ଶିକ୍ଷୟିତ୍ରୀ ଜୟନ୍ତୀ ସାହୁଙ୍କ ଅଧ୍ୟକ୍ଷତାରେ ଆୟୋଜିତ ସମାରୋହରେ ଗୋଷ୍ଠୀ ଶିକ୍ଷା ଅଧିକାରୀ ପ୍ରମୋଦ ସ୍ୱାଇଁ ମୁଖ୍ୟ ଅତିଥିଭାବେ ଯୋଗଦେଇ ନିଷ୍ଠା ଓ ଅଧ୍ୟବସାୟ ବଳରେ ସଫଳତା ଆଣିବାକୁ ପରାମର୍ଶ ଦେଇଥିଲେ। ମଣ୍ଡଳ ସାଧନକେନ୍ଦ୍ର ସଂଯୋଜକ କୈଳାସ ନାଥ ସ୍ୱାଇଁ, ଏବିଇଓ ଅମିତ ମିଶ୍ର, ପ୍ରଧାନ ଶିକ୍ଷକ ରବୀନ୍ଦ୍ର ବେହେରା ପ୍ରମୁଖ ସମ୍ମାନିତ ଅତିଥିଭାବେ ଯୋଗଦେଇଥିଲେ। ଶିକ୍ଷକ ମନମୋହନ କହଲସିଂହଙ୍କ ସଂଯୋଜନାରେ ଆୟୋଜିତ କାର୍ଯ୍ୟକ୍ରମରେ ଶିକ୍ଷୟିତ୍ରୀ ମୋନାଲିସା ସାହୁ ଅତିଥିଙ୍କ ପରିଚୟ ପ୍ରଦାନ କରିଥିଲେ। ଏହି ଅବସରରେ ବିଦ୍ୟାର୍ଥୀଙ୍କୁ ଅନୁଷ୍ଠାନ ପକ୍ଷରୁ ଉପହାର ପ୍ରଦାନ କରାଯାଇଥିଲା। ଏହି ସମାରୋହରେ ବିଦ୍ୟାଳୟ ପରିଚାଳନା କମିଟି ଓ ପଞ୍ଚସଖା ଶିକ୍ଷାସେତୁର ସମସ୍ତ ମେମ୍ବରଙ୍କ ସମେତ ବହୁ ଅଭିଭାବକ ଉପସ୍ଥିତ ଥିଲେ। ଶିକ୍ଷୟିତ୍ରୀ ରୋଜାଲିନ ମହାପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ।

# ପୁରାତନ ଛାତ୍ର ସଂସଦର ବୈଠକ

କଳାପଥର,୨୦।୩ (ଗଙ୍ଗାଧର ସାହୁ)

କଳାପଥର ଧଳାପଥର ଉଚ୍ଚ ବିଦ୍ୟାଳୟ ପୁରାତନ ଛାତ୍ର ସଂସଦ ପକ୍ଷରୁ ଶୁକ୍ରବାର ତୃତୀୟ ବାର୍ଷିକ ବୈଠକ ବିଦ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଯାଇଛି। ଛାତ୍ର ସଂସଦ ସଭାପତି ନୀଳମଣି ମହାପାତ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ସ୍କୁଲର ପ୍ରଧାନ ଶିକ୍ଷୟିତ୍ରୀ ଗୀତାଞ୍ଜଳି ରଣା, ପୁରାତନ ଛାତ୍ର କୈଳାସ ଚନ୍ଦ୍ର ସାମନ୍ତରା, ବରିଷ୍ଠ ସଭ୍ୟ ପ୍ରଫୁଲ୍ଲ କୁମାର ସାହୁ, ରତ୍ନାକର ମହାପାତ୍ର, ଭାଗୀରଥି ଦାଶ, ରାଜ କିଶୋର ସାହୁ, ନାଟ୍ୟ ଗୁରୁ ଧ୍ରୁବ ଚରଣ ମହାପାତ୍ର, ସଞ୍ଜୟ କୁମାର ସୁବୁଦ୍ଧି ପ୍ରମୁଖ ଯୋଗଦେଇଥିଲେ। ପୁରାତନ ଛାତ୍ର ପ୍ରଭାସ ଚୌଧୁରୀଙ୍କୁ କୋଷାଧ୍ୟକ୍ଷ ଦାୟିତ୍ୱ ପ୍ରଦାନ କରାଯାଇଥିଲା। ସାଧାରଣ ସମ୍ପାଦକ କୈଳାସ ଚନ୍ଦ୍ର ସାମନ୍ତରା ବାର୍ଷିକ ବିବରଣୀ ପାଠ କରିଥିଲେ। ବୈଠକରେ ସ୍କୁଲର ଉନ୍ନତି, ବାର୍ଷିକ ଉତ୍ସବର ଆୟୋଜନ, ପିଲାଙ୍କ ପାଠପଢା ପାଇଁ ଅଭିଜ୍ଞ ଶିକ୍ଷକଙ୍କ ଦ୍ୱାରା ଅତିରିକ୍ତ ଜ୍ଞାନ ପ୍ରଦାନ, ବିଭିନ୍ନ ଜାତୀୟ ଦିବସରେ ପିଲାଙ୍କ ମଧ୍ୟରେ କୁଇଜ ପ୍ରତିଯୋଗିତାର ଆୟୋଜନ ପାଇଁ କାର୍ଯ୍ୟସୂଚୀ କରାଯାଇଥିଲା। ଛାତ୍ରୀଛାତ୍ରଙ୍କ ଦକ୍ଷତା ବିକାଶ, ଖେଳକୁଦ ଉପରେ ସତନ୍ତ୍ର ଧ୍ୟାନ ଦେବାକୁ ନିଷ୍ପତି ହୋଇଥିଲା। ଶେଷରେ ଅବସର ପ୍ରାପ୍ତ ପ୍ରଧାନ ଶିକ୍ଷକ ଧର୍ମୁଧର ଯୁଝାରସିଂ ଧନ୍ୟବାଦ ଅର୍ପଣ କରିଥିଲେ।

# ବ୍ଲକସ୍ତରୀୟ ଆଇନ ସଚେତନତା କାର୍ଯ୍ୟକ୍ରମ



ଜଟଣୀ,୨୦।୩(ରବୀନ୍ଦ୍ରନାଥ ମହାକୁଡ଼)

ଓଡ଼ିଶା ରାଜ୍ୟ ମହିଳା ଆୟୋଗ ଦ୍ୱାରା ଜିଲା ସମାଜ କଲ୍ୟାଣ କାର୍ଯ୍ୟାଳୟ ସହଯୋଗରେ ଶୁକ୍ରବାର ବ୍ଲକସ୍ତରୀୟ ଆଇନ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଜଟଣୀ ପୌରାଞ୍ଚଳସ୍ଥ ଟାଉନ ହଲ୍(ସ୍ରଷ୍ଟା) ପରିସରରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥିଭାବେ ଏମ୍‌ପି ଅପରାଜିତା ଷଡ଼ଙ୍ଗୀ ଯୋଗଦେଇ କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ। ମୁଖ୍ୟ ବକ୍ତାଭାବେ ମହିଳା ଆୟୋଗ ସଭ୍ୟା ଉର୍ମିଳା ମହାପାତ୍ର, ଜଟଣୀ ନଗରପାଳ ଅନନ୍ତ ବେହେରା, ତହସିଲଦାର ଶିବାଶିଷ ପରିଡା, ଆଇନଜୀବୀ ସଞ୍ଜୟ ମହାପାତ୍ର, ବିଡିଓ ବସନ୍ତ ହାତୀ, ପୌରକାର୍ଯ୍ୟନିର୍ବାହୀ ଅଧିକାରୀ ଆକୃତି ଗୋଏଙ୍କା, ବରିଷ୍ଠ ଭଜପା ନେତା ସୁଦୀପ୍ତ ରାୟ, ବିଶ୍ୱରଞ୍ଜନ ବଡ଼ଜେନା, ସିଡିପିଓ ସଞ୍ଜୁଲତା ବେହେରା ପ୍ରମୁଖ ଯୋଗଦେଇଥିଲେ। ନାରୀମାନଙ୍କ ପଦମର୍ଯ୍ୟାଦା ବୃଦ୍ଧି, ଆର୍ଥିକ ସ୍ଥିତି ମଜବୁତ କରିବା ସହ ସମାଜରେ ସେମାନେ କିପରି ସ୍ୱାବଲମ୍ବୀ ହୋଇପାରିବେ ସେ ସମ୍ପର୍କରେ ଏମ୍‌ପି ଷଡ଼ଙ୍ଗୀ ମତବ୍ୟକ୍ତ କରିଥିଲେ। କାର୍ଯ୍ୟକ୍ରମରେ ଉପସ୍ଥିତ ଆଇନଜୀବୀମାନେ ନାରୀମାନଙ୍କ ନିମନ୍ତେ ଉଦ୍ଦିଷ୍ଟ ବିଭିନ୍ନ ଆଇନ ସମ୍ପର୍କରେ ସୂଚନା ଦେଇଥିଲେ। ସୌଦାମିନୀ ଦାସ ମଞ୍ଚ ପରିଚାଳନା କରିଥିବା ବେଳେ ଲକ୍ଷ୍ମୀପ୍ରିୟା ସାହୁ ଧନ୍ୟବାଦ ଦେଇଥିଲେ। ଏହି ଆଇନ ସଚେତନତା କାର୍ଯ୍ୟକ୍ରମରେ ବିଭିନ୍ନ ଏସ୍‌ଏଚ୍‌ଜି ଗ୍ରୁପ୍‌ର ମହିଳାଙ୍କ ସହ ଅଙ୍ଗନୱାଡି କର୍ମୀ ଓ ବିଭାଗୀୟ କର୍ମଚାରୀ ଉପସ୍ଥିତ ଥିଲେ।

# ଓଡ଼ିଶାର ପରମ୍ପରା ବହନ କରୁଛି ପଖାଳ

ବାଲୁଗାଁ,୨୦।୩(ସଂଗ୍ରାମ ପାଇକରାୟ)

ରାଜ୍ୟ ପର୍ଯ୍ୟଟନ ବିଭାଗ ପକ୍ଷରୁ ଶୁକ୍ରବାର ବଡ଼କୁଳ ପାନ୍ଥନିବାସଠାରେ ବିଶ୍ୱ ପଖାଳ ଦିବସ ପାଳିତ ହୋଇଯାଇଛି। ପରିଚାଳକ ଦିଲୀପ କୁମାର ସାହୁଙ୍କ ତତ୍ତ୍ୱାବଧାନରେ ଛୁଙ୍କ ପଖାଳ ସାଙ୍ଗକୁ ଓଡ଼ିଆ ଖାଦ୍ୟର ନିଆରା ସମ୍ଭାର ପର୍ଯ୍ୟଟକଙ୍କୁ ଆକୃଷ୍ଟ କରିଥିଲା। ପଖାଳ ସହିତ ବଡ଼ିଚୂରା, କଖାରୁ ଫୁଲ ପିଠଉ, ଶାଗ ଭଜା, ଆଳୁସାରୁ ଚକଟା, ବାଇଗଣ ଭର୍ତ୍ତା, ପଣସ କଠା କଷା, ଭେଣ୍ଡିଆଳୁ ଫ୍ରାଏ, ଛୁଇଁ ଆଳୁ ବେସର, ଆମ୍ବ ଛେଚା, ଆଚାର, ପାମ୍ପଡ଼, ସାଲାଡ଼ ଏବଂ ଆମିଷ ମଧ୍ୟରେ ମାଛ ଭଜା ଓ ଚିଙ୍ଗୁଡ଼ି ଛେଚା ଆଦି ବ୍ୟଞ୍ଜନ ଖାଇଥିଲେ ପର୍ଯ୍ୟଟକଙ୍କ ସମେତ ସ୍ଥାନୀୟ ଅଞ୍ଚଳବାସୀ। ନିରାମିଷ ଥାଳି ସର୍ବନିମ୍ନ ୧୮୦ ଏବଂ ସର୍ବାଧିକ ୩୫୦ ଟଙ୍କା ଥିବା ବେଳେ ଆମିଷ ଥାଳି ୪୫୦ଟଙ୍କା ରହିଥିଲା। ଗ୍ରୀଷ୍ମଋତୁ ଅବଧି ପର୍ଯ୍ୟନ୍ତ ପର୍ଯ୍ୟଟକଙ୍କ ନିମନ୍ତେ ଏହି ପଖାଳ ବ୍ୟଞ୍ଜନ ବ୍ୟବସ୍ଥା ଜାରି ରହିବ ବୋଲି ପରିଚାଳକ ସାହୁ କହିଛନ୍ତି।

**ବୋଲଗଡ଼,(ଦେବବ୍ରତ ହୋତା):** ବୋଲଗଡ଼ ବ୍ଲକ ମିଶନ ଶକ୍ତି ଭବନ ପରିସରରେ ଆଞ୍ଚଳିକ ମହିଳା ମହାସଂଘ ପକ୍ଷରୁ ଶୁକ୍ରବାର ପଖାଳ ଦିବସ ପାଳିତ ହୋଇଯାଇଛି। ୫୦ରୁ ଊର୍ଦ୍ଧ୍ୱ ମିଶନ ଶକ୍ତି ମା'ମାନେ ଏକତ୍ରିତ ହୋଇ ପଖାଳ ସହ ୧୫ପ୍ରକାର ବ୍ୟଞ୍ଜନ ପ୍ରସ୍ତୁତ କରି ପରସିଥିଲେ। ସ୍ଥାନୀୟ ବିଡିଓ ସୁମନ ସୁଧା କୁଣ୍ଟୁ, ଏବିଡିଓ ଡ. ରତିକାନ୍ତ ମିଶ୍ର, ନିରଞ୍ଜନ ନାୟକ, ଦେବବ୍ରତ ହୋତା, ପ୍ରଫୁଲ୍ଲ ସିଂହ, ସତ୍ୟ ନାରାୟଣ ବାରିକ, କାଶୀନାଥ ହୋତା, ଦୀପକ ପାହାଡ଼ସିଂହ ପ୍ରମୁଖ ସାମିଲ ହୋଇ ପଖାଳ ଦିବସ ପାଳନ କରିଥିଲେ। ମହିଳା ମହାସଂଘ ସଭାନେତ୍ରୀ ଶୈଳବାଳା ବାହିନୀପତି, ସମ୍ପାଦିକା ଗୀତାଞ୍ଜଳି ମହାନ୍ତିଙ୍କ ତତ୍ତ୍ୱାବଧାନରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ସିଡିପିଓ, ବିପିସି, ବିପିଏମ, ବିଏଲସି ଓ ସୁପରଭାଇଜର (ଆଇସିଡିଏସ) ପ୍ରମୁଖ ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମ ପରିଚାଳନାରେ ୧୯ ପଞ୍ଚାୟତର ସଭାନେତ୍ରୀ, ସମ୍ପାଦିକାଙ୍କ ସମେତ ସମସ୍ତ ସଭ୍ୟା ସହଯୋଗ କରିଥିଲେ।

**ବେଗୁନିଆ,(ହର ପ୍ରସନ୍ନ ପଣ୍ଡା):** ବେଗୁନିଆ ସଦର ମହକୁମା ସ୍ଥିତ ପଦ୍ମାଳୟା ଗୃହିଣୀ ସମାଜ ଆନୁକୂଲ୍ୟରେ ଶୁକ୍ରବାର 'ବିଶ୍ୱ ପଖାଳ ଦିବସ' ପାଳିତ ହୋଇଯାଇଛି। ସ୍ଥାନୀୟ ଆଦର୍ଶ କ୍ଲବ ସଭାଗୃହରେ ଆୟୋଜିତ କାର୍ଯ୍ୟକ୍ରମରେ ଗୃହିଣୀ ସମାଜର ସଭାନେତ୍ରୀ ମମତା କୁମାରୀ ପ୍ରଧାନ ଅଧ୍ୟକ୍ଷତା କରିଥିଲେ। ବସନ୍ତ ଦାସ ମଙ୍ଗଳା ଚରଣ ପାଠ କରିବା ପରେ ପଣ୍ଡିତ ଦୀନବନ୍ଧୁ ଦାଶ ମନ୍ତ୍ରୋଚ୍ଚାରଣ କରିବା ସହ ମହାପ୍ରଭୁଙ୍କୁ ପଖାଳକୁ ନୈବେଦ୍ୟ ଭାବେ ସମର୍ପଣ କରିଥିଲେ। କାର୍ଯ୍ୟକ୍ରମ ସଂଯୋଜକ ପ୍ରଫେସର ରବୀନ୍ଦ୍ର ନାଥ ପାଣିଗ୍ରାହୀ ସ୍ୱାଗତ ଭାଷଣ ଓ ସ୍ୱରଚିତ ଆବାହନୀ ସଙ୍ଗୀତ ଗାନ କରିଥିଲେ। ଉପଦେଷ୍ଟା ପ୍ରଫେସର ଡ. ହରିପ୍ରସାଦ ଦାସ ଏହି ଦିବସର ତାତ୍ପର୍ଯ୍ୟ ସମ୍ପର୍କରେ ଆଲୋକପାତ କରିଥିଲେ। ବେଗୁନିଆ ବ୍ଲକ ଶିଶୁ ବିକାଶ ପ୍ରକଳ୍ପ ଅଧିକାରିଣୀ ବିନୋଦିନୀ ପଣ୍ଡା ମୁଖ୍ୟ ଅତିଥିଭାବେ ଯୋଗଦେଇଥିଲେ। ପୂର୍ବତନ ପ୍ରଶାସନିକ ଅଧିକାରୀ ସୁଧାକର ସାମନ୍ତରାୟ ମୁଖ୍ୟ ବକ୍ତା, ପୂର୍ବତନ ପ୍ରଧାନ ଶିକ୍ଷୟିତ୍ରୀ ତିଳୋତ୍ତମା ମହାପାତ୍ର ସମ୍ମାନିତ ଅତିଥିଭାବେ ଉପସ୍ଥିତ ଥିଲେ। ଚଷାପୁଅର ବଳ ପଖାଳ କଂସା ବୋଲି ମତପ୍ରକାଶ ପାଇଥିଲା। ଏହି ଅବସରରେ କବୟିତ୍ରୀ ମାନସୀ ଦାସଙ୍କ ସଂଯୋଜନାରେ ଆୟୋଜିତ କବିତା ପାଠରେ ଶିକ୍ଷାବିତ୍ ଶରତ କୁମାର ପଣ୍ଡା, ସାମାଜିକ କର୍ମୀ ପ୍ରଶାନ୍ତ କୁମାର ବାରିକ, କୈଳାସ ନାଥ ପଟ୍ଟନାୟକ, ଅଶ୍ୱିନୀ କୁମାର ପଟ୍ଟନାୟକ, କବିତା ରାଉତ, ରାମଚନ୍ଦ୍ର ବେହେରା, ପାର୍ବତୀ ପାଳ, କୈଳାସ ଚନ୍ଦ୍ର ସାହୁ, ବିଜୟ ମହାନ୍ତି, ଶୁଭଲକ୍ଷ୍ମୀ ପ୍ରଧାନ ପ୍ରମୁଖ କବିତା ପାଠ କରିଥିଲେ। ସଭ୍ୟା ସବିତା ରାୟ ଧନ୍ୟବାଦ ଅର୍ପଣ କରିଥିଲେ।



ବଡ଼କୁଳ ପାନ୍ଥନିବାସଠାରେ ଅନୁଷ୍ଠିତ ବିଶ୍ୱ ପଖାଳ ଦିବସ।


ବୋଲଗଡ଼ ବ୍ଲକ ମିଶନ ଶକ୍ତି ଭବନ ପରିସରରେ ଆଞ୍ଚଳିକ ମହିଳା ମହାସଂଘ ପକ୍ଷରୁ ଅନୁଷ୍ଠିତ ପଖାଳ ଦିବସ।



ଆଦର୍ଶ କ୍ଲବ ସଭାଗୃହରେ ପଦ୍ମାଳୟା ଗୃହିଣୀ ସମାଜ ଆନୁକୂଲ୍ୟରେ ପଖାଳ ଦିବସ ପାଳନ କରାଯାଉଛି।

## ବାଉଁଶ ବୋଝେଇ ଗାଡ଼ି ଓଲଟି ଜଣେ ମୃତ, ୪ ଆହତ

ପୁରୁଷା ଭୁବନେଶ୍ୱର,୨୦।୩ (ସୁବାସ ଚନ୍ଦ୍ର ପ୍ରଧାନ)

ପୁରୀ ଜିଲା ପିପିଲି ଥାନା ଅଧୀନ ଗୁଞ୍ଜରସଂଗଲାଇ କେନାଲ ବନ୍ଧରେ ଶୁକ୍ରବାର ମଧ୍ୟାହ୍ନ ପ୍ରାୟ ୧୨ଟାରେ ଏକ ଟେଷ୍ଟ ହାଉସରୁ ବାଉଁଶ ବୋଝେଇ ଟାଟା ଏସି ଗାଡ଼ି ଓଲଟି ପଡ଼ିବାରୁ ଜଣଙ୍କ ମୃତ୍ୟୁ ଘଟିବା ସହ ୪ ଜଣ ଆହତ ହୋଇଛନ୍ତି। ମୃତକ ହେଲେ ସ୍ଥାନୀୟ ସଂଗଲାଇ ଶାସନ ଗ୍ରାମର ଷଣ୍ଡ ଓରଫ ଉତ୍ତମ ଭୋଇ(୩୨)। ଆହତମାନେ ହେଲେ ଲିପୁ ମାହାନ୍ତ ଓରଫ ଦାଶ, ତିନ ଭୋଇ, ଡ୍ରାଇଭର କାବୁଲା ପ୍ରଧାନ ଏବଂ ଲିଟୁ। ପୋଲିସ ସୂଚନା ମୁତାବକ, ଟାଟା ଏସି ଗାଡ଼ିଟି ସ୍ଥାନୀୟ ଗୋବିନ୍ଦପୁର ଗ୍ରାମରୁ ଟେଷ୍ଟ ହାଉସ ସରଞ୍ଜାମ ସହ ବାଉଁଶ ବୋଝେଇ କରି ସଂଗଲାଇ ଗ୍ରାମକୁ ଡେଲାଙ୍ଗ ଓ୍ୱିଣ୍ଟୁରାଗୀ କେନାଲ ବନ୍ଧର ବାମ ପାର୍ଶ୍ୱ ଦେଇ ଫେରୁଥିଲାବେଳେ ଅରୋମାଣ ନିକଟରେ ଭାରସାମ୍ୟ ହରାଇବାରୁ ବନ୍ଧପାର୍ଶ୍ୱକୁ ଓଲଟି ପଡ଼ିଥିଲା। ଡ୍ରାଇଭର ଓ ଖ୍ୟାନ ଉପରେ ବସିଥିବା ୪ ଶ୍ରମିକ ତଳକୁ ଛିଟିକି ପଡ଼ିଥିଲେ। ଉପରେ ବସିଥିବା ଉତ୍ତମଙ୍କ ଦେହରେ ବାଉଁଶ ଚାପି ହୋଇ ରହିବାରୁ ଘଟଣାସ୍ଥଳରେ ତାଙ୍କର ମୃତ୍ୟୁ ଘଟିଥିଲା। ଏହି ଘଟଣା ନେଇ ସ୍ଥାନୀୟ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି।

# ସହରାଞ୍ଚଳ ଗ୍ୟାସ୍ ବଣ୍ଟନ ପାଇଁ ସ୍ୱତନ୍ତ୍ର ନୀତି ଆସିବ


ବୈଠକରେ ନଗର ଉନ୍ନୟନ ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ଉଷା ପାଢ଼ୀଙ୍କ ସହ ଅଧିକାରୀମାନେ।

ଭୁବନେଶ୍ୱର, ୨୦।୩ (ବନ୍ଦନା ସେଠୀ)

ସହରାଞ୍ଚଳ ଭିତ୍ତିଭୂମିକୁ ସୁଦୃଢ଼ କରିବା ଏବଂ ସ୍ୱଚ୍ଛ ଶକ୍ତି ବ୍ୟବହାରକୁ ପ୍ରୋତ୍ସାହିତ କରିବା ଦିଗରେ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ସ୍ୱରୂପ ଗୃହ ନିର୍ମାଣ ଓ ନଗର ଉନ୍ନୟନ ବିଭାଗ ସିଟି ଗ୍ୟାସ୍ ଡିଷ୍ଟ୍ରିବ୍ୟୁସନ ନେଇ ଏକ ସ୍ୱତନ୍ତ୍ର ନୀତି ପ୍ରଣୟନ ଲାଗି ପ୍ରକ୍ରିୟା ଆରମ୍ଭ କରିଛି। ଏହି କ୍ରମରେ ଶୁକ୍ରବାର ଖାରବେଳ ଭବନଠାରେ ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ତଥା ଇଡ୍କୋ ଅଧ୍ୟକ୍ଷା ଉଷା ପାଢ଼ୀଙ୍କ ଅଧ୍ୟକ୍ଷତାରେ ଏକ ଉଚ୍ଚସ୍ତରୀୟ ବୈଠକ ଅନୁଷ୍ଠିତ ହୋଇଥିଲା। ବୈଠକରେ ରାଜ୍ୟରେ ପାଇପ୍ଡ ନାଚୁରାଲ ଗ୍ୟାସ୍(ପିଏନ୍ଜି)ର ସମ୍ପ୍ରସାରଣ ପାଇଁ ରଣନୈତିକ ରୋଡ୍ମ୍ୟାପ ଉପରେ ଆଲୋଚନା ହୋଇଥିଲା। ସହରାଞ୍ଚଳରେ ସିଟି ଗ୍ୟାସ ବିତରଣ ନେଟୱର୍କର ଦ୍ରୁତ ସମ୍ପ୍ରସାରଣ ପାଇଁ ଏକ ଆକାଂକ୍ଷୀ ଓ ବାସ୍ତବବାଦୀ ନୀତିର ଆବଶ୍ୟକତା ଉପରେ ଅତିରିକ୍ତ ମୁଖ୍ୟ ଶାସନ ଗୁରୁତ୍ୱାରୋପ କରିଥିଲେ। ପ୍ରସ୍ତାବିତ ନୀତି ସ୍ୱଚ୍ଛ, ଦକ୍ଷ ଏବଂ ନିର୍ଭରଯୋଗ୍ୟ ଶକ୍ତିର ଉପଲବ୍ଧତା ବୃଦ୍ଧି କରିବାରେ ପ୍ରମୁଖ ଭୂମିକା ଗ୍ରହଣ କରିବ, ଯାହା ସ୍ଥାୟୀ ସହରୀ ବିକାଶ ଏବଂ ଉନ୍ନତ ସେବା ପ୍ରଦାନରେ ସହାୟକ ହେବ। ରାଜ୍ୟର ଦୀର୍ଘକାଳୀନ ବିକାଶକୁ ଦୃଷ୍ଟିରେ ରଖି ଏକ ଭବିଷ୍ୟମୁଖୀ ଏବଂ ନାଗରିକ-କେନ୍ଦ୍ରିକ ନୀତି ପ୍ରସ୍ତୁତ କରିବା ଏହାର ମୁଖ୍ୟ ଲକ୍ଷ୍ୟ ବୋଲି ପାଢ଼ୀ ମତ ରଖିଥିଲେ। ବୈଠକରେ ପାଇପ୍ ଯୋଗେ ଗ୍ୟାସ ଯୋଗାଣ ଅନୁମତି ପ୍ରକ୍ରିୟାକୁ ସରଳୀକରଣ କରିବା, ଲାଇସେନ୍ସ ଫି'ର ଯୁକ୍ତିସଙ୍ଗତ

### ଖୁବ୍ଶୀଘ୍ର ପାଇପ୍‌ରେ ମିଳିବ ରନ୍ଧନ ଗ୍ୟାସ୍

ନିର୍ଦ୍ଧାରଣ, ସିଙ୍ଗଲ ୱିଣ୍ଡୋ କ୍ଲିୟରାନ୍ସ ସିଷ୍ଟମ ଓ ଡିମ୍ଡ ଆପ୍ରୁଭାଲ ବ୍ୟବସ୍ଥା, ବିଭିନ୍ନ ସଂସ୍ଥା ମଧ୍ୟରେ ସମନ୍ୱୟ ଏବଂ ସୁଚାରୁରୂପେ ସେବା ପ୍ରଦାନ ଉପରେ ବିଶେଷ ଆଲୋଚନା କରାଯାଇଥିଲା। ଆଇଓସିଏଲ୍, ଗେଲ୍ ଭଳି ପ୍ରମୁଖ ଶକ୍ତି ସଂସ୍ଥାଗୁଡ଼ିକର ବୈଷୟିକ ଜ୍ଞାନକୌଶଳକୁ ବ୍ୟବହାର କରି ସିଟି ଗ୍ୟାସ ପ୍ରକଳ୍ପଗୁଡ଼ିକୁ ଦକ୍ଷତାର ସହ କାର୍ଯ୍ୟକାରୀ କରିବା ଉପରେ ଗୁରୁତ୍ୱ ଦିଆଯାଉଛି। ପ୍ରସ୍ତାବିତ ପିଏନ୍ଜି ବିତରଣ ନୀତି ଓଡ଼ିଶାକୁ ସ୍ୱଚ୍ଛ ଏବଂ ସ୍ଥାୟୀ ସହରୀ ଶକ୍ତି ସମାଧାନ କ୍ଷେତ୍ରରେ ଏକ ଅଗ୍ରଣୀ ରାଜ୍ୟ ଭାବେ ସ୍ଥାପିତ କରିବ ବୋଲି ଆଶା କରାଯାଉଛି। ବୈଠକରେ ପୌର ପ୍ରଶାସନ ନିର୍ଦ୍ଦେଶକ ଅରିନ୍ଦମ ଡାକୁଆ, ବିଏମସି କମିଶନର କିରଣଦୀପ କୌର ସାହୋତା, ଆଇଓସିଏଲ ସିଜିଏମ୍ କମଲ ସିଲ, ଗେଲ ଜିଏମ୍ କୌଶିକ ଦାଶ, ଇଡ୍କୋ ସିଜିଏମ ନାହାର ରଞ୍ଜନ ବେହେରା, ଅତିରିକ୍ତ ଶାସନ ସଚିବ ଶୁଭେନ୍ଦୁ କୁମାର ସାହୁ ପ୍ରମୁଖ ଉପସ୍ଥିତ ଥିଲେ।

## ରନ୍ଧନ ଗ୍ୟାସ୍, ଖାଇବାତେଲ ଦର ବୃଦ୍ଧି ପ୍ରତିବାଦରେ ସିପିଆଇର ବିକ୍ଷୋଭ



ସିପିଆଇ ଓ ବିକେଏମ୍ୟୁ ପକ୍ଷରୁ ଅଭିନବ ବିକ୍ଷୋଭ ପ୍ରଦର୍ଶନ।

ଭୁବନେଶ୍ୱର, ୨୦।୩ (ବନ୍ଦନା ସେଠୀ)

ରନ୍ଧନ ଗ୍ୟାସ୍ ଓ ଖାଇବାତେଲ ଦର ବୃଦ୍ଧି ପ୍ରତିବାଦରେ ଭାରତୀୟ କମ୍ୟୁନିଷ୍ଟ ପାର୍ଟି (ସିପିଆଇ) ଓ ବିକେଏମ୍ୟୁ ପକ୍ଷରୁ ଶୁକ୍ରବାର ରାଜମହଲ ଛକଠାରେ ରାସ୍ତାରୋକୋ ସହ ବିକ୍ଷୋଭ କରାଯାଇଛି। ପାର୍ଟି କର୍ମକର୍ତ୍ତାମାନେ ପ୍ଲାକାର୍ଡ, ପତାକା, ସିଲିଣ୍ଡର ଧରି ସିପିଆଇର ରାଜ୍ୟ କାର୍ଯ୍ୟାଳୟ ଭଗବତୀ ଭବନଠାରୁ ଶୋଭାଯାତ୍ରାରେ ବାହାରି ରାଜମହଲ ଛକରେ ପହଞ୍ଚିଥିଲେ। ସେଠାରେ ସିପିଆଇ ରାଜ୍ୟ କାର୍ଯ୍ୟକାରୀ କମିଟି ସଭ୍ୟ ସୁର ଜେନା ଉଦ୍‌ବୋଧନ ଦେଇ କହିଲେ, ପର୍ଯ୍ୟାପ୍ତ ପରିମାଣର ରନ୍ଧନ ଗ୍ୟାସ୍ ମହଜୁଦ ଅଛି ବୋଲି ସରକାର କହୁଥିବାବେଳେ ଖାଉଟିମାନଙ୍କୁ ଗ୍ୟାସ୍ ମିଳୁନାହିଁ। ତେଣୁ ଗ୍ୟାସ୍ ଏଜେନ୍ସି ପାଖରେ ଲୋକମାନଙ୍କୁ ଘଣ୍ଟା ଘଣ୍ଟା ଧରି ଲମ୍ୱାଧାଡ଼ିରେ ଠିଆହେବାକୁ ପଡୁଛି। ଗ୍ୟାସ୍ ନ ମିଳିବାରୁ ଛୋଟ ଦୋକାନୀଙ୍କ ବେପାର ବନ୍ଦ ହୋଇଗଲାଣି। ଅପରପକ୍ଷେ ରନ୍ଧନ ଗ୍ୟାସ୍ ସିଲିଣ୍ଡର କଳାବଜାର ଚାଲିଛି, ୩ହଜାର ଟଙ୍କାରେ ବିକ୍ରି ହେଉଛି। ସେହିପରି ଖାଇବା ତେଲ ଦର ବାରମ୍ବାର ବୃଦ୍ଧି ଯୋଗୁ ଗୃହିଣୀଙ୍କ ମୁଣ୍ଡରେ ଚଡ଼କ ପଡ଼ିଲାଣି। ସରକାର ନିଦାବିଷ୍ଣୁ ସାଜିଛନ୍ତି ବୋଲି ସୁର ଅଭିଯୋଗ କରିଛନ୍ତି। ବିକ୍ଷୋଭରେ ସିପିଆଇ ଜୋନ୍ ସମ୍ପାଦକ କୈଳାସ ପୁହାଣ, ଭାରତୀୟ କ୍ଷେତ ମଜଦୁର ୟୁନିୟନର ରାଜ୍ୟ ସମ୍ପାଦକ ଶଙ୍କର ବାରିକ, ଜୋନ୍ ସହସମ୍ପାଦକ ବିଶ୍ୱଜିତ୍ ନାୟକ, ଶରତ ସ୍ୱାଇଁ, ଛେତମ୍ବର ଭୋଇ ପ୍ରମୁଖ ନେତୃତ୍ୱ ନେଇଥିଲେ।

## ମୁଖ୍ୟମନ୍ତ୍ରୀ କନ୍ୟା ବିବାହ ଯୋଜନା ଉପରେ କର୍ମଶାଳା

ବାରଙ୍ଗ,୨୦।୩ (ଲିଙ୍ଗରାଜ ରାଉତ)

ମୁଖ୍ୟମନ୍ତ୍ରୀ କନ୍ୟା ବିବାହ ଯୋଜନା ଉପରେ ବ୍ଲକ୍‌ସ୍ତରୀୟ ଏକଦିବସୀୟ କର୍ମଶାଳା ବାରଙ୍ଗ ବ୍ଲକ୍ କାର୍ଯ୍ୟାଳୟରେ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। କେଉଁମାନେ ଏହି ଯୋଜନାରେ ଅନ୍ତର୍ଭୁକ୍ତ ହୋଇପାରିବେ କିମ୍ବା କେଉଁମାନେ ଏହି ଯୋଜନାରେ ଯୋଗ୍ୟ ହୋଇପାରିବେ ସେ ନେଇ 'ଦି ସଂସ୍କାର' ସଂଗଠନ ପକ୍ଷରୁ ବିଭିନ୍ନ ଦିଗ ଉପରେ ଆଲୋଚନା କରାଯାଇଥିଲା। ବାରଙ୍ଗ ବ୍ଲକ୍ ସିଡିପିଓ ସଂଯୁକ୍ତା ମହାରଣାଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ କର୍ମଶାଳାରେ ବାରଙ୍ଗ ବିଡିଓ ସ୍ୱାଗତ ଦାସ, ବ୍ଲକ ଅଧ୍ୟକ୍ଷା ସାବିତ୍ରୀ ଦଳାଇ, ମୁଖ୍ୟମନ୍ତ୍ରୀ କନ୍ୟା ବିବାହ ଯୋଜନାର କଟକ ଜିଲା କୋ-ଅର୍ଡିନେଟର ରଶ୍ମିରଞ୍ଜନ, ଦି ସଂସ୍କାରର ସମ୍ପାଦକ ଅନିଲ କୁମାର ମହାନ୍ତି ପ୍ରମୁଖ ଉପସ୍ଥିତ ରହି ଏହି ଯୋଜନାରେ ୧୮ରୁ ୩୫ ବର୍ଷ ବୟସର କନ୍ୟା ସାମିଲ ହୋଇପାରିବେ ବୋଲି ମତ ଦେଇଥିଲେ। ବିଧବା, ଅନୁସୂଚିତ ଜାତି, ଜନଜାତି, ଦିବ୍ୟାଙ୍ଗ ଆଦିଙ୍କୁ ଅଗ୍ରାଧିକାର ଦିଆଯିବ ବୋଲି ବୁଝାଇଥିଲେ। ଏହି କର୍ମଶାଳାରେ ବାରଙ୍ଗ ବ୍ଲକ୍‌ର ସମସ୍ତ ଅଙ୍ଗନୱାଡ଼ି କର୍ମୀ, ଆଶାକର୍ମୀ ଏବଂ ଅନ୍ୟ ବିଭାଗର କର୍ମଚାରୀ ଓ ମହିଳାମାନେ ଉପସ୍ଥିତ ଥିଲେ।

## ବଦଳି ପାଇଁ ରାସ୍ତାରେ ବସିଲେ ମାଧ୍ୟମିକ ଶିକ୍ଷକ ଦମ୍ପତି



ଲୋୟର ପିଏମ୍‌ଜି ଧାରଣା ସ୍ଥଳରେ ଟିଜିଟି ଦମ୍ପତିମାନେ ବିକ୍ଷୋଭ କରୁଛନ୍ତି।

ଭୁବନେଶ୍ୱର,୨୦।୩ (ସୁଚିସ୍ମିତା ସାହୁ)

ମାଧ୍ୟମିକ ଶିକ୍ଷକ(ଟିଜିଟି) ଦମ୍ପତିମାନେ ୧୦ ମାସ ଧରି ବଦଳି ପାଇଁ ଆବେଦନ କରିଥିଲେ ସୁଦ୍ଧା ଏଯାବତ ବଦଳି ହୋଇପାରିନାହିଁ। ସେମାନେ ବାରମ୍ବାର ବିଭାଗୀୟ ଅଧିକାରୀ ଏବଂ ଗଣଶିକ୍ଷା ମନ୍ତ୍ରୀଙ୍କୁ ପାଖକୁ ଯାଇ ଗୁହାରି କରୁଛନ୍ତି। ପ୍ରାଥମିକ ଶିକ୍ଷକ ଦମ୍ପତିଙ୍କ ବଦଳି ହୋଇଥିବାବେଳେ ସମାନ ବିଭାଗରେ ଥିବା ମାଧ୍ୟମିକ ଶିକ୍ଷକ ଦମ୍ପତିଙ୍କ ବଦଳିକୁ ବିଭାଗୀୟ ନିର୍ଦ୍ଦେଶକ ଜାଣିଶୁଣି ଗୁରୁତ୍ୱ ଦେଉନାହାନ୍ତି। ଟିଜିଟି ଦମ୍ପତି ଶିକ୍ଷକ ବଦଳିକୁ ଉପେକ୍ଷା ବିରୋଧରେ ମାଧ୍ୟମିକ ଶିକ୍ଷକ ଦମ୍ପତି ସଂଘ ପକ୍ଷରୁ ଶୁକ୍ରବାର ଲୋୟର ପିଏମ୍‌ଜିଠାରେ ଧାରଣା ଦିଆଯାଇଛି। ସୂଚନା ଅନୁସାରେ, ମାଧ୍ୟମିକ ଶିକ୍ଷକ ଦମ୍ପତିଙ୍କ ବଦଳି ହେଉ ନ ଥିବାରୁ ସେମାନେ ୧୯ ନଭେମ୍ବର ୨୦୨୫ରେ ଲୋୟର ପିଏମ୍‌ଜିରେ ଧାରଣା ଦେଇଥିଲେ। ଶତାଧିକ ଦମ୍ପତି ଶିକ୍ଷୟତ୍ରୀଶିକ୍ଷକ ସପରିବାର ଏହି ଶାନ୍ତିପୂର୍ଣ୍ଣ ଗଣଧାରଣାରେ ସାମିଲ ହୋଇଥିଲେ। ହାଇସ୍କୁଲ ଶିକ୍ଷକ ଦମ୍ପତିଙ୍କ ସହ ଗଣଶିକ୍ଷାମନ୍ତ୍ରୀ ଆଲୋଚନା କରିଥିଲେ। ବିଭାଗୀୟ ଅଧିକାରୀମାନେ ମନ୍ତ୍ରୀଙ୍କୁ ଭୁଲ୍ ତଥ୍ୟ ଦେଇ ବଦଳି ନ କରିବା ପାଇଁ ବିଭିନ୍ନ ବାହାନା କରୁଥିବା ଜଣାପଡ଼ିଥିଲା। ତେବେ ବିଭାଗୀୟ ଅଧିକାରୀଙ୍କ ସହ କଥା ହୋଇ ତୁରନ୍ତ ବଦଳି କରାଯିବାକୁ ମନ୍ତ୍ରୀ ପ୍ରତିଶ୍ରୁତି ଦେବା ପରେ ଏହି ଶିକ୍ଷକ ଦମ୍ପତି ଆନ୍ଦୋଳନରୁ ଓହରିଥିଲେ। ଇତିମଧ୍ୟରେ ୩ ମାସ ବିତିଯାଇଥିଲେ ସୁଦ୍ଧା ଏଥିପାଇଁ ସରକାରୀ ସ୍ତରରେ ପ୍ରକ୍ରିୟା ହେଉ ନ ଥିବାରୁ ଶେଷରେ ସେମାନେ ପୁଣି ରାସ୍ତାକୁ ଓହ୍ଲାଇଛନ୍ତି।

## ପଞ୍ଚାୟତ କାର୍ଯ୍ୟାଳୟ ପରିସରରୁ ମୃତଦେହ ଜବତ

ବାରଙ୍ଗ,୨୦।୩ (ଲିଙ୍ଗରାଜ ରାଉତ)

ରାମଦାସପୁର ପଞ୍ଚାୟତ କାର୍ଯ୍ୟାଳୟ ପରିସରରୁ ଜଣେ ବ୍ୟକ୍ତିଙ୍କ ମୃତଦେହକୁ ଶୁକ୍ରବାର ବାରଙ୍ଗ ପୋଲିସ ଜବତ କରିଛି। ମୃତକଙ୍କ ପରିଚୟ ମିଳିପାରି ନ ଥିବାବେଳେ ପୋଲିସ ତଦନ୍ତ ଆରମ୍ଭ କରିଛି।

ପ୍ରକାଶ ଯେ, ଶୁକ୍ରବାର ସକାଳୁ ଗୋଡ଼ିସାହି-ବାରଙ୍ଗ ପୁରୀ ମୁଖ୍ୟ କେନାଲ ବନ୍ଧ କଡ଼ରେ ଅବସ୍ଥିତ ରାମଦାସପୁର ପଞ୍ଚାୟତ କାର୍ଯ୍ୟାଳୟ ପରିସରରେ ନୂଆକରି ହୋଇଥିବା ଏକ ଘର ବାରଣ୍ଡାରେ ଜଣେ ଅଜଣା ବ୍ୟକ୍ତିଙ୍କ ମୃତଦେହ ପଡ଼ିଥିବା କେତେଜଣ ସ୍ଥାନୀୟ ଲୋକ ଦେଖିବାକୁ ପାଇଥିଲେ। ପରେ ବାରଙ୍ଗ ପୋଲିସ ସୂଚନା ପାଇ ଘଟଣାସ୍ଥଳରୁ ମୃତଦେହ ଜବତ କରି ଏକ ଅପମୃତ୍ୟୁ ମାମଲା ରୁଜୁକରି ବ୍ୟବଚ୍ଛେଦ ପାଇଁ କଟକ ବଡ଼ ଡାକ୍ତରଖାନା ପଠାଇଛି। ମୃତଦେହଟି ୨/୩ ହେବ ସେଠାରେ ପଡ଼ିଥିବା ଅନୁମାନ କରାଯାଉଥିବା ବେଳେ ମୃତକଙ୍କ ବୟସ ୪୫ରୁ ୫୦ ବର୍ଷ ହେବ। ମୃତକ ଜଣଙ୍କ ଏକ କଳାରଙ୍ଗର ପ୍ୟାଣ୍ଟ ଓ ସବୁଜ ରଙ୍ଗର ଗଞ୍ଜି ପିନ୍ଧିଥିବାର ଦେଖିବାକୁ ମିଳିଛି।

## ଓଲଟିଲା ବ୍ୟାଟେରିଚାଳିତ ଡାଲା ଅଟୋ

ବାରଙ୍ଗ,୨୦।୩(ଲିଙ୍ଗରାଜ ରାଉତ)

ନେତାଜୀ ସୁଭାଷ ଚନ୍ଦ୍ର ବୋଷ୍ ସେତୁ ଉପରେ ଭାରସାମ୍ୟ ହରାଇ ଏକ ବ୍ୟାଟେରିଚାଳିତ ଡାଲା ଅଟୋ ଓଲଟି ପଡ଼ିଥିବା ବେଳେ ସୌଭାଗ୍ୟବଶତଃ ଚାଳକ ଜଣଙ୍କ ବର୍ତ୍ତିଯାଇଛନ୍ତି। ଶୁକ୍ରବାର ଅପରାହ୍ନରେ ଓଡି-୩୩-ଏକେ-୦୦୫୩ ନମ୍ବର ବିଶିଷ୍ଟ ଉକ୍ତ ଡାଲା ଅଟୋ ତ୍ରିଶୂଳିଆ ବଜାରରୁ କଟକ ଅଭିମୁଖେ ଯାଉଥିଲା। ନେତାଜୀ ସୁଭାଷ ଚନ୍ଦ୍ର ବୋଷ୍ ସେତୁ ଉପରେ ଅଟୋଟି ହଠାତ୍ ଭାରସାମ୍ୟ ହରାଇ ଓଲଟି ପଡ଼ିଥିଲା। ଘଟଣାସ୍ଥଳରେ ଚାଳକ ଆହତ ହୋଇଥିଲେ। ଖବରପାଇ ବାରଙ୍ଗ ପୋଲିସ ଦୁର୍ଘଟଣାଗ୍ରସ୍ତ ଗାଡ଼ିକୁ ଜବତକରି ଚାଳକଙ୍କୁ ଚିକିତ୍ସା ନିମନ୍ତେ କଟକ ବଡ଼ ଡାକ୍ତରଖାନା ପଠାଇଥିଲା।

## ବୃଦ୍ଧାଶ୍ରମ ଅନ୍ତେବାସୀଙ୍କୁ ସହାୟତା ଦେଲା ଅଗ୍ନିଶମ, ଜରୁରିକାଳୀନ ସେବା ଅବସରପ୍ରାପ୍ତ ଅଫିସର ସଂଘ

ଭୁବନେଶ୍ୱର,୨୦।୩ (ସୁଚିସ୍ମିତା ସାହୁ)

ପାଣ୍ଡରାସ୍ଥିତ ଉତ୍କଳମଣି ଗୋପବନ୍ଧୁ ଆଦର୍ଶ ବୃଦ୍ଧାଶ୍ରମ ଅନ୍ତେବାସୀଙ୍କୁ ସହାୟତାର ହାତ ବଢ଼ାଇଛି ଓଡ଼ିଶା ଅଗ୍ନିଶମ ଓ ଜରୁରିକାଳୀନ ସେବା ଅବସରପ୍ରାପ୍ତ ଅଫିସର ସଂଘ। ବୁଧବାର ସଂଘ କର୍ମକର୍ତ୍ତାମାନେ ବୃଦ୍ଧାଶ୍ରମରେ ପହଞ୍ଚି ଅନ୍ତେବାସୀଙ୍କ ସହ ଭାବର ଆଦାନ ପ୍ରଦାନ କରି ସେମାନଙ୍କୁ ଉତ୍ସାହିତ କରିଥିଲେ। ସେମାନଙ୍କ ସମସ୍ୟା ପଚାରି ବୁଝିବା ସହ ରାଶନ ସାମଗ୍ରୀ ଓ ବସ୍ତ୍ର ବଣ୍ଟନ କରିଥିଲେ। ସଂଘ ସଭାପତି ଜିତେନ୍ଦ୍ର କୁମାର ପଟ୍ଟନାୟକ, ଉପସଭାପତି ବ୍ରଜେନ୍ଦୁ ଭୂଷଣ ଦାସ, ସାଧାରଣ ସମ୍ପାଦକ ରବୀନ୍ଦ୍ର କୁମାର ସ୍ୱାଇଁ, କୋଷାଧ୍ୟକ୍ଷ ପ୍ରଦୀପ କୁମାର ରାଉତ, ଉପଦେଷ୍ଟା ରାମଚନ୍ଦ୍ର ସାହୁ, କାର୍ଯ୍ୟନିର୍ବାହୀ ସଦସ୍ୟ ବାବାଜୀ ଚରଣ ଲେଙ୍କା ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।



ପାଣ୍ଡରାସ୍ଥିତ ଉତ୍କଳମଣି ଗୋପବନ୍ଧୁ ଆଦର୍ଶ ବୃଦ୍ଧାଶ୍ରମରେ ଅଗ୍ନିଶମ ଓ ଜରୁରିକାଳୀନ ସେବା ଅବସରପ୍ରାପ୍ତ ଅଫିସର ସଂଘ କର୍ମକର୍ତ୍ତାଙ୍କ ସହ କର୍ମଚାରୀ ଓ ଅନ୍ତେବାସୀମାନେ।

## ଶହୀଦନଗର ଦୁର୍ଗା ପୂଜା ସମିତି ପାଳିଲା ପଖାଳ ଦିବସ


ଦୁର୍ଗାପୂଜା ସମିତି ପକ୍ଷରୁ ଆୟୋଜିତ କାର୍ଯ୍ୟକ୍ରମରେ ଲୋକେ ପଖାଳ ଖାଉଛନ୍ତି।

ଭୁବନେଶ୍ୱର,୨୦।୩ (ସୌମ୍ୟରଞ୍ଜନ ରାଉତ)

ଶହୀଦନଗର ଦୁର୍ଗା ପୂଜା ସମିତି ପକ୍ଷରୁ ବିଶ୍ୱ ପଖାଳ ଦିବସ ଶୁକ୍ରବାର ପାଳିତ ହୋଇଯାଇଛି। ମଧ୍ୟାହ୍ନ ୧୨ଟାରୁ ପ୍ରଥମେ ମା'ଙ୍କ ପାଖରେ ପଖାଳ ଭୋଗ ଅର୍ପଣ କରାଯାଇଥିଲା। ସେଥିରେ ଦହି ପଖାଳ ଓ ବିଭିନ୍ନ ପ୍ରକାର ଶାଗ ଭଜା, ଭଜା, ଫୁଲ ବଡ଼ି ଭଜା,ବଡ଼ି ଚୂରା, କଖାରୁ ଫୁଲ ଭଜା,ପଣଷ ପିଠଉ, ବିଭିନ୍ନ ପ୍ରକାର ଚଟଣି, ଆଳୁ ଭର୍ତ୍ତା, ବାଇଗଣ ଭର୍ତ୍ତା, ଛୁଇଁ ବେଶର ଓ ଅନେକ ପ୍ରକାରର ଖାଦ୍ୟ ପ୍ରସାଦରେ ସମର୍ପଣ କରାଯଇଥିଲା। ପରେ ଭକ୍ତମାନେ ପଖାଳ ସେବନ କରିଥିଲେ। ଭୁବନେଶ୍ୱର ମେୟର ସୁଲୋଚନା ଦାସ, ପୂର୍ବତନ ଭାଜପା ରାଜ୍ୟ ସଭାପତି ସମୀର ମହାନ୍ତି, ପୂର୍ବତନ ବିଧାୟକ ପ୍ରିୟଦର୍ଶୀ ମିଶ୍ର, ସମିତିର ଉପଦେଷ୍ଟା ମନୋରଞ୍ଜନ ଦାଶ, ହେମନ୍ତ ପରିଡ଼ା, ସୁଧିର ଶତପଥି, ଚନ୍ଦନ ପାଳିତ, ଦିଲୀପ ଦାଶ, ସଭାପତି ବିଶ୍ୱପ୍ରସାଦ ମହାନ୍ତି, କାର୍ଯ୍ୟକାରୀ ସଭାପତି ସରୋଜ କୁମାର ପାତ୍ର, ସଚ୍ଚିନନ୍ଦନ ନାୟକ ଉପସଭାପତି ରାଜକିଶୋର ଦାସ,ଆଶିଷ ମହାପାତ୍ର, ବିଭୁଦତ ଦାସ, ସମ୍ପାଦକ ହରିଶ ପ୍ରସାଦ ରଥ, ସହ ସଂପାଦକ ଗୋପାଳ କୃଷ୍ଣ ମହାନ୍ତିଙ୍କ ସମେତ ବହୁ ବ୍ୟକ୍ତି ବିଶେଷ ପଖାଳ ଦିବସରେ ଉପସ୍ଥିତ ଥିଲେ।

## ଦେହରେ ପେଟ୍ରୋଲ ଢାଳି ନିଆଁ ଲଗାଇଲେ ଯୁବକ

ଭୁବନେଶ୍ୱର,୨୦।୩(ତ୍ରିନାଥ ମହାନ୍ତି)



ଲକ୍ଷ୍ମୀସାଗର ଥାନା ମଣ୍ଡପସାହିରେ ଜଣେ ଯୁବକ ଦେହରେ ପେଟ୍ରୋଲ ପକାଇ ନିଆଁ ଲଗାଇ ଦେଇଛନ୍ତି। ତାଙ୍କ ଶରୀରର ୫୦ ପ୍ରତିଶତ ପୋଡ଼ି ଯାଇଥିବା ଡାକ୍ତର କରିଛନ୍ତି। ଆହତ ଯୁବକ ଜଣକ ହେଲେ ସୁନା ଦାଶ(୩୨)। ତାଙ୍କୁ ଗୁରୁତର ଅବସ୍ଥାରେ ପଡୋଶୀ ଉଦ୍ଧାର କରି ରାଜଧାନୀର ଏକ ଘରୋଇ ହସ୍ପିଟାଲରେ ଭର୍ତ୍ତି କରିଛନ୍ତି। ପାରିବାରିକ କଳହ ପାଇଁ ଯୁବକ ଦେହରେ ନିଆଁ ଲଗାଇ ଦେଇଥିବା ପୋଲିସ କହିଛି।

ମିଳିଥିବା ସୂଚନା ଅନୁସାରେ, କୁନାଙ୍କ ଘର ପୁରୀରେ ହୋଇଥିବା ବେଳେ ୨ବର୍ଷ ହେବ ବିବାହ କରି ଲକ୍ଷ୍ମୀସାଗର ମଣ୍ଡପସାହିରେ ରୁହନ୍ତି। କୁନା ଏକ ଘରୋଇ ସଂସ୍ଥା କାମ କରି ପରିବାର ପ୍ରତିପୋଷଣ କରନ୍ତି। ହେଲେ ଗତ କିଛି ଦିନ ହେବ ସ୍ୱାମୀ ଓ ସ୍ତ୍ରୀଙ୍କ ମଧ୍ୟରେ ଝଗଡ଼ା ଦେଖା ଦେଇଥିଲେ। ଉଭୟ ଦୁଇଦିନ ତଳେ ଗାଁକୁ ଯାଇଥିବା ବେଳେ ଶୁକ୍ରବାର ସକାଳେ ଭୁବନେଶ୍ୱର ଫେରିଥିଲେ। ହେଲେ ଘରେ ପହଞ୍ଚିବା ପରେ ଉଭୟଙ୍କ ମଧ୍ୟରେ କୌଣସି କଥାକୁ ନେଇ ପୁଣି ଝଗଡ଼ା ହୋଇଥିଲା। ଏଥିରେ କୁନା ଉତ୍ତେଜିତ ହୋଇ ପତ୍ନୀର ଆଧାରକାର୍ଡ ଚିରି ଫିଙ୍ଗି ଦେଇ ଘରୁ ବାହାରି ପଳାଇଥିଲେ। ହେଲେ ସନ୍ଧ୍ୟାରେ ଘରକୁ ଫେରିବା ପରେ ପୁଣି ଉଭୟଙ୍କ ମଧ୍ୟରେ ଝଗଡ଼ା ହୋଇଥିଲା। ଏଥିରେ ମାନସିକ ଭାରସାମ୍ୟ ହରାଇ କୁନା ପେଟ୍ରୋଲ ଆଣି ଘର ଆଗରେ ଢାଳି ହୋଇ ଦେହରେ ନିଆଁ ଲଗାଇ ଦେଇଥିଲେ। ଜଳୁଥିବା ଅବସ୍ଥାରେ ଏଣେ ତେଣେ ଦୌଡ଼ିବା ସମୟରେ କିଛି ଲୋକ କପଡ଼ା ଘୋଡାଇ ନିଆଁ ଲିଭାଇ ତାଙ୍କୁ ଘରୋଇ ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା।

## ଆର୍‌ଏସ୍‌ଏସ୍ ସହ ଯୋଡ଼ିହେଲେ ଓଡ଼ିଶାର ୩୦ଲକ୍ଷ ପରିବାର

### ଗୃହ ସମ୍ପର୍କ ଅଭିଯାନ

ଭୁବନେଶ୍ୱର,୨୦।୩ (ସୌମ୍ୟରଞ୍ଜନ ରାଉତ)



ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘ ଦେଶରେ ଗୃହ ସମ୍ପର୍କ ଅଭିଯାନରେ ପ୍ରାୟ ୧୦ କୋଟି ପରିବାର ସହ ସମ୍ପର୍କ ଯୋଡ଼ିଛି। ସେହିପରି ଓଡ଼ିଶାରେ ମଧ୍ୟ ଏହି କାର୍ଯ୍ୟକ୍ରମ ଅନ୍ତର୍ଗତ ସ୍ୱୟଂସେବକମାନେ ୩୧,୬୪୫ ଗ୍ରାମ ଓ ୭୪୨ ନଗରୀୟ ବସ୍ତିରେ ୩୦ ଲକ୍ଷ ପରିବାର ସହ ସମ୍ପର୍କ ସ୍ଥାପନ କରିଛନ୍ତି। ଏହି କାର୍ଯ୍ୟକ୍ରମ ମାଧ୍ୟମରେ ସ୍ୱୟଂସେବକମାନେ ସମାଜର ବନ୍ଧୁ ଭଗିନୀମାନଙ୍କୁ ସଂଘର ଉଦ୍ଦେଶ୍ୟ ତଥା ଲକ୍ଷ୍ୟ ସମ୍ପର୍କରେ ଅବଗତ କରାଇ ସେମାନଙ୍କୁ ଦେଶର ହିତ ପାଇଁ ସକ୍ରିୟ ହୋଇ କାର୍ଯ୍ୟ କରିବାକୁ ଆହ୍ୱାନ ଦେଇଥିଲେ। ଏନେଇ ଶୁକ୍ରବାର ଭୁବନେଶ୍ୱରରେ ଏକ ହୋଟେଲଠାରେ ଆୟୋଜିତ ଖବରଦାତା ସମ୍ମିଳନୀରେ ଓଡ଼ିଶା ପୂର୍ବପ୍ରାନ୍ତ ସଂଘଚାଳକ ସମୀର କୁମାର ମହାନ୍ତି ଏ ସମ୍ପର୍କରେ ସୂଚନା ଦେଇ କହିଛନ୍ତି, ଅଭିଯାନରେ ଦେଶରେ ବିଭିନ୍ନ ସ୍ଥାନରେ ହିନ୍ଦୁ ସମ୍ମିଳନୀ, ଯୁବା ସମ୍ମିଳନୀ ଓ ସାମାଜିକ ସଦ୍‌ଭାବ ବୈଠକ ଆୟୋଜିତ ହୋଇଥିଲା। ପଞ୍ଚ ପରିବର୍ତ୍ତନ ଯଥା: ସାମାଜିକ ସମରସତା ବା ଭେଦଭାବର ସମାପ୍ତି, ପରିବାର ପ୍ରବୋଧନ ବା 'ପରିବାର ଏକ ସଂସ୍କାର କେନ୍ଦ୍ର' ଭାବର ବିକାଶ, ପର୍ଯ୍ୟାବରଣର ସୁରକ୍ଷା, 'ସ୍ୱ' ଜାଗରଣ ଅର୍ଥାତ୍ ସମାଜର ଉନ୍ନତିରେ ବାଧକ ଉପନିବେଶବାଦ ମାନସିକତାରୁ ମୁକ୍ତି ଏବଂ ନାଗରିକ କର୍ତ୍ତବ୍ୟ ସମ୍ପର୍କରେ ଜନସଚେତନତା ନିର୍ମାଣ କରାଯାଇଥିଲା। ଚଳିତ ବର୍ଷ ମଧ୍ୟ ସମଗ୍ର ଦେଶରେ ସଂଘର ୯୬ଟି ପ୍ରଶିକ୍ଷଣ ବର୍ଗ ଅନୁଷ୍ଠିତ ହେବ। ସେଥିରୁ ଓଡ଼ିଶାରେ ୩ଟି ବର୍ଗ ହେବାର ଯୋଜନା ରହିଛି ବୋଲି ସେ ମତ ରଖିଥିଲେ। ସମ୍ମିଳନୀରେ ଓଡ଼ିଶା ପୂର୍ବ ପ୍ରାନ୍ତର ପ୍ରଚାର ପ୍ରମୁଖ ସୁମନ୍ତ କୁମାର ପଣ୍ଡା, ସହପ୍ରାନ୍ତ ପ୍ରଚାର ପ୍ରମୁଖ ମନିନ୍ଦ୍ର ସୁନ୍ଦର ଦାସ ଉପସ୍ଥିତ ଥିଲେ।

## ଶୁକ୍ରୁ ନିପାତରେ ସରିବ ମାଓବାଦୀ ଅପରେଶନ: ଡିଜିପି

ଭୁବନେଶ୍ୱର,୨୦।୩ (ତ୍ରିନାଥ ମହାନ୍ତି)

ରାଜ୍ୟରୁ ମାଓବାଦୀ ମୁକ୍ତ ପାଇଁ ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ୍ ଶାହା ଦେଇଥିବା ଟାର୍ଗେଟକୁ ଆଉ ୧୧ଦିନ ରହିଲା। ହେଲେ କନ୍ଧମାଳ ଜଙ୍ଗଲରେ ଲୁଚିଥିବା ଟପ୍ କ୍ୟାଡର ମାଓବାଦୀ ନେତା ଶୁକ୍ରୁ ସମେତ ୧୧ଜଣ ପୋଲିସ କଥା ଶୁଣିବାକୁ ନାରାଜ। ଶୁକ୍ରୁଙ୍କୁ ପୋଲିସ ଆତ୍ମସମର୍ପଣ ପାଇଁ ଏକାଧିକବାର ଆହ୍ୱାନ ଦେଇଥିଲେ ମଧ୍ୟ ସେ ତାହାକୁ ଖାତିର କରୁନି। ସାଥିରେ ଥିବା ୧୦ଜଣ ସଦସ୍ୟ ଆତ୍ମସମର୍ପଣ କରିବାକୁ ଚାହୁଁଥିଲେ ମଧ୍ୟ ସେ ତା'ର ବାଟ ଓଗାଳୁଛି। ତେଣୁ ଶୁକ୍ରୁଙ୍କୁ ଏନ୍‌କାଉଣ୍ଟର କରି ଓଡ଼ିଶାକୁ ମାଓବାଦୀମୁକ୍ତ କରିବାକୁ ପୋଲିସ ଜୋର୍‌ଦାର ଅପରେଶନ ଚଳାଇଥିଲେ ମଧ୍ୟ ଏଯାଏ ସଫଳ ହୋଇପାରୁନି। ଏନେଇ

### ଜଙ୍ଗଲ ବଦଳାଉଥିବାରୁ ପୋଲିସ ପାଇଁ ଚ୍ୟାଲେଞ୍ଜ

ପୋଲିସ ଡିଜି ଯୋଗେଶ ବାହାଦୂର ଖୁରାନିଆ କହିଛନ୍ତି, ଶୁକ୍ରୁଙ୍କୁ ସୁରକ୍ଷାକର୍ମୀ ରାୟଗଡ଼ା ସୀମାନ୍ତରେ ଘେରିଛନ୍ତି। ଦୁର୍ଦ୍ଦାନ୍ତ ଶୁକ୍ରୁ ଖୁବ୍‌ଶୀଘ୍ର ଧରାପଡ଼ିବେ, ନଚେତ ତାଙ୍କୁ ଏନ୍‌କାଉଣ୍ଟର କରାଯିବ। ୩୧ ତାରିଖ ସୁଦ୍ଧା ମାଓ ନିପାତ ଲକ୍ଷ୍ୟ ରଖିଛି ପୋଲିସ ପ୍ରଶାସନ। ଶୁକ୍ରୁଙ୍କ ନିପାତରେ ଶେଷ ହେବ ମାଓବାଦୀ ଅପରେଶନ ବୋଲି ଡିଜିପି ଖୁରାନିଆ କହିଛନ୍ତି।

ବଡ଼କଥା ହେଲା ଏବେ ଶୁକ୍ରୁ ପୋଲିସ ସହ ଚ୍ୟାଲେଞ୍ଜ କରିବା ପରିସ୍ଥିତିରେ ନାହିଁ। ସେ ଏବେ ନିଜ ସହ ସାଥୀଙ୍କ ଜୀବନ ବଞ୍ଚାଇବା ପାଇଁ ଜଙ୍ଗଲରୁ ଜଙ୍ଗଲ ଲୁଚି ବୁଲୁଛନ୍ତି। ପୂର୍ବରୁ କନ୍ଧମାଳ ଜିଲା ଦାରିଙ୍ଗବାଡ଼ି ଜଙ୍ଗଲ ଓ ପରେ ସିମନବାଡ଼ି ଜଙ୍ଗଲରେ ଲୁଚିଥିବା ଖବର ପୋଲିସକୁ ମିଳିଥିଲା। ପୋଲିସ ଅଧିକ ସୁରକ୍ଷାବାହିନୀ, ଡ୍ରୋନ୍ ଏବଂ ସନ୍ଧାନୀ କୁକୁର ମାଧ୍ୟମରେ ଜଙ୍ଗଲରେ ଖୋଜିଥିଲା। ହେଲେ ଏହି ମାଓବାଦୀ ଦଳ ସିମନବାଡ଼ି ଜଙ୍ଗଲରୁ ଅନ୍ୟ ଜଙ୍ଗଲକୁ ଖସି ପଳାଇଥିବା ପୋଲିସ ଜାଣିବାକୁ ପାଇଛି। ଶୁକ୍ରୁ ବର୍ତ୍ତମାନ ଯେଉଁ ସ୍ଥାନରେ ରହିଛି ତାହାର ଖବର ପୋଲିସ ନିକଟରେ ରହିଛି। ତେଣୁ ଏଥର ପୋଲିସ ସ୍ୱତନ୍ତ୍ର ବ୍ଲୁ ପ୍ରିଣ୍ଟ ପ୍ରସ୍ତୁତ କରି ଶୁକ୍ରଙ୍କୁ ଏନ୍‌କାଉଣ୍ଟର କରିବାକୁ ଶେଷ ଯୋଜନା କରୁଥିବା ଜଣାପଡିଛି।

ଏନେଇ କନ୍ଧମାଳ ଏସ୍‌ପି ହରିଶ ବିସି କହିଛନ୍ତି, ଆମେ ଶୁକ୍ରୁଙ୍କ ସ୍ଥିତି ବିଷୟରେ ଅବଗତ ରହିଛୁ। ସେ ନିୟମିତ ସ୍ଥାନ ପରିବର୍ତ୍ତନ କରୁଥିବାରୁ ପୋଲିସ ପାଇଁ ଠାବ କରିବା କଷ୍ଟକର ହେଉଛି। ତଥାପି ଆମକୁ ଦିଆଯାଇଥିବା ଟାର୍ଗେଟରେ ଶୁକ୍ରୁ ନିପାତ ହେବ। କାରଣ ପୂର୍ବରୁ କନ୍ଧମାଳ ଜଙ୍ଗଲରେ ୩୦ଜଣ ମାଓବାଦୀ ଥିଲେ। ସେଥିରୁ ଏକାଧିକ ଆତ୍ମସମର୍ପଣ କରି ଆଉ ୧୧ଜଣ ସଦସ୍ୟ ଅଛନ୍ତି। ସେମାନଙ୍କ ନେତା ସାଜିଥିବା ଶୁକ୍ରୁ ନିହତ ହେଲେ ସେମାନେ ପୋଲିସ ନିକଟରେ ଆତ୍ମସମର୍ପଣ କରିବେ। ହେଲେ ସାଥୀ ମାଓବାଦୀ ନେତା ଅନ୍ୱେଷଙ୍କ ଭଳି ଆତ୍ମସମର୍ପଣ କରିବାକୁ ଚେଷ୍ଟା କଲେ ହତ୍ୟା କରିବାକୁ ଶୁକ୍ରୁ ଧମକ ଦେଉଥିବାରୁ ସେମାନେ ଭୟରେ ସାହସ କରୁନାହାନ୍ତି। ତେଣୁ ଆମେ ଏବେ ଶୁକ୍ରୁଙ୍କ ନିହତ ପାଇଁ ରାତିଦିନ ଏକ କରିଦେଇଛୁ ବୋଲି ଏସ୍‌ପି କହିଛନ୍ତି।

**ସାଧାରଣ ସମ୍ପାଦକ ଶୋଭନ ମହାନ୍ତି ନିଲମ୍ବିତ**

ତାଳବସ୍ତ,(ସୁବ୍ରତ କୁମାର ନାୟକ) ରାଜ୍ୟ ସଭା ନିର୍ବାଚନରେ ଦଳବିରୋଧୀ ଆଚରଣ ପାଇଁ ବିଜେଡି ପକ୍ଷରୁ ଶୃଙ୍ଖଳଗତ କାର୍ଯ୍ୟାନୁଷ୍ଠାନ ନିଆଯାଇଛି। ବାଙ୍କୀ ବିଧାୟକ ଦେବୀ ରଞ୍ଜନ ତ୍ରିପାଠୀ ରାଜ୍ୟ ସଭା ନିର୍ବାଚନରେ କ୍ରସ୍ ଭୋଟିଂ କରିଥିବାରୁ ତାଙ୍କ ଗୋଷ୍ଠୀର ୧୦ ଜଣ ଯୁବନେତାଙ୍କୁ ପଦବୀରୁ ନିଲମ୍ବନ କରାଯାଇଛି। ଶଙ୍ଖ ଭବନରୁ ଉପସଭାପତି ପ୍ରତାପ ଜେନା ଦଳୀୟ ନୋଟିସରେ କଟକର ଯୁବ ନେତା ତଥା ବିଜୁ ଯୁବ ଜନତା ଦଳର ସାଧାରଣ ସମ୍ପାଦକ ଶୋଭନ ମହାନ୍ତିଙ୍କୁ ତାଙ୍କ ପଦବୀରୁ ବହିଷ୍କୃତ କରାଯାଇଛି। ସେ ବିଧାୟକ ଦେବୀ ତ୍ରିପାଠୀଙ୍କ ସାମାଜିକ ଗଣମାଧ୍ୟମର ମୁଖ୍ୟ ପରାମର୍ଶଦାତା ହେବା ସହ ରାଜନୈତିକ ବନ୍ଧୁ ଥିଲେ।

## ସଂକ୍ଷେପରେ

### ମା' ବୁଢ଼ୀ ମଙ୍ଗଳାଙ୍କ ବ୍ରହ୍ମଚାରିଣୀ ବେଶ



ତିଗିରିଆ,୨୦।୩(ଜାଫର ଖାଁ) ତିଗିରିଆ ବ୍ଲକ ଅନ୍ତର୍ଗତ ବିନ୍ଧାଣିମା ପଞ୍ଚାୟତର ଆରାଧ୍ୟ ଠାକୁରାଣୀ ମା'ବୁଢ଼ୀ ମଙ୍ଗଳାଙ୍କ ପୀଠରେ ଚାଲିଥିବା ବାସନ୍ତିକ ଦୁର୍ଗାପୂଜାର ଦ୍ୱିତୀୟ ଦିବସ ଶୁକ୍ରବାର ବ୍ରହ୍ମଚାରିଣୀ ବେଶରେ ମା' ଦର୍ଶନ ଦେଇଛନ୍ତି। ଏହି ଅବସରରେ ମା'ଙ୍କ ପୀଠରେ ପାରମ୍ପରିକ ରୀତିନୀତି ଅନୁଯାୟୀ ମଙ୍ଗଳ ଆଳତି, କଳସ ପୂଜା, ଅଗ୍ନି ସ୍ଥାପନ, ଚଣ୍ଡୀ ପାଠ, ମଧ୍ୟାହ୍ନଧୂପ, ସନ୍ଧ୍ୟା ଆଳତି ଆଦି ନୀତି ସମ୍ପନ୍ନ ହୋଇଥିଲା।

### ବ୍ୟକ୍ତିଙ୍କ ମୃତଦେହ ଜବତ

ବାରଙ୍ଗ,୨୦।୩(ଲିଙ୍ଗରାଜ ରାଉତ) ରାମଦାସପୁର ପଞ୍ଚାୟତ କାର୍ଯ୍ୟାଳୟ ପରିସରରୁ ଜଣେ ବ୍ୟକ୍ତିଙ୍କ ମୃତଦେହକୁ ଶୁକ୍ରବାର ବାରଙ୍ଗ ପୋଲିସ ଜବତ କରିଛି। ମୃତକଙ୍କ ପରିଚୟ ମିଳିପାରି ନ ଥିବାବେଳେ ପୋଲିସ ତଦନ୍ତ ଆରମ୍ଭ କରିଛି। ଶୁକ୍ରବାର ସକାଳୁ ଗୋଡ଼ିସାହି-ବାରଙ୍ଗ ପୁରୀ ମୁଖ୍ୟ କେନାଲ ବନ୍ଧ କଡ଼ରେ ଅବସ୍ଥିତ ରାମଦାସପୁର ପଞ୍ଚାୟତ କାର୍ଯ୍ୟାଳୟ ପରିସରରେ ନୂଆକରି ହୋଇଥିବା ଏକ ଘର ବାରଣ୍ଡାରେ ଜଣେ ଅଜଣା ବ୍ୟକ୍ତିଙ୍କ ମୃତଦେହ ପଡ଼ିଥିବା କେତେଜଣ ସ୍ଥାନୀୟ ଲୋକ ଦେଖିବାକୁ ପାଇଥିଲେ। ପରେ ବାରଙ୍ଗ ପୋଲିସ ସୂଚନା ପାଇ ଘଟଣାସ୍ଥଳରୁ ମୃତଦେହ ଜବତ କରି ଏକ ଅପମୃତ୍ୟୁ ମାମଲା ରୁଜୁକରି ବ୍ୟବଚ୍ଛେଦ ପାଇଁ କଟକ ବଡ଼ ଡାକ୍ତରଖାନା ପଠାଇଛି। ମୃତଦେହଟି ୨/୩ ହେବ ସେଠାରେ ପଡ଼ିଥିବା ଅନୁମାନ କରାଯାଉଥିବା ବେଳେ ମୃତକଙ୍କ ବୟସ ୪୫ରୁ ୫୦ ବର୍ଷ ହେବ। ମୃତକ ଜଣଙ୍କ ଏକ କଳାରଙ୍ଗର ପ୍ୟାଣ୍ଟ ଓ ସବୁଜ ରଙ୍ଗର ଗଞ୍ଜି ପିନ୍ଧିଥିବାର ଦେଖିବାକୁ ମିଳିଛି।

### ଓଲଟିଲା ବ୍ୟାଟେରି ଚାଳିତ ଡାଲା ଅଟୋ

ବାରଙ୍ଗ,୨୦।୩(ଲିଙ୍ଗରାଜ ରାଉତ): ନେତାଜୀ ସୁଭାଷ ଚନ୍ଦ୍ର ବୋଷ୍ ସେତୁ ଉପରେ ଭାରସାମ୍ୟ ହରାଇ ଏକ ବ୍ୟାଟେରିଚାଳିତ ଡାଲା ଅଟୋ ଓଲଟି ପଡ଼ିଥିବା ବେଳେ ସୌଭାଗ୍ୟବଶତଃ ଚାଳକ ଜଣଙ୍କ ବର୍ତ୍ତିଯାଇଛନ୍ତି।

ପ୍ରକାଶ ଯେ, ଶୁକ୍ରବାର ଅପରାହ୍ନରେ ଓଡି-୩୩-ଏକେ-୦୦୫୩ ନମ୍ବରବିଶିଷ୍ଟ ଏକ ବ୍ୟାଟେରିଚାଳିତ ଡାଲା ଅଟୋ ତ୍ରିଶୂଳିଆ ବଜାରରୁ କଟକ ଅଭିମୁଖେ ଯାଉଥିଲା। ତ୍ରିଶୂଳିଆ ନେତାଜୀ ସୁଭାଷ ଚନ୍ଦ୍ର ବୋଷ୍ ସେତୁ ଉପରେ ଅଟୋଟି ହଠାତ୍ ଭାରସାମ୍ୟ ହରାଇ ଓଲଟି ପଡ଼ିଥିଲା। ଘଟଣାସ୍ଥଳରେ ଚାଳକ ଆହତ ହୋଇଥିଲେ। ସ୍ଥାନୀୟ ଲୋକଙ୍କଠାରୁ ଖବରପାଇ ବାରଙ୍ଗ ପୋଲିସ ଆସି ଦୁର୍ଘଟଣାଗ୍ରସ୍ତ ଗାଡ଼ିକୁ ଜବତକରି ଆହତ ଚାଳକଙ୍କୁ ଚିକିତ୍ସା ନିମନ୍ତେ କଟକ ବଡ଼ ଡାକ୍ତରଖାନା ପଠାଇଥିଲା।

### ଟ୍ରାନ୍ସଫର୍ମରରୁ ତେଲ ଚୋରି ଅଭିଯୋଗ

ତିଗିରିଆ,୨୦।୩(ଜାଫର ଖାଁ) ତିଗିରିଆ ଥାନା ଅନ୍ତର୍ଗତ ବିନ୍ଧାଣିମା ପଞ୍ଚାୟତସ୍ଥିତ ପଞ୍ଚାୟତ କାର୍ଯ୍ୟାଳୟ ସମ୍ମୁଖରେ ଥିବା ୫୦୦ କିଲୋୱାଟ୍‌ର ବିଦ୍ୟୁତ୍ ଟ୍ରାନ୍ସଫର୍ମର ପ୍ରଚଣ୍ଡ ଶବ୍ଦ କରି ପୋଡ଼ିଯିବା ପରେ ସେଥିରୁ ତେଲ ଚୋରି ହୋଇଥିବା ଜଣାପଡ଼ିଛି। ଟ୍ରାନ୍ସଫର୍ମର ପୋଡ଼ିଯିବା ପରେ ବିନ୍ଧାଣିମା ଗ୍ରାମର କେତେଜଣ ଲୋକ ଜଣାଇବା ପରେ ସ୍ଥାନୀୟ ବିଦ୍ୟୁତ୍ ବିଭାଗ ଯନ୍ତ୍ରୀ ଶିବାନୀ ଶଙ୍କର ବସ୍ତିଆ ଟିମ୍ ସହ ପହଞ୍ଚି ତଦାରଖ କରିବା ପରେ ତେଲ ଚୋରି ପରେ ମାତ୍ରା କମିଯିବାରୁ ଟ୍ରାନ୍ସଫର୍ମର ପୋଡ଼ିଥିବା ଜଣାପଡ଼ିଛି। ଏନେଇ ବିଦ୍ୟୁତ୍ ବିଭାଗ ପକ୍ଷରୁ ଥାନାରେ ଲିଖିତ ଅଭିଯୋଗ କରାଯିବା ପରେ ପୋଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଛି।

# ଯୋଜନାରେ ରହିଗଲା ବାୟୋ ଗ୍ୟାସ୍ ପ୍ଲାଣ୍ଟ

## ଘୋଷଣାକୁ ୧୧ ମାସ ବିତିଲାଣି, ନିଗମ ନୀରବ

କଟକ,୨୦।୩(କୁମାରଶ୍ରୀ)

କଟକରେ ବାୟୋ ଗ୍ୟାସ ପ୍ଲାଣ୍ଟ ପ୍ରତିଷ୍ଠା ପାଇଁ ଯୋଜନା ହୋଇଥିଲା। ଏଥି ନିମନ୍ତେ ଗେଲ୍ ଇଣ୍ଡିଆ ସହ କଟକ ମହାନଗର ନିଗମର ଏମଓୟୁ ମଧ୍ୟ ସ୍ୱାକ୍ଷର ହୋଇଥିଲା। ୨୦ ମାସ ମଧ୍ୟରେ ଯୋଜନାର ସଫଳ ରୂପାୟନ ହେବ ବୋଲି ନିଗମ ଘୋଷଣା କରିଥିଲେ ସୁଦ୍ଧା ଏ ପର୍ଯ୍ୟନ୍ତ କାର୍ଯ୍ୟ ଆଗେଇ ପାରିନାହିଁ। ପ୍ଲାଣ୍ଟ ନିମନ୍ତେ ଜଗତପୁରରେ ଚିହ୍ନଟ ହୋଇଥିବା ଜମିକୁ ନେଇ ନିଗମ ଏବଂ ଇଡ୍‌କୋ ଭିତରେ ବିବାଦ ଦେଖାଦେଇଥିବା ଯୋଗୁ ଯୋଜନା ବାଟବଣା ହୋଇଥିବା କୁହାଯାଉଛି। ଏ ବାବଦରେ ମତାମତ ନିମନ୍ତେ କମିଶନର କିରଣଦୀପ କୌର ସହୋତାଙ୍କୁ ଫୋନ୍ କରାଯାଇଥିବା ବେଳେ କୌଣସି ଉତ୍ତର ମିଳି ପାରି ନ ଥିଲା।

ସହରାଞ୍ଚଳରୁ ଦୈନିକ ସଂଗ୍ରହ ହେଉଥିବା ୨୦୦ ମେଟ୍ରିକ ଟନ୍ ଆବର୍ଜନାକୁ ପ୍ରକ୍ରିୟାକରଣ ମାଧ୍ୟମରେ ନଷ୍ଟ କରାଯାଇ ମିଥେନ୍ ଗ୍ୟାସ ଉତ୍ପନ୍ନ କରାଯିବ। ଦୈନିକ ୬ ଟନ୍ ଗ୍ୟାସ ନିଗମକୁ ମିଳିବ। ସେଥିରୁ କିଛି ଲୋକଙ୍କୁ ଯୋଗାଇ ଦିଆଯିବ। ଏହି ଯୋଜନା ଦ୍ୱାରା କଟକ ସହରର ପରିମଳ ପରିଚାଳନା ବ୍ୟବସ୍ଥାରେ ମଧ୍ୟ ବ୍ୟାପକ ସୁଧାର ଆସି ପାରିବ ବୋଲି ନିଗମ ପକ୍ଷରୁ କୁହାଯାଇଥିଲା। ଗତବର୍ଷ ଏପ୍ରିଲରେ ନିଗମ ଏବଂ ଗେଲ୍ ଇଣ୍ଡିଆ ମଧ୍ୟରେ ଚୁକ୍ତିପତ୍ର ସ୍ୱାକ୍ଷର ହୋଇଥିଲା। ୧୧.୮ ଏକର ଜମିରେ ନିର୍ମାଣ କାର୍ଯ୍ୟ ହୋଇଥାନ୍ତା। ନିର୍ମାଣ କାର୍ଯ୍ୟର ଅବଧି ୨୦ ମାସ ଧାର୍ଯ୍ୟ ହୋଇଥିଲା। ହେଲେ ଏ ପର୍ଯ୍ୟନ୍ତ ପ୍ରକଳ୍ପ ସ୍ଥଳରେ ଇଟା ଖଣ୍ଡେ ନ ପଡିବା ଦୁର୍ଭାଗ୍ୟଜନକ। ଏହି ଯୋଜନା ଦ୍ୱାରା କେବଳ ନିଗମ ନୁହେଁ ସହରବାସୀ ମଧ୍ୟ ବହୁମାତ୍ରାରେ ଉପକୃତ ହୋଇ ପାରିଥାନ୍ତେ। ଭୁବନେଶ୍ୱର ମହାନଗର ନିଗମ ଅଞ୍ଚଳରେ ଏହି ଯୋଜନା କାର୍ଯ୍ୟକାରୀ ହୋଇସାରିଥିବା ବେଳେ କଟକରେ ଏହାର ବିଫଳ ଚିତ୍ର ଦେଖିବାକୁ ମିଳିଛି। ତେବେ ଜଗତପୁର ଶିଳ୍ପାଞ୍ଚଳରେ ଚିହ୍ନଟ ହୋଇଥିବା ଜମି ବିବାଦ ତୁଟି ନ ଥିବାରୁ ପ୍ରକଳ୍ପ ଆଗେଇ ପାରୁ ନ ଥିବା କୁହାଯାଇଛି।

# ଏସ୍‌ସିବି: ଅଳିଆଗଦାରେ ନିଆଁ, ଓପିଡିରେ ଭୟ



ଏସ୍‌ସିବି ମେଡିକାଲର କର୍ଣ୍ଣ, ନାଶା ଓ ଗଳା ବିଭାଗ ଓପିଡି ପଛ ପାର୍ଶ୍ୱର ଅଳିଆଗଦାରୁ ନିଆଁ ଲିଭାଉଛନ୍ତି ଅଗ୍ନିଶମ ବାହିନୀର ଟିମ୍।

କଟକ,୨୦।୩(ଶିଳ୍ପା ପ୍ରିୟଦର୍ଶିନୀ)

ଏସ୍‌ସିବି ମେଡିକାଲର ପିଛାଛାଡୁନି ନିଆଁ। ଶୁକ୍ରବାର ରାତିରେ କର୍ଣ୍ଣ, ନାଶା ଓ ଗଳା ବିଭାଗର ଓପିଡି ପଛପାର୍ଶ୍ୱରେ ଥିବା ଅଳିଆଗଦାରେ କେହି ନିଆଁ ଲଗାଇଥିଲେ। ନିଆଁ ବହୁ ଜୋର ଜଳିବାରୁ ଓପିଡିରେ ନିଆଁ ଲାଗିଥିବା ନେଇ ଗୁଜବ ଚାରିଆଡେ ଖେଳିଯାଇଥିଲା। ଏହାକ ନେଇ ଓପିଡିରେ ଭୟର ବାତାବରଣ ସୃଷ୍ଟି ହୋଇଥିଲା। ପରେ ଅଗ୍ନିଶମ ବାହିନୀ ପହଞ୍ଚି ନିଆଁକୁ ଆୟତ୍ତକୁ ଆଣିଥିଲା। ତେବେ ଏସ୍‌ସିବି ମେଡିକାଲର ଟ୍ରମା ଆଇସିୟୁ ଅଗ୍ନିକାଣ୍ଡ ଘଟଣାକୁ ୫ ଦିନ ହୋଇଛି। ନନ୍‌ଟ୍ରମା ଓ ନ୍ୟୁ ମେଡିସିନ ବିଭାଗରେ ଅଗ୍ନିକାଣ୍ଡ ବଡ଼ ଧରଣ ହେବା ପୂର୍ବରୁ ବର୍ତ୍ତି ଯାଇଥିବାବେଳେ ଏବେ ବି ମେଡିକାଲ କର୍ତ୍ତୃପକ୍ଷ ସଜାଗ ହୋଇନାହାନ୍ତି। ଏପରିକି ମେଡିକାଲରେ ଦିନରାତି ରୋଗୀ ଓ ସମ୍ପର୍କୀୟ ରହୁଥିବାବେଳେ ସେଠାରେ ଏଭଳି ଅଳିଆଗଦାରେ ନିଆଁ ଲଗାଇବା ନେଇ ପ୍ରଶ୍ନ ଉଠିଛି। ଏ ସମ୍ପର୍କରେ ମେଡିକାଲ ଅତିରିକ୍ତ ଅଧୀକ୍ଷକ ତଥା ଅଗ୍ନି ନିରାପତ୍ତା ଅଧିକାରୀ ଜ୍ୟୋତିର୍ମୟ ନାୟକ କହିଛନ୍ତି, କେହି ରୋଗୀଙ୍କ ସମ୍ପର୍କୀୟ ବିଡି କିମ୍ବା ସିଗାରେଟ ଖାଇ ଫିଙ୍ଗି ଦେବା କାରଣରୁ ଅଳିଆ ଏବଂ ଶୁଖିଲା ପତ୍ରରେ ନିଆଁ ଧରି ନେଇଥିବା ଆଶଙ୍କା କରାଯାଉଛି।

# ଦେବୀରଞ୍ଜନଙ୍କୁ ରାଜଧାନୀରେ ବିରୋଧ ; ବାଙ୍କୀରେ ସ୍ୱାଗତ



ବିଧାୟକ ଦେବୀରଞ୍ଜନ ତ୍ରିପାଠୀ ସଭାରେ ବକ୍ତବ୍ୟ ଦେଉଛନ୍ତି।

ତାଳବସ୍ତ, ୨୦।୩(ସୁବ୍ରତ କୁମାର ନାୟକ)

ରାଜ୍ୟ ସଭା ନିର୍ବାଚନରେ ଚତୁର୍ଥ ଆସନ ପାଇଁ ଦଳୀୟ ହୁଇପ୍ ନ ମାନି କ୍ରସ୍ ଭୋଟିଂ କରି ବିବାଦୀୟ ହୋଇପଡ଼ିଥିବା ବିଜେଡି ବିଧାୟକ ଦେବୀ ରଞ୍ଜନ ତ୍ରିପାଠୀ ଓ ପୂର୍ବତନ ବିଧାୟକ ପ୍ରଭାତ କୁମାର ତ୍ରିପାଠୀଙ୍କୁ ରାଜଧାନୀରେ ଦଳ ପକ୍ଷରୁ ପ୍ରବଳ ବିରୋଧ କରାଯାଇଥିବାବେଳେ ବାଙ୍କୀରେ ବିପୁଳ ସ୍ୱାଗତ ଜଣାଯାଇଛି। ଅପରପକ୍ଷେ ସ୍ୱାଗତ ସମ୍ବର୍ଦ୍ଧନା ବ୍ୟାନରରେ ଶଙ୍ଖ, ନବୀନଙ୍କ ଫଟୋ ସ୍ଥାନରେ ମା' ଚର୍ଚ୍ଚିକା ଓ ବିଜୁ ପଟ୍ଟନାୟକଙ୍କ ଫଟୋ ଥିବା ଦେଖିବାକୁ ମିଳିଛି।

ରାଜ୍ୟ ସଭା ଭୋଟ୍‌ପରେ ବିଧାୟକ ଦେବୀଙ୍କର ଏହା ପ୍ରଥମ ବାଙ୍କୀ ଗସ୍ତ ଥିଲା। ଏହି ଅବସରରେ ବାଙ୍କୀ ଏନ୍‌ଏସି, ଡମପଡ଼ା, ବାଙ୍କୀ ବ୍ଲକର ବହୁ ହଜାର ବିଜେଡି କର୍ମୀ ତାଙ୍କୁ ଜାତମୁଣ୍ଡିଆ ଛକରୁ ସ୍ୱାଗତ କରି ବାଇକ୍ ଶୋଭାଯାତ୍ରାରେ ଦଳୀୟ କାର୍ଯ୍ୟାଳୟ ପର୍ଯ୍ୟନ୍ତ ଆଣିଥିଲେ। ସେଠାରେ ଆୟୋଜିତ ପଥପ୍ରାନ୍ତ ସଭାରେ

### ନୂଆ ବ୍ୟାନରରେ ମା' ଚର୍ଚ୍ଚିକା, ବିଜୁଙ୍କ ଫଟୋକୁ ନେଇ ଚର୍ଚ୍ଚା

ବିରୋଧୀ କଂଗ୍ରେସ ଏବଂ ସାମାଜିକ ଗଣମାଧ୍ୟମରେ ସମାଲୋଚନା କରୁଥିବା ବ୍ୟକ୍ତିଙ୍କୁ ଦେବୀ କଡ଼ା ଜବାବ ଦେଇଛନ୍ତି। ସେ କହିଛନ୍ତି, ବାଙ୍କୀ ବିକାଶଧାରା ଏବଂ ବିଜୁ ଲିଗାସିକୁ ଜାହିର କରିବାକୁ ମା' ଚର୍ଚ୍ଚିକା ଶକ୍ତି ଦିଅନ୍ତୁ। ବିଜୁବାବୁଙ୍କ ନୀତି ଓ ଆଦର୍ଶକୁ ଜଳାଞ୍ଜଳି ଦେଇ ଯେଉଁମାନେ ବଡ଼ ବଡ଼ କଥା କହୁଛନ୍ତି, ସେମାନଙ୍କୁ ରାଜ୍ୟ ସଭା ନିର୍ବାଚନରେ ଉଚିତ୍ ଶିକ୍ଷା ଦିଆଯାଇଛି। ଭାଜପା ସମର୍ଥିତ ସ୍ୱାଧୀନ ପ୍ରାର୍ଥୀ ଦିଲୀପ ରାୟଙ୍କୁ ଭୋଟ ଦେବାର ଯଥାର୍ଥତା ଅଛି। କାରଣ ବିଜୁ ଜନତା ଦଳ ଗଠନ ସମୟରେ ତାଙ୍କର ଅବଦାନ ଅବିସ୍ମରଣୀୟ ଥିଲା। କଂଗ୍ରେସ ଓ ବିଜେଡି ଯାହାକୁ ରାଜ୍ୟ ସଭା ପ୍ରାର୍ଥୀ କରିଥିଲେ ସେ ବ୍ୟକ୍ତିଙ୍କର ବିଜୁ ଜନତା ଦଳରେ କୌଣସି ଭୂମିକା ନାହିଁ। ସେ ବାଙ୍କୀର ବିକାଶ କରିବା ସହ ଅଣକଂଗ୍ରେସ ଶକ୍ତି ବିରୋଧରେ ସବୁବେଳେ ଲଢ଼େଇ ଜାରି ରଖିବେ। ବାଙ୍କୀ ଲୋକଙ୍କର ବିକାଶ ତାଙ୍କ ଲକ୍ଷ୍ୟ। ବାଙ୍କୀବାସୀଙ୍କ ସ୍ୱାର୍ଥ ରକ୍ଷା ଓ ଉନ୍ନତି ପାଇଁ ସେ ଏହି ଭୋଟିଂ ନିଷ୍ପତ୍ତି ନେଇଥିଲେ। ଏହି କାର୍ଯ୍ୟକ୍ରମରେ ପୂର୍ବତନ ବିଧାୟକ ତଥା ବରିଷ୍ଠ ନେତା ପ୍ରଭାତ କୁମାର ତ୍ରିପାଠୀ ଯୋଗଦେଇ ଯେଉଁମାନେ ବାଙ୍କୀର କେବେ ସେବା କରିନାହାନ୍ତି ସେମାନେ ବାହାସ୍ଫୋଟ ମାରିଲେ ସେ କଥାକୁ ବାଙ୍କୀ ଜନସାଧାରଣ ବିଶ୍ୱାସକୁ ନେବେନାହିଁ। ଯେଉଁମାନଙ୍କର ନୀତି ନୈତିକତା ନାହିଁ ସେମାନେ ଯେତେ ବିରୋଧରେ କହିଲେ ବି ତାହାର କୌଣସି ପ୍ରଭାବ ବାଙ୍କୀ ଜନସାଧାରଣଙ୍କ ଉପରେ ପଡ଼ିବ ନାହିଁ। ଅନ୍ୟମାନଙ୍କ ମଧ୍ୟରେ ୩୮ ନମ୍ବର ଜିଲା ପରିଷଦ ଜୋନ୍ ସଭ୍ୟ ଆଶିଷ କୁମାର ସାହୁ, ବାଙ୍କୀ ସମବାୟ ବ୍ୟାଙ୍କ ସଭାପତି ସୁବାସ ପାଢ଼ୀ, ମିଡିଆ ସଂଯୋଜକ ଭାଗୀରଥି ପାଣି, ବାଙ୍କୀ ଏନ୍‌ଏସି ନଗରପାଳ ମାଣିକ ସାହୁ, ଉପନଗରପାଳ ସନ୍ତୋଷ କୁମାର ରଣା, ଡମପଡ଼ା ବ୍ଲକ ଅଧ୍ୟକ୍ଷ ପ୍ରଣବ କୁମାର ପଟେଲ, ପୂର୍ବତନ ଅଧ୍ୟକ୍ଷ ସୂର୍ଯ୍ୟ ନାରାୟଣ ପାତ୍ର ପ୍ରମୁଖ ଉପସ୍ଥିତ ଥିଲେ।

### ନନ୍ଦନକାନନକୁ ଆସିବେ ୩ ପ୍ରଜାତିର ୧୮ ଜୀବଜନ୍ତୁ

ବାରଙ୍ଗ/ତ୍ରିଶୂଳିଆ,୨୦।୩ (ଲିଙ୍ଗରାଜ ରାଉତ/ତୁଷାରକାନ୍ତ ବେହେରା)

ନନ୍ଦନକାନନକୁ ବିଶ୍ୱସ୍ତରୀୟ ଚିଡ଼ିଆଖାନାରେ ପରିଣତ କରିବା ପାଇଁ କର୍ତ୍ତୃପକ୍ଷ ଗୋଟିଏ ପରେ ଗୋଟିଏ ପଦକ୍ଷେପ ନେଉଛନ୍ତି। ଗତ ୧୧ରେ ବିଶାଖାପାଟଣାର ଇନ୍ଦିରା ଗାନ୍ଧୀ ପ୍ରାଣୀ ଉଦ୍ୟାନ ଓ ନନ୍ଦନକାନନ ମଧ୍ୟରେ ପ୍ରଥମ ପର୍ଯ୍ୟାୟ ପଶୁପକ୍ଷୀ ଅଦଳବଦଳ ପରେ ଚଳିତବର୍ଷର ଦ୍ୱିତୀୟ ପର୍ଯ୍ୟାୟ ପଶୁପକ୍ଷୀ ଅଦଳବଦଳ ପ୍ରକ୍ରିୟା ନନ୍ଦନକାନନ ପ୍ରାଣୀ ଉଦ୍ୟାନ ଏବଂ ଗୁଜରାଟର ଜୁନାଗଡ଼ ସକ୍କରବାଗ ଚିଡ଼ିଆଖାନା ମଧ୍ୟରେ ଆରମ୍ଭ ହୋଇଛି। କେନ୍ଦ୍ରୀୟ ଚିଡ଼ିଆଖାନା ପ୍ରାଧିକରଣଙ୍କ ଅନୁମୋଦନ ପରେ ଚଳିତବର୍ଷର ଦ୍ୱିତୀୟ ପର୍ଯ୍ୟାୟ ପଶୁପକ୍ଷୀ ଅଦଳବଦଳ ପ୍ରକ୍ରିୟା ଶୁକ୍ରବାର ଭୋର୍ ସମୟରେ ଆରମ୍ଭ ହୋଇଛି। ପ୍ରାଥମିକ ପର୍ଯ୍ୟାୟରେ ସକ୍କରବାଗ ଚିଡ଼ିଆଖାନାର ଏକ ଦଳ ନନ୍ଦନକାନନରୁ ଗୋଟିଏ ଓଟପକ୍ଷୀ, ୩ଟି ମାଇ ଚଉସିଙ୍ଘା ମୃଗ, ୩ଟି କୁଜି ହରିଣକୁ ସାଙ୍ଗରେ ନେଇ ଗୁଜରାଟ ଅଭିମୁଖେ ଯାତ୍ରା ଆରମ୍ଭ କରିଛନ୍ତି। ଏହାର ପ୍ରତିବଦଳରେ ସେଠାରୁ ୩ ପ୍ରଜାତିର ୧୮ ଜୀବଜନ୍ତୁ ନନ୍ଦନକାନନ ଆସିବେ। ନୂଆ ଅତିଥିଙ୍କ ମଧ୍ୟରେ ୨ ହଳ ଡେମୋଇସେଲ କ୍ରେନ୍, ୨ ହଳ କଳାରାପତରିଆ ବାଘ, ୫ ହଳ ଜଙ୍ଗଲି ନାଲି କୁକୁଡ଼ା ଆସିବେ ବୋଲି ଉପନିର୍ଦ୍ଦେଶକ ଅଭୟ କୁମାର ଦଳାଇ ସୂଚନା ଦେଇଛନ୍ତି।

### ଓଡ଼ିଆ ଜାତିର ଅନ୍ୟତମ ପରିଚୟ ପଖାଳ



ଆଠଗଡ଼,୨୦।୩(ସତ୍ୟ ପ୍ରସାଦ ରଥ)

ଆଠଗଡ଼ ଉପଖଣ୍ଡ ସାମ୍ବାଦିକ ସଂଘ ଆନୁକୂଲ୍ୟରେ ବିଶ୍ୱ ପଖାଳ ଦିବସ ପାଳନ କରାଯାଇଛି। ବିଜୁ ପଟ୍ଟନାୟକ କଲ୍ୟାଣ ମଣ୍ଡପରେ ସଂଘ ସଭାପତି ସର୍ବେଶ୍ୱର ପଣ୍ଡାଙ୍କ ସଂଯୋଜନାରେ ପଖାଳ ଦିବସର ମହତ୍ତ୍ୱ ଓ ବିଶେଷତ୍ତ୍ୱ ଉପରେ ଚର୍ଚ୍ଚା ହୋଇଥିଲା। ଏଥିରେ ସମ୍ପାଦକ ନୀଳକଣ୍ଠ ଦୋରା, ବରିଷ୍ଠ ଖବରଦାତା ସନାତନ ରାୟ, ସତ୍ୟପ୍ରସାଦ ରଥ, ସୁଧିରଞ୍ଜନ ଦାଶ, ଯଶୋବନ୍ତ ବାରିକ, ବିଶ୍ୱଜିତ ରାଉତ, ମନୋରଞ୍ଜନ ମହାନ୍ତି, ପ୍ରକାଶ ସାହୁ ପ୍ରମୁଖ ଯୋଗଦେଇ ଓଡ଼ିଆ ଜାତିର ଅନ୍ୟତମ ପରିଚୟ ହେଉଛି ଲୋକଖାଦ୍ୟ ପଖାଳ ବୋଲି ମତବ୍ୟକ୍ତ କରିଥିଲେ। ଓଡ଼ିଆଙ୍କ ପ୍ରିୟଖାଦ୍ୟ ଆଜି ବିଶ୍ୱ ଦରବାରରେ ପହଞ୍ଚି ପାରିଥିବାରୁ ଏହା ଆମ ପାଇଁ ଗୌରବର ବିଷୟ। ଗରିବ, ଖଟିଖିଆ ମୂଲିଆଠାରୁ ଆରମ୍ଭକରି ମଧ୍ୟବିତ୍ତ ଓ ଧନିକ ବର୍ଗର ପ୍ରତ୍ୟେକ ଓଡ଼ିଆଙ୍କ ପଖାଳ ହେଉଛି ଅତି ପ୍ରିୟ ଖାଦ୍ୟ। ଏପରିକି ଓଡ଼ିଶାର ମଉଡ଼ମଣି ଆରାଧ୍ୟ ଦେବତା ଶ୍ରୀଜଗନ୍ନାଥ ଓ ମହାଲକ୍ଷ୍ମୀଙ୍କର ମଧ୍ୟ ପଖାଳ ଭୋଗ ଅତି ପ୍ରିୟ ବୋଲି ଉପସ୍ଥିତ ଖବରଦାତାମାନେ ପ୍ରକାଶ କରିଥିଲେ। ଏଥିରେ ଯୋଗଦେଇଥିବା ୨୦ଜଣରୁ ଊର୍ଦ୍ଧ୍ୱ ଖବରଦାତା ଦହି ପଖାଳ ସହିତ ଅନ୍ୟାନ୍ୟ ବହୁ ପ୍ରକାରର ବ୍ୟଞ୍ଜନ ଖାଇଥିଲେ। ଅବିନାଶ ଦାସ, ମିଲୁ ମିଶ୍ର ଓ ଅନ୍ୟମାନେ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

# ବେଆଇନ ବାଲି ଚାଲାଣକୁ ଗ୍ରାମବାସୀଙ୍କ ବିରୋଧ

### ସ୍ଥାୟୀ ସମାଧାନ ନ ହେଲେ ରାଜରାସ୍ତାକୁ ଓହ୍ଲାଇବେ ଗ୍ରାମବାସୀ

ତ୍ରିଶୂଳିଆ,୨୦।୩(ତୁଷାରକାନ୍ତ ବେହେରା):

ରାଜ୍ୟରେ ବେଆଇନ ବାଲିଚାଲାଣ ଉପରେ କଟକଣା ସହ ଧରପଗଡ଼ ହେଉଛି। କିନ୍ତୁ କଲ୍ୟାଣପୁର ରାଜସ୍ୱ ନିରୀକ୍ଷକ ଅଧିନସ୍ଥ କଲ୍ୟାଣପୁର ପଞ୍ଚାୟତ କୁଆଖାଇ ବାଲିଘାଟରେ ବେଆଇନ ଭାବେ ଅଧିକ ବାଲି ଉତ୍ତୋଳନ ହେଉଥିବା ସ୍ଥାନୀୟ ସରପଞ୍ଚ ଓ ଗ୍ରାମବାସୀ ଅଭିଯୋଗ କରିଛନ୍ତି। କୁଆଖାଇ ନଦୀ କଲ୍ୟାଣପୁର ବାଲିଘାଟ ନିଲାମ ଦିଆଯାଇଛି।

ନିୟମାନୁଯାୟୀ, ନିଲାମଧାରୀ ବାର୍ଷିକ ୧୫ ହଜାର ସିଏମ୍ ବାଲି ଉତ୍ତୋଳନ ପାଇଁ ଅନୁମତି ପାଇଛନ୍ତି। କିନ୍ତୁ ସମସ୍ତ ନିୟମକୁ ଉଲ୍ଲଂଘନ କରି ବାଲିଘାଟର ସୀମା ଓ ନିର୍ଦ୍ଧାରିତ ଗଭୀରରୁ ଅଧିକ ବାଲି ଖନନ ହେଉଛି। ଏହାସହ ବିନା କେ ଫର୍ମରେ ବାଲିଚାଲାଣ ହେଉଛି। ଫଳରେ ଦୈନିକ ଶତାଧିକ ଟ୍ରାକ୍ଟର ଓ ହାଇଓ୍ୱା ଯୋଗେ ବାଲି ଚାଲାଣ ହେଉଛି। ଅଧିକ ଭାରିଯାନ ଚଳାଚଳ ଫଳରେ ହଂସପାଳ ଛକରୁ କାନପୁର ପର୍ଯ୍ୟନ୍ତ ନଦୀବନ୍ଧ ରାସ୍ତାରେ ବାଲି ବିଛେଇ ହୋଇପଡ଼ିବା ସହ ଦୁର୍ଘଟଣା ଘଟୁଛି। ଏଥିସହ ପରିବେଶ ପ୍ରଦୂଷଣ ହେବା ସହିତ ରାସ୍ତା ଖରାପ ହେଉଛି। ଗ୍ରାମବାସୀ, ପଥଚାରୀ ତଥା ଛାତ୍ରୀଛାତ୍ର ଯିବା ଆସିବାରେ ସମସ୍ୟା ସୃଷ୍ଟି ହେଉଛି। ଏ ବିଷୟରେ ମୁଖ୍ୟମନ୍ତ୍ରୀଙ୍କ ସହ ବିଭାଗୀୟ ମନ୍ତ୍ରୀ, ଖଣି ନିଗମ, ଶାସନ ସଚିବଙ୍କୁ ଡାକ ଯୋଗେ ଅଭିଯୋଗ କରିଛନ୍ତି। ତୁରନ୍ତ ପଦକ୍ଷେପ ନିଆ ନ ଗଲେ ଆଗାମୀ ଦିନରେ ଗ୍ରାମବାସୀ ରାଜରାସ୍ତାକୁ ଓହ୍ଲାଇ ଶାନ୍ତିପୂର୍ଣ୍ଣ ଧାରଣାଦେବାକୁ ବାଧ୍ୟହେବେ ବୋଲି କଲ୍ୟାଣପୁର ସରପଞ୍ଚ ଦେବରାଜ ଭୋଇ ସୂଚନା ଦେଇଛନ୍ତି।

### ଜନ ଆରୋଗ୍ୟ ସମିତି ଅଧିବେଶନ

ବାଙ୍କୀ, ୨୦।୩(ଜ୍ଞାନେନ୍ଦ୍ର ମୋହନ ମିଶ୍ର)

ଡମପଡ଼ା ବ୍ଲକ ଅନ୍ତର୍ଗତ ତୁଳସୀପୁର ପଞ୍ଚାୟତସ୍ଥିତ ପ୍ରାଥମିକ ସ୍ୱାସ୍ଥ୍ୟ ଓ ଆରୋଗ୍ୟ କେନ୍ଦ୍ର ସଭାଗୃହରେ ଜନ ଆରୋଗ୍ୟ ସମିତି ଅଧିବେଶନ ଅନୁଷ୍ଠିତ ହୋଇଯାଇଛି। ଜିଲା ପରିଷଦ ସଦସ୍ୟା ତଥା ସମିତିର ଅଧ୍ୟକ୍ଷା ମିନତି ମହାପାତ୍ର ଏଥିରେ ଅଧ୍ୟକ୍ଷତା କରିଥିଲେ। ରୋଗୀମାନେ କିପରି ସ୍ୱାସ୍ଥ୍ୟସେବା ଠିକ୍‌ଭାବେ ପାଇପାରିବେ ତାହା ଉପରେ ମହାପାତ୍ର ଗୁରୁତ୍ୱ ଦେଇଥିଲେ। ଏଥିସହ ଡାକ୍ତରଖାନାରେ ଡାକ୍ତର ଏବଂ ସ୍ୱାସ୍ଥ୍ୟକର୍ମଚାରୀମାନେ ଠିକ୍ ସମୟରେ ପହଞ୍ଚିବା ପାଇଁ ପରାମର୍ଶ ଦେଇଥିଲେ। ଡାକ୍ତରଖାନାକୁ ସରସ ସୁନ୍ଦର ରଖିବା ସହ ପରିବେଶକୁ ସଦାବେଳେ ପରିଷ୍କାର ପରିଚ୍ଛନ୍ନ ରଖିବାକୁ ସଭାରେ ଗୁରୁତ୍ୱ ଦିଆଯାଇଥିଲା। ବୈଠକରେ ଜନ ଆରୋଗ୍ୟ ସମିତି ସଭ୍ୟ ବିଜୟ ଗୋଛି, ରଗଡ଼ି ସରପଞ୍ଚ ବିଜୟଲକ୍ଷ୍ମୀ ମହାନ୍ତି, ସ୍ଥାନୀୟ ସରପଞ୍ଚ ଶରତ ପ୍ରଧାନ, ଡଁସର ସରପଞ୍ଚ ପ୍ରତିମା ବେହେରା, ମେଡିକାଲ ଅଫିସର ପୌର୍ଣ୍ଣମାସୀ ପଣ୍ଡା ପ୍ରମୁଖ ଯୋଗଦେଇଥିଲେ।

### ବୈଦେଶ୍ୱର ଚୋରି ଘଟଣା : ୮ କୋର୍ଟ ଚାଲାଣ

ବାଙ୍କୀ, ୨୦।୩(ଶୁଭେନ୍ଦୁ ମହାପାତ୍ର):

ବାଙ୍କୀ ଉପଖଣ୍ଡ ବୈଦେଶ୍ୱର ଥାନାର ବିଭିନ୍ନ ଅଞ୍ଚଳରୁ ଚୋରି ଅଭିଯୋଗରେ ପୋଲିସ ୮ ଅଭିଯୁକ୍ତଙ୍କୁ ଗିରଫକରି କୋର୍ଟ ଚାଲାଣ କରିଛି। ସେମାନେ ହେଲେ କଳାପଥର ପଞ୍ଚାୟତ ଗୁରେଇପଲ୍ଲୀ ସାହିର ପ୍ରଣବ କୁମାର ସାହୁ (୨୩), ଚନ୍ଦ୍ରଶେଖର ନାୟକ (୨୩), ଜ୍ୟୋତିରଞ୍ଜନ ସାହୁ (୨୧) ଏବଂ ଚୋରି ସାମଗ୍ରୀ କିଣିଥିବା ଅଭିଯୁକ୍ତ ବେଗୁନିଆ ଥାନା ଅଞ୍ଚଳ ଧଳାପଥର ଗ୍ରାମର ଧନେଶ୍ୱର ବେହେରା (୨୬), କେନ୍ଦୁପଲ୍ଲୀ ଗ୍ରାମର ଜ୍ୟୋତିରଞ୍ଜନ ସାହୁ (୨୩), ଦିଲୀପ କୁମାର ସାହୁ (୪୩), ମଣ୍ଟୁ ସ୍ୱାଇଁ (୨୦), ସୋମନାଥ ନାଏକ (୧୮)ଙ୍କୁ ଗିରଫ କରାଯାଇଛି। ଏନେଇ ଥାନାରେ ମାମଲା (ନଂ. ୭୯/୨୬) ରୁଜୁ କରାଯାଇଛି। ଏ ସମ୍ପର୍କରେ ବୈଦେଶ୍ୱର ଆଇଆଇସି ଦୁର୍ଗେଶ ନନ୍ଦିନୀ ମହାନ୍ତି କୁହନ୍ତି, ଏହି ଥାନା ଅନ୍ତର୍ଗତ ବିଭିନ୍ନ ଅଞ୍ଚଳରେ ଅଭିଯୁକ୍ତମାନେ ଗ୍ୟାଙ୍ଗ୍ ପ୍ରସ୍ତୁତ କରି ଘରେ ରହୁ ନ ଥିବା ପରିବାରର ଘର ତାଲା ଭାଙ୍ଗି ଶସ୍ତା ଦାମ୍‌ରେ ବିକ୍ରି କରିଥାନ୍ତି। ବିଶେଷକରି ଫ୍ରିଜ୍, ଗ୍ରାଇଣ୍ଡର, ଗ୍ୟାସ୍ ସିଲିଣ୍ଡର, ଇନ୍‌ଭର୍ଟର, ପିତ୍ତଳ ହଣ୍ଡା, କଂସାପିତ୍ତଳ ବାସନ ଓ ଟିଭି ଆଦି ଚୋରିକରି ନେଇ ବିକ୍ରି କରିଦିଅନ୍ତି। ଏହାକୁ ଗୁରୁତର ନେଇ ବୈଦେଶ୍ୱର ଥାନା ପକ୍ଷରୁ ଏକ ଟିମ୍ ପ୍ରସ୍ତୁତ କରି ବିଭିନ୍ନ ସ୍ଥାନରେ ଚଢ଼ାଉ କରାଯିବା ପରେ ଅଭିଯୁକ୍ତମାନେ ଧରାପଡ଼ିଛନ୍ତି।

# ବିଶ୍ୱ ଘରଚଟିଆ ଦିବସ ପାଳିତ




ନିଆଳି,୨୦।୩(ସୁକାନ୍ତ କୁମାର ସିଂହ)

ନିଆଳି ଓଡ଼ିଶା ବାୟାଚଢେଇ ସୁରକ୍ଷା ଅଭିଯାନ ପକ୍ଷରୁ ଶୁକ୍ରବାର ବିଶ୍ୱ ଘରଚଟିଆ ଦିବସ ପାଳିତ ହୋଇଯାଇଛି। ସ୍ଥାନୀୟ ଅଲେଖ ମହିମା ଆଶ୍ରମ ପରିସରରେ ଅନୁଷ୍ଠିତ ଉତ୍ସବ ଅଭିଯାନର ସମ୍ପାଦକ ତଥା ପ୍ରକୃତିବନ୍ଧୁ ପାବନୀ ବସ୍ତିଆଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଥିଲା। ଏଥିରେ ଅଭିଯାନର ଆବାହକ ତଥା ସ୍ତମ୍ଭକାର ପୀତାମ୍ବର ରାଉତ, ମଠର ବାବା ସାଧୁ ରବୀନ୍ଦ୍ର ଦାସ, ସମାଜସେବୀ ତ୍ରିଲୋଚନ ବେହେରା, ବିଜୟାନଳିନୀ ଲେଙ୍କା, ଡଲି ରାଉତ, ଅକ୍ରୂର ପାତ୍ର, ଅଜିତ୍ ସେନାପତି, ରମେଶ ଚନ୍ଦ୍ର ସ୍ୱାଇଁ ପ୍ରମୁଖ ଯୋଗଦେଇ ଘର ଚଟିଆର ସମାଜ ପ୍ରତି ଅବଦାନ ଉପରେ ଆଲୋଚନା କରାଯାଇଥିଲା। କିପରି ଘରଚଟିଆମାନଙ୍କୁ ସୁରକ୍ଷା ଦିଆଯିବା ଉପରେ ଗୁରୁତ୍ୱାରୋପ କରାଯାଇଥିଲା। ଏହସହ ବର୍ତ୍ତମାନ ଗ୍ରୀଷ୍ମକାଳ ହେତୁ ପ୍ରତ୍ୟେକ ଘରେ ପକ୍ଷୀମାନଙ୍କ ପାଇଁ ପାନୀୟ ଜଳ ଓ ଖାଦ୍ୟ ସାମଗ୍ରୀ ନିଜ ଘର ଛାତ ଉପରେ ରଖିବା ପାଇଁ ଅନୁଷ୍ଠାନ ପକ୍ଷରୁ ନିବେଦନ କରାଯାଇଥିଲା। ଶେଷରେ ଘରଚଟିଆଙ୍କ ସୁରକ୍ଷା ଉଦ୍ଦେଶ୍ୟରେ ସମୂହ ଦୀପଦାନ କରାଯାଇଥିଲା।

# ପଲେଇ-ବରକୋଳିଆ ଚାମ୍ପିୟନ

### ଦୀପକ ମେମୋରିଆଲ କ୍ରିକେଟ୍ ଟୁର୍ଣ୍ଣାମେଣ୍ଟ

ନିଶ୍ଚିନ୍ତକୋଇଲି,୨୦।୩ (ଅଶୋକ କୁମାର ମହାପାତ୍ର) :

ନିଶ୍ଚିନ୍ତକୋଇଲି ବ୍ଲକ କେରିଲୋ ହରଚଣ୍ଡୀ କ୍ରିକେଟ କ୍ଲବ ଆନୁକୂଲ୍ୟରେ ପୃଥକ୍ ଭାବେ ଚାଲିଥିବା ଦୀପକ ମେମୋରିଆଲ କ୍ରିକେଟ ପ୍ରତିଯୋଗିତାରେ ପଲେଇ ୟୁଥ୍ ଓ ବରକୋଳିଆ କ୍ରିକେଟ କ୍ଲବ ଚାମ୍ପିୟନ ହୋଇଛନ୍ତି। ପ୍ରଥମ ମ୍ୟାଚ୍ ପଲେଇ ୟୁଥ କ୍ଲବ ଓ ସାନ୍ତପୁର କ୍ରିକେଟ କ୍ଲବ ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ପଲେଇ ୟୁଥ କ୍ଲବ୍ ଟସ୍ ଜିଣି ପ୍ରଥମେ ବ୍ୟାଟିଂ ନିଷ୍ପତ୍ତି ନେଇଥିଲା। ଦଳ ନିର୍ଦ୍ଧାରିତ ୧୨ ଓଭରରେ ୮ ଉଇକେଟ୍ ହରାଇ ୨୪୯ ରନ୍ ସଂଗ୍ରହ କରିଥିଲା। ଜବାବରେ ସାନ୍ତପୁର କ୍ରିକେଟ କ୍ଲବ ନିର୍ଦ୍ଧାରିତ ଓଭରରେ ୮ ଉଇକେଟ୍ ହରାଇ ୧୭୫ ରନ୍ ସଂଗ୍ରହକରି ପରାଜିତ ହୋଇଥିଲା। ଏହି ଖେଳରେ ରାଜେନ୍ଦ୍ର ଶର୍ମା ମ୍ୟାନ ଅଫ ଦି ମ୍ୟାଚ୍ ଓ ରାଜା ପାଇକରାୟ ମ୍ୟାନ୍ ଅଫ୍ ଦି ସିରିଜ୍ ବିବେଚିତ ହୋଇଥିଲେ। ସେହିପରି ଦ୍ୱିତୀୟ ଫାଇନାଲ ମ୍ୟାଚ ତରତ କ୍ରିକେଟ କ୍ଲବ ଓ ବରକୋଳିଆ ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ବରକୋଳିଆ କ୍ରିକେଟ କ୍ଲବ ପ୍ରଥମେ ବ୍ୟାଟିଂକରି ନିର୍ଦ୍ଧାରିତ ୧୨ ଓଭରରେ ୯ ଉଇକେଟ୍ ହରାଇ ୧୦୧ ରନ୍ ସଂଗ୍ରହ କରିଥିଲା। ଜବାବରେ ତରତ କ୍ରିକେଟ କ୍ଲବ ୧୨ ଓଭରରେ ୯ ଉଇକେଟ୍ ହରାଇ ୯୯ ରନ୍ ସଂଗ୍ରହକରି ପରାଜିତ ହୋଇଥିଲା। ଏହି ଖେଳରେ ସତ୍ୟବ୍ରତ ସ୍ୱାଇଁ ମ୍ୟାନ୍ ଅଫ୍ ଦି ମ୍ୟାଚ୍ ଓ ଅଭିଷେକ ବାରିକ ମ୍ୟାନ୍ ଅଫ୍ ଦି ସିରିଜ୍ ବିବେଚିତ ହୋଇଥିଲେ। ପୁରସ୍କାର ବିତରଣ ଉତ୍ସବରେ ନିଶ୍ଚିନ୍ତକୋଇଲି ପଞ୍ଚାୟତ ସମିତି ପ୍ରାକ୍ତନ ଅଧ୍ୟକ୍ଷ ଗିରିଶ ରଞ୍ଜନ ମହାପାତ୍ର ସଭାପତିତ୍ୱ କରିଥିଲେ। ମୁଖ୍ୟ ଅତିଥି ଭାବେ ପୂର୍ବତନ ମନ୍ତ୍ରୀ ପ୍ରତାପ ଜେନା, ନିଶ୍ଚିନ୍ତକୋଇଲି ବ୍ଲକ ବିଜେଡି ସଭାପତି ଜ୍ୟୋତି ପ୍ରକାଶ ସ୍ୱାଇଁ, କାର୍ଯ୍ୟକାରୀ ସଭାପତି ସରପଞ୍ଚ ଜୟଦେବ ରାଉତ, ଅନିଲ କୁମାର ଭୂୟାଁ, ପୂର୍ବତନ ସରପଞ୍ଚ ଜିତେନ୍ଦ୍ର କୁମାର ମିଶ୍ର, ପୂର୍ବତନ ଜିଲା ପରିଷଦ ସଭ୍ୟ ବିନୋଦ କୁମାର ସାମଲ, ଅଶୋକ ପଣ୍ଡା ପ୍ରମୁଖ ଅତିଥିଭାବେ ଯୋଗଦେଇ ପୁରସ୍କାର ବିତରଣ କରିଥିଲେ। ମ୍ୟାଚ୍‌କୁ ପ୍ରେମାନନ୍ଦ ଦାସ, ଅନନ୍ତ ରାଉତ ପରିଚାଳନା କରିଥିଲେ।



ଅତିଥିଙ୍କ ଗହଣରେ ଟ୍ରଫିସହ ଚାମ୍ପିୟନ ଦଳର ଖେଳାଳିମାନେ।

**ମା' ଉଗ୍ରରେଇଙ୍କ ବାସନ୍ତିକ ଦୁର୍ଗାପୂଜା**

ସାକ୍ଷୀଗୋପାଳ,(ଭରତ ରାଉତ): ସତ୍ୟବାଦୀ ବ୍ଲକ ଅନ୍ତର୍ଗତ ନରେନ୍ଦ୍ରପୁର ଗ୍ରାମର ଅଧିଷ୍ଠାତ୍ରୀ ଦେବୀ ମା' ଉଗ୍ରରେଇଙ୍କ ବାସନ୍ତିକ ଦୁର୍ଗାପୂଜା ଓ ନବରାତ୍ର ମହୋତ୍ସବ ଗୁରୁବାରଠାରୁ ଆରମ୍ଭ ହୋଇଛି। ଏହା ମାର୍ଚ୍ଚ ୨୭ ପର୍ଯ୍ୟନ୍ତ ଚାଲିବ। ଗୁରୁବାର ପୂର୍ବାହ୍ନ ୧୦ଟାରେ ଗ୍ରାମର ମହିଳା ଓ ପୁରୁଷମାନେ ନୂତନ ବସ୍ତ୍ର ପରିଧାନ ପୂର୍ବକ ଗ୍ରାମ ପୋଖରୀରୁ ପାଣି ନେଇ କଳସ ଶୋଭାଯାତ୍ରାରେ ଯଜ୍ଞ ମଣ୍ଡପରେ ସ୍ଥାପନା କରାଇଥିଲେ। ଗୁରୁବାର ମା' ଶୈଳପୁତ୍ରୀ ବେଶରେ ବିଳମ୍ବିତ ରାତି ପର୍ଯ୍ୟନ୍ତ ଭକ୍ତଙ୍କୁ ଦର୍ଶନ ଦେଇଥିଲେ। ଷୋଡ଼ଶ ଉପଚାର ପୂଜା, ସପ୍ତସତୀ ଚଣ୍ଡୀ ଆହୁତି, ଆରତି ଓ ପୁଷ୍ପାଞ୍ଜଳି ଦିଆଯାଇଥିଲା। ମନ୍ଦିରର ମୁଖ୍ୟ ପୂଜକ ସନ୍ତୋଷ କୁମାର ପଣ୍ଡା, ଶିବ ସାହୁ, ଅଶୋକ ପ୍ରଧାନ, ନୀଳକଣ୍ଠ ବିଶ୍ୱାଳ, ପୂର୍ଣ୍ଣଚନ୍ଦ୍ର ବିଶ୍ୱାଳ, ହୃଷୀକେଶ ସାହୁ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

## ସଂକ୍ଷେପରେ

### ନାବାଳିକାଙ୍କୁ ଅପହରଣ ଅଭିଯୋଗ

ବଳଙ୍ଗା,୨୦।୩(କେଦାରେଶ୍ୱର ନନ୍ଦ)

ବଳଙ୍ଗା ଥାନା ଅନ୍ତର୍ଗତ ଏକ ଗ୍ରାମରେ ଦୋକାନକୁ ଯାଇଥିବା ଜଣେ ନାବାଳିକାଙ୍କୁ ଅପହରଣ କରାଯାଇଥିବା ନେଇ ଥାନାରେ ଅଭିଯୋଗ ହୋଇଛି। ପୋଲିସ ଏକ ମାମଲା ରୁଜୁ କରି ତଦନ୍ତ ଜାରି ରଖିଛି। ସୂଚନା ମୁତାବକ, ନାବାଳିକା ଜଣକ ଏକମାସ ତଳେ ମାଟ୍ରିକ ପରୀକ୍ଷା ଦେବାକୁ ଯାଇ ସନ୍ଧ୍ୟାରେ ଘରକୁ ଫେରିଥିଲେ। ପରେ ନାବାଳିକା ଜଣଙ୍କ ଘରେ ଥିଲାବେଳେ ତାଙ୍କ ମା'ଙ୍କୁ କେହି ଫୋନ୍ କରି ଝିଅକୁ ଉଠାଇ ନେବାକୁ ଧମକ ଦେଇଥିଲେ। ଗୁରୁବାର ଅପରାହ୍ନରେ ନାବାଳିକା ଜଣଙ୍କ ଗ୍ରାମରେ ଥିବା ଦୋକାନକୁ ଯାଇ ଆଉ ଘରକୁ ଫେରି ନ ଥିଲେ। ପରିବାର ଲୋକେ ବହୁତ ଖୋଜାଖୋଜି କରି ମଧ୍ୟ କୌଣସି ସନ୍ଧାନ ପାଇ ନ ଥିଲେ ବୋଲି ନାବାଳିକାଙ୍କ ମା' ଥାନାରେ କରିଥିବା ଅଭିଯୋଗରେ ଦର୍ଶାଇଛନ୍ତି।

### ଦୋକାନ ତାଲା ଭାଙ୍ଗି ଚୋରି, ଅଭିଯୁକ୍ତ ଗିରଫ

ସାକ୍ଷୀଗୋପାଳ,୨୦।୩(ଭରତ ରାଉତ/ ପ୍ରଶାନ୍ତ କୁମାର ବାରିକ/କିଶୋର ମହାପାତ୍ର)

ସତ୍ୟବାଦୀ ଥାନା ଅଧୀନ ରଙ୍ଗଣି ସାହିର ଜିତେନ୍ଦ୍ର କୁମାର ସାହୁଙ୍କ ଦୋକାନର ତାଲା ଭାଙ୍ଗି ନଗଦ ୩୦,୩୩୦ ଟଙ୍କା ସହିତ ପୂଜା ସାମଗ୍ରୀ ଚୋରି ହୋଇଥିବା ନେଇ ଗତ ୧୬ ତାରିଖରେ ଥାନାରେ ଅଭିଯୋଗ ହୋଇଥିଲା। ଏ ନେଇ ପୋଲିସ ଏକ କେସ୍ (ନଂ.୧୩୬/୨୬) ରୁଜୁ କରି ତଦନ୍ତ ଚଳାଇଥିଲା। ତେବେ କୌଣସି ସୂତ୍ରରୁ ଖବର ପାଇ ସନ୍ଦେହଜନକ ଭାବେ ବୁଲୁଥିବା ସତ୍ୟବାଦୀ ଥାନା ଅନ୍ତର୍ଗତ ସୁଆଁଳ ଗ୍ରାମର ସଚ୍ଚିଦାନନ୍ଦ ସ୍ୱାଇଁ ଓରଫ ନନ୍ଦିଆ (୨୫)ଙ୍କୁ ପୋଲିସ ଗିରଫ କରିବା ସହ ତାଙ୍କଠାରୁ ନଗଦ ୨୫,୦୦୦ ଟଙ୍କା ଜବତ କରିଛି। ଅଭିଯୁକ୍ତ ଜଣଙ୍କ ଅଭ୍ୟାସଗତ ଅପରାଧୀ ହୋଇଥିବାରୁ ତାଙ୍କ ନାଁରେ ସତ୍ୟବାଦୀ ଥାନାରେ ୮ଟି ଆପରାଧିକ ମାମଲା ରହିଛି ବୋଲି ଥାନା ଅଧିକାରୀ ସୌମ୍ୟରଞ୍ଜନ ମହାଲିକ ସୂଚନା ଦେଇଛନ୍ତି।

### ଛାତ୍ରୀଙ୍କୁ ଅସଦାଚରଣ ମାମଲା: କୋର୍ଟରେ ହାଜର ହେଲେ ଅଭିଯୁକ୍ତ

ଅସ୍ତରଙ୍ଗ,୨୦।୩(ମମତା ଜେନା)

ନାବାଳିକା ଛାତ୍ରୀଙ୍କୁ ଅସଦାଚରଣ ଅଭିଯୋଗରେ କାକଟପୁର ପୋଲିସ ଏକ ସରକାରୀ ଉଚ୍ଚ ବିଦ୍ୟାଳୟର ଅବସରପ୍ରାପ୍ତ ପିଅନଙ୍କୁ ଗିରଫ କରିଛି। ଗିରଫ ଅଭିଯୁକ୍ତ ହେଲେ କାକଟପୁର ଥାନା ଅଞ୍ଚଳର ୭୩ ବର୍ଷୀୟ ଭ୍ରମରବର ସାହୁ। ଶୁକ୍ରବାର ତାଙ୍କୁ ପୁରୀ ସ୍ପେଶାଲ ଜଜ୍ (ପୋକ୍ସୋ) ତଥା ଅତିରିକ୍ତ ଜିଲା ଦୌରା ଜଜ୍ (ଏଡିଜେ)ଙ୍କ କୋର୍ଟରେ ହାଜର କରାଯାଇଥିବାବେଳେ ଜାମିନ ନାମଞ୍ଜୁର ହେବାରୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି। ସୂଚନା ଅନୁଯାୟୀ, କିଛିଦିନ ତଳେ ସୋସିଆଲ ମିଡିଆରେ ଏକ ଭିଡିଓ ଭାଇରାଲ ହୋଇଥିଲା, ଯେଉଁଥିରେ ଅଭିଯୁକ୍ତ ଜଣକ ବିଦ୍ୟାଳୟ ପରିସରରେ ଜଣେ ନାବାଳିକା ଛାତ୍ରୀଙ୍କ ସହ ଅସଦାଚରଣ କରୁଥିବାର ଦୃଶ୍ୟ କଏଦ ହୋଇଥିଲା। ଏ ନେଇ ପ୍ରଧାନ ଶିକ୍ଷକ ଥାନାରେ ଲିଖିତ ଏତଲା ଦେଇଥିଲେ। ପୋଲିସ କେସ୍ ନମ୍ବର ୧୧୦/୨୦୨୬ରେ ଭାରତୀୟ ନ୍ୟାୟ ସଂହିତାର ଧାରା ୩୨୯(୩), ୩୨୯(୪), ୬୪, ୬୨ ଏବଂ ପୋକ୍ସୋ ଆକ୍ଟର ଧାରା-୮ ଅନୁଯାୟୀ ମାମଲା ରୁଜୁ କରିଥିଲା। କାକଟପୁର ଥାନା ଏସ୍ଆଇ ଅମିତ ପାଢ଼ୀଙ୍କ ତତ୍ତ୍ୱାବଧାନରେ ପୋଲିସ ବିଭିନ୍ନ ସ୍ଥାନରେ ଚଢ଼ାଉ ଜାରି ରଖିଥିଲା। ଶେଷରେ ଅଭିଯୁକ୍ତ ଭ୍ରମରବରଙ୍କୁ ତାଙ୍କ ବାସଭବନ ନିକଟରୁ ଗିରଫ କରାଯାଇଛି।

# ସପ୍ତଦଶ ଜାଗୃତି ମହୋତ୍ସବ ଉଦ୍‌ଘାଟିତ



ଉତ୍ସବରେ ଓଡ଼ିଶୀ ନୃତ୍ୟ ପରିବେଷଣ।



ଅତିଥିଙ୍କ ଗହଣରେ ସମ୍ବର୍ଦ୍ଧିତ ବ୍ୟକ୍ତିବିଶେଷଙ୍କ ସହ ନୃତ୍ୟଶିଳ୍ପୀମାନେ।

## ମନ୍ତ୍ରମୁଗ୍ଧ କଲା ଓଡ଼ିଶୀ ଓ ରଣପା ନୃତ୍ୟ

ପିପିଲି,୨୦।୩(ପ୍ରଭାତ କୁମାର ମହାପାତ୍ର)

ଭାରତୀୟ ନବବର୍ଷ ପାଳନ ଉପଲକ୍ଷେ ଜାଗୃତି ସାଂସ୍କୃତିକ ଯୁବ ସଂଗଠନ ପକ୍ଷରୁ ପିପିଲି ବଜାର ପଞ୍ଚୁଦୋଳ ମେଳଣ ପଡ଼ିଆରେ ତିନିଦିନିଆ ସପ୍ତଦଶ ଜାଗୃତି ମହୋତ୍ସବ-୨୦୨୬ ଗୁରୁବାର ଉଦ୍‌ଘାଟିତ ହୋଇଯାଇଛି। ଚଳିତବର୍ଷ ପ୍ରଥମ ଥର ପୁସ୍ତକ ମେଳା ଆୟୋଜନ କରାଯାଇଛି। ସଂଗଠନର ସଭାପତି ପ୍ରଭାତ କୁମାର ମହାପାତ୍ରଙ୍କ ସଭାପତିତ୍ୱରେ ଆୟୋଜିତ ସଭାରେ ମୁଖ୍ୟ ଅତିଥି ଭାବେ ପିପିଲି ବିଧାୟକ ଆଶ୍ରିତ ପଟ୍ଟନାୟକ ଯୋଗଦେଇ ଉତ୍ସବକୁ ଉଦ୍‌ଘାଟନ କରିଥିଲେ। ଜାଗୃତି ମହୋତ୍ସବ ପାଳନ ପାଇଁ ସେ ସରକାରୀ ସ୍ତରରେ ସହାୟତା କରିବେ ବୋଲି ପ୍ରତିଶ୍ରୁତି ଦେଇଥିଲେ। ସମ୍ମାନିତ ଅତିଥି ଭାବେ ଗୀତିକାର ଶ୍ରୀକାନ୍ତ ଗୌତମ, ଲକ୍ଷ୍ୟ ଟେକ୍ନୋଲୋଜି ପ୍ରତିଷ୍ଠାନର ନିର୍ଦ୍ଦେଶକ ବିଷ୍ଣୁପ୍ରସାଦ ଦାଶ, ଉଦ୍ୟୋଗପତି ଏନ୍. ଗଙ୍ଗାଧର ରେଡ୍ଡୀ, ପୁସ୍ତକମେଳା ସଭାପତି ଭିକାରୀ ଚରଣ ଧଳ, ସମ୍ପାଦକ ଅର୍ଜୁନ ଘଡେଇ, ଶିକ୍ଷାବିତ୍ କୁମରବର ଦାସ ପ୍ରମୁଖ ଯୋଗଦେଇ ଏହି ମହୋତ୍ସବ ମାଧ୍ୟମରେ ଭାରତୀୟ ନବବର୍ଷ ପାଳନର ସଂସ୍କୃତି ଓ ପରମ୍ପରା ଉଜ୍ଜୀବିତ ରଖିବା ପାଇଁ ଅନୁଷ୍ଠାନର ଅବଦାନକୁ ପ୍ରଶଂସା କରିଥିଲେ। ଅନୁଷ୍ଠାନର ମୁଖ୍ୟ ଉପଦେଷ୍ଟା ଅଧ୍ୟାପକ ଡ. ସଚ୍ଚିକାନ୍ତ ନାୟକ, ଉପଦେଷ୍ଟା ମଣ୍ଡଳୀ ଇଂ. ରମେଶ ଶତପଥୀ, ବାମଦେବ ମିଶ୍ର, ରଘୁନାଥ ଦାସ ପ୍ରମୁଖ ଯୋଗ ଦେଇଥିଲେ। ଗୁଣ୍ଠଲ ଗ୍ରାମର ବିଜୟ କୁମାର ପ୍ରଧାନଙ୍କୁ କୃଷକ ରତ୍ନ ସମ୍ମାନ ଓ ଲକ୍ଷ୍ୟ ଟେକ୍ନୋଲୋଜି ପ୍ରତିଷ୍ଠାନର ନିର୍ଦ୍ଦେଶକ ବିଷ୍ଣୁପ୍ରସାଦ ଦାଶଙ୍କୁ ଜାଗୃତି ସମ୍ମାନରେ ସମ୍ମାନିତ କରାଯାଇଥିଲା। ବିଭିନ୍ନ କ୍ଷେତ୍ରରେ କୃତିତ୍ୱ ହାସଲ କରିଥିବା ଛାତ୍ରୀଛାତ୍ରଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ପୁସ୍ତକ ସମିତି ଦ୍ୱାରା ପ୍ରକାଶିତ ପ୍ରଥମ ପତ୍ରିକା 'ଉତ୍କର୍ଷ' ଉନ୍ମୋଚିତ ହୋଇଥିଲା। ଉତ୍କଳ ସଙ୍ଗୀତ ମହାବିଦ୍ୟାଳୟର ଛାତ୍ରୀଛାତ୍ରୀ ଏବଂ ସ୍ଥାନୀୟ ପ୍ରାଚୀ ସଙ୍ଗୀତ ବିଦ୍ୟାଳୟର କଳାକାରମାନେ ଓଡ଼ିଶୀ ନୃତ୍ୟ ସଙ୍ଗୀତ ଓ ଜାଗୃତି ନୃତ୍ୟାଞ୍ଜଳି ପରିବେଷଣ କରିଥିଲେ। ଓଡ଼ିଆ ଭାଷା ସାହିତ୍ୟ ଓ ସଂସ୍କୃତି ବିଭାଗ ପକ୍ଷରୁ ଆସିଥିବା ରଣପା ନୃତ୍ୟଦଳର ନୃତ୍ୟ ବିଶେଷ ଆକର୍ଷଣ ପାଲଟିଥିଲା। ଅନୁଷ୍ଠାନର ମିଡିଆ ଆବାହକ ମନୋରଞ୍ଜନ ମହାପାତ୍ର, ସାଧାରଣ ସମ୍ପାଦକ ବିଭୂତି ସାମନ୍ତରାୟ, ଉପସଭାପତି ମନୋଜ ପ୍ରଧାନ, ବିକାଶ ଅଗ୍ରୱାଲ, ମାନସ ମହାପାତ୍ର ଓ ମୁନୁ ଅଗ୍ରୱାଲ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

# ହାଇକୋର୍ଟଙ୍କ ନିର୍ଦ୍ଦେଶକୁ ପୋଲିସର ବେଖାତିର

କଣାସ,୨୦।୩(ବିଭୂତି ଭୂଷଣ ତ୍ରିପାଠୀ)

ଗ୍ରାମର କଙ୍ଗାରୁ କୋର୍ଟ ଦ୍ୱାରା ବାସନ୍ଦ ହୋଇଥିବା ଏକ ପରିବାରର ଅଭିଯୋଗ ଉପରେ ଶୁଣାଣି କରି ଓଡ଼ିଶା ଉଚ୍ଚ ନ୍ୟାୟାଳୟ ସମ୍ପୃକ୍ତ ପରିବାରକୁ ନ୍ୟାୟ ଦେବା ପାଇଁ ଜିଲା ଆରକ୍ଷୀ ଅଧୀକ୍ଷକ ଏବଂ ଗଡ଼ିଶାଗୋଦା ଥାନା ପୋଲିସକୁ ନିର୍ଦ୍ଦେଶ ଦେଇଥିଲେ ମଧ୍ୟ ୨୨ଦିନ ପରେ ବି ତାହା କାର୍ଯ୍ୟକାରୀ କରାଯାଇ ନାହିଁ। ଫଳରେ ସମ୍ପୃକ୍ତ ପରିବାର ପୂର୍ବ ଭଳି ନିର୍ଯାତନା ଭୋଗୁଛି। ଏ ନେଇ ପରିବାର ପକ୍ଷରୁ ଅସନ୍ତୋଷ ବ୍ୟକ୍ତ କରାଯିବା ସହ ପୋଲିସର କାର୍ଯ୍ୟ ପ୍ରତି ପ୍ରଶ୍ନ ଉଠାଯାଇଛି।

ଅଭିଯୋଗ ଅନୁଯାୟୀ, ବଡାଲ ପଞ୍ଚାୟତ ବଡଓରା ଗ୍ରାମର ସୁଷମା ସାହୁଙ୍କ ପରିବାରଙ୍କୁ ୬ବର୍ଷ ହେଲା ଗ୍ରାମ କଙ୍ଗାରୁ କୋର୍ଟରେ ଏକଘରିଆ କରାଯାଇଛି। ତାଙ୍କୁ ଗାଁ ମନ୍ଦିରରେ ପ୍ରବେଶ କରାଇ ନ ଦେବା, ଗାଁ ଦୋକାନରୁ ସଉଦା ନ ଦେବା, ଗାଁ ପୋଖରୀକୁ ବାରଣ କରିବା ପ୍ରଭୃତି କଟକଣା ଲଗାଯାଇଥିବାରୁ ତାଙ୍କ ପରିବାର ଅକଥନୀୟ ଦୁର୍ଦ୍ଦଶା ଭୋଗୁଛନ୍ତି। ସୁଷମା ଓଡ଼ିଶା ହାଇକୋର୍ଟଙ୍କ ଦ୍ୱାରସ୍ଥ ହେବା ପରେ କେସ ନମ୍ବର ୧୨୪/୨୦୨୬ରେ ୨୭/୨/୨୦୨୬ରେ ଶୁଣାଣି ହୋଇଥିଲା। ଦୁଇ ସପ୍ତାହ ମଧ୍ୟରେ ପଦକ୍ଷେପ ନେବାକୁ ପୁରୀ ଏସ୍‌ପି ଏବଂ ଗଡ଼ିଶାଗୋଦା ଥାନା ଅଧିକାରୀଙ୍କୁ କୋର୍ଟ ନର୍ଦ୍ଦେଶ ଦେଇଥିଲେ ବୋଲି ସୁଷମା କହିଛନ୍ତି। ସୁଷମା ଉଚ୍ଚ ନ୍ୟାୟାଳୟ ନିର୍ଦ୍ଦେଶନାମା କପିକୁ ଗତ ୨୮ତାରିଖରେ ଏସ୍‌ପି ଏବଂ ଓ ଥାନା ଅଧିକାରୀଙ୍କୁ ଇମେଲ ଯୋଗେ ପଠାଇଥିଲେ। ତେବେ ଏ ସମ୍ପର୍କରେ ଗଡ଼ିଶାଗୋଦା ଥାନା ଅଧିକାରୀ ଶାନ୍ତନୁ କୁମାର ପ୍ରଧାନ କହିଛନ୍ତି, ବାସନ୍ଦ ହୋଇଥିବା ପରିବାର ମୋ' ସହିତ ଯୋଗାଯୋଗ କରିନାହାନ୍ତି। ତେବେ କୋର୍ଟଙ୍କ ନିର୍ଦ୍ଦେଶନାମା କପି ଅନୁଧ୍ୟାନ କରିବା ପରେ ବିହୀତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ।

# ଓଡ଼ିଆ ପରମ୍ପରାକୁ ମନେପକାଇଲେ ପର୍ଯ୍ୟଟକ




ଓଟିଡିସି ପକ୍ଷରୁ କୋଣାର୍କ ପାନ୍ଥନିବାସରେ ପଖାଳ ଦିବସ ପାଳନ କରାଯାଉଛି।

## କୋଣାର୍କ ଯାତ୍ରୀ ନିବାସରେ ପଖାଳ ଦିବସ ପାଳିତ

କୋଣାର୍କ,୨୦।୩(ଜ୍ୟୋତିରାଜ ମହାନ୍ତି)

ବିଶ୍ୱପ୍ରସିଦ୍ଧ ପର୍ଯ୍ୟଟନସ୍ଥଳୀ କୋଣାର୍କସ୍ଥିତ ଯାତ୍ରୀ ନିବାସରେ ଶୁକ୍ରବାର ବିଶ୍ୱ ପଖାଳ ଦିବସ ପାଳିତ ହୋଇଯାଇଛି। ଯାତ୍ରୀ ପରିଚାଳକ ବାପି ରଞ୍ଜନ ସାହୁଙ୍କ ତତ୍ତ୍ୱାବଧାନରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ପର୍ଯ୍ୟଟକମାନଙ୍କୁ ଦହି ପଖାଳ, ବଡ଼ିଚୁରା, ମାଛ ଭଜା, କାକୁଡ଼ି, ଆଳୁଚୋଖା ସମେତ ବିଭିନ୍ନ ପ୍ରକାରର ସୁସ୍ୱାଦୁ ଖାଦ୍ୟ ପରଷାଯାଇଥିଲା। ପର୍ଯ୍ୟଟକମାନେ ପଖାଳ ଖାଇ ଆନନ୍ଦିତ ହେବା ସହ ଓଡ଼ିଆ ପରମ୍ପରାକୁ ମନେ ପକାଇଥିଲେ। ସେମାନେ ଓଡ଼ିଆ ପରମ୍ପରାର ଏହି ମହାନ ଦିବସର ବିଶେଷତାକୁ ମନେ ପକାଇ ଭୂୟସୀ ପ୍ରଶଂସା କରିଥିଲେ। କାର୍ଯ୍ୟକ୍ରମକୁ ଯାତ୍ରୀ ନିବାସର କର୍ମଚାରୀମାନେ ପରିଚାଳନା କରିଥିଲେ। କୋଣାର୍କ ଯାତ୍ରୀ ନିବାସ ପରିଚାଳକ କହିଛନ୍ତି, ବିଶ୍ୱ ପଖାଳ ଦିବସ ହେଉଛି ଓଡ଼ିଆ ଅସ୍ମିତାର ପ୍ରତୀକ। ସୂର୍ଯ୍ୟମନ୍ଦିର ପରିଦର୍ଶନରେ ଆସିଥିବା ପର୍ଯ୍ୟଟକମାନେ ଯାତ୍ରୀନିବାସରେ ପଖାଳ ଦିବସ ପାଳନ କରିଥିଲେ। ଏଭଳି କାର୍ଯ୍ୟକ୍ରମ ଦ୍ୱାରା ପର୍ଯ୍ୟଟନ ଶିଳ୍ପର ଅଭିବୃଦ୍ଧି ଘଟିବ ବୋଲି ସେ ମତବ୍ୟକ୍ତ କରିଛନ୍ତି।

# ୨୦ରୁ ଊର୍ଦ୍ଧ୍ୱ ଅମାନିଆ ଅଟକ, ୪ ମାମଲା ରୁଜୁ

ଗୋପ,୨୦।୩ (ଭାରତୀ ଭୂଷଣ ଉପାଧ୍ୟାୟ)

ଗୋପ ପୋଲିସ ପକ୍ଷରୁ ଶୁକ୍ରବାର ବିଳମ୍ବିତ ରାତ୍ର ପର୍ଯ୍ୟନ୍ତ ବିଭିନ୍ନ ସ୍ଥାନରେ ଚଢ଼ାଉ କରାଯାଇ ୨୦ରୁ ଊର୍ଦ୍ଧ୍ୱ ଅମାନିଆଙ୍କୁ ଅଟକ ରଖାଯାଇଛି। ଏହି ଚଢ଼ାଉ ପରେ ଥାନା ଅଧିକାରୀ ଦୁର୍ଗାଚରଣ ମହାପାତ୍ରଙ୍କ ନିର୍ଦ୍ଦେଶରେ ଥାନା ମୋକଦ୍ଦମା ନମ୍ବର ୪୬, ୪୭, ୪୮ ଓ ୪୯/୨୦୨୬ ରୁଜୁ କରାଯାଇଛି। ଏହି ଅମାନିଆ ଚାଳକମାନଙ୍କ ମୋବାଇଲ ଓ ବାଇକ୍ ଜବତ କରାଯାଇ ତଦନ୍ତ ଜାରି ରହିଛି। ସୂଚନା ଅନୁଯାୟୀ, ଗତ ଦୁଇ ଦିନ ଧରି ଗୋପ ମେଳଣ ପଡ଼ିଆରେ ଗୋପ ଲୋକ ଉତ୍ସବ ପାଳନ ହେଉଥିବାବେଳେ ଗୁରୁବାର ଆତସବାଜି ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ଏହି ଆତସବାଜି ପ୍ରତିଯୋଗିତା ଦେଖିବା ପାଇଁ ସହସ୍ରାଧିକ ଲୋକଙ୍କ ଭିଡ଼ ଲାଗିଥିଲା। ଗୋପ ପୋଲିସ ପକ୍ଷରୁ ଟ୍ରାଫିକ ବ୍ୟବସ୍ଥା ଓ ଭିଡ଼ ନିୟନ୍ତ୍ରଣ ପାଇଁ ପଦକ୍ଷେପ ନିଆଯାଇଥିବା ବେଳେ କେତେକ ଅମାନିଆ ମଦ୍ୟପାନ କରି ହୋହଲ୍ଲା କରିଥିଲେ। ପୋଲିସ ଏହି ଅଭିଯୋଗ ଉପରେ ଗୁରୁତ୍ୱ ଦେଇ ୮/୧୦ ଯୁବକଙ୍କୁ ଉଠାଇ ନେଇଥିବାବେଳେ ବିଳମ୍ବିତ ରାତ୍ର ପର୍ଯ୍ୟନ୍ତ କେତେ ଜଣ ସ୍ଥାନରେ ଚଢ଼ାଉ କରି ଆହୁରି ୧୦ ଯୁବକଙ୍କୁ ଥାନାକୁ ଆଣିବା ସହ କେତେକ ବାଇକ୍ ଓ ମୋବାଇଲ ଫୋନ୍ ଜବତ କରିଥିଲା। ଥାନା ଅଧିକାରୀ ଅଟକ ଯୁବକମାନଙ୍କ ନାମରେ ମୋକଦ୍ଦମା ରୁଜୁ କରି ଜାମିନରେ ଛାଡ଼ିଥିବା ଜଣାପଡ଼ିଛି। ଥାନା ଅଧିକାରୀ ମହାପାତ୍ର କହିଛନ୍ତି, ବେଆଇନ୍ ମଦ ବିକ୍ରି ଏବଂ ବିଳମ୍ବିତ ରାତ୍ର ପର୍ଯ୍ୟନ୍ତ ଖୋଲା ରହୁଥିବା ଢାବା ଓ ହୋଟେଲ ଉପରେ ଚଢ଼ାଉ କରାଗଲେ ଅମାନିଆ ସାବାଡ଼ ହେବେ।

# ଫାଇନାଲରେ କୋଲକାତା କ୍ରିକେଟ କ୍ଲବ

## ଧର୍ମେନ୍ଦ୍ର ସାହୁ ମେମୋରିଆଲ କ୍ରିକେଟ ଟୁର୍ନାମେଣ୍ଟ

ଗୋପ,୨୦।୩(ଭାରତୀ ଭୂଷଣ ଉପାଧ୍ୟାୟ)

ନିଗମାନନ୍ଦ ସ୍ମାର୍ଟ ସ୍କୁଲ ଖେଳପଡ଼ିଆରେ ଶୁକ୍ରବାର ଗୋପ ଆଥ୍‌ଲେଟିକେ ଆସୋସିଏଶନ୍‌ପକ୍ଷରୁ ତୃତୀୟ ସର୍ବଭାରତୀୟ ଧର୍ମେନ୍ଦ୍ର ସାହୁ ମେମୋରିଆଲ କ୍ରିକେଟ ଟୁର୍ନାମେଣ୍ଟର ଦ୍ୱିତୀୟ ସେମିଫାଇନାଲ ମ୍ୟାଚ୍ ଅନୁଷ୍ଠିତ ହୋଇଯାଇଛି। ଏଥିରେ ପୁରୀ ପାୟୋନିୟର କ୍ରିକେଟ କ୍ଲବକୁ ୮୫ ରନ୍‌ରେ ହରାଇ କୋଲକାତା କ୍ରିକେଟ କ୍ଲବ ଫାଇନାଲରେ ପ୍ରବେଶ କରିଛି। କୋଲକାତା କ୍ରିକେଟ କ୍ଲବ ଟସ୍ ଜିତି ୨୫ ଓଭର ବିଶିଷ୍ଟ ମ୍ୟାଚ୍ ମଧ୍ୟରୁ ୨୪.୧ ଓଭର ଖେଳି ସମସ୍ତ ଉଇକେଟ ହରାଇ ୨୨୩ ରନ୍ କରିଥିଲା। ଦେବାଂଶୁ ଫଖିରା ୪୨ବଲ୍ ଖେଳି ୧୧ ଛକା ଓ ୩ ଚୌକା ସହ ୮୯ ରନ୍ କରିଥିଲେ। ଜବାବରେ ପାୟୋନିୟର କ୍ରିକେଟ ଟୁର୍ନାମେଣ୍ଟ ସମସ୍ତ ଉଇକେଟ୍ ହରାଇ ୧୯ ଓଭରରେ ରାକେଶ ବେହେରାଙ୍କ ୪୨ ରନ୍ ସହାୟତାରେ ମୋଟ ୧୩୮ ରନ୍ କରି ମ୍ୟାଚ୍ ହାରିଯାଇଥିଲା। ଦେବାଂଶୁ ଫଖିରାଙ୍କୁ ମ୍ୟାନ୍ ଅଫ୍ ଦି ମ୍ୟାଚ ଟ୍ରଫି ପ୍ରଦାନ କରାଯାଇଥିଲା। ଅତିଥିଭାବେ ଶିକ୍ଷାବିତ୍ ଶ୍ରୀକାନ୍ତ ସାମନ୍ତରାୟ ଓ ସୁବ୍ରତ କୁମାର ମହାନ୍ତି ଯୋଗଦେଇଥିଲେ। ପ୍ରମୋଦ କୁମାର ସିହ୍ନା, ଦେବେନ୍ଦ୍ର କୁମାର ମିଶ୍ର ମ୍ୟାଚ୍ ପରିଚାଳନା କରିଥିବା ବେଳେ ଶନିବାର ନିଗମାନନ୍ଦ ସ୍ମାର୍ଟ ସ୍କୁଲ ପଡ଼ିଆରେ ଦୁଇ ମହିଳା କ୍ରିକେଟ ଟିମ୍ ମଧ୍ୟରେ ମ୍ୟାଚ୍ ଅନୁଷ୍ଠିତ ହେବ ବୋଲି ଆୟୋଜକଙ୍କ ପକ୍ଷରୁ ସୂଚନା ମିଳିଛି।

# ପରିବେଶ ସୁରକ୍ଷା ବାର୍ତ୍ତା ବାଣ୍ଟିଲେ ପୁରାତନ ବିଦ୍ୟାର୍ଥୀ

କାକଟପୁର,୨୦।୩(ଶୁଭଦର୍ଶନ ମିଶ୍ର)

କାକଟପୁର ବ୍ଲକ ଅଧୀନ ଶୁକପୋଖରୀସ୍ଥିତ ସତ୍ୟନାରାୟଣ ବିଦ୍ୟାପୀଠର ୨୦୦୨ ମସିହା ବ୍ୟାଚ୍‌ର ଛାତ୍ରୀଛାତ୍ରଙ୍କ ପକ୍ଷରୁ ବନ୍ଧୁମିଳନ କାର୍ଯ୍ୟକ୍ରମ ରାମଚଣ୍ଡୀଙ୍କ ପୀଠରେ ଅନୁଷ୍ଠିତ ହୋଇଯାଇଛି। ଛାତ୍ରୀଛାତ୍ରମାନେ ସେମାନଙ୍କ ପରିବାର ସହ ଯୋଗଦେଇ ଭାବର ଆଦାନ ପ୍ରଦାନ କରି ପୁରୁଣା ସ୍ମୃତି ସାଉଁଟିବା ସହ ପ୍ଲାଷ୍ଟିକ ଓ ପଲିଥିନ ବର୍ଜନ ସାଙ୍ଗକୁ ବୃକ୍ଷରୋପଣ କରି ପରିବେଶ ସୁରକ୍ଷା ଉପରେ ଗୁରୁତ୍ୱ ଦେବାପାଇଁ ଶପଥ ନେଇଥିଲେ। ଦିବଂଗତ ଛାତ୍ରୀଛାତ୍ରଙ୍କ ସ୍ମୃତିଚାରଣ କରାଯାଇଥିଲା। ସୁଧୀର, ଧନଞ୍ଜୟ, ମୋହନ ଓ କାର୍ତ୍ତିକଙ୍କ ତତ୍ତ୍ୱାବଧାନରେ ଏହି କାର୍ଯ୍ୟକ୍ରମ ପରିଚାଳିତ ହୋଇଥିଲା। ଶେଷରେ ଭୋଜିଭାତର ଆସର ଜମିଥିଲା।

# ମା' ସରସ୍ୱତୀ ଆବାସିକ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ବାର୍ଷିକ ଉତ୍ସବ




ବାର୍ଷିକ ଉତ୍ସବରେ ମଞ୍ଚାସୀନ ଅତିଥି।

ଚାରିଛକ,୨୦।୩(ଶିଶିର କୁମାର ସ୍ୱାଇଁ)

ଚାରିଛକସ୍ଥିତ ମା' ସରସ୍ୱତୀ ଆବାସିକ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ବାର୍ଷିକ ଉତ୍ସବ ଓ ପୁରସ୍କାର ବିତରଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଅନୁଷ୍ଠାନର ଚେୟାରମ୍ୟାନ ଶିକ୍ଷାବିତ୍ ସୁବାସ ଚନ୍ଦ୍ର ଦାସଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଉତ୍ସବରେ ମୁଖ୍ୟ ଅତିଥିଭାବେ ଶିକ୍ଷାବିତ୍ କୁମରବର ଦାସ, ମୁଖ୍ୟବକ୍ତା ଭାବେ ଉକ୍ତ କଲେଜର ପ୍ରଶାସନିକ ଅଧିକାରୀ ଅଜୟ କୁମାର ମହାନ୍ତି, ସମ୍ମାନିତ ଅତିଥିଭାବେ ସର୍ବେଶ୍ୱର କଲେଜ ଚେୟାରମ୍ୟାନ ସୀମାଞ୍ଚଳ ବସ୍ତିଆ, ଚାରିଛକ ପ୍ରେସ୍ କ୍ଲବ ସଭାପତି ପ୍ରଫୁଲ୍ଲ କୁମାର କର, ଶିକ୍ଷାବିତ୍ ରୋହିତ କୁମାର ସ୍ୱାଇଁ, ଖବରଦାତା ପ୍ରଫୁଲ୍ଲ କୁମାର ସାହୁ ପ୍ରମୁଖ ଯୋଗଦେଇଥିଲେ। ବିଦ୍ୟାଳୟ ହେଉଛି ଏକ ମଣିଷ ତିଆରି କାରଖାନା ଏବଂ ଶିକ୍ଷକମାନେ ହେଉଛନ୍ତି ତା'ର ସୁଦକ୍ଷ ବିନ୍ଧାଣି। ଜୀବନ ହେଉଛି ଗୋଟିଏ ବିଦ୍ୟାଳୟ ବୋଲି ମୁଖ୍ୟ ଅତିଥି ଦାଶ କହିଥିଲେ। ଏହି ଅବସରରେ ସ୍ଥାନୀୟ ଅଞ୍ଚଳର ଖବରଦାତା, ୧୦ରୁ ଊର୍ଦ୍ଧ୍ୱ ଅଭିଭାବକ ଓ କୃତୀ ପ୍ରତିଭାମାନଙ୍କୁ ସମ୍ମାନିତ କରାଯାଇଥିଲା। ଛାତ୍ରୀଛାତ୍ରଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା। ଉକ୍ତ କାର୍ଯ୍ୟକ୍ରମକୁ ଶିକ୍ଷାବିତ୍ ସଚ୍ଚିଦାନନ୍ଦ ବେହେରା ପରିଚାଳନା କରିଥିବା ବେଳେ ଅନୁଷ୍ଠାନର ଏମ୍‌ଡି ଧରଣୀଧର ଦାସ ଧନ୍ୟବାଦ ଦେଇଥିଲେ।

# ଚୈତାଳି ମହୋତ୍ସବ ଉଦ୍‌ଯାପିତ

ଚାରିଛକ,୨୦।୩(ଶିଶିର କୁମାର ସ୍ୱାଇଁ)

ଚାରିଛକସ୍ଥିତ ଓରପୋଟ ଗ୍ରାମରେ ଚତୁର୍ଥ ବାର୍ଷିକ ଚୈତାଳି ମହୋତ୍ସବ ଉଦ୍‌ଯାପିତ ହୋଇଯାଇଛି। ଉଦ୍‌ଘାଟନ ଦିବସରେ ମୁଖ୍ୟ ଅତିଥି ଭାବେ ଶିକ୍ଷାବିତ ଲକ୍ଷ୍ମୀଧର ନାୟକ, ସମ୍ମାନିତ ଅତିଥି ଭାବେ ପ୍ରଫୁଲ୍ଲ କୁମାର ମହାନ୍ତି, ରବୀନ୍ଦ୍ର କୁମାର ନାୟକ, ପଣ୍ଡିତ ଗୋସ୍ୱାମୀ ମୁରଲୀଧର ଭାରତୀ, ନେତ୍ରାନନ୍ଦ ବାରିକ ଏବଂ ଆର୍ତ୍ତ ଭୋଇ ଯୋଗଦେଇଥିଲେ। ଉଦ୍‌ଯାପନୀ ଦିବସରେ ମୁଖ୍ୟ ଅତିଥି ଭାବେ ସ୍ୱର୍ଣ୍ଣ ମହଲ ଯାତ୍ରା ପାର୍ଟି ମାଲିକ ପବିତ୍ର କୁମାର ସ୍ୱାଇଁ, ସମ୍ମାନିତ ଅତିଥି ଭାବେ ରିଙ୍କୁ ବାବୁ ମଞ୍ଚାସୀନ ଥିଲେ। ଗ୍ରାମାଞ୍ଚଳର ଲୁକ୍କାୟିତ ପ୍ରତିଭାମାନଙ୍କୁ ଲୋକଲୋଚନକୁ ଆଣିବା ପାଇଁ ଚୈତାଳୀ ଉତ୍ସବ ଏକ ମାଧ୍ୟମ ବୋଲି ଅତିଥିମାନେ କହିଥିଲେ। ଅଧ୍ୟାପକ ସମାପ୍ତ ମହାନ୍ତି ସଭା ଓ ସବ୍ୟସାଚୀ ନାୟକ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଅମ୍ବିକା ପ୍ରସାଦ ମହାନ୍ତି, ବିଭୂତି ରଞ୍ଜନ ପଟ୍ଟନାୟକ, ନାଟ୍ୟଗୁରୁ ପ୍ରଶାନ୍ତ କୁମାର ମହାନ୍ତିଙ୍କୁ ଉତ୍ତରୀୟ ଓ ପୁଷ୍ପଗୁଚ୍ଛ ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା। ମହିଳା ନାଟ୍ୟକାର ତଥା ନିର୍ଦ୍ଦେଶିକା ରଞ୍ଜିତା ନାୟକ କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ।



ଉତ୍ସବରେ ଯୋଗଦେଇଥିବା ଅତିଥିବୃନ୍ଦ।

# ପରଷାଗଲା ପଖାଳ ସହ ୧୪୭ ପ୍ରକାର ବ୍ୟଞ୍ଜନ

କୋଣାର୍କ,୨୦।୩(ଜ୍ୟୋତିରାଜ ମହାନ୍ତି)

କାଇମାଟି ଗ୍ରାମରେ ଶୁକ୍ରବାର ରେଡିଓ ନମସ୍କାର' ପକ୍ଷରୁ ବିଶ୍ୱ ପଖାଳ ଦିବସ ପାଳନ କରାଯାଇଛି। ଗ୍ରାମର ମହିଳାମାନେ ପଖାଳ ସହ ଶାଗଭଜା, କଖାରୁ ଫୁଲ ପିଠଉ, ଆଳୁ ଭଜା, ଆଳୁଭର୍ତ୍ତା, ବାଇଗଣ ଭର୍ତ୍ତା, ବଡି ଚୁରା, ଭେଣ୍ଡି ଆଳୁ ଭଜା, ଧନିଆ ଚଟଣି, ଗୋଟା କଲରା ଭଜା, ଟମାଟୋ ଚଟଣି, ଆମ୍ବ ଚଟଣି, ମାଛ ଭଜା, କଙ୍କଡା ଚଟଣି ଏଭଳି ୧୪୭ରୁ ଅଧିକ ପ୍ରକାର ବ୍ୟଞ୍ଜନ ପ୍ରସ୍ତୁତ କରି ଆଣିଥିଲେ। ମହିଳାମାନଙ୍କୁ ନେଇ ପ୍ରଶ୍ନ ଉତ୍ତର କାର୍ଯ୍ୟକ୍ରମ କରାଯାଇଥିଲା। ଅତିଥି ଭାବେ ଥିଲେ ପୁରୀ ଜିଲା ଶିଶୁ ମଙ୍ଗଳ କମିଟି ଅଧ୍ୟକ୍ଷ ଅଜିତ କୁମାର ମହାପାତ୍ର, ଶିକ୍ଷାବିତ୍ ରବୀନ୍ଦ୍ରନାଥ ବାହିନୀପତି, ସରପଞ୍ଚ ରୁପାଲି କାଣ୍ଡି, ସାମାଜିକ କର୍ମୀ ରାମକୃଷ୍ଣ ମହାନ୍ତି, କବୟିତ୍ରୀ ସୁଜାତା ସିହ୍ନା, କୋଣାର୍କ ଥାନା ଏସ୍ଆଇ ସନ୍ତୋଷ ସାହୁ, ସୁଭାସିନ ସାହୁ, କୋଣାର୍କ ଏନ୍‌ଏସି ଅଧ୍ୟକ୍ଷା ସୁଶ୍ରୀ ସଂଯୁକ୍ତା ତ୍ରିପାଠୀ, କାଉନସିଲର ନିହାର ରଞ୍ଜନ ବେଉରା, ଖବରଦାତା ଦୁର୍ଗାପ୍ରସାଦ ମହାପାତ୍ର ଏବଂ ରେଡିଓ ନମସ୍କାରର କାର୍ଯ୍ୟନିର୍ବାହୀ ଅଧିକାରୀ ରୋଜାଲିନ ପ୍ରଧାନ, ପ୍ରମୁଖ ଯୋଗଦେଇ ପଖାଳର ମହତ୍ତ୍ୱ, ଘରୋଇ ହିଂସା, ବାଲ୍ୟ ବିବାହ ନିରୋଧ ଆଇନ୍, ଶିଶୁ ସୁରକ୍ଷା ଆଇନ ଆଦି ସମ୍ପର୍କରେ ସଚେତନ କରାଇଥିଲେ। ପରେ ମହିଳାମାନେ ଅତିଥିମାନଙ୍କୁ ପଖାଳ ପରଷିଦେଇଥିଲେ। ରେଡିଓ ନମସ୍କାରର ସଂଯୋଜିକା ଏସ୍.କାଜଲ, ରାନୁ ସେଠୀ, ରୁବି ଓଝା, ରୀନାରାଣୀ ଓଝା, ମାନସୀ ଓଝା ଏବଂ ସବିତା ପ୍ରଧାନ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।




ପଖାଳ ଦିବସ କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥି।

# ଭାର୍ଗବୀ ନଦୀ କୂଳରେ ମହାବାରୁଣୀ ସ୍ନାନ ମହୋତ୍ସବ

ସାକ୍ଷୀଗୋପାଳ,୨୦।୩ (ପ୍ରଶାନ୍ତ କୁମାର ବାରିକ/କିଶୋର ମହାପାତ୍ର)

ସତ୍ୟବାଦୀ ବ୍ଲକର ବଳପୁର ଭାର୍ଗବୀ ନଦୀ କୂଳରେ ଆଧ୍ୟାତ୍ମିକ ଓ ସାଂସ୍କୃତିକ ପରିବେଶରେ ମହାବାରୁଣୀ ସ୍ନାନ ମହୋତ୍ସବ-୨୦୨୬ ଆୟୋଜିତ ହୋଇଯାଇଛି। ପଣ୍ଡିତ ଗୋପବନ୍ଧୁ ଦାସ ସେବା ଟ୍ରଷ୍ଟ ଏବଂ ରାଜ୍ୟ ସରକାରଙ୍କ ଓଡ଼ିଆ ଭାଷା, କଳା ଓ ସଂସ୍କୃତି ବିଭାଗର ସହଭାଗିତାରେ ଅନୁଷ୍ଠିତ ହୋଇଥିଲା। ପଣ୍ଡିତ ଗୋପବନ୍ଧୁ ଦାସ ସେବା ଟ୍ରଷ୍ଟ ସଭାପତି ହିମାଦ୍ରୀ ନାୟକଙ୍କ ଅଧ୍ୟକ୍ଷତାରେ ଆୟୋଜିତ କାର୍ଯ୍ୟକ୍ରମରେ ଅତିଥି ଭାବେ ସତ୍ୟବାଦୀ ତହସିଲଦାର ସନ୍ତୋଷ କୁମାର ପାଣିଗ୍ରାହୀ, ଥାନା ଅଧିକାରୀ ସୌମ୍ୟରଞ୍ଜନ ମହାଳିକ, ବାଲୁଙ୍କେଶ୍ୱର ସେବା ଟ୍ରଷ୍ଟ ସଭାପତି ନିରଞ୍ଜନ ମହାପାତ୍ର, ଏଲ୍ ଆଣ୍ଡ କେ ପ୍ରାଇଭେଟ ଲିମିଟେଡ୍ ନିର୍ଦ୍ଦେଶକ ପ୍ରତାପ କୁମାର ପଲେଇ ଏବଂ ସାମାଜିକ କର୍ମୀ ବସନ୍ତ କୁମାର ସ୍ୱାଇଁ ପ୍ରମୁଖ ଯୋଗଦେଇଥିଲେ। କଳାକାରମାନେ ଭଜନ ପରିବେଷଣ କରିଥିଲେ। ଅତିଥି ଓ କଳାକାରମାନଙ୍କୁ ପୁଷ୍ପଗୁଚ୍ଛ ସହ ଉତ୍ତରୀୟ ପ୍ରଦାନ କରାଯାଇ ସମ୍ମାନିତ କରାଯାଇଥିଲା। ସାମାଜିକକର୍ମୀ ସୁଶୀଲ କୁମାର ସାହୁ ଓ ଅନ୍ୟମାନେ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ। ସାଂସ୍କୃତିକ କାର୍ଯ୍ୟକ୍ରମ ଦେଖିବା ପାଇଁ ମଙ୍ଗଳବାର ପ୍ରତ୍ୟୁଷରୁ ବିଳମ୍ବିତ ରାତ୍ରି ପର୍ଯ୍ୟନ୍ତ ଭାର୍ଗବୀ ନଦୀପଠାରେ ସହସ୍ରାଧିକ ଲୋକଙ୍କ ସମାଗମ ହୋଇଥିଲା। ବୁଧବାର ବଡ଼ଭାଇ ପ୍ରଭୁ ବରାଳ ବାଲୁଙ୍କେଶ୍ୱର ଓ ସାନଭାଇ ବଳପୁର ବାଲୁଙ୍କେଶ୍ୱରଙ୍କ ଦୋଳ ହରିହର ଭେଟ ନୀତି ସନ୍ଧ୍ୟାରେ ବଳପୁରସ୍ଥିତ ବିଭୂତି ବାଟିକାରେ ଅନୁଷ୍ଠିତ ହୋଇଥିଲା। ଉତ୍ସବରେ ଆତସବାଜି ପ୍ରଦର୍ଶନ କରାଯାଇଥିଲା। ଓଡ଼ିଆ ଭାଷା, କଳା ଓ ସଂସ୍କୃତି ବିଭାଗ ପକ୍ଷରୁ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା।



କାର୍ଯ୍ୟକ୍ରମରେ ଯୋଗଦେଇଥିବା ଅତିଥିମାନେ।

# ମହାବୀର ମାର୍କେଟ କମ୍ପ୍ଲେକ୍ସରେ ଅଗ୍ନିକାଣ୍ଡ




ଭୁବନେଶ୍ୱର,୨୦।୩(ତ୍ରିନାଥ ମହାନ୍ତି)



## ପୋଡ଼ିଗଲା ୬ ଦୋକାନ, ଏଟିଏମ୍

■ଏସି ଶର୍ଟସର୍କିଟରୁ ନିଆଁଲାଗିଥିବା ସନ୍ଦେହ

■ନିର୍ଦ୍ଦେଶ ମାନିବାକୁ ବ୍ୟବସାୟୀଙ୍କୁ ପରାମର୍ଶ ଦେଲେ ଅଗ୍ନିଶମ ଡିଜି

ଭୁବନେଶ୍ୱର ସିଆର୍‌ପି ଛକ ନିକଟ ମହାବୀର ମାର୍କେଟ କମ୍ପ୍ଲେକ୍ସରେ ଶୁକ୍ରବାର ବଡ଼ ଧରଣର ଅଗ୍ନିକାଣ୍ଡ ଘଟିଛି। କୋଠାର ପ୍ରଥମ ମହଲାରେ ଥିବା ବନିତା କସ୍‌ମେଟିକ୍ସ ଷ୍ଟୋର ସମେତ ଏହାକୁ ଲାଗି ରହିଥିବା ବହି, ଶାଢି, ମେଡ଼ିସିନ ଷ୍ଟୋର୍ ଆଦି ୬ ଦୋକାନ ଓ ଏକ ଏଟିଏମ୍ ପୋଡିଯାଇଛି। ବନିତା ଷ୍ଟୋରକୁ ଲାଗି ରହିଥିବା ଆଉ ଏକ ନିର୍ମାଣାଧୀନ ଦୋକାନ ମଧ୍ୟ ଆଂଶିକ କ୍ଷତିଗ୍ରସ୍ତ ହୋଇଛି। ତେବେ ବନିତା ଷ୍ଟୋର୍‌ରେ ଏସି ଶର୍ଟସର୍କିଟରୁ ଏହି ନିଆଁ ଲାଗିଥିବା ପ୍ରାଥମିକ ଯାଞ୍ଚରୁ ଅଗ୍ନିଶମ ବାହିନୀ ଜାଣିବାକୁ ପାଇଛି। ତମାଣ୍ଡୋ, ସେକ୍ରେଟେରିଏଟ୍ ଓ କଳ୍ପନା ଦମକଳ କେନ୍ଦ୍ରର ୬ଟି ଗାଡି ସହ ୪୦ କର୍ମଚାରୀ ନିଆଁ ଲିଭା କାର୍ଯ୍ୟରେ ନିୟୋଜିତ ଥିଲେ। ପ୍ରବଳ ଧୂଆଁ ଯୋଗୁ ଅଗ୍ନିଶମ ବାହିନୀ ଘର ଭିତରକୁ ପଶି ପାରି ନ ଥିଲେ। ଝରକା କାଚ ଭାଙ୍ଗି ପାଣି ପକାଇ ନିଆଁ ଲିଭାଇବାକୁ ଉଦ୍ୟମ କରାଯିବା ସହ ମେଶିନ ଲଗାଇ ଧୂଆଁକୁ ବାହାର କରାଯାଇଥିଲା। ଏହାପରେ ଅଗ୍ନିଶମ କର୍ମଚାରୀ କମ୍ପ୍ଲେକ୍ସ ଭିତରକୁ ପଶି ନିଆଁ ଲିଭାଥିଲେ। ଏକ ଘଣ୍ଟା ପରିଶ୍ରମ ପରେ ନିଆଁକୁ ଆୟତ୍ତ କରାଯାଇଥିଲେ ମଧ୍ୟ ସେତେବେଳକୁ ଲକ୍ଷ ଲକ୍ଷ ଟଙ୍କାର ସମ୍ପତ୍ତି ପୋଡିଯାଇଥିଲା। ନିଆଁକୁ ଆୟତ୍ତ କରାଯାଇ ନ ଥିଲେ ୩ ମହଲା ବିଶିଷ୍ଟ ଏହି କମ୍ପ୍ଲେକ୍ସରେ ଥିବା ବହୁ ଦୋକାନ ଓ ବ୍ୟବସାୟ ପ୍ରତିଷ୍ଠାନ ପୋଡ଼ି ପାଉଁଶ ହୋଇଯାଇଥାନ୍ତା। ତେବେ ସବୁଠାରୁ କ୍ଷତି ବନିତା କସମେଟିକ୍ସ ଷ୍ଟୋର୍‌ର ହୋଇଥିବାରୁ ଏହାର ମାଲିକ ଜିତେନ୍ଦ୍ର କୁମାର ପାଟଶାଣୀ ସମ୍ପୂର୍ଣ୍ଣ ଭାଙ୍ଗି ପଡିଛନ୍ତି। ଦୋକାନୀମାନେ କହିଛନ୍ତି, ଗୁରୁବାର ରାତି ପ୍ରାୟ ୧୦ଟାରେ କମ୍ପ୍ଲେକ୍ସରେ ଥିବା ସବୁ ଦୋକାନ ବନ୍ଦ ହୋଇଥିଲା। ଶୁକ୍ରବାର ସକାଳ ସାଢେ ୯ଟା ବେଳେ ଦୋକାନ ଖୋଲିବାକୁ ଆସିବା ସମୟରେ ବନିତା ଷ୍ଟୋରରୁ ଧୂଆଁ ବାହାରୁଥିବା ଦେଖିଥିଲେ। ହେଲେ ପ୍ରବଳ ମାତ୍ରାରେ ଧୂଆଁ ହୋଇଥିବାରୁ ଭିତରକୁ କେହି ପ୍ରବେଶ କରିପାରି ନ ଥିଲେ। ଖବର ପାଇ ଅଗ୍ନିଶମ ବାହିନୀ ପହଞ୍ଚି ନିଆଁକୁ ବହୁ କଷ୍ଟରେ ଆୟତ୍ତ କରିଥିଲେ। ବଡ଼ କଥା ହେଲା ଉକ୍ତ କମ୍ପ୍ଲେକ୍ସରେ ଆବଶ୍ୟକ ଅଗ୍ନି ନିରାପତ୍ତା ବ୍ୟବସ୍ଥା ନାହିଁ। କେତେକ ନିଆଁଲିଭା ସିଲିଣ୍ଡର ଥିଲେ ମଧ୍ୟ ତାହାକୁ ବ୍ୟବହାର କରି ନ ଥିଲେ ବ୍ୟବସାୟୀ। କାରଣ ତାହାର ବ୍ୟବହାର ଜାଣି ନ ଥିବା ସେମାନେ କହିଛନ୍ତି।

ଏନେଇ ଅଗ୍ନିଶମ ଡିଜି ସୁଧାଂଶୁ ଷଡ଼ଙ୍ଗୀ କହିଛନ୍ତି, ବ୍ୟବସାୟିକ ପ୍ରତିଷ୍ଠାନ ଅଗ୍ନିଶମ ବିଭାଗର ପରାମର୍ଶ ଗ୍ରହଣ କରିବା ଦରକାର। ଯେଉଁସବୁ ଅଗ୍ନି ନିରାପତ୍ତା ବ୍ୟବସ୍ଥା କରିବାକୁ କୁହାଯାଉଛି ସେମାନେ କଲେ ଏଭଳି ଅଘଟଣ ଘଟିବ ନାହିଁ ବୋଲି ସେ କହିଛନ୍ତି। ପୂର୍ବରୁ ମଧ୍ୟ ଏକ ନମ୍ବର ମାର୍କେଟରେ ୨ଥର ନିଆଁ ଲାଗି ଏକାଧିକ ଦୋକାନ ପୋଡ଼ି ପାଉଁଶ ହୋଇଯାଇଥିବା ବେଳେ ଫେବୃଆରୀ ୨୪ରେ ଲିଙ୍ଗିପୁର ସୁପର ମାର୍କେଟରେ ଭୟଙ୍କର ଅଗ୍ନିକାଣ୍ଡ ଘଟିଥିଲା।

# ସଭାପତି ପାଇଁ ୨, ସମ୍ପାଦକ ପଦରେ ଲଢ଼ିବେ ୫ ପ୍ରାର୍ଥୀ

ପୁରୁଣା ଭୁବନେଶ୍ୱର,୨୦।୩(ସୁବାସ ଚନ୍ଦ୍ର ପ୍ରଧାନ)

## ଭୁବନେଶ୍ୱର ବାର୍ ଆସୋସିଏଶନ ନିର୍ବାଚନ

ଆସନ୍ତା ୨୮ତାରିଖରେ ଭୁବନେଶ୍ୱର ବାର୍ ଆସୋସିଏଶନ ନିର୍ବାଚନ ହେବ। ଏନେଇ ଗତ ୧୪ତାରିଖରେ ଚୂଡ଼ାନ୍ତ ପ୍ରାର୍ଥୀ ତାଲିକା ପ୍ରକାଶ ପାଇସାରିଛି। ସଭାପତି ପଦ ପାଇଁ ଅଶୋକ କୁମାର ଛୋଟରାୟ ଏବଂ ବେଣୁଧର ପଣ୍ଡା ନିର୍ବାଚନ ଲଢୁଥିବା ବେଳେ ଉପସଭାପତି ପଦ ପାଇଁ ସନ୍ତୋଷ କୁମାର ଜେନା ଏବଂ ସୁଶାନ୍ତ ଦାସ ମଇଦାନରେ ଅବତୀର୍ଣ୍ଣ ହୋଇଛନ୍ତି। ସେହିପରି ସମ୍ପାଦକ ପଦ ପାଇଁ ଅତୁଲ୍ୟ କୁମାର ଆଚାର୍ଯ୍ୟ, ହିମାଂଶୁ ଶେଖର ମିଶ୍ର, ଯଦୁମଣି ପ୍ରଧାନ, ଶୁଭ୍ରାଂଶୁ ଭୂଷଣ ଷଡ଼ଙ୍ଗୀ ଏବଂ ସୁମନ ରାଉତରାୟ ନିର୍ବାଚନ ଲଢ଼ିବେ। କୋଷାଧ୍ୟକ୍ଷ ପଦ ପାଇଁ ହରିହର ସାମଲ, ହିତେନ ନାୟକ, ଲକ୍ଷ୍ମୀନାରାୟଣ ସାମନ୍ତରାୟ, ପ୍ରବୋଧ କୁମାର ପରିଡ଼ା ମଇଦାନରେ ଅବତୀର୍ଣ୍ଣ ହୋଇଛନ୍ତି। ଯୁଗ୍ମ ସମ୍ପାଦକ ପଦ ପାଇଁ ପୀୟୂଷ ରଞ୍ଜନ ମହାନ୍ତି, ସଙ୍ଗୀତା ପଟ୍ଟନାୟକ, ସନ୍ତୋଷ କୁମାର ନାୟକ ଏବଂ ସୁରେଶ କୁମାର ଦାସ ନିର୍ବାଚନ ଲଢ଼ିବେ। ସହକାରୀ ସମ୍ପାଦକ ପଦ ପାଇଁ ଜ୍ୟୋତିର୍ମୟୀ ପଣ୍ଡା, ଓମ୍ ତତ୍ତ୍ୱବିତ୍ ମଇଦାନରେ ଅବତୀର୍ଣ୍ଣ ହୋଇଛନ୍ତି। ଏନେଇ ଭୁବନେଶ୍ୱର ବାର୍ ଆସୋସିଏଶନ ନିର୍ବାଚନ ଅଧିକାରୀ ଜିତେନ୍ଦ୍ର କୁମାର ନାୟକ କହିଛନ୍ତି, ୮ଟି ପୁରୁଷ ଏକ୍‌ଜିକ୍ୟୁଟିଭ ବଡି ସଦସ୍ୟ ପଦବୀ ଥିବା ବେଳେ ୬ ଜଣ ନାମାଙ୍କନପତ୍ର ଦାଖଲ କରିଥିବା ବେଳେ ୨ଟି ମହିଳା ଏକ୍‌ଜକ୍ୟୁଟିଭ ବଡି ସଦସ୍ୟା ପଦବୀ ଥିବା ବେଳେ ୨ଜଣ ମହିଳା ଆଇନଜୀବୀ ନାମାଙ୍କନପତ୍ର ଦାଖଲ କରିଛନ୍ତି। ଏମାନେ ସମସ୍ତେ ନିର୍ଦ୍ୱନ୍ଦ୍ୱରେ ନିର୍ବାଚିତ ହୋଇଥିବା ବେଳେ ପୁରୁଷ ଏକ୍‌ଜକ୍ୟୁଟିଭ ବଡି ସଦସ୍ୟଦ୍ୱୟଙ୍କୁ ନିର୍ବାଚିତ ସଦସ୍ୟ ୬ଜଣ ବାଛିବେ। ୨୮ତାରିଖରେ ନିର୍ବାଚନ ସରିଲେ ଅପରାହ୍ଣରେ ଭୋଟ ଗଣତି ହୋଇ ରାତି ୯ଟା ସୁଦ୍ଧା ଫଳାଫଳ ଘୋଷଣା କରାଯିବ ବୋଲି ନିର୍ବାଚନ ଅଧିକାରୀ ନାୟକ ସୂଚନା ଦେଇଛନ୍ତି।

# ୬ ପ୍ରକଳ୍ପକୁ ରାଜ୍ୟ ବନ୍ୟପ୍ରାଣୀ ପରିଷଦ ସ୍ଥାୟୀ କମିଟିର ସୁପାରିସ



ବୈଠକରେ ମନ୍ତ୍ରୀ ଗଣେଶ ରାମ ସିଂଖୁଣ୍ଟିଆଙ୍କ ସହ ଅନ୍ୟମାନେ।

ଭୁବନେଶ୍ୱର, ୨୦।୩ (ବନ୍ଦନା ସେଠୀ)

## ଚୂଡ଼ାନ୍ତ ମଞ୍ଜୁରୀ ପାଇଁ କେନ୍ଦ୍ରୀୟ ବନ୍ୟପ୍ରାଣୀ ପରିଷଦକୁ ପଠାଯିବ

ରାଜ୍ୟରେ ବନ୍ୟପ୍ରାଣୀଙ୍କ ସଂରକ୍ଷଣ କ୍ଷେତ୍ରରେ ଉପୁଜିଥିବା ବିଭିନ୍ନ ସମସ୍ୟାର ସମାଧାନ ନେଇ ଶୁକ୍ରବାର ରାଜ୍ୟ ବନ୍ୟପ୍ରାଣୀ ପରିଷଦ ସ୍ଥାୟୀ କମିଟିର ୧୨ତମ ବୈଠକ ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ ବିଭାଗର କନ୍‌ଫରେନ୍ସ ହଲ୍‌ଠାରେ ଅନୁଷ୍ଠିତ ହୋଇଯାଇଛି। ଜଙ୍ଗଲ ମନ୍ତ୍ରୀ ଗଣେଶ ରାମ ସିଂଖୁଣ୍ଟିଆଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି ବୈଠକରେ ୬ଟି ବିକାଶମୂଳକ ପ୍ରସ୍ତାବ କମିଟି ସମ୍ମୁଖରେ ଉପସ୍ଥାପିତ ହୋଇଥିଲା। ସେଥିମଧ୍ୟରୁ ୩ଟି ପ୍ରସ୍ତାବ ଅନୁଗୋଳ ଓ ମୟୂରଭଞ୍ଜ ଜିଲାରେ ପ୍ରସ୍ତାବିତ ମୁଖ୍ୟ ଜଳସେଚନ ପ୍ରକଳ୍ପ ସହ ଜଡ଼ିତ ଥିଲା। ଏଥିସହ ସାତକୋଶିଆ, ଶିମିଳିପାଳ ଏବଂ ଚନ୍ଦକା-ଡମପଡ଼ା ବନ୍ୟପ୍ରାଣୀ ଅଭୟାରଣ୍ୟ ଭିତରେ ଓ ଏହାର ପାର୍ଶ୍ୱବର୍ତ୍ତୀ ଅଞ୍ଚଳରେ ରହୁଥିବା ଗ୍ରାମବାସୀଙ୍କୁ ସୁରକ୍ଷିତ ପାନୀୟ ଜଳ ଯୋଗାଇବା ପାଇଁ ଅନ୍ୟ ୩ଟି ପାନୀୟ ଜଳ ପ୍ରକଳ୍ପ ଉପରେ ଆଲୋଚନା କରାଯାଇଥିଲା। ବିସ୍ତୃତ ପର୍ଯ୍ୟାଲୋଚନା ପରେ କମିଟି ସମସ୍ତ ୬ଟି ଉନ୍ନୟନମୂଳକ ପ୍ରକଳ୍ପକୁ ସୁପାରିସ କରିଛି। ମୁଖ୍ୟମନ୍ତ୍ରୀ ତଥା ରାଜ୍ୟ ବନ୍ୟପ୍ରାଣୀ ପରିଷଦ ଅଧ୍ୟକ୍ଷଙ୍କ ଅନୁମୋଦନକ୍ରମେ ଏହି ପ୍ରସ୍ତାବଗୁଡ଼ିକୁ କେନ୍ଦ୍ର ସରକାରଙ୍କ କେନ୍ଦ୍ରୀୟ ବନ୍ୟପ୍ରାଣୀ ପରିଷଦ ନିକଟକୁ ଚୂଡ଼ାନ୍ତ ମଞ୍ଜୁରୀ ପାଇଁ ପ୍ରେରଣ କରାଯିବ। ଏହି ପଦକ୍ଷେପ ଦ୍ୱାରା ରାଜ୍ୟର ଜଙ୍ଗଲ ଓ ବନ୍ୟପ୍ରାଣୀଙ୍କ ସୁରକ୍ଷା ସହିତ ସ୍ଥାନୀୟ ଜନସାଧାରଣଙ୍କ ମୌଳିକ ଆବଶ୍ୟକତା ପୂରଣ ହୋଇପାରିବ ବୋଲି ସୂଚନା ଦିଆଯାଇଛି। ବୈଠକରେ ଭଟଲି ବିଧାୟକ ଇରାଶିଷ ଆଚାର୍ଯ୍ୟ, ବିଭାଗର ପ୍ରମୁଖ ଶାସନ ସଚିବ ଭାସ୍କର ଜ୍ୟୋତି ଶର୍ମା, ପ୍ରଧାନ ମୁଖ୍ୟ ବନ ସଂରକ୍ଷକ ତଥା ବନ ବାହିନୀ ମୁଖ୍ୟ ଡ. କେ. ମୁରୁଗେଶନ, ପ୍ରଧାନ ମୁଖ୍ୟ ବନ ସଂରକ୍ଷକ (ବନ୍ୟପ୍ରାଣୀ) ତଥା ମୁଖ୍ୟ ବନ୍ୟପ୍ରାଣୀ ତତ୍ତ୍ୱାବଧାରକ ପ୍ରେମ କୁମାର ଝା ପ୍ରମୁଖ ଉପସ୍ଥିତ ଥିଲେ।

# ସାଢ଼େ ୬ କୋଟି ଫେରାଇବ ସିଙ୍ଗାପୁର କମ୍ପାନୀ

ଭୁବନେଶ୍ୱର,୨୦।୩(ତ୍ରିନାଥ ମହାନ୍ତି)

## ଓଡ଼ିଶାରୁ ଖଣିଜଦ୍ରବ୍ୟ ନେଇ ଟଙ୍କା ନ ଦେବା ମାମଲା

ସିଙ୍ଗାପୁରର ଏକ କମ୍ପାନୀ ଓଡ଼ିଶାଭିତ୍ତିକ ଏକ ଅନ୍ତର୍ଜାତୀୟ ବାଣିଜ୍ୟକ ସଂସ୍ଥାର ବକେୟା ରଖିଥିବା ଅର୍ଥ ୧୦ ବର୍ଷ ପରେ ଫେରାଇବ। ଏ ସଂକ୍ରାନ୍ତ ଏକ ମାମଲାର ଶୁଣାଣି କରି ସିଙ୍ଗାପୁର କୋର୍ଟ ଏହି ନିର୍ଦ୍ଦେଶ ଦେଇଛନ୍ତି। ଉକ୍ତ କମ୍ପାନୀ ଓଡିଶାରୁ ଖଣିଜଦ୍ରବ୍ୟ ନେଇଥିଲେ ମଧ୍ୟ ସାଢେ ୪ କୋଟି ଟଙ୍କା ବକେୟା ରଖିଥିଲା। ଏନେଇ ମାମଲା ପର୍ଯ୍ୟାୟକ୍ରମେ ଓଡିଶା ହାଇକୋର୍ଟରୁ ସିଙ୍ଗାପୁର କୋର୍ଟ ଯାଏ ଚାଲିଥିଲା। ଏହି ମାମଲାର ଶୁଣାଣି କରି ସିଙ୍ଗାପୁର କୋର୍ଟ ଗତ ୧୦ ବର୍ଷର ବକେୟା ବାବଦରେ ଅତିରିକ୍ତ ୨ କୋଟି ମିଶାଇ ମୋଟ ସାଢ଼େ ୬ କୋଟି ଟଙ୍କା ପ୍ରଦାନ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି।

ସୂଚନା ଅନୁସାରେ, ଡି ଅର୍ଡିନାର ଇଣ୍ଟରନ୍ୟାଶନାଲ ପ୍ରାଇଭେଟ୍ ଲିମିଟେଡ୍ ନାମକ ସଂସ୍ଥା ଓଡିଶାରୁ ଖଣିଜଦ୍ରବ୍ୟ ଦେଶ/ବିଦେଶକୁ ରପ୍ତାନି କରିଥାଏ। ପ୍ରାୟତଃ ସମୁଦ୍ର ପଥରେ ଏହିସବୁ ଦ୍ରବ୍ୟ ପରିବହନ ହୋଇଥାଏ। ୨୦୧୩ ମସିହାରୁ ଏହି ସଂସ୍ଥାଠାରୁ ସିଙ୍ଗାପୁର କମ୍ପାନୀ ଷ୍ଟାର୍ ଲାଇଟ ଏକ୍ସିମ ପିଟିଇ ଲିମିଟେଡ ବାଣିଜ୍ୟ କାରବାର କରିଆସୁଥିଲା। ତେବେ ୨୦୧୬ ମସିହାରେ ଉକ୍ତ କମ୍ପାନୀ ପ୍ରାୟ ୪ କୋଟି ୫୦ ଲକ୍ଷ ଟଙ୍କାର ଖଣିଜଦ୍ରବ୍ୟ ଆମଦାନୀ କରିଥିଲେ ମଧ୍ୟ ଓଡ଼ିଶା କମ୍ପାନୀକୁ ଟଙ୍କା ପଠାଇ ନ ଥିଲା। ବାରମ୍ବାର ଅନୁରୋଧ ସତ୍ତ୍ୱେ ସିଙ୍ଗାପୁର କମ୍ପାନୀ ଟଙ୍କା ପ୍ରଦାନ କରିବାରେ ଅବହେଳା କରିଥିଲା। ଦୀର୍ଘ ଦିନ ଧରି ଏଭଳି ସ୍ଥିତି ଲାଗିରହିବାରୁ ଓଡିଶାର ଖଣିଜ ଯୋଗାଣକାରୀ କମ୍ପାନୀ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲା। ମାମଲାର ବିଚାରପ୍ରକ୍ରିୟା ସମୟରେ ଉକ୍ତ ସିଙ୍ଗାପୁର କମ୍ପାନୀର ଏକ ଜାହାଜ ଖଣିଜଦ୍ରବ୍ୟ ନେବାକୁ ପାରାଦୀପ ବନ୍ଦର ଆସିଥିଲା। ଏହି ବିଷୟ ଜାଣିବା ପରେ ଆବେଦନକାରୀ ହାଇକୋର୍ଟଙ୍କୁ ଅବଗତ କରାଇଥିଲେ। ହାଇକୋର୍ଟଙ୍କ ନିର୍ଦ୍ଦେଶକ୍ରମେ ପାରାଦୀପ ବନ୍ଦରରେ ସିଙ୍ଗାପୁରର ଉକ୍ତ ଜାହାଜକୁ ଗିରଫ କରାଯାଇଥିଲା। ପରବର୍ତ୍ତୀ ସମୟରେ ବେଲ୍‌ବଣ୍ଡ ଆକାରରେ ୪ କୋଟି ୨୫ ଲକ୍ଷ ଟଙ୍କା ପୈଠ କରିବା ପରେ ଉକ୍ତ ଜାହାଜକୁ ଜାମିନ ମିଳିଥିଲା। କିନ୍ତୁ ଆବେଦନକାରୀଙ୍କୁ ତାଙ୍କର ସାଢେ ୪ କୋଟି ବକେୟା ଅର୍ଥ ମିଳି ନ ଥିଲା। ଏହି ଟଙ୍କା ଫେରିପାଇବା ପାଇଁ ଆବେଦନକାରୀ ସଂସ୍ଥା ସିଙ୍ଗାପୁର କୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲା। ଏହି ମାମଲାକୁ ଆଇନଜୀବୀ ସୌମ୍ୟଜ୍ୟୋତି ବିଶ୍ୱାଳ ପରିଚାଳନା କରୁଥିଲେ।




ଭୁବନେଶ୍ୱର ମ୍ୟୁଜିକ ସର୍କଲ ପକ୍ଷରୁ ସୂଚନା ଭବନଠାରେ ଶୁକ୍ରବାର ଅନୁଷ୍ଠିତ ସାଂସ୍କୃତିକ କାର୍ଯ୍ୟକ୍ରମ 'ଦ ଫ୍ୟୁଚର ମିଟ୍ ଟ୍ରାଡିଶନ'ରେ ଶିଳ୍ପୀମାନେ ସଙ୍ଗୀତ ଗାନ କରୁଛନ୍ତି। (ଫଟୋ- ବିକାଶ ନାୟକ)

# ବିଏମ୍‌ସିର ପେଟ୍ରୋ କାର୍ଡ ଜରିଆରେ ୯ ଲକ୍ଷ ଠକେଇ, ୨ ଗିରଫ

ଭୁବନେଶ୍ୱର,୨୦।୩(ତ୍ରିନାଥ ମହାନ୍ତି)

ବିଏମସିର ହଜିଯାଇଥିବା ପେଟ୍ରୋ କାର୍ଡ ଜରିଆରେ ୯ଲକ୍ଷ ଠକିନେବା ଅଭିଯୋଗରେ ଘରୋଇ ସଫେଇ ସଂସ୍ଥାର ୨ କର୍ମଚାରୀ ଗିରଫ ହୋଇଛନ୍ତି। ସେମାନେ ହେଲେ ପଟିଆ ଶ୍ରୀବିହାରରେ ରହୁଥିବା ଅଚ୍ୟୁତାନନ୍ଦ ସାମଲ ଓ ଇନ୍‌ଫୋସିଟି ଅଞ୍ଚଳରେ ରହୁଥିବା ବେକ୍ସିସ ମ୍ୟୁନିସିପାଲ ୱେଷ୍ଟ ଭେଞ୍ଚରର କର୍ମଚାରୀ ବିଶାଳ ନାଏକ। ସୂଚନାଯୋଗ୍ୟରେ, ଜାଗୃତି ସହ ବିଏମ୍‌ସିର ହୋଇଥିବା ଚୁକ୍ତିନାମା ସରିବା ପରେ ବାସିକ୍ସ ମ୍ୟୁନିସିପାଲ ୱେଷ୍ଟ ଭେଞ୍ଚର୍ସକୁ ନିୟୋଜିତ କରିଥିଲା ବିଏମ୍‌ସି। ଗାଡିଗୁଡିକ ସହ ପେଟ୍ରୋ କାର୍ଡ ଆଦି ସମ୍ପତ୍ତିଗୁଡ଼ିକୁ ଉକ୍ତ ସଂସ୍ଥାକୁ ହସ୍ତାନ୍ତର କରାଯାଇଥିଲା। ଏହି ସମୟରେ ପାଞ୍ଚଟି ପେଟ୍ରୋ କାର୍ଡ ହଜିଯାଇଥିବା ଜଣାପଡିଥିଲା। ପରବର୍ତ୍ତୀ ସମୟରେ ତିନୋଟି ଏଚ୍‌ପିସିଏଲ ପେଟ୍ରୋ କାର୍ଡ ଅନଧିକୃତ ଭାବରେ ଅପବ୍ୟବହାର କରାଯାଇଥିବା ଜଣାପଡିଥିଲା। ଏଥିମଧ୍ୟରୁ ଜାଗୃତି କଲ୍ୟାଣ ସଂଗଠନ ଦ୍ୱାରା ଗୋଟିଏ କାର୍ଡ ହଜିଯାଇଥିବା ରିପୋର୍ଟ କରାଯାଇଥିଲା। ହସ୍ତାନ୍ତର ଦେବା ସମୟରେ ଉକ୍ତ ସଂସ୍ଥା ଦ୍ୱାରା ଅନ୍ୟ ଦୁଇଟି କାର୍ଡ ସମ୍ପର୍କରେ ସୂଚନା ଦିଆଯାଇ ନ ଥିଲା। ବାସିକ୍ସ ମ୍ୟୁନିସିପାଲ ୱେଷ୍ଟ ଭେଞ୍ଚର୍ସ ଦ୍ୱାରା ବର୍ତ୍ତମାନ ନିୟୋଜିତ ଯାନଗୁଡ଼ିକରେ ଉପରୋକ୍ତ ହଜିଯାଇଥିବା ପେଟ୍ରୋ କାର୍ଡ ବ୍ୟବହାର କରାଯାଉଥିବା ଜଣାପଡିବା ପରେ ଏହି ମାମଲା ସନ୍ଦେହ ଘେରକୁ ଆସିଥିଲା। ଏହା ଆହୁରି ମଧ୍ୟ ବାସିକ୍ସ ମ୍ୟୁନିସିପାଲ ୱେଷ୍ଟ ଭେଞ୍ଚର୍ସକୁ ଜାରି ଏଚ୍‌ପିସିଏଲ୍ କର୍ପୋରେଟ କାର୍ଡ ମାଧ୍ୟମରେ ଇନ୍ଧନ ଏକକାଳୀନ ଉଠା ହେଉଥିଲା। ବିସ୍ତୃତ ଯାଞ୍ଚ ପରେ ଜଣାପଡିଲା ଯେ, ହଜିଯାଇଥିବା ପେଟ୍ରୋ କାର୍ଡଗୁଡ଼ିକ ୧ଜୁନ ୨୦୨୫ରୁ ୧୦ ମାର୍ଚ୍ଚ ୨୦୨୬ ପର୍ଯ୍ୟନ୍ତ ନିରନ୍ତର ବ୍ୟବହାର କରାଯାଇ କଳାରାହାଙ୍ଗାର ତ୍ରିଷ୍ଟା ଫିଲିଂ ଷ୍ଟେଶନରୁ ଇନ୍ଧନ କାରବାର ହୋଇଥିଲା। ଫଳରେ ବିଏମସିକୁ ୯ଲକ୍ଷ ୩୯ହଜାର ୪୩୫ଟଙ୍କାର ଆର୍ଥିକ କ୍ଷତି ହୋଇଥିଲା।

# ନନ୍ଦନକାନନ ଆସିବେ ୩ ପ୍ରଜାତିର ୧୮ ଜୀବଜନ୍ତୁ

ବାରଙ୍ଗ/ତ୍ରିଶୂଳିଆ,୨୦।୩(ଲିଙ୍ଗରାଜ ରାଉତ/ତୁଷାରକାନ୍ତ ବେହେରା)

ନନ୍ଦନକାନନକୁ ବିଶ୍ୱସ୍ତରୀୟ ଚିଡ଼ିଆଖାନାରେ ପରିଣତ କରିବା ପାଇଁ କର୍ତ୍ତୃପକ୍ଷ ଗୋଟିଏ ପରେ ଗୋଟିଏ ପଦକ୍ଷେପ ନେଉଛନ୍ତି। ଗତ ୧୧ରେ ବିଶାଖାପାଟଣାର ଇନ୍ଦିରା ଗାନ୍ଧୀ ପ୍ରାଣୀ ଉଦ୍ୟାନ ଓ ନନ୍ଦନକାନନ ମଧ୍ୟରେ ପ୍ରଥମ ପର୍ଯ୍ୟାୟ ପଶୁପକ୍ଷୀ ଅଦଳବଦଳ ପରେ ଚଳିତବର୍ଷର ଦ୍ୱିତୀୟ ପର୍ଯ୍ୟାୟ ପଶୁପକ୍ଷୀ ଅଦଳବଦଳ ପ୍ରକ୍ରିୟା ନନ୍ଦନକାନନ ପ୍ରାଣୀ ଉଦ୍ୟାନ ଏବଂ ଗୁଜରାଟର ଜୁନାଗଡ଼ ସକ୍କରବାଗ ଚିଡ଼ିଆଖାନା ମଧ୍ୟରେ ଆରମ୍ଭ ହୋଇଛି। କେନ୍ଦ୍ରୀୟ ଚିଡ଼ିଆଖାନା ପ୍ରାଧିକରଣଙ୍କ ଅନୁମୋଦନ ପରେ ଚଳିତବର୍ଷର ଦ୍ୱିତୀୟ ପର୍ଯ୍ୟାୟ ପଶୁପକ୍ଷୀ ଅଦଳବଦଳ ପ୍ରକ୍ରିୟା ଶୁକ୍ରବାର ଭୋର୍ ସମୟରେ ଆରମ୍ଭ ହୋଇଛି। ପ୍ରାଥମିକ ପର୍ଯ୍ୟାୟରେ ସକ୍କରବାଗ ଚିଡ଼ିଆଖାନାର ଏକ ଦଳ ନନ୍ଦନକାନନରୁ ଗୋଟିଏ ଓଟପକ୍ଷୀ, ୩ଟି ମାଈ ଚଉସିଙ୍ଘା ମୃଗ, ୩ଟି କୁଜି ହରିଣକୁ ସାଙ୍ଗରେ ନେଇ ଗୁଜରାଟ ଅଭିମୁଖେ ଯାତ୍ରା ଆରମ୍ଭ କରିଛନ୍ତି। ଏହାର ପ୍ରତିବଦଳରେ ସେଠାରୁ ୩ ପ୍ରଜାତିର ୧୮ ଜୀବଜନ୍ତୁ ନନ୍ଦନକାନନ ଆସିବେ। ନୂଆ ଅତିଥିଙ୍କ ମଧ୍ୟରେ ୨ ହଳ ଡେମୋଇସେଲ କ୍ରେନ୍, ୨ ହଳ କଲରାପତରିଆ ବାଘ, ୫ ହଳ ଜଙ୍ଗଲି ନାଲି କୁକୁଡ଼ା ଆସିବେ ବୋଲି ଉପନିର୍ଦ୍ଦେଶକ ଅଭୟ କୁମାର ଦଳାଇ ସୂଚନା ଦେଇଛନ୍ତି।

# ଘରଚଟିଆ ଦିବସ ପାଳନ



ଭୁବନେଶ୍ୱର,୨୦।୩ (ସୌମ୍ୟରଞ୍ଜନ ରାଉତ)

ପରିବେଶ ସୁନ୍ଦରତାର ସାରଥୀ ସାଜିଥିବା ଘରଚଟିଆ ଏବେ ବିଲୁପ୍ତ ପ୍ରାୟ। ସମାଜର ପରିବର୍ତ୍ତିତ ରୂପରେ ନାହିଁ ଚାଳଘର ଅବା ଟାଇଲି ଛପର ଘର। ଫଳରେ ନିଜକୁ ଖାପଖୁଆଇ ନପାରି ଦିନକୁ ଦିନ ଘର ଚଟିଆଙ୍କ ସଂଖ୍ୟା କମିବାରେ ଲାଗିଛି। ଶୁକ୍ରବାର ବିଶ୍ୱ ଘର ଚଟିଆ ଦିବସ ଅବସରରେ ରୋଟାରୀ କ୍ଲବ୍ ଅଫ୍ ରାଜଧାନୀ ପକ୍ଷରୁ ଜୟଦେବ ବିହାରସ୍ଥିତ ବିଶ୍ୱକର୍ମା ମନ୍ଦିର ପରିସରରେ ଘର ଚଟିଆ ଦିବସ ପାଳିତ ହୋଇଯାଇଛି। ଏନେଇ ପରିବେଶବିତ୍ ଡ଼. ସୁବଳ ମହାରଣା କହିଛନ୍ତି, ଘରଚଟିଆ ନିଜେ ଚାଳରେ ବସା କରେ। ବର୍ତ୍ତମାନ ସବୁଠି କୋଠା ଘର ଥିବାରୁ ସେମାନେ ଆଉ ନାହାନ୍ତି। ଘରଚଟିଆ ଭୁବନେଶ୍ୱର ସହରରେ ନାହାନ୍ତି, କିନ୍ତୁ ଆମେ ସଚେତନ ହେଲେ ସେମାନଙ୍କୁ ରକ୍ଷା କରିପାରିବା। ଏନେଇ ଆମେ ସେମାନଙ୍କ ଲାଗି ଛୋଟ ବସା କରି ଘରେ କିମ୍ବା ଗଛରେ ଟାଙ୍ଗୀ ପାରିବା। ସେଥିଲାଗି ଆମେ ଅନେକ ଲୋକଙ୍କୁ ବସା ବଣ୍ଟନ କରିଛୁ। ତାଙ୍କୁ ଠିକ୍ ସମୟରେ ଖାଇବାକୁ ଦେବାକୁ ସୂଚନା ଦେଉଛୁ ବୋଲି ସେ କହିଥିଲେ।

# ଶିଶୁକନ୍ୟା ବଳାତ୍କାର ମାମଲା: ଅଭିଯୁକ୍ତଙ୍କୁ ୨୦ବର୍ଷ ଜେଲ

ଭୁବନେଶ୍ୱର,୨୦।୩(ତ୍ରିନାଥ ମହାନ୍ତି)

ଖଣ୍ଡଗିରି ଥାନା ଅଞ୍ଚଳରେ ଘଟିଥିବା ଶିଶୁକନ୍ୟା ବଳାତ୍କାର ମାମଲାର ଶୁଣାଣି କରି ଆଡିଶନାଲ ସେସନ୍ସ ଜଜ୍ ତଥା ଫାଷ୍ଟ ଟ୍ରାକ ସ୍ପେଶାଲ କୋର୍ଟ ଅଭିଯୁକ୍ତ ରମେଶ ଦାସଙ୍କୁ ଦୋଷୀ ସାବ୍ୟସ୍ତ କରିଛନ୍ତି। ତାଙ୍କୁ ୨୦ ବର୍ଷ ସଶ୍ରମ କାରାଦଣ୍ଡରେ ଦଣ୍ଡିତ କରିବା ସହ ୫ହଜାର ଟଙ୍କା ଜରିମାନା ନିର୍ଦ୍ଦେଶ ଦେଇଛନ୍ତି। ଜରିମାନା ଅନାଦାୟେ ହେଲେ ଅଧିକ ୫ମାସ ସଜା ଭୋଗିବାକୁ କୁହାଯାଇଛି। ୧୦ଜଣ ସାକ୍ଷୀ ଏବଂ ୨୦ଟି ଦସ୍ତାବିଜ୍ ଯାଞ୍ଚ କରିବା ପରେ ବିଚାରପତି ଏହି ରାୟ ଶୁଣାଇଛନ୍ତି।

୨୦୨୦ ଫେବୃଆରୀରେ ଖଣ୍ଡଗିରି ଥାନା ଅନ୍ତର୍ଗତ ରଘୁନାଥନଗର ଅଞ୍ଚଳରେ ଦୁଇବର୍ଷୀୟା ଶିଶୁକନ୍ୟା ଖେଳୁଥିବାବେଳେ ଅଭିଯୁକ୍ତ ରମେଶ ଦାସ ତାଙ୍କୁ ଟେକିନେଇ ବଳାତ୍କାର କରିଥିଲେ। ଅଭିଯୋଗ ପରେ ପୋଲିସ ମାମଲା ରୁଜୁ କରି ଅଭିଯୁକ୍ତ ରମେଶଙ୍କୁ ଗିରଫ କରିଥିଲା। ଅଭିଯୁକ୍ତ ଜଣକ ପୂର୍ବରୁ ମଧ୍ୟ ଥରେ ଏହିଭଳି କାଣ୍ଡ ଘଟାଇଥିବା ଜଣାପଡିଥିଲା।

# ଆଜିର ଚାଷୀ ଜଣେ କୃଷି ଉଦ୍ୟୋଗୀ

## ଓୟୁଏଟି କୃଷକ ମେଳା ଉଦ୍‌ଘାଟିତ

ଭୁବନେଶ୍ୱର,୨୦।୩(ସୁଚିସ୍ମିତା ସାହୁ)



ଓଡିଶା କୃଷି ଓ ବୈଷୟିକ ବିଶ୍ୱବିଦ୍ୟାଳୟ (ଓୟୁଏଟି) ପରିସର କୃଷି ଶିକ୍ଷା ସଦନରେ ଶୁକ୍ରବାର ଓୟୁଏଟି କୃଷକ ମେଳା ୨୦୨୬ ଆରମ୍ଭ ହୋଇଯାଇଛି। 'ମହିଳା କୃଷି ଉଦ୍ୟୋଗୀ ଓ ବିକଶିତ କୃଷି' ଶୀର୍ଷକ ଏହି ମେଳାକୁ ଉଦ୍‌ଘାଟନ କରି ଉପମୁଖ୍ୟମନ୍ତ୍ରୀ ତଥା କୃଷି, କୃଷକ ସଶକ୍ତୀକରଣ ଓ ଶକ୍ତି ମନ୍ତ୍ରୀ କନକ ବର୍ଦ୍ଧନ ସିଂଦେଓ କହିଲେ, ବର୍ତ୍ତମାନ ସମୟରେ ଚାଷୀ ହେଉଛନ୍ତି ଜଣେ ଜଣେ କୃଷି ଉଦ୍ୟୋଗୀ। କୃଷିର ରୂପାନ୍ତର ହୋଇ ସ୍ମାର୍ଟ କୃଷି ହୋଇଯାଇଛି। ଏକକ କୃଷକରୁ କୃଷି ଉଦ୍ୟୋଗରେ ପରିଣତ ହୋଇପାରିଛି। ଆମ ରାଜ୍ୟ କୃଷି ଉତ୍ପାଦନରେ ଜାତୀୟହାରଠାରୁ ମଧ୍ୟ ଆଗୁଆ ରହିଛି। ଏଥିପାଇଁ ଅନ୍ନଦାତା କୃଷକଙ୍କୁ ଉପମୁଖ୍ୟମନ୍ତ୍ରୀ ଧନ୍ୟବାଦ ଜଣାଇଥିଲେ।

ମତ୍ସ୍ୟ ଓ ପ୍ରାଣୀସମ୍ପଦ ବିକାଶ ମନ୍ତ୍ରୀ ଗୋକୁଳାନନ୍ଦ ମଲ୍ଲିକ କହିଲେ, ମହିଳାଙ୍କୁ ଆତ୍ମନିର୍ଭର କରିବା ପାଇଁ ସରକାରଙ୍କ ପକ୍ଷରୁ ବହୁ ଯୋଜନା କରାଯାଇଛି। ବିଶେଷକରି ମହିଳା ଚାଷୀମାନେ ମିଶ୍ରିତ ଚାଷକୁ ଆପଣେଇ ଲାଭାନ୍ୱିତ ହେବା ସହିତ ବିକଶିତ ଓଡ଼ିଶା ଗଠନରେ ଅଗ୍ରଗଣ୍ୟ ହୁଅନ୍ତୁ। କୃଷି ଓ କୃଷକ ସଶକ୍ତୀକରଣ ବିଭାଗର ଶାସନ ସଚିବ ସଚିନ ରାମଚନ୍ଦ୍ର ଯାଧବ କହିଲେ, ବିକଶିତ କୃଷି ହେଉଛି ବିକଶିତ ଭାରତର ଆଧାରଶିଳା। ଏଥିରେ ୫୦% ଭାଗିଦାରୀ ମହିଳାଙ୍କର ରହିଛି। ଓୟୁଏଟି କୁଳପତି ଡ. ପ୍ରଭାତ ରାଉଳ ଓୟୁଏଟିର କାର୍ଯ୍ୟପ୍ରଣାଳୀ ସଫଳତା ଉପରେ ଆଲୋକପାତ କରିଥିଲେ। ଡିନ୍ ଏକ୍ସଟେନଶନ ପ୍ରଫେସର ପ୍ରସନ୍ନଜିତ ମିଶ୍ର, ପ୍ରଫେସର ନିରଞ୍ଜନ ପଣ୍ଡା ପ୍ରମୁଖ ଉପସ୍ଥିତ ଥିଲେ। ଏହି ଅବସରରେ କୃଷି କ୍ଷେତ୍ରରେ ବିଶେଷ ଅବଦାନ ରଖିଥିବା ଓ କୃଷି ଉଦ୍ୟୋଗ ସ୍ଥାପନା କରିଥିବା ମହିଳା କୃଷକଙ୍କୁ ସମ୍ମାନିତ କରାଯିବା ସହିତ ସୁରକ୍ଷା କିଟ ପ୍ରଦାନ କରାଯାଇଥିଲା। ସେହିପରି ଓୟୁଏଟିର ବିଭିନ୍ନ ଏଆଇସିଆର୍‌ପି ପ୍ରକଳ୍ପଗୁଡିକୁ ପୁରସ୍କୃତ କରାଯାଇଥିଲା। ବିଶ୍ୱବିଦ୍ୟାଳୟର ବୈଜ୍ଞାନିକଙ୍କ ତିନୋଟି ପୁସ୍ତକ 'ଚାଷୀର ସଂସାର', 'କମ୍ପେନଡିୟମ ଅନ୍ ଏଗ୍ରିକଲ୍‌ଚର ଟେକ୍ନୋଲଜି', 'କଷ୍ଟ ଅଫ୍ କଲଟିଭେଶନ ଅଫ ଇମ୍ପ୍ରୁଭମେଣ୍ଟ କ୍ରପ୍'କୁ ଅତିଥିମାନେ ଉନ୍ମୋଚନ କରିଥିଲେ।

# ୨୩ ୱାର୍ଡର ୮୧୪୩ ଘରକୁ ପହଞ୍ଚିବ ସ୍ୱଚ୍ଛ ପାଣି

## ଡ୍ରିଙ୍କ୍ ଫ୍ରମ୍ ଟ୍ୟାପ୍ ପାନୀୟଜଳ ପ୍ରକଳ୍ପର ଭିତ୍ତିପ୍ରସ୍ତର ସ୍ଥାପନ

ଜଟଣୀ,୨୦।୩(ରବୀନ୍ଦ୍ରନାଥ ମହାକୁଡ଼)

ଜଟଣୀ ପୌରାଞ୍ଚଳ ଅନ୍ତର୍ଗତ ୭ନମ୍ବର ୱାର୍ଡର ରାମଚନ୍ଦ୍ରପୁରସ୍ଥିତ ପୁରୁଣା ପିଏଚ୍‌ଡି ପଡ଼ିଆରେ ଶୁକ୍ରବାର ଭୁବନେଶ୍ୱର ଏମ୍‌ପି ଅପରାଜିତା ଷଡ଼ଙ୍ଗୀ ଡ୍ରିଙ୍କ୍ ଫ୍ରମ୍ ଟ୍ୟାପ୍ ପାନୀୟଜଳ ପ୍ରକଳ୍ପର ଭିତ୍ତିପ୍ରସ୍ତର ସ୍ଥାପନ କରିଛନ୍ତି। ଏହି ପାନୀୟଜଳ ପ୍ରକଳ୍ପର ମୋଟ୍ ବ୍ୟୟ ଅଟକଳ ୧୭କୋଟି ୭୨ଲକ୍ଷ ୩୬ହଜାର ୬୯୭ଟଙ୍କା ରହିଛି। ଏହି ପ୍ରକଳ୍ପ ସମ୍ପୂର୍ଣ୍ଣ ହେଲେ ୨୩ଟି ୱାର୍ଡର ୮୧୪୩ ଘରକୁ ସ୍ୱଚ୍ଛ ପାଣି ପହଞ୍ଚିବ। ଏହାଦ୍ୱାରା ପୌରାଞ୍ଚଳର ପ୍ରାୟ ୮୦ହଜାର ଲୋକ ଉପକୃତ ହେବେ। ୨୦୨୭ ମାର୍ଚ୍ଚ ସୁଦ୍ଧା ଏହି ପାନୀୟଜଳ ପ୍ରକଳ୍ପ କାର୍ଯ୍ୟକ୍ଷମ ହେବ ବୋଲି ଏମ୍‌ପି ଷଡ଼ଙ୍ଗୀ ସୂଚନା ଦେଇଛନ୍ତି।

ଜଟଣୀ ପୌର ପରିଷଦରେ ମୋଟ୍ ୭୨୯୦୦ଟି ଘର ରହିଛି। ମୋଟ ୱାର୍ଡ ସଂଖ୍ୟା ୨୩ ରହିଥିବା ବେଳେ ପାନୀୟଜଳ ସଂଯୋଗ ହୋଇଥିବା ଘର ସଂଖ୍ୟା ୭୬୪୩ ରହିଛି। ଫଳରେ ଜଟଣୀ ପୌର ପରିଷଦର ବହୁ କମ୍ ସଂଖ୍ୟକ ଘରକୁ ୱାଟ୍‌କୋ ଜରିଆରେ ଜଳଯୋଗାଣ କରାଯାଉଛି। ୱାଟ୍‌କୋର ଜଳ ସଂଯୋଗରୁ ବଞ୍ଚିତ ଥିବା ପ୍ରାୟ ୮୦ ହଜାର ଲୋକଙ୍କ ପାଇଁ ଏହି ପାନୀୟଜଳ ପ୍ରକଳ୍ପ ଆଶ୍ୱସ୍ତି ଆଣିଦେବ। ପ୍ରତିବର୍ଷ ଖରାଦିନରେ ଜଳ ସମସ୍ୟା ରହିଥାଏ। ଏହି ପାନୀୟଜଳ ପ୍ରକଳ୍ପ ଜରିଆରେ ଲୋକଙ୍କୁ ୨୪ ଘଣ୍ଟିଆ ଡ୍ରିଙ୍କ୍ ଫ୍ରମ୍ ଟ୍ୟାପ୍ ଜଳଯୋଗାଣ ମିଳିବ। ୨୦୨୭ ଫେବୃଆରୀ ମାସରୁ ଜଟଣୀ ପୌର ପରିଷଦ ଲୋକଙ୍କ ଜଳ ସମସ୍ୟା ଏକପ୍ରକାର ଦୂର ହୋଇଯିବ ବୋଲି ଆଶା ରହିଛି। ବିକାଶର କୌଣସି ଦଳ କିମ୍ବା ବର୍ଗ ନ ଥାଏ। ବର୍ଷ ବର୍ଷ ଧରି ରହିଥିବା ସମସ୍ୟାକୁ ଡବଲ ଇଞ୍ଜିନ ସରକାର ସମାଧାନ କରୁଛନ୍ତି। ଏନେଇ ମୁଖ୍ୟମନ୍ତ୍ରୀ ଏବଂ ବିଭାଗୀୟ ଅଧିକାରୀ ସହଯୋଗ କରିଥିବାରୁ ପ୍ରତିଶ୍ରୁତି ପୂରଣ ହୋଇପାରିଛି ବୋଲି ଏମ୍‌ପି ଷଡ଼ଙ୍ଗୀ କହିଛନ୍ତି। ଅନ୍ୟପଟେ ଦୀର୍ଘଦିନର ସ୍ୱପ୍ନ ପୂରଣ ହେବାକୁ ଯାଉଥିବାରୁ ଜଟଣୀବାସୀ ଏମ୍‌ପି ଷଡ଼ଙ୍ଗୀଙ୍କୁ କୃତଜ୍ଞତା ଜଣାଇଛନ୍ତି। ଏହି ଭିତ୍ତିପ୍ରସ୍ତର ସ୍ଥାପନ କାର୍ଯ୍ୟକ୍ରମରେ ଖୋର୍ଦ୍ଧା ଜିଲା ଭାଜପା ସଭାପତି ବିଶ୍ୱରଞ୍ଜନ ବଡ଼ଜେନା, ୱାଟ୍‌କୋ ଜିଏମ୍ ରାଜେନ୍ଦ୍ର ସେଠୀ, ଜଟଣୀ ନଗରପାଳ ଅନନ୍ତ ବେହେରାଙ୍କ ସମେତ ବହୁ ପଦାଧିକାରୀ ଉପସ୍ଥିତ ଥିଲେ।


ପାନୀୟଜଳ ପ୍ରକଳ୍ପର ଭିତ୍ତିପ୍ରସ୍ତର ସ୍ଥାପନ ଅବସରରେ ଏମ୍‌ପି ଅପରାଜିତା ଷଡ଼ଙ୍ଗୀ ଏବଂ ଅନ୍ୟ ଅତିଥି।

## ସଂକ୍ଷେପରେ

### ଛାତ୍ର ନିଖୋଜ ନେଇ ଫାଣ୍ଡିରେ ଅଭିଯୋଗ

ବେଗୁନିଆ,୨୦।୩(ହର ପ୍ରସନ୍ନ ପଣ୍ଡା)

ବେଗୁନିଆ ବ୍ଲକ ଛତ୍ରପଡ଼ା ସରକାରୀ ଉଚ୍ଚ ବିଦ୍ୟାଳୟର ଜଣେ ଛାତ୍ର ନିଖୋଜ ଥିବା ନେଇ ଗତ ୧୮ତାରିଖରେ ସିକୋ ଫାଣ୍ଡିରେ ପରିବାର ପକ୍ଷରୁ ଅଭିଯୋଗ ହୋଇଛି। ସେ ହେଲେ ୯ମ ଶ୍ରେଣୀ ପାଇଁ ବାର୍ଷିକ ପରୀକ୍ଷା ଦେଇଥିବା ଛାତ୍ର ସାଇ ସ୍ୱସ୍ତିକ ବେହେରା(୧୬)। ତେବେ ରିପୋର୍ଟ ଲେଖା ହେବା ପର୍ଯ୍ୟନ୍ତ ସାଇ ସ୍ୱସ୍ତିକଙ୍କ ସମ୍ପର୍କରେ ସୂଚନା ମିଳି ନ ଥିବା ଜଣାପଡ଼ିଛି। ସୂଚନା ମୁତାବକ, ପୁରୀ ଜିଲା କାକଟପୁର ଥାନା ବାଙ୍ଗୁରି ଗ୍ରାମର ରମାକାନ୍ତ ବେହେରାଙ୍କ ପୁଅ ସାଇ ସ୍ୱସ୍ତିକ। ସେ ଜଙ୍କିଆ ଥାନା ସିକୋ ଫାଣ୍ଡି ଅନ୍ତର୍ଗତ ଡୋଭାପାଟଣା ଗ୍ରାମ ସ୍ଥିତ ଅଜାଙ୍କ ଘରେ ରହି ଗତ କିଛି ବର୍ଷ ହେବ ପାଠ ପଢୁଥିଲେ। ଗତ ୧୭ତାରିଖରେ ଅଜାଙ୍କ ଘର ପରିବାର ଲୋକଙ୍କ ସହିତ ମଧ୍ୟାହ୍ନ ଭୋଜନ ଖାଇବା ପରେ ବିଶ୍ରାମ କରିଥିଲେ। ହେଲେ ଅପରାହ୍ନ ପ୍ରାୟ ୨ଟାରେ ସାଇ ସ୍ୱସ୍ତିକ ଘରୁ ବାହାରି କେଉଁଆଡେ ପଳାଇ ଯାଇଥିଲେ। ପରେ ପରିବାର ଲୋକେ ଜାଣିବା ପରେ ବହୁ ଖୋଜାଖୋଜି କରି ନିରାଶ ହୋଇଥିଲେ। ଏନେଇ ଗତ ୧୮ତାରିଖରେ ସାଇ ସ୍ୱସ୍ତିକଙ୍କ ଅଜା ପ୍ରସନ୍ନ ବେହେରା ସିକୋ ଫାଣ୍ଡରେ ଅଭିଯୋଗ କରିଥିଲେ।

### ଦେଶୀମଦ ସହ ଭାଙ୍ଗ ଜବତ, ୨ ଗିରଫ

ବାଲୁଗାଁ/ବାଣପୁର,୨୦।୩
(ସଂଗ୍ରାମ ପାଇକରାୟ/ଦିଲୀପ ସ୍ୱାଇଁ)

ବାଲୁଗାଁ ଅବକାରୀ ବିଭାଗ ଟିମ୍ ଶୁକ୍ରବାର ଚଢ଼ାଉ କରି ଲକ୍ଷାଧିକ ଟଙ୍କାର ଦେଶୀମଦ ଏବଂ ଭାଙ୍ଗ ଜବତ କରିଥିବା ବେଳେ ସମ୍ପୃକ୍ତ ୨ବ୍ୟବସାୟୀଙ୍କୁ ଗିରଫ କରିଛି। ସେମାନେ ହେଲେ ବାଣପୁର ଥାନା ହାତୀମୁଣ୍ଡା ଗ୍ରାମର ଗୋବିନ୍ଦ ରାଉତ ଏବଂ ନାରୁଣୀ ଗ୍ରାମର ଯୋଗୀ ପୃଷ୍ଟି। ବାଲେଡି ଛକ କେନାଲ ରୋଡରୁ ଗୋବିନ୍ଦଙ୍କଠାରୁ ଏକ ବାଇକ୍ ସହିତ ୫୨ ଲିଟର ଦେଶୀ ମଦ ଜବତ କରାଯାଇଛି। ସେହିପରି ନାରୁଣୀ ଗ୍ରାମର ଯୋଗୀଙ୍କ ଘର ବାରି ପାର୍ଶ୍ୱରୁ ୧୦କେଜି ଭାଙ୍ଗ ଓ ଏକ ଗ୍ରାଇଣ୍ଡର ଜବତ ହୋଇଛି। ଜବତ ମଦ ଓ ଭାଙ୍ଗର ମୂଲ୍ୟ ୧ଲକ୍ଷ ୯ ହଜାର ଟଙ୍କା ହେବ ବୋଲି ବିଭାଗ ପକ୍ଷରୁ ଆକଳନ କରାଯାଇଛି। ଏନେଇ ଦୁଇଟି ମାମଲା ପରେ ଅଭିଯୁକ୍ତଦ୍ୱୟଙ୍କୁ କୋର୍ଟଚାଲାଣ କରାଯାଇଛି। ଏହି ଚଢ଼ାଉରେ ଏଏସ୍ଆଇ ରାମଚନ୍ଦ୍ର ଜେନା, କନ୍‌ଷ୍ଟେବଲ ଅଶେଷ ପ୍ରଧାନ, ରଞ୍ଜିତ ପଟେଲ, ସୁନୀତା ମହାରଣା ପ୍ରମୁଖ ସାମିଲ ହୋଇଥିଲେ।

### ଭୂଷଣ୍ଡପୁର ସେବା ସମବାୟ ସମିତିର ଡିଇଓଙ୍କ ବହିଷ୍କାର ଦାବି

ଟାଙ୍ଗୀ,୨୦।୩(ରଘୁନାଥ ସାହୁ)

ଟାଙ୍ଗୀ ବ୍ଲକ ଅନ୍ତର୍ଗତ ଭୂଷଣ୍ଡପୁର ସେବା ସମବାୟ ସମିତିର ଡାଟା ଏଣ୍ଟ୍ରି ଅପରେଟର(ଡିଇଓ)ଙ୍କ ବିରୋଧରେ ସ୍ଥାନୀୟ ଜନସାଧାରଣ ଅଭିଯୋଗ ଆଣି ତାଙ୍କୁ ବହିଷ୍କାର କରିବା ପାଇଁ ଜିଲାପାଳଙ୍କ ନିକଟରେ ଦାବି କରିଛନ୍ତି। କାର୍ଯ୍ୟରତ ଡିଇଓ ବିଭିନ୍ନ ଅସାମାଜିକ କାର୍ଯ୍ୟରେ ଲିପ୍ତ ରହୁଥିବା ନେଇ ଭୂଷଣ୍ଡପୁର ଫାଣ୍ଡି, ଗ୍ରାମ୍ୟ କମିଟି ଏବଂ ଜଙ୍କିଆ ଥାନାରେ ତାଙ୍କ ନାମରେ ଅଭିଯୋଗ ରହିଛି। ତାଙ୍କର ବ୍ୟବହାରରେ ଚାଷୀମାନେ ଭୟଭୀତ। ତେଣୁ ତାଙ୍କୁ ତୁରନ୍ତ ଡିଇଓ ପଦରୁ ବହିଷ୍କାର କରିବା ପାଇଁ ଜିଲାପାଳ, ଏଆରସିଏସ ଖୋର୍ଦ୍ଧା, କେନ୍ଦ୍ରୀୟ ସମବାୟ ବ୍ୟାଙ୍କ ସଭାପତି, କେନ୍ଦ୍ରୀୟ ସମବାୟ ବ୍ୟାଙ୍କ ମୁଖ୍ୟ ପରିଚାଳକ ଏବଂ ଭୂଷଣ୍ଡପୁର ସେବା ସମବାୟ ସଭାପତିଙ୍କୁ ଦାବିପତ୍ର ଦିଆଯାଇଛି। ଅନ୍ୟପକ୍ଷରେ ଏନେଇ ସମିତିର ଡିଇଓଙ୍କ ପ୍ରତିକ୍ରିୟା ମିଳିପାରି ନାହିଁ।

# ଏପ୍ରିଲ ୨୭ରୁ ନୀଳକଣ୍ଠେଶ୍ୱର ଲୋକମହୋତ୍ସବ

ବୋଲଗଡ଼,୨୦।୩(ଦେବବ୍ରତ ହୋତା)

ବୋଲଗଡ଼ ବ୍ଲକ ପିଚୁକୁଳିସ୍ଥିତ ନୀଳକଣ୍ଠେଶ୍ୱର ଦେବଙ୍କ ପୀଠରେ ଶୁକ୍ରବାର 'ନୀଳକଣ୍ଠେଶ୍ୱର ଲୋକ ମହୋତ୍ସବ-୨୦୨୬' ପାଇଁ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ପିଚୁକୁଳି ବଜାର କମିଟି ସଭାପତି ପବିତ୍ର ମୋହନ ମାଝୀଙ୍କ ଆହ୍ୱାନରେ ଶିକ୍ଷାବିତ୍ ଗଙ୍ଗାଧର ଜେନାଙ୍କ ଅଧ୍ୟକ୍ଷତାରେ ଏହି ବୈଠକ ହୋଇଥିଲା। ଆସନ୍ତା ଏପ୍ରିଲ ୨୭ରୁ ୩୦ତାରିଖ ପର୍ଯ୍ୟନ୍ତ ଏହି ମହୋତ୍ସବ ଅନୁଷ୍ଠିତ ହେବ। ଏଥିରେ ଓଡ଼ିଶାର କଳା, ପାରମ୍ପରିକ ସଂସ୍କୃତି ଓ ସମୃଦ୍ଧ ଲୋକକଳାର ବିଭବ ପ୍ରଦର୍ଶିତ ହେବ। ମହୋତ୍ସବରେ ଓଡ଼ିଶା ସରକାରଙ୍କ ସହଭାଗିତା ରହୁଥିବାରୁ ଏହାର ସଫଳ ରୂପାୟନ ଏବଂ ବ୍ୟାପକ ପ୍ରଚାର ପ୍ରସାର ସମ୍ପର୍କରେ ଗୁରୁତ୍ୱାରୋପ କରାଯାଇଥିଲା। ଏହି ଅବସରରେ ସ୍ଥାନୀୟ ବିଧାୟକଙ୍କ ସମେତ ସାନପଦର, ଅସରଳା ଓ ପିଚୁକୁଳି ପଞ୍ଚାୟତର ସରପଞ୍ଚ, ସମିତିସଭ୍ୟ, ଶିକ୍ଷାବିତ୍ ଏବଂ ବୁଦ୍ଧିଜୀବୀଙ୍କୁ ନେଇ ଏକ ପରିଚାଳନା କମିଟି ଗଠନ କରାଯାଇଛି। ବୈଠକରେ ଶିକ୍ଷାବିତ୍ ଧନେଶ୍ୱର ସାହୁ, ବିଭୂତି ଭୂଷଣ ରଣସିଂହ, ଅର୍ଜୁନ ପଟ୍ଟନାୟକ, ଦୁର୍ଯ୍ୟୋଧନ ସ୍ୱାଇଁ, ବୈରାଗୀ ଛୁଆଳସିଂ, ଶରତ ଚନ୍ଦ୍ର ମହାପାତ୍ର, ଆନନ୍ଦ ସମନ୍ତରାୟ, ସଞ୍ଜୟ ଗୁମାନସିଂହ, ଦିଲୀପ ମହାପାତ୍ର, ସୁକାନ୍ତ ବ୍ରହ୍ମା, ଗୌତମ ଜେନା, ରଘୁନାଥ ସାହୁ, ବୁଢ଼ା କରଣ, ଦିଲୀପ ପାଇକରାୟ, ବିମ୍ବ ପରିଡ଼ା, ଅନନ୍ଦ ରଣସିଂହ, ବିନୋଦ ପରିମାଣିକ, ପରୀକ୍ଷିତ ମାଝୀ, ବିଶ୍ୱ ରଞ୍ଜନ ଦାସ ପ୍ରମୁଖ ଉପସ୍ଥିତ ଥିଲେ। ସମ୍ପାଦକ ଚିତ୍ତରଞ୍ଜନ ସାମନ୍ତ ଧନ୍ୟବାଦ ଅର୍ପଣ କରିଥିଲେ।

# ଭାଇଚାରା ଭାବକୁ ସୁଦୃଢ଼ କରୁଛି ମହୋତ୍ସବ


ଅମୃତ ଉତ୍ସବର ଦ୍ୱିତୀୟ ସନ୍ଧ୍ୟାରେ ଉପସ୍ଥିତ ଅତିଥିମାନେ।

## ଅମୃତ ଉତ୍ସବର ଦ୍ୱିତୀୟ ସନ୍ଧ୍ୟା

ବୋଲଗଡ଼,୨୦।୩(ଦେବବ୍ରତ ହୋତା)

ସ୍ଥାନୀୟ ଦୋଳପଡ଼ିଆରେ ଅନୁଷ୍ଠିତ ପନ୍ଦର ଦୋଳଯାତ୍ରା ଅବସରରେ ବାରପଲ୍ଲୀ ଦୋଳଯାତ୍ରା କମିଟି ପକ୍ଷରୁ ଆୟୋଜିତ ଅମୃତ ଉତ୍ସବ ଦ୍ୱିତୀୟ ସନ୍ଧ୍ୟାରେ ଭାଜପା ନେତା ପ୍ରକାଶ ରଣବିଜୁଳି ମୁଖ୍ୟ ଅତିଥିଭାବେ ଯୋଗଦେଇ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ସେହିପରି ଖୋର୍ଦ୍ଧା ଜିଲା ଭାଜପା ଉପସଭାପତି ବାସୁଦେବ ସାହୁ ମୁଖ୍ୟବକ୍ତା ଭାବେ ଯୋଗଦେଇ ଭାଇଚାରା ଭାବକୁ ସୁଦୃଢ଼ କରୁଛି ମହୋତ୍ସବ ବୋଲି କହିଥିଲେ। ଏହି ଅବସରରେ ଥାନା ଅଧିକାରୀ ସୁକାନ୍ତ କୁମାର ଦଳେଇ, ସାମାଜିକ କର୍ମୀ ବ୍ରଜବନ୍ଧୁ ସୁବୁଦ୍ଧି, ଭାଜପା ଯୁବନେତା ଦୀପନ ବିଶାଳ ପ୍ରମୁଖ ସମ୍ମାନିତ ଅତିଥିଭାବେ ମଞ୍ଚାସୀନ ଥିଲେ। ଓଡ଼ିଆ ଭାଷା ସାହିତ୍ୟ ସଂସ୍କୃତି ବିଭାଗ ପକ୍ଷରୁ ଭୁବନେଶ୍ୱରର ସାଇ କଳା ସଂସଦ କଳାକାରଙ୍କ ବିବିଧ ନୃତ୍ୟ, ବଲାଙ୍ଗୀରର ରାଇପଲ୍ଲୀର ବଂଶୀଧର ଗଣ୍ଡବାଜା ଦଳ ପକ୍ଷରୁ ସମ୍ବଲପୁରୀ ଓ ସ୍ଥାନୀୟ ବଂଶୀଧର ସଙ୍ଗୀତ ମହାବିଦ୍ୟାଳୟ କଳାକାରଙ୍କ ପ୍ରସ୍ତୁତ ଓଡ଼ିଶୀ ଓ ସମ୍ବଲପୁରୀ ନୃତ୍ୟ ଉପସ୍ଥିତ ଦର୍ଶକଙ୍କୁ ଆକୃଷ୍ଟ କରିଥିଲା। ସାଂସ୍କୃତିକ କାର୍ଯ୍ୟକ୍ରମ ମଧ୍ୟଭାଗରେ ଆଡଭୋକେଟ ଚିତ୍ତରଞ୍ଜନ ପରିଡ଼ାଙ୍କ ଅଧ୍ୟକ୍ଷତାରେ ଆୟୋଜିତ ସାଧାରଣ ସଭା କାର୍ଯ୍ୟକ୍ରମରେ ସମସ୍ତ ଅତିଥିଙ୍କ ସମେତ ଅନେକ ପ୍ରତିଭା, ବିଶିଷ୍ଟ ବ୍ୟକ୍ତିତ୍ୱ ଓ ଖବରଦାତାମାନଙ୍କୁ ମହୋତ୍ସବ କମିଟି ପକ୍ଷରୁ ସମ୍ମାନିତ କରାଯାଇଥିଲା। ନୃତ୍ୟଗୁରୁ ଅବିନାଶ ସୁବୁଦ୍ଧି ସାଂସ୍କୃତିକ କାର୍ଯ୍ୟକ୍ରମ ଓ ଶିକ୍ଷକ ଶ୍ରୀକାନ୍ତ କୁମାର ନାୟକ ମଞ୍ଚ ପରିଚାଳନା କରିଥିଲେ। ଅନୁଷ୍ଠାନର ସମ୍ପାଦକ ମନୋଜ କୁମାର ପଣ୍ଡା ଧନ୍ୟବାଦ ଅର୍ପଣ କରିଥିଲେ।


ଅମୃତ ଉତ୍ସବର ଦ୍ୱିତୀୟ ସନ୍ଧ୍ୟାରେ ଶୁକ୍ରବାର କଳାକାରମାନେ ନୃତ୍ୟ ପରିବେଷଣ କରୁଛନ୍ତି।

### ଜାମିନରେ ଆସି ମଦ ବିକି ପୁଣି ଅଭିଯୁକ୍ତ ଗିରଫ

ବାଲୁଗାଁ,୨୦।୩(ସଂଗ୍ରାମ ପାଇକରାୟ)

ବେଆଇନ ମଦ ବିକ୍ରି ମାମଲାରେ ଚିଲିକା କୋର୍ଟ ଜଣେ ଅଭିଯୁକ୍ତଙ୍କୁ ୩ ବର୍ଷ ଜେଲ ଦଣ୍ଡାଦେଶ ଶୁଣାଇଥିଲେ। ତେବେ ଉପର କୋର୍ଟରେ ଅପିଲ ପାଇଁ ଜାମିନରେ ଆସିବା ପରେ ପୁଣି ମଦ ବିକ୍ରି ଅଭିଯୋଗରେ ବାଲୁଗାଁ ପୋଲିସ ସମ୍ପୃକ୍ତ ଅଭିଯୁକ୍ତଙ୍କୁ ଗିରଫ କରିଛି। ସେ ହେଲେ ସ୍ଥାନୀୟ ବଡ଼କୁଳ ଗ୍ରାମର ରାମଚନ୍ଦ୍ର ସାହୁ। ପୋଲିସ ତାଙ୍କ ନିକଟରୁ ୧୦୦ ବୋତଲ ଦେଶୀ ମଦ ଜବତ କରିବା ସହ ଏକ ମାମଲା (ନଂ.୧୦୩/୨୬) ରୁଜୁ କରି ଶୁକ୍ରବାର କୋର୍ଟଚାଲାଣ କରିଛି। ସୂଚନାଥାଉ କି, ଗତ ଜାନୁଆରୀ ୧୯ରେ ବାଲୁଗାଁ ଅବକାରୀ ଟିମ୍ ପାଟ୍ରୋଲିଂ କରୁଥିବା ବେଳେ ସୂଚନା ପାଇ ବଡ଼କୁଳ ନିକଟ ସୁବୁଦ୍ଧିପାଟଣା ଛକରୁ ବେଆଇନ ଦେଶୀ ମଦ ଜବତ କରିବା ସହ ଅଭିଯୁକ୍ତ ରାମଚନ୍ଦ୍ରଙ୍କୁ ଗିରଫ କରି କୋର୍ଟଚାଲାଣ କରିଥିଲା। ଚଳିତ ମାସ ୧୧ତାରିଖରେ ଚିଲିକା ପ୍ରଥମ ଶ୍ରେଣୀ ବିଚାର ବିଭାଗୀୟ ମାଜିଷ୍ଟ୍ରେଟ ଯୁଧିଷ୍ଠିର ଦଳେଇ ଅଭିଯୁକ୍ତଙ୍କୁ ଦୋଷୀ ସାବ୍ୟସ୍ତ କରି ୩ ବର୍ଷ ଜେଲ ଦଣ୍ଡାଦେଶ ଶୁଣାଇଥିଲେ। ତେବେ ଉପର କୋର୍ଟରେ ଅପିଲ ଆବେଦନ ନିମନ୍ତେ ଜାମିନରେ ଆସି ରାମଚନ୍ଦ୍ର ପୁନର୍ବାର ବେଆଇନ ମଦ କାରବାର ଚଳାଇଥିଲେ। ଖବରପାଇ ବାଲୁଗାଁ ଆଇଆଇସି ଜୟ ପ୍ରକାଶ ପରିଡ଼ା ସଦଳବଳ ଗୁରୁବାର ସନ୍ଧ୍ୟାରେ ଚଢ଼ାଉ କରି ସୁବୁଦ୍ଧିପାଟଣା ଛକରୁ ରାମଚନ୍ଦ୍ରଙ୍କୁ ଗିରଫ କରିଥିଲେ।

### ପୂର୍ବତନ ବ୍ଲକ କଂଗ୍ରେସ ସଭାପତି ପଦ୍ମନାଭ ଖାଡ଼ଙ୍ଗାଙ୍କ ସ୍ମୃତିଚାରଣ

ବେଗୁନିଆ,୨୦।୩(ସନ୍ଧ୍ୟାରାଣୀ ମିଶ୍ର)

ବେଗୁନିଆ ବ୍ଲକ କୁଞ୍ଜୁରି ପଞ୍ଚାୟତ ଅନ୍ତର୍ଗତ କୋକସିଂହ ଗ୍ରାମର ପୂର୍ବତନ ବ୍ଲକ କଂଗ୍ରେସ ସଭାପତି ପଦ୍ମନାଭ ଖାଡଙ୍ଗାଙ୍କ ଦଶାହ ଅବସରରେ ସ୍ମୃତିଚାରଣ ସଭା ଅନୁଷ୍ଠିତ ହୋଇଯାଇଛି। ଶିକ୍ଷାବିତ୍ ପୂର୍ଣ୍ଣଚନ୍ଦ୍ର ଦାଶ, ଶିକ୍ଷକ ଜମ୍ବେଶ୍ୱର ମଙ୍ଗରାଜ, ପ୍ରଦୀପ ସାହୁ, ଦେବରାଜ ପରିଡ଼ା, ଲକ୍ଷ୍ମୀ ପ୍ରସାଦ ସାହୁ, ସୁଧାଂଶୁ ଶେଖର ଦାସ, ସରପଞ୍ଚ ଅକ୍ଷୟ ରାଉତରାୟ, ପୂର୍ବତନ ସରପଞ୍ଚ ପଦ୍ମନାଭ ସାହୁ, ଭୋଳାନାଥ ବିଦ୍ୟାପୀଠର ପ୍ରଧାନଶିକ୍ଷକ ଭଗବାନ ମାହାଲଙ୍କ ସମେତ ବହୁ ବ୍ୟକ୍ତି ଯୋଗଦେଇ ସ୍ୱର୍ଗତଙ୍କ ସ୍ମୃତିଚାରଣ କରିଥିଲେ। ଶେଷରେ ଶିକ୍ଷାବିତ୍ ପବିତ୍ର ମୋହନ ଖାଡଙ୍ଗା ଧନ୍ୟବାଦ ଅର୍ପଣ କରିଥିଲେ।

# ଏସ୍‌ପି ବିବେକାନନ୍ଦ ଶର୍ମା ସମ୍ମାନିତ



ଖୋର୍ଦ୍ଧା,୨୦।୩(ପ୍ରଭାତ ପାଣିଗ୍ରାହୀ)

ଭୁବନେଶ୍ୱର ସ୍ଥିତ ପୋଲିସ ଭବନରେ ଆୟୋଜିତ ରାଜ୍ୟସ୍ତରୀୟ ସମ୍ମାନ ସମାରୋହରେ ଖୋର୍ଦ୍ଧା ଜିଲା ଆରକ୍ଷୀ ଅଧୀକ୍ଷକ(ଏସ୍‌ପି) ବିବେକାନନ୍ଦ ଶର୍ମା ସମ୍ମାନିତ ହୋଇଛନ୍ତି। ଓଡ଼ିଶା ପୋଲିସ ମହାନିର୍ଦ୍ଦେଶକ ୱାଇ.ବି. ଖୁରାନିଆ ସମ୍ମାନିତ କରିଛନ୍ତି। ଏହି ସମ୍ମାନ ସେ ୨୦୨୫ମସିହାରେ ଏକ ଏନ୍‌ଡିପିଏସ୍ ମାମଲାରେ ଉତ୍କୃଷ୍ଟ ତଦନ୍ତ ଓ ପ୍ରଭାବଶାଳୀ ପର୍ଯ୍ୟବେକ୍ଷଣ ମାଧ୍ୟମରେ ସଫଳ ଦଣ୍ଡାଦେଶ ସୁନିଶ୍ଚିତ କରିବା ପାଇଁ ପ୍ରଦାନ କରାଯାଇଛି। ଏହି ସମ୍ମାନ ସମାରୋହରେ ଓଡ଼ିଶା ପୋଲିସର ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ। ରାଜ୍ୟର ବିଭିନ୍ନ ସ୍ଥାନରୁ ଆସିଥିବା ଅନେକ ଅଧିକାରୀ ଓ କର୍ମଚାରୀଙ୍କୁ ତାଙ୍କର ଉତ୍କୃଷ୍ଟ ସେବା ପାଇଁ ସମ୍ମାନିତ କରାଯାଇଥିଲା। ଖୋର୍ଦ୍ଧା ପୋଲିସ ମାଦକଦ୍ରବ୍ୟ ବିରୋଧରେ କଡ଼ା କାର୍ଯ୍ୟାନୁଷ୍ଠାନ ଜାରି ରଖିବା ସହିତ ଗୁଣବତ୍ତାପୂର୍ଣ୍ଣ ତଦନ୍ତ ଏବଂ ସମୟୋଚିତ ଦଣ୍ଡାଦେଶ ମାଧ୍ୟମରେ ନ୍ୟାୟ ସୁନିଶ୍ଚିତ କରିବାରେ ପ୍ରତିବଦ୍ଧ ବୋଲି ଏସ୍‌ପି ଶର୍ମା କହିଛନ୍ତି।

# ଡଲ୍‌ଫିନ୍‌ଙ୍କ ସୁରକ୍ଷା, ସଚେତନତା କର୍ମଶାଳା



କୃଷ୍ଣପ୍ରସାଦ,୨୦।୩(କୈଳାସ ଚନ୍ଦ୍ର ପଟ୍ଟନାୟକ)

ପୁରୀ ଜିଲା କୃଷ୍ଣପ୍ରସାଦ ବ୍ଲକ ଅନ୍ତର୍ଗତ ସାତପଡ଼ା ସ୍ଥିତ ଚିଲିକା ଉନ୍ନୟନ କର୍ତ୍ତୃପକ୍ଷ (ସିଡିଏ) ସମ୍ମିଳନୀ କକ୍ଷରେ ବିରଳ ଇରାୱାଡି ଡଲ୍‌ଫିନ୍‌ଙ୍କ ସୁରକ୍ଷା ଓ ସଚେତନତା କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। ଜଙ୍ଗଲ ପରିବେଶ ଓ ଜଳବାୟୁ ପରିବର୍ତ୍ତନ ବିଭାଗ ଏବଂ ସାତପଡ଼ା ବନ୍ୟପ୍ରାଣୀ ବନାଞ୍ଚଳ ପକ୍ଷରୁ ଏହା ଆୟୋଜନ କରାଯାଇଥିଲା। ଏଥିରେ ସାତପଡ଼ା ରେଞ୍ଜ ଅଧିକାରୀ ରଞ୍ଜନ କୁମାର ବେହେରା ଅଧ୍ୟକ୍ଷତା କରିଥିଲେ। ଚିଲିକା ବନଖଣ୍ଡ ସହକାରୀ ବନ ସଂରକ୍ଷକ ସୌମ୍ୟରଞ୍ଜନ ସାହୁ, ସାମୁଦ୍ରିକ ପ୍ରାଣୀ ବୈଜ୍ଞାନିକ ସ୍ୱାଗତିକା ମହାନ୍ତି, ପରିବେଶବିତ୍ ଆକାଶ ରଥ, ସାତପଡ଼ା ସରପଞ୍ଚ ରଶ୍ମିତା ସାମନ୍ତରାୟ, ପିରିଜିପୁର ସରପଞ୍ଚ ଇଂ. ମଳୟ କୁମାର ଜେନା, ଗମ୍ଭାରୀ ସରପଞ୍ଚ ସୁଶାନ୍ତ କୁମାର ପରିଡ଼ା, ସାମାଜିକକର୍ମୀ ରୋହିତ କୁମାର ଜେନା, ପରିବେଶବିତ୍ ନିର୍ମଳ କୁମାର ରଣସିଂହ ପ୍ରମୁଖ ଅତିଥିଭାବେ ଯୋଗଦେଇ ଚିଲିକାରେ ଡଲଫିନକୁ କିପରି ସୁରକ୍ଷା ଦିଆଯାଇ ପାରିବ ସେ ଉପରେ ଆଲୋକପାତ କରିଥିଲେ। ଡଲ୍‌ଫିନ୍ ବଡ଼ ସ୍ତନ୍ୟପାୟୀ ଜୀବ ହୋଇଥିଲେ ମଧ୍ୟ କାହାର କ୍ଷତି କରେ ନାହିଁ। ଚିଲିକାରେ ବ୍ୟବହୃତ ଜାଲ ସେମାନଙ୍କୁ ବହୁତ କ୍ଷତି ପହଞ୍ଚାଉଛି। ଚିଲିକା ବୁଲିବାକୁ ଆସୁଥିବା ପର୍ଯ୍ୟଟକ ଡଙ୍ଗାରେ ଖାଦ୍ୟପଦାର୍ଥ, ବିଭିନ୍ନ ଜରି ପ୍ୟାକେଟ ଓ ପ୍ଲାଷ୍ଟିକକୁ ଚିଲିକାରେ ନ ପିଙ୍ଗି ଡଙ୍ଗାରେ ରଖିବା ସହ ବାହାରେ ଆଣି ଫିଙ୍ଗିବାକୁ ଅତିଥିମାନେ ପରାମର୍ଶ ଦେଇଥିଲେ। ଡଲ୍‌ଫିନ୍‌ଙ୍କ ସୁରକ୍ଷା ପାଇଁ ସ୍ଥାନୀୟ ମତ୍ସ୍ୟଜୀବୀ, ଡଙ୍ଗା ଚାଳକ ସଂଘ ଓ ବୁଦ୍ଧିଜୀବୀ ଆଗେଇ ଆସିବାକୁ ଅତିଥିମାନେ ପରାମର୍ଶ ଦେଇଥିଲେ। ଏହି କାର୍ଯ୍ୟକ୍ରମରେ ସ୍ଥାନୀୟ ଅଞ୍ଚଳର ଡଙ୍ଗା ଚାଳକ ସଂଘ, ବୁଦ୍ଧିଜୀବୀ ଏବଂ ବନବିଭାଗର ଅଧିକାରୀ ଓ କର୍ମଚାରୀ ଯୋଗଦେଇଥିଲେ। ସାତପଡ଼ା ବନପାଳ ସୁଜିତ କୁମାର ବେହେରା, ରାଜହଂସ ବନପାଳ ବିଶ୍ୱନାଥ ଗୁଡ୍ଡୁ, ଅରଖକୁଦା ବନପାଳ ପ୍ରଣୟ କୁମାର ଜୟସିଂହ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

# ରଥଯାତ୍ରାରେ ସାମିଲ ପାଇଁ ଗ୍ରାମେଶ୍ୱର ଦେବଙ୍କୁ ନିମନ୍ତ୍ରଣ

## କପିଳେଶ୍ୱର ଦେବଙ୍କ ବିଜୟା ରଥଯାତ୍ରା

ନିରାକାରପୁର,୨୦।୪(ମାନସ ଚନ୍ଦ୍ର ପଟ୍ଟନାୟକ)

ଖୋର୍ଦ୍ଧା ଜିଲା ଡିଆ ପଞ୍ଚାୟତ ବିଜେ ଡିଆସ୍ଥିତ କପିଳେଶ୍ୱର ଦେବଙ୍କ ପାରମ୍ପରିକ ବିଜୟା ରଥଯାତ୍ରା ଆସନ୍ତା ୨୬ ତାରିଖରେ ଅନୁଷ୍ଠିତ ହେବ। ଏନେଇ ରଥଖଳାରେ ରଥକାର୍ଯ୍ୟ ଆଗେଇ ଚାଲିଛି। ପାରମ୍ପରିକ ରୀତିରେ କପିଳେଶ୍ୱର ଦେବ ଏବଂ ମାତା ପାର୍ବତୀଙ୍କ ସମେତ ଆରେଡି ଗ୍ରାମର ଇଷ୍ଟଦେବ ଗ୍ରାମେଶ୍ୱର ଦେବ ଓ ମାତା ଗ୍ରାମେଶ୍ୱରୀଙ୍କୁ ସାଥିରେ ନେଇ ରଥଯାତ୍ରାରେ ସାମିଲ ହୋଇ ରଥଯାତ୍ରା କରିବାର ପରମ୍ପରା ରହିଛି। ଏନେଇ ଶୁକ୍ରବାର କପିଳେଶ୍ୱର ଦେବଙ୍କ ରଥଯାତ୍ରା ପରିଚାଳନା କମିଟି ପକ୍ଷରୁ ଆରେଡି ଗ୍ରାମର ଇଷ୍ଟଦେବ ତଥା କପିଳେଶ୍ୱର ଦେବଙ୍କ ବଡ଼ଭାଇ ଗ୍ରାମେଶ୍ୱର ଦେବଙ୍କୁ ଏହି ରଥଯାତ୍ରାକୁ ଆସିବା ନିମନ୍ତେ ନିମନ୍ତ୍ରଣ କରାଯାଇଥିବା ପରିଚାଳନା କମିଟିର କିଶୋର କୁମାର ଦାଶ ସୂଚନା ଦେଇଛନ୍ତି। ଘଣ୍ଟ, ଘଣ୍ଟି, ବାଦ୍ୟ, ହରିବୋଲ ହୁଳହୁଳି ସହ ନାମ ସଂକୀର୍ତ୍ତନରେ ଉକ୍ତ ସମୟରେ ପୀଠରେ ଆଧ୍ୟାତ୍ମିକ ପରିବେଶ ସୃଷ୍ଟି ହୋଇଥିଲା। ପ୍ରସ୍ତୁତି କାର୍ଯ୍ୟ ଆଗେଇ ଚାଲିଥିବା ବେଳେ ଅନ୍ୟାନ୍ୟ କାର୍ଯ୍ୟକ୍ରମ ଅନ୍ତିମ ପର୍ଯ୍ୟାୟରେ ପହଞ୍ଚିଥିବା ପରିଚାଳନା କମିଟିର ସଦସ୍ୟ ମାନସ ଚନ୍ଦ୍ର ପଟ୍ଟନାୟକ ଏବଂ ସାରଙ୍ଗଧର ମହାପାତ୍ର କହିଛନ୍ତି।



# କଲ୍ୟାଣପୁର, କାଇପଦର ସେମିରେ

ଖୋର୍ଦ୍ଧା,୨୦।୩(ପ୍ରଭାତ ପାଣିଗ୍ରାହୀ)

ଖୋର୍ଦ୍ଧା ବ୍ଲକ କାଇପଦର ପଞ୍ଚାୟତ ଅନ୍ତର୍ଗତ ଦେଉଳଟାଙ୍ଗୀ ମା' ବଘେଇ କ୍ରିକେଟ ଆସୋସିଏଶନ ଆନୁକୂଲ୍ୟରେ ଚାଲିଥିବା କ୍ରିକେଟ ଟୁର୍ଣ୍ଣାମେଣ୍ଟରେ କଲ୍ୟାଣପୁର ଏବଂ କାଇପଦର ଟିମ୍ ସେମିଫାଇନାଲରେ ପ୍ରବେଶ କରିଛନ୍ତି। ଶୁକ୍ରବାର ପ୍ରଥମ ମ୍ୟାଚ୍ କଲ୍ୟାଣପୁର ଓ ସାରୁଅ ଟିମ୍ ମଧ୍ୟରେ ହୋଇଥିଲା। କଲ୍ୟାଣପୁର ଟିମ୍ ପ୍ରଥମେ ବ୍ୟାଟିଂ କରି ୧୫ ଓଭରରେ ୭ ଉଇକେଟ ବିନିମୟରେ ୧୬୧ରନ ସଂଗ୍ରହ କରିଥିଲା। ଜବାବରେ ସାରୁଅ ଟିମ୍ ୧୫ ଓଭରରେ ୮ଉଇକେଟ ବିନିମୟରେ ୧୩୨ରନ କରିଥିଲା। ଫଳରେ କଲ୍ୟାଣପୁର ଟିମ୍ ୨୯ରନରେ ବିଜୟୀ ହୋଇ ସେମିଫାଇନାଲରେ ପ୍ରବେଶ କରିଛି। ଦଳ ପକ୍ଷରୁ ସାଗର ଶତପଥୀ ୧୭ ବଲରୁ ୪୩ ରନ କରି ମ୍ୟାନ ଅଫ୍ ଦି ମ୍ୟାଚ ବିବେଚିତ ହୋଇଥିଲେ। ସେହିପରି ଦ୍ୱିତୀୟ ମ୍ୟାଚ୍ କାଇପଦର ଓ କୁଶପଲ୍ଲା ଟିମ୍ ମଧ୍ୟରେ ହୋଇଥିଲା। କୁଶପଲ୍ଲା ଟିମ୍ ପ୍ରଥମେ ବ୍ୟାଟିଂ କରି ୧୫ ଓଭରରେ ୮ଉଇକେଟ ବିନିମୟରେ ୧୨୨ରନ ସଂଗ୍ରହ କରିଥିଲା। ଜବାବରେ କାଇପଦର ଟିମ୍ ୧୦.୧ ଓଭରରେ ୪ଉଇକେଟ ବିନିମୟରେ ୧୨୪ରନ ସଂଗ୍ରହ କରିଥିଲା। ଫଳରେ ୬ଉଇକେଟରେ କାଇପଦର ଟିମ୍ ବିଜୟୀ ହୋଇ ସେମିଫାଇନାଲରେ ପ୍ରବେଶ କରିଛି। ଦଳ ପକ୍ଷରୁ ସୁରେନ୍ଦ୍ର ଚମ୍ପତିରାୟ ୩୧ବଲରେ ୬୬ ରନ କରି ମ୍ୟାନ ଅଫ୍ ଦି ମ୍ୟାଚ ବିବେଚିତ ହୋଇଥିଲେ। ଝଜ ସାମନ୍ତରାୟ ଏବଂ ଗୋପୀନାଥ ମାଝି ମ୍ୟାଚ୍ ପରିଚାଳନା କରିଥିଲେ। ବିଭୂଷ କୁମାର ପ୍ରଧାନ ସ୍କୋରର ଏବଂ ସତ୍ୟବ୍ରତ ସ୍ୱାଇଁ ଭାଷ୍ୟକାର ଭାବେ ଦାୟିତ୍ୱ ତୁଲାଇଥିଲେ।



### ଜଙ୍ଗଲରେ ମଦ ପ୍ରସ୍ତୁତ ବେଳେ ଅଭିଯୁକ୍ତ ଗିରଫ

ପୁରୀ,(ଅଜିତ୍ କୁମାର ମହାନ୍ତି)- ସଦର ଥାନା ଅନ୍ତର୍ଗତ ସମଙ୍ଗ ଜଳଭଣ୍ଡାର ନିକଟରେ ଥିବା ଜଙ୍ଗଲ ଭିତରେ ଦେଶୀମଦ ପ୍ରସ୍ତୁତ ବେଳେ ପୋଲିସ ଜଣେ ଅଭିଯୁକ୍ତଙ୍କୁ ଗିରଫ କରିଛି। ତାଙ୍କଠାରୁ ପୋଲିସ ୫୦ ଲିଟର ଦେଶୀ ମଦ ସମେତ ୧୩୨୦ ଲିଟର ପୋଚ ଜବତ କରି ଏହାକୁ ନଷ୍ଟ କରିଛି। ନିଶାସକ୍ତ ଥିବା ଅଭିଯୁକ୍ତଙ୍କୁ ମେଡିକାଲ ପଠାଯାଇଛି। ଏନେଇ ତଦନ୍ତ କରାଯାଉଛି। ଏସ୍‌ପି ପ୍ରତୀକ ସିଂଙ୍କ ନିର୍ଦ୍ଦେଶକ୍ରମେ ଗଠିତ ସ୍ୱତନ୍ତ୍ର ଟିମ୍ ଖବରପାଇ ଉକ୍ତ ଅଞ୍ଚଳରେ ଚଢ଼ାଉ କରିଥିଲା। ଗିରଫ ଅଭିଯୁକ୍ତଙ୍କ ନାମରେ ପୂର୍ବରୁ ଥାନାରେ ଅଭିଯୋଗ ରହିଛି। ପୋଲିସ ଅଭିଯୁକ୍ତଙ୍କ ନାମ ପ୍ରକାଶ କରିନାହାଁନ୍ତି। ତେବେ ଆଗକୁ ମଧ ଚଢ଼ାଉ ଅଭିଯାନ ଜାରି ରହିବ ବୋଲି ପୋଲିସ ପକ୍ଷରୁ କୁହାଯାଇଛି।

## ଶ୍ରୀମନ୍ଦିର ହୁଣ୍ଡିରୁ ଆୟ



୨୦।୩।୨୦୨୬

| | |
|---|---|
| ୬,୯୭,୪୪୯ ଟଙ୍କା | |
| ସୁନା | ୮୦ ମିଲିଗ୍ରାମ୍ |
| ରୁପା | ୩୯ ଗ୍ରାମ୍ |

# ‘ପଖାଳ ଆମ ପରମ୍ପରା, ସଂସ୍କୃତି ସହ ଜଡ଼ିତ’

### ଜିଲା ପ୍ରଶାସନ ପକ୍ଷରୁ ପଖାଳ ଦିବସ ପାଳିତ

ପୁରୀ,୨୦ା୩(ଅଜିତ୍ କୁମାର ମହାନ୍ତି)

ପର୍ଯ୍ୟଟନ ବିଭାଗ ପକ୍ଷରୁ ଜିଲା ପ୍ରଶାସନ ସହଯୋଗରେ ପାନ୍ଥନିବାସରେ ଶୁକ୍ରବାର ପୁରୀ ଜିଲାସ୍ତରୀୟ ବିଶ୍ୱ ପଖାଳ ଦିବସ ପାଳିତ ହୋଇଯାଇଛି। ଆଭାସୀ ମାଧ୍ୟମରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ, ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା ଓ ମନ୍ତ୍ରିମଣ୍ଡଳର ଅନ୍ୟାନ୍ୟ ସଦସ୍ୟ, ବିଧାୟକ ପ୍ରମୁଖ ପଖାଳ ଦିବସର ତାତ୍ପର୍ଯ୍ୟ ଏବଂ ଓଡ଼ିଆ ଅସ୍ମିତା ସହ ପଖାଳର ସମ୍ପର୍କ ଉପରେ ଗୁରୁତ୍ୱାରୋପ କରିଥିଲେ। ବିଦେଶର ଏକାଧିକ ରାଷ୍ଟ୍ର ସହ ଦେଶର ବିଭିନ୍ନ ସ୍ଥାନରେ ପାଳିତ ହେଉଥିବା ଏହି କାର୍ଯ୍ୟକ୍ରମ ସହ ମୁଖ୍ୟମନ୍ତ୍ରୀ ଆଭାସୀ ମାଧ୍ୟମରେ ସଂଯୁକ୍ତ ହୋଇ ଶୁଭେଚ୍ଛା ଜଣାଇଥିଲେ। ପୁରୀ ପାନ୍ଥନିବାସରେ ଜିଲାପାଳ ଦିବ୍ୟଜ୍ୟୋତି ପରିଡ଼ା ଆଭାସୀ ମାଧ୍ୟମରେ ମଧ ଏହି କାର୍ଯ୍ୟକ୍ରମରେ ଉପସ୍ଥିତ ଥିଲେ। ପଖାଳ ଆମ ପରମ୍ପରା ଓ ସଂସ୍କୃତି ସହ ଜଡ଼ିତ। ଏହା ସମସ୍ତ ବର୍ଗଙ୍କ ପାଇଁ ଏକ ସୁଖାଦ୍ୟ ବୋଲି ଜିଲାପାଳ ପରିଡା କହିବା ସହ ପଖାଳ ଖାଇଥିଲେ। ଅତିରିକ୍ତ ଜିଲାପାଳ (ପ୍ରଶାସନ) ଶରତ ଚନ୍ଦ୍ର ବେହେରା, ଅତିରିକ୍ତ ଜିଲାପାଳ (ରାଜସ୍ୱ) ଡ. ଶରତ ଚନ୍ଦ୍ର ମହାପାତ୍ର, ଅତିରିକ୍ତ ଜିଲାପାଳ (ପ୍ରୋଟୋକଲ) ନୀଳମାଧବ ଭୋଇ, ଶ୍ରୀମନ୍ଦିର ପ୍ରଶାସନର ଉନ୍ନୟନ ପ୍ରଶାସକ ଦେବେନ୍ଦ୍ରନାଥ ସାହୁ, ପୌରନିର୍ବାହୀ ଅଧିକାରୀ ଅଭିମନ୍ୟୁ ବେହେରା, ଉପଜିଲାପାଳ ରାଜକିଶୋର ଜେନା, ଶ୍ରୀମନ୍ଦିର ଉପମୁଖ୍ୟ ପ୍ରଶାସକ ରଞ୍ଜନ କୁମାର ବେହେରା, ଡେପୁଟି କଲେକ୍ଟର ପ୍ରିୟଦର୍ଶିନୀ ମଲ୍ଲିକ, ଅନୁଶ୍ରବ ଗନ୍ତାୟତ ପ୍ରମୁଖ ଯୋଗଦେଇଥିଲେ। ପର୍ଯ୍ୟଟନ ସହକାରୀ ନିର୍ଦ୍ଦେଶକ ସରୋଜକାନ୍ତ ପ୍ରଧାନ ସମସ୍ତଙ୍କୁ ସ୍ୱାଗତ ସହ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଏହି ଅବସରରେ ପାନ୍ଥନିବାସରେ ପର୍ଯ୍ୟଟକ ମାନେ ପଖାଳ ଖାଇ ଖୁସିବ୍ୟକ୍ତ କରିଥିଲେ। ପୁରୀର ବିଭିନ୍ନ ସ୍ଥାନରେ ବିବିଧ ଅନୁଷ୍ଠାନ ପକ୍ଷରୁ ପଖାଳ ଦିବସ ପାଳନ କରାଯାଇଛି।



ପାନ୍ଥନିବାସରେ ପଖାଳ ଦିବସ ପାଳନ ଅବସରରେ ଜିଲାପାଳ ଏବଂ ଅନ୍ୟ ଅଧିକାରୀମାନେ ପଖାଳ ଖାଉଛନ୍ତି ।

## ଫିଟ୍‌ନେସ୍, ସଂସ୍କୃତି, ସାମ୍ପ୍ରଦାୟିକ ସମ୍ପର୍କକୁ ଏକତ୍ର କରିବ

ପୁରୀ,୨୦ା୩(ଅଜିତ୍ କୁମାର ମହାନ୍ତି)

ଫିଟ୍ ଇଣ୍ଡିଆ କାର୍ନିଭାଲ୍ ଆସନ୍ତା ୨୧ରୁ ୨୩ ପର୍ଯ୍ୟନ୍ତ ପୁରୀର ଗୋଲ୍ଡେନ ବିଚ୍‌ରେ ଅନୁଷ୍ଠିତ ହେବ। ଏହା ଦେଶବ୍ୟାପୀ ଫିଟ୍ ଇଣ୍ଡିଆ ଆନ୍ଦୋଳନ ଅଧୀନରେ ଫିଟନେସ୍, ସଂସ୍କୃତି ଏବଂ ସାମ୍ପ୍ରଦାୟିକ ସମ୍ପର୍କକୁ ଏକତ୍ର କରିବ। ଏନେଇ ପ୍ରଶାସନ ପକ୍ଷରୁ ଶୁକ୍ରବାର ସ୍ୱତନ୍ତ୍ର ସର୍କିଟ ହାଉସ୍‌ଠାରେ ଖବରଦାତା ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ଆୟୋଜିତ ହେବାକୁ ଥିବା ଏହି ୩ଦିନିଆ କାର୍ନିଭାଲ୍ ଭାରତୀୟ କ୍ରୀଡ଼ା ପ୍ରାଧିକରଣ, ଆଞ୍ଚଳିକ କେନ୍ଦ୍ର କୋଲକାତା ଦ୍ୱାରା ଓଡ଼ିଶା ରାଜ୍ୟ କ୍ରୀଡ଼ା ବିଭାଗ ଏବଂ ଜିଲା ପ୍ରଶାସନର ସହଯୋଗରେ ଆୟୋଜିତ ହେଉଛି। କାର୍ନିଭାଲ୍ ପୁରୀ ସଂସ୍କରଣ ଓଡ଼ିଶାର ସମୃଦ୍ଧ ସାଂସ୍କୃତିକ ଐତିହ୍ୟକୁ ଆଧୁନିକ ଫିଟନେସ୍ ଅଭ୍ୟାସ ସହିତ ମିଶ୍ରଣ କରିବା ପାଇଁ ଚିନ୍ତାଶୀଳ ଭାବରେ ଡିଜାଇନ୍ କରାଯାଇଛି, ଯାହା ପରମ୍ପରାକୁ ସମସାମୟିକ ସୁସ୍ଥତା ସହ ସଂଯୋଗ କରୁଥିବା ଏକ ଅନନ୍ୟ ଅଭିଜ୍ଞତା ସୃଷ୍ଟି କରିବ ବୋଲି ଭାରତୀୟ କ୍ରୀଡ଼ା ପ୍ରାଧିକରଣର ଆଞ୍ଚଳିକ ନିର୍ଦ୍ଦେଶକ ଶିବାନନ୍ଦ ମିଶ୍ର କହିଛନ୍ତି। ସମ୍ମିଳନୀରେ ଅନ୍ୟମାନଙ୍କ ମଧ୍ୟରେ ସୂଚନା ଓ ଲୋକ ସମ୍ପର୍କ ଉପନିର୍ଦ୍ଦେଶକ ସନ୍ତୋଷ କୁମାର ସେଠୀ, ସାଇବର ସହକାରୀ ନିର୍ଦ୍ଦେଶକ କରଣ ସଦୱାନୀ, ଉପନିର୍ଦ୍ଦେଶକ ତ୍ରୈଲୋକ୍ୟନାଥ ସାହୁ, ଜିଲା କ୍ରୀଡ଼ା ଅଧିକାରୀ ଚନ୍ଦନ କୁମାର ସାହୁ ପ୍ରମୁଖ ଉପସ୍ଥିତ ଥିଲେ।

## ଚେକିଂ କଡ଼ାକଡ଼ି, ୨.୧୭ ଲକ୍ଷ ଟଙ୍କା ଜରିମାନା ଆଦାୟ

ପୁରୀ,୨୦ା୩(ଅଜିତ୍ କୁମାର ମହାନ୍ତି)

ପୁରୀ ଜିଲାରେ ସଡ଼କ ସୁରକ୍ଷାକୁ ଅଧିକ ସୁଦୃଢ଼ କରିବା ଓ ଯାତାୟାତ ନିୟମ ପାଳନକୁ କଡ଼ାକଡ଼ି କରିବା ପାଇଁ ପୋଲିସ ପକ୍ଷରୁ ବିଭିନ୍ନ ସ୍ଥାନରେ ନାକା ଚେକିଂ ଅଭିଯାନ ଚାଲୁ ରହିଛି। ଏହି ବ୍ୟାପକ ଅଭିଯାନ ଅନୁଷ୍ଠାନରେ ଯାତାୟାତ ନିୟମ ଉଲ୍ଲଙ୍ଘନକାରୀଙ୍କ ବିରୋଧରେ କଡ଼ା କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି। ଏହି ଅଭିଯାନ ସମୟରେ ଜିଲାର ସମସ୍ତ ପୋଲିସ ଷ୍ଟେଶନ ଅଞ୍ଚଳରେ ଚେକିଂ କରାଯାଇ ମୋଟ ୨.୧୭ ଲକ୍ଷ ଟଙ୍କା ଜରିମାନା ଆଦାୟ କରାଯାଇଛି। ଟ୍ରାଫିକ ପୋଲିସ ଷ୍ଟେଶନରୁ ୧.୨୭ ଲକ୍ଷ ଟଙ୍କା, ବାସେଳୀସାହି ଥାନାରୁ ୧୦ ହଜାର ଟଙ୍କା, କୁମ୍ଭାରପଡ଼ା ଥାନାରୁ ୮,୫୦୦ ଟଙ୍କା, ବ୍ରହ୍ମଗିରି ଥାନାରୁ ୮ହଜାର ଟଙ୍କା, ସିଂହଦ୍ୱାର ଥାନାରୁ ୭,୫୦୦ ଟଙ୍କା, ତାଳବଣିଆ ଥାନାରୁ ୭ହଜାର ଟଙ୍କା, କୋଣାର୍କ ଥାନାରୁ ୭ ହଜାର ଟଙ୍କା, ସତ୍ୟବାଦୀ ଥାନାରୁ ୭ ହଜାର ଟଙ୍କା, ସମୁଦ୍ରକୂଳ ଥାନାରୁ ୬ ହଜାର ଟଙ୍କା, ବାଲିଆପଣ୍ଡା ଥାନାରୁ ୬ ହଜାର ଟଙ୍କା, ବଳଙ୍ଗା ଥାନାରୁ ୬ ହଜାର ଟଙ୍କା, କାକଟପୁର ଥାନାରୁ ୬ ହଜାର ଟଙ୍କା, ଚନ୍ଦ୍ରଭାଗା ମେରାଇନ ଥାନାରୁ ୪ ହଜାର, ଗୋପ ଥାନାରୁ ୩,୫୦୦ ଟଙ୍କା, ଅସ୍ତରଙ୍ଗ ଥାନାରୁ ୩ ହଜାର ଟଙ୍କା, ପେଣ୍ଠକଟା ଥାନାରୁ ୩ ହଜାର ଟଙ୍କା, ରାମଚଣ୍ଡୀ ଥାନାରୁ ୩ ହଜାର, ଅସ୍ତରଙ୍ଗ ମେରାଇନ୍ ଥାନାରୁ ୨ ହଜାର ଟଙ୍କା, ଅରଖକୁଦା ମେରାଇନ ପୋଲିସ ଷ୍ଟେଶନ ୨ ହଜାର ଟଙ୍କା, ଚାରିଛକ ଥାନାରୁ ୧,୫୦୦ ଟାଙ୍କା ଆଦାୟ କରାଯାଇଛି। ଅଭିଯାନର ମୂଳ ଉଦ୍ଦେଶ୍ୟ ରହିଛି ସଡ଼କରେ ଶୃଙ୍ଖଳା ବଜାୟ ରଖିବା, ଦୁର୍ଘଟଣା କମାଇବା ଓ ସାଧାରଣ ଲୋକଙ୍କୁ ଯାତାୟାତ ନିୟମ ପାଳନ ପାଇଁ ସଚେତନ କରିବା। ପୋଲିସ ସଦାସର୍ବଦା ଲୋକଙ୍କ ସୁରକ୍ଷା ପାଇଁ ପ୍ରତିବଦ୍ଧ ବୋଲି ମତପ୍ରକାଶ କରିଥିଲେ।

## ସଂକ୍ଷେପରେ

### ଜିଲାର ଆଧାରକାର୍ଡ ପ୍ରସ୍ତୁତିର ସମୀକ୍ଷା

ପୁରୀ,୨୦ା୩(ଅଜିତ୍ କୁମାର ମହାନ୍ତି)

ସର୍କିଟ୍‌ହାଉସରେ ଅତିରିକ୍ତ ଜିଲାପାଳ (ପ୍ରୋଟୋକଲ) ନୀଳମାଧବ ଭୋଇଙ୍କ ଅଧ୍ୟକ୍ଷତାରେ ଜିଲାରେ ଆଧାରକାର୍ଡ ପ୍ରସ୍ତୁତି ସଂକ୍ରାନ୍ତ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଯାଇଛି। ଜିଲାର ୧୧ଟି ବ୍ଲକରେ ସମୁଦାୟ ୧୪ଲକ୍ଷ ୭୧ହଜାର ୯୧୬ ଜଣଙ୍କ ଆଧାରକାର୍ଡ ପ୍ରସ୍ତୁତି ସରିଛି। ସେଥିମଧ୍ୟରୁ ୦ରୁ ୫ ବର୍ଷ ଶିଶୁ, ୯୧,୦୦୭ ମଧ୍ୟରୁ ୪୦,୯୨୪ ଜଣଙ୍କ ଆଧାରକାର୍ଡ ପ୍ରସ୍ତୁତି ହୋଇଛି। ୫ରୁ ୧୮ବର୍ଷ ମଧ୍ୟରେ ୨ ଲକ୍ଷ ୬୫ ହଜାର ୬୦୩ ଜଣ, ୧୮ବର୍ଷରୁ ଊର୍ଦ୍ଧ୍ୱ ୧୧ ଲକ୍ଷ ୬୫ ହଜାର ୩୮୯ ଜଣଙ୍କର ଆଧାରକାର୍ଡ ପ୍ରସ୍ତୁତି ସରିଛି। ଜିଲାରେ ପୂର୍ଣ୍ଣାଙ୍ଗ ଆଧାରକାର୍ଡ ପ୍ରସ୍ତୁତି ପାଇଁ ଶିକ୍ଷା, ସ୍ୱାସ୍ଥ୍ୟ ଓ ଯୋଗାଣ ବିଭାଗର ଅଧିକାରୀଙ୍କୁ ପରାମର୍ଶ ଦେଇଥିଲେ। ପ୍ରତି ୧୦ ବର୍ଷରେ ଆଧାରକାର୍ଡ ଅପଡେଟ୍ କରିବା ସମସ୍ତ ବର୍ଗର ଲୋକଙ୍କ ପାଇଁ ନିହାତି ଆବଶ୍ୟକ ବୋଲି ୟୁଡିଆଇ ଅଧିକାରୀ କହିଥିଲେ।

### ‘ଘର ହିଁ ବିଦ୍ୟାଳୟ’ କାର୍ଯ୍ୟକ୍ରମ

ସାକ୍ଷୀଗୋପାଳ,୨୦ା୩(ପ୍ରଶାନ୍ତ କୁମାର ବାରିକ/କିଶୋର ମହାପାତ୍ର)

ବାସୁକେରା ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ପରିସରରେ ଶୁକ୍ରବାର ଶିଶୁବାଟିକା ପକ୍ଷରୁ ଶିକ୍ଷା ବିକାଶ ସମିତିର ସ୍ୱତନ୍ତ୍ର କାର୍ଯ୍ୟକ୍ରମ ‘ଘର ହିଁ ବିଦ୍ୟାଳୟ’ ଅନୁଷ୍ଠିତ ହୋଇଯାଇଛି। ଉକ୍ତ କାର୍ଯ୍ୟକ୍ରମରେ ଶିଶୁ ବାଟିକାର ବିଦ୍ୟାର୍ଥୀଙ୍କ ଅଭିଭାବିକା ଅଭିଭାବକ ଯୋଗଦେଇଥିଲେ। ମୁଖ୍ୟ ଅତିଥି ଭାବେ ପୂର୍ବ ସଂଭାଗ ଶିଶୁବାଟିକା ସଂଯୋଜକ ପବିତ୍ର କୁମାର ପଣ୍ଡା, ସମ୍ମାନିତ ଅତିଥି ଭାବେ ଅନୁଷ୍ଠାନର ପରିଚାଳନା ପରିଷଦ ସଭାପତି ଜୟନ୍ତ କୁମାର ତ୍ରିପାଠୀ ଓ ସମ୍ପାଦକ ବାଉରିବନ୍ଧୁ ସ୍ୱାଇଁ ଯୋଗଦେଇ ସାମ୍ପ୍ରତିକ ସମୟରେ ଶିକ୍ଷାକୁ ଏକ ବୋଝ ଭାବେ ଶିଶୁଙ୍କ ଉପରେ ଲଦି ଦେବା ଉଚିତ ନୁହେଁ ବୋଲି କହିଥିଲେ । ବରିଷ୍ଠ ଅଚାର୍ଯ୍ୟା ସବିତା ମିଶ୍ର, ଆଚାର୍ଯ୍ୟ ନିରଞ୍ଜନ ବେହେରା, ସସ୍ମିତା ବିଶ୍ୱାଳ ପ୍ରମୁଖ ଉପସ୍ଥିତ ଥିଲେ।

## ସାଇବର ଠକେଇରୁ ସୁରକ୍ଷା ସଂକ୍ରାନ୍ତ ପ୍ରଶିକ୍ଷଣ ଶିବିର




ପ୍ରଶିକ୍ଷଣ କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥି ଓ ପ୍ରଶିକ୍ଷକଙ୍କ ସହ ଛାତ୍ରୀଛାତ୍ରମାନେ । (ଫଟୋ – ଯଜ୍ଞେଶ୍ୱର ମହାନ୍ତି)

ପୁରୀ,୨୦ା୩( ଅଜିତ୍ କୁମାର ମହାନ୍ତି)

ଟେଲି ଯୋଗାଯୋଗ ବିଭାଗର ଓଡ଼ିଶା ଲାଇସେନ୍ସ ସେବା ଆଞ୍ଚଳିକ କାର୍ଯ୍ୟାଳୟ ସହଯୋଗରେ କେନ୍ଦ୍ରୀୟ ସଂସ୍କୃତ ବିଶ୍ୱବିଦ୍ୟାଳୟର ଶ୍ରୀସଦାଶିବ ପରିସରରେ ଏକ ସାଇବର ସଚେତନତା ପ୍ରଶିକ୍ଷଣ ଶିବିର ଅନୁଷ୍ଠିତ ହୋଇଯାଇଛି। କେନ୍ଦ୍ର ସରକାରଙ୍କ ଦୂରସଞ୍ଚାର ବିଭାଗର ନିର୍ଦ୍ଦେଶକ (ସୁରକ୍ଷା) ଶ୍ରୀନିବାସ ରାଓ ମୁଖ୍ୟ ପ୍ରଶିକ୍ଷକ ଭାବେ ଯୋଗଦେଇ ସାଇବର ଠକେଇର ବିଭିନ୍ନ ସଚେତନତା ସମ୍ପର୍କରେ ବୁଝାଇଥିଲେ।

ନିର୍ଦ୍ଦେଶକ ରାଓ କହିଛନ୍ତି ଯେ, ଜଣେ ବ୍ୟକ୍ତିଙ୍କ ନାମରେ କେତୋଟି ମୋବାଇଲ୍ ସଂଯୋଗ ରହିଛି ତାହା ଯାଞ୍ଚ କରିବା, ସନ୍ଦେହଜନକ କାରବାର ବିଷୟରେ ଅଭିଯୋଗ କରିବା ଏବଂ ଚୋରି ହୋଇଥିବା ମୋବାଇଲ୍‌କୁ ବ୍ଲକ୍ କରିବା ପାଇଁ ‘ସଞ୍ଚାର ସାଥୀ’ ପୋର୍ଟାଲରେ ବିଭିନ୍ନ ସୁବିଧା ଉପଲବ୍ଧ ଅଛି। କାର୍ଯ୍ୟକ୍ରମରେ ୩୦୦ରୁ ଅଧିକ ଛାତ୍ରୀଛାତ୍ର ଅଂଶଗ୍ରହଣ କରିଥିଲେ। ସେମାନଙ୍କୁ ଡିଜିଟାଲ୍ ଗିରଫଦାରୀ ଠକେଇ, ଫିସିଂ ଆକ୍ରମଣ, ଓଟିପି ଆଧାରିତ ଆର୍ଥିକ ଠକେଇ ଏବଂ ନୂତନ ଉପାୟରେ ହେଉଥିବା ସାଇବର ଅପରାଧ ବିଷୟରେ ସଚେତନ କରାଯାଇଥିଲା। ଟେଲିକମ୍ ବ୍ୟବସ୍ଥାକୁ ବ୍ୟବହାର କରି ହେଉଥିବା ସନ୍ଦେହଜନକ କାରବାର ସମ୍ପର୍କରେ ‘ସଞ୍ଚାର ସାଥୀ’ ଆପ୍ ଓ ପୋର୍ଟାଲ ମାଧ୍ୟମରେ ସୂଚନା ଦେବାକୁ ମଧ ପ୍ରେରିତ କରାଯାଇଥିଲା। ସାଇବର ଠକେଇ ଘଟିଥିଲେ, ୨୪ ଘଣ୍ଟା ମଧ୍ୟରେ ଜାତୀୟ ହେଲ୍ପଲାଇନ୍ ନମ୍ବର ୧୯୩୦ କିମ୍ବା ଜାତୀୟ ସାଇବର ଅପରାଧ ରିପୋର୍ଟିଂ ପୋର୍ଟାଲ୍‌ରେ ଅଭିଯୋଗ କରିବାକୁ ଅନୁରୋଧ କରାଯାଇଥିଲା। ସମ୍ପର୍କର ସାଧାରଣ ସମ୍ପାଦକ ସୌମେନ୍ଦ୍ର ଦାସଙ୍କ ସଂଯୋଜନାରେ ଆୟୋଜିତ ଏହି ଶିବିରରେ ଡ. ନନ୍ଦିଘୋଷ ମହାପାତ୍ର, ଡ. ପୀତାମ୍ବର ମିଶ୍ର, ରାକେଶ କୁମାର ବାରିକ, ଶୁଭ ପ୍ରସାଦ ଶର୍ମା ଓ ବିଶ୍ୱଜିତ୍ ମିଶ୍ର ପ୍ରମୁଖ ସହଯୋଗ କରିଥିଲେ।

## ବାଉଁଶ ବୋଝେଇ ଗାଡ଼ି ଓଲଟି ଜଣେ ମୃତ, ୪ ଆହତ

ପିପିଲି/ପୁରୁଣା ଭୁବନେଶ୍ୱର,୨୦ା୩ (ଦୁର୍ଗାମାଧବ ମିଶ୍ର/ସୁବାସ ଚନ୍ଦ୍ର ପ୍ରଧାନ)

ପୁରୀ ଜିଲା ପିପିଲି ଥାନା ଅଧୀନ କୁଞ୍ଜରସଂଗଳାଇ କେନାଲ ବନ୍ଧରେ ଶୁକ୍ରବାର ମଧ୍ୟାହ୍ନ ପ୍ରାୟ ୧୨ଟାରେ ଏକ ଟେଣ୍ଟ ହାଉସର ବାଉଁଶ ବୋଝେଇ ଟାଟା ଏସି ଗାଡ଼ି ଓଲଟି ପଡିବାରୁ ଜଣଙ୍କ ମୃତ୍ୟୁ ଘଟିବା ସହ ୪ ଜଣ ଆହତ ହୋଇଛନ୍ତି। ମୃତକ ହେଲେ ସ୍ଥାନୀୟ ସଂଗଳାଇ ଶାସନ ଗ୍ରାମର ଷଣ୍ଢ ଓରଫ ଉତ୍ତମ ଭୋଇ(୩୨)। ଆହତମାନେ ହେଲେ ଲିପୁ ମାହାନ୍ତ ଓରଫ ଦାରା, ଚିତନ ଭୋଇ, ଡ୍ରାଇଭର କାବୁଲା ପ୍ରଧାନ ଏବଂ ଲିଟୁ । ପୋଲିସ ସୂଚନା ମୁତାବକ, ଟାଟା ଏସି ଗାଡ଼ିଟି ସ୍ଥାନୀୟ ଗୋବିନ୍ଦପୁର ଗ୍ରାମରୁ ଟେଣ୍ଟ ହାଉସ ସରଞ୍ଜାମ ସହ ବାଉଁଶ ବୋଝେଇ କରି ସଂଗଳାଇ ଗ୍ରାମକୁ ଡେଲାଙ୍ଗ ଡିଷ୍ଟ୍ରିବ୍ୟୁଟାରୀ କେନାଲ ବନ୍ଧର ବାମ ପାର୍ଶ୍ୱ ଦେଇ ଫେରୁଥିଲାବେଳେ ଅଠରମାଣ ନିକଟରେ ଭାରସାମ୍ୟ ହରାଇବାରୁ ବନ୍ଧପାର୍ଶ୍ୱକୁ ଓଲଟି ପଡ଼ିଥିଲା। ଡ୍ରାଇଭର ଓ ଭ୍ୟାନ ଉପରେ ବସିଥିବା ୪ ଶ୍ରମିକ ତଳକୁ ଛିଟିକି ପଡ଼ିଥିଲେ। ଉପରେ ବସିଥିବା ଉତ୍ତମଙ୍କ ବେକରେ ବାଉଁଶ ଚାପି ହୋଇ ରହିବାରୁ ଘଟଣାସ୍ଥଳରେ ତାଙ୍କର ମୃତ୍ୟୁ ଘଟିଥିଲା। ଏହି ଘଟଣା ନେଇ ସ୍ଥାନୀୟ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି।

## ଚୈତ୍ରଶୁକ୍ଳ ପ୍ରତିପଦାରେ ରାଷ୍ଟ୍ରୀୟ ହିନ୍ଦୁ ନବବର୍ଷ

ପୁରୀ,୨୦ା୩( ଅଜିତ୍ କୁମାର ମହାନ୍ତି)

ଚୈତ୍ର ଶୁକ୍ଳ ପ୍ରତିପଦା ଅବସରରେ ଶ୍ରୀଜଗନ୍ନାଥ ସଂସ୍କୃତି ପ୍ରଚାର ସମିତି ଆନୁକୂଲ୍ୟରେ ରାଷ୍ଟ୍ରୀୟ ନବବର୍ଷ ପାଳିତ ହୋଇଯାଇଛି। ପଥୁରିଆ ସାହିସ୍ଥିତ ଶ୍ରୀଜଗନ୍ନାଥ ସଂସ୍କୃତି ପ୍ରଚାର ସମିତି ଆନୁକୂଲ୍ୟରେ ଶ୍ରୀମନ୍ଦିର ସମ୍ମୁଖରେ ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘ ଓ ବିବିଧ କ୍ଷେତ୍ରର କାର୍ଯ୍ୟକର୍ତ୍ତାଙ୍କ ଉପସ୍ଥିତିରେ ସାମୂହିକ ଦୀପଦାନ ଅନୁଷ୍ଠିତ ହୋଇଛି। ଏକ ବିରାଟ ଧାର୍ମିକ ଶୋଭାଯାତ୍ରା ଟାଉନ୍ ଥାନା ନିକଟରୁ ବାହାରି ପୌରସଦନଠାରେ ପହଞ୍ଚିଥିଲା।

ପୌରସଦନଠାରେ ସଭାକାର୍ଯ୍ୟ ଓ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ସଭାପତି ମହାବୀର ରୁଦ୍ର ନାରାୟଣ ସାହୁଙ୍କ ଅଧ୍ୟକ୍ଷତାରେ ସଭାରେ ରାଷ୍ଟ୍ରୀୟ ସ୍ୱୟଂ ସେବକ ସଂଘର ବରିଷ୍ଠ କାର୍ଯ୍ୟକର୍ତ୍ତା ରାଜକିଶୋର ସାହୁ ବିଭିନ୍ନ ମଠର ସାଧୁସନ୍ଥ ଓ ବାମଦେବ ନାୟକ, ସର୍ବେଶ୍ୱର ବିଶୋଇଙ୍କ ଗହଣରେ ଉଦ୍ଘାଟନ କରିଥିଲେ। ସମ୍ପାଦକ ଅରବିନ୍ଦ ଶତପଥୀ ବାର୍ଷିକ ବିବରଣୀ ପାଠ କରିବା ସହ ରାଷ୍ଟ୍ରୀୟ ନବବର୍ଷ ପାଳନର ଆଭିମୁଖ୍ୟ ଓ ଅତିଥି ପରିଚୟ ପ୍ରଦାନ କରିଥିଲେ। ଅଭ୍ୟର୍ଥନା ସମିତିର ଅଧ୍ୟକ୍ଷ ପୂର୍ବତନ ବିଧାୟକ ଜୟନ୍ତ କୁମାର ଷଡ଼ଙ୍ଗୀ, ରାଷ୍ଟ୍ରଦୀପର ସମ୍ପାଦକ ଜଗବନ୍ଧୁ ମିଶ୍ର, ମୁଖ୍ୟବକ୍ତା ଭାବେ ରାଷ୍ଟ୍ରୀୟ ସ୍ୱୟଂ ସେବକ ସଂଘ ପୁରୀ ବିଭାଗ ବୌଦ୍ଧିକ ପ୍ରମୁଖ ସୁଶାନ୍ତ ପରିଡ଼ା, ସମ୍ମାନିତ ଅତିଥି ଭାବେ ସଦାଶିବ ପରିସର କେନ୍ଦ୍ରୀୟ ସଂସ୍କୃତ ବିଶ୍ୱବିଦ୍ୟାଳୟର ନିର୍ଦ୍ଦେଶକ ପ୍ରଫେସର ପ୍ରଭାତ କୁମାର ମହାପାତ୍ର, ଜ୍ୟୋତିଷ ବାଚସ୍ପତି ବ୍ରହ୍ମାନନ୍ଦ ପଣ୍ଡା, ଶଙ୍କରାଚାର୍ଯ୍ୟ ମଠ ସଞ୍ଚାଳକ ପୂର୍ଣ୍ଣଚନ୍ଦ୍ର ଖୁଣ୍ଟିଆ ପ୍ରମୁଖ ରାଷ୍ଟ୍ରୀୟ ନବବର୍ଷ ଉପଲକ୍ଷେ ଶୁଭେଚ୍ଛା ବାର୍ତ୍ତା ଦେବା ସହ ସାରଗର୍ଭକ ମତାମତ ରଖିଥିଲେ। ଜଗନ୍ନାଥ ସଂସ୍କୃତିର ପ୍ରଚାରପ୍ରସାର, ଗୋ–ସେବାରେ ଅବଦାନ, ରକ୍ତଦାନ ଓ ସେବା କାର୍ଯ୍ୟରେ ଉଲ୍ଲେଖନୀୟ କାର୍ଯ୍ୟ ପାଇଁ ବିଭିନ୍ନ ଅନୁଷ୍ଠାନର ବ୍ୟକ୍ତିବିଶେଷଙ୍କୁ ସମ୍ମାନିତ କରାଯାଇଥିଲା। ଯୁଗ୍ମ ସମ୍ପାଦକ ରଞ୍ଜନ ମହାରଣା ଧନ୍ୟବାଦ ଦେଇଥିଲେ। ମଞ୍ଚ ପରିଚାଳନାରେ ପୁରୁଷୋତ୍ତମ ନାୟକ, ଡା. ଶ୍ରୀକାନ୍ତ ମିଶ୍ର, ଅଭିମନ୍ୟୁ ଭୂୟାଁ, ରତ୍ନାକର ସାହୁ, ସ୍ନେହଲତା ମିଶ୍ର, ଶ୍ରୀବତ୍ସ ଦାସ ପ୍ରମୁଖ ସହଯୋଗ କରିଥିଲେ।

## ପୁରୀ କ୍ଲବର ୯୮ତମ ପ୍ରତିଷ୍ଠା ଦିବସ

ପୁରୀ,୨୦ା୩(ଅଜିତ୍ କୁମାର ମହାନ୍ତି)



ଅତିଥିଙ୍କୁ ସମ୍ବର୍ଦ୍ଧିତ କରାଯାଉଛି ।

ପୁରୀ କ୍ଲବର ୯୮ତମ ପ୍ରତିଷ୍ଠା ଦିବସ କ୍ଲବ ପରିସରରେ ଉପାଧ୍ୟକ୍ଷ ରାଜକିଶୋର ପାତ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ଏହାକୁ କ୍ଲବର କାର୍ଯ୍ୟକାରୀ ସଦସ୍ୟ ରବିନାରାୟଣ ସାହୁ ସଂଯୋଜନା କରିଥିଲେ। ଉତ୍ସବରେ ମୁଖ୍ୟ ଅତିଥି ଭାବେ ଆୟକର ବିଭାଗର ଅବସରପ୍ରାପ୍ତ କମିଶନର ତ୍ରୈଲୋକ୍ୟନାଥ ଜେନା ଯୋଗ ଦେଇଥିଲେ। ଏହି ପରିପ୍ରେକ୍ଷୀରେ ଆୟୋଜିତ ୬ଷ୍ଠ ଇନ୍‌ଭିଟେଶନାଲ ସ୍ନୁକର ପ୍ରତିଯୋଗିତାର ବିଜୟୀ ଖେଳାଳିଙ୍କୁ ନଗଦ ଅର୍ଥରାଶି ଓ ଟ୍ରଫି ଦିଆଯାଇ ପୁରସ୍କୃତ କରାଯାଇଥିଲା।

ସମ୍ବର୍ଦ୍ଧନା ପର୍ବରେ କ୍ଲବର ବରିଷ୍ଠ ସଦସ୍ୟ ଭାସ୍କର ପାତ୍ର, ସୋନି ଟିଭିରେ ପ୍ରସାରିତ ସର୍ବଭାରତୀୟ ମାଷ୍ଟରଶେଫ୍ ପ୍ରତିଯୋଗିତାର ଦ୍ୱିତୀୟ ସ୍ଥାନ ଅଧିକାରୀ କରିଥିବା ବିଜୟିନୀ ପୁରୀର ଅଞ୍ଜୁ ପ୍ରଧାନ ଏବଂ ୟୁପିଏସସି ପରୀକ୍ଷାରେ ୧୨୧ତମ ସ୍ଥାନ ହାସଲ କରିଥିବା ଅମ୍ରିତ ମହାପାତ୍ରଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଅମ୍ରିତଙ୍କ ପକ୍ଷରୁ ତାଙ୍କର ପିତା ରାଜ୍ୟ ସୂଚନା ଓ ଲୋକସମ୍ପର୍କ ବିଭାଗର ଅବସରପ୍ରାପ୍ତ ଉପନିର୍ଦ୍ଦେଶକ ଲଲାଟେନ୍ଦୁ ମହାପାତ୍ର ସମ୍ବର୍ଦ୍ଧନା ଗ୍ରହଣ କରିଥିଲେ। ଶେଷରେ କ୍ଲବର କାର୍ଯ୍ୟକାରୀ କମିଟି ଉପସ୍ଥିତିରେ କେକ୍ କଟାଯାଇଥିଲା। ଯୁଗ୍ମ ସମ୍ପାଦକ ରବିନାରାୟଣ ମହାପାତ୍ର ଧନ୍ୟବାଦ ଦେଇଥିଲେ। ଉତ୍ସବ ପରିଚାଳନାରେ ଅନ୍ୟମାନଙ୍କ ମଧ୍ୟରେ କୋଷାଧ୍ୟକ୍ଷ ଆଶିଷ ଶତପଥୀ ଏବଂ କାର୍ଯ୍ୟକାରୀ ସଦସ୍ୟ ଭକ୍ତଚରଣ ଦାସ ଓ ନାରାୟଣ ଦାଶ ପ୍ରମୁଖ ସହଯୋଗ କରିଥିଲେ।

## ଉତ୍କଳୀୟ ସଂସ୍କୃତିରେ ପଖାଳର ସ୍ଥାନ ସ୍ୱତନ୍ତ୍ର

### ବିଭିନ୍ନ ଅନୁଷ୍ଠାନ ପକ୍ଷରୁ ପଖାଳ ଦିବସ

ପୁରୀ,୨୦ା୩( ଅଜିତ୍ କୁମାର ମହାନ୍ତି)

ବିଭିନ୍ନ ଅନୁଷ୍ଠାନଗୁଡ଼ିକ ପକ୍ଷରୁ ପଖାଳ ଦିବସ ପାଳନ କରାଯାଇଛି। ରାଷ୍ଟ୍ର ସେବା ଟ୍ରଷ୍ଟ ପକ୍ଷରୁ ହୋଟେଲ ଏମ୍ପାୟାରରେ ନିଆରା ଢଙ୍ଗରେ ପାଳିତ ହୋଇଛି। ବୁଦ୍ଧିଜୀବୀଙ୍କ ସମେତ ବିଭିନ୍ନ ସଂଗଠନର କର୍ମକର୍ତ୍ତା ପଖାଳ ପଙ୍ଗତରେ ଯୋଡ଼ିହେବାର ଅବକାଶ ଆଣି ଦେଇଥିଲା। ମାଟି ସରାରେ ଦହି ପଖାଳ ସାଙ୍ଗକୁ ଶାଗ ଭଜା, ବଡ଼ି ଚୁରା, ପଣସ କଠା, ଆଳୁ ଓ ବାଇଗଣ ଭର୍ତ୍ତା, ଟମାଟୋ ଚଟଣୀ, ବାଇଗଣ ଭଜା, ଆମ୍ବ ଚଟଣୀ, ବରକୋଳି ଖଟା, ମାଣ୍ଡିଆ ମଣ୍ଡା, ଆରିସା, ମାଛ ବେସର ଭଜା, ଚିଙ୍ଗୁଡ଼ି ଛେଚାରେ ଆପ୍ୟାୟିତ ହୋଇଥିଲେ ଅତିଥିବୃନ୍ଦ। ଟ୍ରଷ୍ଟର ଅଧ୍ୟକ୍ଷା ରଞ୍ଜିତା ପାଢ଼ୀଙ୍କ ଦ୍ୱାରା ଆୟୋଜିତ ଏହି ପଖାଳ ପଙ୍ଗତ ସଭାରେ ପୂର୍ବତନ ବିଧାୟକ ଜୟନ୍ତ ଷଡ଼ଙ୍ଗୀ, ଡ. ଦେବେନ୍ଦ୍ର ତରେଇ, ଦିଗ୍‌ଦର୍ଶନ ପଟ୍ଟନାୟକ, ମଧୁସୂଦନ ସିଂହାରୀ, ମନୋଜ ରଥ, ରବି ଦାଶ, ସରୋଜ ବେହେରା, ହେକ୍ଟର ମିଶ୍ର, ରାଜକିଶୋର ସାହୁ, ରାଜେଶ ମହାନ୍ତି, ଜିଲା ସମାଜ ମଙ୍ଗଳ ଅଧିକାରୀ ତନୁପ୍ରଭା ବେଉରା, ରାଜକିଶୋର ସାହୁ, ଶ୍ୟାମ ମହାପାତ୍ର ପ୍ରମୁଖ ଅତିଥିଭାବେ ଯୋଗଦେଇ ଉତ୍ସାହିତ କରିଥିଲେ। ବରିଷ୍ଠ ନାଗରିକ ଫୋରମ୍, ଆଇନଜୀବୀ, ଭାରତ ବିକାଶ ପରିଷଦ, ବିଦ୍ୟାର୍ଥୀ ପରିଷଦର କର୍ମକର୍ତ୍ତାମାନେ ଉପସ୍ଥିତ ଥିଲେ। ଟ୍ରଷ୍ଟର ସମ୍ପାଦକ ରାଜେଶ ଦେବତା ଓ ଅନ୍ୟ ସଦସ୍ୟମାନଙ୍କ ଦ୍ୱାରା କାର୍ଯ୍ୟକ୍ରମ ପରିଚାଳିତ ହୋଇଥିଲା।

ସେହିପରି ସଙ୍ଗଶ୍ରୀ ଫାଉଣ୍ଡେଶନ ଟ୍ରଷ୍ଟ ପକ୍ଷରୁ ଭିଆଇପି ରୋଡ଼ସ୍ଥିତ ଆରୋଗ୍ୟ ୱେଲ୍ ସେଣ୍ଟରଠାରେ ନିର୍ଦ୍ଦେଶିକା ଅରୁଣିମା ନନ୍ଦଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ସଭାନେତ୍ରୀ ରତ୍ନମଣି ନାୟକ ଓ ସମ୍ପାଦିକା ପଦ୍ମିନୀ ବେହେରାଙ୍କ ପରିଚାଳନାରେ ଅନୁଷ୍ଠିତ ହୋଇଯାଇଛି। ଅତିଥି ଭାବେ ଓଡ଼ିଶା ସାମ୍ବାଦିକ ସଂଘର ଜିଲା ସଭାପତି ବିଜୟ ମିଶ୍ର, ସାମ୍ବାଦିକ ନାରାୟଣ ଦାଶ ଯୋଗଦେଇ କହିଛନ୍ତି, ପଖାଳ ଆମର ଅତିପ୍ରିୟ ଖାଦ୍ୟ। ପାରାଡାଇଜ ବୃଦ୍ଧାଶ୍ରମରେ ପଖାଳ ଉତ୍ସବ ପାଳନ ହୋଇଛି। ଉତ୍କଳୀୟ ତଥା ଜଗନ୍ନାଥ ସଂସ୍କୃତିରେ ପଖାଳର ସ୍ଥାନ ସ୍ୱତନ୍ତ୍ର। ଆଶ୍ରମର ପ୍ରତିଷ୍ଠାତା ତଥା ମିଶନ ଓଡ଼ିଶାର ସମ୍ପାଦକ ମଧୁସୂଦନ ମିଶ୍ରଙ୍କ ପରିଚାଳନାରେ ପଖାଳ ଦିବସ ଉପଲକ୍ଷେ ଆୟୋଜିତ ପଖାଳ ଉତ୍ସବରେ ସଂଗୀତ ନାଟକ ଏକାଡେମୀ ସଦସ୍ୟ ବଦ୍ରି ମିଶ୍ର, ସମାଜସେବୀ ସୁଲୋଚନା ମିଶ୍ର, ସମାଜସେବୀ ମନୋଜ ରଥ, ପଥର ଶିଳ୍ପୀ ସରୋଜ ବେହେରା, ରେଡକ୍ରସର ମଧୁମିତା ମହାପାତ୍ର, ଯୋଗଗୁରୁ ମନୋଜ ନାୟକ ଓ ସବିତା ପ୍ରହରାଜ, ସୁରେନ୍ଦ୍ର ପାଢ଼ୀ, ବ୍ରହ୍ମଗିରିର ସମାଜସେବୀ ସୁଧାକର ଭୋଳ, ଶିବରାମ ପ୍ରଧାନ, ପ୍ରଣତି ମହାରଣା, ଅଜୟ କୁମାର ଦାସ, ବିଜୟଲକ୍ଷ୍ମୀ ଦାସ, ସଂଯୁକ୍ତା ଆପଟଙ୍କ ସମେତ ଆଶ୍ରମର ଅନ୍ତେବାସୀ, ବୁଦ୍ଧିଜୀବୀ ଓ ଗଣମାଧ୍ୟମ ପ୍ରତିନିଧିମାନେ ଯୋଗଦେଇ ପଖାଳ ସେବନ କରିଥିଲେ।



ଭିଆଇପି ରୋଡ଼ସ୍ଥିତ ଆରୋଗ୍ୟ ୱେଲ୍ ସେଣ୍ଟରଠାରେ ଶୁକ୍ରବାର ସଙ୍ଗଶ୍ରୀ ଫାଉଣ୍ଡେଶନ ପକ୍ଷରୁ ପଖାଳ ଦିବସ ପାଳନ କରାଯାଇଛି ।




ରାଷ୍ଟ୍ର ସେବା ଟ୍ରଷ୍ଟ ପକ୍ଷରୁ ପୁରୀର ଏକ ହୋଟେଲ ପରିସରରେ ପଖାଳ ଦିବସ କରାଯାଉଛି । (ଫଟୋ – ଯଜ୍ଞେଶ୍ୱର ମହାନ୍ତି)

**କଂଗ୍ରେସ କାର୍ଯ୍ୟାଳୟରେ ପଖାଳ ଦିବସ ପାଳିତ**

କଟକ,(ଶିଳ୍ପା ପ୍ରିୟଦର୍ଶିନୀ): କଟକ ଶକ୍ତି ନଗର କଂଗ୍ରେସ କାର୍ଯ୍ୟାଳୟରେ ପଖାଳ ଦିବସ ପାଳିତ ହୋଇଯାଇଛି। ବରିଷ୍ଠ କଂଗ୍ରେସ ନେତା ତଥା ଜିଲା କଂଗ୍ରେସର ପୂର୍ବତନ ସଭାପତି ମାନସ ଚୌଧୁରୀଙ୍କ ନେତୃତ୍ୱରେ ଏକ ବନ୍ଧୁମିଳନ କରାଯାଇଥିଲା। କଟକ ସହରର ପ୍ରାୟ ଚାରିଶହରୁ ଊର୍ଦ୍ଧ୍ୱ କଂଗ୍ରେସ କାର୍ଯ୍ୟକର୍ତ୍ତା ଓ କର୍ମୀମାନଙ୍କୁ ନେଇ ସାମୂହିକ ପଖାଳ ଭୋଜନ କରାଯାଇଥିଲା। ଏଥିରେ କଟକ ଜିଲା କଂଗ୍ରେସ ସଭାପତି ପ୍ରଦୀପ୍ତ ଦାସ, ବିଭୂତି ମିଶ୍ର, ବିଶ୍ୱଜିତ ମହାନ୍ତି, କଟକ ସଦର କଂଗ୍ରେସ ନେତା ରାମଚନ୍ଦ୍ର ଗୋଚ୍ଛାୟତ, ସାନ୍ତାୟାନ ମିଶ୍ର, ବିଶ୍ୱଜିତ ଦାସ, କର୍ପୋରେଟର ଜେ. କାମେଶ୍ୱର ରାଓ, ସନ୍ତୋଷ ଭୋଳ, ଶୁଭାଶିଷ ପଟ୍ଟନାୟକ, ଜନାର୍ଦ୍ଦନ ପରିଡ଼ା ପ୍ରମୁଖ ଉପସ୍ଥିତ ଥିଲେ।

## ସଂକ୍ଷେପରେ

### ୧୨୦ ଲିଟର ଦେଶୀମଦ ଜବତ, ୪ ଗିରଫ

ମଙ୍ଗୁଳି-ଜଗତପୁର,୨୦।୩(ମାନସ ସାମଲ)

ଚୌଦ୍ୱାର ଅବକାରୀ ବିଭାଗ ବେଆଇନ ଭାବେ ଦେଶୀମଦ ବିକ୍ରି କରିବା ଅଭିଯୋଗରେ ୩ ଯୁବକ ଓ ଜଣେ ମହିଳାଙ୍କୁ ଗିରଫ କରି ଶୁକ୍ରବାର କୋର୍ଟ ଚାଲାଣ କରିଛି। ସେମାନେ ହେଲେ ଚୌଦ୍ୱାର ଥାନା ଅଧୀନ ଗୋଡ଼ିପାଟଣା ଗ୍ରାମର ସବିତା ଜେନା, ନୂଆପାଟଣାର ବିଜନ ଜେନା, ଟାଙ୍ଗୀ ଅଞ୍ଚଳର ପରମାନନ୍ଦ ସେଠୀ, ଆଠଗଡ଼ ଅଞ୍ଚଳର ଆଶିଷ ମଲିକ। ସେମାନଙ୍କ ନିକଟରୁ ଅବକାରୀ ବିଭାଗ ୧୨୦ ଲିଟର ଦେଶୀମଦ ଜବତ କରିଛି। ବିଶେଷ ସୂତ୍ରରୁ ଖବର ପାଇ କଟକ ସୁପରିଣ୍ଟେଣ୍ଡେଣ୍ଟଙ୍କ ନିର୍ଦ୍ଦେଶକ୍ରମେ ଅବକାରୀ ବିଭାଗ ପକ୍ଷରୁ ଟାଙ୍ଗୀ-ଚୌଦ୍ୱାର ଥାନା ଅଧୀନ ବିଭିନ୍ନ ସ୍ଥାନରେ ଚଢ଼ାଉ କରଯାଇଥିଲା। ଚଢ଼ାଉ ପରେ ଏକାଧିକ ସ୍ଥାନରୁ ଦେଶୀମଦ ଜବତ କରାଯାଇଥିଲା। ଏ ନେଇ ଅବକାରୀ ବିଭାଗ ନିଜଆଡୁ ୪ଟି ପୃଥକ୍ ମାମଲା (ନଂ. ୨୫୭,୨୫୮,୨୫୯,୭୮/୨୬)ରୁଜୁ କରିଛି। ଚଢ଼ାଉରେ ଇନ୍ସପେକ୍ଟର ମାନସୀ ନାୟକ, ଚୌଦ୍ୱାର ଅବକାରୀ ଥାନା ଇନ୍ସପେକ୍ଟର ଭକ୍ତବତ୍ସଳ ବର୍ମା, ଆଶୁତୋଷ ଜେନା, ରାଜକୃଷ୍ଣ ବିଶ୍ୱାଳ, ସୁନୀଲ ବଲ, ଗୀତାଞ୍ଜଳି ବେହେରା ପ୍ରମୁଖ ସାମିଲ ଥିଲେ।

### ବରାଳଠାରେ ବାର୍ଷିକ ଲଉଡ଼ି ଉତ୍ସବ

କଟକ ସଦର,୨୦।୩(ସୁଶାନ୍ତ କୁମାର ଜେନା)

୪୨ ମୌଜା ଅନ୍ତର୍ଗତ ବରାଳ ଗ୍ରାମର ମା' ନାରାୟଣୀ ଯାଦବ ସମିତି ଆନୁକୂଲ୍ୟରେ ବାର୍ଷିକ ଲଉଡ଼ି ଉତ୍ସବ ଶାନ୍ତି ଶୃଙ୍ଖଳାର ସହ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ କଟକ ଜିଲା ଯାଦବ ମହାସଭା ସମ୍ପାଦକ ତୀର୍ଥବାସୀ ବେହେରା, ୪୨ ମୌଜା ଯାଦବ ମହାସଂଘର ସମସ୍ତ କର୍ମକର୍ତ୍ତା ଯୋଗଦେଇଥିଲେ। ଥାନପତି ଭାବେ ମା' ନାରାୟଣୀ ଲଉଡ଼ି ସଂଘ, ବରାଳ ପ୍ରଥମେ ଲଉଡ଼ି ନୃତ୍ୟ ପରିବେଷଣ କରିଥିଲେ। ନିମନ୍ତ୍ରିତ ଲଉଡ଼ି ଦଳ ନୂଆକୋରୁଆ, ଅଇନି ଓ ଜଗତ୍‌ସିଂହପୁର ଜିଲାର ହାଜିପୁର ଗ୍ରୁପ ଲଉଡ଼ି ପରିବେଷଣ କରିଥିଲେ। କାର୍ଯ୍ୟକ୍ରମକୁ ମା' ନାରାୟଣୀ ଯାଦବ ସମିତି, ବରାଳର ସମସ୍ତ କର୍ମକର୍ତ୍ତା ସହଯୋଗ କରିଥିଲେ।

### ଖ୍ରୀଷ୍ଟ କଲେଜରେ ବାର୍ଷିକ ପାଠଚକ୍ର

କଟକ,୨୦।୩(ଶିଳ୍ପା ପ୍ରିୟଦର୍ଶିନୀ)

ଖ୍ରୀଷ୍ଟ କଲେଜ ରାଜନୀତି ବିଜ୍ଞାନ ବିଭାଗର ବାର୍ଷିକ ପାଠଚକ୍ର ଅନୁଷ୍ଠିତ ହୋଇଯାଇଛି। କଲେଜ ଅଧ୍ୟକ୍ଷା ମଧୁମିତା ପାତ୍ରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ପାଠଚକ୍ରରେ ପରିବର୍ତ୍ତିତ ବିଶ୍ୱରେ ଭାରତର ବୈଦେଶିକ ନୀତିର ପ୍ରାସଙ୍ଗିକତା ଶୀର୍ଷକ ବିଷୟରେ ଆଲୋଚନା କରାଯାଇଥିଲା। ଏଥିରେ ମୁଖ୍ୟବକ୍ତା ଭାବେ ଜେଏନୟୁର ଅନ୍ତର୍ଜାତୀୟ ରାଜନୀତି ବିଜ୍ଞାନ ବିଭାଗର ପ୍ରଫେସର ଡ. ପ୍ରଶାନ୍ତ କୁମାର ସାହୁ ଯୋଗଦେଇ କହିଛନ୍ତି, ସାମ୍ପ୍ରତିକ ସ୍ଥିତିରେ ଦେଶର ବୈଦେଶିକ ନୀତିରେ ବିଭିନ୍ନ ଲକ୍ଷଣ ଅନୁଯାୟୀ ସମଗ୍ର ବିଶ୍ୱରେ ଭାରତ ବିଶ୍ୱଗୁରୁ ହେବାର ସମ୍ଭାବନା ପରିଲକ୍ଷିତ ହେଉଥିବା ସେ କହିଛନ୍ତି । ଅନ୍ୟତମ ବକ୍ତା ଭାବେ ଅବସରପ୍ରାପ୍ତ ପ୍ରାଧ୍ୟାପକ ଡ. ରତ୍ନାକର ରାୟ ଯୋଗଦେଇ ବୈଦେଶିକ ନୀତିର ବିଭିନ୍ନ ଦିଗ ଉପରେ ଆଲୋକପାତ କରିଥିଲେ। ଅଧ୍ୟାପକ ରାଜେନ୍ଦ୍ର କୁମାର ବାରିକ ପାଠଚକ୍ରକୁ ପରିଚାଳନା କରିଥିବାବେଳେ ଅଧ୍ୟାପିକା ରିଙ୍କୁ ମହାପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ।

### ପଖାଳ ଦିବସରେ ବନ୍ଧୁମିଳନ

ଖୁଣ୍ଟୁଣୀ,୨୦।୩ (ସଚ୍ଚିଦାନନ୍ଦ ପଣ୍ଡା)

ଓଡ଼ିଆ ପାରମ୍ପରିକ ଖାଦ୍ୟ ପଖାଳ ଦିବସରେ ଆଠଗଡ଼ ମିଡିଆ ହାଉସ ପକ୍ଷରୁ ଖୁଣ୍ଟୁଣୀସ୍ଥିତ ଏକ ହୋଟେଲଠାରେ ଶୁକ୍ରବାର ପଖାଳ ଦିବସ ପାଳିତ ହୋଇଯାଇଛି। ଏଥିରେ ପୂର୍ବରୁ ଥିବା ମିଡିଆ ହାଉସ ସଭାପତି ସଚ୍ଚିଦାନନ୍ଦ ପଣ୍ଡା, ଉପସଭାପତି ବିଜୟ କୁମାର ନାୟକ, କାର୍ଯ୍ୟକାରୀ ସଭାପତି ସ୍ୱରାଜ ପଣ୍ଡା, ସମ୍ପାଦକ ଦିଲୀପ କୁମାର ଦାସ, କୋଷାଧ୍ୟକ୍ଷ ଦେବବ୍ରତ ବେବେରା, ସହ କୋଷାଧ୍ୟକ୍ଷ ମାନସ ସାହୁ, ଉପଦେଷ୍ଟା ଶ୍ୱେତକାନ୍ତ ବେହେରା, ସୁକାନ୍ତ କୁମାର ଦଳେଇ, ଶ୍ରୀକାନ୍ତ ସ୍ୱାଇଁ, ସୋନାଲି କାଳିଆ, ରଞ୍ଜିତ ରାଉତ, ପରମାନନ୍ଦ ମୁଦୁଲି, ସଞ୍ଜୟ ମହାନ୍ତି ଓ ସଞ୍ଜୟ ପଣ୍ଡା ପ୍ରମୁଖ ଗଣମାଧ୍ୟମ ପ୍ରତିନିଧିମାନେ ଯୋଗଦେଇ ପଖାଳ ଦିବସର ତାତ୍ପର୍ଯ୍ୟ ଓ ମହତ୍ତ୍ୱ ଉପରେ ନିଜର ମତ ରଖିଥିଲେ।

# 'ଏଆଇ ପ୍ରୟୋଗ ବେଳେ ସତର୍କତା ଜରୁରୀ'

**ପ୍ରଶାସନିକ କ୍ଷେତ୍ରରେ ଏଆଇ ଉପଯୋଗ ଶୀର୍ଷକ ଜିଲାସ୍ତରୀୟ କର୍ମଶାଳା**

କଟକ,୨୦।୩(କାର୍ତ୍ତିକ ସାହୁ)

ପ୍ରଶାସନିକ କ୍ଷେତ୍ରରେ କୃତ୍ରିମ ବୁଦ୍ଧିମତ୍ତା (ଏଆଇ)ର ସରଳ ବ୍ୟବହାର କରି ଜନସାଧାରଣଙ୍କୁ ଉନ୍ନତମାନର ସେବା ଯୋଗାଇ ଦିଆଯିବ। ଏଥିପାଇଁ ଏକ ଦିନିକିଆ ଦକ୍ଷତା ବିକାଶ କର୍ମଶାଳା ଜିଲାପାଳଙ୍କ ସଭାଗୃହରେ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ଜିଲାପାଳ ଦତ୍ତାତ୍ରୟ ଭାଉସାହେବ ଶିନ୍ଦେ ଅଧ୍ୟକ୍ଷତା କରି କହିଲେ, ଆଜିର ଆଧୁନିକ ଯୁଗରେ କୃତ୍ରିମ ବୁଦ୍ଧିମତ୍ତାର ପ୍ରୟୋଗ ବଢ଼ି ବଢ଼ି ଚାଲିଛି। ପ୍ରଶାସନିକ କ୍ଷେତ୍ରରେ କୃତ୍ରିମ ବୁଦ୍ଧିମତ୍ତାର ବହୁ ଆବଶ୍ୟକତା ରହିଛି। ପ୍ରତ୍ୟେକ ବିଭାଗ ଏଆଇକୁ ନିଜ କାର୍ଯ୍ୟଧାରାରେ ପ୍ରୟୋଗ କରି କାର୍ଯ୍ୟ ସମ୍ପାଦନ କରିବା ସହ କାର୍ଯ୍ୟକ୍ଷମତା ମଧ୍ୟ ବୃଦ୍ଧି କରିପାରିବେ। ମାତ୍ର ଏହାକୁ ପ୍ରୟୋଗ କରିବା ବେଳେ ସତର୍କତା ଅବଲମ୍ବନ କରିବା ଜରୁରୀ। ଓକାକ ସୌଜନ୍ୟରୁ ଓକେସିଏଲ୍ ଦ୍ୱାରା ଆୟୋଜିତ କର୍ମଶାଳାରେ ତାଲିମଦାତା ଭାବେ ଆକାଶ ବେହେରା ଓ ଦେବାଶିଷ ରେଡ୍ଡୀ ଯୋଗଦେଇ ପ୍ରଶାସନିକ କ୍ଷେତ୍ରରେ କୃତ୍ରିମ ବୁଦ୍ଧିମତ୍ତାର ସରଳ ବ୍ୟବହାର ପାଇଁ ବିଭିନ୍ନ ଉପକରଣଗୁଡ଼ିକ ସମ୍ପର୍କରେ ଆଲୋଚନା କରିଥିଲେ। ପ୍ରଶାସନକୁ ଅଧିକ କାର୍ଯ୍ୟକ୍ଷମ, ପାରଦର୍ଶୀ ଓ ଲୋକାଭିମୁଖୀ କରିବାରେ ଏଆଇ ଏକ ମୁଖ୍ୟ ମାଧ୍ୟମ ହୋଇପାରିବ ବୋଲି ତାଲିମଦାତାମାନେ କହିଛନ୍ତି। ଅତିରିକ୍ତ ଜିଲାପାଳ (ରାଜସ୍ୱ) ଡ. ଦିବ୍ୟଲୋଚନ ମହାନ୍ତ, ଅତିରିକ୍ତ ଜିଲାପାଳ (ସାଧାରଣ) କମଲଜିତ୍ ଦାସ, ଅତିରିକ୍ତ ଜିଲାପାଳ (ଉନ୍ନୟନ) ଡ. ଇପ୍‌ସିତା ପ୍ରିୟଦର୍ଶିନୀ ମିଶ୍ର, ଜିଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ ପ୍ରଶାନ୍ତ କୁମାର ନାୟକ, କଟକ ସଦର ଉପଜିଲାପାଳ ଦିବ୍ୟଜ୍ୟୋତି ସ୍ମୃତିରଞ୍ଜନ ଦେଓ, ବାଙ୍କୀ ଉପଜିଲାପାଳ ପ୍ରଣବ କୁମାର ବେହେରାଙ୍କ ସମେତ ବିଭିନ୍ନ ବିଭାଗର ଜିଲାସ୍ତରୀୟ ଅଧିକାରୀମାନେ ଉପସ୍ଥିତ ଥିଲେ। ଜିଲା ଇ-ଗଭର୍ନାନ୍ସ ମ୍ୟାନେଜର କିଶୋର କୁମାର ଆଚାରୀ ବୈଷୟିକ ସହାୟତା କରିଥିଲେ।


ଜିଲାସ୍ତରୀୟ କର୍ମଶାଳାରେ ଜିଲାପାଳ ଏବଂ ଅନ୍ୟ ଅତିଥି।


ପବିତ୍ର ଇଦ୍ ପର୍ବ ପାଳନ ଉପଲକ୍ଷେ ଦରଘାବଜାରସ୍ଥିତ କଦମ୍-ଇ-ରସୁଲ ରାସ୍ତା ସମ୍ମୁଖକୁ ଇଲେକ୍ଟ୍ରୋନିକ୍ସ ତୋରଣରେ ସଜ୍ଜିତ କରାଯାଇଛି। (ଫଟୋ: ରାଜକିଶୋର ମହାନ୍ତି)

# 'କଟକ ସାହିତ୍ୟ ସରୋବର' ଉଦ୍‌ଘାଟିତ


ବାଲିଯାତ୍ରା ପଡ଼ିଆରେ 'କଟକ ସାହିତ୍ୟ ସରୋବର' ଉଦ୍‌ଘାଟନ କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥି।

କଟକ,୨୦।୩(କୁମାରଶ୍ରୀ)

ଜିଲାସ୍ତରୀୟ ପୁସ୍ତକ ମେଳା 'କଟକ ସାହିତ୍ୟ ସରୋବର' ଶୁକ୍ରବାର ସନ୍ଧ୍ୟାରେ ବାଲିଯାତ୍ରା ପଡ଼ିଆରେ ଉଦ୍‌ଘାଟିତ ହୋଇଯାଇଛି। ରାଜ୍ୟ ସଂସ୍କୃତି ବିଭାଗ, କଟକ ଜିଲା ପ୍ରଶାସନ, କଟକ ମହାନଗର ନିଗମ ଓ କଟକ ଉନ୍ନୟନ କର୍ତ୍ତୃପକ୍ଷଙ୍କ ମିଳିତ ସହଯୋଗରେ ଆୟୋଜିତ ଏହି ମେଳାରେ ୧୮୦ଟି ଷ୍ଟଲ ସ୍ଥାନ ପାଇଛି। ମେୟର ସୁବାସ ସିଂହ ମେଳାକୁ ଉଦ୍‌ଘାଟନ କରିବା ଅବସରରେ ସୁନ୍ଦର ଭବିଷ୍ୟତ ଗଠନର ମାଧ୍ୟମ ହିଁ ସାହିତ୍ୟ ବୋଲି ମତବ୍ୟକ୍ତ କରିଥିଲେ। ଡେପୁଟି ମେୟର ଦମୟନ୍ତୀ ମାଝୀ, ଷ୍ଟାଣ୍ଡିଂ କମିଟି ଅଧ୍ୟକ୍ଷା ମୋନାଲିସା ଦାସ, ଏ. ଶ୍ରୀଦେବୀ, ଦୀପ୍ତିମୟୀ ମୂଳିଆ, ଅତିରିକ୍ତ କମିଶନର କଳ୍ପତରୁ ବେହେରା, ସୋନା ଟୁଡୁ ପ୍ରମୁଖ ଉପସ୍ଥିତ ଥିଲେ।

ପ୍ରକାଶଯୋଗ୍ୟ, ଜାତୀୟ ଓ ରାଜ୍ୟର ବହୁ ପ୍ରତିଷ୍ଠିତ ଏବଂ ପୁରାତନ ପ୍ରକାଶକ, ସାହିତ୍ୟିକ, ପୁସ୍ତକ ବିକ୍ରେତା ମେଳାରେ ସାମିଲ ହୋଇଛନ୍ତି। ପ୍ରତ୍ୟେକ ଦିନ ଅପରାହ୍ଣ ୨ଟାରୁ ରାତି ୯ଟା ପର୍ଯ୍ୟନ୍ତ ପୁସ୍ତକ ଷ୍ଟଲଗୁଡ଼ିକ ଖୋଲା ରହିବ। ଏଥି ସହିତ ଫୁଡ୍ ଜୋନ, ସେଲଫି ପଏଣ୍ଟ ମେଳାର ଅନ୍ୟତମ ଆକର୍ଷଣ ରହିଛି। ପ୍ରତ୍ୟେକ ସନ୍ଧ୍ୟାରେ ରାଜ୍ୟର ଲବ୍ଧ ପ୍ରତିଷ୍ଠିତ କାହାଣୀକାରମାନେ ପିଲାଙ୍କୁ ଗପ ଓ କାହାଣୀ କହିବେ। ସବୁଦିନ ସନ୍ଧ୍ୟାରେ ଆକର୍ଷଣ ସାଂସ୍କୃତିକ କାର୍ଯ୍ୟକ୍ରମ ସହ କବିତା ଓ ଗଳ୍ପ ପାଠ, ସାହିତ୍ୟ ଚର୍ଚ୍ଚା, ସାଂସ୍କୃତିକ ବିଷୟବସ୍ତୁ ଉପରେ ସାରଗର୍ଭକ ଆଲୋଚନା ସ୍ଥାନ ପାଇବ।

## ଆଭିମୁଖ୍ୟ ବଖାଣିଲେ ପ୍ରାର୍ଥୀ

**ଆଗକୁ ହାଇକୋର୍ଟ ବାର୍ ଆସୋସିଏଶନ ନିର୍ବାଚନ**

କଟକ,୨୦।୩(କାର୍ତ୍ତିକ ସାହୁ)

ଆଉ ଗୋଟେ ସପ୍ତାହ ପରେ ହାଇକୋର୍ଟ ବାର ଆସୋସିଏଶନ ନିର୍ବାଚନ। ନିର୍ବାଚନରେ ବିଭିନ୍ନ ପଦପଦବୀ ନିମନ୍ତେ ୩୫ଜଣ ପ୍ରାର୍ଥୀ ନିର୍ବାଚନ ରଣାଙ୍ଗନରେ ଅବତୀର୍ଣ୍ଣ ହୋଇଛନ୍ତି। ତେବେ ପ୍ରାର୍ଥୀମାନଙ୍କ ପାଇଁ ବାର୍ ଆସୋସିଏଶନ ସମ୍ମିଳନୀ କକ୍ଷରେ ପ୍ରଥମ ଥର ପାଇଁ ଶୁକ୍ରବାର ଆୟୋଜିତ ଏକ ବିଶେଷ କାର୍ଯ୍ୟକ୍ରମ ଅତ୍ୟନ୍ତ ଆକର୍ଷଣ ହୋଇଥିଲା। ବରିଷ୍ଠ ଆଇନଜୀବୀ ଧରଣୀଧର ନାୟକଙ୍କ ଅଧ୍ୟକ୍ଷତାରେ ପ୍ରାର୍ଥୀମାନେ ନିର୍ବାଚନ ଜିତିବା ପରେ ନିଜର ଆଭିମୁଖ୍ୟ, ଲକ୍ଷ୍ୟ ଓ କାର୍ଯ୍ୟପନ୍ଥା ବଖାଣିଥିଲେ। ପର୍ଯ୍ୟବେକ୍ଷକ ରୂପେ ମନୋନୀତ ସଦସ୍ୟ ଦୀନେଶ ରାୟଙ୍କ ସମେତ ବହୁ ଆଇନଜୀବୀ ଉପସ୍ଥିତ ଥିଲେ।

## ମଦନମୋହନ ଜୀଉ ମଠରେ ପଖାଳ ଦିବସ


ଶ୍ରୀ ମଦନମୋହନ ଜୀଉ ମଠରେ ଅନୁଷ୍ଠିତ ପଖାଳ ଦିବସ କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥି।

କଟକ,୨୦।୩(କାର୍ତ୍ତିକ ସାହୁ)

ଚାଉଳିଆଗଞ୍ଜ ଥଟ୍ଟାରୀସାହିସ୍ଥିତ ଶ୍ରୀ ମଦନମୋହନ ଜୀଉ ମଠ ଓ ପ୍ରେରଣା ଅନୁଷ୍ଠାନ ପକ୍ଷରୁ ପଖାଳ ଦିବସ ପାଳିତ ହୋଇଯାଇଛି। ମଠର ଟ୍ରଷ୍ଟି ଚିରଞ୍ଜୟ ସାହୁଙ୍କ ତତ୍ତ୍ୱାବଧାନରେ ଆୟୋଜିତ କାର୍ଯ୍ୟକ୍ରମଟି ଅତ୍ୟନ୍ତ ନିଆରା ହୋଇଥିଲା। ବିଭିନ୍ନ ବ୍ୟଞ୍ଜନ ସହ ପଖାଳ ପରିବେଷଣ ଓଡ଼ିଆମିର ବାସ୍ନା ଭରିଥିଲା। ବିଶେଷ କରି ଚଷା ଭାଇ ଓ ମା'ର ପଖାଳ ଖୋଇଦେବା ଭଳି ସ୍ନାପ ପଏଣ୍ଟରେ ନିଜ ଫଟୋ ଉଠାଇବାକୁ ବେଶ୍ ଭିଡ଼ ଜମିଥିଲା। ଅତିଥି ଭାବେ ଭାଜପା ନେତା ନୟନ କିଶୋର ମହାନ୍ତି, ବାଇଶ ଦିଗଭାଗ ସର୍ବାଧିକାରୀ ସୁବାସ ଚନ୍ଦ୍ର ସାହୁ, ପଚିଶ ଦିଗଭାଗ ସର୍ବାଧିକାରୀ ଦେବେନ୍ଦ୍ର ସାହୁ, ଶିଖରପୁର-ଗଣ୍ଡରପୁର-ମହାନଦୀ ବିହାର ପୂଜା କମିଟି ସଭାପତି ଗଗନ ପ୍ରଧାନ, ଏସିପି ଅମରେନ୍ଦ୍ର ପଣ୍ଡା, ଚାଉଳିଆଗଞ୍ଜ ପୂଜା କମିଟି ସମ୍ପାଦକ ନିରଞ୍ଜନ ସାହୁ ପ୍ରମୁଖ ଯୋଗଦେଇଥିଲେ। ଦେବେନ୍ଦ୍ର ସାହୁ, ଗଜାନନ ସାହୁ, ମଣିନାଥ ସାହୁ, ମଦନ ସାହୁ, ପବିତ୍ର ସାହୁ, ସନାତନ ସ୍ୱାଇଁ, ମଦନମୋହନ ଲେଙ୍କା ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

# ଏସ୍‌ସିବି ଅଧୀକ୍ଷକଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଦାବି


ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଦାବିପତ୍ର ଦେବାକୁ ଆରଡିସିଙ୍କ କାର୍ଯ୍ୟାଳୟକୁ ଆସିଥିବା ସାମାଜିକ ସଙ୍ଗଠନ ଭଏସ୍ ଅଫ୍ କଟକର ସଦସ୍ୟ।

କଟକ,୨୦।୩(ଶିଳ୍ପା ପ୍ରିୟଦର୍ଶିନୀ)

ଏସ୍‌ସିବି ଟ୍ରମା ଆଇସିୟୁ ଅଗ୍ନିକାଣ୍ଡ ଘଟଣାରେ ମେଡିକାଲ ଅଧୀକ୍ଷକଙ୍କ ବିରୋଧରେ କଠୋର କାର୍ଯ୍ୟାନୁଷ୍ଠାନ ଦାବି କରି ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଆର୍‌ଡିସିଙ୍କ କାର୍ଯ୍ୟାଳୟରେ ସାମାଜିକ ସଙ୍ଗଠନ ଭଏସ୍ ଅଫ୍ କଟକ ପକ୍ଷରୁ ଦାବିପତ୍ର ପ୍ରଦାନ କରାଯାଇଛି। ଦାବିପତ୍ରରେ ମେଡିକାଲ ଟ୍ରମା ଆଇସିୟୁରେ ଘଟିଥିବା ଅଗ୍ନିକାଣ୍ଡ ଯୋଗୁ ବହୁ ଲୋକଙ୍କ ଜୀବନ ଯାଇଛି। କେବଳ ତଳିଆ କର୍ମଚାରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଗଲା, ହେଲେ ମେଡିକାଲ ଅଧୀକ୍ଷକଙ୍କୁ ତଦନ୍ତ ପରିସରକୁ ଅଣାଗଲାନାହିଁ। ସେହିପରି ମୃତକଙ୍କ ପରିବାରକୁ ସରକାର ଘୋଷଣା କରିଥିବା ୨୫ ଲକ୍ଷ ଅର୍ଥରାଶିକୁ ବୃଦ୍ଧି କରି ୫୦ ଲକ୍ଷ ଟଙ୍କା ଅନୁକମ୍ପା ରାଶି ପ୍ରଦାନ ପାଇଁ ଏଥିରେ ଉଲ୍ଲେଖ କରାଯାଇଛି। ଏଥିରେ ସଙ୍ଗଠନ ସଭାପତି ସିଦ୍ଧାର୍ଥ ମହାନ୍ତି, ସମ୍ପାଦକ ସୌମ୍ୟଦୀପ ଘୋଷ, ବରିଷ୍ଠ ସଦସ୍ୟ ପବିତ୍ର ଭୂୟାଁ, ପ୍ରିୟମ୍ବଦା ନାୟକ, ଅନ୍ନଦା ଦାସ, ତୋଫାନି ଦାସ, ଏନ୍. ଫଗୁଆ, ସନାୱର ଖାନ୍, ଅମରେଶ ତ୍ରିପାଠୀ ପ୍ରମୁଖ ଉପସ୍ଥିତ ଥିଲେ।

## ଆର୍‌ଏସ୍‌ଏସ୍ ପକ୍ଷରୁ ରାଷ୍ଟ୍ରୀୟ ନବବର୍ଷ ପାଳିତ

କଣ୍ଟାପଡା,୨୦।୩(ସୁରନାରାୟଣ ସାହୁ)

ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘ କଣ୍ଟାପଡ଼ା ଖଣ୍ଡ ପକ୍ଷରୁ ସାଇଲୋ ଗୋବିନ୍ଦପୁର ମେଡିକାଲ ପଡିଆରେ ଗୁରୁବାର ସନ୍ଧ୍ୟାରେ ରାଷ୍ଟ୍ରୀୟ ନବବର୍ଷ ପାଳିତ ହୋଇଯାଇଛି। ଆୟୋଜିତ ସଭାରେ ନିଆଳି ବିଧାୟକ ଛବି ମଲ୍ଲିକ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଆମେ ଆମ ସଂସ୍କୃତିଠାରୁ ଦୂରେଇ ଯାଇ ପାଶ୍ଚାତ୍ୟ ସଂସ୍କୃତିକୁ ଆପଣେଉଛୁ, ଯାହାକି ଅତ୍ୟନ୍ତ ଦୁର୍ଭାଗ୍ୟଜନକ ବୋଲି କହିଥିଲେ। ଆର୍‌ଏସ୍‌ଏସ୍‌ର ସହ ପ୍ରାନ୍ତ ବୌଦ୍ଧିକ ପ୍ରମୁଖ ବିଶ୍ୱମ୍ବର ପାଣି ମୁଖ୍ୟବକ୍ତା ଭାବେ ଯୋଗଦେଇ ନବବର୍ଷ କେବଳ ହିନ୍ଦୁମାନଙ୍କ ନୁହେଁ, ବରଂ ଏହା ସମସ୍ତ ମାନବ ସମାଜର ବୋଲି କହିଥିଲେ। ଆୟୋଜିତ ନୃତ୍ୟ ପ୍ରତିଯୋଗିତାର କନିଷ୍ଠ ଏବଂ ବରିଷ୍ଠ ବର୍ଗରେ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। ବିଚାରପତି ଭାବେ ସାମାଜିକ କର୍ମୀ ବଟକୃଷ୍ଣ ସ୍ୱାଇଁ, ନାଟ୍ୟକାର ଆଖଣ୍ଡଳ ସାହୁ ଓ ଓଡିଶୀ ନୃତ୍ୟଶିଳ୍ପୀ ଦିବ୍ୟାଶ୍ରୀ ସାହୁ ଯୋଗଦେଇଥିଲେ। କାର୍ଯ୍ୟକ୍ରମକୁ ଆର୍‌ଏସ୍‌ଏସ୍‌ର ସ୍ୱୟଂସେବକମାନେ ପରିଚାଳନା କରିଥିଲେ।

## ଡ୍ରିମ୍‌ସରେ ବିଶ୍ୱ ପଖାଳ ଦିବସ


ସ୍କୁଲ ଅଫ୍ ହୋଟେଲ ମ୍ୟାନେଜମେଣ୍ଟ' ପକ୍ଷରୁ ଅନୁଷ୍ଠିତ ପଖାଳ ଦିବସ ।

କଟକ,୨୦।୩(କାର୍ତ୍ତିକ ସାହୁ)

ଡ୍ରିମ୍‌ସ ବିଶ୍ୱବିଦ୍ୟାଳୟ ଅଧୀନ 'ସ୍କୁଲ ଅଫ୍ ହୋଟେଲ ମ୍ୟାନେଜମେଣ୍ଟ' ପକ୍ଷରୁ ବିଶ୍ୱ ପଖାଳ ଦିବସ ପାଳିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ଡ୍ରିମ୍‌ସ ବିଶ୍ୱବିଦ୍ୟାଳୟର ପ୍ରତିଷ୍ଠାତା ଅଧ୍ୟକ୍ଷ ଡ. ପ୍ରମୋଦ ଚନ୍ଦ୍ର ରଥ ଯୋଗଦେଇ ଓଡ଼ିଆ ସଂସ୍କୃତି, ପରମ୍ପରା ଓ ଜୀବନଧାରାରେ ପଖାଳର ବିଶେଷ ଗୁରୁତ୍ୱ ରହିଛି ବୋଲି କହିଥିଲେ। କୁଳପତି ପ୍ରଫେସର ଡ. ପ୍ରକାଶ କୁମାର ହୋତା, ରେଜିଷ୍ଟ୍ରାର କୃଷ୍ଣ ପ୍ରସାଦ ପତି, ପ୍ରଶାସନିକ ନିର୍ଦ୍ଦେଶକ ବଳରାମ କର, ଡେପୁଟି ରେଜିଷ୍ଟ୍ରାର ଶିଶିର କୁମାର ସାହୁ, ନିର୍ଦ୍ଦେଶକ (ଛାତ୍ର ସମ୍ପର୍କ) ଲୋକନାଥ ବେହେରା, ପ୍ରଶାସନିକ ଅଧିକାରୀ ଆଶୁତୋଷ ଦ୍ୱିବେଦୀ, ଲୋକ ସମ୍ପର୍କ ଅଧିକାରୀ ନିରାକାର ସାହୁ ପ୍ରମୁଖ ଯୋଗଦେଇଥିଲେ।

## ଶିକ୍ଷାଭିତ୍ତିକ ବିଜ୍ଞାନ ପ୍ରଦର୍ଶନୀ କାର୍ଯ୍ୟକ୍ରମ

କଟକ ସଦର, ୨୦।୩(ସୁଶାନ୍ତ କୁମାର ଜେନା)

କଟକ ସଦର ବ୍ଲକ ଅନ୍ତର୍ଗତ ୪୨ ମୌଜାସ୍ଥିତ ଅର୍‌ଏମ୍ ସ୍କୁଲଠାରେ ଶିକ୍ଷାଭିତ୍ତିକ ବିଜ୍ଞାନ ପ୍ରଦର୍ଶନୀ କାର୍ଯ୍ୟକ୍ରମ ଉଦ୍‌ଯାପିତ ହୋଇଯାଇଛି। ଶ୍ରୀସନ୍ତଙ୍କ ନିର୍ଦ୍ଦେଶରେ ଉପାଧ୍ୟକ୍ଷା ସରସ୍ୱତୀ ସାମନ୍ତରାୟଙ୍କ ମାର୍ଗଦର୍ଶନରେ ୟଙ୍ଗଟିଙ୍କର ଅନୁଷ୍ଠାନ ସହଯୋଗରେ ଅର୍‌ଏମ୍ ସ୍କୁଲଠାରେ ଶିକ୍ଷା ଭିତ୍ତିକ ବିଜ୍ଞାନ ପ୍ରଦର୍ଶନୀ ଆୟୋଜିତ କରାଯାଇଥିଲା। ଅନୁଷ୍ଠାନର ଶିକ୍ଷକମାନେ ପିଲାଙ୍କୁ ନିଉଟନଙ୍କ ନିୟମ, ଦୈନନ୍ଦିନ ଜୀବନରେ ଏହାର ବ୍ୟବହାର, ପବନ ଓ ସୌର ଶକ୍ତିର ବ୍ୟବହାର, ବର୍ଷାଜଳ ଅମଳ ପ୍ରକଳ୍ପ, ପାଣି ପମ୍ପ, ଏଆଇର ବ୍ୟବହାର, ରୋବଟ୍ ପ୍ରଦର୍ଶନ କରି ଉପସ୍ଥିତ ଛାତ୍ରୀଛାତ୍ରଙ୍କୁ ଶିକ୍ଷା ପ୍ରଦାନ କରିଥିଲେ। କାର୍ଯ୍ୟକ୍ରମରେ ସ୍କୁଲର ପ୍ରିୟତମା ସ୍ୱାଇଁ, ଅଲିଭା ଦଳାଇ, ସ୍ମୃତିପ୍ରଜ୍ଞା ମହାପାତ୍ର, ତୃପ୍ତି ନାୟକ, ପ୍ରିୟଙ୍କା ପ୍ରିୟଦର୍ଶିନୀ, ସୋନାଲି ଗୁପ୍ତା, କବିତା ନାୟକ ଓ ଯାଶିକା ନାୟକ ପ୍ରମୁଖ ସହଯୋଗ କରିଥିଲେ। ସ୍କୁଲର ସଂଯୋଜକ ଭାରତ ଭୂଷଣ ରାୟ ଓ ରେକି ମିଶନର ସନ୍ତୋଷ କୁମାର ପଟ୍ଟନାୟକ ଉପସ୍ଥିତ ରହିଥିଲେ।


ପ୍ରଶିକ୍ଷଣ ଶିବିରରେ ଛାତ୍ରୀଛାତ୍ର।

# ଗୋବର ଜାଳେଣି ପ୍ରତି ବଢୁଛି ଆଗ୍ରହ

**ଜାଳେଣି ଯୋଗୁ ମଧ୍ୟବିତ୍ତଙ୍କ ପରିବାରରେ ଭାଳେଣି**

ଫୁଲନଖରା,୨୦।୩(ସତ୍ୟରଞ୍ଜନ ଦାସମହାପାତ୍ର)

ମଧ୍ୟପ୍ରାଚ୍ୟରେ ଯୁଦ୍ଧ ଯୋଗୁ ଭାରତ ସମେତ ଅନେକ ରାଷ୍ଟ୍ରରେ ଏବେ ଗ୍ୟାସ୍ ସଙ୍କଟ ଦେଖାଦେଇଛି। ଆଗକୁ ଅବସ୍ଥା କ'ଣ ହେବ ବୋଲି ଭାବି ଆଶା ଓ ଆଶଙ୍କାରେ ରହୁଛନ୍ତି ଲୋକେ। ସବୁଠୁ ଅଧିକ ଚିନ୍ତା ଘାରୁଛି ମଧ୍ୟବିତ୍ତବର୍ଗ ଲୋକଙ୍କୁ, ଯେଉଁମାନେ କିଛି ବର୍ଷ ହେଲା ଭୁଲିଗଲେଣି ଚୁଲିକୁ। ଘର କାନ୍ଥ କଳାପଡ଼ିବା ଏବଂ ଧୂଆଁ ଯୋଗୁ ସ୍ୱାସ୍ଥ୍ୟଗତ ସମସ୍ୟା ଉପୁଜିବ ବୋଲି ଚୁଲିଠୁ ଦୂରରେ ରହିଥିବା ମଣିଷ ଏବେ କାଠ ଚୁଲି ପାଇଁ ଦଉଡ଼ି ହେଲାଣି। କିନ୍ତୁ ଗ୍ୟାସ୍ ଚୁଲା ସହ ନିବିଡ଼ ସମ୍ପର୍କରେ ବାନ୍ଧି ହୋଇଯାଇଥିବା ମଣିଷ ଚୁଲି ସହ ନିବିଡ଼ ସ୍ଥାପନ କରିବା ପାଇଁ ସହଜରେ ରାଜି ହୋଇପାରୁନାହାନ୍ତି ବୋଲି ଜ୍ଞାନଗୁରୁ ଦିଲୀପ କୁମାର ବେହେରା କହିଛନ୍ତି। ଗ୍ୟାସ୍‌ର ଅଭାବ ହେଲେ ଗରିବଙ୍କ ବି କିଛି ଅସୁବିଧା ହେବନି, କାରଣ ସେମାନଙ୍କ ମଧ୍ୟରୁ ଅନେକଙ୍କ ଘରେ ଏବେ ସୁଦ୍ଧା ଗ୍ୟାସଚୁଲା ନାହିଁ। ସେମାନେ ଏବେ ବି ମାଟି ଚୁଲିରେ ଘଷି, ଗୋବର ଫଡା, କାଠ ବ୍ୟବହାର କରି ରୋଷେଇ କରନ୍ତି। ଅନ୍ୟ କେତେଜଣ ଗ୍ୟାସଚୁଲା ରଖିଥିଲେ ବି କେତେବେଳେ କେମିତି ତାକୁ ବ୍ୟବହାର କରନ୍ତି ନଚେତ ଚୁଲିର ବ୍ୟବହାର କରନ୍ତି। ଗ୍ୟାସ ଦର ଯେତେ ବୃଦ୍ଧି ହେଲେ ବି ଆମର କିଛି ଅସୁବିଧା ନାହିଁ ବୋଲି କୁହନ୍ତି ନଛିପୁର ଅଞ୍ଚଳର ଗୃହିଣୀ ସୁଲୋଚନା ନାୟକ। 'ଗାଈ ଗୋବରରୁ ପ୍ରସ୍ତୁତ ଗୋଲ ଗୋଲ ଫଡା ହିଁ ଆମ ପାଇଁ ଭରସା' ବୋଲି ସେ କୁହନ୍ତି। ଏବକାର ସମସ୍ୟା ପୁଣି ଚୁଲିର ଯୁଗକୁ ଫେରିଯିବା ପାଇଁ ଉଦ୍ଦିଷ୍ଟ ବୋଲି କୁହନ୍ତି ଅଞ୍ଚଳର ବିଶିଷ୍ଟ ଶିକ୍ଷାବିତ ଡ. ଶରତ କୁମାର ରଥ। ଚୁଲିରେ ପ୍ରସ୍ତୁତ ଭାତର ସ୍ୱାଦ ଗ୍ୟାସଚୁଲା ଅପେକ୍ଷା ଅତ୍ୟନ୍ତ ସ୍ୱାଦଯୁକ୍ତ। ଆଗେ ଘରେ ଘରେ ଚୁଲି ଥିଲା। ଲୋକେ ନୀରୋଗ ଥିଲେ। ଏବେ ଘରେ ଘରେ ଗ୍ୟାସଚୁଲା। ତାସହିତ ଘରେ ଘରେ କ୍ୟାନ୍ସର ରୋଗୀ ବୋଲି ସେ କୁହନ୍ତି ।



ସେଲ୍ଫି କର୍ନର ଧରିତ୍ରୀ
ଆମକୁ ପଠାନ୍ତୁ ଆପଣଙ୍କ ସେଲ୍ଫି
metroselfie@gmail.com


@ ଅନିତା


@ ଭାରତ


@ ଦୀପକ


@ ପପୁ


@ କାଳିଆ

ସେଲ୍ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ । ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

# ବିଶ୍ୱସ୍ତରରେ ଓଡ଼ିଶାକୁ ସ୍ୱତନ୍ତ୍ର ପରିଚୟ ଦେଇଛି ପଖାଳ: ମୁଖ୍ୟମନ୍ତ୍ରୀ

## ରାଜ୍ୟସ୍ତରୀୟ 'ପଖାଳ ପରବ' ପାଳନ

ଭୁବନେଶ୍ୱର,୨୦।୩ (ସୌମ୍ୟରଞ୍ଜନ ରାଉତ)

ଓଡ଼ିଶାର ପ୍ରମୁଖ ଗ୍ରୀଷ୍ମକାଳୀନ ଖାଦ୍ୟ 'ପଖାଳ'ର ଲୋକପ୍ରିୟତାକୁ ବଢ଼ାଇବା ପାଇଁ ପର୍ଯ୍ୟଟନ ବିଭାଗ ପକ୍ଷରୁ ଭୁବନେଶ୍ୱରସ୍ଥିତ ପାନ୍ଥନିବାସଠାରେ ଶୁକ୍ରବାର ରାଜ୍ୟସ୍ତରୀୟ 'ପଖାଳ ପରବ' ପାଳନ କରାଯାଇଛି। ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଯୋଗଦେଇ କହିଲେ, ପଖାଳ କେବଳ ଏକ ଆହାର ନୁହେଁ, ବରଂ ଓଡ଼ିଶାର ସଂସ୍କୃତି ଓ ପରମ୍ପରାର ଏକ ଅବିଚ୍ଛେଦ୍ୟ ଅଙ୍ଗ। ଓଡ଼ିଶାକୁ ବିଶ୍ୱସ୍ତରରେ ସ୍ୱତନ୍ତ୍ର ପରିଚୟ ଦେଇଛି ପଖାଳ। ଆଜିକାଲିର ପାଶ୍ଚାତ୍ୟ ଖାଦ୍ୟ ସଂସ୍କୃତି ଭିତରେ ଆମର ଏହି ପାରମ୍ପରିକ ଖାଦ୍ୟ ଯେପରି ହଜି ନ ଯାଏ, ସେଥିପାଇଁ ଏହି ଦିବସଟି ସମସ୍ତ ଓଡ଼ିଆଙ୍କୁ ଏକଜୁଟ କରିବାର ପ୍ରୟାସ କରିଥାଏ ବୋଲି ମୁଖ୍ୟମନ୍ତ୍ରୀ କହିଥିଲେ। ଆହୁରି ମଧ୍ୟ ସେ କହିଲେ, ପଖାଳ କେବଳ ଗରିବର ଖାଦ୍ୟ ନୁହେଁ, ବରଂ ଏହା ମହାପ୍ରଭୁ ଜଗନ୍ନାଥଙ୍କର ମଧ୍ୟ ପ୍ରିୟ। ଶ୍ରୀମନ୍ଦିରରେ ମହାପ୍ରଭୁଙ୍କୁ 'ଟଙ୍କ ତୋରାଣି' ଏବଂ ପଖାଳ ଭୋଗ ଲାଗି ହୋଇଥାଏ। ଭଗବାନଙ୍କ ପାଖରେ ଏହି ସରଳ ଖାଦ୍ୟର ଅର୍ପଣ ଦର୍ଶାଏ


ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଉପମୁଖ୍ୟମନ୍ତ୍ରୀ କନକବର୍ଦ୍ଧନ ସିଂଦେଓ ଓ ପ୍ରଭାତୀ ପରିଡ଼ାଙ୍କ ସହ ପାନ୍ଥ ନିବାସଠାରେ ପଖାଳ ଖାଉଛନ୍ତି।



ପର୍ଯ୍ୟଟନ ବିଭାଗ ପକ୍ଷରୁ ଭୁବନେଶ୍ୱରସ୍ଥିତ ପାନ୍ଥନିବାସଠାରେ ଶୁକ୍ରବାର ଆୟୋଜିତ ରାଜ୍ୟସ୍ତରୀୟ 'ପଖାଳ ପରବ' କାର୍ଯ୍ୟକ୍ରମରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ସମେତ ଅନ୍ୟ ଅତିଥିମାନେ ପୁରୀ ଜିଲାର ପ୍ରସିଦ୍ଧ ଦୁଇ ମାଷ୍ଟର ସେଫ୍ ଅଞ୍ଜୁ ଏବଂ ସଞ୍ଜୁଙ୍କୁ ସମ୍ମାନିତ କରୁଛନ୍ତି।

ଯେ ସାଧାରଣ ଜୀବନଶୈଳୀ କେତେ ଶୁଦ୍ଧ। ପଖାଳର ସବୁଠାରୁ ବଡ଼ ଗୁଣ ହେଉଛି ଏହା 'ଜିରୋ ୱେଷ୍ଟ' ଖାଦ୍ୟ। ପଖାଳର ପ୍ରୋ-ବାୟୋଟିକ ଗୁଣ ରହିଛି। ଏଥିରେ ଥିବା ହିତକର ଜୀବାଣୁ ଦେହରେ ଥିବା ଅନିଷ୍ଟକାରୀ ଜୀବାଣୁଙ୍କୁ ମାରି ଦେଇଥାଆନ୍ତି। ବିଶ୍ୱ ପଖାଳ ଦିବସ ଆଜି ଆଉ କେବଳ ଓଡ଼ିଶାରେ ପାଳନ କରାଯାଉ ନାହିଁ। ଏହା ଏବେ ଏକ ବିଶ୍ୱସ୍ତରୀୟ ଉତ୍ସବ ପାଲଟିଛି। ଭାରତର ବିଭିନ୍ନ ସ୍ଥାନରେ ଏବଂ ବିଶ୍ୱର ବିଭିନ୍ନ ସ୍ଥାନରେ ରହୁଥିବା ଓଡ଼ିଆମାନେ ଏହି ଦିନକୁ ଗର୍ବର ସହିତ ପାଳନ କରୁଛନ୍ତି ବୋଲି ମୁଖ୍ୟମନ୍ତ୍ରୀ କହିବା ସହ ବିଶ୍ୱର ସମଗ୍ର ଚାଷୀ ସମାଜକୁ କୃତଜ୍ଞତା ଜଣାଇଥିଲେ। ଏହି ଅବସରରେ ମୁଖ୍ୟମନ୍ତ୍ରୀ ଇଣ୍ଡୋନେସିଆ, ମାଲେସିଆ, ବାହାରିନ୍, ସିଙ୍ଗାପୁର ସମେତ ୧୫ଟି ରାଜ୍ୟରୁ ଆଭାସୀ ମାଧ୍ୟମରେ ଯୋଡି ହୋଇଥିବା ପ୍ରବାସୀ ଓଡ଼ିଆଙ୍କ ସହ କଥା ହୋଇଥିଲେ। ଏଥିସହ ବିଶ୍ୱ ଓ ରାଷ୍ଟ୍ରୀୟ ସ୍ତରରେ ଓଡ଼ିଆ ଖାଦ୍ୟର ପ୍ରଚାର ପ୍ରସାର କରୁଥିବା ସେଫ୍‌ମାନଙ୍କୁ ମୁଖ୍ୟମନ୍ତ୍ରୀ ସମ୍ବର୍ଦ୍ଧିତ କରିଥିଲେ। ଗିନିଜ୍ ବୁକ୍ ଅଫ ୱାର୍ଲଡ ରେକର୍ଡ ପାଇଁ ପର୍ଯ୍ୟଟନ ବିଭାଗ ପକ୍ଷରୁ ୮୫୦କେଜି ଚାଉଳରେ ପ୍ରସ୍ତୁତ ୧୧୬୭ କେଜିର ପଖାଳ ସମସ୍ତଙ୍କୁ ଆକର୍ଷିତ କରିଥିଲା। ମୁଖ୍ୟମନ୍ତ୍ରୀ ମାଝୀ ପାନ୍ଥନିବାସଠାରେ ସମସ୍ତ ଅତିଥିଙ୍କ ସହ ଓଡ଼ିଆ ଖାଦ୍ୟ ମେଳା ବୁଲି ଦେଖିବା ସହ ପ୍ରସ୍ତୁତ ହୋଇଥିବା ପ୍ରାୟ ୩୨୬ ପ୍ରକାର ଓଡ଼ିଆ ବ୍ୟଞ୍ଜନକୁ ପ୍ରଶଂସା କରିଥିଲେ। ପରେ ସମସ୍ତ ଅତିଥିଙ୍କ ସହ ପଖାଳ ଖାଇଥିଲେ। ରାଜ୍ୟ ସରକାରଙ୍କ ପକ୍ଷରୁ ଏହି ପଖାଳ ୨୦୦୦ରୁ ଊର୍ଦ୍ଧ୍ୱ ଲୋକଙ୍କୁ ବଣ୍ଟା ଯାଇଥିଲା। କାର୍ଯ୍ୟକ୍ରମରେ ବାଚସ୍ପତି ସୁରମା ପାଢ଼ୀ, ଉପବାଚସ୍ପତି ଭବାନୀ ଶଙ୍କର ଭୋଇ, ଉପମୁଖ୍ୟମନ୍ତ୍ରୀ କନକବର୍ଦ୍ଧନ ସିଂଦେଓ, ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା, ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ ମନ୍ତ୍ରୀ ଗଣେଶ ରାମ ସିଂ ଖୁଣ୍ଟିଆ, ନବନିର୍ବାଚିତ ଏମ୍‌ପି ମନମୋହନ ସାମଲ, ଏକାମ୍ର ଭୁବନେଶ୍ୱର ବିଧାୟକ ବାବୁ ସିଂହ, ମୁଖ୍ୟ ଶାସନ ସଚିବ ଅନୁ ଗର୍ଗ ପ୍ରମୁଖ ଉପସ୍ଥିତ ଥିଲେ।

# ପଖାଳ କଂସାରେ କଟକ ରାଜନୀତି

■ଭାଜପା, କଂଗ୍ରେସ ନେତୃବୃନ୍ଦଙ୍କ ସହ ପଖାଳ ଦିବସ ପାଳିଲେ ମେୟର

■ଦେବାଶିଷଙ୍କ ସମେତ ନ ଥିଲେ ସୌଭିକ୍, ଦେବୀ ଓ ୨ ପ୍ରଭାତ

କଟକ,୨୦।୩(ଶିଲ୍ପା ପ୍ରିୟଦର୍ଶିନୀ)

ପଖାଳ ଦିବସ ଶୁକ୍ରବାର କଟକରେ ବେଶ୍ ଧୁମ୍‌ଧାମରେ ପାଳିତ ହୋଇଯାଇଛି। ପ୍ରତ୍ୟେକ ଘରେ ଓ ଛୋଟ ଚାଳିଆ ହୋଟେଲଠାରୁ ଆରମ୍ଭ କରି ବଡ଼ ତାରକା ହୋଟେଲରେ ଏହାର ମଜା ନେଇଛନ୍ତି ସହରବାସୀ। ଏଥିରୁ ସିଏମ୍‌ସି ମେୟର ସୁବାସ ସିଂ ମଧ୍ୟ ବାଦ୍ ପଡ଼ିନାହାନ୍ତି। ବାରବାଟୀ ଦୁର୍ଗସ୍ଥିତ ସୁବାସଙ୍କ ସରକାରୀ କ୍ୱାର୍ଟର୍ସରେ ମେୟରଙ୍କ ପକ୍ଷରୁ ପଖାଳ ଦିବସ ପାଳନ କରାଯାଇଛି। ଏଥିରେ ପୂର୍ବତନ ମନ୍ତ୍ରୀ ଶଶିଭୂଷଣ ବେହେରା, କଂଗ୍ରେସ ନଗର ସଭାପତି ସୁରେଶ ମହାପାତ୍ର, ଭାଜପା ରାଜ୍ୟ ସମ୍ପାଦିକା ସ୍ମୃତି ପଟ୍ଟନାୟକ, ଭାଜପା ବରିଷ୍ଠ ନେତା ନୟନ କିଶୋର ମହାନ୍ତି, ଲଲାଟେନ୍ଦୁ ବଡୁ ପ୍ରମୁଖ ଯୋଗଦେଇଥିଲେ। ମେୟର ପଖାଳ ଦିବସ କାର୍ଯ୍ୟକ୍ରମକୁ ସମସ୍ତ ରାଜନୈତିକ ଦଳର ନେତୃବୃନ୍ଦଙ୍କୁ ନିମନ୍ତ୍ରଣ କରାଯାଇଥିବା କହିଥିଲେ। ହେଲେ ନିଜ ଦଳୀୟ ନେତୃବୃନ୍ଦଙ୍କୁ ଦେଖିବାକୁ ମିଳିନି। ଏପରିକି ପଖାଳ କଂସାରେ ରାଜ୍ୟ ସଭା ନିର୍ବାଚନରେ କ୍ରସ୍ ଭୋଟିଂ


ଭାଜପା, କଂଗ୍ରେସ ନେତୃବୃନ୍ଦଙ୍କ ସହ ମେୟର ସୁବାସ ସିଂ।

ପ୍ରସଙ୍ଗ ନେଇ ନୂଆ ରାଜନୀତି ଆରମ୍ଭ ହୋଇଛି। ପୂର୍ବରୁ ଦେବାଶିଷ ଓ ସୁବାସଙ୍କ ମଧ୍ୟରେ ଥିବା କନ୍ଦଳ ବହୁ କାର୍ଯ୍ୟକ୍ରମରେ ସାମ୍ନାକୁ ଆସିଥିବାବେଳେ ଏହି କାର୍ଯ୍ୟକ୍ରମରେ ଦେବାଶିଷଙ୍କ ସମେତ ସୌଭିକ୍ ବିଶ୍ୱାଳ, ଦେବୀରଞ୍ଜନ ତ୍ରିପାଠୀ, ପ୍ରଭାତ ତ୍ରିପାଠୀ କି ପ୍ରଭାତ ବିଶ୍ୱାଳଙ୍କ ସମେତ ବାରବାଟୀ-କଟକ ଓ ଚୌଦ୍ୱାର-କଟକ ନିର୍ବାଚନମଣ୍ଡଳୀର ନେତୃବୃନ୍ଦ ଏବଂ ସିଏମ୍‌ସିର ବିଜେଡିର କେତେଜଣ କର୍ପୋରେଟର ଉପସ୍ଥିତ ନ ଥିବା ଦେଖିବାକୁ ମିଳିଛି। ରାଜନେତା ଭାବେ କଟକରେ ଚତୁର୍ଥଥର ଏଭଳି ପଖାଳ ଦିବସ ପାଳିବା କ୍ଷେତ୍ରରେ ମେୟର ସୁବାସ ପ୍ରଥମ ବୋଲି ଶୁଣିବାକୁ ମିଳୁଛି। ତେବେ ସୁବାସ ସମସ୍ତ ପ୍ରସଙ୍ଗକୁ ଏଡ଼ାଇ କହିଛନ୍ତି, ଆଜିର ଦିନ ପ୍ରତ୍ୟେକ ଓଡ଼ିଆଙ୍କ ପାଇଁ ଗର୍ବ ଓ ଗୌରବର ବିଷୟ। ଜାତି, ଧର୍ମ, ଦଳକୁ ଦେଖିନାହୁଁ, ସମସ୍ତେ ଏକଜୁଟ୍ ହୋଇଛୁ। ପଖାଳକୁ ଜି-ଆଇ ଟ୍ୟାଗ୍ ମାନ୍ୟତା ପ୍ରଦାନ ପାଇଁ ଦାବି କରୁଛୁ ବୋଲି ସିଂ କହିଛନ୍ତି। ବରିଷ୍ଠ ନେତା ନୟନ ମହାନ୍ତି କହିଛନ୍ତି, ମେୟର ସୁବାସ ଡାକିବାରୁ ଏହି କାର୍ଯ୍ୟକ୍ରମରେ ଯୋଗଦେଇଛି, ଖାଦ୍ୟକୁ ନେଇ ରାଜନୀତି କରିବା ଉଚିତ୍ ନୁହେଁ ବୋଲି ମହାନ୍ତି କହିଛନ୍ତି। କାର୍ଯ୍ୟକ୍ରମରେ ଡେପୁଟି ମେୟର ଦମୟନ୍ତୀ ମାଝୀ, ବିଜେଡି ଜିଲା ସଭାପତି ପ୍ରଫୁଲ୍ଲ ସିଂଙ୍କ ସମେତ କଟକ ଶାନ୍ତି କମିଟିର କର୍ମକର୍ତ୍ତା, ବିଜେଡି କର୍ମୀ ପ୍ରମୁଖ ଉପସ୍ଥିତ ଥିଲେ।

# ରାଜ୍ୟରେ ଖାଲି ପଡ଼ିଛି ୧୬,୯୭୩ ପ୍ରାଥମିକ ଶିକ୍ଷକ ପଦବୀ

ଭୁବନେଶ୍ୱର,୨୦।୩(ସୁଚିସ୍ମିତା ସାହୁ)

ରାଜ୍ୟ ସରକାରଙ୍କଠାରୁ ଆରମ୍ଭକରି କେନ୍ଦ୍ର ସରକାରଙ୍କ ପର୍ଯ୍ୟନ୍ତ ପିଲାଙ୍କ ପାଠପଢ଼ାକୁ ଗୁରୁତ୍ୱ ଦିଆଯାଇ ବିଭିନ୍ନ ଯୋଜନା କାର୍ଯ୍ୟକାରୀ କରାଯାଉଛି। ହେଲେ ରାଜ୍ୟରେ ପ୍ରାଥମିକ ସ୍ତରରେ ୧୬ହଜାର ୯୭୩ ଶିକ୍ଷକ ପଦବୀ ଖାଲି ରହିଛି। ସେହିଭଳି ମାଧ୍ୟମିକ ସ୍ତରରେ ୫ହଜାର ୫୬୫ଜଣ ଶିକ୍ଷକ ପଦ ଖାଲି ରହିଥିବା ବେଳେ ଏକ ହଜାର ୯୪ ହଜାର କ୍ଲର୍କ ଓ ୫ହଜାର ୮୮ ହଜାର ପିଅନ ପଦବୀ ଖାଲି ରହିଛି। ଖାଲି ପଡ଼ିଥିବା ପଦବୀଗୁଡିକ ନୂତନ ନିଯୁକ୍ତ ତଥା ପଦୋନ୍ନତି ମାଧ୍ୟମରେ ପୂରଣ କରାଯିବା ନିମନ୍ତେ ସରକାର ବିହିତ ପଦକ୍ଷେପ ଗ୍ରହଣ କରୁଛନ୍ତି ବୋଲି ଶୁକ୍ରବାର ବିଧାନସଭାରେ ବିଧାୟକ ଡ. ରମାକାନ୍ତ ଭୋଇଙ୍କ ପ୍ରଶ୍ନରେ ବିଦ୍ୟାଳୟ ଓ ଗଣଶିକ୍ଷା ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ କହିଛନ୍ତି।




# ବିସ୍ଫୋରଣରେ ଫାଟିଲା ବାଣ ଗୋଦାମ ଛାତ

ବାଲିପାଟଣା,୨୦।୩(ଅଭିମନ୍ୟୁ ନାୟକ): ରାଜଧାନୀ ଉପକଣ୍ଠ ବାଲିପାଟଣା ଥାନା ବନମାଳିପୁର ଫାଣ୍ଡି ଅନ୍ତର୍ଗତ ବାଲିକୁଦା ପାଟଣାସ୍ଥିତ ଏକ ସରକାରୀ ସ୍ୱୀକୃତିପ୍ରାପ୍ତ ବାଣ ଗୋଦାମରେ ଶୁକ୍ରବାର ଭୟାବହ ଅଗ୍ନିକାଣ୍ଡ ଘଟିଛି। ଅଗ୍ନିକାଣ୍ଡ ଯୋଗୁ ବାଣ ବିସ୍ଫୋରଣ ହେବାରୁ ଗୋଦାମ ଘର ଛାତ ଫାଟିଯାଇଛି। ତେବେ ଏଥିରେ କେହି ମୃତାହତ ହୋଇ ନ ଥିବା ଜଣାପଡ଼ିଛି। ବାଣରେ ବ୍ୟବହୃତ ବ୍ୟାପକ ସାମଗ୍ରୀ ଓ ବାରୁଦ ପୋଡ଼ିଯାଇଛି। ପ୍ରାୟ ୩ଲକ୍ଷ ଟଙ୍କାର ବାଣ ପୋଡ଼ି ପାଉଁଶ ହୋଇଯାଇଥିବା କୁହାଯାଉଛି। କୁଶଭଦ୍ରା ନଦୀ ପଠା ବାଉଁଶ ଜଙ୍ଗଲରେ ନିଆଁ ଲାଗି ଆଖପାଖ ଅଞ୍ଚଳକୁ ବ୍ୟାପୀ ଯାଇଥିଲା। ବାଣ ଗୋଦାମରେ ଥିବା ଅନ୍ୟ ସାମଗ୍ରୀ ଛିନଛତ୍ର ହୋଇପଡିଛି। ବାଲିପାଟଣା ଅଗ୍ନିଶମ ବାହିନୀ ଘଟଣାସ୍ଥଳରେ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ। ବାଲିକୁଦା ପାଟଣାର କୁମର ସାହୁ ଏବଂ ତାଙ୍କ ଭାଇମାନେ ମା'ଦୁଲ୍ଲାଦେବୀ ଫାୟାର ୱାର୍କ ଖୋଲି ଦୀର୍ଘ ଦିନ ହେବ ଏଠାରେ ବ୍ୟବସାୟ କରିଆସୁଥିଲେ। ଅନ୍ୟପଟେ ଅଗ୍ନିକାଣ୍ଡରେ ବାଣ ବିସ୍ଫୋରଣ ହେବାରୁ ସ୍ଥାନୀୟ ଅଞ୍ଚଳରେ ଭୟର ବାତାବରଣ ଖେଳିଯାଇଛି।




ହସ୍ତତନ୍ତ ବୟନ ଓ ହସ୍ତଶିଳ୍ପ ବିଭାଗ, ଓଡ଼ିଶା ସରକାର
ହସ୍ତଶିଳ୍ପ ନିର୍ଦ୍ଦେଶାଳୟ, ଓଡ଼ିଶା
14001/22/2526

୨୦୨୬-୨୭ ଆର୍ଥିକ ବର୍ଷରେ ହସ୍ତଶିଳ୍ପ କାରିଗରମାନଙ୍କର ଉନ୍ନତି ନିମନ୍ତେ ଉପଯୁକ୍ତ କାରିଗରମାନଙ୍କଠାରୁ ନିମ୍ନଲିଖିତ ଯୋଜନାରେ ତା.୨୪.୦୪.୨୦୨୬ ରିଖ ସୁଦ୍ଧା ଅନଲାଇନ୍ ମାଧ୍ୟମରେ ଦରଖାସ୍ତ ଆହ୍ୱାନ କରାଯାଉଅଛି ।

| କ୍ର.ସଂ. | ଯୋଜନାର ନାମ | ଯୋଜନା ସମ୍ବନ୍ଧୀୟ ସଂକ୍ଷିପ୍ତ ସୂଚନା |
|---|---|---|
| ୧ | ସାମର୍ଥ୍ୟ ବୃଦ୍ଧି (Capacity Building) | |
| | (କ) ଗୁରୁଶିଷ୍ୟ ପରମ୍ପରା ତାଲିମ (GSP Training) | ଜାତୀୟ ହସ୍ତଶିଳ୍ପ ପୁରସ୍କାର ପ୍ରାପ୍ତ/ଜାତୀୟ ହସ୍ତଶିଳ୍ପ ମେରିଟ ପୁରସ୍କାରପ୍ରାପ୍ତ/ ରାଜ୍ୟ ହସ୍ତଶିଳ୍ପ ପୁରସ୍କାର ପ୍ରାପ୍ତ/ ରାଜ୍ୟ ହସ୍ତଶିଳ୍ପ ମେରିଟ ପୁରସ୍କାର ପ୍ରାପ୍ତ ଓ ରାଜ୍ୟ ହସ୍ତଶିଳ୍ପ ନମୁନା ପୁରସ୍କାର ପ୍ରାପ୍ତ ବ୍ୟକ୍ତି ବିଶେଷଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ (ଗୁରୁ ଭାବରେ) ୧୫ ଜଣ କାରିଗରଙ୍କୁ ତାଲିମ ପ୍ରଦାନ । ଶିକ୍ଷାର୍ଥୀ ଅନ୍ୟୂନ ଓଡ଼ିଆ ଭାଷାରେ ଲେଖା ଏବଂ ପଢା ଜାଣିଥିବେ ଓ ୧୮ ରୁ ୫୦ ବର୍ଷ ବୟସ ମଧ୍ୟରେ ହୋଇଥିବେ । ସେମାନେ ୬ ମାସ କିମ୍ବା ଅଧିକ ଅବଧିର ପ୍ରାଥମିକ ତାଲିମ ନେଇଥିବେ କିମ୍ବା ଅନ୍ୟୂନ ୩ ବର୍ଷ କାମ କରିବାର ଅଭିଜ୍ଞତା ଥିବ । ଆବେଦନକାରୀଙ୍କର ନାମ ହସ୍ତଶିଳ୍ପ ସର୍ବେକ୍ଷଣ ତାଲିକାରେ ଥିବା ଆବଶ୍ୟକ । ଗୁରୁଙ୍କ ମାସିକ ପାରିତୋଷିକ ଟ.୩୦,୦୦୦/- (ଜାତୀୟ ସ୍ତରୀୟ ହସ୍ତଶିଳ୍ପ ପୁରସ୍କାର ପ୍ରାପ୍ତ) ଓ ଟ. ୨୫,୦୦୦/- (ରାଜ୍ୟ ସ୍ତରୀୟ ହସ୍ତଶିଳ୍ପ ପୁରସ୍କାର ପ୍ରାପ୍ତ) ଏବଂ ଶିକ୍ଷାର୍ଥୀଙ୍କ ମାସିକ ବୃତ୍ତି ଟ.୫,୦୦୦/- । ତାଲିମ ଅବଧି: ଗ୍ରୁପ A ହସ୍ତଶିଳ୍ପ-୬ ମାସ ଓ ଗ୍ରୁପ୍ B ହସ୍ତଶିଳ୍ପ- ୪ ମାସ । |
| | (ଖ) ନିପୁଣ ଶିଳ୍ପୀଙ୍କ ମାଧ୍ୟମରେ ତାଲିମ (MCP Training) | ହସ୍ତଶିଳ୍ପ ନିର୍ଦ୍ଦେଶାଳୟ ଅଧୀନରେ ସୂଚୀଭୁକ୍ତ ହୋଇଥିବା ନିପୁଣ ଶିଳ୍ପୀ (Empaneled MCP) ମାନଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ୧୫ ଜଣ ନୂତନ କାରିଗରଙ୍କୁ ତାଲିମ ପ୍ରଦାନ । ଶିକ୍ଷାର୍ଥୀ ଅନ୍ୟୂନ ଓଡ଼ିଆ ଭାଷାରେ ଲେଖା ଏବଂ ପଢା ଜାଣିଥିବେ ଓ ୧୮ ରୁ ୫୦ ବର୍ଷ ବୟସ ମଧ୍ୟରେ ହୋଇଥିବେ । ସେମାନଙ୍କର ହସ୍ତଶିଳ୍ପ ପ୍ରତି ରୁଚି ଏବଂ ଆଗ୍ରହ ଥିବ । ସେମାନେ ହସ୍ତଶିଳ୍ପର ଅନ୍ୟ କୌଣସି ଯୋଜନାରେ ଏହି ପ୍ରକାରର ତାଲିମ ନେଇନଥିବେ । ନିପୁଣ ଶିଳ୍ପୀଙ୍କ ମାସିକ ପାରିତୋଷିକ ଟ.୨୨,୫୦୦/- (ଗ୍ରୁପ୍ A) ଓ ଟ.୨୦,୦୦୦/- (ଗ୍ରୁପ୍ B) ଏବଂ ଶିକ୍ଷାର୍ଥୀଙ୍କ ମାସିକ ବୃତ୍ତି ଟ.୨,୦୦୦/- । ତାଲିମ ଅବଧି ଗ୍ରୁପ୍ A ହସ୍ତଶିଳ୍ପ-୧୨ ମାସ ଓ ଗ୍ରୁପ୍ B ହସ୍ତଶିଳ୍ପ-୬ ମାସ । |
| | (ଗ) ଶିଳ୍ପୀଗ୍ରାମ ଯୋଜନା (CVP Training) | ହସ୍ତଶିଳ୍ପ ପୁଞ୍ଜର କାରିଗରମାନଙ୍କୁ ଆତ୍ମନିଯୁକ୍ତି ସହାୟତା ପ୍ରଦାନ କରିବା ନିମନ୍ତେ ସ୍ୱୟଂ ସହାୟକ ଗୋଷ୍ଠୀ ଗଠନ କରାଯାଇ ସେମାନଙ୍କର ଦକ୍ଷତା ବୃଦ୍ଧି, କାରିଗରୀ କୌଶଳ ଅଭିବୃଦ୍ଧି ତାଲିମ ଓ ଯନ୍ତ୍ରପାତି ଯୋଗାଣ କାର୍ଯ୍ୟକ୍ରମ ପାଇଁ ୨ ଗୋଟି ବା ତତୋଧିକ ସ୍ୱୟଂ ସହାୟକ ଗୋଷ୍ଠୀର ଅନ୍ୟୂନ ୩୦ ଜଣ କାରିଗରଙ୍କୁ ବିଚାରକୁ ନିଆଯିବ । ଶିକ୍ଷାର୍ଥୀ ଅନ୍ୟୂନ ଓଡ଼ିଆ ଭାଷାରେ ଲେଖା ଏବଂ ପଢା ଜାଣିଥିବେ ଓ ୧୮ ରୁ ୫୦ ବର୍ଷ ବୟସ ମଧ୍ୟରେ ହୋଇଥିବେ । ପ୍ରଶିକ୍ଷକଙ୍କ ମାସିକ ପାରିତୋଷିକ ଟ.୨୨,୫୦୦/- (ଗ୍ରୁପ୍ A) ଓ ଟ.୨୦,୦୦୦/- (ଗ୍ରୁପ୍ B) ଏବଂ ଶିକ୍ଷାର୍ଥୀଙ୍କ ମାସିକ ବୃତ୍ତି ଟ.୨,୦୦୦/- । ତାଲିମ ଅବଧି: ଗ୍ରୁପ୍ A ହସ୍ତଶିଳ୍ପ- ୧୨ ମାସ ଓ ଗ୍ରୁପ୍ B ହସ୍ତଶିଳ୍ପ-୬ ମାସ । |
| ୨. | ହସ୍ତଶିଳ୍ପ କାରିଗରଙ୍କ କର୍ମଶାଳା ନିର୍ମାଣ ଯୋଜନା (Construction of Workshed for Handi-craft Artisans) | ହସ୍ତଶିଳ୍ପ କାରିଗରମାନଙ୍କୁ ୨୪୦ ବର୍ଗଫୁଟର କର୍ମଶାଳା ନିର୍ମାଣ ନିମନ୍ତେ ଟ.୧,୨୦,୦୦୦/- (IAP ଜିଲ୍ଲା ପାଇଁ ଟ.୧,୩୦,୦୦୦/-) ର ଅନୁଦାନ । ଆବେଦନକାରୀଙ୍କର ନାମ ହସ୍ତଶିଳ୍ପ ସର୍ବେକ୍ଷଣ ତାଲିକାରେ ଥିବା ଆବଶ୍ୟକ । କାରିଗରଙ୍କ ପରିବାର କେବଳ ଜଣେ ସଦସ୍ୟ ଏହି ଯୋଜନା ଅଧୀନରେ ଲାଭ ପାଇବାକୁ ଯୋଗ୍ୟ ହେବେ / ପରିବାରର କୌଣସି ସଦସ୍ୟ ସରକାରୀ ଚାକିରୀ କରିନଥିବେ/ କାରିଗରଙ୍କ ବାର୍ଷିକ ଆୟ ୧ ଲକ୍ଷ ଟଙ୍କାରୁ ଊର୍ଦ୍ଧ୍ୱ ହୋଇନଥିବ/କାରିଗରଙ୍କ ବାର୍ଷିକ ରୋଜଗାରର ପ୍ରାୟ ୫୦ ପ୍ରତିଶତ ଟଙ୍କା ତାଙ୍କର ହସ୍ତଶିଳ୍ପ ବୃତ୍ତିରୁ ରୋଜଗାର ହେଉଥିବା ଆବଶ୍ୟକ । |
| ୩. | ଶିଳ୍ପୀ ଉନ୍ନତି ଯୋଜନା (Silpi Unnati Yojana) | ୧୮ ରୁ ୬୦ ବର୍ଷ ବୟସ ସୀମା ମଧ୍ୟରେ ପାରମ୍ପରିକ/ତାଲିମ ପ୍ରାପ୍ତ ହସ୍ତଶିଳ୍ପ କାରିଗରମାନଙ୍କର ଉନ୍ନତି ନିମନ୍ତେ ବ୍ୟାଙ୍କ ମାଧ୍ୟମରେ ସର୍ବାଧିକ ଟ.୫୦,୦୦୦/- ଋଣ ପ୍ରଦାନ । କେବଳ ଚାନ୍ଦୁଆ ଶିଳ୍ପ, ପଟ୍ଟଚିତ୍ର, କଂସା ଓ ପିତ୍ତଳ କାମ, ପଥର ଖୋଦେଇ, କାଠ ଖୋଦେଇ, ଆଦିବାସୀ ଅଳଙ୍କାର ଏବଂ ଢୋକ୍ରା କାମ ପାଇଁ ସର୍ବାଧିକ ଟ.୧,୦୦,୦୦୦/- ଋଣ ପ୍ରଦାନ । ପ୍ରକଳ୍ପ ମୂଲ୍ୟର ୨୦% (ସର୍ବାଧିକ ଟ.୨୦,୦୦୦/- ର) ଆର୍ଥିକ ଅନୁଦାନ ସହାୟତା । ଆବେଦନକାରୀଙ୍କର ନାମ ହସ୍ତଶିଳ୍ପ ସର୍ବେକ୍ଷଣ ତାଲିକାରେ ଥିବା ଆବଶ୍ୟକ । |

ବି.ଦ୍ର.: ଗ୍ରୁପ୍ A ହସ୍ତଶିଳ୍ପ- ପଟ୍ଟଚିତ୍ର, ତାଳପତ୍ର ଖୋଦେଇ, କାଠ ଖୋଦେଇ, ପଥର ଖୋଦେଇ, ରୁପା ତାରକସି କାମ, କଂସା ଓ ପିତ୍ତଳ କାମ, ଢୋକ୍ରା କାମ, କଳା ଢୋକ୍ରା କାମ, ତାମ୍ର କାମ, ନମନୀୟ ପିତ୍ତଳ ମାଛ କାମ ।
ଗ୍ରୁପ୍ B ହସ୍ତଶିଳ୍ପ- ଅନୁମୋଦିତ ଅନ୍ୟାନ୍ୟ ୫୪ ଗୋଟି ହସ୍ତଶିଳ୍ପ ।
ଉପରୋକ୍ତ ସମସ୍ତ ଯୋଜନାଗୁଡିକର ସବିଶେଷ ତଥ୍ୟ ସମ୍ପୃକ୍ତ ଜିଲ୍ଲା ହସ୍ତଶିଳ୍ପ କାର୍ଯ୍ୟାଳୟରେ ଉପଲବ୍ଧ । ଆଗ୍ରହୀ ହସ୍ତଶିଳ୍ପ କାରିଗରମାନଙ୍କୁ ଅନୁରୋଧ ସେମାନେ ଉପରୋକ୍ତ ଯୋଜନା ଗୁଡିକରେ ସହାୟତା ପାଇଁ ଅନଲାଇନ୍ ମାଧ୍ୟମରେ https://crafts.odisha.gov.in/ ୱେବସାଇଟ ପରିଦର୍ଶନ କରି Apply Online ଉପରେ Click କରି https://spdp.odisha.gov.in/ ରେ ପ୍ରବେଶ କରିବା ପରେ ଆବେଦନ କରିବାକୁ ଚାହୁଁଥିବା ଯୋଜନାରେ Apply Now ଉପରେ Click କରି ଆବେଦନ କରିପାରିବେ । ଏହି ୱେବସାଇଟ ତା.୧୯.୦୩.୨୦୨୬ରିଖରୁ ତା.୨୪.୦୪.୨୦୨୬ ରିଖ ପର୍ଯ୍ୟନ୍ତ ଆବେଦନ କରିବା ପାଇଁ ଉନ୍ମୁକ୍ତ ରହିବ । ଏଥିସମ୍ବନ୍ଧୀୟ ବିଶେଷ ତଥ୍ୟ ପାଇଁ ସମ୍ପୃକ୍ତ ଉପ ନିର୍ଦ୍ଦେଶକ (ହସ୍ତଶିଳ୍ପ)/ ସହକାରୀ ନିର୍ଦ୍ଦେଶକ (ହସ୍ତଶିଳ୍ପ) / ହସ୍ତଶିଳ୍ପ ବିକାଶ ଅଧିକାରୀ ତଥା ଏହି ନିର୍ଦ୍ଦେଶାଳୟର ନିଃଶୁଳ୍କ ଟେଲିଫୋନ ସେବା- ୧୮୦୦ ୩୪୫ ୭୮୫୦ ରେ ଯୋଗାଯୋଗ କରିବାକୁ ଅନୁରୋଧ । ଆବଶ୍ୟକ ସ୍ଥଳେ ଓଡ଼ିଶା ସରକାର ଉପରୋକ୍ତ ନିୟମାବଳୀର ପରିବର୍ତ୍ତନ କରିପାରିବେ ।

ସ୍ୱା./- ନିର୍ଦ୍ଦେଶିକା
ହସ୍ତଶିଳ୍ପ ନିର୍ଦ୍ଦେଶାଳୟ, ଓଡ଼ିଶା
OIPR-14001/14008/1/25-26/0001


**ଏସ୍‌ସିବି ଟ୍ରମା ଆଇସିୟୁ ଅଗ୍ନିକାଣ୍ଡ ଘଟଣା**

# ବିଚାରବିଭାଗୀୟ ତଦନ୍ତ ପାଇଁ ମେଡିକାଲ କର୍ତ୍ତୃପକ୍ଷଙ୍କୁ ଚିଠି

କଟକ,୨୦।୩(ଶିଲ୍ପା ପ୍ରିୟଦର୍ଶିନୀ)

ଏସସିବି ଟ୍ରମା ଆଇସିୟୁ ଅଗ୍ନିକାଣ୍ଡ ଘଟଣାରେ ମୁଖ୍ୟମନ୍ତ୍ରୀ ବିଚାର ବିଭାଗୀୟ ତଦନ୍ତ ନିର୍ଦ୍ଦେଶ ଦେଇଥିଲେ। ଅଗ୍ନିକାଣ୍ଡ ଘଟଣାକୁ ୫ ଦିନ ବିତିଥିବାବେଳେ ଏବେ ବିଚାର ବିଭାଗୀୟ ତଦନ୍ତ ଆରମ୍ଭ ହେବ। ଏହାକୁ ନେଇ ତଦନ୍ତ କମିଟି ପକ୍ଷରୁ ମେଡିକାଲ କର୍ତ୍ତୃପକ୍ଷଙ୍କୁ ଚିଠି ଲେଖାଯାଇଥିବା ସୂଚନା ମିଳିଛି। ବିଭିନ୍ନ ସୁରକ୍ଷା ବ୍ୟବସ୍ଥା ସଂକ୍ରାନ୍ତ ଦସ୍ତାବିଜ୍ ଓ ଅନ୍ୟାନ୍ୟ ପ୍ରମାଣପତ୍ର ପ୍ରସ୍ତୁତ ରଖିବାକୁ ଚିଠିରେ ଦର୍ଶାଯାଇଛି। ଯାହାଦ୍ୱାରା ମେଡିକାଲର ବରିଷ୍ଠ ଅଧିକାରୀମାନେ ଏବେ ବିଭିନ୍ନ ଦସ୍ତାବିଜ୍ ପ୍ରସ୍ତୁତ କରିବାରେ ଲାଗି ପଡ଼ିଛନ୍ତି। ଏପରିକି ଖୁବ୍‌ଶୀଘ୍ର ବିଚାର ବିଭାଗୀୟ ତଦନ୍ତ କମିଟି ଏସ୍‌ସିବିରେ ପହଞ୍ଚି ଏହାର ତଦନ୍ତ ଆରମ୍ଭ କରିବ ବୋଲି ସୂଚନା ମିଳିଛି। ଅବସରପ୍ରାପ୍ତ ବିଚାରପତି ଏହି ଘଟଣାର ତଦନ୍ତ କରି ୬୦ ଦିନ ମଧ୍ୟରେ ସରକାରଙ୍କୁ ରିପୋର୍ଟ ପ୍ରଦାନ କରିବେ। ଏହି ରିପୋର୍ଟ ଆଧାରରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ରାଜ୍ୟ ସରକାର ସ୍ପଷ୍ଟ କରି ସାରିଛନ୍ତି। ଏହି ବିଚାର ବିଭାଗୀୟ ତଦନ୍ତ ଆରମ୍ଭ ହେଲେ ସମସ୍ତ ବିଭାଗର ଅଧିକାରୀ ଓ ମେଡିକାଲ କର୍ତ୍ତୃପକ୍ଷ ତଦନ୍ତ କମିଟିରେ ହାଜର ହେବେ। ଆଇସିୟୁରେ କେଉଁ କାରଣ ପାଇଁ ନିଆଁ ଲାଗିଲା, ଏଥିପାଇଁ ଦାୟୀ କିଏ ଆଦି ବିଭିନ୍ନ ବିଷୟରେ ପଚରାଉଚରା କରାଯିବ। ଅନ୍ୟପଟେ ଏହି ଘଟଣାରେ ୨ ସଙ୍କଟାପନ୍ନ ରୋଗୀଙ୍କ ଚିକିତ୍ସା ଜାରି ରହିଛି। ସେମାନଙ୍କ ସ୍ୱାସ୍ଥ୍ୟାବସ୍ଥା ଗୁରୁତର ରହିଥିବା ଜଣାପଡ଼ିଛି। ପ୍ରକାଶଯୋଗ୍ୟ, ଏହି ଘଟଣାର ତଦନ୍ତ ପାଇଁ ଫ୍ୟାକ୍ଟ ଫାଇଣ୍ଡିଂ ଟିମ୍ ଗଠନ କରାଯାଇଥିଲା। କମିଟି ଦୁଇଥର ଏସ୍‌ସିବିରେ ପହଞ୍ଚି ତଦନ୍ତ କରିଛି। ପ୍ରଥମ ତଦନ୍ତ ଅନୁଯାୟୀ ବୁଧବାର ୪ଜଣଙ୍କୁ ନିଲମ୍ବନ କରାଯାଇଥିଲା।

# ବର୍ତ୍ତମାନ ସରକାରରେ ୧୧୧ ଶିଳ୍ପର ଭିତ୍ତିପ୍ରସ୍ତର ସ୍ଥାପନ: ଶିଳ୍ପମନ୍ତ୍ରୀ

## ଓଏମ୍ସିଇ ୨୦୨୬ ଏକ୍ସପୋର ୨ୟ ଦିନ




ଭୁବନେଶ୍ୱର,୨୦ା୩(ଅନୁରାଧା ମହାରଣା)

ବର୍ତ୍ତମାନର ସରକାରଙ୍କ ଅଧୀନରେ ୧୧୧ଟି ଶିଳ୍ପ ପ୍ରକଳ୍ପ ପାଇଁ ଭିତ୍ତିପ୍ରସ୍ତର ସ୍ଥାପନ କରାଯାଇଛି, ଯାହା ମଧ୍ୟରୁ ଅନେକ ଶିଳ୍ପର ନିର୍ମାଣ କାର୍ଯ୍ୟ ଜାରି ରହିଛି। ଭୁବନେଶ୍ୱର ବରମୁଣ୍ଡା ପଡ଼ିଆରେ ଚାଲିଥିବା ଭାରତୀୟ ଶିଳ୍ପ ମହାସଂଘ (ସିଆଇଆଇ) ଓଡ଼ିଶା ମାଇନିଂ ଆଣ୍ଡ କନ୍ଷ୍ଟ୍ରକଶନ ଇକ୍ୱିପମେଣ୍ଟ ଏକ୍ସପୋ (ଓଏମ୍ସିଇ) ୨୦୨୬ ୨ୟ ଦିନରେ ଶିଳ୍ପ, ବୈଷୟିକ ଶିକ୍ଷା ଓ ଦକ୍ଷତା ବିକାଶ ମନ୍ତ୍ରୀ ସମ୍ପଦ ଚନ୍ଦ୍ର ସ୍ୱାଇଁ ମୁଖ୍ୟ ଅତିଥି ଭାବେ ଯୋଗଦେଇ କହିଛନ୍ତି। ମନ୍ତ୍ରୀ ଆହୁରି କହିଛନ୍ତି, ଓଡ଼ିଶା କେବଳ ଖଣିଜ ପଦାର୍ଥ ଉତ୍ତୋଳନ ଉପରେ ଗୁରୁତ୍ୱ ଦେଉନାହିଁ ବରଂ ଖଣି କ୍ଷେତ୍ରରେ ମୂଲ୍ୟ ଯୋଗ ଉପରେ ମଧ୍ୟ ଧ୍ୟାନ ଦେଉଛି। ଆମେ ମଧ୍ୟ ପୃଥିବୀର ବିରଳ କ୍ଷେତ୍ରଗୁଡ଼ିକରେ ସ୍ଥିର ପ୍ରଗତି ହାସଲ କରୁଛୁ, ଯାହା ଭବିଷ୍ୟତର ଶିଳ୍ପ ଅଭିବୃଦ୍ଧି ପାଇଁ ଅନେକ ସମ୍ଭାବନା ଧାରଣ କରିଛି ବୋଲି ମନ୍ତ୍ରୀ କହିଛନ୍ତି। ଏହି କାର୍ଯ୍ୟକ୍ରମ ଶିଳ୍ପଜଗତର ବିଶିଷ୍ଟ ବ୍ୟକ୍ତି, ନୀତିନିର୍ମାତା, ଟେକ୍ନୋଲୋଜି ପ୍ରଦାତାଙ୍କୁ ଅଭିନବ ସମାଧାନଗୁଡ଼ିକୁ ଆଲୋକିତ କରିବା ଏବଂ ସହଭାଗିତା ପାଇଁ ସୁଯୋଗଗୁଡ଼ିକୁ ବିକଶିତ କରିବା ପାଇଁ ଏକତ୍ରିତ କରିଛି। ଓଡ଼ିଶାର ଶିଳ୍ପ ପ୍ରଗତି ଉପରେ ଆଲୋକପାତକରି ମନ୍ତ୍ରୀ ସ୍ୱାଇଁ ଉଲ୍ଲେଖ କରିଛନ୍ତି, ରାଜ୍ୟରେ ଦ୍ରୁତ ଭିତ୍ତିଭୂମି ବିକାଶ ବୈଷୟିକ ଦୃଷ୍ଟିରୁ ଉନ୍ନତ ଖଣି ଓ ନିର୍ମାଣ ଉପକରଣ ପାଇଁ ଚାହିଦାକୁ ପ୍ରୋତ୍ସାହିତ କରୁଛି। ଦ୍ରୁତ ଶିଳ୍ପାୟନ ଓ ଭିତ୍ତିଭୂମି ସମ୍ପ୍ରସାରଣ ସହ ଅତ୍ୟାଧୁନିକ ଉପକରଣ ପାଇଁ ଆବଶ୍ୟକତା ବୃଦ୍ଧି ପାଉଛି। ସିଆଇଆଇ ଓଏମ୍ସିଇ ଭଳି ପ୍ଲାଟ୍ଫର୍ମଗୁଡ଼ିକ ସହଭାଗିତା କରିବା, ବିଚାରଧାରାର ଆଦାନପ୍ରଦାନ ଓ ନୂତନ ବ୍ୟବସାୟ ମାର୍ଗ ଅନ୍ୱେଷଣ କରିବା ପାଇଁ ହିତାଧିକାରୀଙ୍କ ଲାଗି ଏକ ଚମତ୍କାର ସୁଯୋଗ ପ୍ରଦାନ କରୁଛି ବୋଲି ସେ କହିଛନ୍ତି। ସିଆଇଆଇ ଓଏମ୍ସିଇ ୨୦୨୬, ୧୫୦ରୁ ଅଧିକ ପ୍ରଦର୍ଶକଙ୍କୁ ଆକର୍ଷିତ କରିଥିବା ବେଳେ ୨୦୦୦୦ ବର୍ଗମିଟର ଅଞ୍ଚଳରେ ୧୦୦୦୦ରୁ ଅଧିକ ବ୍ୟବସାୟିକ ପରିଦର୍ଶକ ପରିଦର୍ଶନ କରିଛନ୍ତି । ଏହି ଏକ୍ସପୋ ଖଣି, ନିର୍ମାଣ ଓ ଭିତ୍ତିଭୂମି କ୍ଷେତ୍ରରେ ଏକ ବିସ୍ତୃତ ଶୃଙ୍ଖଳାର ଅତ୍ୟାଧୁନିକ ଟେକ୍ନୋଲୋଜି ଓ ସମାଧାନଗୁଡ଼ିକୁ ପ୍ରଦର୍ଶିତ କରିଛି।

## ପୁରୀକୁ ୨ ଏକ୍ସପ୍ରେସ୍ ଟ୍ରେନ୍ ସେବା ପୁନଃ ସ୍ଥାପନ

ଭୁବନେଶ୍ୱର,୨୦ା୩ (ଅନୁରାଧା ମହାରଣା)

ପୁରୀକୁ ୨ ଏକ୍ସପ୍ରେସ୍ ଟ୍ରେନ୍ ସେବା ପୁନଃ ସ୍ଥାପନ ହୋଇଛି। ପୂର୍ବତଟ ରେଳପଥ ଘୋଷଣା କରିଛି ଯେ ପୁରୀ ଷ୍ଟେଶନରେ ହୋଇଥିବା ପ୍ଲାଟ୍ଫର୍ମ ଉନ୍ନତୀକରଣ କାର୍ଯ୍ୟ ସମ୍ପୂର୍ଣ୍ଣ ହେବା ପରେ ହାଓଡା-ପୁରୀ-ହାଓଡା ଏକ୍ସପ୍ରେସ୍ ଟ୍ରେନ୍ର ପରିଚାଳନାରେ ପରିବର୍ତ୍ତନ ଅଣାଯାଇଛି। ପୂର୍ବରୁ ପୁରୀ ଷ୍ଟେଶନରେ ପ୍ଲାଟ୍ଫର୍ମ କାମ ଯୋଗୁ ଏହି ଟ୍ରେନ୍ଗୁଡ଼ିକ ମାଳତୀପାଟପୁରରେ ସ୍ୱଳ୍ପ ଅବସାନ ଓ ସ୍ୱଳ୍ପ ଉତ୍ପତ୍ତି ହେଉଥିବା ବେଳେ ଏବେ ସେବା ପୁରୀ ଷ୍ଟେଶନକୁ ପୁନଃ ସ୍ଥାପନ କରାଯାଇଛି। ୧୨୮୩୭ (ହାଓଡା-ପୁରୀ ଏକ୍ସପ୍ରେସ୍) ମାର୍ଚ୍ଚ ୨୧ଠାରୁ ମାଳତୀପାଟପୁର ବଦଳରେ ପୁରୀରେ ଅବସାନ କରିବ ଏବଂ ୧୨୮୩୮ (ପୁରୀ-ହାଓଡା ଏକ୍ସପ୍ରେସ୍) ମାର୍ଚ୍ଚ ୨୨ ଠାରୁ ପୁରୀରୁ ଯାତ୍ରା ଆରମ୍ଭ କରିବ। ଅସ୍ଥାୟୀ ଭାବେ ଟ୍ରେନ୍ ନମ୍ବର ୧୨୮୩୮ ମାର୍ଚ୍ଚ ୨୨ ରୁ ମେ ୧୫ ପର୍ଯ୍ୟନ୍ତ ପୁରୀରୁ ସନ୍ଧ୍ୟା ୮ଟା୧୫ ବଦଳରେ ରାତି ୯ଟା ୩୦ରେ ଛାଡ଼ିବ।

## କିଟ୍‌ରେ ଇଫ୍ତାର ପାଳିତ



ଭୁବନେଶ୍ୱର,୨୦ା୩ (ଅନୁରାଧା ମହାରଣା)

କିଟ୍ ବିଶ୍ୱବିଦ୍ୟାଳୟରେ ଶୁକ୍ରବାର ଇଫ୍ତାର ପାଳିତ ହୋଇଯାଇଛି। କିଟ୍‌ରେ କାର୍ଯ୍ୟରତ ମୁସଲମାନ ସମ୍ପ୍ରଦାୟର ଅଧ୍ୟାପିକା ଅଧ୍ୟାପକ, କର୍ମଚାରୀ ଓ ଭାରତ ସମେତ ବିଭିନ୍ନ ଦେଶର ଛାତ୍ରୀଛାତ୍ରଙ୍କୁ ନେଇ ଇଫ୍ତାର ପାର୍ଟିରେ ଆୟୋଜନ କରାଯାଇଥିଲା। ଏଥିରେ ମୁଖ୍ୟ ଅତିଥି ଭାବେ କିଟ୍ ଓ କିସ୍ ପ୍ରତିଷ୍ଠାତା ଅଚ୍ୟୁତ ସାମନ୍ତ ଯୋଗଦେଇ କହିଲେ, ସବୁ ଧର୍ମର ମୂଳ ଆଧାର ହେଉଛି ଦୟା, ମାନବିକତା, ସ୍ନେହ ଓ ସୌହାର୍ଦ୍ଦ୍ୟ। କିଟ୍ ଓ କିସ୍ ଦୟା ଓ ମାନବିକତା ଉପରେ ପର୍ଯ୍ୟବସିତ ଦୁଇଟି ଶିକ୍ଷାନୁଷ୍ଠାନ। ଛାତ୍ରୀଛାତ୍ରମାନେ ଅନ୍ୟକୁ ଭଲ ପାଇବା, ଅନ୍ୟମାନଙ୍କଠାରୁ ଭଲ ପାଇବା ସହ ସ୍ନେହ ପାଇବା ପାଇଁ ଚେଷ୍ଟା କରିବାକୁ ସେ ପରାମର୍ଶ ଦେଇଥିଲେ। ପରସ୍ପରକୁ ଭଲ ପାଇବା ଦ୍ୱାରା ଅନେକ ମାନସିକ ଓ ସାମାଜିକ ସମସ୍ୟା ଦୂରହୋଇପାରିବ ବୋଲି ସାମନ୍ତ କହିଥିଲେ। ଏହାକୁ ସମସ୍ତେ ଆପଣାଇବା ସହ ଅଭ୍ୟାସ କରିବା ଉଚିତ ବୋଲି ସେ କହିଥିଲେ। ଏହି କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ କିଟ୍ ବିଶ୍ୱବିଦ୍ୟାଳୟ କୁଳପତି ପ୍ରଫେସର ଶରଣଜିତ୍ ସିଂହ, ଉପକୁଳପତି ଡା. ସି.ବି.କେ. ମହାନ୍ତି, ପ୍ରଫେସର କେ.ଡି. ରାଜୁ, କୁଳସଚିବ ପ୍ରଫେସର ଜ୍ଞାନରଞ୍ଜନ ମହାନ୍ତିଙ୍କ ସମେତ କିଟ୍ ଓ କିସ୍‌ର ବହୁ ପଦାଧିକାରୀ ଉପସ୍ଥିତ ଥିଲେ ।

# ଶିଳ୍ପ ଅଭିବୃଦ୍ଧିରେ ମନ୍ଥରତା

## ୩ ମାସର ସର୍ବନିମ୍ନ ସ୍ତରକୁ ଖସିଲା ମୁଖ୍ୟ ୮ କ୍ଷେତ୍ରର ପ୍ରଦର୍ଶନ

ନୂଆଦିଲ୍ଲୀ, ୨୦ା୩ (ପି.ଟି.)

ଦେଶର ୮ଟି ମୁଖ୍ୟ ଭିତ୍ତିଭୂମି କ୍ଷେତ୍ର (କୋର୍ ସେକ୍ଟର) ର ଅଭିବୃଦ୍ଧି ହାର ଫେବୃଆରୀରେ ୨.୩ ପ୍ରତିଶତକୁ ଖସି ଆସିଛି, ଯାହା ଗତ ୩ ମାସ ମଧ୍ୟରେ ସର୍ବନିମ୍ନ। ଏହି ମନ୍ଥରତା ପଛର ପ୍ରମୁଖ କାରଣ ହେଉଛି ଶକ୍ତି ସମ୍ବନ୍ଧୀୟ କ୍ଷେତ୍ରଗୁଡ଼ିକରେ ହ୍ରାସ। ଅଶୋଧିତ ତୈଳ, ପ୍ରାକୃତିକ ଗ୍ୟାସ୍ ଏବଂ ରିଫାଇନେରି ଉତ୍ପାଦନରେ ହ୍ରାସ ଯୋଗୁ ଏହି ସ୍ଥିତି ଉପୁଜିଥିବା ସରକାରୀ ତଥ୍ୟରୁ ଜଣାପଡ଼ିଛି। ଗତ ବର୍ଷ ଏହି ସମୟରେ ଅଭିବୃଦ୍ଧି ହାର ୩.୪% ଥିବାବେଳେ ଏବର୍ଷ ତାହା କମିଛି। ସରକାରୀ ତଥ୍ୟ ଅନୁଯାୟୀ, ଚଳିତବର୍ଷ ଫେବୃଆରୀରେ ଶିଳ୍ପ ଅଭିବୃଦ୍ଧି ୨.୩% ରହିଛି, ଏହା ଜାନୁଆରୀରେ ୪.୭% ଥିଲା। ଅନ୍ୟପକ୍ଷରେ ୨୦୨୫ ଫେବୃଆରୀରେ ଏହି ଅଭିବୃଦ୍ଧି ୩.୪% ରହିଥିଲା। 'ଆଇସିଆର୍ଏ'ର ମୁଖ୍ୟ ଅର୍ଥଶାସ୍ତ୍ରୀ ଅଦିତି ନାୟାରଙ୍କ କହିବାନୁଯାୟୀ ମୁଖ୍ୟ କ୍ଷେତ୍ରଗୁଡ଼ିକରେ ମନ୍ଥରତା ଯୋଗୁ 'ଶିଳ୍ପ ଉତ୍ପାଦନ ସୂଚକାଙ୍କ' (ଆଇଆଇପି) ମଧ୍ୟ ଫେବୃଆରୀରେ ୪% କୁ ଖସିବା ଆଶଙ୍କା ରହିଛି, ଯାହା ଜାନୁଆରୀରେ ୪.୮% ଥିଲା। ଯଦି ପଶ୍ଚିମ ଏସିଆରେ ଚାଲିଥିବା ସଙ୍କଟ ଜାରି ରହେ, ତେବେ ଇନ୍ଧନ ଦର ବଢ଼ିବ ଏବଂ ଏହା ଆଗାମୀ ଆର୍ଥିକ ବର୍ଷ (୨୦୨୬-୨୭) ରେ ଭାରତର ଜିଡିପି ଅଭିବୃଦ୍ଧି ଉପରେ ଖରାପ ପ୍ରଭାବ ପକାଇପାରେ। ବାଣିଜ୍ୟ ଏବଂ ଶିଳ୍ପ ମନ୍ତ୍ରଣାଳୟର ତଥ୍ୟ ଅନୁଯାୟୀ, ସିମେଣ୍ଟ (୯.୩%) ଏବଂ ଇସ୍ପାତ (୭.୨%) କ୍ଷେତ୍ରରେ ଭଲ ଅଭିବୃଦ୍ଧି ପରିଲକ୍ଷିତ ହୋଇଛି। ହେଲେ ଶକ୍ତି କ୍ଷେତ୍ରରେ ବଡ଼ଧରଣର ହ୍ରାସ ଦେଖିବାକୁ ମିଳିଛି। ଅଶୋଧିତ ତୈଳ ଉତ୍ପାଦନରେ ୫.୨% ଏବଂ ପ୍ରାକୃତିକ ଗ୍ୟାସ୍ କ୍ଷେତ୍ରରେ ୫% ହ୍ରାସ ଘଟିଛି। ବିଦ୍ୟୁତ୍ ଉତ୍ପାଦନ ମାତ୍ର ୦.୫% ବଢ଼ିଛି, ଯାହା ଅର୍ଥନୀତି ପାଇଁ ଭଲ ସଙ୍କେତ ନୁହେଁ ବୋଲି କୁହାଯାଉଛି।

# ଦ୍ରୁତ ପରିବେଷଣ ଅପେକ୍ଷା ସଠିକତା ଜରୁରୀ



## ବିଜିୟୁରେ ଜାତୀୟ ସମ୍ମିଳନୀ

ଭୁବନେଶ୍ୱର,୨୦ା୩ (ଅନୁରାଧା ମହାରଣା)

ବିର୍ଲା ଗ୍ଲୋବାଲ ୟୁନିଭର୍ସିଟି ଓ ଆଡ୍ଫ୍ୟାକ୍ଟ୍ସ ପିଆର୍ ମିଳିତ ସହଯୋଗରେ 'ରିଇମାଜିନିଂ କମ୍ୟୁନିକେଶନ ମ୍ୟାନେଜମେଣ୍ଟ ଇନ୍ ଏ ଡାଟା-ଡ୍ରିଭେନ୍, ପ୍ଲାଟ୍ଫର୍ମ ଇକୋନୋମି' ଶୀର୍ଷକକୁ ନେଇ ୨ ଦିନିଆ ଜାତୀୟ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ସମ୍ମିଳନୀରେ ଆଡ୍ଫ୍ୟାକ୍ଟ୍ସ ପିଆର୍‌ର ନିର୍ଦ୍ଦେଶକ ଡ. ସମୀର କପୁର ମୁଖ୍ୟ ଅତିଥି ଏବଂ ଆଇଆଇଏମ୍ କୋଝିକୋଡ୍‌ର ହ୍ୟୁମାନିଟିଜ୍ ଆଣ୍ଡ ଲିବରାଲ୍ ଆର୍ଟସ ବିଭାଗର ସହଯୋଗୀ ପ୍ରଫେସର ଡ. ଅନୁପମ ଦାସ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ବିର୍ଲା ଗ୍ଲୋବାଲ ୟୁନିଭର୍ସିଟିର କୁଳପତି ପ୍ରଫେସର କୁଳଭୂଷଣ ବାଲୁନୀ କାର୍ଯ୍ୟକ୍ରମରେ ଯୋଗଦେଇ ସଭାକୁ ସମ୍ବୋଧିତ କରିଥିଲେ। ଆବାହକ ତଥା ସହକାରୀ ପ୍ରଫେସର ସୁରେଶ କୁମାର ଗୋଲ୍ଲେ ଉଦ୍‌ଘାଟନୀ ସମାରୋହରେ ସ୍ୱାଗତ ଭାଷଣ ଦେଇଥିଲେ। ଡିନ୍ ଡ. ଶିବଶଙ୍କର ଦାସ ତଥ୍ୟ ଆଧାରିତ ଯୋଗାଯୋଗର ବଢୁଥିବା ଗୁରୁତ୍ୱ ଉପରେ ଆଲୋକପାତକରି କାର୍ଯ୍ୟକ୍ରମର ଆଭିମୁଖ୍ୟ ସ୍ପଷ୍ଟ କରିଥିଲେ। ଡ. ସମୀର କପୁର କୃତ୍ରିମ ବୁଦ୍ଧିମତ୍ତା ଦ୍ୱାରା ପରିଚାଳିତ ସଂଳାପଭିତ୍ତିକ ଯୋଗାଯୋଗର ଅଭ୍ୟୁଦୟ ଉପରେ ଗୁରୁତ୍ୱାରୋପକରି ସୂଚାଇଥିଲେ ଯେ, ବର୍ତ୍ତମାନ ଦ୍ରୁତ ପରିବେଷଣ ଅପେକ୍ଷା ସଠିକତା ଏବଂ ବିଶ୍ୱାସନୀୟତା ଅଧିକ ଜରୁରୀ। ଏହି ଅବସରରେ 'ଏମ୍‌ବିଏ ଇନ୍ କମ୍ୟୁନିକେଶନ ମ୍ୟାନେଜମେଣ୍ଟ ପାଠ୍ୟକ୍ରମର ଶୁଭାରମ୍ଭ ହୋଇଥିଲା। ସମାରୋହ ଶେଷରେ ଡ. ଜ୍ଞାନରଞ୍ଜନ ମିଶ୍ର ଧନ୍ୟବାଦ ଦେଇଥିଲେ।

## ଅଶୋକ ଲେଲାଣ୍ଡର ୩୫୩୨ ଟୌରସ ଟିପ୍ପର ଲଞ୍ଚ



ଭୁବନେଶ୍ୱର,୨୦ା୩ (ଅନୁରାଧା ମହାରଣା)

ଅଶୋକ ଲେଲାଣ୍ଡର ଟୌରସ ମଡେଲର ଏକ ପ୍ରକାର, ଶକ୍ତିଶାଳୀ ହେଭି-ଡ୍ୟୁଟି ୩୫୩୨ ଟିପ୍ପର ଶୁକ୍ରବାର ସମ୍ବଲପୁର ସହରର ଗୋଟିଏ ହୋଟେଲରେ ଅନୁଷ୍ଠିତ ଏକ କାର୍ଯ୍ୟକ୍ରମରେ ଲଞ୍ଚ କରାଯାଇଛି। ଅଶୋକ ଲେଲାଣ୍ଡର ଅଧିକୃତ ଡିଲର ଜାଲାନ ଅଟୋମୋବାଇଲ ପକ୍ଷରୁ ଏହା ଲଞ୍ଚ ହୋଇଛି। ସୂଚନା ଥାଉକି, ଏହା ଭାରତର ପ୍ରଥମ ୮-ଲିଟର ଇଞ୍ଜିନଚାଳିତ ୩୫୩୨ ଟିପ୍ପର (ଟୌରସ) ଯାହାକୁ ପଶ୍ଚିମ ଓଡ଼ିଶାରେ ଲଞ୍ଚ କରାଯାଇଛି। ଏହି ହେଭିଡ୍ୟୁଟି ଟିପ୍ପର ସ୍ୱତନ୍ତ୍ର ଭାବରେ ଭାରିଯାନ ନିର୍ମାଣ ପ୍ରୟୋଗ ପାଇଁ ଡିଜାଇନ କରାଯାଇଛି, ଯାହା ଉତ୍କୃଷ୍ଟ ଶକ୍ତି ଏବଂ ଦକ୍ଷତା ପ୍ରଦାନ କରେ। ଜାଲାନ ଅଟୋମୋବାଇଲ୍ସର ଚେୟାରମ୍ୟାନ ଅଶୋକ ଜାଲାନ, ଏମ୍‌ଡି ଯୋଗେଶ ଜାଲାନ, ନିର୍ଦ୍ଦେଶକ ମନୀଷ ଚୌଧୁରୀ କହିଥିଲେ, ଏହା କେବଳ ସମ୍ବଲପୁର ନୁହେଁ ବରଂ ସମଗ୍ର ଓଡ଼ିଶା ଓ ପଶ୍ଚିମ ଓଡ଼ିଶା ପାଇଁ ଏକ ଗର୍ବର ମୁହୂର୍ତ୍ତ। ଏହି ଭାରିଯାନ ଶିଳ୍ପକୁ ନୂତନ ପ୍ରଯୁକ୍ତିବିଦ୍ୟା ଏବଂ ଶକ୍ତି ପ୍ରଦାନ କରେ। ସେ ଆହୁରି ମଧ୍ୟ କହିଛନ୍ତି, ଗୁରୁପାଦ ଅଟୋମୋବାଇଲ୍ସ ମଧ୍ୟ ସମ୍ବଲପୁରରେ ଏହାର ପ୍ରଥମ ଡେଲିଭରି କରିଛି। କାର୍ଯ୍ୟକ୍ରମରେ ଉପସ୍ଥିତ ଗ୍ରାହକମାନଙ୍କୁ ଯାନର ବୈଶିଷ୍ଟ୍ୟ ଏବଂ ବୈଷୟିକ ନିର୍ଦ୍ଦିଷ୍ଟକରଣ ବିଷୟରେ ବିସ୍ତୃତ ସୂଚନା ଦିଆଯାଇଥିଲା। ଏହି ଅବସରରେ କମ୍ପାନୀର ଜେଡ୍ଏମ୍ ଦୀପକ ରାଜଦାନ, ଆର୍ଏମ୍ ଅଭିନ୍ନ ପ୍ରତୀକ , ଏଏମ୍ ପ୍ରିୟରଞ୍ଜନ ମଲ୍ଲିକ ପ୍ରମୁଖ ଉପସ୍ଥିତ ଥିଲେ।

# ପିଇବା ପାଣିବୋତଲ ଦର ବଢ଼ିଲା

ଭୁବନେଶ୍ୱର,୨୦ା୩ (ଅନୁରାଧା ମହାରଣା)

ମଧ୍ୟପ୍ରାଚ୍ୟ ଯୁଦ୍ଧ ପ୍ରଭାବ ଭାରତରେ ପଡ଼ିବାକୁ ଲାଗିଛି। ରଏଟର୍ସ ରିପୋର୍ଟ ଅନୁଯାୟୀ କ୍ରୁଡ୍ ଅଏଲ ଦର ବଢ଼ିବାରେ ପ୍ଲାଷ୍ଟିକ୍ ପ୍ୟାକେଜିଂ ସାମଗ୍ରୀର ମୂଲ୍ୟ ବୃଦ୍ଧି ପାଇଛି। ଭାରତରେ ବୋତଲ ବନ୍ଦ ପାଣିର ଦର ପ୍ରାୟ ୧୧% ବଢ଼ିଯାଇଛି। କିଛି ମାସ ପୂର୍ବେ ବୋତଲବନ୍ଦ ପାଣି ଉପରେ ଟ୍ୟାକ୍ସ ୧୮%ରୁ ୫%କୁ ହ୍ରାସକରି କେନ୍ଦ୍ର ସରକାର ଗ୍ରାହକଙ୍କୁ ଆଶ୍ୱସ୍ତି ଦେଇଥିଲେ। ମାତ୍ର ଏବେ ପାଣିବୋତଲ ଦର ବୃଦ୍ଧିପାଇଛି। ଗବେଷଣା ଅନୁଯାୟୀ ଦେଶର ପ୍ରାୟ ୭୦% ଭୂଗର୍ଭ ଜଳରେ ପ୍ରଦୂଷଣ ଥିବାରୁ ବୋତଲବନ୍ଦ ପାଣିର ଚାହିଦା ଲଗାତର ବଢୁଛି, ଯାହାର ବଜାର ମୂଲ୍ୟ ପ୍ରାୟ ୫ ବିଲିୟନ ଡଲାର ଏବଂ ବିସ୍‌ଲେରି, କୋକାକୋଲା(କିନ୍‌ଲେ), ପେପ୍‌ସିକୋ(ଆକ୍ୱାଫିନା), ରିଲାଏନ୍ସ ଇଣ୍ଡଷ୍ଟ୍ରିଜ ଓ ଟାଟା ଗ୍ରୁପ୍ ଭଳି ବଡ଼ କମ୍ପାନୀ ଏଥିରେ ପ୍ରତିଯୋଗିତା କରୁଛନ୍ତି। କ୍ରୁଡ୍ ଅଏଲ ଦର ବୃଦ୍ଧି ଯୋଗୁ ପ୍ଲାଷ୍ଟିକ୍ ବୋତଲ ତିଆରିରେ ବ୍ୟବହୃତ ପଲିମରର ଲଗାତର ୫୦% ବଢ଼ି ୧୭୦ ଟଙ୍କା ପ୍ରତି କିଲୋଗ୍ରାମ ହୋଇଛି। ବୋତଲ ଖୋଳ ଦର ୨ଗୁଣରୁ ଅଧିକ ବଢ଼ି ୦.୪୫ ଟଙ୍କା ପ୍ରତି ପିସ୍ ହୋଇଛି ଏବଂ ଲେବଲ ଓ ଟେପ ମଧ୍ୟ ମହଙ୍ଗା ହୋଇଛି। ବଜାରର ପ୍ରାୟ ଏକ-ତୃତୀୟାଂଶ ଧରିଥିବା ବିସ୍‌ଲେରି ୧୧% ଦର ବଢ଼ାଇଛି, ଯାହାଦ୍ୱାରା ୧ ଲିଟରର ୧୨ ବୋତଲର ଏକ ବକ୍ସ ଏବେ ୨୪୦ ଟଙ୍କାରେ ମିଳୁଛି ଯାହା ପୂର୍ବରୁ ୨୧୬ ଟଙ୍କାର ଥିଲା

# ବାଲିକୁଦାରେ ଖୋଲିଲା ଅତୁଲ ଅଟୋ ଶୋ'ରୁମ୍

କଟକ,୨୦ା୩(କାର୍ତ୍ତିକ ସାହୁ)

ଭବରସାଇ ଭେନ୍‌ଚ୍ୟୁର୍ସ ପ୍ରାଇଭେଟ୍ ଲିମିଟେଡ୍ ପକ୍ଷରୁ ତିନିଚକିଆ ଅତୁଲ ଅଟୋ ଶୋ'ରୁମ୍ କଟକ ବାଲିକୁଦା ଟ୍ରାଫିକ୍ ଛକ ନିକଟରେ ଖୋଲିଛି। ଡିଜେଲ, ସିଏନ୍‌ଜି ଓ ଇଭି ମଡେଲର ଯାତ୍ରୀବାହୀ ଓ ମାଲବାହୀ ଅଟୋ ଶୋ'ରୁମ୍‌ରେ ଉପଲବ୍ଧ ରହିଛି। ଆକର୍ଷଣ ଡିଜାଇନ ସାଙ୍ଗକୁ ଅଧିକ ଜ୍ଞାନକୌଶଳଯୁକ୍ତ ଓ ସୁହାଇବା ଭଳି ମୂଲ୍ୟ ଗ୍ରାହକଙ୍କୁ ଆକୃଷ୍ଟ କରିବ ବୋଲି କମ୍ପାନୀ ପକ୍ଷରୁ କୁହାଯାଉଛି। ଉଦ୍‌ଘାଟନୀ ଉତ୍ସବରେ ମୁଖ୍ୟ ଅତିଥି ଭାବେ ଅତୁଲ ଅଟୋ କମ୍ପାନୀର ସିନିୟର ଜେନେରାଲ ମ୍ୟାନେଜର ଯୋଗେଶ ରଞ୍ଜନ ଯୋଗଦେଇ ଶୋ'ରୁମ୍ ଉଦ୍‌ଘାଟନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଅତୁଲ କମ୍ପାନୀର ସହକାରୀ ଜେନେରାଲ ମ୍ୟାନେଜର ଚିନ୍ମୟ ସ୍ୱାଇଁ, ସହକାରୀ ଜେନେରାଲ ମ୍ୟାନେଜର ଶାନ୍ତିପ୍ରସାଦ ପଣ୍ଡା, ଡେପୁଟି ଜେନେରାଲ ମ୍ୟାନେଜର ପ୍ରବୀର ବିଶ୍ୱାସ ଏବଂ ଭବରସାଇ କମ୍ପାନୀର ମ୍ୟାନେଜିଂ ଡାଇରେକ୍ଟର ସୁଜିତ ସାମଲ, ମ୍ୟାନେଜିଂ ଡାଇରେକ୍ଟର ଅଜିତ ସାମଲ, ସେଲ୍‌ସ ମ୍ୟାନେଜର ଅମିୟ ରଞ୍ଜନ ବେହେରା ଯୋଗଦେଇଥିଲେ।



## କୋଡ଼ିଙ୍ଗାମାଳି ଖଣିରେ ବେଦାନ୍ତର ଇଭି ନିୟୋଜିତ

ଭୁବନେଶ୍ୱର,୨୦ା୩ (ଅନୁରାଧା ମହାରଣା)

ଆଲୁମିନିୟମ ଉତ୍ପାଦକ ବେଦାନ୍ତ ଆଲୁମିନିୟମ ଏହାର କୋଡ଼ିଙ୍ଗାମାଳି ବକ୍ସାଇଟ ଖଣିରେ ବୈଦ୍ୟୁତିକ ଯାନ(ଇଭି) ଲୋଡର ନିୟୋଜନକରି ଡି-କାର୍ବୋନାଇଜେଶନ ମାଇଲଖୁଣ୍ଟ ହାସଲ କରିଛି, ଯାହା ଏହାର ଲୋଡିଂ କାର୍ଯ୍ୟକଳାପରୁ ୫୦% ଅଙ୍ଗାରକାମ୍ଳ ନିର୍ଗମନ ହ୍ରାସ କରିପାରିଛି। ବେଦାନ୍ତ ଆଲୁମିନିୟମ ପକ୍ଷରୁ ଏହି ସୂଚନା ଦିଆଯାଇଛି। ୨୦୫୦ ସୁଦ୍ଧା ମୋଟ ଶୂନ୍ୟ ଅଙ୍ଗାରକାମ୍ଳ ନିର୍ଗମନ ଦିଗରେ କମ୍ପାନୀର ଯାତ୍ରାରେ ଏହା ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ଏବଂ ଏହି ପରିବର୍ତ୍ତନ ଦ୍ୱାରା ଅଧା ଲୋଡିଂ ବ୍ୟବସ୍ଥା ଡିଜେଲରୁ ବିଦ୍ୟୁତ୍‌କୁ ସ୍ଥାନାନ୍ତରିତ ହୋଇଛି। ସିଙ୍ଗାରାମ ସାଇଡିଂରେ ପୂର୍ବରୁ ୬ଟି ଡିଜେଲ ଲୋଡର ଉପରେ ନିର୍ଭର କରିବାକୁ ପଡୁଥିଲା। ନୂତନ ୩.୩ ଡିଜେଲରୁ ଇଭି ବ୍ୟବସ୍ଥା ସହ ଅଙ୍ଗାରକାମ୍ଳ ନିର୍ଗମନ ଘଣ୍ଟା ପ୍ରତି ୧୨୦ କିଲୋଗ୍ରାମ ହ୍ରାସ ପାଇଛି, ଯାହା ସ୍ୱଚ୍ଛ ଏବଂ ଅଧିକ ଦକ୍ଷ ଖନନରେ ଯଥେଷ୍ଟ ଯୋଗଦାନ ଦେଇଛି। ଏହି ପରିବର୍ତ୍ତନ ବାୟୁ ଏବଂ ଶବ୍ଦ ପ୍ରଦୂଷଣ ହ୍ରାସ, ଉଚ୍ଚ ଶକ୍ତି ଦକ୍ଷତା ଏବଂ ଜୀବାଶ୍ମ ଇନ୍ଧନ ନିର୍ଭରଶୀଳତା ହ୍ରାସ ସହ ପରିବେଶଗତ ଲାଭ ମଧ୍ୟ ଆଣିଦେଇଛି । ବେଦାନ୍ତ ଆଲୁମିନା ବିଜ୍‌ନେସ୍‌ର ସିଇଓ ପ୍ରଣବ କୁମାର ଭଟ୍ଟାଚାର୍ଯ୍ୟ କହିଛନ୍ତି, ଏହି ସଫଳତା ଆମର ନେଟ୍ ଜିରୋ ଯାତ୍ରାକୁ ସୁଦୃଢ଼ କରିବା ସହ ଏହା ପ୍ରମାଣିତ କରୁଛି ଯେ ବିନା ଆପୋସ ବୁଝାମଣାରେ ସ୍ଥାୟୀ ନବସୃଜନ ଖଣି କ୍ଷେତ୍ରର ଉତ୍କର୍ଷକୁ ଆଗେଇନେଉଛି ।

# ନର୍ସିଂ ଅଫିସରଙ୍କ ସେବା ଔଷଧଠାରୁ ଅଧିକ କାମ କରିଥାଏ




ଭୁବନେଶ୍ୱର, ୨୦ା୩ (ବନ୍ଦନା ସେଠୀ)

## କଳିଙ୍ଗ ନର୍ସିଂ କଲେଜ ଛାତ୍ରୀଛାତ୍ରଙ୍କ ଶପଥ ଗ୍ରହଣ ଉତ୍ସବ

କଳିଙ୍ଗ ନର୍ସିଂ କଲେଜ ଛାତ୍ରୀଛାତ୍ରଙ୍କ ଶପଥ ଗ୍ରହଣ ଉତ୍ସବ ଶୁକ୍ରବାର (ଇଭେଣ୍ଟ ସ୍କୋୟାରଠାରେ) ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମରେ ବ୍ରହ୍ମଗିରି ବିଧାୟିକା ଉପାସନା ମହାପାତ୍ର ମୁଖ୍ୟ ଅତିଥି ଭାବେ ଯୋଗଦେଇ ଛାତ୍ରୀଛାତ୍ରଙ୍କ ଉଜ୍ଜ୍ୱଳ ଭବିଷ୍ୟତ କାମନା କରିଥିଲେ। ଅନ୍ୟର କଷ୍ଟକୁ ନିଜ କାନ୍ଧରେ ବୋହି ନେଉଥିବା ପ୍ରକୃତ ସେବା ପ୍ରଦାନକାରୀ ହେଉଛନ୍ତି ନର୍ସିଂ ଅଫିସର। ରୋଗୀମାନଙ୍କ ପ୍ରତି ସେମାନଙ୍କର ସେବା, ସେମାନଙ୍କ କଥା ଔଷଧର ହଜାରେ ଗୁଣରୁ ଅଧିକ କାମ କରିଥାଏ। ସେମାନେ ରୋଗୀମାନଙ୍କ କଷ୍ଟକୁ ବାସ୍ତବରେ ଅନୁଭବ କରିବା ସହ ମନରୁ ସେମାନଙ୍କର ସେବା କରିଥାନ୍ତି ବୋଲି ବିଧାୟିକା କହିଥିଲେ। ନାଲ୍‌କୋର ଅଧ୍ୟକ୍ଷ ଓ ପ୍ରବନ୍ଧ ନିର୍ଦ୍ଦେଶକ ଡ. ତପନ କୁମାର ଚାନ୍ଦ ସମ୍ମାନିତ ଅତିଥି ଭାବେ ଯୋଗଦେଇ ସେବାଠାରୁ ବଳି ମହତ୍ୱପୂର୍ଣ୍ଣ ଆଉ କିଛି ନାହିଁ ବୋଲି କହିଥିଲେ। ଆପୋଲୋ ହସ୍ପିଟାଲର ଡେପୁଟି ଜେନେରାଲ ମ୍ୟାନେଜର (ନର୍ସିଂ) ସୁରଚିତା ଦାସ ମୁଖ୍ୟବକ୍ତା ଭାବେ ଯୋଗଦେଇ ନର୍ସିଂ ଅଫିସରମାନଙ୍କ ସେବାକୁ ଭୂୟସୀ ପ୍ରଶଂସାକରିବା ସହ ନୂତନ ବର୍ଷର ଛାତ୍ରୀଛାତ୍ରମାନଙ୍କୁ ଫ୍ଲୋରେନ୍ସ ନାଇଟ୍‌ଙ୍ଗେଲଙ୍କ ପରି ନିଜର ଜୀବନକୁ ନିଷ୍ଠାପର ସେବା ଯୋଗାଇବାରେ ବିନିଯୋଗ କରିବେ ବୋଲି ଉପଦେଶ ଦେଇଥିଲେ। କଳିଙ୍ଗ ହସ୍ପିଟାଲ ଫାଉଣ୍ଡେଶନର ଟ୍ରଷ୍ଟି ତଥା ପୂର୍ବତନ ଭାରତୀୟ ରାଜସ୍ୱ ସେବା ଅଧିକାରୀ ସୁବାସ ଚନ୍ଦ୍ର ଚୌଧୁରୀଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି ଉତ୍ସବରେ ଲେଖକ ଓ ମାର୍ଗଦର୍ଶକ ବିରଜା ପ୍ରସାଦ ମିଶ୍ର ସମ୍ମାନିତ ଅତିଥି ଭାବେ ନିଜର ମତ ରଖିଥିଲେ। କଳିଙ୍ଗ ନର୍ସିଂ କଲେଜର ଅଧ୍ୟକ୍ଷା ପ୍ରଫେସର ସୁଜାତା ସ୍ୱାଇଁ ପ୍ରାରମ୍ଭିକ ସମ୍ଭାଷଣ ପ୍ରଦାନ କରିବା ସହ ନୂତନ ଛାତ୍ରୀଛାତ୍ରଙ୍କୁ ଶପଥ ପାଠ କରାଇଥିଲେ। ଷ୍ଟୁଡେଣ୍ଟ ନର୍ସିଂ ଆସୋସିଏସନର ଉପଦେଷ୍ଟା ରଶ୍ମିରଞ୍ଜିତା ଅଧିକାରୀ ସଭା ପରିଚାଳନା କରିଥିବାବେଳେ ଅଧ୍ୟାପିକା ସସ୍ମିତା ରାଉତ ଅତିଥି ପରିଚୟ ପ୍ରଦାନ କରିଥିଲେ। ସଭାପରେ କୃତୀ ଛାତ୍ରୀଛାତ୍ରମାନଙ୍କୁ ଅତିଥିମାନେ ପୁରସ୍କୃତ କରିଥିଲେ। ଅଧ୍ୟାପିକା କଳ୍ପନା ପୃଷ୍ଟି ଧନ୍ୟବାଦ ଅର୍ପଣ କରିଥିଲେ। ଉତ୍ସବ ଶେଷରେ ଛାତ୍ରୀଛାତ୍ରମାନଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ ହୋଇଥିଲା।

# ରେଳଯାତ୍ରୀଙ୍କୁ ୨୪ ଘଣ୍ଟିଆ ସୁରକ୍ଷା ଦେବ ଏଆଇ କ୍ୟାମେରା

## ଯାତ୍ରୀ ସୁବିଧା ଓ ସୁରକ୍ଷାର ସମୀକ୍ଷାକଲେ ରେଳମନ୍ତ୍ରୀ


ଅଶ୍ୱିନୀ ବୈଷ୍ଣବ

ଭୁବନେଶ୍ୱର,୨୦ା୩ (ଅନୁରାଧା ମହାରଣା)

ରେଳ, ସୂଚନା ଏବଂ ପ୍ରସାରଣ ଏବଂ ଇଲେକ୍ଟ୍ରୋନିକ୍ସ ଏବଂ ସୂଚନା ପ୍ରଯୁକ୍ତିବିଦ୍ୟା ମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ ଶୁକ୍ରବାର ନୂଆଦିଲ୍ଲୀସ୍ଥିତ ରେଳ ଭବନରେ ବରିଷ୍ଠ ରେଳ ଅଧିକାରୀଙ୍କ ସହ ଏକ ବିସ୍ତୃତ ସମୀକ୍ଷା ବୈଠକରେ ଅଧ୍ୟକ୍ଷତା କରିଛନ୍ତି। ବୈଠକରେ ଷ୍ଟେଶନରେ ପ୍ରବେଶ, ଯାତ୍ରୀ ସୁବିଧାର ଉନ୍ନତୀକରଣ ଏବଂ ଯାତ୍ରୀଙ୍କ ଅଭିଜ୍ଞତାକୁ ଉନ୍ନତ କରିବା ସହ ଅନ୍ୟାନ୍ୟ ସୁରକ୍ଷା ସମ୍ବନ୍ଧୀୟ ସୁଦୃଢ଼ୀକରଣର ଅଗ୍ରଗତି ଆକଳନ କରିବ। ଏହି ବୈଠକରେ ପ୍ରବେଶ ନିୟନ୍ତ୍ରଣ, ଭିଡ଼ ପରିଚାଳନା, ପ୍ରଯୁକ୍ତିବିଦ୍ୟା ପରିଚାଳିତ ତଦାରଖ ଏବଂ ଷ୍ଟେଶନ ପରିସର ମଧ୍ୟରେ ସହଜ ଯାତାୟାତ ଭଳି ପଦକ୍ଷେପ ଉପରେ ଗୁରୁତ୍ୱ ଦିଆଯାଇଥିଲା। ଏହି ସଂସ୍କାରଗୁଡ଼ିକ ପ୍ରଥମେ ନୂଆଦିଲ୍ଲୀ ରେଳ ଷ୍ଟେଶନରେ ଲାଗୁ କରାଯିବ ଏବଂ ଏହାଦ୍ୱାରା ମିଳିଥିବା ଅନୁଭୂତି ଆଧାରରେ ପରବର୍ତ୍ତୀ ସମୟରେ ଅନ୍ୟ ଷ୍ଟେଶନଗୁଡ଼ିକରେ ମଧ୍ୟ କାର୍ଯ୍ୟକାରୀ ହେବ । ଏଆଇ ଚାଳିତ କ୍ୟାମେରା ନେଟ୍‌ୱର୍କ ଦ୍ୱାରା ୨୪ଘଣ୍ଟିଆ ନଜର ସୁନିଶ୍ଚିତ କରାଯିବ । ପ୍ଲାଟ୍‌ଫର୍ମ, କନ୍‌କୋର୍ସ, ପ୍ରବେଶ-ପ୍ରସ୍ଥାନ ପଏଣ୍ଟ ଏବଂ ଅନଧିକୃତ ପ୍ରବେଶ ଆଶଙ୍କା ଥିବା ଅଞ୍ଚଳ ସମେତ ଷ୍ଟେଶନ ପରିସରର ସମସ୍ତ କୋଣ ଅନୁକୋଣକୁ ଆଚ୍ଛାଦନକରି କ୍ୟାମେରା ମାଧ୍ୟମରେ ନୂଆଦିଲ୍ଲୀ ରେଳ ଷ୍ଟେଶନରେ ବ୍ୟାପକ ଏଆଇଚାଳିତ ତଦାରଖ ନିୟୋଜିତ କରାଯିବ। ଏକ ଆବଶ୍ୟକ ମୁତାବକ ଇଭେଣ୍ଟ ଡିସ୍‌ପ୍ଲେ-ଆଧାରିତ କଣ୍ଟ୍ରୋଲ ରୁମ୍ ପ୍ରତିଷ୍ଠା କରାଯିବ ଯେଉଁଠାରେ ସିଧାସଳଖ କ୍ୟାମେରା ଫିଡର ଏଆଇ ପ୍ରକ୍ରିୟାକରଣ ନିରୀକ୍ଷଣ କର୍ମଚାରୀଙ୍କୁ ଠିକଣା ସମୟରେ ଅସ୍ୱାଭାବିକ କିମ୍ବା ଅସୁରକ୍ଷିତ ଘଟଣା ବିଷୟରେ ସତର୍କ କରିବ। କେନ୍ଦ୍ରମନ୍ତ୍ରୀ କ୍ୟାମେରାଗୁଡ଼ିକୁ 'ଆଖି' ଏବଂ ଏଆଇକୁ ଏହି ବ୍ୟବସ୍ଥାର 'ମସ୍ତିଷ୍କ' ବୋଲି ବର୍ଣ୍ଣନାକରି ଗୁରୁତ୍ୱାରୋପ କରିଥିଲେ ଯେ ସର୍ବାଧିକ ତଦାରଖ କାର୍ଯ୍ୟକାରିତା ସୁନିଶ୍ଚିତ କରିବା ପାଇଁ ସମସ୍ତ କ୍ୟାମେରାର କଭରେଜ ଜୋନ୍‌କୁ ପର୍ଯ୍ୟାପ୍ତ ଆଲୋକିତ କରାଯିବା ଆବଶ୍ୟକ। କେବଳ ଟିକେଟ ଥିବା ଯାତ୍ରୀମାନେ ଷ୍ଟେଶନ ପରିସରରେ ପ୍ରବେଶ କରିବା ସୁନିଶ୍ଚିତ କରିବା ପାଇଁ ରେଳପଥ ସୁରକ୍ଷା ବଳ (ଆର୍‌ପିଏଫ୍)କୁ ଅତିରିକ୍ତ ଭାବେ ନିୟୋଜିତ କରାଯିବ, ଯାହା ମାନବ ଆଧାରିତ ଯାଞ୍ଚରୁ ଇ-ଆଧାରିତ ଯାଞ୍ଚକୁ ପରିବର୍ତ୍ତିତ ହେବ। ଷ୍ଟେଶନରେ କାର୍ଯ୍ୟ କରୁଥିବା ସମସ୍ତ କର୍ମଚାରୀଙ୍କ ପାଇଁ ଏକ ରଙ୍ଗିନ କୋଡେଡ୍ ଚିହ୍ନଟ ପ୍ରଣାଳୀ ନିର୍ଦ୍ଦେଶ ଦିଆଯାଇଛି। ରେଳପଥ କର୍ମଚାରୀଙ୍କ ଦ୍ୱାରା ଫ୍ଲୁରୋସେଣ୍ଟ ଜ୍ୟାକେଟ ପିନ୍ଧାଯିବ, ଯେତେବେଳେ ବିକ୍ରେତା, ଷ୍ଟେଶନ ସହାୟକ, ଚୁକ୍ତିଭିତ୍ତିକ କର୍ମଚାରୀ ଏବଂ ଆଇଆର୍‌ସିଟିସି କର୍ମଚାରୀଙ୍କ ସମେତ ଅଣ-କର୍ମଚାରୀମାନେ ମଧ୍ୟ ଭିନ୍ନ ଭିନ୍ନ ରଙ୍ଗର ରଙ୍ଗିନ କୋଡେଡ୍ ଜ୍ୟାକେଟ ପିନ୍ଧିବେ। ଷ୍ଟେଶନ ପରିସରରେ ଉପସ୍ଥିତ ଯାତ୍ରୀ, କର୍ମଚାରୀ ଏବଂ ଅନ୍ୟ ଅଣ କର୍ମଚାରୀ ଯେପରିକି କୁଲି, ସାମଗ୍ରୀ ବିକ୍ରେତାଙ୍କ କର୍ମଚାରୀ, ଖାଦ୍ୟ, ସଫେଇ, ପାର୍ସଲ ଏବଂ ରକ୍ଷଣାବେକ୍ଷଣ କର୍ମଚାରୀଙ୍କ ତ୍ୱରାନ୍ୱିତ ଚିହ୍ନଟକୁ ସକ୍ଷମ କରିବା ପାଇଁ ଏହା କରାଯାଉଛି, ଯାହା ସହ ସୁରକ୍ଷା କର୍ତ୍ତୃପକ୍ଷ ଏବଂ ଟିକେଟ ଯାଞ୍ଚ କର୍ମଚାରୀ ସେମାନଙ୍କର କର୍ତ୍ତବ୍ୟ ସମ୍ପାଦନ କରିବା ସମୟରେ ନିୟୋଜିତ ହୁଅନ୍ତି । ନୂଆଦିଲ୍ଲୀ ଷ୍ଟେଶନ ମଡେଲ ଭାବରେ କାର୍ଯ୍ୟ କରିବ ଏବଂ ପରବର୍ତ୍ତୀ ସମୟରେ ଦେଶର ଅନ୍ୟାନ୍ୟ ଭାଗରେ ଏହା ଲାଗୁହେବ । ନୂଆଦିଲ୍ଲୀ ରେଳ ଷ୍ଟେଶନରେ କ୍ୟୁଆର୍ କୋଡ୍ ଆଧାରିତ ପ୍ରବେଶ ନିୟନ୍ତ୍ରଣ ବ୍ୟବସ୍ଥା କାର୍ଯ୍ୟକାରୀ ହେବ । ଦୀପାବଳି ଏବଂ ଛଟ୍ ସମୟରେ ଆଶା କରାଯାଉଥିବା ପାର୍ବଣ ଭିଡ଼ ପୂର୍ବରୁ ଏକ ପାଇଲଟ ପ୍ରକଳ୍ପ ଭାବରେ ନୂଆଦିଲ୍ଲୀ ରେଳ ଷ୍ଟେଶନରେ ଏକ କ୍ୟୁଆର୍ କୋଡ୍ ଆଧାରିତ ପ୍ରବେଶ ପରିଚାଳନା ବ୍ୟବସ୍ଥା ଆରମ୍ଭ କରାଯିବ।

## ୨୦ ବଖରା ଜଳିଗଲା

ଆସିକା,୨୦।୩(ସୁରେନ୍ଦ୍ରନାଥ ସାହୁ): ଗଞ୍ଜାମ ଜିଲା ସୋରଡ଼ା ଥାନା ଗୋଛା ପଞ୍ଚାୟତର ବଡଗୋଛା ଗ୍ରାମ ଦଳିତ ସାହିରେ ଶୁକ୍ରବାର ଭୟାବହ ଅଗ୍ନିକାଣ୍ଡ ଘଟିଛି। ଏଥିରେ ୨୦ ବଖରା ଘର ଜଳିପୋଡି ପାଉଁଶ ହୋଇଯାଇଛି। ମଧାହ୍ନରେ ସାହିର ଲୋକମାନେ ଘରେ ଥିବା ବେଳେ କୌଣସି ଏକ ଘରୁ ନିଆଁ ଲାଗି ବ୍ୟାପି ଯାଇଥିଲା। ଲୋକେ ନିଆଁକୁ ଆୟତ୍ତ କରିବାକୁ ଚେଷ୍ଟା କରିବା ସହ ସୋରଡ଼ା ଅଗ୍ନିଶମ ବାହିନୀକୁ ଖବର ଦେଇଥିଲେ। ଅଗ୍ନିଶମ କର୍ମଚାରୀ ପହଞ୍ଚି ନିଆଁକୁ ଆୟତ୍ତ କରିଛନ୍ତି। ଅଗ୍ନିକାଣ୍ଡରେ ୨୦ଟି ଘରର ବହୁ ଆସବାବପତ୍ର ଗୋଟିଏ କାର ମଧ ପୋଡ଼ି ଯାଇଥିବା ସୂଚନା ମିଳିଛି।


ମଣ୍ଡିରେ ଧାନ ବିକ୍ରି ନ ହେବା ପ୍ରତବାଦରେ ଶୁକ୍ରବାର ଭଦ୍ରକ ଜିଲା ତିହିଡ଼ି ବ୍ଲକ ଅଧୀନ ଚାରିତରଙ୍ଗ ସମବାୟ ସମିତି ମଣ୍ଡି ପାର୍ଶ୍ୱସ୍ଥ ଭଦ୍ରକ-ଚାନ୍ଦବାଲି ରାଜ୍ୟ ରାଜପଥରେ ଚାଷୀମାନେ ଧାନବସ୍ତା ରଖି ରାସ୍ତା ଅବରୋଧ କରିଛନ୍ତି।

## ମହୁମାଛି ଭୟ: ୮୦ ଫୁଟ ଉଚ୍ଚ ପାଣିଟାଙ୍କି ଉପରେ ୪ ଘଣ୍ଟା

### ଆକ୍ରମଣରେ ୩ ଯୁବକ ଗୁରୁତର

ଉଦଳା,୨୦।୩(ସନ୍ତୋଷ କୁମାର ବାଞ୍ଛିନୀ)

ଓଭରହେଡ୍ ପାଣିଟାଙ୍କି ସଫା କରିବାକୁ ଆସିଥିଲେ। ହେଲେ ଉପରକୁ ଚଢ଼ିବା ସମୟରେ ଅଚାନକ ଆକ୍ରମଣ କଲେ ମହୁମାଛି। ଜୀବନ ବଞ୍ଚାଇ ୩ ଯୁବକ ଟାଙ୍କି ଉପରୁ ତଳକୁ ଓହ୍ଲାଇ ଆସିଥିବା ବେଳେ ଅନ୍ୟ ଜଣେ ୮୦ ଫୁଟ ଉଚ୍ଚରେ ଥିବା ପାଣିଟାଙ୍କି ଭିତରେ ୪ ଘଣ୍ଟା କାଳ ଫସିରହିଲେ। ମୟୂରଭଞ୍ଜ ଜିଲା ଉଦଳା ଏନ୍ଏସି ଅଧୀନ ୧ନଂ. ୱାର୍ଡରେ ଶୁକ୍ରବାର ଏଭଳି ଘଟଣା ଘଟିଛି। ମହୁମାଛି ଆକ୍ରମଣର ଶିକାର ହୋଇଥିବା ୩ ଯୁବକ ଗୁରୁତର ଅବସ୍ଥାରେ ଉଦଳା ଡାକ୍ତରଖାନାରେ ଚିକିତ୍ସା ପାଇଁ ଭର୍ତ୍ତିହୋଇଛନ୍ତି।

ସୂଚନା ଅନୁଯାୟୀ, ଉଦଳା ଏନ୍ଏସି ୧ନଂ. ୱାର୍ଡରେ ଥିବା ଏକ ଓଭରହେଡ୍ ପାଣିଟାଙ୍କି ସଫା କରିବା ନିମନ୍ତେ ବାଲେଶ୍ୱର ଜିଲା ମୋତିଗଞ୍ଜ ଅଞ୍ଚଳରୁ ହିମାଂଶୁ ଦାସ, ଜିତେନ୍ଦ୍ର ଜେନା, ସଞ୍ଜୟ କୁମାର ଜେନା ଏବଂ ବଳରାମ ଜେନା ଆସିଥିଲେ। ଏହି ୪ ଜଣ ଯୁବକ ପାଣିଟାଙ୍କି ଉପରକୁ ଚଢ଼ିବା ସମୟରେ ଅଚାନକ ପାଣିଟାଙ୍କି ଶିଡ଼ିରେ ହୋଇଥିବା ମହୁଫେଣାରୁ ବାଘୁଆ ମହୁମାଛି ଆକ୍ରମଣ କରିବା ଆରମ୍ଭ କରିଥିଲେ। ହିମାଂଶୁଙ୍କୁ ଛାଡ଼ି ଅନ୍ୟ ୩ଜଣ ଜୀବନ ବଞ୍ଚାଇ ତଳକୁ ଓହ୍ଲାଇ ଆସି ଗୁରୁତର ଅବସ୍ଥାରେ ପାଣିଟାଙ୍କି ତଳେ ପଡ଼ି ରହିଥିଲେ। ସ୍ଥାନୀୟ ଲୋକେ ସେମାନଙ୍କୁ ଉଦ୍ଧାର କରି ଚିକିତ୍ସା ନିମନ୍ତେ ଉଦଳା ମେଡିକାଲରେ ଭର୍ତ୍ତି କରିଥିଲେ। ଅନ୍ୟପକ୍ଷରେ ହିମାଂଶୁ ମହୁମାଛି ଆକ୍ରମଣରୁ ବର୍ତ୍ତିବା ପାଇଁ ଓଭରହେଡ୍ ପାଣିଟାଙ୍କି ଭିତରେ ପଶିଯାଇଥିଲେ। ୮୦ ଫୁଟ ଉଚ୍ଚରେ ଥିବା ପାଣିଟାଙ୍କି ଭିତରେ ପ୍ରାୟ ୪ ଘଣ୍ଟା କାଳ ଫସି ରହିଥିଲେ। ଖବରପାଇ ଉଦଳା ଅଗ୍ନିଶମ ବିଭାଗର କର୍ମଚାରୀ ଘଟଣାସ୍ଥଳରେ ପହଞ୍ଚି ସୁରକ୍ଷିତ ପୋଷାକ ପିନ୍ଧାଇ ହିମାଂଶୁଙ୍କୁ ଉଦ୍ଧାର କରି ତଳକୁ ଆଣିଥିଲେ।

# ଜଙ୍ଗଲ ସୁରକ୍ଷା ପ୍ରତି ସଚେତନତା ଜରୁରୀ

**ଆଜି ବିଶ୍ୱ ବନ ଦିବସ**



ପ୍ରାଣିଜଗତ ଏବଂ ଜଙ୍ଗଲ ବା ବନର ସମ୍ପର୍କ ବେଶ୍ ପ୍ରାଚୀନ। ଦିନ ଥିଲା ଆଦିମ ମାନବ ବଣ ଜଙ୍ଗଲରେ ରହୁଥିଲା। ଧୀରେ ଧୀରେ ସମୟ ସହ ପାଦ ମିଶାଇ ଆଜି ଅତ୍ୟାଧୁନିକ ଯୁଗରେ ପହଞ୍ଚିଛି। ବର୍ତ୍ତମାନ ସମଗ୍ର ବିଶ୍ୱରେ ଜଙ୍ଗଲ ସୁରକ୍ଷା ଏକ ପ୍ରମୁଖ ସମସ୍ୟା ଭାବରେ ଉଭାହୋଇଛି। ଏ ନେଇ ଅଧିକ ଜନସଚେତନତା ସୃଷ୍ଟି ଲାଗି ପ୍ରତିବର୍ଷ ମାର୍ଚ୍ଚ ୨୧କୁ 'ବିଶ୍ୱ ବନ ଦିବସ' ଭାବରେ ପାଳନ କରାଯାଇ ଆସୁଅଛି। ଚଳିତ ବର୍ଷ ଏହି ଦିବସ ଲାଗି ପ୍ରସଙ୍ଗ ରହିଛି-'ଜଙ୍ଗଲ ଏବଂ ଅର୍ଥନୀତି'। ଜଙ୍ଗଲରୁ ଆମେ ବିଭିନ୍ନ ଜିନିଷ ପାଇଥାଉ। ଫଳମୂଳ, ଫୁଲ ବ୍ୟତୀତ ଅନେକ ଔଷଧୀୟ ବୃକ୍ଷ ମଧ ଏହା ଭିତରେ ରହିଛି। ଜଙ୍ଗଲ ଆମର କେତେ ଉପକାରରେ ଲାଗେ ତାହା ପ୍ରାୟ ସମସ୍ତେ ଜାଣନ୍ତି। ହେଲେ କଳକାରଖାନା, ବାସଗୃହ ଆଦି ଲାଗି ଜଙ୍ଗଲ କାଟିବା ଦିନକୁ ଦିନ ବଢ଼ିଚାଲିଛି। ଜଙ୍ଗଲ ସୁରକ୍ଷିତ ରହିଲେ ତାହାର ସୁପ୍ରଭାବ ପରିବେଶ ଉପରେ ପଡ଼ିବା ସହ ଭଲ ବର୍ଷା ହୁଏ। ତେଣୁ ବର୍ତ୍ତମାନ ଜଙ୍ଗଲ ସୁରକ୍ଷାର ଆବଶ୍ୟକତା ଉପଲବ୍ଧି କରିବା ସହ ଏହି ପ୍ରାକୃତିକ ସମ୍ପଦକୁ ଆମେ ସୁରକ୍ଷିତ କରି ରଖିବା ନିହାତି ଆବଶ୍ୟକ।

''ଜଙ୍ଗଲ ଏକ ଅମୂଲ୍ୟ ସମ୍ପଦ। ଏହା କେବଳ ମଣିଷଙ୍କ ବ୍ୟବହାର ପାଇଁ ନୁହେଁ ଏହା ବହୁ ଜୀବଜନ୍ତୁଙ୍କ ଘର। ତେଣୁ ମଣିଷମାନେ ଜଙ୍ଗଲ ଉପରେ ଏକଚାଟିଆ ଅଧିକାର ଜାହିରକରିବା ଠିକ୍ ନୁହେଁ। ଜଙ୍ଗଲ ଆମକୁ ବହୁ କିଛି ଦେଉଛି। ବିଶେଷକରି ଜଙ୍ଗଲଜାତ ଦ୍ରବ୍ୟ ଆମର ଅର୍ଥନୀତିକୁ ସୁଦୃଢ଼ କରୁଥିବାବେଳେ ତାହାର ସୁରକ୍ଷା ଦରକାର। ତେବେ ଅଧିକାଂଶ ସ୍ଥାନରେ ଜଙ୍ଗଲରୁ ମିଳୁଥିବା ସାମଗ୍ରୀରୁ ଏଠାକାର ଅଧିବାସୀମାନେ ଲାଭବାନ୍ ହେବା ବଦଳରେ ଏଥିରୁ ବାହାର ଲୋକେ ବା କର୍ପୋରେଟ ସେକ୍ଟର ଅଧିକ ଲାଭବାନ୍ ହେଉଛନ୍ତି। ସେହିପରି ଜଙ୍ଗଲ ଭିତରେ ବେଆଇନ କାରବାର ରୋକିବା ସହ ଏନେଇ ସ୍ଥାନୀୟ ଲୋକଙ୍କ ମଧରେ ସଚେତନତା ସୃଷ୍ଟି କରିବା ଦରକାର।''

**-ଆକାଶ ରଞ୍ଜନ ରଥ,** ପ୍ରତିଷ୍ଠାତା ଜଙ୍ଗଲ ଲୋର୍ ଫାଉଣ୍ଡେଶନ ତଥା ପୂର୍ବତନ ଅବୈତନିକ ୱାଇଲ୍ଡଲାଇଫ୍ ୱାର୍ଡନ, ପୁରୀ

## ଅଢ଼େଇ ମାସ ହେଲା ଦୁବାଇ ଜେଲରେ ଓଡ଼ିଆ ଯୁବକ

ରାଜନଗର,୨୦।୩(ଭାସ୍କର ରାଉତରାୟ)

ସୁଦୂର ଦୁବାଇରେ କାମ କରିବାକୁ ଯାଇଥିବା ଓଡ଼ିଆ ଯୁବକ ଜେଲରେ ଅଢ଼େଇ ମାସ ହେଲା ବନ୍ଦୀ ଜୀବନ ବିତାଉଛନ୍ତି। ଏ ନେଇ କେନ୍ଦ୍ରାପଡ଼ା ଜିଲା ରାଜନଗର ଥାନାରେ ତାଙ୍କ ମା' ପୁଅଙ୍କୁ କାମ କରାଇବାକୁ ନେଇଥିବା ଏଜେଣ୍ଟଙ୍କ ନାମରେ ଲିଖିତ ଅଭିଯୋଗ କରିଛନ୍ତି। ଦୁବାଇ ଜେଲରେ ବନ୍ଦୀ ଜୀବନ କଟାଉଥିବା ଯୁବକଙ୍କୁ ମୁକୁଳାଇ ଗାଁକୁ ଫେରାଇ ଆଣିବାକୁ ପରିବାର ଲୋକେ ନେହୁରା ହୋଇଛନ୍ତି। ସେ ହେଲେ ଥାନା ଅନ୍ତର୍ଗତ କୁରୁଣ୍ଟି ପଞ୍ଚାୟତ ଚକ୍ରଧରପୁର ଗ୍ରାମର ବିଜୟ କୁମାର ରାଉତଙ୍କ ବଡପୁଅ ବୀରେନ (୩୫)। ୨୦୨୫ ନଭେମ୍ବର ୨୩ରୁ ଦୁବାଇର ଡିଏଚ୍ଏ ଟେକ୍ନୋଲୋଜି ଏଲ୍ଏଲ୍ସି କମ୍ପାନୀରେ ସେ କାମ କରୁଥିଲେ। ଅଲ୍ଲିଏନ୍ସ ରିକ୍ରୁଟ୍ମେଣ୍ଟ ସର୍ଭିସ କମ୍ପାନୀ ମାଧମରେ ବୀରେନ ୨ ବର୍ଷିଆ ଭିସାରେ କାମ କରିବାକୁ ଯାଇଥିଲେ।

# ରାଜ୍ୟରେ ଚାଲିଛି ଗୁଜରାଟୀ ସରକାର: ବିଜେଡି


ବିଜେଡି ପକ୍ଷରୁ ଆୟୋଜିତ ଖବରଦାତା ସମ୍ମିଳନୀରେ ସଞ୍ଜୟ କୁମାର ଦାସବର୍ମା ଓ ଡ. ଅରୁଣ କୁମାର ସାହୁ।

ଭୁବନେଶ୍ୱର,୨୦।୩(ରବିନାରାୟଣ ଜେନା)

ରାଜ୍ୟରେ ଗୁଜରାଟୀ ଓଡ଼ିଆ ଅସ୍ମିତା ସରକାର ଚାଲିଛି ବୋଲି ବିଜେଡି କହିଛି। ଶଙ୍ଖ ଭବନଠାରେ ଶୁକ୍ରବାର ଆୟୋଜିତ ଖବରଦାତା ସମ୍ମିଳନୀରେ ଦଳର ଉପସଭାପତି ସଞ୍ଜୟ କୁମାର ଦାସବର୍ମା ଓ ଉପସଭାପତି ତଥା ବିଧାୟକ ଡ. ଅରୁଣ କୁମାର ସାହୁ କହିଛନ୍ତି, ଏସ୍ସିବି ଟ୍ରମା କେୟାର ଆଇସିୟୁରେ ହୃଦୟବିଦାରକ ଅଗ୍ନିକାଣ୍ଡର ନୈତିକ ଦାୟିତ୍ୱ ନେଇ ସ୍ୱାସ୍ଥ୍ୟମନ୍ତ୍ରୀ ତୁରନ୍ତ ଇସ୍ତଫା ଦିଅନ୍ତୁ। ଯୋଗ୍ୟତା ନ ଥାଇ ଓ ଏନ୍ଏମ୍ସି ନିର୍ଦ୍ଦେଶାବଳୀର ବିରୁଦ୍ଧାଚରଣ କରି ନିଯୁକ୍ତି ପାଇଥିବା ହସ୍ପିଟାଲର ସୁପରିଣ୍ଟେଣ୍ଡେଣ୍ଟ ଓ ଅତିରିକ୍ତ ସୁପରିଣ୍ଟେଣ୍ଡେଣ୍ଟଙ୍କୁ ତୁରନ୍ତ ଗିରଫ କରାଯିବା ଆବଶ୍ୟକ। ଅରୁଣ କହିଛନ୍ତି, ଜଳ ସଂପଦ ବିଭାଗ ମୁଖ୍ୟମନ୍ତ୍ରୀଙ୍କ ଅଧୀନରେ। ଭାଜପା ସରକାରକୁ ଆସିଲା ବେଳେ ପ୍ରଥମ ବର୍ଷରେ ୨.୮ ଲକ୍ଷ ହେକ୍ଟର ଜମିକୁ ଜଳସେଚନ କରିବାକୁ ଲକ୍ଷ୍ୟ ରଖିଥିଲେ କିନ୍ତୁ ଲକ୍ଷ୍ୟ ପୂରଣ କରିବା ଦୂରର କଥା ୨୦୨୪-୨୫ରେ ବଜେଟ ଅର୍ଥର କେବଳ ୫୫ ପ୍ରତିଶତ ଏବଂ ଚଳିତବର୍ଷ ୩୯ ପ୍ରତିଶତ ଖର୍ଚ୍ଚ କରିପାରିଛନ୍ତି। ଟ୍ରିପଲ ଇଞ୍ଜିନ ସରକାରରେ ମହାନଦୀ ପାଇଁ ଭାଜପା କାନ୍ଦୁଛି। ହେଲେ ମହାନଦୀର ବକ୍ଷ ଶୃଙ୍ଖଳା ଏବଂ ରାଜ୍ୟବ୍ୟାପୀ ବାଲି ଚୋରା ଚାଲାଣ ହେଉଛି।

ଦାସବର୍ମା କହିଛନ୍ତି, ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଦୂରଦର୍ଶୀ ନେତୃତ୍ୱରେ ୨୦୧୩-୧୪ରେ ଭାରତର ପ୍ରଥମ ରାଜ୍ୟ ଭାବେ ଓଡ଼ିଶା ସ୍ୱତନ୍ତ୍ର କୃଷି ବଜେଟ ଉପସ୍ଥାପନ କରିଥିଲା। ଓଡ଼ିଶା ୫ ଥର କୃଷିକର୍ମଣ ପୁରସ୍କାର ପାଇ ଦେଶରେ ତୃତୀୟ ସର୍ବାଧିକ ପିଡିଏସ୍ ଚାଉଳ ପ୍ରଦାନକାରୀ ରାଜ୍ୟ ହୋଇଥିଲା। ଏହି ସଫଳତା ଓଡ଼ିଶାର ଚାଷୀମାନଙ୍କୁ ସଶକ୍ତ କରିପାରିଥିବା ବେଳେ ବର୍ତ୍ତମାନର ଡବଲ ଇଞ୍ଜିନ ସରକାରରେ ଚାଷୀକୁଳ ପ୍ରତାରଣାର ଶିକାର ହୋଇ ରାସ୍ତାକୁ ଓହ୍ଲାଉଛନ୍ତି ବୋଲି ସେ କହିଥିଲେ।

# ଏକର ପିଛା ୫୦ କୋଟି ଦାବି

ପାଟଣା,୨୦।୩ (ବୀର କିଶୋର ଦାଶ)



ପ୍ଲାଣ୍ଟ ବିରୋଧୀ ମଞ୍ଚ ପକ୍ଷରୁ ଗ୍ରାମସଭା ନିକଟରେ ବିକ୍ଷୋଭ ପ୍ରଦର୍ଶନ କରାଯାଉଛି।

### ପ୍ରସ୍ତାବିତ ମେଗା ଷ୍ଟିଲ୍ପ୍ଲାଣ୍ଟ ପାଇଁ ଗ୍ରାମସଭା

କେନ୍ଦୁଝର ଜିଲା ପାଟଣା ତହସିଲ ଅଞ୍ଚଳରେ ପ୍ରସ୍ତାବିତ ମେଗା ଷ୍ଟିଲ୍ପ୍ଲାଣ୍ଟ ପ୍ରତିଷ୍ଠା ପାଇଁ ଶୁକ୍ରବାର ଚେମଣା ପଞ୍ଚାୟତ ଧନୁର୍ଜୟପୁର ସ୍କୁଲ ପଡ଼ିଆରେ ୪ର୍ଥ ଗ୍ରାମସଭା ଅନୁଷ୍ଠିତ ହୋଇଯାଇଛି। ସଭାରେ କ୍ଷତିଗ୍ରସ୍ତ ଏକର ପିଛା ୫୦ କୋଟି ଟଙ୍କା ଦାବିକରିଥିଲେ। ସଭା ଆରମ୍ଭ ପୂର୍ବରୁ ପ୍ଲାଣ୍ଟ ସପକ୍ଷ ଓ ବିପକ୍ଷବାଦୀଙ୍କ ମଧରେ ମୁହାଁମୁହିଁ ପରିସ୍ଥିତି ସୃଷ୍ଟି ହୋଇଥିଲା। ଫଳରେ ପୋଲିସକୁ ଲାଠିଚାଳନା କରିବାକୁ ପଡ଼ିଥିବା ଦେଖାଯାଇଛି। ପୋଲିସ ୪ଜଣ ବିରୋଧୀ ଗୋଷ୍ଠୀର ନେତାଙ୍କୁ ଗିରଫ କରିଛି।

ପ୍ରକାଶ ଯେ, ସ୍ଥାନୀୟ ସରପଞ୍ଚ ହେମଲତା ନାଏକଙ୍କ ଅଧକ୍ଷତାରେ ଗ୍ରାମସଭା ଅନୁଷ୍ଠିତ ହୋଇଥିଲା। ଅତିରିକ୍ତ ଜିଲାପାଳ ତଥା ସ୍ୱତନ୍ତ୍ର ଭୂଅର୍ଜନ ଅଧିକାରୀ ରବୀନ୍ଦ୍ର ପ୍ରଧାନ, ପ୍ରୋବେଶନ ଆଇଏଏସ୍ ଅଫିସର ପବନ କୁମାର, ସ୍ଥାନୀୟ ସମିତିସଭ୍ୟ ମନୋଜ ମହାନ୍ତ, ୱାର୍ଡ ମେମ୍ବର ଜାନକୀ ନାଏକ, ପାଟଣା ତହସିଲଦାର ଅଶ୍ୱିନୀ ନାଏକ, ପାଟଣା ବିଡିଓ ମାନସ ଦଣ୍ଡପାଟ, ଇଡ୍କୋ ଜମି ଅଧିଗ୍ରହଣ ଅଧିକାରୀ କୃଷ୍ଣ କିଶୋର ପାତ୍ର ପ୍ରମୁଖ ଯୋଗଦେଇଥିଲେ। ଉକ୍ତ ମୌଜାର ୪୪ ପ୍ରଜାଙ୍କ ୧୬୬ଟି ପ୍ଲଟ୍ର ୫୭.୧୧୦ ଡିସିମିଲ ଜମି ଅଧିଗ୍ରହଣ ପ୍ରସ୍ତାବ ଉପରେ ଲୋକଙ୍କଠାରୁ ମତାମତ ଗ୍ରହଣ କରାଯାଇଥିଲା। ଏଥିରେ ୩ ଜଣ ଗ୍ରାମବାସୀ ପ୍ରଫୁଲ୍ଲ ମହାରଣା, ରାମଚନ୍ଦ୍ର ମହାନ୍ତ ଓ ସଇତ ମହାରଣା ଏକର ପିଛା ୫୦ କୋଟି ଟଙ୍କା ପ୍ରଦାନ ଓ ଅନ୍ୟାନ୍ୟ ପ୍ରମୁଖ ୩୬ଟି ଦାବି ଉପସ୍ଥାପନ କରିଥିଲେ। ଅତିରିକ୍ତ ଜିଲାପାଳ ରବୀନ୍ଦ୍ର କୁମାର ପ୍ରଧାନ କହିଛନ୍ତି, ଦାବିଗୁଡ଼ିକ ଗ୍ରହଣ କରାଯାଇଛି। ଏ ନେଇ ସରକାରଙ୍କୁ ଅବଗତ କରାଯିବ।

# କବିତା: ଶାନ୍ତି ପାଇଁ ସେତୁ




**ବିଶ୍ୱ କବିତା ଦିବସ**

ପ୍ରତିବର୍ଷ ମାର୍ଚ୍ଚ ୨୧ରେ ପାଳିତ ହୋଇଆସୁଛି ବିଶ୍ୱ କବିତା ଦିବସ। ୧୯୯୯ରେ ପ୍ୟାରିସ୍ରେ ଅନୁଷ୍ଠିତ ୟୁନେସ୍କୋର ୩୦ତମ ସାଧାରଣ ସମ୍ମିଳନୀରେ ମାର୍ଚ୍ଚ ୨୧କୁ ବିଶ୍ୱ କବିତା ଦିବସ ଭାବରେ ପାଳନ ଲାଗି ପ୍ରସ୍ତାବ ଗୃହୀତ ହୋଇଥିଲା। ଏହାର ଉଦ୍ଦେଶ୍ୟ ଥିଲା କାବ୍ୟିକ ଅଭିବ୍ୟକ୍ତି ମାଧମରେ ଭାଷାଗତ ବିବିଧତାକୁ ସମର୍ଥନ ଏବଂ ବିଲୁପ୍ତପ୍ରାୟ ଭାଷାଗୁଡ଼ିକୁ ଶୁଣିବା ପାଇଁ ସୁଯୋଗ ବଢ଼ାଇବା। ତେବେ ୨୦୦୦ ମସିହା ଉକ୍ତ ଦିବସରେ ଆନୁଷ୍ଠାନିକ ଭାବେ ବିଶ୍ୱ କବିତା ଦିବସ ପାଳନ ଆରମ୍ଭ ହୋଇଥିଲା। ଚଳିତ ବର୍ଷ ବିଶ୍ୱ କବିତା ଦିବସର ବିଷୟବସ୍ତୁ 'ଶାନ୍ତି ଓ ଅନ୍ତର୍ଭୁକ୍ତି ପାଇଁ ଏକ ସେତୁ ଭାବରେ କବିତା'ର ଭୂମିକାକୁ ଗୁରୁତ୍ୱାରୋପ କରାଯାଇଛି।

**ଏମାନଙ୍କ ମତରେ**

### ସୋସିଆଲ ମିଡିଆରେ କବିତା ପ୍ରଚାର...



ବର୍ତ୍ତମାନ ସମୟରେ ସୋସିଆଲ ମିଡିଆ ମାଧମରେ କବିତାର ବହୁଳ ପ୍ରଚାର ପ୍ରସାର ଦେଖିବାକୁ ମିଳୁଛି। ଯାହା ଫଳରେ ଲୋକମାନେ କବିତା ପ୍ରତି ଆକୃଷ୍ଟ ହେଉଛନ୍ତି। ଅନେକ ଭଲ ଭଲ ବହି ଯାହା ଲୋକଲୋଚନକୁ ଆସିପାରୁ ନ ଥିଲା, ଏବେ ଲୋକେ କିଣି ପଢ଼ି ପାରୁଛନ୍ତି। ଅନେକ ଯୁବଗୋଷ୍ଠୀ ଲେଖାଲେଖି କରିବାର ନଜର ଆସୁଛି । ଆଉ କେତେଜଣ ରାତାରାତି ପ୍ରସିଦ୍ଧ ହେବା ପାଇଁ କବିତାର ନାଁ ନେଇ କିଛି ବି ଲେଖି କବିତା କହୁଛନ୍ତି, ଯାହା ଆମ ସାହିତ୍ୟ ପାଇଁ ଶୁଭଙ୍କର ନୁହେଁ। ଏବେ ଆମ ଭାଷାରେ କବିତାକୁ ବହୁତ ଲୋକ ଭଲପାଉଛନ୍ତି ବୋଲି ମତେ ଲାଗେ।

**- ବିଜୟଲକ୍ଷ୍ମୀ ନାୟକ, କବି**

### କବିତା ଯନ୍ତ୍ରଣାର ଗୋଟେ ମିଠା ଉପଶମ...



ମୋ ପାଇଁ କବିତା ହେଉଛି ଯାବତୀୟ ଯନ୍ତ୍ରଣାର ଗୋଟେ ମିଠା ଉପଶମ। ଆମେ ଭୋଗୁଥିବା ଅଥବା ଭୋଗି ସାରିଥିବା ସବୁ ମୁହୂର୍ତ୍ତକୁ ବଞ୍ଚେଇ ରଖିବା ପାଇଁ କବିତା ହିଁ ଯଥେଷ୍ଟ, ତେଣୁ କବିତା ତା' ଜାଗାରେ ଖୁବ୍ ଊର୍ଦ୍ଧ୍ୱରେ। ବର୍ତ୍ତମାନ ସମୟରେ ମଧ କବିତା ଭିନ୍ନ ଭିନ୍ନ ଦିଗ ଦେଇ ବେଶ୍ ଭଲ ଭାବରେ ଗତି କରୁଛି। ବଡ଼କଥା ଆଜିର ଯୁବପିଢ଼ି କବିତା ଲେଖିବା ସହ ଭାବ ଓ ଶୈଳୀ ମାଧମରେ ତାହା ପାଠକଙ୍କ ପାଖରେ କିପରି ନୂଆ ଢଙ୍ଗରେ ପହଞ୍ଚି ପାରିବ ସେଥିଲାଗି ବିଭିନ୍ନ ଦିଗରେ ଚେଷ୍ଟା ଜାରି ରଖିଛନ୍ତି। ତେଣୁ ଓଡ଼ିଆ ଭାଷା ଭଳି ଓଡ଼ିଆ କବିତାର ମଧ ଭବିଷ୍ୟତ ଅଛି ଏବଂ ସର୍ବଦା ରହିଥିବ।

**- ଜ୍ୟୋତିରଞ୍ଜନ ବାରିକ, କବି**

ପ୍ରସ୍ତୁତି: ସୌମ୍ୟରଞ୍ଜନ ରାଉତ



ମୟୂରଭଞ୍ଜ ଜିଲା ବହଳଦା ତହସିଲଦାରଙ୍କ ଗାଡ଼ି ଭଙ୍ଗାରୁଜା ସହ ପୋଲିସକୁ ଆକ୍ରମଣ ଘଟଣାରେ ଗିରଫ ୩୪ ଆଦିବାସୀଙ୍କୁ ଖଲାସ ଦାବିରେ ଶୁକ୍ରବାର ଆଦିବାସୀ ଏକତା ମଞ୍ଚ ପକ୍ଷରୁ ରାଇରଙ୍ଗପୁର ଉପ ଜିଲାପାଳଙ୍କ କାର୍ଯ୍ୟାଳୟ ଆଗରେ ବିକ୍ଷୋଭ ପ୍ରଦର୍ଶନ କରାଯାଉଛି।

**୫ମ ପୃଷ୍ଠାର ଅବଶିଷ୍ଟାଂଶ**

### ଚତୁର୍ଥ ଦିନରେ...

ଦେଇ ଗୃହରେ କମ୍ପମାନ କରିଥିଲେ। ଏହାକୁ ନେଇ ବାଚସ୍ପତି ୧୦ଟା ୫୨ରୁ ସାଢ଼େ ୧୧ଟା ପର୍ଯ୍ୟନ୍ତ ଗୃହକୁ ମୁଲତବୀ ଘୋଷଣା କରିଥିଲେ। ସେହିପରି ଶୂନ୍ୟକାଳ ଆରମ୍ଭ ହେବାମାତ୍ରେ ବିରୋଧୀମାନେ ସମାନ ଢଙ୍ଗରେ ଗୃହର ମଧଭାଗକୁ ଆସି ହଟ୍ଟଗୋଳ ଜାରି ରଖିଥିଲେ। ଏହି ସମୟରେ ଭାଜପା ସଦସ୍ୟ ଲକ୍ଷ୍ମଣ ବାଗ୍, ଗୌରୀଶଙ୍କର ମାଝୀ ଓ ରୁପୁ ଭତ୍ରା ପ୍ରମୁଖ ନିଜ ଅଞ୍ଚଳର ସମସ୍ୟା ସମ୍ପର୍କରେ ବାଚସ୍ପତିଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ମାତ୍ର ସଦସ୍ୟ ଟଙ୍କଧର ତ୍ରିପାଠୀ ବିରୋଧୀଙ୍କୁ ଟାର୍ଗେଟ କରି ତୀବ୍ର ନିନ୍ଦା କରିଥିଲେ। ସେ କହିଥିଲେ, ରାଜ୍ୟ ସରକାରଙ୍କ ପକ୍ଷରୁ ଏସ୍ସିବି ପ୍ରସଙ୍ଗରେ ଦୁଇଟି ଅନୁସନ୍ଧାନକାରୀ କମିଟି ଗଠନ କରାଯିବା ସହିତ ୪ଜଣ କର୍ମଚାରୀଙ୍କୁ ନିଲମ୍ବନ କରାଯାଇଛି। ଏହାସହିତ ଡିଏମ୍ଇଟିଙ୍କୁ ବଦଳି କରାଯିବା ସହିତ ତଦନ୍ତ ଜାରି ରହିଛି। ଏହି ଘଟଣାରେ ଯିଏ ବି ଦୋଷୀ ସାବ୍ୟସ୍ତ ହେବେ, ସେମାନଙ୍କ ବିରୋଧରେ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ। ମାତ୍ର ବିରୋଧୀ ଗୋଟିଏ ପ୍ରସଙ୍ଗକୁ ନେଇ ଗୃହରେ ଅଯଥାରେ ହଟ୍ଟଗୋଳ କରି ଗୃହ ଚଳାଇ ଦେଉନାହାନ୍ତି। ସେ କହିଥିଲେ, ପୂର୍ବ ସରକାର ବଡ଼ ମେଡିକାଲକୁ ବିଶ୍ୱସ୍ତରୀୟ ହସ୍ପିଟାଲ କରିବେ ବୋଲି କହି ଲୋକଙ୍କୁ ଅନ୍ଧକାର ଭିତରେ ରଖିଥିଲେ, ମାତ୍ର ଭାଜପା ସରକାର ଏଦିଗରେ ତ୍ୱରିତ ପଦକ୍ଷେପ ନେବା ସହିତ ଉନ୍ନତିମୂଳକ କାର୍ଯ୍ୟକୁ ତ୍ୱରାନ୍ୱିତ କରୁଛନ୍ତି। ଏହି ମୃତ୍ୟୁ ପାଇଁ ଭାଜପା ସରକାର ନୁହେଁ, ପୂର୍ବର ବିଜେଡି ସରକାର ସମ୍ପୂର୍ଣ୍ଣ ଦାୟୀ ବୋଲି ଟଙ୍କଧର କହିଥିଲେ। ଏହି ସମୟରେ ବିଜେଡି ଓ କଂଗ୍ରେସ ସଦସ୍ୟମାନେ ବାଚସ୍ପତିଙ୍କ ପୋଡିୟମକୁ ବାଡ଼େଇବା ସହିତ ଗୃହରେ ପ୍ରବଳ ହଟ୍ଟଗୋଳ କରିବାରୁ ଗୃହକାର୍ଯ୍ୟ ବାଧାପ୍ରାପ୍ତ ହୋଇଥିଲା। ଗୃହକୁ ସ୍ୱାଭାବିକ ସ୍ଥିତିକୁ ଆଣିବା ଲାଗି ବାଚସ୍ପତି ସର୍ବଦଳୀୟ ବୈଠକ ଡାକିବା ସହିତ ୧୧ଟା ୪୬ରୁ ଅପରାହ୍ନ ୧ଟା ପର୍ଯ୍ୟନ୍ତ ମୁଲତବୀ ଘୋଷଣା କରିଥିଲେ। ସର୍ବଦଳୀୟ ବୈଠକରେ କୌଣସି ନିର୍ଯାସ ନ ବାହାରିବାରୁ ଅପରାହ୍ନ ଗୋଟାଏରେ ଉପ ବାଚସ୍ପତି ଗୃହକୁ ଅପରାହ୍ନ ୪ଟା ପର୍ଯ୍ୟନ୍ତ ମୁଲତବୀ ଘୋଷଣା କରିଥିଲେ।

ଗୃହ ବାହାରେ ବିଜେଡି ସଦସ୍ୟ ଅରୁଣ ସାହୁ କହିଥିଲେ, ଏସ୍ସିବିରେ ରୋଗୀଙ୍କୁ ମାରିଥିବା ଅଧିକାରୀଙ୍କୁ ସରକାର କାହିଁକି ଘଣ୍ଟ ଘୋଡାଇବା ପାଇଁ ଚାହୁଁଛନ୍ତି, ତା'ର ସତ୍ୟ ଆମେ ଲୋକଲୋଚନକୁ ଆଣିବାକୁ ଚାହୁଁଛୁ। ଏସ୍ସିବିରେ ସୁପରିଣ୍ଟେଣ୍ଡେଣ୍ଟ ଦାୟିତ୍ୱରେ ଥିବା ଅଧିକାରୀ ଗୌତମ ଶତପଥୀ ହେଉଛନ୍ତି ଜଣେ କନିଷ୍ଠ ପ୍ରଫେସର। ପୂର୍ବରୁ ସେ ପ୍ରାଇଭେଟ ପ୍ରାକ୍ଟିସ୍ ପାଇଁ ନିଲମ୍ବନ ହୋଇଥିଲେ। ସେ ୬୦ଜଣ ଡାକ୍ତରଙ୍କଠାରୁ କନିଷ୍ଠ ଥିବାବେଳେ ଏହି ପଦ ପାଇଁ ତାଙ୍କ ପାଖରେ ୫ବର୍ଷର ଅଭିଜ୍ଞତା ନାହିଁ। ସେହିପରି ପୂର୍ବ ସରକାର ସମୟରେ ସମ୍ ହସ୍ପିଟାଲରେ ଅଗ୍ନିକାଣ୍ଡ ଘଟଣାରେ ତତ୍କାଳୀନ ସ୍ୱାସ୍ଥ୍ୟମନ୍ତ୍ରୀ ଇସ୍ତଫା ଦେଇଥିବାବେଳେ ସରକାରୀ ହସ୍ପିଟାଲରେ ଏତେବଡ଼ ଘଟଣାରେ ବିଭାଗୀୟ ମନ୍ତ୍ରୀ କାହିଁକି ଇସ୍ତଫା ଦେଉନାହାନ୍ତି ବୋଲି ସେ ପ୍ରଶ୍ନ କରିଥିଲେ। ସେହିପରି କଂଗ୍ରେସ ସଦସ୍ୟ ମଙ୍ଗୁ ଖିଲ ସରକାରଙ୍କ କାର୍ଯ୍ୟାନୁଷ୍ଠାନକୁ ନେଇ ପ୍ରବଳ ବର୍ଷିଥିଲେ।

### ସଂରକ୍ଷିତ ଅଞ୍ଚଳରେ...

ପରିମିତ ଏହି ଅଭୟାରଣ୍ୟ ୩ ରାଜ୍ୟ ଯଥା ରାଜସ୍ଥାନ, ମଧପ୍ରଦେଶ ଏବଂ ଉତ୍ତର ପ୍ରଦେଶ ସୀମାରେ ରହିଛି। ୩ ରାଜ୍ୟ ଦ୍ୱାରା ସଂରକ୍ଷିତ ଓ ପରିଚାଳିତ ଏହି ଅଞ୍ଚଳ କେବଳ ପର୍ଯ୍ୟଟନସ୍ଥଳୀ ନୁହେଁ, ବରଂ ଅନେକ ବିଲୁପ୍ତପ୍ରାୟ ପ୍ରାଣୀଙ୍କ ଶେଷ ଆଶ୍ରୟସ୍ଥଳ। ଲମ୍ବା ମୁହଁବିଶିଷ୍ଟ ସ୍ୱତନ୍ତ୍ର ଘଡ଼ିଆଳ କୁମ୍ଭୀର ପ୍ରଜାତି ପାଇଁ ଏହି ସ୍ଥାନ ବିଶ୍ୱପ୍ରସିଦ୍ଧ। ସେହିପରି ଅତ୍ୟନ୍ତ ବିରଳ ପ୍ରଜାତିର ନାଲି ମୁକୁଟବିଶିଷ୍ଟ କଇଁଛ ଏଠାରେ ଦେଖିବାକୁ ମିଳନ୍ତି। ଜଳଚର ପ୍ରାଣୀ ଗଙ୍ଗା ଡଲଫିନ ମଧ ଅଭୟାରଣ୍ୟ ଅଧୀନ ଚମ୍ବଲ ନଦୀର ସ୍ୱଚ୍ଛଜଳରେ ଦେଖାଯାଆନ୍ତି। ଏବେ ଏହି ୩ ବିଲୁପ୍ତପ୍ରାୟ ପ୍ରାଣୀଙ୍କ ବାସସ୍ଥଳୀ ସଙ୍କଟରେ ରହିଛି। ଗଣମାଧମରେ ପ୍ରକାଶିତ ରିପୋର୍ଟ ଅନୁଯାୟୀ ମଧପ୍ରଦେଶ ମୁଖ୍ୟମନ୍ତ୍ରୀ ମୋହନ ଯାଦବ ଗତବର୍ଷ ଯେଉଁ ଅଞ୍ଚଳରେ ୧୦ ଘଡ଼ିଆଳ ଛାଡ଼ିଥିଲେ, ସେହି ଅଞ୍ଚଳରେ ମାଫିଆମାନେ ନିର୍ଭୟରେ ବାଲି ଖନନ କରୁଛନ୍ତି। ଏଥିପାଇଁ ସର୍ବୋଚ୍ଚ ଅଦାଲତ ରାଜସ୍ଥାନ, ମଧପ୍ରଦେଶ ଏବଂ ଉତ୍ତରପ୍ରଦେଶ ସରକାରଙ୍କ ସମେତ କେନ୍ଦ୍ର ପରିବେଶ ମନ୍ତ୍ରଣାଳୟକୁ କାରଣ ଦର୍ଶାଅ ନୋଟିସ ଜାରି କରିଛନ୍ତି। ଗଣମାଧମ ରିପୋର୍ଟ ଏବଂ ପରିବେଶର ସଙ୍କଟଜନକ ସ୍ଥିତିକୁ ଦେଖି ସୁପ୍ରିମକୋର୍ଟ ନିଜଆଡ଼ୁ ଏହି ମାମଲା ରୁଜୁ କରିଛନ୍ତି। ବ୍ୟାପକ ବାଲି ଖନନ ଯୋଗୁ ନଦୀର ସୂକ୍ଷ୍ମ ପରିବେଶ ନଷ୍ଟ ହେଉଛି, ଯାହା ଘଡ଼ିଆଳ ଏବଂ ଡଲଫିନ ଭଳି ପ୍ରାଣୀଙ୍କ ପାଇଁ ମରଣଯନ୍ତା ପାଲଟିଛି। ବନ୍ୟପ୍ରାଣୀଙ୍କ ବାସସ୍ଥଳୀ ନଷ୍ଟ କରୁଥିବା ବ୍ୟକ୍ତିବିଶେଷଙ୍କ ବିରୋଧରେ ବନ୍ୟପ୍ରାଣୀ (ସଂରକ୍ଷଣ) ଆଇନ, ପରିବେଶ (ସଂରକ୍ଷଣ) ଆଇନ ଏବଂ ଜୈବବିବିଧତା ଆଇନ ଅନୁଯାୟୀ ମାମଲା ଚାଲିବ ବୋଲି ଖଣ୍ଡପୀଠ କହିଛନ୍ତି।

ସେହିପରି ଅଭୟାରଣ୍ୟ ଜମିର ସୀମା ନିର୍ଦ୍ଧାରଣକୁ ନେଇ ଖଣ୍ଡପୀଠ ପ୍ରଶ୍ନ ଉଠାଇଛନ୍ତି। ରାଜସ୍ଥାନ ସରକାର ଅଭୟାରଣ୍ୟର ପ୍ରାୟ ୭୩୨ ହେକ୍ଟର ଜମିକୁ ସୀମା ପୁନଃ ନିର୍ଦ୍ଧାରଣ ନାଁରେ ବାଦ୍ ଦେଇଥିବାରୁ କୋର୍ଟ ଉଦ୍‌ବେଗ ପ୍ରକାଶ କରିଛନ୍ତି। କୋର୍ଟଙ୍କ ଏହି ପଦକ୍ଷେପ ସ୍ପଷ୍ଟ କରୁଛି ଯେ ବନ୍ୟପ୍ରାଣୀ ସଂରକ୍ଷଣ କ୍ଷେତ୍ରରେ କୌଣସି ପ୍ରକାରର ଅବହେଳାକୁ ସହ୍ୟ କରାଯିବ ନାହିଁ। ସୁପ୍ରିମକୋର୍ଟ ଏହି ମାମଲାର ପରବର୍ତ୍ତୀ ଶୁଣାଣି ଏପ୍ରିଲ ୨କୁ ଧାର୍ଯ୍ୟ କରିଛନ୍ତି। ଅଦାଲତଙ୍କୁ ସହାୟତା କରିବା ପାଇଁ ଦୁଇଜଣ ବରିଷ୍ଠ ଆଇନଜୀବୀଙ୍କୁ 'ଆମିକସ୍‌କ୍ୟୁରି' ଭାବେ ନିଯୁକ୍ତ କରାଯାଇଛି।

# ୨୦୨୭ ଇଦ୍ ପାଇଁ ପ୍ରସ୍ତୁତି ଚଳାଇଲେଣି ସଲମାନ



**ମୁମ୍ବାଇ:** ବଲିଉଡ୍ର 'ଭାଇଜାନ୍'ଭାବେ ପରିଚିତ ସଲମାନ ଖାନ୍ ନିଜର ଆଗାମୀ ଫିଲ୍ମ 'ମାତୃଭୂମି'କୁ ନେଇ ଚର୍ଚ୍ଚାରେ ଅଛନ୍ତି। ପୂର୍ବରୁ ଏହି ଫିଲ୍ମର ନାମ 'ବ୍ୟାଟଲ ଅଫ୍ ଗଲୱାନ' ରଖାଯାଇଥିଲା। କିନ୍ତୁ ନିର୍ମାତା ଏବେ ଏହାର ନାମ ବଦଳାଇ 'ମାତୃଭୂମି' ରଖିଛନ୍ତି। ପ୍ରାୟତଃ ଇଦ୍ରେ ସଲମାନ ଅଭିନୀତ ଫିଲ୍ମ ରିଲିଜ ହୋଇଥାଏ। କିନ୍ତୁ ଚଳିତ ବର୍ଷ ଏହି ଅବସରରେ ତାଙ୍କର କୌଣସି ଫିଲ୍ମ ରିଲିଜ ହୋଇନାହିଁ। ହେଲେ ଆସନ୍ତାବର୍ଷ ଇଦ୍ ପାଇଁ ଏବେଠୁ ସେ ପ୍ରସ୍ତୁତି ଆରମ୍ଭ କରିଦେଇଛନ୍ତି। ପ୍ରଯୋଜକ ଦିଲ୍ ରାଜୁ ଏବଂ ନିର୍ଦ୍ଦେଶକ ବାମଶୀ ପେଡିପଲ୍ଲୀଙ୍କ ସହ ଏକ ବଡ଼ ଆକ୍ସନ ଫିଲ୍ମ ଉପରେ ସଲମାନ ଆଲୋଚନା କରୁଛନ୍ତି। ଏହା ଏକ ମନୋରଞ୍ଜନଭିତ୍ତିକ କମର୍ସିଆଲ ଫିଲ୍ମ ହେବ, ଯେଉଁଥିରେ ଅଧିକ ଆକ୍ସନ ଏବଂ ହାଇ-ଲେଭଲ ଭିଏଫ୍ଏକ୍ସର ବ୍ୟବହାର କରାଯିବ। ଆସନ୍ତା ଏପ୍ରିଲରୁ ଏହି ଫିଲ୍ମର ଶୁଟିଂ ଦେଶର ବିଭିନ୍ନ ସ୍ଥାନରେ ଆରମ୍ଭ ହେବାକୁ ଯାଉଛି। ୨୦୨୫ ଇଦ୍ରେ ମୁକ୍ତିଲାଭ କରିଥିଲା ସଲମାନଙ୍କ ଫିଲ୍ମ 'ସିକନ୍ଦର'। ଏହା ବକ୍ସ ଅଫିସରେ ସେତେ ସଫଳ ହୋଇପାରି ନ ଥିଲା। ଏଣୁ ଏବେ ସମସ୍ତଙ୍କ ନଜର ତାଙ୍କର ଆଗାମୀ ବଡ଼ ପ୍ରୋଜେକ୍ଟ ଉପରେ ରହିଛି। ତେବେ ସଲମାନଙ୍କ ଫିଲ୍ମ 'ମାତୃଭୂମି: ମେ ୱାର୍ ରେଷ୍ଟ ଇନ୍ ପିସ୍' ଚଳିତ ବର୍ଷ ୧୪ ଅଗଷ୍ଟରେ ବଡ଼ ପରଦାକୁ ଆସିବାକୁ ଯାଉଛି। ଏହି ଫିଲ୍ମକୁ ନେଇ ଦର୍ଶକଙ୍କ ମଧରେ ବହୁ ଉତ୍ସାହ ଦେଖିବାକୁ ମିଳୁଛି। ସଲମାନ ପୁଣିଥରେ ନିଜର ପୁରୁଣା ଅନ୍ଦାଜରେ ଫେରିବାକୁ ପ୍ରସ୍ତୁତ ହେଉଛନ୍ତି। ତେଣୁ ୨୦୨୭ ଇଦ୍ରେ ସେ ପ୍ରଶଂସକଙ୍କୁ ଏକ ବଡ଼ ଉପହାର ଦେଇପାରନ୍ତି ବୋଲି କୁହାଯାଉଛି।

# ୯୯.୯୩% ଭୋଟ ପାଇ ପୁଣି କିମ୍ ଜଙ୍ଗ୍ ବିଜୟୀ

**ପୋଙ୍ଗୟାଙ୍ଗ୍,୨୦।୩**

ଉତ୍ତର କୋରିଆ ଶାସକ କିମ୍ ଜଙ୍ଗ୍ ଉନ୍ ଜାତୀୟ ନିର୍ବାଚନରେ ବିପୁଳ ଭୋଟରେ ବିଜୟୀ ହୋଇଛନ୍ତି। ଏଠାକାର ୧୫ତମ ସୁପ୍ରିମ ପିପୁଲ୍ସ ଆସେମ୍ବ୍ଲି ପାଇଁ ନିର୍ବାଚନ କରାଯାଇଥିଲାବେଳେ କିମ୍‌ଙ୍କ ୱାର୍କର ପାର୍ଟି ଅଫ୍ କୋରିଆ ଏବଂ ସହଯୋଗୀ ଦଳଗୁଡିକୁ ୯୯.୯୩ % ଭୋଟ ମିଳିଛି। କିମ୍‌ଙ୍କ ନେତୃତ୍ୱରେ ୱାର୍କର ପାର୍ଟି ଅଫ୍ କୋରିଆ ଏବଂ ଏହାର ସହଯୋଗୀ ଦଳ ଶତ ପ୍ରତିଶତ ଭୋଟରେ ବିଜୟୀ ହେବା କେବଳ ଉତ୍ତର କୋରିଆ ରାଜନୀତି ନୁହେଁ, ବୈଶ୍ୱିକ ସ୍ତରରେ ହଇଚଇ ସୃଷ୍ଟି କରିଛି। ଦ୍ୱିତୀୟ ଥର ପାଇଁ କିମ୍ ଏଭଳି ବିପୁଳ ଭୋଟ ପାଇଁ ବିଜୟୀ ହୋଇଛନ୍ତି। ଜଣେ ବି ପ୍ରାର୍ଥୀ କୌଣସି ଆସନରେ ପରାଜିତ ହେବାର ଦେଖାଯାଇ ନାହିଁ। ଏହି ନିର୍ବାଚନରେ ଶତ ପ୍ରତିଶତ ଭୋଟ (୯୯.୯୯) ପଡ଼ିଥିଲାବେଳେ କିମ୍‌ଙ୍କ ଦଳକୁ ୯୯.୯୭% ଭୋଟ୍ ମିଳିଛି। ତେବେ ସରକାରୀ ସ୍ତରରେ କିମ୍‌ଙ୍କୁ ୯୯.୯୩ ପ୍ରତିଶତ ଭୋଟ୍ ମିଳିଥିବା କୁହାଯାଇଛି।

# ହଲିଉଡ୍ ଅଭିନେତା ଚୁକ୍ ନୋରିସ୍‌ଙ୍କ ପରଲୋକ

**ୱାଶିଂଟନ,୨୦।୩**



ଆମେରିକୀୟ ମାର୍ଶଲ ଆର୍ଟିଷ୍ଟ ତଥା ହଲିଉଡ୍‌ର କିମ୍ବଦନ୍ତୀ ଅଭିନେତା ଚୁକ୍ ନୋରିସ୍‌ଙ୍କର ପରଲୋକ ହୋଇଯାଇଛି। ତାଙ୍କୁ ୮୬ ବର୍ଷ ବୟସ ହୋଇଥିଲା। ଦି ଡେଲ୍‌ଟା ଫୋର୍ସ (୧୯୮୬), ଲୋନ୍ ଓଲ୍ଫ ମାକ୍ୱାଡେ (୧୯୮୩), କୋଡ୍ ଅଫ୍ ସାଇଲେନ୍ସ(୧୯୮୫) ଏବଂ ବ୍ରୁସ୍ ଲି'ଙ୍କ ଦି ୱେ ଅଫ୍ ଦି ଡ୍ରାଗନ୍ (୧୯୭୨) ଭଳି ଲୋକପ୍ରିୟ ସିନେମାରେ ଅଭିନୟ ପାଇଁ ସେ ପ୍ରସିଦ୍ଧି ଲାଭ କରିଥିଲେ। କରାଟେ, ଟାଙ୍ଗ୍ ସୁ ଡୋ, ଜୁଡୋରେ ବ୍ଲାକ୍‌ବେଲ୍ଟ ହାସଲ କରିଥିବା ନୋରିସ୍ ଆମେରିକା ବାୟୁସେନାରେ କିଛିଦିନ କାମ କରିଥିଲେ। ମାର୍ଶଲ ଆର୍ଟ୍ସରେ ଚାମ୍ପିୟନ ହୋଇଥିଲେ।



ଇଦ୍-ଉଲ୍-ଫିତର ପାଳନ ଅବସରରେ ଶୁକ୍ରବାର କେରଳର କୋଝିକୋଡ୍ ବେଳାଭୂମିସ୍ଥିତ ଏକ ଇଦ୍‌ଗାଠାରେ ମହିଳାମାନେ ପରସ୍ପରକୁ ଅଭିନନ୍ଦନ ଜଣାଉଛନ୍ତି।

# ମହିଳାଙ୍କୁ ୧୫୦୦ ଟଙ୍କା ଦେବ ଟିଏମ୍‌ସି




ଟିଏମ୍‌ସି ଏମ୍‌ପି ଅଭିଷେକ ବାନାର୍ଜୀଙ୍କ ସହ ଦଳୀୟ ଇସ୍ତାହାର ଉନ୍ମୋଚନ କରୁଛନ୍ତି ସୁପ୍ରିମୋ ମମତା ବାନାର୍ଜୀ।

**କୋଲକାତା,୨୦।୩**

ଆସନ୍ତା ମାସରେ ପଶ୍ଚିମବଙ୍ଗ ବିଧାନସଭା ନିର୍ବାଚନ ହେବାକୁ ଥିବାବେଳେ ଶାସକ ତୃଣମୂଳ କଂଗ୍ରେସ (ଟିଏମ୍‌ସି) ଶୁକ୍ରବାର ନିର୍ବାଚନୀ ଇସ୍ତାହାର ପ୍ରକାଶ କରିଛି। ଦଳ ସୁପ୍ରିମୋ ମମତା ବାନାର୍ଜୀ ଉନ୍ମୋଚନ କରିଥିବା ଇସ୍ତାହାରରେ ମହିଳା ସଶକ୍ତୀକରଣ ସହ ସ୍ୱାସ୍ଥ୍ୟସେବା ସମସ୍ତଙ୍କ ପାଖରେ ପହଞ୍ଚାଇବା ଏବଂ ଭିତ୍ତିଭୂମି ବିକାଶ ଉପରେ ଗୁରୁତ୍ୱ ଦିଆଯାଇଛି। ମହିଳାଙ୍କ ପାଇଁ

**ନିର୍ବାଚନୀ ଇସ୍ତାହାର ଜାରି**

ଟିଏମ୍‌ସି ସରକାରଙ୍କ ମହତ୍ତ୍ୱାକାଂକ୍ଷୀ ଲକ୍ଷ୍ମୀର ଭଣ୍ଡାର ଯୋଜନାରେ ସଂଶୋଧନ କରାଯାଇ ସାଧାରଣ ବର୍ଗର ମହିଳା ମାସିକ ୧,୫୦୦ ଟଙ୍କା, ଅନୁସୂଚିତ ଜାତି ଓ ଉପଜାତିର ମହିଳାଙ୍କୁ ୧,୭୦୦ ଟଙ୍କା ରଖାଯାଇଛି। 'ବଙ୍ଗଲାର ଯୁବସାଥୀ' ଯୋଜନାରେ ଯୋଗ୍ୟ ହିତାଧିକାରୀଙ୍କୁ ପ୍ରତିମାସରେ ୧,୫୦୦ ଟଙ୍କା ମିଳିବ। ଏଥିସହିତ ପ୍ରତି ପରିବାରକୁ ପକ୍କାଘର ଏବଂ ବିଶୁଦ୍ଧ ପାନୀୟ ଜଳ ଉପଲବ୍ଧ କରାଇବାକୁ ଟିଏମ୍‌ସି ପ୍ରତିଶ୍ରୁତି ଦେଇଛି। ମମତା ଚତୁର୍ଥ ଥର ପାଇଁ ମୁଖ୍ୟମନ୍ତ୍ରୀ ହେବାକୁ ଉଦ୍ୟମ ଚଳାଇଥିବାବେଳେ ଭାଜପା ତାଙ୍କ ହାତରୁ କ୍ଷମତା ଛଡ଼ାଇ ନେବାକୁ ଅଣ୍ଟା ଭିଡ଼ିଛି। ତେବେ ଭାଜପାର ଉଦ୍ୟମକୁ ଭଣ୍ଡୁର କରିବା ଲାଗି ମମତା ଇସ୍ତାହାରରେ ଏଭଳି ମନଲୋଭା ପ୍ରତିଶ୍ରୁତି ଦେଇଛନ୍ତି।

## ଇସିଆଇ ବିରୋଧରେ ହାଇକୋର୍ଟ ଗଲା

ପଶ୍ଚିମବଙ୍ଗ ବିଧାନସଭା ନିର୍ବାଚନ ପୂର୍ବରୁ ଭାରତର ନିର୍ବାଚନ କମିଶନ (ଇସିଆଇ) ରାଜ୍ୟର ଅନେକ ଆଇଏଏସ୍ ଏବଂ ଆଇପିଏସ୍ ଅଫିସରଙ୍କୁ ବଦଳି କରିଥିବାରୁ ଟିଏମ୍‌ସି ଏହାକୁ କୋଲକାତା ହାଇକୋର୍ଟରେ ଚ୍ୟାଲେଞ୍ଜ କରିଛି। ବିଧାନସଭା ନିର୍ବାଚନ ତାରିଖ ଘୋଷଣା ପରେ ରାଜ୍ୟର ମୁଖ୍ୟ ଶାସନ ସଚିବ, ଗୃହ ସଚିବ, ପୋଲିସ ମହାନିର୍ଦ୍ଦେଶକ (ଡିଜିପି), କୋଲକାତା ପୋଲିସ କମିଶନର ଆଦି ପ୍ରଶାସନିକ ଅଧିକାରୀମାନଙ୍କୁ ବଦଳି କରାଯିବାକୁ ନେଇ ଟିଏମ୍‌ସି ଏମ୍‌ପି ତଥା ବରିଷ୍ଠ ଆଇନଜୀବୀ କଲ୍ୟାଣ ବାନାର୍ଜୀ ପ୍ରଶ୍ନ ଉଠାଇବା ସହ ହାଇକୋର୍ଟରେ ପିଟିଶନ ଦାଏର କରିଛନ୍ତି।

# ୩୦୦ ବେଆଇନ ୱେବ୍‌ସାଇଟ୍, ଆପ୍ ବନ୍ଦ

**ନୂଆଦିଲ୍ଲୀ,୨୦।୩(ପି.ଟି.)**

**ଗାମ୍ବଲିଂ, ବେଟିଂ ୱେବ୍‌ସାଇଟ୍ ଉପରେ କେନ୍ଦ୍ରର ଛାଟ**




ଭାରତରେ ବେଆଇନ ଗାମ୍ବଲିଂ ଓ ବ୍ୟାଟି ୱେବ୍‌ସାଇଟ୍‌ଗୁଡ଼ିକର ଦୌରାତ୍ମ୍ୟ ବଢ଼ିବାରେ ଲାଗିଛି। ଯୁବପିଢ଼ି ଏହାର ଜାଲରେ ଛନ୍ଦିହୋଇ ବିପୁଳ ଅର୍ଥ ହରାଇବା ସହ ସର୍ବସ୍ୱାନ୍ତ ହେଉଛନ୍ତି। କେନ୍ଦ୍ର ସରକାର ଏହାକୁ ଦୃଷ୍ଟିରେ ରଖି ଜୁଆ ଖେଳାଉଥିବା ୩୦୦ ୱେବ୍‌ସାଇଟ୍ ଓ ଆପ୍‌କୁ ବ୍ଲକ୍ କରିଦେଇଛନ୍ତି।

ସରକାରୀ ସୂତ୍ରରୁ ଶୁକ୍ରବାର ଜଣାପଡ଼ିଛି, ଯୁବପିଢ଼ି ଅଧିକ ଲୋଭର ବଶବର୍ତ୍ତୀ ହୋଇ ଅନ୍‌ଲାଇନ କ୍ୟାସିନୋ, ରୋଉଇଲେଟ୍, ଲାଇଭ୍ ଡିଲର ଟେବୁଲ,ଭଳି ଅନ୍‌ଲାଇନ୍ ସ୍ପୋର୍ଟ୍ସ ବେଟିଂ ଆପ୍‌ରେ ଟଙ୍କା ଲଗାଇଥାନ୍ତି। ସେହିପରି ସଟ୍ଟା/ମଟ୍‌କା ଗାମ୍ବଲିଂ ନେଟ୍‌ୱର୍କ ଓ ରିଅଲ-ମନି କାର୍ଡ ଏବଂ କ୍ୟାସିନୋ ଗେମ୍‌ରେ ମଧ୍ୟ ଅର୍ଥ ଲଗାନ୍ତି। ଏଭଳି ୩୦୦ ୱେବ୍‌ସାଇଟ୍ ଓ ଆପ୍ଲିକେଶନ୍‌କୁ ସରକାର ବେଆଇନ ଘୋଷଣା କରିବା ସହ ସେଗୁଡ଼ିକ ଉପରେ ନିଷେଧାଦେଶ ଜାରି କରିଛନ୍ତି। ଏହାକୁ ମିଶାଇ ଅଦ୍ୟାବଧି ୮,୪୦୦ ୱେବ୍‌ସାଇଟ୍‌କୁ ବନ୍ଦ କରାଗଲାଣି। ସେଥିରୁ ୪,୯୦୦ଟିକୁ ଅନ୍‌ଲାଇନ ଗାମ୍ବଲିଂ ଆକ୍ଟ ବଳରେ ବ୍ୟାନ୍ କରାଯାଇଥିବା ଜଣାପଡ଼ିଛି। ଦେଶରେ ଅନ୍‌ଲାଇନ୍ ଗାମ୍ବଲିଂ ବ୍ୟବସ୍ଥାକୁ ନିରାପଦ ଓ ଉତ୍ତରଦାୟୀ କରିବା ପାଇଁ କେନ୍ଦ୍ର ପ୍ରତିଶ୍ରୁତିବଦ୍ଧ ହୋଇଥିବାରୁ ପ୍ରମୋଶନ୍ ଆଣ୍ଡ୍ ରେଗୁଲେଶନ୍ ଅଫ୍ ଅନ୍‌ଲାଇନ୍ ଗାମ୍ବଲିଂ ଆକ୍ଟ, ୨୦୨୫ ବଳରେ ଏହି କାର୍ଯ୍ୟାନୁଷ୍ଠାନ ନିଆଯାଇଛି। ଏଭଳି ୱେବ୍‌ସାଇଟ୍ ଓ ଆପ୍‌ଗୁଡ଼ିକର ବିଜ୍ଞାପନ, ପ୍ରୋତ୍ସାହନରେ ଲିପ୍ତ ସଂସ୍ଥା ଏବଂ ଦେୟ ବ୍ୟବସ୍ଥା କରାଉଥିବା ବ୍ୟାଙ୍କଗୁଡ଼ିକ ଉପରେ ମଧ୍ୟ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ସୂତ୍ରରୁ ଜଣାପଡ଼ିଛି। ଏହାକୁ ଉଲ୍ଲଂଘନ କଲେ ସୂଚନା ପ୍ରଯୁକ୍ତି ଆଇନ, ୨୦୦୦ ବଳରେ ସମ୍ପୃକ୍ତ କମ୍ପାନୀଗୁଡ଼ିକ ବିରୋଧରେ କଡ଼ା କାର୍ଯ୍ୟାନୁଷ୍ଠାନ ନିଆଯିବାର ବ୍ୟବସ୍ଥା ରହିଛି। ପ୍ରୋତ୍ସାହନଦାତାଙ୍କୁ ୩ ବର୍ଷ ପର୍ଯ୍ୟନ୍ତ ଜେଲଦଣ୍ଡ କିମ୍ବା ୧ କୋଟି ଟଙ୍କା ପର୍ଯ୍ୟନ୍ତ ଜରିମାନା ଅଥବା ଉଭୟ ଦଣ୍ଡରେ ଦଣ୍ଡିତ କରାଯାଇପାରେ।

# ଇସି ନିଯୁକ୍ତି ଆଇନ ଶୁଣାଣିରୁ ଓହରିଲେ ସିଜେଆଇ

**ନୂଆଦିଲ୍ଲୀ,୨୦।୩(ପି.ଟି.)**



ଜଷ୍ଟିସ୍ ସୂର୍ଯ୍ୟ କାନ୍ତ

ମୁଖ୍ୟ ନିର୍ବାଚନ କମିଶନର ଏବଂ ନିର୍ବାଚନ କମିଶନର ନିଯୁକ୍ତି ପାଇଁ ଉଦ୍ଦିଷ୍ଟ ଚୟନ କମିଟିରୁ ଭାରତର ପ୍ରଧାନ ବିଚାରପତି (ସିଜେଆଇ)ଙ୍କୁ ବାଦ୍ ଦେବା ନିମନ୍ତେ ୨୦୨୩ରେ ଅଣାଯାଇଥିବା ଆଇନର ସାମ୍ବିଧାନିକ ବୈଧତାକୁ ଚ୍ୟାଲେଞ୍ଜ କରି ଦାଏର ପିଟିଶନଗୁଡ଼ିକର ଶୁଣାଣିରୁ ସିଜେଆଇ ସୂର୍ଯ୍ୟ କାନ୍ତ ଓହରିଯାଇଛନ୍ତି। ଜଷ୍ଟିସ୍ ଜୟମାଲ୍ୟ ବାଗ୍‌ଚୀ ଏବଂ ବିପୁଲ ଏମ୍ ପାଞ୍ଚୋଲିଙ୍କୁ ନେଇ ଗଠିତ ଖଣ୍ଡପୀଠରେ ଉକ୍ତ ପିଆଇଏଲ୍‌ର ଶୁଣାଣି ହେବାକୁ ଥିଲା। ତେବେ ଉକ୍ତ ମାମଲାରେ ନିହିତ ସ୍ୱାର୍ଥ ଦ୍ୱନ୍ଦ୍ୱ ଥିବା ଦର୍ଶାଇ ସିଜେଆଇ ନିଜକୁ ଶୁଣାଣିଠାରୁ ଦୂରେଇ ରଖିଛନ୍ତି। ସେ କହିଛନ୍ତି, ନିକଟ ଭବିଷ୍ୟତରେ ସିଜେଆଇ ହେବାକୁ ନ ଥିବା ବିଚାରପତିଙ୍କ ଦ୍ୱାରା ଉକ୍ତ ମାମଲାର ଶୁଣାଣି କରାଯିବା ଠିକ୍ ହେବ। ଜଣେ ପିଟିଶନରଙ୍କ ତରଫରୁ ଅଦାଲତରେ ଆଇନଜୀବୀ ପ୍ରଶାନ୍ତ ଭୂଷଣ ସିଜେଆଇଙ୍କ ମତାମତକୁ ସମର୍ଥନ କରିଛନ୍ତି। ତେବେ ସିଜେଆଇ ହେବାର ସମ୍ଭାବନା ନ ଥିବା ଖଣ୍ଡପୀଠରେ ମାମଲା ଶୁଣାଣି ପାଇଁ ତାଲିକାଭୁକ୍ତ କରାଯାଇପାରିବ। ପ୍ରସ୍ତାବକୁ ସିଜେଆଇ ଗ୍ରହଣ କରି ଏପ୍ରିଲ ୭ରେ ଅନ୍ୟ ଏକ ଖଣ୍ଡପୀଠରେ ପିଆଇଏଲ୍‌ର ଶୁଣାଣି ପାଇଁ ନିର୍ଦ୍ଦେଶ ଦେଇଛନ୍ତି।

## ଅପରାଧ

# ୮୫୦ ବୋତଲ କଫ ସିରପ୍ ଜବତ, ୪ ଗିରଫ

- ୧.୨୭ ଲକ୍ଷ ଟଙ୍କା, ୩ କାର୍, ୩ ବାଇକ୍, ୫ ମୋବାଇଲ ଜବତ
- ଉତ୍ତରପ୍ରଦେଶ, ଦିଲ୍ଲୀ ନିଶା ବେପାରୀଙ୍କ ସହ ସମ୍ପୃକ୍ତି ରହିଛି



ଜିଲା ପୋଲିସ ମୁଖ୍ୟାଳୟରେ ଅନୁଷ୍ଠିତ ଖବରଦାତା ସମ୍ମିଳନୀ।



ଜବତ କାର୍ ଓ କଫ ସିରପ୍।

**ଖୋର୍ଦ୍ଧା,୨୦।୩(ପ୍ରଭାତ ପାଣିଗ୍ରାହୀ)**

ରାଜ୍ୟରେ ନିଶା କାରବାର ରୋକିବାକୁ ପୋଲିସ ପକ୍ଷରୁ ଅପରେଶନ ନିଶାମୁକ୍ତ ଅଭିଯାନ ଚାଲିଛି। ଏହିକ୍ରମରେ ଖୋର୍ଦ୍ଧା ଶିଳ୍ପାଞ୍ଚଳ ପୋଲିସ ଖୋର୍ଦ୍ଧା-ଜଟଣୀ ବାଇପାସ୍ ରାସ୍ତା ମୋଦି ପଡ଼ିଆ ଏବଂ ବିଏସ୍ଏଫ୍ କ୍ୟାମ୍ପ ନିକଟ ଏକ ଭଡ଼ାଘରେ ଚଢ଼ାଉ କରି ୮୫୦ ବୋତଲ କଫ ସିରପ୍ ଜବତ କରିବା ସହ ୪ଜଣଙ୍କୁ ଗିରଫ କରିଛି। ଅଭିଯୁକ୍ତମାନେ ହେଲେ ବେଗୁନିଆ ଥାନା ଅନ୍ତର୍ଗତ କଡ଼ବ ଗ୍ରାମର ରଞ୍ଜନ ପାଇଶାଣୀ(୨୫), କଟକ ଜିଲା ମଧୁପାଟଣା ଥାନା ଅନ୍ତର୍ଗତ ବାଲିସାହି ନୂଆପଡ଼ାର ଜ୍ୟୋତିରଞ୍ଜନ ସାହୁ(୩୪), ଲାଲବାଗ ଥାନା ଶେଖ୍‌ବଜାରର ତ୍ରିଲୋଚନ ସାହୁ(୪୨), ଖୋର୍ଦ୍ଧା ଆଦର୍ଶ ଥାନା ଅନ୍ତର୍ଗତ କଣ୍ଟା ଛକ ପଲ୍ଲାହାଟର ଜଗନ୍ନାଥ ପ୍ରଧାନ(୪୪)। ଏଥିସହ ଘଟଣାସ୍ଥଳରୁ ୧ଲକ୍ଷ ୨୭ହଜାର ୧୦୦ଟଙ୍କା ଏବଂ ୩ଟି କାର୍ (ଓଡି ୦୨ ସିଆର୍ ୧୩୩୩, ଓଡି ୦୨ଟି ୬୭୦୮, ଓଆର୍ ୦୨ ବିକ୍ୟୁ ୧୩୩୩), ଗୋଟିଏ ସ୍କୁଟି(ଓଡି ୦୨ ଡିଇ ୬୪୪୨), ଦୁଇଟି ବାଇକ୍ (ଓଡି ୨୫ଏସ୍ ୧୮୯୪, ଓଡି ୦୫ ବିସି ୭୭୮୫) ଏବଂ ୫ଟି ମୋବାଇଲ ଫୋନ ଜବତ ହୋଇଛି। ଏଥିରେ ଉତ୍ତରପ୍ରଦେଶ ଏବଂ ଦିଲ୍ଲୀର ନିଶା ବେପାରୀଙ୍କ ସମ୍ପୃକ୍ତି ରହିଛି ବୋଲି ଶୁକ୍ରବାର ଜିଲା ପୋଲିସ ମୁଖ୍ୟାଳୟରେ ଅନୁଷ୍ଠିତ ଖବରଦାତା ସମ୍ମିଳନୀରେ ଜିଲା ଆରକ୍ଷୀ ଅଧୀକ୍ଷକ(ଏସ୍‌ପି) ବିବେକାନନ୍ଦ ଶର୍ମା କହିଛନ୍ତି।

ସୂଚନା ମୁତାବକ, କଟକ ଏବଂ ଖୋର୍ଦ୍ଧା ଅଞ୍ଚଳର ଅଭିଯୁକ୍ତମାନେ ଏହି କାରବାର ଚଳାଉଥିଲେ। ବାହାର ରାଜ୍ୟରୁ କଫ ସିରପ୍ ଆଣି ଖୋର୍ଦ୍ଧା ସମେତ ଗ୍ରାମାଞ୍ଚଳରେ ବିକ୍ରି କରିଥାନ୍ତି। ଜଟଣୀ ବାଇପାସ୍‌ରେ ଏକ ଘର ଭଡ଼ା ନେଇ ଦୀର୍ଘ ଦିନ ଧରି ଏହି ବେପାର ଚଳାଇ ଆସୁଥିଲେ। ବେଆଇନ ଭାବେ କଫ ସିରପ୍ ବେପାର ଚାଲିଥିବା ଖବରପାଇ ଏସ୍‌ପିଙ୍କ ନିର୍ଦ୍ଦେଶକ୍ରମେ ସଦର ଏସ୍‌ଡିପିଓଙ୍କ ନେତୃତ୍ୱରେ ଶିଳ୍ପାଞ୍ଚଳ ଥାନା ଅଧିକାରୀ ଉମେଶ ସାହୁ ଏବଂ ଅନ୍ୟ ପୋଲିସ କର୍ମଚାରୀଙ୍କୁ ନେଇ ଗଠିତ ଟିମ୍ ଗୁରୁବାର ସକାଳ ୮ଟା ୩୦ରେ ମୋଦି ପଡ଼ିଆରେ ଚଢ଼ାଉ କରିବା ସହ ବିଏସ୍ଏଫ୍ କ୍ୟାମ୍ପ ନିକଟ ଏକ ଭଡ଼ାଘରେ ରହୁଥିବା ଅଭିଯୁକ୍ତ ରଞ୍ଜନଙ୍କ ଘରେ ଚଢ଼ାଉ କରି ଉପରୋକ୍ତ ସାମଗ୍ରୀ ଜବତ କରିଥିଲା। ଏନେଇ ଥାନାରେ ଏନ୍‌ଡିପିଏସ୍ ଆକ୍ଟରେ ଏକ ମାମଲା(ନଂ.୭୪/୨୬) ରୁଜୁ ହୋଇଛି। ଏହି ଘଟଣାର ଅଧିକ ତଦନ୍ତ ଜାରି ରହିଛି। ଜିଲାରେ ନିଶାମୁକ୍ତି ଅଭିଯାନ ଚାଲିଛି। ଆଗକୁ ଏହା ବ୍ୟାପକ କରାଯିବ। ଏପ୍ରିଲ ପହିଲାରୁ ଏହାକୁ ଜୋରଦାର କରାଯିବ ବୋଲି ଏସ୍‌ପି ଶର୍ମା କହିଛନ୍ତି।

# ଶାରୀରିକ ସମ୍ପର୍କ ନ ରଖିବାରୁ ହତ୍ୟା

**ମହିଳାଙ୍କ ମୃତ୍ୟୁ ଘଟଣାର ପର୍ଦ୍ଦାଫାଶ**

**ମା', ପୁଅ ଗିରଫ**

**ବାଲେଶ୍ୱର, ୨୦।୩(ବାଞ୍ଛାନିଧି ଦେ)**

ବାଲେଶ୍ୱର ଜିଲା ରୂପ୍‌ସା ଥାନା ଅଧୀନ ଲଛମନଖୁଣ୍ଟା ଅଞ୍ଚଳରେ ଗତ ୧୭ ତାରିଖରେ ଘଟିଥିବା ମହିଳାଙ୍କ ହତ୍ୟା ଘଟଣାର ପର୍ଦ୍ଦାଫାଶ୍ ହୋଇଛି। ଶାରୀରିକ ସମ୍ପର୍କ ଲାଗି ରାଜି ନ ହେବାରୁ ମହିଳାଙ୍କ ପ୍ରେମିକ ଓ ତାଙ୍କ ମା' ମିଶି ତଣ୍ଟି ଚିପି ହତ୍ୟା କରିଥିବା ଜଣାପଡିଛି। ଏନେଇ ଏକ ହତ୍ୟା ମାମଲା (ନଂ. ୫୦/୨୬) ରୁଜୁ ହୋଇ ଅଭିଯୁକ୍ତ ପୁଅ ଓ ମା'ଙ୍କୁ ଗିରଫ କରାଯାଇ ଶୁକ୍ରବାର କୋର୍ଟଚାଲାଣ କରାଯାଇଛି।

ବାଉଁଶବଣି ଗ୍ରାମରେ ଅନନ୍ତ ସିଂଙ୍କ ଝିଅ ଯମୁନା (୨୭) ବିବାହ ବିଚ୍ଛେଦ ପରେ ବାପଘରେ ରହୁଥିଲେ। ଜାରାସାହି ଗ୍ରାମର ବିବାହିତ ବୁଦ୍ଧିଆ ସିଂ (୩୧)ଙ୍କ ସ୍ତ୍ରୀ ମଧ୍ୟ ସ୍ୱାମୀଙ୍କୁ ଛାଡ଼ି ବାପ ଘରକୁ ପଳାଇଥିଲେ। ଏହି ଅବସରରେ ଯମୁନା ଓ ବୁଦ୍ଧିଆଙ୍କ ମଧ୍ୟରେ ପ୍ରେମସମ୍ପର୍କ ଗଢ଼ି ଉଠିଥିଲା। ଦୁହିଁଙ୍କ ମଧ୍ୟରେ ଶାରୀରିକ ସମ୍ପର୍କ ମଧ୍ୟ ରହିଥିଲା। ଯମୁନାଙ୍କୁ ବିବାହ କରିବେ ବୋଲି ବୁଦ୍ଧିଆ ପ୍ରତିଶ୍ରୁତି ଦେଇଥିଲେ। ଗତ ୧୭ ତାରିଖରେ ଯମୁନା ବୁଦ୍ଧିଆଙ୍କ ଘରକୁ ଯାଇଥିଲେ। ଶୀଘ୍ର ବିବାହ ହେବା ପାଇଁ ଜିଦ୍ ଧରିଥିଲେ। ବାହାଘର ହେବ କହି ସେଦିନ ମଧ୍ୟ ଶାରୀରିକ ସମ୍ପର୍କ ରଖିବା ପାଇଁ ବୁଦ୍ଧିଆ ବାଧ କରିଥିଲେ। ଏଥିରେ ଅରାଜି ହେବାରୁ ବୁଦ୍ଧିଆ ଓ ତାଙ୍କ ମା' କୋଇଲି ସିଂ (୬୫) ଆପ୍ରୋନ୍ ଯୋଗେ ଯମୁନାଙ୍କ ତଣ୍ଟିକୁ ଚାପି ଶ୍ୱାସରୁଦ୍ଧ କରି ହତ୍ୟା କରିଥିବା ପୋଲିସ ଆଗରେ ସ୍ୱୀକାର କରିଥିଲେ। ଖବରପାଇ ରୂପ୍‌ସା ଥାନା ଆଇଆଇସି ସୌମ୍ୟଚିତ୍ ମିଶ୍ର ଓ ଏଏସ୍‌ଆଇ ବିକାଶ ସେଠି ପହଞ୍ଚି ମୃତଦେହ ଜବତ କରିଥିଲେ।



ଗିରଫ ମା'-ପୁଅ।

# କିନ୍ନର ସେଲ୍‌ରୁ ୩ ମୋବାଇଲ, ଟଙ୍କା, ମାଦକଦ୍ରବ୍ୟ ଜବତ

## ଚୌଦ୍ୱାର ଜେଲରେ ରାଉରକେଲା, କମିଶନରେଟ୍ ପୋଲିସର ମିଳିତ ଚଢ଼ାଉ

**କଟକ ଚୌଦ୍ୱାର,୨୦।୩ (କାର୍ତ୍ତିକ ସାହୁ/ଆଶୁତୋଷ ଦାସ)**

ଚୌଦ୍ୱାର ସର୍କଲ ଜେଲରେ ଚାଲିଛି ବିଚାରାଧୀନ ବନ୍ଦୀ ଓ ବାହାର ଅପରାଧୀଙ୍କ ସହ ମୋବାଇଲ ଫୋନ୍‌ରେ କଥାବାର୍ତ୍ତା। ବାରମ୍ବାର ଏଭଳି ଘଟଣା ଘଟିଚାଲିଥିଲେ ବି ତାହାକୁ ରୋକାଯାଇପାରୁନାହିଁ। ତେବେ ରାଉରକେଲା ପୋଲିସ ଓ କମିଶନରେଟ୍ ପୋଲିସ୍ ମିଳିତ ଭାବେ ଚୌଦ୍ୱାର ଜେଲରେ ଶୁକ୍ରବାର ସକାଳ ପ୍ରାୟ ୬ଟା ୩୦ ମିନିଟ୍‌ରେ ଚଢ଼ାଉ କରି ଏଭଳି ଆପରାଧିକ କାର୍ଯ୍ୟକଳାପ ଧରିବାରେ ସକ୍ଷମ ହୋଇଛି।

ଚୌଦ୍ୱାର ଜେଲର କିନ୍ନର ସେଲ୍‌ରେ ଚଢ଼ାଉ କରି ୩ଟି ମୋବାଇଲ୍ ଫୋନ୍ ସମେତ ଟଙ୍କା, ମାଦକଦ୍ରବ୍ୟ ଓ ଗୋଟିଏ ଛୋଟ ଡାଏରୀ ଜବତ ହୋଇଛି। ଜବତ ମୋବାଇଲ୍ ଓ ଅନ୍ୟାନ୍ୟ ସାମଗ୍ରୀ ରାଉରକେଲା ପୋଲିସ ତଦନ୍ତ ପାଇଁ ନେଇଯାଇଥିବା ଜଣାଯାଇଛି।

ସୂଚନାନୁସାରେ, ଚୌଦ୍ୱାର ଜେଲରେ ବନ୍ଦୀ ଭାବେ ରହୁଥିବା ଜଣେ କିନ୍ନର ରାଉରକେଲାର ଏକ ମାମଲା ସହ ଜଡ଼ିତ ଥିବା ପୋଲିସ ଜାଣିବାକୁ ପାଇଥିଲା। କିନ୍ନର ନିୟମିତ ଭାବେ ରାଉରକେଲାର ଅପରାଧୀଙ୍କ ସହ ମୋବାଇଲ୍ ଫୋନ୍‌ରେ କଥା ହେଉଥିବା ପୋଲିସ ଜାଣିବାକୁ ପାଇଥିଲା। ତେବେ କମିଶନରେଟ ପୋଲିସ କମିଶନର ଏବଂ ରାଉରକେଲା ଏସ୍‌ପି ପରସ୍ପର ମଧ୍ୟରେ ଏ ବାବଦରେ କଥା ହୋଇ ମିଳିତ ଚଢ଼ାଉ କରିବାକୁ ଯୋଜନା ପ୍ରସ୍ତୁତ କରିଥିଲେ। ତଦନୁସାରେ ରାଉରକେଲା ପୋଲିସର ଏକ ଦୁଇଜଣିଆ ଟିମ୍ କଟକରେ ପହଞ୍ଚିଥିଲେ। ତାଙ୍କୁ ସହାୟତା କରିବା ପାଇଁ କଟକ ଡିସିପିଙ୍କ ନିର୍ଦ୍ଦେଶକ୍ରମେ ଜୋନ୍-୧ ଏସିପି, ଚୌଦ୍ୱାର ଥାନା ଆଇଆଇସି ଓ ଅନ୍ୟାନ୍ୟ ପୋଲିସ ଅଧିକାରୀଙ୍କୁ ନେଇ ଏକ ୧୨ ଜଣିଆ ସ୍ୱତନ୍ତ୍ର ଟିମ୍ ଗଠନ ହୋଇଥିଲା। ଦୁଇଟି ଟିମ୍‌ର ୧୪ଜଣ ଅଧିକାରୀ ପୂର୍ବ ଯୋଜନା ମୁତାବକ ନିର୍ଦ୍ଦିଷ୍ଟ ସ୍ଥାନରେ ଚଢ଼ାଉ କରିଥିଲେ। ଦୀର୍ଘ ସମୟ ଧରି ଚଢ଼ାଉ ପରେ ପୋଲିସ ବହୁ ଗୁରୁତ୍ୱପୂର୍ଣ୍ଣ ତଥ୍ୟ ହାସଲ କରିଛି। ଚୌଦ୍ୱାର ଜେଲ ଭିତରେ ବିଭିନ୍ନ ସମୟରେ ଚଢ଼ାଉ ବେଳେ ଏଭଳି ନିଷିଦ୍ଧ ସାମଗ୍ରୀ ସବୁ ଜବତ ହେଉଛି। ହେଲେ ଏଭଳି କାରବାରରେ ବିଚାରାଧୀନ ବନ୍ଦୀଙ୍କୁ ସହଯୋଗ କରୁଥିବା ଜେଲ କର୍ମଚାରୀ ଓ ଅନ୍ୟ ବ୍ୟକ୍ତିଙ୍କ ବିରୋଧରେ କାହିଁକି ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉନାହିଁ ତାକୁ ନେଇ ସାଧାରଣରେ ପ୍ରଶ୍ନ ଉଠିଛି। ମାତ୍ର ଏ ବାବଦରେ ଜେଲ କର୍ତ୍ତୃପକ୍ଷ ଓ ଚୌଦ୍ୱାର ଥାନାକୁ ଯୋଗାଯୋଗ କରାଯାଇଥିଲେ ହେଁ ସେମାନଙ୍କ ନିକଟରୁ କୌଣସି ପ୍ରତିକ୍ରିୟା ମିଳିପାରିନାହିଁ।

# ଗର୍ଭବତୀ ପ୍ରେମିକାଙ୍କୁ ପ୍ରତାରଣା, ଯୁବକ ଗିରଫ

**ନୀଳଗିରି,୨୦।୩(ପ୍ରଶାନ୍ତ ବିଶ୍ୱାଳ)**

ପ୍ରେମିକାଙ୍କୁ ଗର୍ଭବତୀ ପରେ ପ୍ରତାରଣା। ବିବାହର ମିଛ ପ୍ରତିଶ୍ରୁତି ଦେଇ ବର୍ଷେ ହେଲା ପ୍ରେମିକାଙ୍କ ସହ ଶାରୀରିକ ସମ୍ପର୍କ ରଖିଥିଲେ। ପ୍ରେମିକା ଗର୍ଭବତୀ ହେବା ପରେ ହାତ ଛାଡ଼ି ଦେଇଥିଲେ ପ୍ରେମିକ। ନ୍ୟାୟ ପାଇଁ ଥାନାରେ ଅଭିଯୋଗ କରିବା ପରେ ପୋଲିସ ପ୍ରେମିକଙ୍କୁ ଗିରଫ କରିଛି।

ବାଲେଶ୍ୱର ଜିଲା ବରହମପୁର ଥାନା କେଶିପୁର ପଞ୍ଚାୟତ ଅଞ୍ଚଳର ଯୁବତୀ ବର୍ଷେ ହେବ ମୟୂରଭଞ୍ଜ ଜିଲା କପ୍ତିପଦା ଥାନା ବଡ଼ଗୁଡ଼ଗୁଡ଼ିଆ ଗ୍ରାମର ବଦ୍ରିନାଥ କିସ୍କୁଙ୍କୁ ପ୍ରେମ କରିବା ସହ ଶାରୀରିକ ସମ୍ପର୍କ ରଖିଥିଲେ। ପରେ ମେଡିକାଲ ଚେକ୍‌ଅପ୍‌ରୁ ସେ ୭ ମାସର ଗର୍ଭବତୀ ହୋଇଥିବା ଜଣାପଡିଥିଲା। ପ୍ରେମିକା ଗର୍ଭବତୀ ହେବା ଜାଣି ହାତ ଛାଡ଼ି ଦେଇଥିଲେ ପ୍ରେମିକ। ନ୍ୟାୟ ପାଇଁ ଯୁବତୀ ଜଣକ ଗାଁର ଆଶାକର୍ମୀଙ୍କ ସହଯୋଗ ନେଇ ବରହମ୍‌ପୁର ଥାନାରେ ଗତ ଗୁରୁବାର ଲିଖିତ ଅଭିଯୋଗ କରିଥିଲେ।

# ୩ ବର୍ଷରେ ଓଡ଼ିଶା ହେବ ନିଶାମୁକ୍ତ: ଡିଜିପି

**ଭୁବନେଶ୍ୱର,୨୦।୩ (ତ୍ରିନାଥ ମହାନ୍ତି)**

**ଏପ୍ରିଲ ୧ରୁ ସ୍ୱତନ୍ତ୍ର ଅଭିଯାନ**

- ବର୍ଷକରେ ୧,୪୪୪ କୋଟି ଟଙ୍କାର ଗଞ୍ଜେଇ ଚାଷ ନଷ୍ଟ, ୧,୩୪୬ କୋଟିର ଗଞ୍ଜେଇ ଜବତ
- ୪୧.୭ କୋଟିର ବ୍ରାଉନ୍‌ସୁଗାର,୧୦.୧୭ କୋଟିର କଫ ସିରପ୍ ଜବତ

ରାଜ୍ୟରେ ନିଶା ମାଫିଆଙ୍କ ମେରୁଦଣ୍ଡ ଭାଙ୍ଗିବା ସହ ମାଓବାଦୀଙ୍କ ରୋଜଗାର ବନ୍ଦ କରିଛି ଓଡ଼ିଶା ପୋଲିସ। ଏମାନଙ୍କ ଉପରେ ଓଡ଼ିଶା ପୋଲିସ ସର୍ଜିକାଲ ଷ୍ଟ୍ରାଇକ୍ କରିଥିବା ଡିଜିପି ଯୋଗେଶ ବାହାଦୁର ଖୁରାନିଆ ଶୁକ୍ରବାର ପୋଲିସ ଭବନରେ ଅନୁଷ୍ଠିତ ଖବରଦାତା ସମ୍ମିଳନୀରେ ସୂଚନା ଦେଇଛନ୍ତି। ଡିଜିପି କହିଛନ୍ତି, ୨୦୨୫ ଜାନୁୟାରୀ ୧ରୁ ୨୦୨୬ ଫେବୃୟାରୀ ୨୮ ମଧ୍ୟରେ 'ଅପରେଶନ୍ ପ୍ରହାର' ବିଶେଷ ସଫଳ ହୋଇଛି। ନିଶା କାରବାର ମାଓବାଦୀଙ୍କ ପାଇଁ ରୋଜଗାରର ମାଧ୍ୟମ ସାଜିଥିଲା। ମାତ୍ର ପୋଲିସର କାର୍ଯ୍ୟାନୁଷ୍ଠାନ ଯୋଗୁ ଗଜପତି, ରାୟଗଡ଼ା ଓ କୋରାପୁଟ ଆଦି ଜିଲାରେ ଗଞ୍ଜେଇ ଚାଷ ୫୦ ପ୍ରତିଶତ ହ୍ରାସ ପାଇଛି। ସେହିପରି ନିଶା ମାଫିଆଙ୍କ ୧୦ କୋଟିରୁ ଅଧିକ ସମ୍ପତ୍ତି ବାଜ୍ୟାପ୍ତ କରାଯିବା ସହ ଅଭ୍ୟାସଗତ ଅପରାଧୀଙ୍କ ବିରୋଧରେ କଠୋର ପିଆଇଟି ଏନ୍‌ଡିପିଏସ୍ ଆକ୍ଟ ଲଗାଯାଉଛି। ଆସନ୍ତା ଏପ୍ରିଲ ୧ରୁ ଓଡ଼ିଶା ପୋଲିସ ଏକ ସ୍ୱତନ୍ତ୍ର ଅଭିଯାନ ଆରମ୍ଭ କରିବାକୁ ଯାଉଛି। ଆଗାମୀ ୩ ବର୍ଷ ମଧ୍ୟରେ ଓଡ଼ିଶାକୁ ସମ୍ପୂର୍ଣ୍ଣ ଗଞ୍ଜେଇ ଓ ନିଶାମୁକ୍ତ ପାଇଁ ଲକ୍ଷ୍ୟ ଧାର୍ଯ୍ୟ କରାଯାଇଛି। ଏଥିସହ ରାଜ୍ୟରେ ଥିବା ୫୨ଟି ନିଶା ନିବାରଣ କେନ୍ଦ୍ର ଜରିଆରେ ନିଶାସକ୍ତଙ୍କୁ ସମାଜର ମୁଖ୍ୟ ସ୍ରୋତକୁ ଫେରାଇ ଆଣିବା ପାଇଁ ପ୍ରୟାସ ଜାରି ରହିଛି।

ବର୍ଷକ ଭିତରେ ରାଜ୍ୟର ମୋଟ୍ ୪୮ ହଜାର ୧୬୦ ଏକର ଜମିରେ ହୋଇଥିବା ପ୍ରାୟ ୧ହଜାର ୪୪୪ କୋଟି ଟଙ୍କା ମୂଲ୍ୟର ଗଞ୍ଜେଇ ଚାଷକୁ ନଷ୍ଟ ସହିତ ୧ହଜାର ୩୪୬ କୋଟି ଟଙ୍କା ମୂଲ୍ୟର ଗଞ୍ଜେଇ, ୨୦୦ କୋଟି ଟଙ୍କା ମୂଲ୍ୟର ୧ହଜାର ୮୬୨ ଲିଟର ଗଞ୍ଜେଇ ତେଲ, ୪୧.୭ କୋଟି ଟଙ୍କା ମୂଲ୍ୟର ବ୍ରାଉନସୁଗାର ଏବଂ ୧୦.୧୭ କୋଟି ଟଙ୍କା ମୂଲ୍ୟର କଫ ସିରପ୍ ଜବତ କରାଯାଇଛି। ଏଥିସହ ୬୫୪ ଜଣ ଆନ୍ତଃରାଜ୍ୟ ନିଶା ବେପାରୀଙ୍କୁ ଗିରଫ କରାଯାଇଛି। ୨୦୨୫ରେ ୬୭୦ ମାମଲା ରୁଜୁ କରାଯାଇ ୭ ଜଣଙ୍କୁ ଗିରଫ ସହ ୨୯ ହଜାର ୪୯୩ ଏକର ଜମିରେ ହୋଇଥିବା ଗଞ୍ଜେଇ ଚାଷ ନଷ୍ଟ କରାଯାଇଛି। ୨୦୨୬ରେ ଫେବୃୟାରୀ ୨୮ ସୁଦ୍ଧା ୩୫୭ ମାମଲା ରୁଜୁ କରାଯାଇ ୨୮ ଜଣଙ୍କୁ ଗିରଫ ସହ ୧୮ ହଜାର ୬୬୭ ଏକର ଗଞ୍ଜେଇ ଚାଷକୁ ସମ୍ପୂର୍ଣ୍ଣ ଭାବେ ନଷ୍ଟ କରାଯାଇଛି। ଏହି ସମୟ ମଧ୍ୟରେ ୪୧.୭ କୋଟିରୁ ଅଧିକ ମୂଲ୍ୟର ୨୦ କେଜି ୬୯୦ ଗ୍ରାମ୍ ବ୍ରାଉନସୁଗାର ଜବତ କରାଯାଇଛି। ଏନେଇ ମୋଟ ୪୪୫ଟି ମାମଲା ରୁଜୁ କରାଯାଇ ୯୧୦ଜଣଙ୍କୁ ଗିରଫ କରାଯାଇଛି। ଏଥିମଧ୍ୟରେ ୨୦୨୫ରେ ୩୫୨ଟି ମାମଲା ରୁଜୁ କରାଯାଇ ୭୧୯ ଜଣଙ୍କୁ ଗିରଫ କରାଯିବା ସହ ୧୮ କେଜି ବ୍ରାଉନସୁଗାର ଜବତ କରାଯାଇଥିଲା। ସେହିପରି ୨୦୨୬ରେ ଫେବୃୟାରୀ ୨୮ ସୁଦ୍ଧା ୯୩ଟି ମାମଲା ରୁଜୁ ହୋଇ ୧୯୧ ଜଣଙ୍କୁ ଗିରଫ ସହ ୨କେଜି ୬୯୦ ଗ୍ରାମ୍ ବ୍ରାଉନସୁଗାର ଜବତ କରାଯାଇଛି। ଏସ୍‌ଟିଏଫ୍ ଦ୍ୱାରା ପ୍ରଶିକ୍ଷିତ କେ-୯ ସ୍ନାଇଫର ଶ୍ୱାନଙ୍କ ସହାୟତାରେ ରାଜ୍ୟର ପ୍ରମୁଖ ରେଳ ଷ୍ଟେଶନ ଓ ବସ୍‌ଷ୍ଟାଣ୍ଡରେ କଡ଼ା ନଜର ରଖାଯାଇଥିବା ଡିଜିପି କହିଛନ୍ତି।

## ଜନ୍ମଦିନର ଶୁଭେଚ୍ଛା

ନାମ: ....................................
ବୟସ:....................................
ଜନ୍ମ ତାରିଖ: ...............................


ଗୁନ୍‌ଗୁନ୍
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।


# ପ୍ରଗତି-ମୁକ୍ତେଶ୍ୱର ଫାଇନାଲ

**ଭୁବନେଶ୍ୱର, ୨୦।୩ (ତପନ ସ୍ୱାଇଁ)**

ମୁକ୍ତେଶ୍ୱର କ୍ରିକେଟ କ୍ଲବ (ଏମ୍‌ସିସି) ଆନୁକୂଲ୍ୟରେ ବିଜେବି କଲେଜ ଗ୍ରାଉଣ୍ଡରେ ଚାଲିଥିବା ପ୍ରଶାନ୍ତ-ଶୁଭାଶିଷ ସ୍ମାରକୀ 'ଖିମ୍‌ଜି କପ୍' ଅଲ୍ ଓଡ଼ିଶା ସିନିୟର କ୍ରିକେଟ ଟୁର୍ନାମେଣ୍ଟର ଦ୍ୱିତୀୟ ସେମିଫାଇନାଲ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ରାଉରକେଲା ୟୁଥ୍ କ୍ରିକେଟ କ୍ଲବକୁ ୫ ଉଇକେଟରେ ହରାଇ ପ୍ରଗତି ସ୍ପୋର୍ଟିଂ ଫାଇନାଲରେ ପ୍ରବେଶ କରିଛି। ରବିବାର ପ୍ରଗତି ଓ ଆୟୋଜକ ମୁକ୍ତେଶ୍ୱର କ୍ରିକେଟ କ୍ଲବ ମଧ୍ୟରେ ଫାଇନାଲ ଅନୁଷ୍ଠିତ ହେବ।

ପ୍ରଥମେ ବ୍ୟାଟିଂ କରିଥିବା ରାଉରକେଲା ଦଳ ୨୯.୧ ଓଭରରେ ୧୨୯ ରନରେ ଅଲ୍‌ଆଉଟ ହୋଇଥିଲା। ସୌମ୍ୟ ଲେଙ୍କା ସର୍ବାଧିକ ୪୯ ଓ ଅଙ୍କିତ ଗୁପ୍ତା ୩୮ ରନ କରିଥିଲେ। ପ୍ରଗତିର ମିଳନ ସାମଲ ୬.୧ ଓଭରରେ ମାତ୍ର ୧୦ ରନ ଦେଇ ୩ଟି ଉଇକେଟ ନେଇ ବିପକ୍ଷ ଦଳର ବ୍ୟାଟିଂ ବିପର୍ଯ୍ୟୟ ଘଟାଇଥିଲେ। ଅଫ୍ ସ୍ପିନର ରାକେଶ ବିଶ୍ୱାଳ ୩ଟି ଉଇକେଟ ନେଇଥିଲେ। କମଲେଶ ପଟ୍ଟନାୟକ ୫ ଓଭରରେ ମାତ୍ର ୧୨ ରନଦେଇ ଗୋଟିଏ ଉଇକେଟ ପାଇଥିଲେ। ପ୍ରଗତି ମାତ୍ର ୧୦ ରନରେ ୩ ଉଇକେଟ ହରାଇଥିଲେ ହେଁ ଶାନ୍ତନୁ ମିଶ୍ରଙ୍କ ଅପରାଜିତ ୬୩ ଓ ରଘୁନାଥ ମଲ୍ଲଙ୍କ ଦ୍ରୁତ ୩୭ ରନ ବଳରେ ୨୨.୫ ଓଭରରେ ୫ ଉଇକେଟ ହରାଇ ବିଜୟ ଲକ୍ଷ୍ୟ ହାସଲ କରି ନେଇଥିଲା। ରାଉରକେଲା ଦଳର ଆକାଶ କୁମାର ଠାକୁର ୩ ଉଇକେଟ ନେଇଥିଲେ। ପ୍ରଗତିର ମିଳନ ସାମଲ (୬-୨-୧୦-୩) ପ୍ଲେୟର ଅଫ୍ ଦି ମ୍ୟାଚ ବିବେଚିତ ହୋଇଥିଲେ।

# କ୍ୱାର୍ଟରରେ ରାମେଶ୍ୱର ସ୍ପୋର୍ଟିଂ

**ଭୁବନେଶ୍ୱର, ୨୦।୩ (ତପନ ସ୍ୱାଇଁ)**

ସ୍ଥାନୀୟ ଆଇଆରସିରେ ଚାଲିଥିବା ୧୪ ବର୍ଷରୁ କମ ୫ମ ଏଲଏଲସିସି କ୍ରିକେଟ ଟୁର୍ନାମେଣ୍ଟର କ୍ୱାର୍ଟର ଫାଇନାଲରେ ରାମେଶ୍ୱର ସ୍ପୋର୍ଟିଂ ପ୍ରବେଶ କରିଛି। ଶୁକ୍ରବାର ଅନୁଷ୍ଠିତ ପ୍ରି-କ୍ୱାର୍ଟର ଫାଇନାଲରେ ରାମେଶ୍ୱର କଟକର ନିମପୁର କ୍ରିକେଟ କ୍ଲବକୁ ୯୨ ରନରେ ପରାସ୍ତ କରିଛି। ଟସ୍ ଜିତି ପ୍ରଥମେ ବ୍ୟାଟିଂ କରିଥିବା ରାମେଶ୍ୱର ସ୍ପୋର୍ଟିଂ ନିର୍ଦ୍ଧାରିତ ୩୫ ଓଭରରେ ୩ ଉଇକେଟ ହରାଇ ୨୭୧ ରନ କରିଥିଲା। ଦଳ ପକ୍ଷରୁ କିର୍ତ୍ତୀ କୁମାର ବରାଳ ସର୍ବାଧିକ ୭୨, ମୁସ୍ତାନା ସାଇ କୌଶିକ ଅପରାଜିତ ୭୦ ଓ ବିଭୂ ପ୍ରସାଦ ୪୧ ରନ କରିଥିଲେ। ବିପକ୍ଷ ଦଳର ତ୍ରିଲୋଚନ ମହାରଣା, ଯୁଦ୍ଧାଜିତ ସ୍ୱାଇଁ ଓ ଅନିଲ ମହାରଣା ଗୋଟିଏ ଲେଖାଏ ଉଇକେଟ ନେଇଥିଲେ। ୨୭୨ ରନ ବିଜୟ ଲକ୍ଷ୍ୟର ପିଛାକରି ନିମପୁର ଦଳ ୩୫ ଓଭରରେ ୯ ଉଇକେଟ ହରାଇ ୧୭୯ ରନରେ ସୀମିତ ରହିଥିଲା। ଓପନର ପ୍ରତ୍ୟୁଶ ଦିବ୍ୟଜ୍ୟୋତି ସ୍ୱାଇଁ ୫୭ ଓ ଯୁଦ୍ଧାଜିତ ସ୍ୱାଇଁ ୩୯ ରନ ସ୍କୋର କରିଥିଲେ। ବିଜୟୀ ଦଳ ପକ୍ଷରୁ ବିମଳଜ୍ୟୋତି ବେହେରା ୭ ଓଭରରେ ୬ଟି ମେଡେନ ନେଇ ମାତ୍ର ୪ ରନ ବିନିମୟରେ ୩ ଉଇକେଟ ହାସଲ କରିଛନ୍ତି। ଗିରିଶ ଚନ୍ଦ୍ର ବିଶ୍ୱାଳ ଓ ମୋହନ ସାହୁଙ୍କୁ ୨ଟି ଲେଖାଏ ଉଇକେଟ ମିଳିଛି। ୭୦ ରନ କରିବା ସହ ଗୋଟିଏ ଉଇକେଟ ନେଇଥିବା ବୋଲିଂରେ ଗୋଟିଏ ଉଇକେଟ ନେଇଥିବା ମୁସ୍ତାନା ସାଇ କୌଶିକ ପ୍ଲେୟର ଅଫ ଦି ମ୍ୟାଚ୍ ବିବେଚିତ ହୋଇଥିଲେ।

# ଯୁବରାଜ, ତନ୍‌ଭି, ସୁଶ୍ରୀଙ୍କୁ ଟାଇଟଲ

## ସର୍ବଭାରତୀୟ ଟେନିସ



କୃତୀ ପ୍ରତିଯୋଗୀମାନେ ଅତିଥିଙ୍କ ଗହଣରେ।

**ଭୁବନେଶ୍ୱର, ୨୦।୩ (ତପନ ସ୍ୱାଇଁ)**

ଓଡ଼ିଶା ଟେନିସ ଆସୋସିଏଶନ (ଓଟିଏ) ଆନୁକୂଲ୍ୟରେ କଳିଙ୍ଗ ଷ୍ଟାଡିୟମରେ ୧୨ ଓ ୧୪ ବର୍ଷରୁ କମ୍ ସର୍ବଭାରତୀୟ ଏଆଇଟିଏ-ଓଟିଏ ଟ୍ୟାଲେଣ୍ଟ ସିରିଜ (ଟିଏସ୭) ଅନୁଷ୍ଠିତ ହୋଇଯାଇଛି। ଓଡ଼ିଶା ସମେତ ପଶ୍ଚିମବଙ୍ଗ ଓ ଝାଡ଼ଖଣ୍ଡ ଆଦି ୩ ରାଜ୍ୟରୁ ମୋଟ ୬୫ ଖେଳାଳି ଏଥିରେ ଭାଗ ନେଇଥିଲେ। ୧୨ ବର୍ଷରୁ କମ୍ ବାଳକ ସିଙ୍ଗଲ୍ସ ଫାଇନାଲରେ ଓଡ଼ିଶାର ଯୁବରାଜ ମୁଦୁଲି ପ୍ରତିପକ୍ଷ ଦେବଞ୍ଜୟ ପୋଦାରଙ୍କୁ ୬-୧, ୬-୩ ସେଟ୍‌ରେ ହରାଇ ଚାମ୍ପିୟନ ହୋଇଛନ୍ତି। ସେହିପରି ୧୨ ବର୍ଷରୁ କମ୍ ବାଳିକା ସିଙ୍ଗଲ୍ସ ଫାଇନାଲରେ ଓଡ଼ିଶାର ତନଭି ବେହେରା ନିଜ ରାଜ୍ୟର ଆୟେଶା ରଥଙ୍କୁ ୬-୨, ୬-୨ରେ ଏବଂ ୧୪ ବର୍ଷରୁ କମ୍ ବାଳିକା ଫାଇନାଲରେ ଓଡ଼ିଶାର ସୁଶ୍ରୀ କର୍ମକାର ପଶ୍ଚିମବଙ୍ଗର ଆହାନା ଦାସଙ୍କୁ ୬-୨, ୬-୨ରେ ପରାସ୍ତ କରି ଟାଇଟଲ ହାସଲ କରିଛନ୍ତି। ୧୪ ବର୍ଷରୁ କମ୍ ବାଳକ ସିଙ୍ଗଲ୍ସ ଫାଇନାଲରେ ଝାଡ଼ଖଣ୍ଡର ସମୟ ଆଗମାନ ୬-୪, ୬-୨ରେ ଓଡ଼ିଶାର ସିଦ୍ଧାର୍ଥ ଦାସଙ୍କୁ ହରାଇଛନ୍ତି। ୧୪ ବର୍ଷରୁ କମ୍ ଡବଲ୍ସ ଫାଇନାଲରେ ସମୟ ଆଗମାନ ଓ ସୂର୍ଯ୍ୟାଂଶ ଥାଟୋଇଙ୍କ ଯୋଡ଼ି ଓଡ଼ିଶାର ଗୌରୀ ଶଙ୍କର ପଣ୍ଡା ଓ ସୂରଜ ଦାସଙ୍କୁ ୬-୧, ୬-୨ରେ ପରାସ୍ତ କରିଛନ୍ତି। ଓଟିଏ ସମ୍ପାଦକ ସଞ୍ଜୀବ ପଣ୍ଡା, ଯୁଗ୍ମ ସମ୍ପାଦକ ସସ୍ମିତ ପଟ୍ଟନାୟକ, ମୁଖ୍ୟ କୋଚ୍ ବିନୋଦ ସେଠ୍ ଓ ଟୁର୍ନାମେଣ୍ଟ ରେଫରି ଶିବ ପରିଡ଼ା ପୁରସ୍କାର ପ୍ରଦାନ କରିଥିଲେ।

# ଦେବେନ୍ଦ୍ର ପ୍ରଧାନ ସ୍ମାରକୀ ଫୁଟ୍‌ବଲ: ଅଷ୍ଟକିଳା ବିଜୟୀ



ପ୍ରଦୀପ ବରୁଆ ଅତିଥିଙ୍କଠାରୁ ପୁରସ୍କାର ଗ୍ରହଣ କରୁଛନ୍ତି।

**ଭୁବନେଶ୍ୱର, ୨୦।୩ (ବିଜୟ ରଣା)**

ସ୍ଥାନୀୟ ଭୁବନେଶ୍ୱର ଫୁଟ୍‌ବଲ ଏକାଡେମୀ ଗ୍ରାଉଣ୍ଡ ୟୁନିଟ୍-୧ରେ ଚାଲିଥିବା ଦେବେନ୍ଦ୍ର ପ୍ରଧାନ ମେମୋରିଆଲ ଅଲ୍ ଓଡ଼ିଶା ଫୁଟ୍‌ବଲ ଚାମ୍ପିୟନଶିପ୍‌ର ଶୁକ୍ରବାର ଖେଳାଯାଇଥିବା ଏକ ମ୍ୟାଚ୍‌ରେ କଟକର ମଙ୍ଗଳା କ୍ଲବକୁ ୩-୧ ଗୋଲ୍‌ରେ ହରାଇ ଦେଇଛି ଅନୁଗୋଳର ଅଷ୍ଟକିଳା କ୍ଲବ ଫଟାକା। ମ୍ୟାଚରେ ଅଷ୍ଟକିଳା ପ୍ରାଧାନ୍ୟ ବିସ୍ତାର କରି ଖେଳିଥିଲା। ଦଳ ପକ୍ଷରୁ ସଞ୍ଜୟ ଜୋଜୋ (୨୧ତମ ମିନିଟ), କରନ କୁଜୁର (୭୯ତମ) ଏବଂ ପ୍ରଦୀପ ବରୁଆ (୯୦ତମ) ଗୋଟିଏ ଲେଖାଏଁ ଗୋଲ୍ ସ୍କୋର କରିଥିଲେ। ମଙ୍ଗଳା କ୍ଲବ ପକ୍ଷରୁ ଖେଳର ୭୦ତମ ମିନିଟ୍‌ରେ ଏକମାତ୍ର ଗୋଲ ଗଣେଶ ସ୍କୋର କରିଥିଲେ। ଦର୍ଶନୀୟ ଗୋଲ୍ ସ୍କୋର ଯୋଗୁ ଅଷ୍ଟକିଳା କ୍ଲବର ପ୍ରଦୀପ ବରୁଆ ପ୍ଲେୟର ଅଫ୍ ଦି ମ୍ୟାଚ ବିବେଚିତ ହୋଇଥିଲେ। ତାଙ୍କୁ ପୁରସ୍କାର ବାବଦରେ ୩,୦୦୦ ଟଙ୍କା ଏବଂ ଏକ ଟ୍ରଫି ପ୍ରଦାନ କରାଯାଇଥିଲା। ଶୁକ୍ରବାର ଅତିଥିଭାବେ ଯୋଗଦେଇଥିଲେ ସାମାଜିକକର୍ମୀ ଯଜ୍ଞାଶିଷ ମହାପାତ୍ର, ଭୁବନେଶ୍ୱର ଆଥଲେଟିକ୍ ଆସୋସିଏଶନ (ବା) ସଭାପତି ସୌର୍ଯ୍ୟରଞ୍ଜନ ପରିଜା ଓ ଉପସଭାପତି ଭାଗ୍ୟଧର ଜଗଦେବ, ଆୟୋଜକ ସମ୍ପାଦକ ପ୍ରଦୀପ କୁମାର ରାଉତରାୟ, ବନୋଜ କୁମାର ପ୍ରଧାନ ଓ ମହେନ୍ଦ୍ରନାଥ ନାୟକ।


## ମନେ ପଡ଼ନ୍ତି

### ପ୍ରଥମ ଶ୍ରାଦ୍ଧବାର୍ଷିକୀ



**ସ୍ୱର୍ଗତ ଶ୍ରୀକାନ୍ତ ଚରଣ ଦାସ**

Plot No. MB3, Badagada,
Brit Colony, Bhubaneswar
ତିରୋଧାନ: ୩୧।୦୩।୨୦୨୫

ବାବା, ପ୍ରଥମ ବର୍ଷର ସମର୍ପଣ । ଆପଣଙ୍କ ଆଶୀର୍ବାଦ, କର୍ତ୍ତବ୍ୟପରାୟଣତା ଏବଂ ଉପଦେଶ ଆଜି ବି ଆମର ପଥ ପ୍ରଦର୍ଶକ। ଆଜି ଏହି ପବିତ୍ର ଦିବସରେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ଆପଣଙ୍କ ଅମର ଆତ୍ମାର ସଦ୍‌ଗତି କାମନା କରୁଛୁ ।

**ଦାସ ପରିବାର ଓ ବନ୍ଧୁବାନ୍ଧବ**

ଧ-୩୬୫୪

### ସପ୍ତମ ଶ୍ରାଦ୍ଧବାର୍ଷିକୀ ଉପଲକ୍ଷେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି



**ସ୍ୱର୍ଗତା ରତ୍ନପ୍ରଭା ଦେବୀ**

(ଏମ୍.ଏ.ବି.ଏଡ୍) ଅବସରପ୍ରାପ୍ତ ଶିକ୍ଷୟିତ୍ରୀ, ସରକାରୀ ଉଚ୍ଚ ବାଳିକା ବିଦ୍ୟାଳୟ, ୟୁନିଟ୍-୪, ଭୁବନେଶ୍ୱର
ସି.ଆର.ପି.ଏଫ୍ ଛକ, ଭୁବନେଶ୍ୱର
ଆବିର୍ଭାବ: ୧୨।୦୮।୧୯୪୭ । ତିରୋଧାନ: ୦୭।୦୪।୨୦୧୯
(ଚୈତ୍ର ମାସ ଶୁକ୍ଳପକ୍ଷ ତୃତୀୟା ତିଥି)

ତୁମର ଅନୁପସ୍ଥିତି ପ୍ରତିଟି ମୁହୂର୍ତ୍ତରେ ଅନୁଭବ କରୁଛୁ। ତୁମର ସ୍ନେହ, ଶ୍ରଦ୍ଧା ଓ ଆଶୀର୍ବାଦ ଆମ ପାଇଁ ଚିର ପାଥେୟ ହେଉ। ତୁମ ଅସାଧାରଣ ବ୍ୟକ୍ତିତ୍ୱର ସ୍ମୃତିରେ ରତ୍ନପ୍ରଭା ଦେବୀ ମେମୋରିଆଲ୍ ଟ୍ରଷ୍ଟର ସ୍ଥାପନା କରାଯାଇଛି। ତୁମ ଆତ୍ମାର ଶାନ୍ତି ଓ ସଦ୍‌ଗତି ନିମନ୍ତେ ପ୍ରଭୁ ଶ୍ରୀଜଗନ୍ନାଥଙ୍କର ଶ୍ରୀଚରଣାରବିନ୍ଦରେ ବିନମ୍ର ପ୍ରାର୍ଥନା କରୁଅଛୁ। ପରିବାରବର୍ଗ ଓ ଆତ୍ମୀୟସ୍ୱଜନ ।

ଧ-୩୭୦୭

### ଏକାଦଶାହ ଉପଲକ୍ଷେ



**୰ଗଣେଶ ଚନ୍ଦ୍ର ଦୀକ୍ଷିତ**

ଗ୍ରାମ: ୯୪/୪୨୯, ମହାବୀର ନଗର, ଭୁବନେଶ୍ୱର
ଆବିର୍ଭାବ: ୧୭।୧୦।୧୯୫୨
ତିରୋଧାନ: ୧୧।୦୩।୨୦୨୬

ଆପଣଙ୍କ ସ୍ନେହ, ଶ୍ରଦ୍ଧା, ଭଲପାଇବା, ଶୃଙ୍ଖଳିତ ଜୀବନ, ମାର୍ଗଦର୍ଶନ ଓ ଆଶୀର୍ବାଦ ଆମ ମାନଙ୍କ ପାଇଁ ଚିର ପାଥେୟ ହେଉ। ପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ପ୍ରାର୍ଥନା କରୁଅଛୁ ଆପଣଙ୍କ ଆତ୍ମା ଶାନ୍ତି ଓ ସଦ୍‌ଗତି ପ୍ରାପ୍ତ ହେଉ।

-:ଆପଣଙ୍କ ଶୋକସନ୍ତପ୍ତ ପରିବାରବର୍ଗ:-
ଉମେଶ ଚନ୍ଦ୍ର ଦୀକ୍ଷିତ, ରମେଶ ଚନ୍ଦ୍ର ଦୀକ୍ଷିତ, ରାଜକିଶୋର ଦୀକ୍ଷିତ ଓ ଏଥି ସହ ସମସ୍ତ ପରିବାରବର୍ଗ ଓ ବନ୍ଧୁପରିଜନ।

ଧ-୬୧୯୮୨

### ଏକାଦଶାହ ଉପଲକ୍ଷେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି



**୰ସୁହାସିନୀ ସାହୁ**

ତିରୋଧାନ- ୧୧।୦୩।୨୦୨୬

ଅମର ଆତ୍ମାର ସଦ୍‌ଗତି ନିମନ୍ତେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ଶ୍ରୀଚରଣରେ ବିନମ୍ର ପ୍ରାର୍ଥନା।

-:ଶୋକସନ୍ତପ୍ତ:-
ହତଭାଗ୍ୟ ପୁତ୍ର: ରାଜକିଶୋର ସାହୁ, ସନ୍ତୋଷ କୁମାର ସାହୁ, ପ୍ରଦ୍ୟୁମ୍ନ କୁମାର ସାହୁ, ଆଶୁତୋଷ ସାହୁ (ନାତି)

ଧ-୩୬୯୬



# Classified Everyday

0674-2580101, 9692975378




## REAL ESTATE

### SALE

A brand new 3bhk premium category flat in Assotech Pride for immediate sale at a reasonable price. 7008265039 Broker Excuse. D-3540

ଭୁବନେଶ୍ୱର, ଫୁଲନଖରା ଛକ, ପାହାଳ, ଜଟଣୀ ଗେଟ୍, ଅରୁଗୁଳ IIT, ପିପିଲି, ରଙ୍ଗବଜାର, ପାତ୍ରପଡ଼ା ନିକଟରେ ଘରବାରୀ ପ୍ଲଟ୍/Duplex ମିଳୁଛି। 8327785834. D-3649

ଭୁବନେଶ୍ୱର ନଖରା Dadhichi College ପାଖରେ Sqft. 1099/ରେ ଘରବାଡ଼ି, ବାଉଣ୍ଡାରୀ, Electric ଥାଇ ବାସୋପଯୋଗୀ ପ୍ଲଟ୍ ମିଳୁଛି। 8093465134. D-3683

ଭୁବନେଶ୍ୱର ଜଟଣୀଗେଟ୍‌ରୁ ଅଳ୍ପ ଦୂରତାରେ 1500sqft. 7,50,000/- ପ୍ଲଟ୍ ବିକ୍ରିହେବ। 9658891108. D-25

3BHK Sophisticated Flat at BJB Nagar/ 2100sqft. Gharabari Land at Uttara, Bhubaneswar. Call- 8917520527. D-3671

Email ମାଧ୍ୟମରେ କ୍ଲାସିଫାଏଡକୁ ବିଜ୍ଞାପନ ପଠାଇବାର ଠିକଣା:-
classifieddharitri@gmail.com




Godown and Showrrom near Pathargadia, Sibamandira 200ft. Road. Mob. 9938060592. D-3544



## BUSINESS

Urgently required Second hand Racks for supermarket in Bhubaneswar, Contact: 8240127783. D-3703




All types of physiotherapy and massage contact 9556924059 / 7656969134. D-3668

## LOST

ମୁଁ, ଶ୍ରୀ ଲକ୍ଷ୍ମୀଧର ମହାନ୍ତି (୪୯) ବର୍ଷ, ପତ୍ନୀ- ମଞ୍ଜୁ ମହାନ୍ତି (୪୬) ବର୍ଷ, ସା- ବଳଭଦ୍ରପ୍ରସାଦ, ପୋ- ନୂଆପଡା, ଜିଲ୍ଲା- ନୟାଗଡ଼ ଜଣାଉଛି ମୋର ଘରବାରି ଦଲିଲ ନଂ. ୧୩୯୧୦୦୧୭୭୨, ତାରିଖ: ୦୬।୦୭।୧୦ଟି ବଳଭଦ୍ରପ୍ରସାଦଠାରେ ହଜିଯାଇଛି। ମୁଁ ମୋର ଦଲିଲ ବାଇକରେ ଏକ ବ୍ୟାଗରେ ରଖି ତହସିଲ କାର୍ଯ୍ୟାଳୟକୁ ଯାଉଥିବାବେଳେ ୧୫।୦୨।୨୦୨୨ ତାରିଖରେ ହଜିଯାଇଛି। ଏ ସମ୍ପର୍କରେ ଖଣ୍ଡପଡ଼ା ଥାନାରେ କମ୍ପ୍ଲେନ ନମ୍ବର- ୨୪୮୬୬୦୨୨୦୭୨ ୬୦୦୧୫ ରେ ମାମଲା ରୁଜୁ ହୋଇଛି। ଏଣୁ ନିବେଦନ କରେକି ଯଦି ଏହି ଦଲିଲ କେହି ପାଇଲେ ମୋର ନିମ୍ନୋକ୍ତ ଫୋନ ନମ୍ବରରେ ଜଣାଇବାକୁ ଅନୁରୋଧ।

ଶ୍ରୀ ଲକ୍ଷ୍ମୀଧର ମହାନ୍ତି
ଶ୍ରୀ ମଞ୍ଜୁ ମହାନ୍ତି
ସା- ବଳଭଦ୍ରପ୍ରସାଦ, ଖଣ୍ଡପଡ଼ା, ନୟାଗଡ଼, ଫୋନ ନମ୍ବର- ୬୩୭୦୬୭୮୭୧୨
ଧ-୩୭୦୪

## AFFIDAVIT

By virtue of an affidavit sworn before Notary Public, Kantabanji, dated 20.03.2026, I, MAMATA SAGRIA, D/o.- Bhagabana Sagria, At/P.O.- Salemudgaon, P.S.- Turekela, Dist.- Bolangir, Odisha, PIN-767040 declare that I have changed my name from NAMITA SAGRIA (Old name) to MAMATA SAGRIA (New name). Henceforth, I shall be known as MAMATA SAGRIA for all purposes.
MAMATA SAGRIA
(New name).
D-3699

By virtue of an affidavit sworn before Executive Magistrate, Thuamul Rampur, dated 04.10.2025, I, Dashmini Naik, R/o. At/P.O.- Gopalpur, P.S.-Thuamul Rampur, Dist.- Kalahandi, Odisha, PIN- 766037 declare that I have changed my name from Dasmita Naik to Dashmini Naik. Henceforth, I shall be known as Dashmini Naik for all purposes.
Dashmini Naik
D-3701

By virtue of an affidavit sworn before Executive Magistrate, Kashipur, Rayagada dated 16.10.2025, I, Ramsingh Majhi, R/o. At- Bhatipas, P.O.- Munusgaon, P.S.- Kashipur, Dist.- Rayagada, Odisha, PIN- 765015 declare that I have changed the name of my son from Matu Majhi to Mantu Majhi. Henceforth, he shall be known as Mantu Majhi for all purposes.
Ramsingh Majhi
D-3702

I, Puspanjali Behera, D/o. Radharani Behera, At- Indipur, P.O.- Indipur, P.S.- Sadar, Dist.- Dhenkanal, PIN- 759025 solemnly declare that I have changed my name from PUSPANJALI DAS to PUSPANJALI BEHERA, dtd. 18.03.2026 before Executive Magistrate, Dhenkanal.
Puspanjali Behera.
D-3697

I, Nishamani Panda, W/o.- Late Somanath Panda, At- Thailo, P.O.- Alikanta, P.S.- Balikuda, Dist.- Jagatsinghpur, 754108, Odisha declare by affidavit No.- 2306, dtd.- 06.12.2025 before Executive Magistrate, Balikuda that I have changed my name from Nirupama Panda to Nishamani Panda. Nishamani Panda and Nirupama Panda is one and same person. Henceforth, I shall be known as Nishamani Panda for all purposes.
D-3700

By virtue of an affidavit Sworn before Notary Public, Kantabanji Dated 20.3.2026 I, Sajara Hati, S/o.- Rakshya Hati of Village- Tentulikhunti, P.O.- Ganrei, P.S.- Muribahal, Dist.- Bolangir, Odisha, declare that I have changed the name of my daughter from Niturupa Hati to Nirupama Hati. Henceforth, she shall be known as Nirupama Hati (New Name) for all purposes.
Sajara Hati
D-3698

### ପାଠକଙ୍କ ପାଇଁ ସୂଚନା

କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

## LEGAL NOTICE

ମାନ୍ୟବର ଆୟୁକ୍ତ, ଚକବନ୍ଦୀ ଓ ବନ୍ଦୋବସ୍ତ, ଭୁବନେଶ୍ୱରଙ୍କ ଅଦାଲତ ୪ର୍ଥ ମହଲା, ବିଭାଗୀୟ ମୁଖ୍ୟ କାର୍ଯ୍ୟାଳୟ, ଭୁବନେଶ୍ୱର, ଜିଲ୍ଲା: ଖୋର୍ଦ୍ଧା
ଆର୍.ପି. କେସ୍ ନଂ.୧୬/୨୦୨୪

କପିଳ ରଣସିଂହ ଓ ଅନ୍ୟମାନେ ........ବାଦୀମାନେ
ବନାମ
ତହସିଲଦାର ଟାଙ୍ଗୀ ଓ ଓଗେର .......ପ୍ରତିବାଦୀମାନେ

ପ୍ରତିବାଦୀ ନଂ.୩: ଚନ୍ଦ୍ର ରାଉଳ, ପ୍ରତିବାଦୀ ନଂ.୪: ମଧୁ ରାଉଳ ଦୁଇଜଣଙ୍କର ପିତା: ଦୀନା ରାଉଳ, ପ୍ରତିବାଦୀ ନଂ.୫: ଚିନ୍ତାମଣି ସାହୁ, ପିତା: ଅର୍ଜୁନ ସାହୁ, ପ୍ରତିବାଦୀ ନଂ.୬: ପ୍ରାଣନାଥ ସାମନ୍ତରାୟ, ପିତା: ସତ୍ୟବାଦୀ ସାହୁ, ଏମାନଙ୍କ ଠିକଣା: ସା- ବୋଡଙ୍ଗରା ପାଟଣା, ଥାନା- ନିରାକାରପୁର, ଜିଲ୍ଲା- ଖୋର୍ଦ୍ଧା।

ନୋଟିସ ସି.ପି.ସି. ଅର୍ଡର-୫, ରୁଲ୍-୨୦ ମୁତାବକ

ଉପରୋକ୍ତ ଆର୍.ପି. କେସ୍ ବାଦୀ କପିଳ ରଣସିଂହ ଓ ଅନ୍ୟମାନେ ଓଡ଼ିଶା ସର୍ଭେ ଓ ସେଟେଲମେଣ୍ଟ୍ ଆଇନର ଧାରା ୧୫(ଖ) ଅନୁଯାୟୀ ମାନ୍ୟବର ଆୟୁକ୍ତ, ଚକବନ୍ଦୀ ଓ ବନ୍ଦୋବସ୍ତ ଭୁବନେଶ୍ୱର, ଅଦାଲତଙ୍କ ଇଜିଲାସରେ ଦାଖଲ କରିଅଛନ୍ତି। ଉପରୋକ୍ତ ମାମଲାର ପ୍ରତିବାଦୀ ନଂ.୩, ୪, ୫ ଓ ୬ଙ୍କ ଠିକଣାରେ ଚିଠି ଯାଇ ପୋଷ୍ଟାଲ ଏଣ୍ଡୋର୍ସମେଣ୍ଟ ଜରିଆରେ, ସେମାନେ ମୃତ ବୋଲି ଦର୍ଶାଯାଇ ଅଦାଲତକୁ ଫେରସ୍ତ ଆସିଅଛି।

ଏଣୁ ସେମାନଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି ଯେ, ଉପରୋକ୍ତ ମାମଲାର ଶୁଣାଣି ମାନ୍ୟବର ଆୟୁକ୍ତ, ଚକବନ୍ଦୀ ଓ ବନ୍ଦୋବସ୍ତ, ଭୁବନେଶ୍ୱରଙ୍କ ଅଦାଲତ କାର୍ଯ୍ୟାଳୟଠାରେ ଆସନ୍ତା ତା.୨୭।୦୪।୨୦୨୬ରିଖ ଦିବା ଘ.୧୧.୩୦ମି. ସମୟରେ ଶୁଣାଣି କରାଯିବା ନିମନ୍ତେ ସ୍ଥିର ହୋଇଅଛି। ବାଦୀଙ୍କ ଦ୍ୱାରା ଦାଖଲ ହୋଇଥିବା ତଫସିଲ ଜମିର ବିବରଣୀ ନିମ୍ନରେ ପ୍ରଦାନ କରାଗଲା।

ତଫସିଲ ସମ୍ପତ୍ତିର ବିବରଣୀ

ଜିଲ୍ଲା: ଖୋର୍ଦ୍ଧା, ତହସିଲ: ଟାଙ୍ଗୀ, ଥାନା: ନିରାକାରପୁର, ମୌଜା: ବଡ଼ପୋଖରିଆ
ସାବିକ ଖାତା ନଂ.୩୨୮, ପ୍ଲଟ୍ ନଂ.୯୭୮, ରକବା: ଏ୧.୨୦୩ ଡି., ପ୍ଲଟ୍ ନଂ.୯୮୧, ରକବା: ଏ୦.୨୩୫ ଡି., ପ୍ଲଟ୍ ନଂ.୯୮୪, ରକବା: ଏ୦.୧୩୨ ଡି., ପ୍ଲଟ୍ ନଂ.୯୯୧, ରକବା: ଏ୨.୦୯୫ ଡି., ମୋଟ ଚାରି ଗୋଟି ପ୍ଲଟ୍, ମୋଟ ରକବା: ଏ୩.୬୬୫ ଡି., ହାଲ୍ ଖାତା ନଂ.୩୨୦, ପ୍ଲଟ୍ ନଂ.୪୨୦୭, ରକବା ଏ୨.୦୨୦ ଡିସିମିଲ, ପ୍ଲଟ୍ ନଂ.୪୨୩୨, ରକବା: ଏ୦.୩୯୦ ଡି., ପ୍ଲଟ୍ ନଂ. ୪୨୩୫, ରକବା: ଏ୧.୦୮୫ ଡି., ପ୍ଲଟ୍ ନଂ.୪୨୩୭, ରକବା: ଏ୦.୧୮୯ ଡି., ମୋଟ ଚାରି ଗୋଟି ପ୍ଲଟ୍, ମୋଟ ରକବା: ଏ୩.୬୮୪ ଡି.

ଏଣୁ ଉପରୋକ୍ତ ମାମଲାର ପ୍ରତିବାଦୀ ନଂ.୩, ୪, ୫ ଓ ୬ଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି ଯେ ସେମାନେ କିମ୍ବା ସେମାନଙ୍କର ଉତ୍ତରାଧିକାରୀ କିମ୍ବା ତାଙ୍କର କ୍ଷମତାପ୍ରାପ୍ତ ପ୍ରତିନିଧିଙ୍କ ଜରିଆରେ ଉପର ନିର୍ଦ୍ଧାରିତ ତାରିଖରେ ଉକ୍ତ ଇଜିଲାସରେ ଉପସ୍ଥିତ ହୋଇ ଉପରୋକ୍ତ ମାମଲାରେ ପକ୍ଷଭୁକ୍ତ ହେବା ନିମନ୍ତେ ଆପତ୍ତି କରିପାରିବେ ଓ ଉପରୋକ୍ତ ମାମଲାରେ ଅଂଶଗ୍ରହଣ କରିପାରିବେ। ଅନ୍ୟଥା ଆଇନ ଅନୁସାରେ ଉକ୍ତ ମୋକଦ୍ଦମାର ଫଇସଲା କରାଯିବ।

ଭୁବନେଶର
ତା.୧୧।୦୩।୨୦୨୬

କମିଶନର, ଚକବନ୍ଦୀ ଓ ବନ୍ଦୋବସ୍ତଙ୍କ ଆଦେଶକ୍ରମେ
ସ୍ୱା./- କୋର୍ଟ ଅଫିସର
ଚକବନ୍ଦୀ ଓ ବନ୍ଦୋବସ୍ତ କୋର୍ଟ ଭୁବନେଶର
ଧ-୩୭୦୫

# ଭୁଲାମନ



**ଗଳ୍ପ**

**ପ୍ରତାପ ବିଶ୍ୱାଳ**

ଏଇ ଭୁଲିଯିବାଟା ତା'ର ଗୋଟାଏ ରୋଗ ହୋଇଗଲାଣି। କୌଣସି କଥା ଠିକ୍ ସମୟରେ ମନେପଡୁନି। ଅଫିସ୍ ଆସିବାକୁ ଅଧା ବାଟ ଅତିକ୍ରମି ଆସିଛି ହଠାତ୍ ତା' ମନକୁ ଆସିଲା ସେ ଆସିଲାବେଳେ ଘରେ ତାଲା ବୋଧେ ପକେଇନି। ସ୍ତ୍ରୀ ବାପଘରକୁ ଯାଇଛି କାଲିଠାରୁ। ଘରେ ଏକୁଟିଆ ଏକୁଟିଆ ଫିଲ୍ କଲା ବୋଲି ଶୀଘ୍ର ଆଜି ଟିକେ ବାହାରିଆସିଛି ଘରୁ। ନ'ଟା ବାଜିଛି ଲାଗୁଛି ଯେମିତି ଖରାବେଳ। ହାତରେ ସମୟ ଥିଲେ ବି ଗାଡ଼ିର ଗତି ଦ୍ରୁତ। ସେ ତାଲା ପକେଇଛି କି ନାହିଁ ଚିନ୍ତା କଲାବେଳେ ଗାଡ଼ିର ଗତି କମିଗଲାଣି। ତାଲା ପକେଇବାକୁ ଭୁଲିଯାଇଛି ନା ପକେଇଛି ସଂଶୟରେ। ପୁଣି ମନକୁ ଆସିଲା ସେ ନିଶ୍ଚେ ତାଲା ପକେଇବାକୁ ଭୁଲିଯାଇଛି। ସେ ନିଜକୁ ଧିକ୍କାରି ମନେମନେ କହିଲା, ମିଛରେ ସେ ସିନା ତା' ସ୍ତ୍ରୀ ଉପରେ ବିରକ୍ତ ହୁଏ ସ୍ତ୍ରୀ କିନ୍ତୁ ଯାହା କୁହେ ସେଇଟା ଅପ୍ରିୟ ସତ। ତା'ର କାଳେ ଭୁଲାମନ।

ଅଗତ୍ୟା ଫେରିଲା ସେଇ ଅଧାବାଟରୁ ଭଡ଼ାଘରକୁ। ଯାହାଙ୍କ ଘରେ ସିଏ ଭଡ଼ାରେ ଅଛି, ତାଙ୍କ ଘରେ ବୁଢ଼ାବୁଢ଼ୀ ମାତ୍ର ଦୁଇଜଣ। ରୋଷେଇବାସ, ବୁଢ଼ାବୁଢ଼ୀଙ୍କୁ ଦେଖାଶୁଣା କରିବାକୁ ସ୍ତ୍ରୀଲୋକଟିଏ ଅଛି। ବାସନ୍ତୀ। ତା' ସ୍ତ୍ରୀ କୁହେ ବାସନ୍ତୀଟା ଭଲ ଲୋକ ନୁହେଁ। ତା'ର ହାତଉଠା ପଣ ଅଛି। ବୁଢ଼ାବୁଢ଼ୀଙ୍କ ସଉଦାପତ୍ରରୁ ଲୁଚେଇ କିଛି କାଳେ ତା' ଘରକୁ ପଠେଇଦିଏ। କିନ୍ତୁ ସେ ଜାଣେ ସେ ନଥିଲା ବେଳେ ବାସନ୍ତୀର ତାଙ୍କ ଘରକୁ ଅବାଧ ପ୍ରବେଶ। ଏକୁଟିଆ ସ୍ତ୍ରୀ ଲୋକଟା ବା କେତେ ଟିଭି, ମୋବାଇଲ ସାଙ୍ଗରେ ଦିନକାଟନ୍ତା! ବାସନ୍ତୀ ତାଙ୍କ ଘରକୁ ଆସେ, ଦୁହେଁ ବସି ଗପନ୍ତି। ସେ ଯଦି କବାଟରେ ତାଲା ନ ପଡ଼ିଥିବା ଦେଖି ଘରକୁ ଆସିଥିବ କଳାକନା ବୁଲାଇ ଦେଇଥିବ।

ଘର ଗେଟ୍ ପାଖରେ ପହଞ୍ଚି ଯେତେବେଳେ ସେ ଦ୍ୱାର ମୁହଁ ପାଖକୁ ଆସିଲା, ଗାଡ଼ି ଗେଟ୍ ପାଖରେ ରହିବା ଶବ୍ଦ ଶୁଣି ହେଉ କିମ୍ବା ବାହାରକୁ ସେ ଆସିଥିଲା, ତାକୁ ଦେଖି ବାସନ୍ତୀ ପଚାରିଲା- କ'ଣ କିଛି ଛାଡ଼ିଯାଇଥିଲେ କି ବାବୁ?

ସେ ବାସନ୍ତୀକୁ ଚାହିଁ ଟିକେ ହସିଦେଇ କହିଲା- ହଁ। ଯାଇ କୋଲପକୁ ଦୁଇଥର ଟାଣିଲା। ଦେଖିଲା ଠିକ୍ ଅଛି। ସେତେବେଳେ ସେ ଅନୁଭବ କଲା, ଭିତରେ ଗଞ୍ଜି ତା'ର ଝାଳରେ ଓଦା ହୋଇଯାଇଛି। ବୁଝିପାରିଲାନି ଭାରାକ୍ରାନ୍ତ ମନ ପାଇଁ ନା ଖରା ପାଇଁ ତା' ଦେହ ଏମିତି ଝାଳରେ ଜୁଡୁବୁଡୁ। ଚାବି ଖୋଲି ଭିତରକୁ ଯିବ ନା ଫେରିଯିବ, ଫେରିଗଲେ ବାସନ୍ତୀ ପୁଣି ଯଦି ପଚାରେ ବାବୁ କ'ଣ ଘର ନ ଖୋଲି ସେମିତି ପଳେଇଗଲେ ? ସେ ଘର ମାଲିକଙ୍କ ଦ୍ୱାର ଆଡ଼କୁ ଚାହିଁଲା। ଦେଖିଲା ବାସନ୍ତୀର କାହିଁ ଦେଖାନାହିଁ। ବୋଧେ ଘର ଭିତରକୁ ଗଲାଣି। ଘର ଭିତରକୁ ନ ଯାଇ ସେ ପୁଣି ଆସି ଗାଡ଼ି ଷ୍ଟାର୍ଟ କଲା।

ଏମିତି ହୋଇଥିଲା, ତିନି ଦିନ ହୋଇନି। ସ୍ତ୍ରୀ ବାପଘରକୁ ଯିବ ବୋଲି ସନ୍ଧ୍ୟାରେ ଦୁହେଁ କିଛି କିଣାକିଣି କରିବାକୁ ଘରେ ତାଲା ପକାଇ ମାର୍କେଟ ଯାଇଥିଲେ। କିଣି ସାରିଲା ପରେ ସ୍ତ୍ରୀ କହିଥିଲେ- ମୁଁ ଏଇଠି ଅଛି, ତୁମେ ପରିବା ମାର୍କେଟରୁ କିଛି ପରିବା ନେଇଆସ। ଡେରି କରିବନି। ସେ ପରିବା ମାର୍କେଟ୍ ଯାଇ ପରିବା କିଣିଲାବେଳେ ଦେଖା ହୋଇଯାଇଥିଲା ଜଣେ ସାଙ୍ଗ। ତା' ସାଙ୍ଗରେ ଗପୁଗପୁ ଡେରି ହୋଇଗଲା ବୋଲି ପରିବା ବ୍ୟାଗ୍‌କୁ ଧରି ସିଧା ପଳାଇ ଆସିଥିଲା ଘରକୁ। ଘରେ ଆସି ଦୁଆର କବାଟରେ ତାଲା ପଡ଼ିଥିବା ଦେଖି ହଠାତ୍ ତା'ର ସ୍ତ୍ରୀ କଥା ମନେପଡ଼ିଯାଇଥିଲା। ପୁଣି ଦୌଡ଼ିଥିଲା ମାର୍କେଟ୍। ମାର୍କେଟ୍‌ରେ ଯେଉଁଠି ସ୍ତ୍ରୀକୁ ଛାଡ଼ି ପରିବା କିଣିବାକୁ ଯାଇଥିଲା ସେଠାକୁ ଯାଇ ଖୋଜିଲା। ଦେଖିଲା ସେଠି କେଉଁଠି ସେ ନାହାନ୍ତି। ଭାବିଲା ଫୋନ୍ କରିବ ସ୍ତ୍ରୀକୁ। ପକେଟ୍‌ରେ ହାତ ପୂରାଇ ଦେଖେ ତ ମୋବାଇଲ ନାହିଁ। ଭାବିଲା କି ଦୁର୍ଯୋଗ! ପରିବା କିଣିବା ଭିତରେ ବୋଧେ ମୋବାଇଲ୍‌ଟା କେଉଁଠି ପକେଟ୍‌ରୁ ଖସିପଡ଼ିଛି। ପୁଣି ପରିବା ମାର୍କେଟ୍ ଯାଇ ସବୁ ଗଳିକନ୍ଦି ଖୋଜିବାକୁ ଲାଗିଲା। ମୋବାଇଲ ନ ମିଳିବାରୁ ହତାଶ ହୋଇ ଆସି ପୁଣି ଥରେ ସ୍ତ୍ରୀକୁ ଖୋଜିଲା। ପାଇଲା ନାହିଁ। ଏହା ଭିତରେ ଦୁଇ ଘଣ୍ଟାରୁ ଅଧିକ ସମୟ ଅତିବାହିତ ହୋଇସାରିଥିଲା। ଭାବିଲା କ'ଣ ସେ କରିବ। ଶେଷକୁ ଠିକ୍ କଲା ଘରକୁ ଯାଇ ତାଲା ଭାଙ୍ଗିବ। ଆଉ ଜଣେ କାହାକୁ ସାଙ୍ଗରେ ନେଇ ସ୍ତ୍ରୀ ହଜିଯାଇଛି ବୋଲି ଥାନାରେ ଏତଲା ଦେବ।

ବ୍ୟସ୍ତ ହୋଇ ଘରକୁ ଫେରିଆସି ଦେଖେ ତ ଘରର ଦାଣ୍ଡକବାଟ ବନ୍ଦ ଥିଲେ ବି ବାହାରେ ଲାଇଟ୍ ଜଳୁଛି। ସେ ଆଶ୍ଚର୍ଯ୍ୟ ହୋଇ କବାଟପାଖକୁ ଯାଇ ଦେଖେ ତ କବାଟରେ ତାଲା ନାହିଁ। କବାଟ ଠେଲି ଭିତରକୁ ପଶିଲା। ଦେଖିଲା ସବୁଘରେ ଲାଇଟ ଜଳୁଛି। ଏହି ସମୟରେ ରୋଷେଇଘରୁ ସ୍ତ୍ରୀଙ୍କ ପାଟି ଶୁଭିଲା: ଭଲ ଲୋକ ତୁମେ! ପରିବା କିଣିବାକୁ ଯାଇଥିଲ ନା ପରିବା ମାର୍କେଟ୍‌କୁ କିଣିବାକୁ ଯାଇଥିଲ ?

ସେ ସୋଫାରେ ବସିପଡ଼ି କହିଲା- ତୁମେ କେତେବେଳୁ ଆସିଲଣି। ମୁଁ ତୁମକୁ କେତେ ଖୋଜିଲିଣି ?

ଖୋଜୁଥିଲ! କେତେ ସମୟ ତୁମକୁ ଆଉ ଅପେକ୍ଷା କରିଥା'ନ୍ତି ? ଅପେକ୍ଷା କରି କରି ଶେଷକୁ ପରିବା ମାର୍କେଟ୍‌ର ଗଳିକନ୍ଦି ଖୋଜିଲି। ଫୋନ୍ ଆଠ ଦଶ ଥର କଲି। ଉଠେଇଲନି। କେଉଁଠି ଥିଲ ତୁମେ ? କେମିତି କହିବ ସେ ସମୟରେ ହୁଏତ ସେ ଭୁଲିଯାଇ ବସାକୁ ଫେରିଆସିଛି। କହିଲା- ସାଙ୍ଗଟାଏ ଦେଖା ହୋଇଗଲା ତ ତା' ସାଙ୍ଗରେ କଥା ହେଉ ହେଉ ଟିକେ ଡେରି ହୋଇଗଲା।

ସାଙ୍ଗ ସହିତ କଥା ହେଉଥିଲ ବୋଲି କ'ଣ ଫୋନ୍‌ଟା ବାଜୁଥିବ ଶୁଭିଲାନି। ବାଧ ହୋଇ ଅଟୋଟାଏ କରି ଚାଲିଆସିଲି।

ସେ କହିଲା- ସେଇଆକୁ ତ ଖୋଜୁଖୋଜୁ ଏତେ ସମୟ ଗଲା। ପରିବା କିଣିଲାବେଳେ ଅସାବଧାନତାବଶତଃ ଫୋନ୍‌ଟା କୁଆଡ଼େ ପଡ଼ିଗଲା ଯେ ଖୋଜିଖୋଜି ଆଉ ପାଇଲି ନାହିଁ।

ସ୍ତ୍ରୀ ତା'ର ରୋଷେଇଘରୁ ବାହାରି ଆସି କହିଲା- ଫୋନ୍‌ଟିକୁ ହଜାଇ ଦେଇଆସିଛ! ବର୍ଷେ ହୋଇନି କିଣିଥିଲ। ପନ୍ଦର ହଜାରେ ଟଙ୍କା ପାଣିରେ ପକାଇ ଦେଇ ଆସିଲ? ଏମିତିକା ମଣିଷ ମୁଁ ମୋ' ଜୀବନରେ କେବେ ଦେଖିନାହିଁ।

ସେ ଆଉ କିଛି କହିବା ପୂର୍ବରୁ ଘର ଭିତରୁ ଫୋନ୍‌ଟା ରିଂ ହେଲା। ସେ ସୋଫାରୁ ଉଠିପଡ଼ିଲା। ତା'ରି ଫୋନ୍‌ର ରିଂ ଟୋନ୍ ତ! ତା'ହେଲେ ସେ କ'ଣ ମାର୍କେଟ ଗଲାବେଳେ ଫୋନ୍‌ଟାକୁ ନେଇ ନଥିଲା! ସ୍ତ୍ରୀ ଆଶ୍ଚର୍ଯ୍ୟ ହୋଇ କହିଲା- ତୁମ ଫୋନ୍ ତ ଘର ଭିତରେ ରିଂ ହେଉଛି, ମାର୍କେଟ୍‌ରେ ପୁଣି ହଜିଲା କେଉଁଠି? କି ଭୁଲାମନର ମଣିଷ ତୁମେ। ପରିବା ବ୍ୟାଗ୍ କାହିଁ? ଆଣିଛ ନା କେଉଁଠି ଛାଡ଼ିଦେଇ ଆସିଛ ?

ହଠାତ୍ ତା'ର ମନକୁ ଆସିଲା ଆରେ ସତେ ତ ପରିବା ବ୍ୟାଗ୍‌ଟାକୁ ତ ସେ ଗାଡ଼ି ଡିକି ପାଖରେ ଝୁଲାଇଲା ପରି ମନେପଡୁଛି ନା ଆଉ କେଉଁଠି ଛାଡ଼ିଦେଇ ଆସିଲା। ଫୋନ୍ ରିଂ ହେଉଥିଲା। ସେ ଆଉ ଫୋନ୍ ପାଖକୁ ନ ଯାଇ ସିଧା ଦୌଡ଼ିଲା ପରି ଆସିଲା ବାହାରେ ରଖିଥିବା ବାଇକ୍ ପାଖକୁ। ରକ୍ଷା, ବ୍ୟାଗ୍‌ଟା ଟଙ୍ଗାହୋଇଛି ଡିକି ପାଖରେ। ବ୍ୟାଗ୍‌ଟାକୁ ଖୋଲି ଘରକୁ ନେଇ ଥୋଇଦେଇ ସ୍ତ୍ରୀକୁ କହିଲା- ପାଣି ଗ୍ଲାସେ ଦିଅ ତ ଆଗ। ପାଣି ଗ୍ଲାସକ ପିଇ ନିଜକୁ ଟିକେ ହାଲୁକା ଅନୁଭବ କଲା।

ଭାବୁ ଭାବୁ ଆସି ପହଞ୍ଚି ଯାଇଥିଲା ସେ ଅଫିସ୍ ଗେଟ୍ ପାଖରେ। ପକେଟ୍‌ରୁ ମୋବାଇଲ ବାହାର କରି ଦେଖେ ତ ଅଧଘଣ୍ଟା ବିଳମ୍ବ ହୋଇଗଲାଣି। ଦ୍ରୁତ ବେଗରେ ନିଜ ସିଟ୍ ପାଖକୁ ଯାଇ କାମରେ ମନଦେଲା। କିଛି ସମୟ ଯାଇଛି ହଠାତ୍ ବଡ଼ବାବୁ ତା' ପାଖକୁ ଆସି ପଚାରିଲେ- ତୁମେ ଆସିଛଟି! ବାଇମେଟ୍ରିକ ସିଷ୍ଟମରେ ଉପସ୍ଥିତି କାହିଁ ଜାରି କରିନ ? ସେକ୍ରେଟାରୀ ବର୍ତ୍ତମାନ ମୋତେ ପଚାରୁଥିଲେ ତୁମେ ଲିଭ୍ ଆପ୍ଲିକେଶନ ଦେଇନ, ତୁମକୁ ଛୁଟି କିଏ ଦେଇଛି ବୋଲି ମୋତେ ତାଗିଦା କରୁଥିଲେ।

ସେ ମନଦୁଃଖରେ ଉଠି ଛିଡ଼ା ହୋଇ କହିଲା- ମୁଁ ତ ଅନେକବେଳୁ ଆସି କାମ କରୁଛି। ଅବଶ୍ୟ ବାଇମେଟ୍ରିକ୍‌ରେ ଟିପ ଦେବା କଥାଟା ଭୁଲିଯାଇଛି। ଆପଣ ତ ଦେଖୁଛନ୍ତି ମୁଁ ମୋ ସିଟ୍‌ରେ ଅଛି। ବଡ଼ବାବୁ କହିଲେ- ସେ କଥା କିଏ ବୁଝିବ ? ଯାଅ ସେକ୍ରେଟାରୀଙ୍କୁ କହିବ ନହେଲେ ସେ ଶୋ' କଜ୍ ନୋଟିସ୍ କରି ଦରମା ବନ୍ଦ କରିଦେବେ। ଅଫିସ୍‌ର ଏ ସାଧାରଣ ନିୟମଟାକୁ କେମିତି ଭୁଲିଯାଉଛ ! ଅଫିସର ଗୋଟାଏ ଶୃଙ୍ଖଳା ଅଛି ନା ନାହିଁ?

ବଡ଼ବାବୁ କହି କହି ଚାଲିଗଲେଣି। ସେ ଦେଖିଲା ଅନ୍ୟମାନେ ତା' ବିକଳ ମୁହଁକୁ ଚାହିଁ ରହିଛନ୍ତି। କେମିତି, କାହାକୁ ସେ କହିବ ମୋ' ମୁହଁକୁ ଚାହିଁଛ କ'ଣ ଏବେ ମୋତେ ଗୋଟାଏ ନୂଆ ରୋଗ ଆଟାକ୍ କରିଛି 'ଭୁଲିଯିବା'। ସେ ପୁଣି ତା' ସିଟ୍‌ରେ ବସିଗଲା। ଭାବିଲା ଡାକ୍ତରଖାନାକୁ ଯାଇ ଡାକ୍ତରଙ୍କୁ ଦେଖାଇବାକୁ ପଡ଼ିବ। ବରଂ ଆଜି ସେ ଛୁଟି ନେଇଯିବ। ଟେବୁଲ ଡ୍ରୟାରରୁ କାଗଜ ବାହାର କରି ଛୁଟି ଦରଖାସ୍ତ ଲେଖିବାକୁ ଲାଗିଲା।

ମୋ: ୯୪୩୭୭୪୫୯୮୩

**କବିତା**

## ପ୍ରଜାପତି

**ଶ୍ରୀହରି ଧଳ**

ସେ ଯୁଦ୍ଧ ବୁଝେନା
ଯୁଦ୍ଧର ବିଭୀଷିକା ଜାଣେନା।
ଗୋଟେ ଧ୍ୱଂସ ଗଦା ଉପରେ ଥାଏ
ସ୍ୱପ୍ନଭୂକ୍ କବି।

କବିତା ମନସ୍କତାରେ
ପୁନଶ୍ଚ ପୃଥିବୀର ଚିତ୍ର ଗଢ଼େ ଗୀତରେ।
ଡେଣାରେ ନିଆଁକୁ ବସାଏ, ମୃତ୍ୟୁକୁ ବସାଏ
ଗୋଟେ ଦୂରନ୍ତ ଶାନ୍ତିର ପରିଧିଯାଏ
ଉଡ଼ିଯିବାଯାଏ।

ସେ ଜୟ ବୁଝେନା
ପରାଜୟ ବୁଝେନା
ମୀମାଂସାହୀନ ଗଣିତ ବୁଝେନା।
ପ୍ରଜାପତିଟେ ହସୁଥାଏ
ଧୂଳି, ଧୂଆଁ, ବାରୁଦ ଭିଡ଼ରେ।

ମୃତ ସୈନିକ ଓଠ ଦାଢ଼ରେ
ଉଇଁ ଆସୁଥିବା ସୂର୍ଯ୍ୟ ଭିତରେ
ଜୀବନ ଖୋଜେ
ଯୁଦ୍ଧ ବିରତିର ସୂତ୍ର ଖୋଜେ।
ଡେଣାରେ ଟଙ୍ଗେଇଥାଏ ଗୋଟେ
ଯୁଦ୍ଧ ବିରତିର ସନ୍ଧିପତ୍ର।
ଆଖିରେ ନୂଆ ଜୀବନର ଅଧିବାସ।

– ତାଉଁତରା, କପାସି, ଚିତାଳୋ, ଯାଜପୁର
ମୋ: ୮୧୧୭୦୮୧୯୦୬

## ତନ୍ତ୍ର

**ଗଜାନନ ମିଶ୍ର**

ପ୍ରଚେଷ୍ଟା ସତ୍ତ୍ୱେ
ହେଉନି ରପ୍ତାନି।
ପଛେ ହେବ ବିଚାର
ସଫଳ କିଏ କେତେ।

କାର୍ଯ୍ୟବାହୀଙ୍କର ବେପରୁଆ
ଅଣଦେଖାରେ ଠପ୍ ବ୍ୟବସ୍ଥା।
ଭଲ ଖରାପ ଦେଖୁଦେଖୁ ବିଗିଡ଼େ
ମାଟି ଆକାଶ ଏକାଥରକେ।

ପ୍ରସ୍ତୁତିରେ ହଜେ ହିସାବ
ପାରମ୍ପରିକ ବିକ୍ରିବଟାରେ।
ଏକକାଳୀନ ପୈଠ ହେଲାବେଳେ
ଦିଶେ ଭିତର ବାହାର।

ଧୂପକାଠି ମସଲାର
ନ ଥାଏ ଆବଶ୍ୟକତା।
ବିନିଯୋଗ ହୁଏ ସମ୍ମାନ
ସୌନ୍ଦର୍ଯ୍ୟ ବାଟସାରା।

– ତପୋବନ, ଟିଟିଲାଗଡ଼, ବଲାଙ୍ଗୀର
ମୋ: ୯୪୩୭୩୬୬୬୪୪

## ଆଞ୍ଜୁଳାଏ ଜୀବନ

**ମିନାକ୍ଷୀ ଦ୍ୱିବେଦୀ**

ଆଞ୍ଜୁଳାଏ ପାଣି ଏ ଜୀବନ,
ଧରି ରଖିବାକୁ ଚେଷ୍ଟା କଲେ ବି
ଆଙ୍ଗୁଠି ସନ୍ଧି ଦେଇ
ଧୀରେ ଖସିଯାଏ ସମୟ।

ନିଜସ୍ୱ କିଛି ନାହିଁ ଏଠି, ସବୁ ଋଣକରା ସ୍ମୃତିର ସମ୍ପତ୍ତି
କିଛି ହସ, କିଛି ଲୁହ,
ଆଉ କିଛି ଅଧାଗଢ଼ା ସ୍ୱପ୍ନର ପାହାଚ
କେବେ ଏହା ଶାନ୍ତ ପୋଖରୀର ଜଳ
ତ କେବେ ଅଶାନ୍ତ ସମୁଦ୍ରର ଢେଉ।

ଖୋଜୁଖୋଜୁ ନିଜକୁ ଏ ଭିଡ଼ ଭିତରେ,
ପାଇଯାଏ କେବେ ଏକାକୀତ୍ୱର ସ୍ୱର,
ସାଉଣ୍ଟିବାକୁ ଗଲେ ଅତୀତର ଖଣ୍ଡିତ ଆଇନା
ରକ୍ତାକ୍ତ ହୁଏ ପାପୁଲି।

ଜୀବନ ତ ଏକ ସଞ୍ଜ ନଇଁବା ପୂର୍ବର ଖେଳ,
ଯେଉଁଠି ଜିତିବାର ମୋହ ନାହିଁ କି ନାହିଁ ହାରିବାର ଭୟ,
ସବୁ ସେହି ମାଟିର ମାୟା
ବଳକା କେବଳ କିଛି ଅକୁହା କଥା
ଆଉ, ପବନରେ ଭାସୁଥିବା ଆଞ୍ଜୁଳେ ଶୂନ୍ୟତା।

ତଥାପି...
ଏଇ ଆଞ୍ଜୁଳାଏ ଜୀବନକୁ ନେଇ ଗର୍ବ ଅନେକ,
ଯେ ପର୍ଯ୍ୟନ୍ତ ଶେଷ ବୁନ୍ଦାଟି ଖସିନାହିଁ
ସେ ପର୍ଯ୍ୟନ୍ତ ବଞ୍ଚିବାର ଜିଦ୍
ଆଉ ଅଳ୍ପ ଟିକେ ବାକିଥାଏ।

ମୋ: ୭୯୭୮୦୮୨୮୩୪

**ଗୀତି–କବିତା**

## କିଏ ଜାଣିଥିଲା ଶେଷ ବସନ୍ତରେ

**ହରିଶ୍ଚନ୍ଦ୍ର ବେହେରା**

କିଏ ଜାଣିଥିଲା ଶେଷ ବସନ୍ତରେ
ଆସିବ ତା' ଶେଷ ଚିଠି
ଡାକବାଲା ଆଉ ଆସିବନି ଦିନେ
ତା' ପାଖକୁ ଚିଠି ବାଣ୍ଟି।

କାଳିରେ ନୁହେଁ ସେ ଆଖିର ଲୁହରେ
ଉଚ୍ଛୁଳା ଆବେଗ ଦେଇ
ଯେତେ ସ୍ନେହ ବାକିଥିଲା ତା' ଅନ୍ତରେ
ଦେଇଛି ଝିଅଟି ପାଇଁ
ଫି' ସାଲେ ପୁଣି ଆସିବ ବସନ୍ତ
ନ ଥିବ ସେନେହ ତା'ଠି।

ନିଷ୍ଠୁର ନିୟତି ସେ କାହୁଁ ବୁଝିବ
ସ୍ନେହ ମମତାର ମାନେ
ଝରିଗଲେ ଫୁଲ କେତେ ଯେ ବେଦନା
ଲତା ହିଁ କେବଳ ଜାଣେ
ନଈ ଜାଣେ ତା'ର ଅନ୍ତରର ଦୁଃଖ
ଆସିଲେ ଜୁଆର ଭାଟି।

ହୃଦୟ ଫରୁଆ ଭିତରେ ରଖିବ
ତା' ମାଆର ଶେଷ ଚିଠି
ହୁଏତ ବା ଦିନେ ଆସିବ କିଏ ସେ
ବଜେଇ ମରଣଘଣ୍ଟି
ମା' ପରା ତୋତେ ବସିଛି ଚାହିଁରେ
ସାଉଁଳି ଦେବ ତୋ' ପିଠି।

ମୋ: ୯୪୩୭୮୧୩୭୦୮

## ପୁସ୍ତକ ପରିଚୟ

### ଓଡ଼ିଆ ପୁରାଣସାହିତ୍ୟର ଇତିହାସ: ସାରଳା ଖଣ୍ଡ



**ଲେଖକ:** ଡ. ସୁଧାକର ଦାସ
**ପ୍ରକାଶକ:** ପ୍ରଜ୍ଞା ଶିରୋମଣି ପ୍ରତିଷ୍ଠାନ, ମହାନଦୀ ବିହାର, କଟକ
**ପ୍ରଥମ ପ୍ରକାଶ:** ୨୦୨୫, **ମୂଲ୍ୟ:** ଟ.୪୦୦/–

ଆଲୋଚ୍ୟ ଗ୍ରନ୍ଥରେ ୪ଟି ପରିଚ୍ଛେଦ ରହିଛି। ପ୍ରଥମ ପରିଚ୍ଛେଦରେ ପୁରାଣର ପ୍ରାଚୀନତା, ସଂସ୍କୃତ ପୁରାଣମାନଙ୍କର ସଂଖ୍ୟା ଓ ପ୍ରକାରଭେଦ ତଥା ସଂସ୍କୃତ ଉପପୁରାଣଗୁଡ଼ିକର ପରିଚୟ ରହିଛି। ଦ୍ୱିତୀୟ ପରିଚ୍ଛେଦରେ ରହିଛି ଭାଷା–ସାହିତ୍ୟ ବିକାଶରେ ସଂସ୍କୃତ ପୁରାଣଗୁଡ଼ିକର ଦେଶୀୟ ସଂସ୍କରଣ, ଓଡ଼ିଆ ପୁରାଣ ରଚନାର ପୃଷ୍ଠଭୂମି, ସଂସ୍କୃତ ପୁରାଣ ଓ ଓଡ଼ିଆ ପୁରାଣ ମଧ୍ୟରେ ଥିବା ସାମ୍ୟ ଓ ବୈଷମ୍ୟ ଚର୍ଚ୍ଚା। ତୃତୀୟ ପରିଚ୍ଛେଦରେ ସ୍ଥାନିତ କଳିଙ୍ଗୋତ୍କଳ ସାମ୍ରାଜ୍ୟ, ଗଙ୍ଗକାଳୀନ ସମାଜ, ଶ୍ରୀଜଗନ୍ନାଥ ଓ ଉତ୍କଳର ଓଡ଼ିଆ ଭାଷା ସମ୍ପର୍କରେ ଆଲୋଚନା। ଚତୁର୍ଥ ପରିଚ୍ଛେଦରେ ସାରଳା ମହାଭାରତରେ ଥିବା ରାମାୟଣ ପ୍ରସଙ୍ଗର ବିଶ୍ଳେଷଣ କରାଯାଇଛି। ଆଦି ଓଡ଼ିଆ ପୁରାଣକାର ଭାବେ ସାରଳାଦାସଙ୍କୁ ବିବେଚନା କରି ପୁରାଣର ପଞ୍ଚ ଲକ୍ଷଣ କିପରି ସାରଳାଙ୍କ ରଚନାରେ ରହିଛି, ତା'ର ଅନୁସନ୍ଧାନ ଲେଖକ ପୁଙ୍ଖାନୁପୁଙ୍ଖ ଭାବେ ଏହି ଗବେଷଣା ଗ୍ରନ୍ଥଟିରେ କରିଛନ୍ତି। ''ମୋ କଥା''ରେ ଲେଖକ କହିଛନ୍ତି: ''ବିଚିତ୍ର ରାମାୟଣ, ମହାଭାରତ, ଚଣ୍ଡୀ ପୁରାଣ ଆଦି ଗ୍ରନ୍ଥ ଅଧ୍ୟୟନ କରି ଆଦି ପୁରାଣକାର ଭାବେ ସାରଳାଦାସଙ୍କୁ ବିଚାରକୁ ନେଇଛି।'' ପୁଣି ମୁଖବନ୍ଧରେ କହିଛନ୍ତି: ''ମୋ ଜାଣିବାରେ ସାରଳାଙ୍କୁ ଜଣେ ପୁରାଣକାରଭାବେ ଓଡ଼ିଶାର ଆଲୋଚକମାନେ ଆଲୋଚନାକୁ କେବେ ନେଇନାହାନ୍ତି। କାଁ ଭାଁ ତାଙ୍କ ସମ୍ପର୍କରେ ଯେଉଁଠି ବା ବର୍ଣ୍ଣନା କରାଯାଇଛି, ତାହା ଖଣ୍ଡିତ, ଦୁର୍ବଳ ଓ ରସଶୂନ୍ୟ। ଅତଏବ ଆମର ଏଇ ଗ୍ରନ୍ଥରେ x x ସାରଳାଙ୍କ ସମ୍ୟକ୍ ପରିଚୟ ପରେ ତାଙ୍କ ସୃଷ୍ଟି ସକଳକୁ ପୁରାଣ ରୂପେ ବିଚାର କରିଛୁ।'' ପୁସ୍ତକଟି ତଥ୍ୟଗର୍ଭୀ ଓ ଆଶା କରାଯାଏ ଏହା ସାଧାରଣ ପାଠକ ଓ ଗବେଷକଙ୍କ ପାଇଁ ଉପଯୋଗୀ ସାବ୍ୟସ୍ତ ହେବ।

### ତୃତୀୟ ନୟନ



**କବି:** ଶମ୍ଭୁନାଥ ରାଉଳ
**ପ୍ରକାଶକ:** ଦିବ୍ୟ ପ୍ରକାଶନୀ, ସାମନ୍ତରାପୁର, ଭୁବନେଶ୍ୱର
**ପ୍ରଥମ ପ୍ରକାଶ:** ୨୦୨୬, **ମୂଲ୍ୟ:** ଟ.୨୫୦/–

ଆଲୋଚ୍ୟ କବିତାଗ୍ରନ୍ଥରେ ମୋଟ ୫୪ଟି କବିତା ସ୍ଥାନିତ, ଯାହା କବିଙ୍କ ସମକାଳ ଓ ସମାଜର ନାନା ପରିଦୃଶ୍ୟ ଓ ଅନୁଭବକୁ ନେଇ ପରିକଳ୍ପିତ। ବିଶିଷ୍ଟ ନାଟ୍ୟକାର ଓ କବି ରମେଶ ଦାସ ଗ୍ରନ୍ଥାରମ୍ଭରେ କବି ଓ ତାଙ୍କ କବିତା ସମ୍ପର୍କରେ କହନ୍ତି: ''କବି ଶମ୍ଭୁନାଥ x x କବିତା ଲେଖନ୍ତି ନାହିଁ, କବିତା ବଳେବଳେ ତାଙ୍କ ଭିତରୁ ସଞ୍ଚରିତ ହୋଇଯାଏ। x x ଆଚାର, ବିଚାର, ଆସ୍ପୃହା ତଥା ଆଲୋଡ଼ନ ତାଙ୍କ କବିତା ଭିତରକୁ ପଶିଆସନ୍ତି। x x ସାରା ବିଶ୍ୱର ବାର୍ତ୍ତା ଦେବାକୁ ଯେମିତି ତାଙ୍କ କବିତା ଉନ୍ମୁକ୍ତ।'' 'ପ୍ରହସନ' ଶୀର୍ଷକ କବିତାରେ କବି ଆତ୍ମବ୍ୟଙ୍ଗ କରିଛନ୍ତି ନିଜକୁ, କହିଛନ୍ତି– 'ମୁଁ ପ୍ରହସନର ଏକ ମୂର୍ତ୍ତିମନ୍ତ ପ୍ରତୀକ' ଓ 'ମୁଁ ବଶବର୍ତ୍ତୀ କରିପାରେ ମୋର ସରଳ ଗ୍ରାହକଙ୍କୁ'। 'ଅନ୍ନଦାତା' ଶୀର୍ଷକ କବିତାରେ ତାଙ୍କର ସ୍ୱର ଭିନ୍ନ, ଭୂମିଲଗ୍ନ। ତାଙ୍କ ଭାଷାରେ ''ଅନ୍ନଦାତାଙ୍କର ଯେତେ ବି ଜୟଗାନ କଲେ/ କମ୍ ଲାଗେ/ ଯେତେ ବି ଆଶୀର୍ବାଦର ହାତ ବଢ଼ାଇଲେ/ ଅସମ୍ପୂର୍ଣ୍ଣ ରହିଗଲା ଭଳି ଲାଗେ/ ଅନ୍ନଦାତାଙ୍କ ରତିଭରି ଅହଂକାର ନାହିଁ/ କରିଥିବା ପୁଣ୍ୟଫଳର/ ପ୍ରତ୍ୟାଶା ନାହିଁ/ ସେ ସବୁବେଳେ ଖାଣ୍ଟିସୁନା।'' (ପୃ: ୧୯)। ଯୁଦ୍ଧ ଓ ଆତଙ୍କ ତାଙ୍କ କବିତାର ଭାଷା ହୋଇଉଠେ ବି କେବେକେବେ। ଯଥା: ''ପୃଥିବୀର ଯେଉଁ ଦିଗକୁ ଚାହିଁଲେ/ କାନ ଡେରିଲେ ଯୁଦ୍ଧର ଭେରୀ ଶୁଣାଯାଏ/ ଏବେ ବିବାହ ଉତ୍ସବର ବାଣ ଫୁଟେଇଲେ/ ମନେହୁଏ ଆତଙ୍କର ପାଦଶବ୍ଦ।'' ('ଯୁଦ୍ଧ ଓ ଆତଙ୍କ'–ପୃ: ୭୩)। ବହିର ନାମକରଣ ସମ୍ପର୍କରେ ବକ୍ତବ୍ୟ ରଖି କବି କହନ୍ତି: ''ତୃତୀୟ ନୟନ ମହାପ୍ରଭୁ ମହାଦେବଙ୍କୁ ନଜରରେ ରଖି ଦେଇନାହିଁ। ସାରା ସମାଜକୁ ଧ୍ୟାନରେ ରଖି ମନକୁ ଆଣିଛି। ଏ ସଂସାରରେ ଓ ସମାଜରେ ଯାହାସବୁ ଘଟଣା ଘଟୁଛି, ଆମ ଗୋଚରରେ ହେଉ ବା ଅଗୋଚରରେ, କେହି ଜଣେ ନିଶ୍ଚୟ ଦେଖୁଛନ୍ତି।'' କବିତାରେ ମନସ୍ଥ କରି କବି ଅଳଂକରଣ ଖଞ୍ଜନ୍ତି ନାହିଁ। ତାହା ସ୍ୱତଃ। ବିଷୟ ଓ ଅବତାରଣା– ଉଭୟ ଦୃଷ୍ଟିରୁ ବହିଟି ପାଠକଙ୍କ ଦ୍ୱାରା ଆଦୃତ ହେବ ବୋଲି ଆଶା।

## କାଳକାଳକୁ



**''ଘର ତାହା, ଯାହା ପାଦ ଦେବା ମାତ୍ରେ ଆଦରି ନିଏ।''**
**– ରବର୍ଟ ଫ୍ରଷ୍ଟ**

**ରବର୍ଟ ଫ୍ରଷ୍ଟଙ୍କ** ଜନ୍ମ ୨୬ ମାର୍ଚ୍ଚ ୧୮୭୪ରେ ସାନ୍ ଫ୍ରାନ୍‌ସିସ୍କୋରେ ଓ ପରଲୋକ ୨୯ ଜାନୁଆରୀ ୧୯୬୩ରେ, ବୋଷ୍ଟନ୍‌ରେ। ବିଶ୍ୱବିଦିତ ଏହି ଆମେରିକୀୟ କବିଙ୍କ କବିତାରେ ଗ୍ରାମ୍ୟଜୀବନର ବାସ୍ତବତା ଧରାଦିଏ। ଆମେରିକୀୟ ଲୋକଭାଷା ହୋଇଉଠେ ତାଙ୍କ କବିତାର ଭାଷା। ଜଟିଳ ସମାଜ ଜୀବନ ଓ ଦର୍ଶନ ତାଙ୍କ କବିତାର ଅନ୍ୟତମ ଆଭିମୁଖ୍ୟ। ତାଙ୍କ ରଚିତ ପ୍ରସିଦ୍ଧ ପୁସ୍ତକଗୁଡ଼ିକ ଭିତରେ ଅନ୍ତର୍ଭୁକ୍ତ 'ଏ ବୟ'ଜ୍ ଉଇଲ୍', 'ନର୍ଥ ଅଫ୍ ବୋଷ୍ଟନ୍' ଓ 'ନିଉ ହାମ୍ପସାୟର୍'। ଇଂଲିଶ୍ କବିତାକୁ ଉଲ୍ଲେଖନୀୟ ଅବଦାନ ପାଇଁ ଏହି କବି 'ପୁଲିଜର ପୁରସ୍କାର'ରେ ସମ୍ମାନିତ। ସେ କହନ୍ତି: ୧. ''ଲେଖକର ଲୁହ କି ପାଠକର ଲୁହ ; ଲେଖକର ବିସ୍ମୟ କି ପାଠକର ବିସ୍ମୟରେ ମୋ' କବିତା ନ ଥାଏ, ଥାଏ ଅନନୁଭୂତ ସ୍ମୃତି–ଆବିଷ୍କାରର ଆନନ୍ଦରେ।'' ୨. ''ଯୌବନରେ ବିପ୍ଲବୀ ହେବାକୁ ମୁଁ ସାହସ କରି ପାରେ ନାହିଁ ଏଇ ଡରେ ଯେ, ବାର୍ଦ୍ଧକ୍ୟରେ ଏହା ମୋତେ ରକ୍ଷଣଶୀଳ ସାବ୍ୟସ୍ତ କରିଦେଇପାରେ।''

# ଅମୃତଲଗ୍ନ

**ଲଘୁଗଳ୍ପ**

**ରତ୍ନପ୍ରଭା ନାଥ**

ବନ୍ଦନା ଚାତକ ପରି ଚାହିଁ ରହିଥାଏ ଆଶୁତୋଷଙ୍କୁ। କେତେ ସମୟ ହେବ ଗଲେଣି, ଏଯାଏ ଫେରିନାହାନ୍ତି। ଅପେକ୍ଷାର ସମୟ ବଡ଼ କଷ୍ଟକର। ଯେତିକି ଡେରି ହେଉଥାଏ, ବନ୍ଦନାର ବ୍ୟଗ୍ରତା ସେତିକି ବଢୁଥାଏ। ବେଳେବେଳେ ଉଦାସ ମଧ୍ୟ ହୋଇଯାଉଥାଏ। ବାହାଘର ଦଶବର୍ଷ ହୋଇଗଲା, ମାତ୍ର ମାତୃତ୍ୱ ସୁଖରୁ ସେ ବଞ୍ଚିତ। ତାଙ୍କର କେଉଁଥିରେ କିଛି ଅଭାବ ନ ଥିଲା। ଭଗବାନ ସବୁ ଦେଇଥିଲେ– ଭଲ ଘର, ଗାଡ଼ି, ଧନସମ୍ପତ୍ତି, ପ୍ରେମରେ ଓଦା କରିଦେଉଥିବା ସ୍ୱାମୀ। କେତେ ଡାକ୍ତର ବୈଦ୍ୟଙ୍କୁ ପରାମର୍ଶ କରି କେତେ ଔଷଧ ଖାଇଛନ୍ତି। କିନ୍ତୁ କୌଣସି ସୁଫଳ ମିଳିନାହିଁ। ଶେଷରେ ଆଇ.ଭି.ଏଫ୍. ମଧ୍ୟ କରିଥିଲେ। ସେଥିରେ ମଧ୍ୟ ବିଫଳ ହେଲେ। ତାଙ୍କ ଅକ୍ଷମତାକୁ ନେଇ ଧୀରେ ଧୀରେ ଲୋକଙ୍କର କଟୁ କଥା, ଲାଞ୍ଛନା ବଢ଼ିବାକୁ ଲାଗିଲା। ସେଥିପାଇଁ ସେ ଲୋକମାନଙ୍କ ସହ ଏବେ କମ୍ ମିଳାମିଶା କରୁଥିଲେ। ତାଙ୍କ ମାନସିକତାର ମଧ୍ୟ ପରିବର୍ତ୍ତନ ହେବାକୁ ଲାଗିଲା। ଦିନ ଥିଲା ଛୋଟ ପିଲାମାନଙ୍କୁ ଦେଖିଲେ ମନରେ ଆନନ୍ଦ ଖେଳିଯାଉଥିଲା। ଏବେ ଛୋଟ ପିଲାଙ୍କୁ ଦେଖିଲେ ଚିଡ଼ିଚିଡ଼ା ହୋଇଯାଉଛନ୍ତି। ଗର୍ଭବତୀ ମହିଳାଙ୍କୁ ସହ୍ୟକରି ପାରୁନଥିଲେ। ତାଙ୍କର ଇଚ୍ଛା ହେଉଥିଲା ସବୁ ନିଆଁ ଲାଗିଯାଆନ୍ତା କି? ଯେଉଁ ସୁଖରୁ ସେ ବଞ୍ଚିତ, ସେ ସୁଖ ପାଇବାର ଅଧିକାର କାହାର ବି ନାହିଁ। ଏହିପରି ଗୁଡ଼ାଏ ଦୁର୍ଭାବନା ତାଙ୍କୁ କବଳିତ କରିବାରେ ଲାଗିଥାଏ।

ରକ୍ଷଣଶୀଳତାର ଉର୍ଦ୍ଧ୍ୱରେ କେତେ ଜଣ ଶୁଭେଚ୍ଛୁ, ବନ୍ଧୁ ଅନାଥାଶ୍ରମରୁ ପିଲାଟିଏ ଆଣିବା ପାଇଁ ପ୍ରସ୍ତାବ ଦେଇଥିଲେ। ମାତ୍ର ବନ୍ଦନା ଏହା ସହଜରେ ଗ୍ରହଣ କରିପାରି ନାହାନ୍ତି। ଭିନ୍ନ ରକ୍ତର ପିଲାକୁ ସେ କିପରି ନିଜର ସନ୍ତାନ ବୋଲି ଭାବିପାରିବେ! ବନ୍ଦନା ଆଶାବାଦୀ ଅଛନ୍ତି, ଏଥର ପ୍ରିଗ୍ନାନ୍ସି ରିପୋର୍ଟ ନିଶ୍ଚିତ ପଜିଟିଭ୍ ଆସିବ। ଆଶୁତୋଷ ଏଯାଏ ଫେରିନାହାନ୍ତି। ବନ୍ଦନାଙ୍କ ଉଦ୍‌ବେଗ ବଢ଼ିଚାଲିଥାଏ। ହଠାତ୍ ଝଡ଼ବେଗରେ ଆଶୁତୋଷ ଆସି କହିଲେ, 'ବନ୍ଦନା, ଶୀଘ୍ର ବାହାରିପଡ଼। ଡାକ୍ତର ତୁମକୁ ଦେଖାକରିବାକୁ ଚାହୁଁଛନ୍ତି।'

''ଆରେ ଆରେ! ରିପୋର୍ଟ କ'ଣ ଆସିଲା କୁହ। ଏ କରୋନା ସମୟରେ ମୁଁ ବାହାରକୁ ଯିବାକୁ ଚାହୁଁନାହିଁ'' ବନ୍ଦନା ବ୍ୟସ୍ତହୋଇ କହିଲେ। ଆଶୁତୋଷ କିଛି ନ ଶୁଣିଲା ପରି କହିଲେ 'ତୁମେ ଶୀଘ୍ର ବାହାରିପଡ଼, ଆମକୁ ଡାକ୍ତର ଅପେକ୍ଷା କରିଛନ୍ତି ଯେ!'

ଆଶା, ଆକାଂକ୍ଷା ଓ ଦ୍ୱନ୍ଦ୍ୱ ଭିତରେ ବନ୍ଦନା ବାହାରି ଆଶୁତୋଷଙ୍କ ସହିତ ଡାକ୍ତରଙ୍କ କ୍ୟାବିନ୍‌କୁ ଗଲେ। ସେ ଏହି ଡାକ୍ତରଙ୍କ ପାଖରେ ପ୍ରାୟ ପାଞ୍ଚ ସାତବର୍ଷ ହେବ ଚିକିତ୍ସିତ ହେଉଛନ୍ତି। ଡାକ୍ତର ସେମାନଙ୍କୁ ଦେଖି କହିଲେ 'ମୋ ସହିତ ଆସ'। ଜଣେ ବୃଦ୍ଧା ମହିଳାଙ୍କ ୱାର୍ଡକୁ ସେମାନଙ୍କୁ ନେଇ କହିଲେ 'ଏ ମହିଳା ଜଣକ ଏକ ଉଚ୍ଚପଦସ୍ଥ ସରକାରୀ ଚାକିରିରୁ ଅବସର ନେଇଛନ୍ତି। କ୍ୟାନ୍‌ସରରେ ଏଠାରେ ଚିକିତ୍ସିତ ହେଉଛନ୍ତି। ଏ ପର୍ଯ୍ୟନ୍ତ ତାଙ୍କ ପୁଅବୋହୂ ତାଙ୍କୁ ଥରେମାତ୍ର ଦେଖାକରିବାକୁ ଆସିନାହାନ୍ତି। ବୃଦ୍ଧାଙ୍କ ଅପେକ୍ଷା ନିରାଶାରେ ପରିଣତ ହୋଇଛି। ତାଙ୍କ ରକ୍ତର ସନ୍ତାନ ଏପରି ହୋଇପାରେ ବୋଲି ସେ ବିଶ୍ୱାସ କରିପାରୁ ନାହାନ୍ତି। ବନ୍ଦନା ହତଚକିତ ହୋଇ ଚାହିଁ ରହିଥିଲେ।



ଡାକ୍ତର ସେମାନଙ୍କୁ ଶିଶୁ ବିଭାଗ ୱାର୍ଡକୁ ନେଇଗଲେ। ନର୍ସ ଗୋଟିଏ ସଦ୍ୟ ଜନ୍ମିତ ଶିଶୁକୁ ବୋତଲରେ କ୍ଷୀର ପିଆଇବାକୁ ଚେଷ୍ଟା କରୁଥାନ୍ତି। ପିଲାଟି କାନ୍ଦୁଥାଏ। ଡାକ୍ତର ନର୍ସଙ୍କଠାରୁ ଛୁଆଟିକୁ ଆଣି ବନ୍ଦନାଙ୍କ ହାତରେ ଧରାଇଦେଲେ। କେମିତି ଏକ ଅପୂର୍ବ ଆନନ୍ଦ ଓ ପରିପୂର୍ଣ୍ଣତାରେ ତାଙ୍କ ଦୁଇହସ୍ତ ପୂରିଉଠୁଥାଏ। ଡାକ୍ତର କହିଲେ– 'ଶିଶୁଟିର ବାପା ପ୍ରଥମେ କରୋନାରେ ଚାଲିଗଲେ। ଏ ପିଲାଟିକୁ ଦୁଇଦିନ ତଳେ ଜନ୍ମଦେଇ ତା' ମାଆଟି ମଧ୍ୟ କରୋନାରେ ଚାଲିଗଲା। ତେବେ ସୁଖର କଥା, ଶିଶୁଟି କରୋନାମୁକ୍ତ।

ଡାକ୍ତର କହିଲେ– ତୁମେ ଦୁହେଁ ଶିଶୁଟିର ଉପଯୁକ୍ତ ଅଭିଭାବକ ହୋଇପାରିବ ବୋଲି ମୋର ବିଶ୍ୱାସ। ସେଦିନ ସେ ଅମୃତଲଗ୍ନ କ'ଣ ଥିଲା କେଜାଣି, ଦିହେଁଯାକ କନ୍ୟାରତ୍ନଟିକୁ ଘରକୁ ଧରି ଆସୁଥିଲେ। ବନ୍ଦନାଙ୍କ ଆଖିରେ ଆନନ୍ଦାଶ୍ରୁ। ଦୀର୍ଘ ଦଶବର୍ଷ ପରେ ଆଶୁତୋଷ ଓ ବନ୍ଦନାଙ୍କ ପ୍ରିଗ୍ନାନ୍ସି ରିପୋର୍ଟ ଏତେ ସୁନ୍ଦର ଓ ରକ୍ତମାଂସର ହୋଇପାରେ ବୋଲି ବନ୍ଦନାଙ୍କର ବିଶ୍ୱାସ ହେଉ ନ ଥିଲା।

– ଜାଗମରା, ଭୁବନେଶ୍ୱର
ମୋ: ୮୨୪୯୯୨୯୭୬୨

ଧରିତ୍ରୀ 52 Years
ଧରିତ୍ରୀ
DHARITRI
www.orissakhabar.com/ www.dharitri.com ପୃଷ୍ଠା ୧୬ Press Regd. No. R.N. 21326/74 Postal Regd. No. BN/42/24-26. ଭୁବନେଶ୍ୱର, ଶନିବାର, ମାର୍ଚ୍ଚ ୨୧/୨୦୨୬ Bhubaneswar, Saturday, March 21/ 2026




# ଦ୍ୱିତୀୟ ଦିବସରେ ଓଡ଼ିଶାକୁ ୧ ସ୍ୱର୍ଣ୍ଣ, ୩ ରୌପ୍ୟ


କଳିଙ୍ଗ ଷ୍ଟାଡିୟମରେ ଚାଲିଥିବା ଜାତୀୟ ପାରା ଆଥଲେଟିକ୍ସ ଚାମ୍ପିୟନଶିପ୍‌ର ଶୁକ୍ରବାର ଅନୁଷ୍ଠିତ ଟି-୬୩ ବର୍ଗର ପୁରୁଷ ଲଙ୍ଗଜମ୍ପ ଇଭେଣ୍ଟ ଅବସରରେ ପଞ୍ଜାବର ଆକାଶ ମେହେରା ଲମ୍ଫ ପ୍ରଦାନ କରୁଛନ୍ତି। (ଫଟୋ: ବିକାଶ ନାୟକ)

**ଭୁବନେଶ୍ୱର, ୨୦।୩ (ତପନ ସ୍ୱାଇଁ)**

କଳିଙ୍ଗ ଷ୍ଟାଡିୟମରେ ଚାଲିଥିବା ୨୪ତମ ଜାତୀୟ ପାରା ଆଥଲେଟିକ୍ସ ଚାମ୍ପିୟନଶିପ୍‌ର ଦ୍ୱିତୀୟ ଦିବସରେ ଓଡ଼ିଶା ପ୍ରତିଯୋଗୀମାନେ ପ୍ରଭାବୀ ପ୍ରଦର୍ଶନ କରି ୧ ସ୍ୱର୍ଣ୍ଣ ଓ ୩ ରୌପ୍ୟ ପଦକ ହାସଲ କରିଛନ୍ତି। ପୁରୁଷ ଲଙ୍ଗଜମ୍ପରେ

**ଜାତୀୟ ପାରା ଆଥଲେଟିକ୍ସ**

ଟି୩୬ ଇଭେଣ୍ଟରେ ଜୟପ୍ରକାଶ ବାରିକ ସ୍ୱର୍ଣ୍ଣ ପଦକ ହାସଲ କରିଛନ୍ତି। ସେ ୪.୮୩ ମିଟର ଜମ୍ପ କରି ରାଜ୍ୟକୁ ଗର୍ବିତ କରିଛନ୍ତି। ପୁରୁଷ ୪୦୦ ମିଟର ଟି୧୧ ଇଭେଣ୍ଟରେ ଯଦୁନାଥ ମାଝି ଚମତ୍କାର ପ୍ରଦର୍ଶନ କରି ରୌପ୍ୟ ପଦକ ଜିତିଛନ୍ତି। ସେ ୫୭.୭୦ ସେକେଣ୍ଡ ସମୟ ନେଇ ଦ୍ୱିତୀୟ ସ୍ଥାନ ଅଧିକାର କରିଛନ୍ତି। ମହିଳା ୪୦୦ ମିଟର ଟି୪୭ ଇଭେଣ୍ଟରେ ଜୟନ୍ତି ବେହେରା ୧:୦୪.୩୫ ସେକେଣ୍ଡ ସମୟ ନେଇ ରୌପ୍ୟ ପଦକ ଜିତିଛନ୍ତି। ପ୍ରଥମ


ଜୟପ୍ରକାଶ ବାରିକ


ଯଦୁନାଥ ମାଝି


ମଙ୍ଗତ ହେମ୍ବ୍ରମ

ଦିବସରେ ସେ ୧୦୦ ମିଟର ରେସ୍‌ରେ ସ୍ୱର୍ଣ୍ଣ ଜିତିଥିଲେ। ସେହିପରି ପୁରୁଷ ଲଙ୍ଗଜମ୍ପ ଟି୧୩ରେ ମଙ୍ଗତ ହେମ୍ବ୍ରମ ରୌପ୍ୟ ଜିତିଛନ୍ତି। ସେ ୬.୩୩ ମିଟର ଜମ୍ପ କରିଛନ୍ତି। ଅନ୍ୟପକ୍ଷରେ ପିପୁର କୁମାର ସାହୁ ୫.୭୧ ମିନିଟ ନେଇ ୫ମ ଓ ପଙ୍କଜ ଭୁଏ ୫.୨୪ ସେକେଣ୍ଡ ସହିତ ୮ମ ସ୍ଥାନରେ ରହିଛନ୍ତି। ଏହା ପାରା ସ୍ପୋର୍ଟ୍ସରେ ଓଡ଼ିଶା ପ୍ରତିଯୋଗୀଙ୍କ ଦକ୍ଷତାକୁ ପ୍ରଦର୍ଶିତ କରୁଛନ୍ତି। ଓଡ଼ିଶାକୁ ପ୍ରଥମ ଦିବସରେ ୨ ସ୍ୱର୍ଣ୍ଣ, ୧ ରୌପ୍ୟ ଓ ୨ ବ୍ରୋଞ୍ଜ ପଦକ ମିଳିଥିଲା। ଫଳରେ ଦ୍ୱିତୀୟ ଦିବସ ଶେଷସୁଦ୍ଧା ଓଡ଼ିଶା ପ୍ରତିଯୋଗୀଙ୍କ ପଦକ ସଂଖ୍ୟା ୯ରେ ପହଞ୍ଚିଛି। ଏହା ମଧ୍ୟରେ ୩ ସ୍ୱର୍ଣ୍ଣ, ୪ ରୌପ୍ୟ ଓ ୨ ବ୍ରୋଞ୍ଜ ପଦକ ସାମିଲ।


ଜାତୀୟ ପାରା ଆଥଲେଟିକ୍ସର ମହିଳା ୧୦୦ ମି. ଟି୧୨ ବର୍ଗର ପୁରସ୍କାର ପ୍ରଦାନ ଉତ୍ସବ ଶୁକ୍ରବାର ଅନୁଷ୍ଠିତ ହୋଇଛି। ମା'ଙ୍କୁ ନିଜ ସ୍ୱର୍ଣ୍ଣ ପଦକ ପିନ୍ଧାଇ ଦେଇଛନ୍ତି ଜାନକୀ ଓରାମ।

## ମହିଳା ବିଶ୍ୱକପ୍ ପାଇଁ ଫିଫାର ନୂଆ ନିୟମ

**ଜୁରିଚ୍, ୨୦।୩ (ଏପି):** ବିଶ୍ୱ ଫୁଟ୍‌ବଲ ପରିଚାଳନା ସଂସ୍ଥା 'ଫିଫା'ର ଏକ ନୂଆ ନିୟମ ଅନୁମୋଦନ ଲାଭ କରିଛି, ଯଦ୍ୱାରା ଏଣିକି ମହିଳା ବିଶ୍ୱକପ୍ ଓ ଅନ୍ୟ ଟୁର୍ନାମେଣ୍ଟଗୁଡ଼ିକରେ ମହିଳା ଫୁଟ୍‌ବଲ କୋଚ୍‌ମାନେ ଅଧିକ ସୁଯୋଗ ପାଇବେ। ଫିଫା କହିଛି, ଏହାର ମହିଳା ଟୁର୍ନାମେଣ୍ଟଗୁଡ଼ିକରେ ପ୍ରତ୍ୟେକ ଦଳରେ ଅତିକମ୍‌ରେ ଜଣେ ମୁଖ୍ୟ କୋଚ୍ କିମ୍ବା ସହକାରୀ କୋଚ୍ ରହିବେ। ୨୦୨୩ ମହିଳା ବିଶ୍ୱକପ୍‌ରେ ଭାଗ ନେଇଥିବା ୩୨ ଦଳ ମଧ୍ୟରୁ ମାତ୍ର ୧୦ଟିରେ ଜଣେ ମହିଳା ମୁଖ୍ୟ କୋଚ୍ ଥିଲେ। ସେମାନଙ୍କ ମଧ୍ୟରେ ଫାଇନାଲରେ ପରାଜିତ ଇଂଲଣ୍ଡ ଦଳର ସାରିନା ୱିଗ୍‌ମାନ ଅନ୍ୟତମ। ଫିଫାର ଚିଫ୍ ଫୁଟ୍‌ବଲ ଅଫିସର ଜୁଲ୍ ଏଲିସ୍ ତାଙ୍କର ଏକ ବିବୃତିରେ କହିଛନ୍ତି, ଆମକୁ ଅଧିକ କାମ କରିବାକୁ ହେବ, ଯଦ୍ୱାରା ପରିବର୍ତ୍ତନର ବେଗ ଦ୍ରୁତତର ହେବ। ୟୁରୋପୀୟ ଫୁଟ୍‌ବଲ ପରିଚାଳନା ସଂସ୍ଥା 'ୟୁଫା' ମହିଳା ଖେଳକୁ ଅଧିକ ଉନ୍ନତ କରିପାରିଛି। ମହିଳା ୟୁରୋପିଆନ ଚାମ୍ପିୟନଶିପ୍‌ରେ ଭାଗ ନେଉଥିବା ୧୬ଟି ଦଳ ମଧ୍ୟରୁ ଯଦିଓ ମାତ୍ର ୭ଟି ଦଳରେ ଜଣେ ଲେଖାଏ ମହିଳା ମୁଖ୍ୟ କୋଚ୍ ଅଛନ୍ତି, ଯେଉଁ ଦଳରେ ପୁରୁଷ ମୁଖ୍ୟକୋଚ୍ ଅଛନ୍ତି, ସେହି ଦଳରେ ଜଣେ ମହିଳା କୋଚ୍ ଅନିବାର୍ଯ୍ୟ। ୱିଗ୍‌ମ୍ୟାନଙ୍କ ନେତୃତ୍ୱରେ ଇଂଲଣ୍ଡ ୟୁରୋପିଆନ ଟାଇଟଲ ବଜାୟ ରଖିଥିଲା, ଯାହା କି ତାଙ୍କର କ୍ରମାଗତ ତୃତୀୟ।

## କେନ୍ଦୁଝର, ମୟୂରଭଞ୍ଜ ସାଜିଛି ଧନୁର୍ବିଦ୍ୟାର ପେଣ୍ଠସ୍ଥଳ

**ଭବିଷ୍ୟତର ତୀରନ୍ଦାଜ ସୃଷ୍ଟି କରୁଛି ଓଡ଼ିଶା ଟାଟା ଆର୍ଚେରୀ ହାଇ ପର୍‌ଫର୍ମାନ୍ସ ସେଣ୍ଟର**

**ଭୁବନେଶ୍ୱର, ୨୦।୩ (ତପନ ସ୍ୱାଇଁ)**

ଓଡ଼ିଶାର ଜନଜାତି ବହୁଳ ଅଞ୍ଚଳରେ ଧନୁ ଓ ତୀର କେବଳ ଏକ ଅସ୍ତ୍ର ନୁହେଁ, ବରଂ ଏହା ସେମାନଙ୍କ ସଂସ୍କୃତି, ଜୀବିକା ଏବଂ ପରିଚୟ ସହ ଜଡ଼ିତ। ସେହି ପାରମ୍ପରିକ ଦକ୍ଷତାକୁ ବିଶ୍ୱସ୍ତରୀୟ କରିବା ପାଇଁ ରାଜ୍ୟରେ ଏକ ନୂତନ ଅଧ୍ୟାୟ ଆରମ୍ଭ ହୋଇଛି। ଟାଟା ଷ୍ଟିଲ୍ ଏବଂ ଓଡ଼ିଶା ସରକାରଙ୍କ ମିଳିତ ସହଯୋଗରେ କେନ୍ଦୁଝରଠାରେ ପ୍ରତିଷ୍ଠିତ 'ଓଡ଼ିଶା ଟାଟା ଆର୍ଚେରୀ ହାଇ ପର୍‌ଫର୍ମାନ୍ସ ସେଣ୍ଟର' (ଓଟିଏଏଚ୍‌ପିସି) ଏବେ ଦେଶର ଭବିଷ୍ୟତର ତୀରନ୍ଦାଜଙ୍କୁ ବିଶ୍ୱସ୍ତରୀୟ ପ୍ରତିଯୋଗିତା ପାଇଁ ପ୍ରସ୍ତୁତ କରୁଛି। କେନ୍ଦୁଝରର ଶଙ୍କରପୁରଠାରେ ଏହି କେନ୍ଦ୍ର ୨୦୨୪ ଏପ୍ରିଲରୁ କାର୍ଯ୍ୟକ୍ଷମ ହୋଇଛି। ତିନି ଦଶନ୍ଧି ପୂର୍ବରୁ ଜାମସେଦପୁରଠାରେ ଟାଟା ଆର୍ଚେରୀ ଏକାଡେମୀ ପ୍ରତିଷ୍ଠା ହୋଇଥିଲା। ଯାହା ଭାରତର ପ୍ରଥମ ସଙ୍ଗଠିତ ଧନୁର୍ବିଦ୍ୟା ପ୍ରଶିକ୍ଷଣ କେନ୍ଦ୍ର ଭାବେ ବେଶ୍ ପରିଚିତ। ଓଡ଼ିଶାରେ ଧନୁର୍ବିଦ୍ୟାର ବିକାଶକୁ ଆହୁରି ସୁଦୃଢ଼ କରିବା ପାଇଁ ୨୦୨୩ ଡିସେମ୍ବରରେ ଟାଟା ଷ୍ଟିଲ୍ ଏବଂ ଓଡ଼ିଶା ସରକାରଙ୍କ ମଧ୍ୟରେ ଏକ ବୁଝାମଣାପତ୍ର ସ୍ୱାକ୍ଷରିତ ହୋଇଥିଲା। ଆଗାମୀ ପାଞ୍ଚ ବର୍ଷ ମଧ୍ୟରେ ଏକ ସୁସଂଗଠିତ ପ୍ରତିଭା ଅନ୍ୱେଷଣ ପ୍ରକ୍ରିୟା ମାଧ୍ୟମରେ ତୃଣମୂଳସ୍ତରରୁ ପ୍ରତିଭାବାନ ଖେଳାଳିଙ୍କୁ ଚିହ୍ନଟ କରି ସେମାନଙ୍କୁ ଉଚ୍ଚକୋଟୀର ପ୍ରଶିକ୍ଷଣ ପ୍ରଦାନ କରାଯିବା ଏହି ସହଭାଗିତାର ମୁଖ୍ୟ ଲକ୍ଷ୍ୟ ଥିଲା।

ମୟୂରଭଞ୍ଜ ଜିଲାର ପାହାଡ଼ପୁରଠାରେ ଏସ୍‌ଏଲ୍‌ଏସ୍ ସ୍କୁଲ ସହଯୋଗରେ ୨୦୨୫ ମେ' ମାସରୁ ଏକ 'ଆର୍ଚେରୀ ଫିଡର୍ ସେଣ୍ଟର' ସ୍ଥାପନ କରାଯାଇଛି। ଏଠାରେ ୧୨ ବର୍ଷରୁ କମ୍ ବୟସର ୨୦ ଜଣ ଛାତ୍ରୀଛାତ୍ରଙ୍କୁ ଆଧୁନିକ କୌଶଳ ସହ ଶୃଙ୍ଖଳା, ଟିମ୍‌ୱର୍କ ଓ ଆତ୍ମବିଶ୍ୱାସ ବୃଦ୍ଧି ସମ୍ପର୍କରେ ଶିକ୍ଷା ଦିଆଯାଉଛି। ଟାଟା ଷ୍ଟିଲ୍‌ର କ୍ରୀଡ଼ା ବିଭାଗ ମୁଖ୍ୟ ମୁକୁଲ ବିନାୟକ ଚୌଧୁରୀଙ୍କ କହିବା ଅନୁଯାୟୀ, ଏହି କେନ୍ଦ୍ରଗୁଡ଼ିକର ମୁଖ୍ୟ ଲକ୍ଷ୍ୟ ହେଉଛି ତୀରନ୍ଦାଜଙ୍କର ସର୍ବାଙ୍ଗୀନ ବିକାଶ କରିବା ଏବଂ ଦେଶ ପାଇଁ ଗୌରବ ଆଣିବା ଭଳି ଏକ ଶକ୍ତିଶାଳୀ ଯୋଜନା ପ୍ରସ୍ତୁତ କରିବା। କେନ୍ଦୁଝରର ହାଇ ପର୍‌ଫର୍ମାନ୍ସ ସେଣ୍ଟର ଏବଂ ମୟୂରଭଞ୍ଜର ତୃଣମୂଳ କେନ୍ଦ୍ର ମିଳିତ ଭାବେ ଓଡ଼ିଶାକୁ ବିଶ୍ୱ ଧନୁର୍ବିଦ୍ୟା ମାନଚିତ୍ରରେ ଏକ ପ୍ରମୁଖ ସ୍ଥାନ ଦେବାକୁ ଲକ୍ଷ୍ୟ ରଖିଛନ୍ତି। କେନ୍ଦୁଝର ଜିଲାର ଶଙ୍କରପୁରସ୍ଥିତ ଏହି ହାଇ-ପର୍‌ଫର୍ମାନ୍ସ ସେଣ୍ଟରରେ ଦୁର୍ଗମ ଅଞ୍ଚଳରୁ ଚୟନ ହୋଇଥିବା ୨୪ ଜଣ କ୍ୟାଡେଟ୍ (୧୨ ବାଳକ ଓ ୧୨ ବାଳିକା) ଅଭ୍ୟାସ କରୁଛନ୍ତି। ମାତ୍ର ଦୁଇ ବର୍ଷ ମଧ୍ୟରେ ଏହି କେନ୍ଦ୍ରର ତୀରନ୍ଦାଜମାନେ ରାଜ୍ୟ ଓ ଜାତୀୟସ୍ତରରେ ୨୦ଟି ପଦକ ଜିତିବାରେ ସଫଳ ହୋଇଛନ୍ତି। ଆସନ୍ତା ୨୫ରୁ ଏପ୍ରିଲ ୩ ପର୍ଯ୍ୟନ୍ତ ଛତିଶଗଡ଼ର ରାୟପୁରଠାରେ ହେବାକୁ ଥିବା ପ୍ରଥମ 'ଖେଲୋ ଇଣ୍ଡିଆ ଟ୍ରାଇବାଲ ଗେମ୍ସ ୨୦୨୬'ରେ ଓଡ଼ିଶାର ଏହି ପ୍ରତିଭାମାନେ ଅଂଶଗ୍ରହଣ କରିବେ।

## ହର୍ଷିତ ରାଣା ଆଇପିଏଲରୁ ବାଦ୍

**କୋଲକାତା, ୨୦।୩ (ପି.ଟି.)**

ଇଞ୍ଜୁରୀ କାରଣରୁ ଆଇପିଏଲ୍ ୨୦୨୬ରୁ ସମ୍ପୂର୍ଣ୍ଣ ବାଦ୍ ପଡ଼ିଛନ୍ତି ପେସ୍ ବୋଲର ହର୍ଷିତ ରାଣା। ଶୁକ୍ରବାର ଏକଥା ସ୍ପଷ୍ଟ ହେବାପରେ କୋଲକାତା ନାଇଟ ରାଇଡର୍ସ (କେକେଆର)କୁ ଶକ୍ତ ଧକ୍କା ଲାଗିଛି। ନିକଟରେ ଖେଳାଯାଇଥିବା ଟି୨୦ ବିଶ୍ୱକପ୍ ବେଳେ ଦକ୍ଷିଣ ଆଫ୍ରିକା ବିପକ୍ଷ ଏକ ୱାର୍ମଅପ୍ ମ୍ୟାଚ ଖେଳୁଥିବା ସମୟରେ ହର୍ଷିତଙ୍କ ଡାହାଣ ଆଣ୍ଠୁରେ ଏକ ଲିଗାମେଣ୍ଟ ଇଞ୍ଜୁରୀ ହୋଇଥିଲା। ପରେ ତାଙ୍କର ଅସ୍ତ୍ରୋପଚାର ହୋଇଥିଲା, ଯାହା ଫଳରେ ତାଙ୍କୁ ଏକ ବ୍ୟାପକ ରିହାବିଲିଟେଶନ ପ୍ରକ୍ରିୟାର ଆବଶ୍ୟକ ପଡ଼ିଥିଲା। ଏହି ପରିପ୍ରେକ୍ଷୀରେ କେକେଆର ମୁଖ୍ୟକୋଚ୍ ଅଭିଷେକ ନାୟାର କହିଛନ୍ତି, ହର୍ଷିତ ରାଣା ଗତ ଦୁଇ ସିଜନ ହେଲା ଦଳର ଜଣେ ଅବିଚ୍ଛେଦ୍ୟ ଅଂଶ ହୋଇ ରହି ଆସିଛନ୍ତି। ହର୍ଷିତ କେବେ ଖେଳକୁ ଫେରିବେ ତାହାର ପୂର୍ବାନୁମାନ କରି ହେଉନାହିଁ। ଆମେ ସବୁବେଳେ ତାଙ୍କ ଅଭାବ ଅନୁଭବ କରିବୁ। ତାଙ୍କ ସ୍ଥାନ ପୂରଣ କରିବା ସହଜ ନୁହେଁ। କେକେଆର୍‌ର ଟିମ୍ ମ୍ୟାନେଜମେଣ୍ଟ ବର୍ତ୍ତମାନ ନବଦୀପ ସଇନି, ଆକାଶ ମାଧ୍ୱାଲ, ସିମରଜିତ୍ ସିଂ, ସନ୍ଦୀପ ୱାରିଅର ଓ କେଏମ୍ ଅସିଫ୍‌ଙ୍କ ମଧ୍ୟରୁ ଜଣଙ୍କୁ ବାଛିପାରେ।

## ଓଡ଼ିଶା ଏଫ୍‌ସିର ସହଜ ବିଜୟ

**ରାହୁଲ କେପିଙ୍କ ଡବଲ୍ ଗୋଲ**

**ଗୁଆହାଟୀ (ଆସାମ) ୨୦।୩**

ସ୍ଥାନୀୟ ଇନ୍ଦିରା ଗାନ୍ଧୀ ଆଥ୍‌ଲେଟିକ୍ ଷ୍ଟାଡିୟମରେ ଖେଳାଯାଇଥିବା ଇଣ୍ଡିଆନ ସୁପର ଲିଗ୍ (ଆଇଏସ୍‌ଏଲ୍) ୨୦୨୫-୨୬ର ଏକ ମ୍ୟାଚ୍‌ରେ ଓଡ଼ିଶା ଏଫ୍‌ସି ସହଜ ବିଜୟ ହାସଲ କରିଛି। ଦଳ ରାହୁଲ କେପିଙ୍କ ଡବଲ୍ ଗୋଲ ସହାୟତାରେ ନର୍ଥଇଷ୍ଟ ୟୁନାଇଟେଡ୍ ଏଫ୍‌ସିକୁ ୪-୧ ଗୋଲରେ ପରାସ୍ତ କରିଛି। ରାହୁଲ ୬ଷ୍ଠ ଓ ୬୫ତମ ମିନିଟ୍‌ରେ ଏବଂ ଶୁଭମ ଭଟ୍ଟାଚାର୍ଯ୍ୟ ୨୪ତମ ମିନିଟରେ ଗୋଲ୍ ସ୍କୋର କରିଥିବା ବେଳେ ବେକି ଓରାମ ୬୮ତମ ମିନିଟ୍‌ରେ ଏକ ଆତ୍ମଘାତୀ ଗୋଲ ସ୍କୋର କରିଥିଲେ। ଚଳିତ ସିଜନରେ ଓଡ଼ିଶା ଏଫ୍‌ସିର ଏହା ହେଉଛି ପ୍ରଥମ ବିଜୟ। ଦଳ ବର୍ତ୍ତମାନ ୫ ପଏଣ୍ଟ ସହ ପଏଣ୍ଟ ଟେବୁଲର ୯ମ ସ୍ଥାନକୁ ଉନ୍ନୀତ ହୋଇଛି। ଅନ୍ୟପକ୍ଷରେ ନର୍ଥଇଷ୍ଟ ୟୁନାଇଟେଡ୍ ଏଫ୍‌ସି ୬ପଏଣ୍ଟ ସହ ଏହାର ୭ମ ସ୍ଥାନ ବଜାୟ ରଖିଛି। ରାହୁଲ କେପି ତାଙ୍କ ଡବଲ୍ ଗୋଲ୍ ପାଇଁ ପ୍ଲେୟର ଅଫ୍ ଦି ମ୍ୟାଚ ବିବେଚିତ ହୋଇଥିଲେ। ଏହି ମ୍ୟାଚ ପାଇଁ ନର୍ଥଇଷ୍ଟ ୟୁନାଇଟେଡ୍ ଏଫ୍‌ସି ମୁଖ୍ୟ କୋଚ୍ ଜୁଆନ ପେଡ୍ରୋ ବେନାଲି ତାଙ୍କ ଷ୍ଟାର୍ଟିଂ ଇଲେଭେନ୍‌ରେ ଏକମାତ୍ର ପରିବର୍ତ୍ତନ କରିଥିଲେ। ମିକ୍ୱେଲ ଜାବାକୋଙ୍କ ସ୍ଥାନରେ ଅଶିର ଅଖତାରଙ୍କୁ ଦଳରେ ସ୍ଥାନିତ କରିଥିଲେ। ଅନ୍ୟପକ୍ଷରେ ଓଡ଼ିଶା ଏଫ୍‌ସି ମୁଖ୍ୟ କୋଚ୍ ଟି.ଜି. ପୁରୁଷୋଥମନ ଦୁଇ ପରିବର୍ତ୍ତନ କରିଥିଲେ। ସେ ୧୯ ବର୍ଷୀୟ ବାମହାତୀ ଶୁଭମ ଭଟ୍ଟାଚାର୍ଯ୍ୟଙ୍କୁ ପଦାର୍ପଣର ସୁଯୋଗ ଦେଇଥିବା ବେଳେ ମିଡ୍‌ଫିଲ୍ଡର ଲାଲ୍‌ରିନ୍‌ଫେଲା ଖିଆଙ୍ଗେଟ୍‌ଙ୍କୁ ସୁଯୋଗ ଦେଇଥିଲେ।


ଗୁଆହାଟୀରେ ଶୁକ୍ରବାର ଓଡ଼ିଶା ଏଫ୍‌ସି ଓ ନର୍ଥଇଷ୍ଟ ୟୁନାଇଟେଡ୍ ମଧ୍ୟରେ ଅନୁଷ୍ଠିତ ମ୍ୟାଚ୍।

## ଓଡ଼ିଶା ପୁରୁଷ ଦଳକୁ ବ୍ରୋଞ୍ଜ, ମହିଳା ୪ର୍ଥ

**ଭୁବନେଶ୍ୱର, ୨୦।୩ (ତପନ ସ୍ୱାଇଁ)**

କିଟ୍ ବିଶ୍ୱବିଦ୍ୟାଳୟର ବିଜୁ ପଟ୍ଟନାୟକ ଇନ୍‌ଡୋର ଷ୍ଟାଡିୟମରେ ୨୬ତମ ଜାତୀୟ ୟୁଥ୍ ଭଲିବଲ ଚାମ୍ପିୟନଶିପ୍ ଶୁକ୍ରବାର ଉଦ୍‌ଯାପିତ ହୋଇଛି। ଜାତୀୟ ଭଲିବଲ ଇତିହାସରେ ଓଡ଼ିଶା ଏଥର ସର୍ବଶ୍ରେଷ୍ଠ ପ୍ରଦର୍ଶନ କରିଛି। ପୁରୁଷ ଦଳ ବ୍ରୋଞ୍ଜ ପଦକ ଜିତିଥିବାବେଳେ ମହିଳା ଦଳ (ଚତୁର୍ଥ ସ୍ଥାନ) ଟପ୍-୪ରେ ରହିବାରେ ସକ୍ଷମ ହୋଇଛି। ୩-୪ ପୋଜିଶନ ମ୍ୟାଚରେ ଓଡ଼ିଶା ପୁରୁଷ ଦଳ ଦିଲ୍ଲୀକୁ ହରାଇ ବ୍ରୋଞ୍ଜ ପଦକ ହାସଲ କରିଛି। ମହିଳା ଦଳ ପୋଜିଶନ ମ୍ୟାଚରେ ହରିୟାଣା ନିକଟରୁ ହାରି ଯାଇଛି। ମହିଳା ବର୍ଗର ଫାଇନାଲରେ କେରଳ ୩-୦ (୨୫-୧୬, ୨୫-୧୯, ୨୫-୧୪)ରେ ତାମିଲନାଡୁକୁ ହରାଇ ଟାଇଟଲ ହାସଲ କରିଛି। ଅନ୍ୟପକ୍ଷରେ ତୀବ୍ର ସଂଘର୍ଷପୂର୍ଣ୍ଣ ପୁରୁଷ ଫାଇନାଲରେ ପଞ୍ଜାବ ୩-୨ (୨୧-୨୫, ୨୧-୨୫, ୨୫-୧୫, ୨୫-୨୨, ୧୫-୧୩)ରେ ସ୍ପୋର୍ଟ୍ସ ଅଥରିଟି ଅଫ୍ ଇଣ୍ଡିଆ (ସାଇ)କୁ ପରାସ୍ତ କରିଛି। ପୁରସ୍କାର ବିତରଣୀ ଉତ୍ସବରେ ଓଡ଼ିଶା ଭଲିବଲ ଆସୋସିଏଶନ ସମ୍ପାଦକ ତଥା କିଟ୍ ଓ କିସ୍‌ର କ୍ରୀଡ଼ା ମହାନିର୍ଦ୍ଦେଶକ ଗଗନେନ୍ଦୁ ଦାଶ ସ୍ୱାଗତ ଭାଷଣ ଦେଇଥିଲେ। ଏମ୍‌ଜିଏମ୍ ମିନେରାଲ୍ସର ନିର୍ଦ୍ଦେଶକ ପଙ୍କଜ ଲୋଚନ ମହାନ୍ତି ମୁଖ୍ୟ ଅତିଥି ଏବଂ ଓଡ଼ିଶା ଭଲିବଲ ଆସୋସିଏଶନ ସଭାପତି ତଥା କିଟ୍ ଓ କିସ୍‌ର ପ୍ରତିଷ୍ଠାତା ଅଚ୍ୟୁତ ସାମନ୍ତ, କିଟ୍ ବିଶ୍ୱବିଦ୍ୟାଳୟ କୁଳପତି ସରଣଜିତ ସିଂ ଓ ପୂର୍ବତନ କୁଳପତି ଏନ୍.ଏଲ୍.ମିତ୍ର ସମ୍ମାନିତ ଅତିଥିଭାବେ ଯୋଗଦେଇ ପୁରସ୍କାର ବିତରଣ କରିଥିଲେ। ଓଡ଼ିଶା ଦଳର ପ୍ରଦର୍ଶନରେ ଅଚ୍ୟୁତ ସନ୍ତୋଷ ପ୍ରକାଶ କରିବା ସହ ସଫଳ ଆୟୋଜନ ପାଇଁ ଭଲିବଲ ଫେଡେରେଶନ ଅଫ୍ ଇଣ୍ଡିଆ ଏବଂ ରାଜ୍ୟ ସଂଘର କର୍ମକର୍ତ୍ତାଙ୍କୁ ଧନ୍ୟବାଦ ଜଣାଇଥିଲେ। ଚାମ୍ପିୟନ ଦଳକୁ ଟ୍ରଫି ସହ ୩୦,୦୦୦, ରନରଅପ୍‌କୁ ୨୦,୦୦୦ ଓ ତୃତୀୟ ସ୍ଥାନ ପାଇଁ ୧୫,୦୦୦ ଟଙ୍କା ପୁରସ୍କାର ଆକାରରେ ପ୍ରଦାନ କରାଯାଇଥିଲା। ଏହା ବ୍ୟତୀତ ସ୍ୱତନ୍ତ୍ର ପୁରସ୍କାର ଭାବେ ଓଡ଼ିଶା ପୁରୁଷ ଦଳକୁ ୭୫,୦୦୦ ଏବଂ ମହିଳା ଦଳକୁ ୫୦,୦୦୦ ଟଙ୍କା ଦିଆଯାଇଥିଲା। ଭାରତୀୟ ଭଲିବଲରେ ପ୍ରଥମଥର ପାଇଁ କିଟ୍ ଇନ୍‌ଡୋର ହଲ୍‌ର ୬ଟି କୋର୍ଟରେ ଏକସଙ୍ଗେ ମ୍ୟାଚ ଅନୁଷ୍ଠିତ ହୋଇଥିଲା। ଶେଷରେ କିଟ୍ ବିଶ୍ୱବିଦ୍ୟାଳୟର ରେଜିଷ୍ଟ୍ରାର ଜ୍ଞାନରଞ୍ଜନ ମହାନ୍ତି ଧନ୍ୟବାଦ ଅର୍ପଣ କରିଥିଲେ।






ଅତିଥିଙ୍କଠାରୁ ପୁରସ୍କାର ଗ୍ରହଣ ଅବସରରେ ଓଡ଼ିଶା ମହିଳା (ଉପର) ଓ ପୁରୁଷ ଭଲିବଲ ଦଳ।

**ଜାତୀୟ ୟୁଥ୍ ଭଲିବଲ ଉଦ୍‌ଯାପିତ**

**ପୁରୁଷରେ ପଞ୍ଜାବ ଓ ମହିଳାରେ କେରଳ ଚାମ୍ପିୟନ**

## ପ୍ରଶାନ୍ତି ବିହାର ପ୍ରିମିୟର ଲିଗ ଆରମ୍ଭ

**ଭୁବନେଶ୍ୱର, ୨୦।୩ (ତପନ ସ୍ୱାଇଁ)**

ଦି କ୍ଲବ ଆନୁକୂଲ୍ୟରେ ଶୁକ୍ରବାର ଆରମ୍ଭ ହୋଇଛି ପ୍ରଶାନ୍ତି ବିହାର ପ୍ରିମିୟର ଲିଗ କ୍ରିକେଟ। କ୍ଲବର ସଦସ୍ୟ ଏବଂ ଏସ୍‌ଏସ୍ ରାଇଜିଂ ଷ୍ଟାର ଦଳର ମାଲିକ ଶକ୍ତିମାନ ରାଉତରାୟଙ୍କ ସ୍ମୃତିରେ ଏହି ଲିଗ୍ (ପିପିଏଲ୍-୯) ଆୟୋଜନ ହେଉଛି। ଲିଗ୍‌ରେ ପଣ୍ଡା ସ୍କିଲ୍ସ, ଲିପନ ଆଭେଞ୍ଜର୍ସ, ଶକ୍ତିସ ରାଇଜିଂ ଷ୍ଟାର, କଳିଙ୍ଗ ୱାରିୟର୍ସ ଓ ଏଚଆରଟି ଫାଇଟର୍ସ ଆଦି ଫ୍ରାଞ୍ଚାଇଜ୍ ଦଳ ଗୁଡ଼ିକ ଅଂଶଗ୍ରହଣ କରିଛନ୍ତି। ପ୍ରତିଯୋଗିତା ୩ ଦିନ ଧରି ଚାଲିବ। ବିଧାୟକ ସୁଶାନ୍ତ ରାଉତ ମୁଖ୍ୟ ଅତିଥି ଏବଂ ମେୟର ସୁଲୋଚନା ଦାସ ଓ କର୍ପୋରେଟର ମିହିର କୁମାର ରାଉତ ଅତିଥି ଭାବେ ଯୋଗ ଦେଇ ଟୁର୍ନାମେଣ୍ଟକୁ ଉଦଘାଟନ କରିଛନ୍ତି। ଏହି ଅବସରରେ କ୍ଲବ ସଦସ୍ୟମାନେ ଉପସ୍ଥିତ ଥିଲେ।

4-Printed and published by Adyasha Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ- ତଥାଗତ ସତପଥୀ